ଧରିତ୍ରୀ
DHARITRI
ଧରିତ୍ରୀ 51 Years
ପୃଷ୍ଠା–୧୨+୮
ଭୁବନେଶ୍ୱର, ଶନିବାର, ଜୁନ୍ ୭/୨୦୨୫ (୧୨+୮=୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, June 7/2025 Page 20 ₹ 7.00
୫୧ଶ ଭାଗ ୧୯୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 192 ମୂଲ୍ୟ₹୭/-




# ମା'ବାପାଙ୍କ ସେବାକର, ଗରିବଙ୍କୁ ନ୍ୟାୟ ଦିଅ: ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱରସ୍ଥିତ ରେଳ ଅଡିଟୋରିୟମଠାରେ ଶୁକ୍ରବାର ୭ ବିଭାଗର ୧୨୯୪ ପଦବୀ ପୂରଣ ପାଇଁ ଆୟୋଜିତ ନିଯୁକ୍ତି ମେଳାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜଣେ ମହିଳାଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରୁଛନ୍ତି। ମଞ୍ଚରେ ଦୁଇ ଉପମୁଖ୍ୟମନ୍ତ୍ରୀଙ୍କ ସହ ବିଭିନ୍ନ ବିଭାଗର ମନ୍ତ୍ରୀ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୬।୬(ସୁଚିସ୍ମିତା ସାହୁ)

## ୭ ବିଭାଗରେ ୧୨୯୪ ଜଣଙ୍କୁ ନିଯୁକ୍ତି

## ବର୍ଷକରେ ୨୭,୪୨୮ ସରକାରୀ ପଦବୀ ପୂରଣ

ମାଆ ବାପାଙ୍କ ଆଶୀର୍ବାଦରୁ ଚାକିରି ମିଳିଛି। ତାଙ୍କର ସେବା ସବୁବେଳେ କରନ୍ତୁ। କେବେ ମଧ୍ୟ ପରିବାର ଲୋକଙ୍କ ମନରେ କଷ୍ଟ ଦିଅନ୍ତୁ ନାହିଁ। ସମାଜରେ ଗରିବ ଲୋକମାନେ ବହୁ କଷ୍ଟରେ ରହୁଛନ୍ତି। ସେମାନଙ୍କୁ ମଧ୍ୟ ଠିକ୍ ସମୟରେ ନ୍ୟାୟ ପ୍ରଦାନ କରିବାକୁ ଭୁଲନ୍ତୁ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନବନିଯୁକ୍ତ ୧୨୯୪ଜଣ ଅଧିକାରୀ ଓ କର୍ମଚାରୀଙ୍କୁ ଉପଦେଶ ଦେଇଛନ୍ତି। ଶୁକ୍ରବାର ରେଳ ଅଡିଟୋରିୟମଠାରେ ୭ ବିଭାଗରେ ୧୨୯୪ଟି ପଦବୀ ପୂରଣ ପାଇଁ ନିଯୁକ୍ତି ମେଳାର ଆୟୋଜନ ହୋଇଥିଲା। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ୮୨୬ ସ୍ନାତକୋତ୍ତର ଶିକ୍ଷକ ପଦବୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସହକାରୀ ପ୍ରାଧ୍ୟାପକ, କ୍ଲିନିକାଲ ମନୋବିଜ୍ଞାନୀ, ମନସ୍ତତ୍ତ୍ୱ ସାମାଜିକ କର୍ମୀ, ନର୍ସିଂ ଅଫିସର ଏବଂ ଡ୍ରଗ୍ ଇନ୍ସପେକ୍ଟର ପଦବୀକୁ ମିଶାଇ ମୋଟ ୨୨୪ଟି ପଦବୀ ଏବଂ ବାଣିଜ୍ୟ ଓ ପରିବହନ ☞ପୃଷ୍ଠା–୪

# ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାରେ ୧୧ଶହ କୋଟି ମଞ୍ଜୁର

ଭୁବନେଶ୍ୱର,୬।୬(ରବିନାରାୟଣ ଜେନା)

## ରାଜ୍ୟ କ୍ୟାବିନେଟ୍‌ରେ ୪ ପ୍ରସ୍ତାବକୁ ମୋହର

ରାଜ୍ୟରେ ସମସ୍ତ ସହରାଞ୍ଚଳବାସୀଙ୍କୁ ସୁଖଦ ଜୀବନଯାପନ ଯୋଗାଇବା ଏବଂ ଜୈବ ପ୍ରଯୁକ୍ତି ବିଜ୍ଞାନର ବିକାଶକୁ ଦୃଷ୍ଟିରେ ରଖି ଶୁକ୍ରବାର ରାଜ୍ୟ ସରକାରଙ୍କ ପକ୍ଷରୁ ରାଜ୍ୟ କ୍ୟାବିନେଟ୍‌ରେ ୪ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ମୋହର ବାଜିଛି। ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ କୁମାର ଆହୁଜା ଗଣମାଧ୍ୟମକୁ କହିଛନ୍ତି, ସହରାଞ୍ଚଳଗୁଡ଼ିକର ବିକାଶ ଲାଗି ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ପ୍ରଣୟନ କରାଯାଇଛି। ଏଥିରେ ୨୦୨୫–୨୬ରୁ ୨୦୨୯–୩୦ ଆର୍ଥିକବର୍ଷ ମଧ୍ୟରେ ୬ ହଜାର କୋଟି ଟଙ୍କା ବିନିଯୋଗ କରାଯିବାକୁ ଲକ୍ଷ୍ୟ ରହିଛି। ଚଳିତବର୍ଷ ଲାଗି ଏଥିପାଇଁ ୧୧ଶହ କୋଟି ଟଙ୍କାର ବ୍ୟୟବରାଦକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ ଦେଇଛି। ମୁଖ୍ୟ ଶାସନ ସଚିବ କହିଛନ୍ତି, ଏହି ଯୋଜନାରେ ୨୦୩୬ ସୁଦ୍ଧା ରାଜ୍ୟର ସମସ୍ତ ସହରାଞ୍ଚଳର ବିକାଶ କରାଯିବ। ☞ପୃଷ୍ଠା–୪









# ବିକାଶରେ ବାଧକ ସାଜିପାରିବନି ଆତଙ୍କବାଦ: ପ୍ରଧାନମନ୍ତ୍ରୀ





ଚେନାବ ବ୍ରିଜ୍ ଉପରେ ଜାତୀୟ ପତାକା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

କଟ୍ରା,୬।୬

ପହଲଗାମ୍ ଆତଙ୍କବାଦୀ ଆକ୍ରମଣକୁ ଜମ୍ମୁ-କଶ୍ମୀରର ବିକାଶ କାର୍ଯ୍ୟରେ ବାଧକ ହେବାକୁ ଦିଆଯିବ ନାହିଁ। କଶ୍ମୀରବାସୀଙ୍କ ପ୍ରତି ପୂର୍ଣ୍ଣ ସମର୍ଥନ ଜାରି ରହିବ ବୋଲି ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ପଷ୍ଟ କରିଛନ୍ତି। ଚେନାବ ନଦୀ ଉପରେ ବିଶ୍ୱର ସର୍ବୋଚ୍ଚ ରେଳବ୍ରିଜ୍ ଉଦ୍‌ଘାଟନକରି ପ୍ରଧାନମନ୍ତ୍ରୀ 'ଅପରେଶନ୍ ସିନ୍ଦୂର' ବେଳେ ପାକିସ୍ତାନୀ ସେନାର ଗୁଳିଗୋଳାକୁ ସାମ୍ନା କରିଥିବା ସୀମାନ୍ତବାସୀଙ୍କୁ ପ୍ରଶଂସା କରିଛନ୍ତି। ଏଥିସହ ପାକିସ୍ତାନର ସୀମାପାର ଅସ୍ତ୍ରବିରତି ଉଲ୍ଲଂଘନ ଯୋଗୁ କ୍ଷତିଗ୍ରସ୍ତ ହୋଇଥିବା ଲୋକଙ୍କ ପାଇଁ ଅତିରିକ୍ତ ରିଲିଫ୍ ସହାୟତା ଘୋଷଣା କରିଛନ୍ତି। ତଦନୁସାରେ ସମ୍ପୂର୍ଣ୍ଣ ବାସଚ୍ୟୁତ ହୋଇଥିବା ପରିବାରକୁ ୨ ଲକ୍ଷ ଓ ଆଂଶିକ ଘର ଭାଙ୍ଗିଥିବା ପରିବାରକୁ ୧ ଲକ୍ଷ ଟଙ୍କା ଲେଖାଏ ସହାୟତା ଦିଆଯିବ। ପ୍ରଧାନମନ୍ତ୍ରୀ ମୋଦି ଚେନାବ ବ୍ରିଜ୍‌ରେ ପ୍ରଥମ ରେଳସେବାର ଲୋକାର୍ପଣ କରି ଜମ୍ମୁ-କଶ୍ମୀରକୁ 'ଭାରତର ମୁକୁଟ' ଭାବେ ଅଭିହିତ କରିଛନ୍ତି। ସେ କହିଛନ୍ତି, ଏପ୍ରିଲ ୨୨ରେ ପାକିସ୍ତାନ ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣ କରାଇ ମାନବିକତା ଉପରେ ଆକ୍ରମଣ କରିଛି। ଭାରତରେ ସାମ୍ପ୍ରଦାୟିକ ସଂଘର୍ଷ ସୃଷ୍ଟି କରି କଶ୍ମୀରୀଙ୍କ ପର୍ଯ୍ୟଟନଭିତ୍ତିକ ଜୀବିକାକୁ ଛଡ଼ାଇନେବା ଏହାର ଉଦ୍ଦେଶ୍ୟ ଥିଲା। ତେବେ ପହଲଗାମ୍ ଆତଙ୍କବାଦୀ ଆକ୍ରମଣକୁ ସେ ବିକାଶରେ ବାଧକ ହେବାକୁ ଦେବେନାହିଁ। ଯୁବତୀଯୁବକଙ୍କ ସ୍ୱପ୍ନ ପୂରଣ ହେବ। ଯଦି କିଛି ପ୍ରତିବନ୍ଧକ ଆସେ ତେବେ ତାକୁ ପ୍ରଥମେ ସେ ନିଜେ ସାମ୍ନା କରିବେ। ଆଜି ଜମ୍ମୁ-କଶ୍ମୀରବାସୀ ଏକ ନୂଆ ସ୍ୱପ୍ନ ଦେଖୁଛନ୍ତି ଏବଂ ତାକୁ ପୂରଣ ମଧ୍ୟ କରୁଛନ୍ତି। ସେମାନେ ଏହି କେନ୍ଦ୍ରଶାସିତ ଅଞ୍ଚଳକୁ ଏକ ପ୍ରମୁଖ ଫିଲ୍ମ ଶୁଟିଂ ଡେଷ୍ଟିନେଶନ୍‌ରେ ପରିଣତ ହେଉ ବୋଲି ଚାହୁଁଛନ୍ତି। ଏହି ଅଞ୍ଚଳକୁ କ୍ରୀଡ଼ାର ଏକ ହବ୍ କରିବାକୁ ଚାହୁଁଛନ୍ତି। କଶ୍ମୀରୀ ପଣ୍ଡିତଙ୍କ ବଡ଼ ପର୍ବ କ୍ଷୀର ଭୱାନୀ ମେଳା ଏବଂ ଆସନ୍ତା ଜୁଲାଇ ୩ରେ ଆରମ୍ଭ ହେବାକୁ ଥିବା ଅମରନାଥ ଯାତ୍ରା ସମ୍ପର୍କରେ ଅବତାରଣା କରିଛନ୍ତି। ସେହିପରି ପହଲଗାମ୍ ଆକ୍ରମଣ ପରିପ୍ରେକ୍ଷୀରେ ପାକିସ୍ତାନର ଷଡ଼ଯନ୍ତ୍ର ବିରୋଧରେ ଏକାଠି ଛିଡ଼ାହୋଇଥିବା ଉପତ୍ୟକାବାସୀଙ୍କ ମନୋବଳ ସାରା ବିଶ୍ୱରେ ଆତଙ୍କବାଦୀ ମାନସିକତାର ଲୋକଙ୍କୁ ଏକ ସ୍ପଷ୍ଟ ବାର୍ତ୍ତା ଦେଇଛି- କଶ୍ମୀରବାସୀ ଆତଙ୍କବାଦକୁ ମୁହଁତୋଡ଼ ଜବାବ ଦେବାକୁ ନିଷ୍ପତ୍ତି ନେଇଛନ୍ତି।

ଦୀର୍ଘ ଦଶନ୍ଧିର ଆତଙ୍କବାଦ କଶ୍ମୀରରେ ସ୍କୁଲଗୁଡ଼ିକୁ ଜାଳିଦେଇଛି। ୨ ପିଢ଼ିର ଭବିଷ୍ୟତକୁ ନଷ୍ଟ କରିଦେଇଛି। କେବଳ ସ୍କୁଲ ନୁହେଁ, ସେମାନେ ହସ୍ପିଟାଲଗୁଡ଼ିକରେ ମଧ୍ୟ ନିଆଁ ଲଗାଇଦେଇଥିଲେ। ନିର୍ବାଚନ ଲଢ଼ିବା ବି ସ୍ଥାନୀୟ ଲୋକଙ୍କ ପାଇଁ ଏକ ଚ୍ୟାଲେଞ୍ଜ ପାଲଟିଥିଲା। ଜମ୍ମୁ-କଶ୍ମୀରକୁ ଆତଙ୍କବାଦର ଭୟରୁ ମୁକ୍ତକରିବା ଜରୁରୀ ଥିଲା, ଆମେ ତାହା ସଫଳତାର ସହ କରିଛୁ। ପାକିସ୍ତାନ କିପରି ଘର, ସ୍କୁଲ, ମନ୍ଦିର, ମସ୍‌ଜିଦ ଓ ଗୁରୁଦ୍ୱାରାଗୁଡ଼ିକୁ ଧ୍ୱଂସ କରିଦେଇଛି ତାହା ସାରା ବିଶ୍ୱ ଦେଖିଛି। ସୀମାନ୍ତବାସୀଙ୍କ ସାହସ ମଧ୍ୟ ସାରା ଦେଶ ଦେଖିଛି। ପ୍ରଭାବିତ ପରିବାରଗୁଡ଼ିକ ସହ ଭାରତର ସମସ୍ତ ନାଗରିକ ଛିଡ଼ା ହୋଇଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଆକ୍ରମଣରେ ପ୍ରାଣ ହରାଇଥିବା ପ୍ରତ୍ୟେକ ମୃତକଙ୍କ ପରିବାରରୁ ଜଣଙ୍କୁ କ୍ଷତିପୂରଣ ରୂପେ ସରକାରୀ ନିଯୁକ୍ତି ଦିଆଯାଇଛି। ଘରଦ୍ୱାର ହରାଇଥିବା ୨,୦୦୦ରୁ ଊର୍ଦ୍ଧ୍ୱ ପରିବାରକୁ ପର୍ଯ୍ୟାପ୍ତ ସହଯୋଗ କରାଯିବ ବୋଲି ପ୍ରଧାନମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବ୍ଦୁଲ୍ଲା।

## ମୋଦିଙ୍କୁ ରାଜ୍ୟ ମାନ୍ୟତା ମାଗିଲେ ଓମାର

**କେନ୍ଦ୍ରଶାସିତ** ଅଞ୍ଚଳ ଜମ୍ମୁ-କଶ୍ମୀରକୁ ଏହାର ରାଜ୍ୟ ମାନ୍ୟତା ଫେରାଇଦେବା ପାଇଁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ଓମାର ଅବ୍‌ଦୁଲ୍ଲା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅନୁରୋଧ କରିଛନ୍ତି। ଚେନାବ ବ୍ରିଜ୍‌ର ଲୋକାର୍ପଣ ସହ କଟ୍ରା-ଶ୍ରୀନଗର ବନ୍ଦେ ଭାରତ ଏକ୍ସପ୍ରେସ୍ ଉଦ୍‌ଘାଟନ ଏବଂ ୪୬,୦୦୦ କୋଟି ଟଙ୍କା ବିକାଶମୂଳକ ପ୍ରକଳ୍ପର ଶୁଭାରମ୍ଭ ବେଳେ ପ୍ରଧାନମନ୍ତ୍ରୀ ଓ ଉପରାଜ୍ୟପାଳ ମନୋଜ ସିହ୍ନାଙ୍କ ସହ ମଞ୍ଚାସୀନ ଓମାର ରାଜ୍ୟ ମାନ୍ୟତା ଫେରସ୍ତ ପ୍ରସଙ୍ଗ ଉଠାଇଥିଲେ। ଓମାର କହିଥିଲେ, ଜମ୍ମୁ-କଶ୍ମୀରରେ ସମସ୍ତ ରେଳପ୍ରକଳ୍ପ ପାଇଁ ପ୍ରଧାନମନ୍ତ୍ରୀଙ୍କ ସହ ଯୋଡ଼ିହୋଇ ସେ ନିଜକୁ ଭାଗ୍ୟବାନ୍ ମନେକରୁଛନ୍ତି। ପ୍ରଥମେ ଅନନ୍ତନାଗ ରେଳପଥର ଉଦ୍‌ଘାଟନ ହୋଇଥିଲା ଓ ଦ୍ୱିତୀୟରେ ବନିହାଲ ରେଲୱେ ଟନେଲ ଲୋକାର୍ପିତ ହୋଇଥିଲା। ଏଲ୍‌ଜି ମନୋଜ ସିହ୍ନାଙ୍କୁ ଏକ କନିଷ୍ଠ ପଦରୁ ପଦୋନ୍ନତି ମିଳିଥିବାବେଳେ ତାଙ୍କୁ ଏକ ରାଜ୍ୟ ପରିବର୍ତ୍ତେ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟମନ୍ତ୍ରୀ କରି ପଦାବନତି କରାଯାଇଛି। ୨୦୧୪ରେ କଟ୍ରା ରେଳ ଷ୍ଟେଶନ୍ ଉଦ୍‌ଘାଟନବେଳେ ସିହ୍ନା ରେଳ ରାଷ୍ଟ୍ରମନ୍ତ୍ରୀ ଥିଲେ। ତାଙ୍କୁ ଜମ୍ମୁ-କଶ୍ମୀର ଉପରାଜ୍ୟପାଳ ଭାବେ ପ୍ରମୋଶନ୍ ମିଳିଛି। କିନ୍ତୁ ସେତେବେଳେ ଏକ ରାଜ୍ୟର ମୁଖ୍ୟମନ୍ତ୍ରୀ ଥିବା ଓମାର ଏବେ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟମନ୍ତ୍ରୀ ହୋଇଯାଇଛନ୍ତି। ତେବେ ପ୍ରଧାନମନ୍ତ୍ରୀ ରାଜ୍ୟ ମାନ୍ୟତା ଫେରାଇଦେଲେ ସବୁକିଛି ସ୍ୱାଭାବିକ ହୋଇଯିବ ବୋଲି ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ନେତା ଓମାର କହିଛନ୍ତି। ରାଜ୍ୟ ମାନ୍ୟତା ପୁନଃ ଅବସ୍ଥାପିତ କରିବା ଦାବିକୁ କାର୍ଯ୍ୟକ୍ରମରେ ଉପସ୍ଥିତ ଲୋକେ ତାଳିମାରି ସ୍ୱାଗତ କରିଥିଲେ।

ପ୍ରକାଶ ଯେ, ୨୦୧୯ ଅଗଷ୍ଟରେ କେନ୍ଦ୍ର ସରକାର ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ହଟାଇ ଜମ୍ମୁ-କଶ୍ମୀରକୁ ଏକ କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିଥିଲେ।

" ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଢ଼ ଇଚ୍ଛାଶକ୍ତି, ପ୍ରତିଶ୍ରୁତିବଦ୍ଧ ପ୍ରୟାସ ଓ ଫୋକସ୍ ଯୋଗୁ ହିଁ କଶ୍ମୀରକୁ ଭାରତର ଅବଶିଷ୍ଟ ଭାଗ ସହ ଯୋଡ଼ିବାର ସ୍ୱପ୍ନ ପୂରଣ ହୋଇପାରିଛି। ଭାରତ ମାତାର ମୁକୁଟରେ ଆଉ ଏକ ମୁକ୍ତା ଖଚିତ ହୋଇଯାଇଛି।
**-ଅଶ୍ୱିନୀ ବୈଷ୍ଣବ, ରେଳମନ୍ତ୍ରୀ**

" ୧୯୯୫ରେ ନରସିଂହ ରାଓ ପ୍ରଧାନମନ୍ତ୍ରୀ ଥିବାବେଳେ ଚେନାବ ରେଳ ବ୍ରିଜ୍ ସମେତ ଜମ୍ମୁ-କଶ୍ମୀରରେ ଅନେକ ରେଳ ପ୍ରକଳ୍ପକୁ ମଞ୍ଜୁରୀ ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସବୁ ଶ୍ରେୟ ନେବାକୁ ଉଦ୍ୟମ କରିବା ଦୁର୍ଭାଗ୍ୟଜନକ।
**-ଜୟରାମ ରମେଶ, କଂଗ୍ରେସ ସାଧାରଣ ସମ୍ପାଦକ**

" ମୋଦି ସରକାର ଯାହା ଆରମ୍ଭ କରିଥିଲେ, ସେସବୁକୁ ସମ୍ପୂର୍ଣ୍ଣ କରିଛନ୍ତି। କଂଗ୍ରେସ କେବଳ ଘୋଷଣା କରି ଚୁପ୍ ବସିଯାଏ। କଂଗ୍ରେସ ସରକାର ଅମଳର ରେଳ ଲିଙ୍କ୍ ପ୍ରକଳ୍ପଗୁଡ଼ିକ ଉପରେ ଧୂଳି ଜମିଗଲାଣି।
**-ପ୍ରଦୀପ ଭଣ୍ଡାରୀ, ଭାଜପା ମୁଖପାତ୍ର**



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଞ୍ଜି ନଦୀ ଉପରେ ନିର୍ମିତ ଦେଶର ପ୍ରଥମ କେବୁଲ-ଷ୍ଟେ ରେଳବ୍ରିଜ୍‌କୁ ଉଦ୍‌ଘାଟନ କରିବା ଅବସରରେ।

## ଗୁଜରାଟ କଂଗ୍ରେସ ସାଧାରଣ ସମ୍ପାଦକ ଗିରଫ



ରାଜେଶ ସୋନି

### ଅପରେଶନ ସିନ୍ଦୂର ଉପରେ ବିବାଦୀୟ ପୋଷ୍ଟ

ଅହମଦାବାଦ,୬।୬

ଅପରେଶନ ସିନ୍ଦୂର ଉପରେ ସୋସିଆଲ ମିଡିଆରେ ବିବାଦୀୟ ପୋଷ୍ଟ କରିଥିବା ଅଭିଯୋଗରେ ଗୁଜରାଟ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ରାଜେଶ ସୋନିଙ୍କୁ ଗାନ୍ଧୀନଗର ସାଇବର କ୍ରାଇମ୍ ବ୍ରାଞ୍ଚ୍ ଗିରଫ କରିଛି। ସୋନି ନିଜ ଫେସ୍‌ବୁକ୍ ପେଜ୍‌ରେ ଅପରେଶନ ସିନ୍ଦୂର, ରାଫାଲ ଚୁକ୍ତିନାମା ଏବଂ ଅନ୍ୟାନ୍ୟ ସମ୍ବେଦନଶୀଳ ପ୍ରସଙ୍ଗ ଉପରେ ବିବାଦୀୟ ପୋଷ୍ଟ କରିଥିଲେ, ଯାହାକୁ ନେଇ ସାରା ରାଜ୍ୟରେ ରାଜନୈତିକ ଝଡ଼ ସୃଷ୍ଟି ହୋଇଛି। ଭାରତୀୟ ସେନାର ମନୋବଳକୁ ନ୍ୟୂନ କରାଇବା, ସେମାନଙ୍କ କର୍ତ୍ତବ୍ୟ ଉପରେ ସନ୍ଦେହ ପ୍ରକଟ କରାଇବା ଏବଂ ସଶସ୍ତ୍ର ବଳ ଉପରୁ ଜନସାଧାରଣଙ୍କ ଆସ୍ଥା ହ୍ରାସ ଲକ୍ଷ୍ୟରେ ସୋନି ଏଭଳି ପୋଷ୍ଟ କରିଥିବା ଅଭିଯୋଗ ହୋଇଥିଲା। ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ଏଭଳି ପୋଷ୍ଟ ଜାତୀୟ ସୁରକ୍ଷା ପ୍ରତି ବିପଦ ଆଶଙ୍କା ବଢ଼ାଇଥିଲା। ଆପତ୍ତିଜନକ ପୋଷ୍ଟ ପାଇଁ ସୋନିଙ୍କ ନାଁରେ ଏତଲା ଦାଏର ହୋଇଥିଲା।

## ଦଳାଚକଟା ଘଟଣାରେ ସିଦ୍ଧାରାମାୟାଙ୍କ ରାଜନୈତିକ ସଚିବ ବହିଷ୍କୃତ

ବେଙ୍ଗାଲୁରୁ,୬।୬

ବେଙ୍ଗାଲୁରୁର ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ଦଳାଚକଟା ଘଟଣାରେ କର୍ଣ୍ଣାଟକ ସରକାର ଶୁକ୍ରବାର ବିଧାନ ପରିଷଦ ସଦସ୍ୟ କେ. ଗୋବିନ୍ଦରାଜଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ପଦରୁ ବହିଷ୍କାର କରିଛନ୍ତି। ଗତ ବୁଧବାର ଷ୍ଟାଡିୟମରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଟିମ୍ ଆଇପିଏଲ୍ ବିଜୟ ଉତ୍ସବ ପାଳନ କରୁଥିବାବେଳେ ଦଳାଚକଟା ଘଟି ୧୧ ଜଣଙ୍କ ମୃତ୍ୟୁ



କେ. ଗୋବିନ୍ଦରାଜ

ହୋଇଥିଲା। ଏହି ଘଟଣାରେ ଗୁରୁବାର ବେଙ୍ଗାଲୁରୁ ପୋଲିସ କମିଶନର ବି. ଦୟାନନ୍ଦ ଓ ଅନ୍ୟ ଶୀର୍ଷ ଅଧିକାରୀଙ୍କୁ ନିଲମ୍ବନ କରାଯିବା ସହ ଗୋଇନ୍ଦା ମୁଖ୍ୟ ହେମନ୍ତ ନିମ୍ବଲକରଙ୍କୁ ବଦଳି କରାଯାଇଥିଲା। ସରକାର ନିଜ ମୁଣ୍ଡରୁ ଦୋଷ ଛଡ଼ାଇବାକୁ ଯାଇ ଅଫିସରମାନଙ୍କୁ ବିଦା କରୁଥିବାବେଳେ ଦୟାନନ୍ଦଙ୍କ ନିଲମ୍ବନକୁ ନେଇ ସାଧାରଣରେ ଉତ୍ତେଜନା ଦେଖାଦେଇଛି। ବେଙ୍ଗାଲୁରୁ ପୋଲିସ ମୁଖ୍ୟଙ୍କ ପ୍ରତି ସମର୍ଥନ ବଢ଼ିଚାଲିଥିବାବେଳେ ପୂର୍ବତନ ଅଫିସର, ବିରୋଧୀ ଦଳ, ନାଗରିକ ଏବଂ ସୋସିଆଲ ମିଡିଆ ୟୁଜରମାନେ ତାଙ୍କ ପଛରେ ଛିଡ଼ା ହୋଇଛନ୍ତି।

## ଅଗଷ୍ଟ ୩ରେ ଏନ୍‌ଇଇଟି-ପିଜି ପାଇଁ ସୁପ୍ରିମକୋର୍ଟଙ୍କ ଅନୁମତି

ନୂଆଦିଲ୍ଲୀ,୬।୬(ପି.ଟି.)

ଉଚ୍ଚତର ଡାକ୍ତରୀ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଚଳିତ ବର୍ଷର ଜାତୀୟ ଯୋଗ୍ୟତା ତଥା ପ୍ରବେଶିକା ପରୀକ୍ଷା (ଏନ୍‌ଇଇଟି-ପିଜି) ଅଗଷ୍ଟ ୩ରେ କରାଇବା ପାଇଁ ସୁପ୍ରିମକୋର୍ଟ ଶୁକ୍ରବାର ଜାତୀୟ ପରୀକ୍ଷା ବୋର୍ଡ (ଏନ୍‌ବିଇ)କୁ ଅନୁମତି ଦେଇଛନ୍ତି। ଏନ୍‌ଇଇଟି-ପିଜି ଦୁଇଟି ଶିଫ୍ଟ ପରିବର୍ତ୍ତେ ଗୋଟିଏ ଶିଫ୍ଟରେ କରାଇବା ପାଇଁ ଗତ ମେ' ୩୦ରେ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଥିବାରୁ ଏଥିପାଇଁ କାର୍ଯ୍ୟସୂଚୀରେ ପରିବର୍ତ୍ତନ କରିବା ଆବଶ୍ୟକ ଥିଲା। ପରୀକ୍ଷା କରାଇବା ପାଇଁ ୨ ମାସ ସମୟ ଆବଶ୍ୟକ କାହିଁକି ବୋଲି ଜଷ୍ଟିସ୍ ପ୍ରଶାନ୍ତ କୁମାର ମିଶ୍ରା ଏବଂ ଅଗଷ୍ଟାଇନ୍ ଜର୍ଜ ମସିହଙ୍କ ଖଣ୍ଡପୀଠ ଏନ୍‌ବିଇକୁ ପ୍ରଶ୍ନ କରିବା ସହ ପରେ ଆଉ ସମୟ ବଢ଼ାଯିବ ନାହିଁ ବୋଲି ସ୍ପଷ୍ଟ କରିଦେଇଛନ୍ତି। ଗୋଟିଏ ଶିଫ୍ଟରେ ପରୀକ୍ଷା କରାଇବା ପାଇଁ ଅଧିକ ୧,୦୦୦ ପରୀକ୍ଷା କେନ୍ଦ୍ରର ଆବଶ୍ୟକ ଥିବା ଏନ୍‌ବିଇ ଜଣାଇଥିଲା।

## ଭାରତରେ ବ୍ରଡ୍‌ବ୍ୟାଣ୍ଡ ସେବା ଯୋଗାଇବା ପାଇଁ ମସ୍କଙ୍କ ଷ୍ଟାର୍‌ଲିଙ୍କ୍‌କୁ ଲାଇସେନ୍ସ

ନୂଆଦିଲ୍ଲୀ,୬।୬

ଏଲନ୍ ମସ୍କଙ୍କ ଷ୍ଟାର୍‌ଲିଙ୍କ୍‌କୁ ଭାରତରେ ବ୍ରଡ୍‌ବ୍ୟାଣ୍ଡ ସେବା ପାଇଁ ଗ୍ଲୋବାଲ୍ ମୋବାଇଲ୍ ପର୍ସନାଲ କମ୍ୟୁନିକେଶନ ବାଏ ସାଟେଲାଇଟ୍ (ଜିଏମ୍‌ପିସିଏସ୍) ଲାଇସେନ୍ସ ମିଳିଛି। ଏହି କମ୍ପାନୀ ୨୦୨୧ରୁ ଭାରତର ସାଟେଲାଇଟ୍ ଯୋଗାଯୋଗ ମାର୍କେଟରେ ପ୍ରବେଶ ପାଇଁ ଉଦ୍ୟମ ଚଳାଇଥିଲା। ଭାରତରୁ ଏଭଳି ଲାଇସେନ୍ସ ପାଇବାରେ ଷ୍ଟାର୍‌ଲିଙ୍କ୍ ତୃତୀୟ କମ୍ପାନୀ। ପୂର୍ବରୁ ଇଉଟେଲସାଟ୍‌ର ୱାନ୍‌ୱେବ୍ ଏବଂ ରିଲାଏନ୍ସ ଜିଓକୁ ବ୍ରଡ୍‌ବ୍ୟାଣ୍ଡ ସେବା ପ୍ରଦାନ ପାଇଁ ଲାଇସେନ୍ସ ପ୍ରଦାନ କରାଯାଇଥିଲା। ଷ୍ଟାରଲିଙ୍କ୍ ୧୨୫ରୁ ଊର୍ଦ୍ଧ୍ୱ ଦେଶରେ କାର୍ଯ୍ୟ କରୁଛି। ଅନ୍ୟପକ୍ଷରେ ଜେଫ୍ ବେଜୋସ୍‌ଙ୍କ ଆମାଜନ କୁଇପର ଭାରତରେ ବ୍ରଡ୍‌ବ୍ୟାଣ୍ଡ ସେବା ଯୋଗାଇବା ପାଇଁ ଆବେଦନ କରିଥିବାବେଳେ ଆପଲ୍‌ର ଗ୍ଲୋବାଲଷ୍ଟାର ମଧ୍ୟ ବ୍ରଡ୍‌ବ୍ୟାଣ୍ଡ ସେବା ଯୋଗାଇବାକୁ ଆଗ୍ରହ ପ୍ରକାଶ କରିଛି।



ଡୋନାଲ୍ଡ ଟ୍ରମ୍ପ

## ଟ୍ରମ୍ପ୍-ମସ୍କ ବ୍ରେକ୍‌ଅପ୍



ଏଲନ୍ ମସ୍କ

ୱାଶିଂଟନ୍,୬।୬

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଓ ଟେସ୍‌ଲା-ସ୍ପେସେକ୍ସ ମାଲିକ ଏଲନ୍ ମସ୍କଙ୍କ ମଧ୍ୟରେ ବ୍ରେକ୍‌ଅପ୍ ହୋଇଯାଇଛି। ଦୁଇ ମଲ୍ଟି ବିଲିୟନେୟାର ସୋସିଆଲ ମିଡିଆରେ ପରସ୍ପର ବିରୋଧରେ ପୋଷ୍ଟ କରିବାରେ ଲାଗିଛନ୍ତି। ସଂଘୀୟ ଖର୍ଚ୍ଚ ହ୍ରାସ ପାଇଁ ଟ୍ରମ୍ପ୍ ନିଜ ପୂର୍ବ ପ୍ରତିଶ୍ରୁତିରୁ ଓହରି ଯାଇଥିବା ନେଇ ମସ୍କ ଅଭିଯୋଗ ଆଣିବା ସହ ରାଷ୍ଟ୍ରପତିଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆଗତ କରାଯିବା ଉଚିତ ବୋଲି ମନ୍ତବ୍ୟ ଦେବା ପରେ ଉଭୟଙ୍କ ମଧ୍ୟରେ ତିକ୍ତତା ଆରମ୍ଭ ହୋଇଥିଲା। ତେବେ ବିଶ୍ୱର ୨ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସମ୍ପର୍କରେ ସୁଧାର ଆଣିବା ପାଇଁ ହ୍ୱାଇଟ୍ ହାଉସ୍ ପକ୍ଷରୁ ଉଦ୍ୟମ ଚାଲିଥିବା ଜଣାପଡ଼ିଛି।

କିଛିଦିନ ହେଲା ମସ୍କ ଓ ଟ୍ରମ୍ପ୍‌ଙ୍କ ମଧ୍ୟରେ ଉତ୍ତେଜନା ବଢ଼ିବାରେ ଲାଗିଛି। ମସ୍କ ଟ୍ରମ୍ପ୍‌ଙ୍କୁ ଖୋଲାଖୋଲି ସମାଲୋଚନା କରିବାକୁ ପଛାଉନାହାନ୍ତି। ଏଭଳି ସମୟରେ ମସ୍କଙ୍କ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ 'ଏକ୍ସ'ରେ ଜଣେ ୟୁଜର ଟ୍ରମ୍ପ୍‌ଙ୍କ ଟାରିଫ୍‌କୁ 'ସୁପର ଷ୍ଟୁପିଡ୍' ବୋଲି ଉଲ୍ଲେଖ କରିଥିଲେ। ଏହାର ଉତ୍ତରରେ ମସ୍କ ଲେଖିଥିଲେ, ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କ ନୂଆ କଠୋର ଟାରିଫ୍ ନୀତି ଯୋଗୁ ୨୦୨୫ ଦ୍ୱିତୀୟାର୍ଦ୍ଧରେ ଆମେରିକା ଅର୍ଥନୀତି ପାଇଁ ମାନ୍ଦାବସ୍ଥା ଆଣିପାରେ। ସେ ଏପରି ସତର୍କ କରାଇବା ପରେ ପୁଞ୍ଜି ବଜାର ଦୋହଲିଯାଇଥିଲା। ଟେସ୍‌ଲା ଷ୍ଟକ୍ ଗୁରୁବାର ୧୪%ରୁ ଅଧିକ ତଳକୁ ଖସିଯାଇଥିଲା। ଏଥିଯୋଗୁ ଟେସ୍‌ଲାର ମାର୍କେଟ ଭାଲ୍ୟୁ ୧୫୦% ହ୍ରାସ ପାଇଥିଲା। ଇତିମଧ୍ୟରେ ମସ୍କ ଏକ ନୂଆ ରାଜନୈତିକ ଦଳ ଗଠନ କରିବାକୁ ଚିନ୍ତା କରୁଥିବା ଜଣାପଡ଼ିଛି। ଏକ୍ସ'ରେ ମସ୍କ ଏନେଇ ତାଙ୍କର ୨୦୦ ନିୟୁତରୁ ଅଧିକ ଫଲୋୟର୍ସଙ୍କୁ ମତାମତ ମାଗିଥିଲେ। ୮୧% ଫଲୋୟର୍ସ ଏଥିରେ ସହମତି ପ୍ରକାଶ କରିଛନ୍ତି।

# ରେପୋ ରେଟ୍ ୫୦ ବେସିସ୍ ପଏଣ୍ଟ ହ୍ରାସ

## ଗୃହ, ଗାଡ଼ି ଋଣ ଶସ୍ତା ହେବ

ମୁମ୍ବାଇ,୬।୬(ପି.ଟି.)

ଭାରତର ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଶୁକ୍ରବାର ଅପ୍ରତ୍ୟାଶିତ ଭାବେ ରେପୋ ରେଟ୍ ୫୦ ବେସିସ୍ ପଏଣ୍ଟ ହ୍ରାସ କରିଥିବାରୁ ଗୃହ, ଗାଡ଼ି ଋଣ ସମେତ ଅନ୍ୟାନ୍ୟ ଋଣ ଶସ୍ତା ହେବାକୁ ଯାଉଛି। ଆର୍‌ବିଆଇର ୬ ଜଣିଆ ମୁଦ୍ରାନୀତି କମିଟି (ଏମ୍‌ପିସି) ବୈଠକ ବସି ରେପୋ ରେଟ୍ ୫.୫୦ ପ୍ରତିଶତକୁ ହ୍ରାସ କରିବା ନିମନ୍ତେ ନିଷ୍ପତ୍ତି ନେଇଥିଲା। ୨୦୨୫ ଫେବୃଆରୀରୁ କ୍ରମାଗତ ତୃତୀୟ ଥର ପାଇଁ ରେପୋ ରେଟ୍ ହ୍ରାସ ପାଇଛି। ମୁଦ୍ରାସ୍ଫୀତି ଧାର୍ଯ୍ୟ ଲକ୍ଷ୍ୟ ୪ ପ୍ରତିଶତରୁ କମ୍ ରହିଥିବାରୁ ଅଭିବୃଦ୍ଧି ସମ୍ଭାବନା ବଢ଼ାଇବା ଲକ୍ଷ୍ୟରେ ଏମ୍‌ପିସି ଏଭଳି ନିଷ୍ପତ୍ତି ନେଇଛି। ଏହା ଫଳରେ ବିଶେଷ କରି ଗୃହଋଣ ନେଇଥିବା ବ୍ୟକ୍ତିମାନେ ଉପକୃତ ହେବାକୁ ଥିବାବେଳେ ଆଗାମୀ ଦିନରେ ଜମାକାରୀଙ୍କୁ କମ୍ ସୁଧ ମିଳିପାରେ। କେନ୍ଦ୍ରୀୟ ବ୍ୟାଙ୍କ କ୍ୟାଶ୍ ରିଜର୍ଭ ରେସିଓ (ସିଆର୍‌ଆର୍)କୁ ମଧ୍ୟ ୧୦୦ ବେସିସ୍ ପଏଣ୍ଟ ହ୍ରାସ କରି ୩ ପ୍ରତିଶତ ରଖିଛନ୍ତି। ରିଜର୍ଭ ବ୍ୟାଙ୍କ ଏହାର ଋଣ ସମ୍ବଳରୁ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାକୁ ୨.୫ ଲକ୍ଷ କୋଟି ଟଙ୍କା ପ୍ରଦାନ କରିଛନ୍ତି। ଆର୍‌ବିଆଇ ଗଭର୍ନର ସଞ୍ଜୟ ମାଲହୋତ୍ରାଙ୍କ ନେତୃତ୍ୱରେ ଏମ୍‌ପିସି ଆର୍ଥିକ ଅଭିବୃଦ୍ଧିକୁ ବଢ଼ାଇବା ଲକ୍ଷ୍ୟରେ ଏହାର ନୀତି ଆଭିମୁଖ୍ୟକୁ ପରିବର୍ତ୍ତନ କରିଛି। ଚଳିତ ଆର୍ଥିକ ବର୍ଷରେ ଦେଶର ଜିଡିପି ଅଭିବୃଦ୍ଧି ୬.୫ ପ୍ରତିଶତ ରହିବ ବୋଲି ମୁଦ୍ରାନୀତି କମିଟି କହିଥିବାବେଳେ ମୁଦ୍ରାସ୍ଫୀତି ୩.୭ ପ୍ରତିଶତରେ ସୀମିତ ରହିବ ବୋଲି ଆକଳନ କରିଛି।




# କୋଟିଆ ପ୍ରସଙ୍ଗ: ସ୍ୱତନ୍ତ୍ର କମିଟିର ପ୍ରଥମ ବୈଠକ

## ମାସକ ଭିତରେ ସ୍ୱତନ୍ତ୍ର ରୋଡ୍‌ମ୍ୟାପ୍ ପ୍ରସ୍ତୁତ ହେବ

ଭୁବନେଶ୍ୱର, ୬।୬(ସୁନିତ୍ ମିଶ୍ର)

କୋଟିଆ ବିବାଦର ସମାଧାନ ଲାଗି ରାଜ୍ୟ ସରକାର ଅଣ୍ଟା ଭିଡ଼ିଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ କୋଟିଆ ବିବାଦର ସମାଧାନ ସହ ସ୍ଥାନୀୟ ଲୋକଙ୍କ ନିକଟରେ ସରକାରଙ୍କ ସମସ୍ତ ସୁବିଧା ପହଞ୍ଚାଇଦେବା ସକାଶେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ଉଚ୍ଚସ୍ତରୀୟ ସ୍ୱତନ୍ତ୍ର କମିଟି ଗଠନ କରିଛନ୍ତି। ଶୁକ୍ରବାର ରାଜସ୍ୱ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ କୋଟିଆକୁ ନେଇ ସ୍ୱତନ୍ତ୍ର କମିଟିର ପ୍ରଥମ ବୈଠକ ହୋଇଛି। ଏହି ଅବସରରେ ମନ୍ତ୍ରୀ ପୂଜାରୀ ବୈଠକରେ ଉପସ୍ଥିତ ଅଧିକାରୀମାନଙ୍କୁ କହିଛନ୍ତି, କୋଟିଆ ଓଡ଼ିଶାର ଅବିଚ୍ଛେଦ୍ୟ ଅଙ୍ଗ। କୋଟିଆକୁ ନେଇ କେବେ ବି ସାଲିସ କରାଯିବନାହିଁ। କୋଟିଆ ପାଇଁ ସ୍ୱତନ୍ତ୍ର ରୋଡମ୍ୟାପ୍ ତିଆରି ହେବ। ସୁପ୍ରିମକୋର୍ଟରେ ମଧ୍ୟ ହାରିଥିବା ମାମଲାକୁ ପୁନର୍ଜୀବିତ କରାଯିବ। ଏନେଇ ସମସ୍ତ ବିଭାଗକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

କୋଟିଆର ବିକାଶ ଲାଗି ମାସକ ମଧ୍ୟରେ ଅଧିକାରୀମାନେ ନିଜ ନିଜ ବିଭାଗର ରୋଡ୍‌ମ୍ୟାପ୍ ଦେବେ। ସବୁ ବିଭାଗର ସଚିବମାନେ ଜିଲାପାଳଙ୍କ ସହ ଆଲୋଚନାକରି ନିଜ ବିଭାଗର ଯୋଜନା ଏବଂ ରୋଡ୍‌ମ୍ୟାପ ପ୍ରସ୍ତୁତ କରିବେ। ଆର୍ଥିକ, ସାମାଜିକ, ସାଂସ୍କୃତିକ ବିକାଶ ପାଇଁ ସବୁ ପ୍ରକାର ଯୋଜନା ହାତକୁ ନିଆଯିବ। ରାସ୍ତାଘାଟ ସହ ଭିତ୍ତିଭୂମିର ବିକାଶ, ଚାଷୀଙ୍କ ପାଇଁ ମାର୍କେଟ ସୁବିଧା, ଯୁବକଙ୍କ ପାଇଁ କାମ ଆଖି ଆଗରେ ରଖି ବିଭାଗଗୁଡିକ ରୋଡ୍‌ମ୍ୟାପ୍ ତିଆରି କରିବେ। ଦେଶରେ କିଭଳି ସବୁ ସୁବିଧା ପହଞ୍ଚିବ ସେନେଇ ଗୁରୁତ୍ୱ ଦିଆଯିବ।

### ବିବାଦରେ ନ ପଶି କୋଟିଆବାସୀଙ୍କ ମନ ଜିଣିବା ପ୍ରଥମ ଲକ୍ଷ୍ୟ: ମନ୍ତ୍ରୀ ପୂଜାରୀ

କୋଟିଆକୁ ନେଇ ଓଡ଼ିଶା ଏବଂ ଆନ୍ଧ୍ର ଭିତରେ ଶହେ ବର୍ଷ ହେଲା ସମସ୍ୟା ଲାଗି ରହିଛି। ଏନେଇ ମକଦ୍ଦମା ମଧ୍ୟ ଚାଲିଥିଲା। କିନ୍ତୁ ଠିକ୍ ଭାବେ ପରିଚାଳନା ନ ହେବା କାରଣରୁ ଓଡ଼ିଶା କ୍ଷତିଗ୍ରସ୍ତ ହେଲା। ପୂର୍ବ ସରକାର ଠିକ୍ ତଥ୍ୟ ରଖିପାରି ନ ଥିଲେ। ସୁପ୍ରିମକୋର୍ଟରେ ଅନ୍ୟ ଏକ ମାମଲାରେ ହାରିବା ପରେ ତାକୁ ପୁନର୍ଜୀବିତ ପାଇଁ ଉଦ୍ୟମ କରାଯାଇଛି। ଓକିଲମାନଙ୍କ ସହ ପରାମର୍ଶ କରାଯାଉଛି ବୋଲି ରାଜସ୍ୱ ମନ୍ତ୍ରୀ ପୂଜାରୀ ସୂଚନା ଦେଇଛନ୍ତି। ଏହି ବୈଠକରେ କମିଟିର ସଦସ୍ୟ ଥିବା ଏକାଧିକ ବିଭାଗର ସଚିବ, କୋରାପୁଟ ଜିଲାପାଳ, ଏସ୍‌ପି ଏବଂ ପୂର୍ବତନ ଜିଲାପାଳ ମଧ୍ୟ ଉପସ୍ଥିତ ଥିଲେ।

ମନ୍ତ୍ରୀ ପୂଜାରୀ କହିଛନ୍ତି, ଗୃହ କମିଟି ଦେଇଥିବା ସୁପାରିସ ନେଇ ଆଲୋଚନା ହୋଇଛି। ପୂର୍ବ ସରକାର ନେଇଥିବା ପଦକ୍ଷେପ ସମ୍ପର୍କିତ ରିପୋର୍ଟ ଉପସ୍ଥାପିତ କରାଯାଇଛି। ଦେଢଘଣ୍ଟା ଧରି ଚାଲିଥିବା ଆଲୋଚନାର ସବୁ କଥା ସାର୍ବଜନୀନ କରାଯିବା ଠିକ୍ ହେବ ନାହିଁ। ଦେଶ ସ୍ୱାଧୀନ ହେବା ପୂର୍ବରୁ ଏହି ବିବାଦ ଚାଲିଛି। ବିବାଦର କାରଣ ଅନୁଧ୍ୟାନ ସରିଲାଣି। ସେଠାକାର ଲୋକଙ୍କ ମନ ଜିଣିବା ଏବଂ ସେମାନଙ୍କ ପାଖରେ ଯୋଜନା ପହଞ୍ଚାଇବାକୁ ସମସ୍ତ ପଦକ୍ଷେପ ମୋହନ ସରକାର ନେବେ। ଏହି ପ୍ରସଙ୍ଗରେ ବିବାଦରେ ନ ପଶି କୋଟିଆବାସୀଙ୍କ ପାଖରେ ସବୁ ଯୋଜନା ପହଞ୍ଚାଇବା ମୂଳ ଦାୟିତ୍ୱ ବୋଲି ମନ୍ତ୍ରୀ କହିଛନ୍ତି।












**ଆଜିର ମନ୍ତବ୍ୟ**

ଭାରତର ପ୍ରତ୍ୟେକ ଭାଷାର ଅନ୍ୟ ଭାଷା ସହ ସମ୍ପର୍କ ରହିଛି। ପରସ୍ପରର ବିକାଶ ବିନା ସବୁ ଭାଷାର ବିକାଶ ସମ୍ଭବ ନୁହେଁ।
–ଅମିତ୍ ଶାହା, ସ୍ୱରାଷ୍ଟ୍ର ମନ୍ତ୍ରୀ

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଭୁବନେଶ୍ୱର ଫିଲ୍ମ ଫେଷ୍ଟିଭାଲ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- କ୍ଷୁଦ୍ର କବିତା ପାଠ, ପୁସ୍ତକ ଉନ୍ମୋଚନ ଓ ସମ୍ବର୍ଦ୍ଧନା, ସ୍ଥାନ: ବୁଦ୍ଧ ମନ୍ଦିର, ୟୁନିଟ୍–୩, ସମୟ: ପୂର୍ବାହ୍ନ ୧୦ଟା।
- ଦି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଚାର୍ଟାର୍ଡ ଆକାଉଣ୍ଟାଣ୍ଟସ୍ ଅଫ୍ ଇଣ୍ଡିଆ ପକ୍ଷରୁ ଜାତୀୟ ସିଏ ସମ୍ମିଳନୀ, ସ୍ଥାନ: ପାଲ ହାଇଟ୍‌ସ ମନ୍ତ୍ରା, ପାହାଳ, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରାକୃତିକ ସମ୍ପଦର ସୁରକ୍ଷା ତଥା ରାଜ୍ୟର ନଦୀ ଓ ଜଳ ଉତ୍ସଗୁଡ଼ିକର ସଂରକ୍ଷଣ ପରିପ୍ରେକ୍ଷୀରେ ରାଜ୍ୟସ୍ତରୀୟ କନ୍‌ଭେନଶନ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହ୍ୟୁମାନ ରାଇଟ୍‌ସ ଏଜୁକେଶନ ପକ୍ଷରୁ ସାମ୍ବିଧାନିକ ଅଧିକାର ଶିକ୍ଷା ପ୍ରଶିକ୍ଷଣ ଶିବିର, ସ୍ଥାନ: ଶ୍ରମିକ ଭବନ, ଖାରବେଳ ନଗର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଗୁରୁ ଦୟାନିଧି ଦାସଙ୍କ ୯୮ତମ ଜୟନ୍ତୀ ଉତ୍ସବ, ସ୍ଥାନ: ଜିକେସିଏମ୍‌ଓଆର୍‌ସି, ସମୟ: ଅପରାହ୍ନ ୫ଟା ୩୦।
- କଳାଭୂମି ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- ଇଦ୍–ଉଲ–ଜୁହା ପର୍ବ ପାଳନ, ସ୍ଥାନ: ଜମାତ୍ ଅହମ୍ମଦିୟା ଇଦ୍‌ଗାହା, ପଙ୍କାଳ, ତିଗିରିଆ, ସମୟ: ସକାଳ ୯ଟା ୩୦।
- ବିଶ୍ୱନାଥ ସଙ୍ଗୀତାଳୟର ବାର୍ଷିକ ଉତ୍ସବ, ସ୍ଥାନ: କଳାବିକାଶ କେନ୍ଦ୍ର, ସମୟ: ଅପରାହ୍ନ ୫ଟା ୩୦।
- କବି ନନ୍ଦକିଶୋର ସାମଲଙ୍କ ୨୨ତମ ଶ୍ରାଦ୍ଧୋତ୍ସବ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା।

## ପୁରୀ

- ପ୍ରିୟପତ୍ର ପକ୍ଷରୁ ପୁସ୍ତକ ଉନ୍ମୋଚନ ଉତ୍ସବ, ସ୍ଥାନ: ୟୁଥ୍ ହଷ୍ଟେଲ, ସମୟ: ଅପରାହ୍ନ ୪ଟା।
- ଶ୍ରୀଜଗନ୍ନାଥ ଭକ୍ତ ସମାଜ ଟ୍ରଷ୍ଟର ଦ୍ୱିତୀୟ ବାର୍ଷିକ ଉତ୍ସବ, ସ୍ଥାନ: ସଦାଶିବ ପରିସର, ସମୟ: ଅପରାହ୍ନ ୫ଟା।

## ବାଲେଶ୍ୱର

- ସାମୂହିକ ନମାଜ ପାଠ, ସ୍ଥାନ: ଦରଘା ମଇଦାନ, ବାଲେଶ୍ୱର, ସମୟ: ସକାଳ ୭ଟା ୩୦।

## ଭଦ୍ରକ

- ବିକଶିତ କୃଷି ସଂକଳ୍ପ ଅଭିଯାନ, ସ୍ଥାନ: ଗୋପୀନାଥପୁର(ବନ୍ତ), ସୁଦର୍ଶନପୁର, (ବାସୁଦେବପୁର), ବିଷ୍ଣୁପୁରବିନ୍ଧା(ଭଦ୍ରକ), ଖଡ଼ିପଦା(ଧାମନଗର), ସମୟ: ସକାଳ ୮ଟା।
- ବିକଶିତ କୃଷି ସଂକଳ୍ପ ଅଭିଯାନ, ସ୍ଥାନ: ନାଆମୀ(ଭଣ୍ଡାରିପୋଖରୀ), ଅର୍ଣ୍ଣପାଳ (ଭଦ୍ରକ), ଚାରିଗାଁ(ବନ୍ତ), ଜାମଯୋଡ଼ି(ତିହିଡ଼ି), ସମୟ: ଅପରାହ୍ନ ୩ଟା ୩୦।

## ମୟୂରଭଞ୍ଜ

- ଆମେ–୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ ବାରିପଦା,ସମୟ: ସକାଳ ୯ଟା।
- ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ ଓଡ଼ିଶା ପ୍ରାନ୍ତ ଆନୁକୂଲ୍ୟରେ ପ୍ରାନ୍ତୀୟ କାର୍ଯ୍ୟକର୍ତ୍ତା ପ୍ରଶିକ୍ଷଣ ଶିବିର, ସ୍ଥାନ:ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବାରିପଦା,ସମୟ:ସକାଳ ୯ଟା।
- ରାଜ୍ୟସ୍ତରୀୟ ଶିଶୁ ଗଳ୍ପ କର୍ମଶାଳା, ସ୍ଥାନ:ବିବେକାନନ୍ଦ ବିହାର, ବଡ଼ସାହି,ସମୟ: ପୂର୍ବାହ୍ନ ୧୦ଟା।
- ଏନ୍‌ପିଏଲ୍‌ର ଫାଇନାଲ ମ୍ୟାଚ, ସ୍ଥାନ: ନିଚୁଆପଦା ଖେଳ ପଡ଼ିଆ, ମୋରଡ଼ା,ସମୟ: ଅପରାହ୍ନ ୨ଟା।
- ଶ୍ରୀଜୀଉଙ୍କ ସ୍ନାନ ଉତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ,ସ୍ଥାନ:ଉଦଳା ବ୍ଲକ୍ ଅଧୀନ ଡିହିରାକୁଳ ଜଗନ୍ନାଥ ମନ୍ଦିର ସଭାମଣ୍ଡପ,ସମୟ:ଅପରାହ୍ନ ୪ଟା୩୦।
- ଡିଆର୍‌କେ କ୍ଲବ୍ ଆନୁକୂଲ୍ୟରେ ଟି–୨୦କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ମଧୁବନ ଷ୍ଟାଡିୟମ, ବାରିପଦା, ସମୟ: ଅପରାହ୍ନ ୫ଟା।

## କନ୍ଧମାଳ

- ମୁଖ୍ୟମନ୍ତ୍ରୀଙ୍କ କନ୍ଧମାଳ ଗସ୍ତ, ସ୍ଥାନ: ଫୁଲବାଣୀ କରୋନେଶନ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ

- ଗୁଡନାଇଟ୍ କ୍ଲବର ବାର୍ଷିକ ଉତ୍ସବ, ସ୍ଥାନ: ମିନି ଷ୍ଟାଡିୟମ, ଢେଙ୍କାନାଳ, ସମୟ: ସନ୍ଧ୍ୟା ୭ଟା।

## କେନ୍ଦ୍ରାପଡ଼ା

- ଇଦ୍ ଉଲ ଜୁହା ଉପଲକ୍ଷେ ସମୂହ ନମାଜ ପାଠ, ସ୍ଥାନ: କେନ୍ଦ୍ରାପଡ଼ା ସହରର ରଣପଡାସ୍ଥିତ ନୁରୀ ମସଜିଦ୍, ରାଜା ମସଜିଦ୍, ରସୁଲାବାଦ ମସଜିଦ, ସଫିଆ ଇଦଗାହ, ସମୟ: ସକାଳ ୭ଟା, ଫକିରାବଦସ୍ଥିତ ମରକଜି ମସଜିଦ, ପୁରୁଣା ଇଦ୍‌ଗାହ, ସମୟ: ସକାଳ ୮ଟା, ନୂଆ ଇଦଗାହ, ସମୟ: ସକାଳ ୬ଟା ୩୦ ।
- ଜିଲା କଂଗ୍ରେସ ପକ୍ଷରୁ ସମ୍ବିଧାନ ବଞ୍ଚାଅ ପ୍ରସ୍ତୁତି ବୈଠକ, ସ୍ଥାନ: କଂଗ୍ରେସ ଭବନ, କଜଳା, କେନ୍ଦ୍ରାପଡା ସହର, ସମୟ: ସକାଳ ୯ଟା।

## ଯାଜପୁର

- ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ଯୋଜନାର ସମୀକ୍ଷା, ସ୍ଥାନ: ଯାଜପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ନାରଦ ଜୟନ୍ତୀ, ସ୍ଥାନ: ନୟାଗଡ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସମୟ:ସନ୍ଧ୍ୟା ୬ଟା।
- ରାମଲୀଳାର ୨ୟ ଦିବସ, ସ୍ଥାନ: କଣ୍ଟିଲୋ ବାପୁଜୀନଗର ରଘୁନାଥ ପୀଠ, ସମୟ: ରାତି ୧୧ଟା ।

## ନବରଙ୍ଗପୁର

- ବିକଶିତ କୃଷି ସଂକଳ୍ପ ଅଭିଯାନ, ସ୍ଥାନ: ତେନ୍ତୁଲିଖୁଣ୍ଟି ବ୍ଲକର ବିଭିନ୍ନ ଅଞ୍ଚଳ, ସମୟ: ପୂର୍ବାହ୍ନ ୯।

## କୋରାପୁଟ

- ସ୍ୱାସ୍ଥ୍ୟ ଶିବିର କାର୍ଯ୍ୟକ୍ରମ, ସ୍ଥାନ: ଡିପି କ୍ୟାମ, ସୁନାବେଡା–୩, ସମୟ: ସକାଳ ୮ଟା।

## ମାଲକାନଗିରି

- ଶିଶୁ ଗୃହ ଅନ୍ତେବାସୀଙ୍କ ଗ୍ରୀଷ୍ମକାଳୀନ ଶିବିର ଦ୍ୱିତୀୟ ଦିବସ, ସ୍ଥାନ: ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ମାଲକାନଗିରି, ସମୟ: ପୂର୍ବାହ୍ନ ୧୦ ଟା।
- ଗ୍ରୀଷ୍ମକାଳୀନ ବ୍ୟାଡମିଣ୍ଟନ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ, ସ୍ଥାନ: ବିଜୁ ପଟ୍ଟନାୟକ ବହୁମୁଖୀ କ୍ରୀଡ଼ା ଭବନ, ମାଲକାନଗିରି, ସମୟ: ଅପରାହ୍ନ ୩ ଟା।

## ସମ୍ବଲପୁର

- ଜିଲା କିକ୍ ବକ୍ସିଂ ସଂଘ ପକ୍ଷରୁ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ: ସମ୍ବଲପୁରୀ ଡେରା, ସମୟ: ସକାଳ ୬ଟା।
- ସାଓଲିନ କୁଙ୍ଗ୍ ଫୁ ଉସୁ ଆସୋସିଏସନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ: ଜିଲା ଜୁଡୋ ହଲ, ସମୟ: ସକାଳ ୬ଟା ୩୦।
- ଜିଲା କ୍ରୀଡା ସଂଘ ଆୟୋଜିତ ଗ୍ରୀଷ୍ମକାଳୀନ ଫୁଟବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ସକାଳ ୭ଟା।
- ଶ୍ରୀରାମ କଥା ମହୋତ୍ସବ, ସ୍ଥାନ: ହୀରାକୁଦ ଲକ୍ଷ୍ମୀନାରାୟଣ ମନ୍ଦିର, ସମୟ: ସନ୍ଧ୍ୟା ୭ଟା ୧୫।

## ବଲାଙ୍ଗୀର

- ସମନ୍ୱିତ ଲୋକକଳା ସଂସ୍କୃତି ଚର୍ଚ୍ଚା ଓ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ସାମ୍ବାଦିକ ଭବନ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।

## ରାଉରକେଲା

- ଗାରିମା ପାରିବାର ପକ୍ଷରୁ ରଜ ମଉଜ ପ୍ରତିଯୋଗିତା–୨୦୨୫, ସ୍ଥାନ: ରାଉରକେଲା କ୍ଲବ, ସମୟ: ପୂର୍ବାହ୍ନ ୧୦ଟା।
- ଗ୍ରୀଷ୍ମ ଶିବିର ଉପଲକ୍ଷେ ହସ୍ତକଳା ପ୍ରଦର୍ଶନୀ, ସ୍ଥାନ: ସେକ୍ଟର–୧୭, ସମୟ: ଅପରାହ୍ନ ୪ଟା।

## ବରଗଡ଼

- ଜିଲା ରେଳ ଉପଭୋକ୍ତା ସଂଘର ବୈଠକ, ସ୍ଥାନ:ଅଗ୍ରଗାମୀ ଯୁବକ ସଂଘ, ବରଗଡ଼, ସମୟ:ସନ୍ଧ୍ୟା ୬ଟା ୩୦।

## ଦେବଗଡ଼

- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଜନସମାବେଶକୁ ସମ୍ବୋଧନ, ସ୍ଥାନ: ସୋନପୁର ରାମେଶ୍ୱର ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା ୩୦।
- ତରଭା ଶନିଶ୍ଚର ମନ୍ଦିରରେ ମହାଆଳତୀ ଓ ଭଜନ କାର୍ଯ୍ୟକ୍ରମ, ସ୍ଥାନ: ଶନି ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା

- ଜିଲାସ୍ତରୀୟ ଗ୍ରୀଷ୍ମକାଳୀନ ଚେସ୍ ପ୍ରଶିକ୍ଷଣ ଶିବିର ପଞ୍ଚମ ଦିବସ, ସ୍ଥାନ: କେଏନ୍ କିଡ୍‌ସ ପବ୍ଲିକ ସ୍କୁଲ ନୂଆପଡ଼ା, ସମୟ: ସକାଳ ୮ଟା।
- କୋମନା ପ୍ରିମିୟର ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପନ, ସ୍ଥାନ: ଜିତାମିତ୍ର ଉଚ୍ଚ ବିଦ୍ୟାଳୟ ଖେଳପଡିଆ, ସମୟ: ରାତ୍ର ୯ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି କେନ୍ଦ୍ରସ୍ଥ ଚନ୍ଦ୍ର ଶୁଭଫଳସ୍ୱରୂପ କର୍ମକ୍ଷେତ୍ରର ଜଟିଳତାକୁ ସରଳୀକରଣ କରିବାରେ ସାହାଯ୍ୟ କରିବେ। ଭାବପ୍ରବଣତାରୁ ଜମିଜମା, ଟଙ୍କା ନେଇଥିବା ଲୋକ ବିଷୟରେ କିମ୍ବା କାର୍ଯ୍ୟକ୍ଷେତ୍ରର ବିଫଳତାକୁ ନେଇ ଚିନ୍ତିତ ରହିପାରନ୍ତି। ପାରିବାରିକ ସ୍ଥିତି,ପରିବହନ, ନିର୍ମାଣ, କାରିଗରି ବିଦ୍ୟା, ଯାନ୍ତ୍ରିକ ଜିନିଷର ବ୍ୟବସାୟ ପାଇଁ ଭଲ।

**ବୃଷ** କେନ୍ଦ୍ରାଧିପ ରବିଙ୍କ ରାଶ୍ୟାବସ୍ଥାନ ଆପଣଙ୍କୁ ବିଶିଷ୍ଟବ୍ୟକ୍ତିଙ୍କ ସାନ୍ନିଧ୍ୟଲାଭ କରାଇବ। କର୍ମକ୍ଷେତ୍ରରେ ଟିକିଏ ଜୋର୍ ଦେଇ କଥା କହିବାରୁ ଅନ୍ୟମାନେ ଭୁଲ୍ ବୁଝିପାରନ୍ତି। ଆନୁଷ୍ଠାନିକ କାର୍ଯ୍ୟରେ ବ୍ୟସ୍ତ ରହିବେ ଏବଂ ଚେଷ୍ଟା କରୁଥିବା କାମରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ମୂଲ୍ୟବାନ୍ ଜିନିଷ କିଣିବାକୁ ମନ ବଳାଇପାରନ୍ତି।

**ମିଥୁନ** ବୁଧ ସହ ବୃହସ୍ପତି ଦୈହିକ ଅସୁସ୍ଥତା କିମ୍ବା ମାନସିକ ଉତ୍ତେଜନା ସୃଷ୍ଟି କରିପାରନ୍ତି। କାର୍ଯ୍ୟବ୍ୟସ୍ତତାରୁ ଆଜି ଗୋଟିଏ ସ୍ଥାନରେ ସ୍ଥିର ହୋଇ ରହିପାରିବେ ନାହିଁ। ଆପଣଙ୍କର ଅଭାବନୀୟ ପରିସ୍ଥିତି କ୍ରମଶଃ ବଦଳିଯିବ ଓ ପ୍ରତ୍ୟେକ କାର୍ଯ୍ୟରେ ସଫଳତା ଅବଶ୍ୟ ପାଇବେ। ଉଚ୍ଚବର୍ଗର ଲୋକମାନଙ୍କ ସଂସ୍ପର୍ଶରେ ଆସି ଉପକୃତ ହୋଇପାରନ୍ତି।

**କର୍କଟ** ରାଶ୍ୟାଧିପତି ରାହୁ ଦୃଷ୍ଟିରେ ଥିବାରୁ ମାନସିକ ଅସ୍ଥିରତା ପ୍ରଦାନ କରିବ। ବନ୍ଧୁ ମିଳନ ସଙ୍ଗକୁ ମାଙ୍ଗଳିକ କିମ୍ବା ଆନୁଷ୍ଠାନିକ କାମରେ ସାମିଲ୍ ହେବେ। ଜମିଜମା, ମକଦ୍ଦମା, ଯୋଗାଯୋଗ, ସାମ୍ବାଦିକତା, ଏଜେନ୍ସିପ୍ରରେ ପ୍ରତିଷ୍ଠାର୍ଜନ କରିବେ। ବିବାଦୀୟ ଘଟଣାରେ ପରିସ୍ଥିତିକୁ ଯେତେଟା ଜଟିଳ ମନେ କରୁଛନ୍ତି ସେପରି କିଛି ହେବନି।

**ସିଂହ** ରବି ଉଚ୍ଚଭାବରେ ଥିବାରୁ ଆପଣଙ୍କ ପାରିବାରିକ ଜୀବନ ଓ କର୍ମକ୍ଷେତ୍ର ନିରଙ୍କୁଶ ରହିବ। କୌଣସି ବିଶିଷ୍ଟ ବ୍ୟକ୍ତିଙ୍କ ସହ ଯୁକ୍ତିତର୍କ କରି ପରିବେଶକୁ ଗମ୍ଭୀର କରି ଦେଇପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସଫଳତା ମିଳିବ। ପାରିବାରିକ କ୍ଷେତ୍ରରେ ଭୁଲ୍ ନିଷ୍ପତ୍ତି ନେଇ ସମସ୍ୟା ଘେରରେ ପଡ଼ିପାରନ୍ତି।

**କନ୍ୟା** କର୍ମକ୍ଷେତ୍ରରେ ଖର୍ଚ୍ଚାନ୍ତ ହେଲେ ମଧ୍ୟ କାର୍ଯ୍ୟ ହାସଲ ହେବା କଷ୍ଟକର ହୋଇପାରେ। ବ୍ୟବସାୟରେ ଆଶା ଅନୁରୂପ ଫଳ ପାଇବେ ଓ ଜମା ରାଶି ବୃଦ୍ଧି ପାଇବ। ଆଲୋଚନା ପରିସରରେ ସଂଯମତା ରକ୍ଷାନକଲେ ବିବାଦଗ୍ରସ୍ତ ହୋଇପାରନ୍ତି। ଭଲ ସମ୍ପର୍କ ନ ଥିବା ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି।

**ତୁଳା** ମଙ୍ଗଳ ଦୃଷ୍ଟ ଶନି ପାରିବାରିକ କ୍ଷେତ୍ରକୁ କିଛି ମାତ୍ରାରେ ପ୍ରଭାବିତ କରିବେ। ଆଜିର ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରହନ୍ତୁ ନଚେତ୍ ଜିନିଷପତ୍ର ଅଦଳ ବଦଳ ହୋଇଯାଇପାରେ। ବନ୍ଧୁମାନଙ୍କ ସାହାଯ୍ୟରୁ ଦ୍ରବ୍ୟଲାଭ ହେତୁ ଖୁସି ହେବେ। ବୃହସ୍ପତିଙ୍କ ଶୁକ୍ରଙ୍କ ପ୍ରତି ଦୃଷ୍ଟି ରୋଗ, ଋଣ ଓ ଶତ୍ରୁତା ସମ୍ବନ୍ଧୀୟ ଟେନସନ ସୃଷ୍ଟି କରିପାରେ।

**ବିଛା** କର୍ମକ୍ଷେତ୍ରରେ ମଙ୍ଗଳଙ୍କ ପ୍ରଭାବରୁ ଉତ୍ସାହିତ ହେବେ ଓ ସାଫଲ୍ୟତା ହାସଲ କରିବେ। ପରିବାରରେ ମତଦ୍ୱୈଧ ଘଟିବା କାରଣରୁ କାମଗୁଡ଼ିକ ଶୃଙ୍ଖଳିତ ହୋଇ ନ ପାରେ। ସାମ୍ବାଦିକତା, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ଶିକ୍ଷା, ସଭାସମିତିରେ ବନ୍ଧୁଙ୍କ ସହ ଆଲୋଚନା ଜ୍ୟେଷ୍ଠା ନକ୍ଷତ୍ର ପାଇଁ ଫଳପ୍ରଦ ହେବ।

**ଧନୁ** ଆଜିର ଗ୍ରହସ୍ଥିତି ଅନୁକୂଳ ନ ଥିବାରୁ ସତର୍କରେ ନ ଚଳିଲେ ଅସୁବିଧା ଭୋଗ କରିବାକୁ ପଡ଼ିପାରେ। କୌଣସି କଥାରେ ଅନ୍ୟମାନଙ୍କୁ ପୂର୍ଣ୍ଣ ବିଶ୍ୱାସ କରି କାମ କରିବା ଠିକ୍ ହେବ ନାହିଁ। ନିଜ ଲୋକମାନେ ଈର୍ଷା ପରାୟଣତା କାରଣରୁ ଦାଉ ସାଧିପାରନ୍ତି। ଅଧିକାଂଶ ସମୟ ପ୍ରତିଦ୍ୱନ୍ଦ୍ୱିତା କିମ୍ବା ପ୍ରତିଯୋଗିତା ମନୋଭାବ ଉପୁଜିପାରେ।

**ମକର** ଚନ୍ଦ୍ରଙ୍କ ସମେତ ଏକାଧିକ ଗ୍ରହ ଶୁଭଫଳଦାୟକ କାରଣରୁ ଆପଣଙ୍କ ଉଦ୍ୟମ ନିଷ୍ଫଳ ହେବନାହିଁ। ପରିବାରର ସହଯୋଗ ଓ ସମର୍ଥନ ଆଜିର କାମରେ ବହୁତ ସାହାଯ୍ୟ କରିବ। ବନ୍ଧୁଙ୍କ ଗହଣରେ ନିଜ ନିଜର ଲକ୍ଷ୍ୟସ୍ଥଳକୁ ଯିବାରେ କୌଣସି ଅସୁବିଧା ରହିବ ନାହିଁ। କିନ୍ତୁ ପିଲାମାନଙ୍କ ସ୍ୱାସ୍ଥ୍ୟ ଓ ଅତୀତ ସମସ୍ୟା ମନକୁ ଭାରାକାନ୍ତ କରିପାରେ।

**କୁମ୍ଭ** ସ୍ୱାସ୍ଥ୍ୟ ଭଲ ନ ଥିଲେ ମଧ୍ୟ ଦିନଚର୍ଯ୍ୟାରେ ତାହା ପ୍ରତିବନ୍ଧକ ସୃଷ୍ଟି କରିବ ନାହିଁ। କର୍ମକ୍ଷେତ୍ରରେ ଭୁଲ୍ ବୁଝାମଣା କାରଣରୁ ସାଧାରଣ କଥା ଅସାଧାରଣ ପରିସ୍ଥିତି ସୃଷ୍ଟି କରିବ। ଛୋଟ କଥାକୁ କେନ୍ଦ୍ରକରି ବିଭିନ୍ନ ପ୍ରକାରର ସମସ୍ୟା ଭିତରକୁ ଟାଣି ହୋଇପାରନ୍ତି। ବ୍ୟବସାୟ, ବାଣିଜ୍ୟ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ।

**ମୀନ** ବୃହସ୍ପତିଙ୍କ କେନ୍ଦ୍ରସ୍ଥିତି କାର୍ଯ୍ୟସିଦ୍ଧି ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିବେ। ଆନୁଷ୍ଠାନିକ କିମ୍ବା ଶୁଭକାର୍ଯ୍ୟ ସମ୍ପାଦନ କରିବେ ଏବଂ ସମ୍ପର୍କୀୟଙ୍କ ସହଯୋଗ ମିଳିବ। ଅସାବଧାନତା କିମ୍ବା ଅନ୍ୟମନସ୍କ କାରଣରୁ ମୂଲ୍ୟବାନ୍ ଜିନିଷ ଠିକ୍ ସମୟରେ ନ ପାଇ ବ୍ୟତିବ୍ୟସ୍ତ ହୋଇ ପାରନ୍ତି। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ।

ଆଜି ଜୁନ୍ ୭ ତାରିଖ, ଜ୍ୟେଷ୍ଠ ଶୁକ୍ଳପକ୍ଷର ଚମ୍ପକ ଦ୍ୱାଦଶୀ, ଶନିବାର। ଶ୍ରୀମନ୍ଦିରରେ ଗୁଆଲି ନୀତି, ବୈଷ୍ଣବ ସମ୍ମତ ବ୍ୟୁଳିନୀ ଏକାଦଶୀ ଉପବାସ, ଇଦ୍–ଉଦ୍–ଜୁହା, ବକ୍ରିଦ୍, ହଜ୍‌ଶେଷ, ରାଶିନକ୍ଷତ୍ର–ଦିବା, ଘ.୦୯।୩୯, ଗତେ ସ୍ୱାତୀ/ତୁଳା, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୦୬ ଗତେ ଘ.୧୨।୧୧ ମଧ୍ୟେ, ଘ.୦୩।୦୩ ଗତେ ଘ.୦୩।୪୨ ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ. ୦୮।୨୮ ଗତେ ଘ.୧୦।୦୬ ମଧ୍ୟେ ରାହୁକାଳ।

**ପ୍ରଥମ ପୃଷ୍ଠାରୁ...**

## ଚେନାବ ରେଳ ...

ତତ୍‌ପରବର୍ତ୍ତୀ ଅପରେଶନ ସିନ୍ଦୂର ପରେ ପ୍ରଧାନମନ୍ତ୍ରୀ ପ୍ରଥମ ଥର ପାଇଁ ଜମ୍ମୁ ଓ କଶ୍ମୀର ଗସ୍ତରେ ଯାଇ ଚେନାବ ବ୍ରିଜ୍‌କୁ ଇଞ୍ଜିନିୟରିଂର ଚମତ୍କାରୀ କହି ପ୍ରଶଂସା କରିଛନ୍ତି। ଏହି ବ୍ରିଜ୍‌ରେ ୩୦,୦୦୦ ଟନ୍ ଇସ୍ପାତ ଏବଂ ବିସ୍ଫୋରଣ ନିରୋଧୀ ଟ୍ରାକ୍ ବ୍ୟବହାର କରାଯାଇଛି। ଚେନାବ ନଦୀର ୩୫୯ ମିଟର ଉଚ୍ଚରେ ନିର୍ମିତ ଏହି ବ୍ରିଜ୍ ବିଶ୍ୱରେ ସର୍ବୋଚ୍ଚ ବର୍ତ୍ତୁଳାକାର ରେଳ ବ୍ରିଜ୍, ଯାହାର ଦୈର୍ଘ୍ୟ ୧,୩୧୫ ମିଟର। ଏହି ସଫଳତା ପାଇଁ ବ୍ରିଜ୍ ନିର୍ମାଣରେ ନିୟୋଜିତ ଥିବା ଶ୍ରମିକମାନଙ୍କୁ ପ୍ରଧାନମନ୍ତ୍ରୀ ଧନ୍ୟବାଦ ଜଣାଇଛନ୍ତି। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀଙ୍କ ସହ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଜମ୍ମୁ–କଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା ଏବଂ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀ ଶ୍ରମିକମାନଙ୍କ ସହ କଥା ହୋଇଥିଲେ।

ପରେ ସେ ଚେନାବର ଉପନଦୀ ଅଞ୍ଜି ଉପରେ ନିର୍ମିତ ଦେଶର ପ୍ରଥମ କେବୁଲ–ଷ୍ଟେ ରେଳ ବ୍ରିଜ୍‌କୁ ମଧ୍ୟ ଉଦ୍‌ଘାଟନ କରିଥିଲେ। ଏହା ବ୍ୟତୀତ କାଟ୍‌ରାରୁ ଶ୍ରୀନଗର ମଧ୍ୟରେ ବନ୍ଦେ ଭାରତ ଟ୍ରେନ୍ ସେବାକୁ ପ୍ରଧାନମନ୍ତ୍ରୀ ଶୁଭାରମ୍ଭ କରିଛନ୍ତି। କଶ୍ମୀର ଉପତ୍ୟକା ଏବଂ ଜମ୍ମୁ ଅଞ୍ଚଳ ମଧ୍ୟରେ ଏହା ପ୍ରଥମ ରେଳ ଯୋଗାଯୋଗ। କାଟ୍‌ରାରୁ ଶ୍ରୀନଗର ଯିବା ପାଇଁ ଉକ୍ତ ଟ୍ରେନ୍‌ରେ ମାତ୍ର ୩ ଘଣ୍ଟା ଲାଗିବ, ଯାହା ବର୍ତ୍ତମାନ ଲାଗୁଥିବା ସମୟଠାରୁ ୨ରୁ ୩ ଘଣ୍ଟା କମ୍। ଏଥିସହିତ ପ୍ରଧାନମନ୍ତ୍ରୀ ୨୭୨ କିଲୋମିଟର ଦୀର୍ଘ ଉଧାମପୁର–ଶ୍ରୀନଗର, ବାରାମୁଲ୍ଲା ରେଳ ଲିଙ୍କ୍ ପ୍ରକଳ୍ପ (ୟୁଏସ୍‌ବିଆର୍‌ଏଲ୍)କୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଥୋଇଛୁ ଯାହା ପରଲୋକକୁ
ଦେଇଛୁ ଯାହା ପରଲୋକକୁ।**

ସଞ୍ଚିତ ଧନ ପର ଲୋକ ଭୋଗ କରିଥାନ୍ତି। ମାତ୍ର ଯାହା ଦାନ କରାଯାଇଛି ତାହା ପରଲୋକରେ ସଦ୍‌ଗତି ଲାଭ ପାଇଁ ବୋଲି ଜଣାଯାଇଥାଏ। ତେଣୁ ଜୀବନ ଯାତ୍ରାରେ ଅର୍ଜିତ ଧନକୁ ଦାନ ଧର୍ମ ପରି ସୁବିନିଯୋଗ କରିବା ନେଇ ଏଭଳି ସୁପରାମର୍ଶ ପ୍ରଦାନ କରାଯାଇଛି।

**ଥାଉ ମାନ,
ଯାଉ ଧନ।**

ମନୁଷ୍ୟର ଏକ ଉତ୍କୃଷ୍ଟ ଗୁଣ ହେଉଛି ମାନ ସମ୍ମାନ। ମଣିଷର ମର୍ଯ୍ୟାଦା ପ୍ରାଣଠାରୁ ବି ବିଶାଳ। ଏହାକୁ ଯିଏ ଥରେ ହରାଏ ସିଏ ଆଉ ତାହା ଫେରିପାଏନା। ଧନସମ୍ପତ୍ତି ଥରେ ଚାଲିଗଲେ ତାହା ହୁଏତ ଫେରି ଆସିବାର ସମ୍ଭାବନା ରହିଥାଏ, କିନ୍ତୁ ମାନସମ୍ମାନ ପୁନଶ୍ଚ ଫେରି ଆସି ନ ଥାଏ। ମାନସମ୍ମାନ ହାନି ଯୋଗୁ ବ୍ୟକ୍ତିତ୍ୱର ବଳିଷ୍ଠତା ମଧ୍ୟ ହ୍ରାସ ପାଇଥାଏ। ତେଣୁ ଏଥି ପ୍ରତି ସଜାଗ ରହିବା ବିଧେୟ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ–ଫ୍ରେଣ୍ଡ୍‌ସ ପବ୍ଲିଶର୍ସ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ୨ବରିଷ୍ଠ ନାଗରିକଙ୍କୁ ମିଳିଲା ସରକାରୀ ସହାୟତା

## ରାଜ୍ୟ ଆଇନ ସେବା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧକ୍ଷଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ

କଟକ,୬।୬(କାର୍ତ୍ତିକ ସାହୁ)

ରାଜ୍ୟ ଆଇନ ସେବା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧକ୍ଷ ତଥା ହାଇକୋର୍ଟ ବିଚାରପତି ସଙ୍ଗମ କୁମାର ସାହୁଙ୍କ ନିର୍ଦ୍ଦେଶକ୍ରମେ ୨ବରିଷ୍ଠ ନାଗରିକ କେନ୍ଦ୍ରାପଡ଼ା ଜିଲା କୋରା ଗ୍ରାମର ଶ୍ରୀଧର ସାହୁ ଏବଂ ବଲାଙ୍ଗୀର ଜିଲା ପାଣ୍ଡସରା ଗ୍ରାମର ସୁରେଖା ନାଗଙ୍କୁ କେତେକ ସରକାରୀ ସହାୟତା ମିଳିଥିବା ବେଳେ ଆଉ କିଛି ପାଇଁ ସୁପାରିସ କରାଯାଇଛି। ୨ ଜିଲାର ଆଇନ ସେବା ପ୍ରାଧିକରଣ ପକ୍ଷରୁ ରାଜ୍ୟ ଆଇନ ସେବା ପ୍ରାଧିକରଣକୁ ପତ୍ର ମାଧ୍ୟମରେ ଏ ନେଇ ଅବଗତ କରାଯାଇଥିବା ଜଣାଯାଇଛି।

ସୂଚନାନୁସାରେ, ବଲାଙ୍ଗୀର ଜିଲା ଆଇନ ସେବା ପ୍ରାଧିକରଣ ଶୁକ୍ରବାର ଜଣାଇଛନ୍ତି ଯେ, ପାଟଣାଗଡ଼ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁରେଖା ନାଗଙ୍କୁ ଚକଯୁକ୍ତଚୌକି ପ୍ରଦାନ କରିବା ସହ ଅନ୍ତୋଦୟ ଯୋଜନାରେ ବାସଗୃହ ଯୋଗାଇବା ପାଇଁ ନାମ ସୁପାରିସ କରିଛନ୍ତି। ଏହାସହ ସୁରେଖାଙ୍କ ପେନସନ ବର୍ତ୍ତମାନ ମଧୁବାବୁ ବିଧବା ଭତ୍ତା ଯୋଜନାକୁ ସ୍ଥାନାନ୍ତର କରାଯାଇଛି। ଘଷିଆନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀମାନଙ୍କ ସହଯୋଗରେ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି।

ସେହିପରି କେନ୍ଦ୍ରାପଡ଼ା ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଗତ ୨ ତାରିଖରେ ଜଣାଇଛନ୍ତି, ଇନ୍ଦୁପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ ଶ୍ରୀଧର ସାହୁଙ୍କ ସ୍ୱାସ୍ଥ୍ୟା ପରୀକ୍ଷା କରିଛନ୍ତି। ତାଙ୍କୁ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାରେ ପରିଚୟ ପତ୍ର ପ୍ରଦାନ କରାଯାଇଛି। ସେହିପରି କେନ୍ଦ୍ରାପଡ଼ା ଜିଲାପାଳ ଶ୍ରୀଧରଙ୍କୁ ଚକଯୁକ୍ତଚୌକି, ଅନ୍ତୋଦୟ ଯୋଜନା ଅନୁଯାୟୀ ପକ୍କାଘର, ମାଗଣା ବିଜୁଳି ବ୍ୟବସ୍ଥା, ଶୌଚାଳୟ ଏବଂ ପାଲ ପ୍ରଦାନ କରିଥିବା ସମ୍ପର୍କରେ ଜଣାଇଛନ୍ତି। ଏଥିସହ ଶ୍ରୀଧରଙ୍କ ବାସଗୃହରେ ମଧୁବାବୁ ପେନସନ ଯୋଜନା ଅନୁଯାୟୀ ବର୍ଦ୍ଧିତ ହାରରେ ୩,୫୦୦ଟଙ୍କା ଦେବା ପାଇଁ ବ୍ୟବସ୍ଥା କରାଯାଇଛି ବୋଲି କେନ୍ଦ୍ରାପଡା ଜିଲା ପ୍ରଶାସନ ଅବଗତ କରାଇଥିବା ରାଜ୍ୟ ଆଇନସେବା ପ୍ରାଧିକରଣ ପକ୍ଷରୁ ପ୍ରେସ୍ ଇସ୍ତାହାରରେ ସୂଚନା ଦିଆଯାଇଛି।

# ସମ୍ବିତ୍ ନିଜ ପଦମର୍ଯ୍ୟାଦା ରକ୍ଷାକରନ୍ତୁ : ଯୁବ କଂଗ୍ରେସ


କଂଗ୍ରେସ ଭବନରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଯୁବକଂଗ୍ରେସ ନେତାମାନେ।

ଭୁବନେଶ୍ୱର, ୬।୬
(ରବିନାରାୟଣ ଜେନା)

ପୁରୀ ଏମ୍‌ପି ସମ୍ବିତ୍ ପାତ୍ର ନିୟନ୍ତ୍ରଣରେ ରହୁନାହାନ୍ତି। ନିଜକୁ ଚର୍ଚ୍ଚା ପରିସରକୁ ଆଣିବା ପାଇଁ ସେ ଅନେକଥର ଅରୁଚିକର ମନ୍ତବ୍ୟ ଦେଇ ସାଧାରଣରେ ନିନ୍ଦିତ ହୋଇଛନ୍ତି ବୋଲି ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଣଜିତ୍ ପାତ୍ର କହିଛନ୍ତି। ଶୁକ୍ରବାର କଂଗ୍ରେସ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ରଣଜିତ୍ କହିଛନ୍ତି, ରାହୁଲ ଗାନ୍ଧୀଙ୍କ ବିରୋଧରେ ସମ୍ବିତ୍ ଯେଉଁ ଅପମାନସୂଚକ ମନ୍ତବ୍ୟ ଦେଇଛନ୍ତି ତାହା ଦୁର୍ଭାଗ୍ୟଜନକ। ଅତୀତରେ ସେ ନିଜର ହିତାହିତ ଜ୍ଞାନ ଭୁଲି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପ୍ରଧାନମନ୍ତ୍ରୀ ମୋଦିଙ୍କ ଭକ୍ତ ବୋଲି ସମ୍ବୋଧିତ କରିଥିଲେ। ଏଥିପାଇଁ ସାରାଦେଶରେ ନିନ୍ଦିତ ହେବା ପରେ ସେ କ୍ଷମାପ୍ରାର୍ଥନା କରିଥିଲେ। ଯିଏ ମୋଦିଙ୍କୁ ଜଗନ୍ନାଥଙ୍କଠାରୁ ବଡ଼ ବୋଲି ବିଚାର କରେ ସେହି ବ୍ୟକ୍ତି ରାହୁଲ ଗାନ୍ଧୀଙ୍କୁ କିପରି ବୁଝିପାରିବେ ବୋଲି ରଣଜିତ୍ ପ୍ରଶ୍ନ କରିଛନ୍ତି।

ଏହି ଅବସରରେ ଭୁବନେଶ୍ୱର କଂଗ୍ରେସ ଲୋକ ସଭା ପ୍ରାର୍ଥୀ ସୟଦ ୟାସିର ନୱାଜ୍ କହିଛନ୍ତି, ଦେଶର ବିରୋଧୀ ଦଳର ନେତାଙ୍କ ପ୍ରତି ଏଭଳି ମନ୍ତବ୍ୟ ଜଣେ ଏମ୍‌ପି ଦେବା ଗଣତନ୍ତ୍ର ପ୍ରତି ଶୁଭଙ୍କର ନୁହେଁ। ସମ୍ବିତ୍‌ଙ୍କ ଉପରେ ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀ ଓ ପ୍ରତିରକ୍ଷା ମନ୍ତ୍ରୀ ରହିଛନ୍ତି। ଏ ଖବର ସମ୍ବିତ୍‌ଙ୍କୁ ଜଣାପଡ଼ିଲା କିନ୍ତୁ ସେମାନେ କେମିତି ଜାଣିପାରିଲେନାହିଁ ବୋଲି ନୱାଜ୍ ପ୍ରଶ୍ନ କରିଛନ୍ତି। ଏଥିସହ ଯୁବ କଂଗ୍ରେସ କର୍ମୀଙ୍କ ଉପରୁ ମିଥ୍ୟା ମକଦ୍ଦମା ଉଠାଇ ନ ନିଆଯାଏ ତେବେ ଆନ୍ଦୋଳନ ଜୋର୍‌ଦାର କରାଯିବ ବୋଲି ନୱାଜ୍ କହିଛନ୍ତି। ଏହି ସମ୍ମିଳନୀରେ ସୁଦୀପ ସାମଲ, ଆଲୋକ ଦାସ, ମହମ୍ମଦ ପର୍‌ଭେଜ ପ୍ରମୁଖ ଉପସ୍ଥିତ ଥିଲେ।

# ଅଟୋ ଓଲଟି ଦମ୍ପତି ମୃତ

ଦେବଗଡ଼,୬।୬
(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା କୁଣ୍ଢେଇଗୋଳା ଥାନା ଅନ୍ତର୍ଗତ ଅଶନପାଳ ଗ୍ରାମ ନିକଟ ରାଞ୍ଚି–ବିଜୟୱାଡା ରାସ୍ତାର ବୁଲାଣିରେ ଶୁକ୍ରବାର ଅପରାହ୍ନରେ ଏକ ଅଟୋ ଓଲଟି ପଡିବାରୁ ଦମ୍ପତିଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଏହି ଥାନା ଅଧୀନ ରଞ୍ଜଣା ଗ୍ରାମର ମଥୁରା ଶବର ଓ ତାଙ୍କ ସ୍ତ୍ରୀ ଚାଇନା ଶବର। ସୂଚନା ଅନୁଯାୟୀ, ମଥୁରା ଓ ଚାଇନା ଅସୁସ୍ଥ ଥିବାରୁ ଚିକିତ୍ସା ନିମନ୍ତେ ଶୁକ୍ରବାର ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥିଲେ। ସେଠାରେ ସେମାନେ ଚିକିତ୍ସିତ ହୋଇ ଅପରାହ୍ନ ପ୍ରାୟ ୨ଟାରେ ଏକ ଅଟୋ (ନଂ.ଓଡି୨୮ଏ–୨୫୭୬)ରେ ଘରକୁ ଫେରୁଥିଲେ। ମାତ୍ର ଅଶନପାଳ ଗ୍ରାମ ନିକଟ ରାଞ୍ଚି–ବିଜୟୱାଡା ରାସ୍ତାର ବୁଲାଣିରେ ଅଟୋ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଫଳରେ ମଥୁରା ଓ ଚାଇନା ଗୁରୁତର ହୋଇଥିଲେ। ଚିକିତ୍ସା ଲାଗି ସେମାନଙ୍କୁ ଛତାବର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତେବେ ଡାକ୍ତର ସେଠାରେ ମଥୁରାଙ୍କୁ ମୃତ ଘୋଷଣା କରିଥିଲେ। ଚାଇନାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ଅଟୋଚାଳକ ଫେରାର ହୋଇଯାଇଛନ୍ତି। କୁଣ୍ଢେଇଗୋଳା ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ି ଜବତ କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟର ଶବାଗାରରେ ଦମ୍ପତିଙ୍କ ମୃତଦେହ ରଖାଯାଇଛି। ଶନିବାର ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ। ଅନ୍ୟପକ୍ଷରେ ମୃତ ଦମ୍ପତିଙ୍କ ପରିବାର ଲୋକଙ୍କୁ ପ୍ରଶାସନ ପକ୍ଷରୁ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ ପାଇଁ ବିଭିନ୍ନ ମହଲରୁ ଦାବି ହୋଇଛି।

# କୋଟିଆ ଭିତ୍ତିଭୂମି ବିକାଶ କହୁଛନ୍ତି ହେଲେ ସୀମା ବିବାଦ ନେଇ ନୀରବ: ବିଜେଡି

ଭୁବନେଶ୍ୱର, ୬।୬(ସୁନିତ୍ ମିଶ୍ର)

କ୍ଷମତାକୁ ଆସିବାର ପ୍ରାୟ ବର୍ଷେ ପୂରଣ ହେବାକୁ ଯାଉଥିବା ବେଳେ କୋଟିଆ ପ୍ରସଙ୍ଗରେ ରାଜ୍ୟ ସରକାର ଏ ପର୍ଯ୍ୟନ୍ତ ଚୁପ୍ ରହିଥିଲେ। କୋଟିଆରେ ଭିତ୍ତିଭୂମି ବିକାଶ ହେବ ବୋଲି ମନ୍ତ୍ରୀ ବକ୍ତବ୍ୟ ଦେଇଥିଲେ ମଧ୍ୟ ସୀମା ବିବାଦର ସମାଧାନ ଉପରେ ନୀରବ ରହିଛନ୍ତି ବୋଲି ବିଜେଡି । ଶଙ୍ଖ ଭବନଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ରାଜ୍ୟ ସରକାର କୋଟିଆ, ପୋଲାଭରମ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଗତ ବର୍ଷକ ମଧ୍ୟରେ ମୁହଁ ଖୋଲିନାହାନ୍ତି। ବର୍ଷ ପୂର୍ତ୍ତିକୁ ନେଇ ଭାଜପା ପକ୍ଷରୁ ରାଜ୍ୟବ୍ୟାପୀ ଉତ୍ସବ ପାଳନ କରିବା ପାଇଁ ଆୟୋଜନ କରାଯାଉଥିବା ବେଳେ କେବଳ ଉପରଠାଉରିଆ ଭାବେ ଏବେ କୋଟିଆ ଉପରେ ଏକ ଉଚ୍ଚସ୍ତରୀୟ ବୈଠକ ଆୟୋଜନ କରାଯାଇଛି ବୋଲି ସେ କହିଛନ୍ତି। ଏହି ପ୍ରସଙ୍ଗରେ ବିଜେଡି ନେତା ପ୍ରଦୀପ ମାଝୀ କହିଛନ୍ତି, ରାଜସ୍ୱ ମନ୍ତ୍ରୀ କୋଟିଆର ଭିତ୍ତିଭୂମି ବିକାଶ କରାଯିବ ବୋଲି ଦେଇଥିବା ମନ୍ତବ୍ୟ କେବଳ ଧର୍ମକୁ ଆଖିଠାର ସଦୃଶ। କାରଣ କୋଟିଆରେ ସୀମା ବିବାଦ ମୁଖ୍ୟ ସମସ୍ୟା ହୋଇଥିବା ବେଳେ ସେ ଦିଗରେ ସମ୍ପୂର୍ଣ୍ଣ ନୀରବ ରହିଛନ୍ତି।




# ଛେଲିଗଡ଼ ଜଳସେଚନ ଲାଗି ୧୫୧.୭୮ କୋଟି ମଞ୍ଜୁର

### ରାଜ୍ୟ କ୍ୟାବିନେଟ୍ ନିଷ୍ପତ୍ତି

ଭୁବନେଶ୍ୱର,୬।୬(ରବିନାରାୟଣ ଜେନା)

'ଛେଲିଗଡ଼ ଜଳସେଚନ ପ୍ରକଳ୍ପର କଂକ୍ରିଟ୍ ଡ୍ୟାମ ଏବଂ ସ୍ପିଲୱେ ନିର୍ମାଣ କାର୍ଯ୍ୟ ଲାଗି ରାଜ୍ୟ କ୍ୟାବିନେଟ୍ ନିଷ୍ପତ୍ତି ନେଇଛି। ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ କୁମାର ଆହୁଜା କହିଥିଲେ, ଛେଲିଗଡ଼ ମଧ୍ୟମ ଜଳସେଚନ ପ୍ରକଳ୍ପ ଦ୍ୱାରା ଗଜପତି ଜିଲା ଆର.ଉଦୟଗିରି ବ୍ଲକର ଛେଲିଗଡ଼ ଗ୍ରାମ ନିକଟରେ ବଂଶଧାରା ନଦୀର ବଡଜୋର ଉପନଦୀରେ ଏକ ଜଳାଶୟ ନିର୍ମାଣ କରିବା ନିମନ୍ତେ ୨୬୬ ମି. ଦୀର୍ଘ କଂକ୍ରିଟ ଡ୍ୟାମ ସହିତ ୭ ଗୋଟି ରେଡିଆଲ ଗେଟ୍ (୧୨ ମି. x ୬ ମି. ଆକାର) ନିର୍ମାଣ କରାଯିବ। ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଲାଗି ୧୫୧କୋଟି ୭୮ ଲକ୍ଷ ୨୦ହଜାର ୪୭୬ ଟଙ୍କାର ଟେଣ୍ଡର ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ ପ୍ରଦାନ କରିଛନ୍ତି। ଏହି ପ୍ରକଳ୍ପଟିକୁ ୧୮ମାସ ମଧ୍ୟରେ ସମ୍ପୂର୍ଣ୍ଣ କରିବା ଲାଗି ଲକ୍ଷ୍ୟ ରଖାଯାଇଛି। ଉକ୍ତ ପ୍ରକଳ୍ପଟି କାର୍ଯ୍ୟକାରୀ ହେଲେ, ଗଜପତି ଜିଲାର ୫୦୦ ହେକ୍ଟର ଓ ଗଞ୍ଜାମ ଜିଲ୍ଲାର ୫୭୬୦ ହେକ୍ଟର ଚାଷଜମିକୁ ଜଳସେଚନ ସୁବିଧା ଯୋଗାଇ ଦେବ। ଏତଦ୍‌ବ୍ୟତୀତ ବ୍ରହ୍ମପୁର ସହରର ଲୋକଙ୍କର ପାନୀୟ ଜଳ ଓ ଘରୋଇ ବ୍ୟବହାର ନିମନ୍ତେ ୩୧.୫୪ ମିଲିଅନ କ୍ୟୁବିକ ମିଟର ଜଳ ଉପଲବ୍ଧ କରାଇବା ସହିତ ମାଛ ଚାଷ, ପଶୁଧନ ପାଳନ କାର୍ଯ୍ୟ ଓ ଭୂତଳ ଜଳ ପୁନଃଭରଣରେ ସହାୟକ ହେବ। ଏହି ପ୍ରକଳ୍ପଟି ୩୬ ମେଗାୱାଟ ଜଳବିଦ୍ୟୁତ ଶକ୍ତି ଉତ୍ପାଦନ କରିବା ସହ ସ୍ଥାନୀୟ ଲୋକଙ୍କର ସାମାଜିକ ଓ ଆର୍ଥିକ ଉନ୍ନତି ଦିଗରେ ମଧ୍ୟ ସହାୟକ ହେବ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି।

# ଜୈବପ୍ରଯୁକ୍ତି ବିଜ୍ଞାନର ବିକାଶ ଲାଗି ୧୧୧୩.୫ କୋଟିର ବ୍ୟବସ୍ଥା

### ଏନ୍‌ସିବି ଜମି ପାଇଁ ୨.୬୦ କୋଟି ଛାଡ଼

ଭୁବନେଶ୍ୱର, ୬।୬ (ରବିନାରାୟଣ ଜେନା)

ରାଜ୍ୟରେ ଜୈବପ୍ରଯୁକ୍ତି ବିଜ୍ଞାନର ବିକାଶକୁ ଦୃଷ୍ଟିରେ ରଖି ଶୁକ୍ରବାର ରାଜ୍ୟ ସରକାରଙ୍କ ପକ୍ଷରୁ ରାଜ୍ୟ କ୍ୟାବିନେଟ୍‌ରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ 'ଜୈବପ୍ରଯୁକ୍ତି ବିଜ୍ଞାନର ବିକାଶ' ଯୋଜନାର କାର୍ଯ୍ୟକାରିତା ଲାଗି ୧୧୧୩.୫୦ କୋଟି ଟଙ୍କାର ପ୍ରସ୍ତାବକୁ ଅନୁମୋଦନ ପ୍ରଦାନ କରାଯାଇଛି।

କ୍ୟାବିନେଟ୍ ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ କୁମାର ଆହୁଜା ଗଣମାଧ୍ୟମକୁ କହିଛନ୍ତି, ଓଡ଼ିଶା ଦେଶରେ ସବୁଠାରୁ ଜୈବବିବିଧତାରେ ପରିପୂର୍ଣ୍ଣ ରାଜ୍ୟ। ଓଡ଼ିଶାର ଅବ୍ୟବହୃତ ପ୍ରାକୃତିକ ସମ୍ପଦର ବ୍ୟାପକ ବାୟୋପ୍ରୋସେସିଂ ଏବଂ ଉପଲବ୍ଧ ମାନବ ସମ୍ବଳର ଉପଯୋଗ କରିବାର ଅନେକ ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେରଖି ଓଡ଼ିଶା ସରକାର ନିଜର ଔଦ୍ୟୋଗିକ ନୀତି ସଙ୍କଳ୍ପ(ଆଇପିଆର) ୨୦୨୨ରେ ଜୈବପ୍ରଯୁକ୍ତିକୁ ଏକ ବଳିଷ୍ଠ କ୍ଷେତ୍ର ଭାବେ ଚିହ୍ନଟ କରିଛନ୍ତି। ଶୁକ୍ରବାର କ୍ୟାବିନେଟ୍ ବୈଠକରେ 'ଜୈବପ୍ରଯୁକ୍ତି ବିଜ୍ଞାନର ବିକାଶ' ଯୋଜନାକୁ ମଞ୍ଜୁରୀ ମିଳିଛି। ଏହି ଯୋଜନା ୧୭ଟି ଉପ-ଯୋଜନା/କାର୍ଯ୍ୟକ୍ରମକୁ ନେଇ ଗଠିତ ହୋଇଛି। ଏହାର ଲକ୍ଷ୍ୟ ହେଉଛି ଜୈବପ୍ରଯୁକ୍ତି ବିଜ୍ଞାନର ସବୁଠାରୁ ଆଶାଜନକ କ୍ଷେତ୍ରରେ ଉଚ୍ଚଶିକ୍ଷା, ଗବେଷଣା ଏବଂ ଭିତ୍ତିଭୂମି ବିକାଶକୁ ପ୍ରୋତ୍ସାହନ ଦେବା। ଉଦ୍ୟୋଗ ଏବଂ ଉଦ୍ୟୋଗର ନିର୍ମାଣ ପାଇଁ ନବସୃଜନ, ଇନ୍‌କ୍ୟୁବେସନ, ନିବେଶ, ଆୟ ଓ ପ୍ରଭାବ ପାଇଁ ଏହା ସହାୟକ ହେବ। ଏହାସହିତ ଉତ୍ପାଦ/ପ୍ରକ୍ରିୟା ବିକାଶ, ବ୍ୟବସାୟୀକରଣ ଏବଂ ଆଇପି ମୁଦ୍ରୀକରଣକୁ ପ୍ରୋତ୍ସାହନ ମିଳିବ। ରାଜ୍ୟର ସାମାଜିକ ଓ ଅର୍ଥନୈତିକ ବିକାଶ ପାଇଁ ଜୈବ ପ୍ରଯୁକ୍ତି ଉଦ୍ଭାବନ/ଜ୍ଞାନର ଉପଯୋଗ କରିବା ଲକ୍ଷ୍ୟ ରହିଛି। ଏଥିପାଇଁ ୨୦୨୫-୨୬ ଆର୍ଥିକ ବର୍ଷରୁ ୨୦୨୯-୩୦ ଆର୍ଥିକ ବର୍ଷ ମଧ୍ୟରେ ୧୧ହଜାର ୧୧୩.୫୦ କୋଟି ଟଙ୍କା ବ୍ୟୟ ଅଟକଳରେ ଜୈବ ପ୍ରଯୁକ୍ତି ବିଜ୍ଞାନର ବିକାଶ ଯୋଜନା ୫ ବର୍ଷ ପାଇଁ କାର୍ଯ୍ୟକାରୀ କରାଯିବ ବୋଲି ମୁଖ୍ୟ ସଚିବ କହିଛନ୍ତି।

ସେହିପରି ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋ(ଏନ୍‌ସିବି) ଲାଗି ଭୁବନେଶ୍ୱର ମୌଜାର ଚନ୍ଦ୍ରଶେଖରପୁରଠାରେ ଆବଣ୍ଟିତ ଅତିରିକ୍ତ ସରକାରୀ ଜମି ଏକର ୦.୬୪୪ ଡିସିମିଲର ଅଧିମୂଲ୍ୟ ବାବଦକୁ ୨ କୋଟି ୬୦ ଲକ୍ଷ ୮୨ ହଜାର ଟଙ୍କା ଛାଡ଼ କରାଯିବାକୁ ରାଜ୍ୟ କ୍ୟାବିନେଟ୍ ନିଷ୍ପତ୍ତି ନେଇଛି ବୋଲି ମୁଖ୍ୟ ସଚିବ ଆହୁଜା କହିଛନ୍ତି।

# ସରକାରଙ୍କ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମକୁ କାଉଣ୍ଟର କରିବାକୁ ବିଜେଡିର ଯୋଜନା

- ରାଜଧାନୀରେ ହେବ ସାଧାରଣ ସଭା
- ଅରୁଣ ସାହୁଙ୍କ ଲିଖିତ ଏକ ଗୀତର ଉନ୍ମୋଚନ ହେବ

ଭୁବନେଶ୍ୱର, ୬।୬(ସୁନିତ୍ ମିଶ୍ର)

ରାଜ୍ୟରେ ଭାଜପା ଶାସନକୁ ଆସିବାର ବର୍ଷ ପୂର୍ତ୍ତି ଉତ୍ସବ ବଡ଼ଧରଣରେ ପାଳନ କରିବା ଲାଗି ଜୋର୍‌ଦାର ପ୍ରସ୍ତୁତି ଚାଲିଛି। ଆସନ୍ତା ୧୨ରେ ସରକାରଙ୍କ ପକ୍ଷରୁ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ପାଳନ ହେବାକୁ ଥିବାବେଳେ ଉକ୍ତ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେବା ଲାଗି ତାଙ୍କୁ ନିମନ୍ତ୍ରଣ କରାଯାଇଛି। ଏହାସହ ସରକାର ଏବଂ ଭାଜପା ପକ୍ଷରୁ ପଞ୍ଚାୟତସ୍ତରରେ ରାଜ୍ୟ ସରକାରଙ୍କ ବର୍ଷକର ସଫଳତା ସମ୍ପର୍କରେ ପ୍ରଚାର କରିବାକୁ ଯୋଜନା ଚାଲିଛି। ଅନ୍ୟପଟେ ସରକାରଙ୍କ ବର୍ଷପୂର୍ତ୍ତି କାର୍ଯ୍ୟକ୍ରମକୁ କାଉଣ୍ଟର କରିବା ଲାଗି ଯୋଜନା କରୁଛି ବିଜେଡି। ଏନେଇ ଶଙ୍ଖ ଭବନରେ ବିଜେଡିନେତାମାନେ ଘନ ଘନ ବୈଠକ ଚଳାଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ବିଧାୟକ ଅରୁଣ ସାହୁଙ୍କ ଲିଖିତ ଏକ ଗୀତର ଉନ୍ମୋଚନ କରାଯିବାକୁ ଯୋଜନା ରଖାଯାଇଛି। ଏହାର ନାଁ ରଖାଯାଇଛି, ଭାଜପାର ମିଛ ପ୍ରଚାରକୁ, ବିଜେଡିର ସତ ଜବାବ। ଏହାର ଏକ ସିଡି ପ୍ରସ୍ତୁତ କରାଯାଇ ଆସନ୍ତା ୧୦ ରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଦ୍ୱାରା ଉନ୍ମୋଚନ କରାଯିବ। ଅନ୍ୟପଟେ ଭୁବନେଶ୍ୱରରେ ଏକ ସାଧାରଣ ସଭା ଆୟୋଜନ କରାଯିବା ନେଇ ସ୍ଥିର କରାଯାଇଛି। ଏଥିରେ ପ୍ରାୟ ୨ ହଜାର ଲୋକ ଯୋଗଦେବେ। ସରକାରଙ୍କ ବିଫଳତା ନେଇ ବିଜେଡି ନେତାମାନେ ଉକ୍ତ ସଭାରେ ଉଦ୍‌ବୋଧନ ଦେବେ ବୋଲି ଜଣେ ବରିଷ୍ଠ ନେତା ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ରାଜଧାନୀ ଉପକଣ୍ଠରୁ ନେତାମାନେ ଲୋକ ଆଣିବାକୁ କୁହାସରିଲାଣି।

# ଦେବ୍ରିଗଡ଼ରେ ବୃଦ୍ଧିପାଉଛି ଗୟଳଙ୍କ ସଂଖ୍ୟା

- ୬ ମାସ ମଧ୍ୟରେ ବୃଦ୍ଧି ପାଇଲେ ୧୨୯
- ଥିଲେ ୬୫୯ ଗୟଳ, ହେଲେ ୭୮୮

ସମ୍ବଲପୁର, ୬।୬(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲାର ଡେବ୍ରିଗଡ଼ ଅଭୟାରଣ୍ୟରେ ଗୟଳଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଚଳିତବର୍ଷ ହୋଇଥିବା ଗଣନାରେ ଏଠାରେ ଗୟଳଙ୍କ ସଂଖ୍ୟା ୭୮୮ରେ ପହଞ୍ଚିଛି। ଗତବର୍ଷ ଏଠାରେ ଗୟଳଙ୍କ ସଂଖ୍ୟା ୬୫୯ ଥିଲା ବୋଲି ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଅଂଶୁପ୍ରଜ୍ଞା ଦାସ ସୂଚନା ଦେଇଛନ୍ତି।

ସୂଚନା ଅନୁସାରେ ଗତ ମେ ୧୧ରୁ ୧୩ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ସକାଳ ୬ଟାରୁ ସନ୍ଧ୍ୟା ୬ଟା ଯାଏ ଡେବ୍ରିଗଡ଼ ଅଭୟାରଣ୍ୟରେ ଗୟଳ ଗଣନା ହୋଇଥିଲା। ଏଠାରେ ଠାବ ହୋଇଥିବା ମୋଟ ୭୮୮ଟି ଗୟଳଙ୍କ ମଧ୍ୟରୁ ୧୨୮ଟି ସଦ୍ୟ ଜନ୍ମିତ ୩ ମାସରୁ କମ୍ ଓ ୩୧୫ଟି ୨ ବର୍ଷରୁ କମ୍ ଶାବକ ରହିଛନ୍ତି। ବର୍ତ୍ତମାନ ୬୦ଟି ଗୋଠରେ ଭାଗ ହୋଇ ଗୟଳ ରହୁଛନ୍ତି। ୨୦୨୪ ନଭେମ୍ବର ୧୨ରୁ ୧୩ ତାରିଖ ମଧ୍ୟରେ ହୋଇଥିବା ଗଣନାରେ ଏଠାରେ ୫୨ଟି ଗୋଠରେ ୬୫୯ଟି ଗୟଳ


ଦେବ୍ରିଗଡ଼ ଅଭୟାରଣ୍ୟରେ ଗଣନା ସମୟରେ ଦେଖାଯାଇଥିବା ଗୟଳ।

ରହିଥିବା ଜଣାପଡ଼ିଥିଲା। ତେବେ ମାତ୍ର ୬ ମାସର ବ୍ୟବଧାନରେ ୧୨୯ ବୃଦ୍ଧି ଡେବ୍ରିଗଡ଼ ଅଭୟାରଣ୍ୟ ପାଇଁ ଏକ ଶୁଭ ସୂଚନା ବୋଲି ବନଖଣ୍ଡ ଅଧିକାରୀ ଦାସ କହିଛନ୍ତି।

ମୁଖ୍ୟତଃ ମଧ୍ୟଭାରତୀୟ ଅଞ୍ଚଳ ସହିତ ଅନ୍ୟ କେତେକ ଅଞ୍ଚଳ ଗ୍ରୀଷ୍ମଋତୁ ହିଁ ଗୟଳମାନଙ୍କ ପ୍ରଜନନ ପାଇଁ ଶୀର୍ଷ ସମୟ। ଏହାସହ ହୀରାକୁଦ ଜଳଭଣ୍ଡାରସ୍ଥିତ ଆର୍ଦ୍ରଭୂମି ଓ ଅନୁକୂଳ ନିରାପଦ ପରିବେଶ ଡେବ୍ରିଗଡ଼ ଅଭୟାରଣ୍ୟ ଗୟଳଙ୍କ ପ୍ରଜନନକୁ ପ୍ରୋତ୍ସାହିତ କରିଥାଏ। ଫଳରେ ବହୁ ଦୂରଦୂରାନ୍ତକୁ ଯିବାରେ ଅଭ୍ୟସ୍ତ ଗୟଳମାନେ ଏହିଠାରେ ହିଁ ଆବଦ୍ଧ ହୋଇ ରହିବା ଯୋଗୁ ଏଠାରେ ନିୟମିତ ଭାବେ ଗୟଳଙ୍କ ସଂଖ୍ୟା ବୃଦ୍ଧି ପାଉଛି। ତେଣୁ ଡେବ୍ରିଗଡ଼ ଅଭୟାରଣ୍ୟକୁ ଗୟଳଙ୍କ ଭୂମିରେ ନାମିତ କରାଯାଇଛି। ସେହିପରି ବର୍ତ୍ତମାନ ଗୟଳ ଏକ ଲୁପ୍ତପ୍ରାୟ ଅବସ୍ଥାରେ ଉପନୀତ ହୋଇ ସାରିଛି। ଗୟଳଙ୍କ ସଂରକ୍ଷଣ ଏକାନ୍ତ ଆବଶ୍ୟକ। ତେଣୁ ଚଳିତ ମୌସୁମୀ ଓ ଶୀତଋତୁରେ ଡେବ୍ରିଗଡ଼ ବନ ବିଭାଗ ପକ୍ଷରୁ ଗୟଳମାନଙ୍କ ବଂଶବୃଦ୍ଧିର ମାସିକିଆ ସମୀକ୍ଷା ଓ ବିଶ୍ଳେଷଣ କରାଯିବ ବୋଲି ବନଖଣ୍ଡ ଅଧିକାରୀ ଦାସ ସୂଚନା ଦେଇଛନ୍ତି।

# ୨୨ରେ ଗୃହରକ୍ଷୀ ପଦବୀ ନିମନ୍ତେ ଲିଖିତ ପରୀକ୍ଷା

କଟକ,୬।୬(କାର୍ତ୍ତିକ ସାହୁ)

କଟକ ଜିଲାରେ ଖାଲି ପଡ଼ିଥିବା ମୋଟ ୨୧୨ଟି ଗୃହରକ୍ଷୀ ପଦବୀ ନିମନ୍ତେ ଲିଖିତ ପରୀକ୍ଷା ଜୁନ ୨୨ରେ ଅନୁଷ୍ଠିତ ହେବ। କଟକ ଜିଲାର ବିଭିନ୍ନ ଉପଖଣ୍ଡରେ ଅନୁଷ୍ଠିତ ହେବାକୁ ଥିବା ଏହି ପରୀକ୍ଷା ପାଇଁ ଆଡମିଟ କାର୍ଡ (ପ୍ରବେଶ ପତ୍ର) ପ୍ରାର୍ଥୀମାନେ ଆବେଦନ କରିଥିବା ନିଜର ଥାନା ଅଞ୍ଚଳରେ ଉପଲବ୍ଧ ହେବ। ବୈଧ ଆବେଦନପତ୍ରଗୁଡ଼ିକର ଆବେଦନକାରୀମାନଙ୍କୁ ପରୀକ୍ଷାକେନ୍ଦ୍ରରେ ପ୍ରବେଶ ନିମନ୍ତେ ପ୍ରବେଶ ପତ୍ର ଆସନ୍ତା ୧୭ରୁ ୨୦ ତାରିଖ ମଧ୍ୟରେ ଥାନାଗୁଡ଼ିକରେ ପ୍ରଦାନ କରାଯିବ। ପ୍ରବେଶ ପତ୍ର ନେବା ସମୟରେ ପ୍ରାର୍ଥୀମାନେ ନିଜ ପରିଚୟ ପ୍ରମାଣ ପତ୍ର (ଆଧାର କାର୍ଡର ନକଲ) ଏବଂ ପାସପୋର୍ଟ ସାଇଜ ଫଟୋ ଦାଖଲ କରିବା ବାଧ୍ୟତାମୂଳକ। ଅବୈଧ ଆବେଦନପତ୍ରଗୁଡ଼ିକର ତାଲିକା ନିଜର ଥାନା ତଥା ସମାଦେଷ୍ଟା ଗୃହରକ୍ଷୀ କାର୍ଯ୍ୟାଳୟ ବକ୍ସିବଜାର, କଟକ, ରିଜର୍ଭଲାଇନ୍ ଫଳକ ଏବଂ କାନ୍ଥରେ ପ୍ରକାଶ କରାଯାଇଛି। ପରୀକ୍ଷା କେନ୍ଦ୍ର ଓ ସମୟ ସମ୍ପର୍କରେ ପ୍ରାର୍ଥୀମାନଙ୍କ ଆଡ୍‌ମିଟ କାର୍ଡରେ ଉଲ୍ଲେଖ ରହିବ। ସୂଚନାଯୋଗ୍ୟ, ଗୃହରକ୍ଷୀ ସେବା ସ୍ଥାୟୀ ଚାକିରି ନୁହେଁ। ଏହା ଏକ ସ୍ୱେଚ୍ଛାକୃତ ସେବା ଏବଂ ଏହାର ଅବଧି ୩ବର୍ଷ ସମୟସୀମା ମଧ୍ୟରେ ସୀମିତ।

# କଳାହାଣ୍ଡି ଡେପୁଟି କଲେକ୍ଟର ନିଲମ୍ବିତ

### ହେରଫେର ଅଭିଯୋଗ


ଚିତ୍ତରଞ୍ଜନ ପିଲ୍ଲା

ଭୁବନେଶ୍ୱର/ଭବାନୀପାଟଣା,୬।୬ (ରବିନାରାୟଣ ଜେନା/ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଡେପୁଟି କଲେକ୍ଟର ଚିତ୍ତରଞ୍ଜନ ପିଲ୍ଲାଙ୍କୁ ଶୁକ୍ରବାର ରାଜ୍ୟ ସରକାର ନିଲମ୍ବନ କରିଛନ୍ତି। ଏସଂକ୍ରାନ୍ତରେ ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡି. କେ. ସିଂହ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ନିର୍ଦ୍ଦେଶନାମା ଅନୁଯାୟୀ, ଚାକିରି ସର୍ତ୍ତାବଳୀ ନିୟମ-୧୯୬୨ ଅନୁଯାୟୀ, ଭୁବନେଶ୍ୱରର ପୂର୍ବତନ ଅତିରିକ୍ତ ତହସିଲଦାର ତଥା କଳାହାଣ୍ଡି ଜିଲାପାଳ କାର୍ଯ୍ୟାଳୟର ଡେପୁଟି କଲେକ୍ଟର ଚିତ୍ତରଞ୍ଜନ ପିଲ୍ଲାଙ୍କୁ ନିଲମ୍ବନ କରାଗଲା। ଏହି ନିଲମ୍ବନ ଅବଧି ମଧ୍ୟରେ କଳାହାଣ୍ଡି ଜିଲାପାଳଙ୍କ କାର୍ଯ୍ୟାଳୟକୁ ତାଙ୍କର ମୁଖ୍ୟାଳୟ ଭାବେ ସ୍ଥିର କରାଗଲା। ସରକାରଙ୍କ ବିନା ଅନୁମତିରେ ସେ ମୁଖ୍ୟାଳୟ ଛାଡି ପାରିବେ ନାହିଁ ବୋଲି ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟଶାସନ ସଚିବ ଦର୍ଶାଇଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ୨୦୨୦ରୁ ୨୦୨୨ ମଧ୍ୟରେ ଚିତ୍ତରଞ୍ଜନ ପିଲ୍ଲା ଭୁବନେଶ୍ୱରରେ ଅତିରିକ୍ତ ତହସିଲଦାର ଥିବା ସମୟରେ ବଡ଼ଧରଣର ହେରଫେର କରିଥିବା ନେଇ ଅଭିଯୋଗ ରହିଥିଲା। ସରକାରୀ ଜମିକୁ ମ୍ୟୁଟେସନ, ଲିଜ୍ ଜମିକୁ କିସମ ପରିବର୍ତ୍ତନ, ନିଜେ ରିଜେକ୍ଟ କରିଥିବା କେସକୁ ରିଓପନ କରି ମ୍ୟୁଟେସନ କରିଥିବା ନେଇ ତାଙ୍କ ବିରୋଧରେ ଅଭିଯୋଗ ହୋଇଥିଲା। ଜମି ହେରଫେରକୁ ନେଇ ଇଓଡବ୍ଲ୍ୟୁରେ ମଧ୍ୟ ମାମଲା ରହିଛି। ଏସବୁକୁ କେନ୍ଦ୍ର କରି ରାଜ୍ୟ ସରକାର ତାଙ୍କୁ ନିଲମ୍ବନ କରିଥିବା ଚର୍ଚ୍ଚା ହେଉଛି।

# ଯୋଗାଣ ମନ୍ତ୍ରୀଙ୍କ ଗାଡ଼ି ଦୁର୍ଘଟଣାଗ୍ରସ୍ତ

### ଦୁର୍ଘଟଣାରୁ ବର୍ତ୍ତିଗଲେ ମନ୍ତ୍ରୀ

ବାରଙ୍ଗ,୬।୬(ଲିଙ୍ଗରାଜ ରାଉତ)

ବାରଙ୍ଗ ଥାନା ଅଧୀନ ଷଣ୍ଢପୁର ବଜାର ନିକଟରେ ଶୁକ୍ରବାର ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଗାଡ଼ି ସହିତ ଏକ କଂକ୍ରିଟ୍ ମିକ୍ସର ଗାଡ଼ି ଧକ୍କା ହୋଇଛି। ସୌଭାଗ୍ୟବଶତଃ ମନ୍ତ୍ରୀ ଦୁର୍ଘଟଣାରୁ ବର୍ତ୍ତିଯାଇଛନ୍ତି।

ପ୍ରକାଶ ଯେ, ସକାଳ ୯ଟାରେ ଖାଦ୍ୟ ଯୋଗାଣ ମନ୍ତ୍ରୀ ପାତ୍ର ନିଜ ନିର୍ବାଚନମଣ୍ଡଳୀ ଢେଙ୍କାନାଳରୁ କାର୍ (ଓଡି ୦୨ ସିୱାଇ ୫୫୫୫) ଯୋଗେ କାର୍‌କେଡ ନେଇ ଭାୟା ଆଠଗଡ଼ରୁ ଭୁବନେଶ୍ୱର ଅଭିମୁଖେ ଆସୁଥିଲେ। ବାରଙ୍ଗ ଥାନା ଅଧୀନ ଷଣ୍ଢପୁର ଛକ ନିକଟରେ ପହଞ୍ଚିଥିବାବେଳେ ବିପରୀତ ଦିଗରୁ ଆସୁଥିବା ଏକ କଂକ୍ରିଟ୍ ମିକ୍ସର ଗାଡ଼ି (୦୨ ବିୟାଇ ୦୦୩୯) ତାଙ୍କ ଗାଡ଼ିକୁ ମୁହାଁମୁହିଁ ଧକ୍କା ଦେଇଥିଲା। ଫଳରେ ମନ୍ତ୍ରୀଙ୍କ ଗାଡ଼ିର ଡାହାଣ ପାର୍ଶ୍ୱ ଭାଙ୍ଗି ଯାଇଥିବା ଦେଖିବାକୁ ମିଳିଛି। ଖବରପାଇ ବାରଙ୍ଗ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି କଂକ୍ରିଟ୍ ମିକ୍ସର ଗାଡ଼ିକୁ ଜବତ କରି ଥାନାକୁ ଆଣି ତଦନ୍ତ କରୁଥିବାବେଳେ ମନ୍ତ୍ରୀ ଅନ୍ୟ ଏକ ଘରୋଇ ଗାଡ଼ିରେ ଭୁବନେଶ୍ୱର ଫେରିଥିବା ଜଣାପଡ଼ିଛି।

# ମାମୁଙ୍କ ସହ ୨ ଭାଣିଜୀଙ୍କ ମୃତ୍ୟୁ

### ବୁଲେଟ୍‌କୁ ଧକ୍କା ଦେଲା ଟ୍ୟାଙ୍କର


ବର୍ଷା ରେଡ୍ଡୀ


ରୁଦ୍ରିକା ରେଡ୍ଡୀ


ତ୍ରିନାଥ ରେଡ୍ଡୀ

ଦିଗପହଣ୍ଡି,୬।୬(ଅଶେଷନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି - ବ୍ରହ୍ମପୁର ୧୭ ନଂ ରାଜ୍ୟ ରାଜପଥରେ ଶୁକ୍ରବାର ଅପରାହ୍ନ ପ୍ରାୟ ୪ଟାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ବୁଲେଟ୍‌କୁ ତେଲ ଟ୍ୟାଙ୍କର ଧକ୍କା ଦେବାରୁ ୩ ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ଦିଗପହଣ୍ଡି ବ୍ଲକ ଗୋକର୍ଣ୍ଣପୁର ପଞ୍ଚାୟତ ଦକ୍ଷିଣପୁର ଗ୍ରାମର ଜି.ତ୍ରିନାଥ ରେଡ୍ଡୀ(୩୬) ଓ ତାଙ୍କର ଦୁଇ ଭାଣିଜୀ ବ୍ରହ୍ମପୁର ସଦର ଥାନା ଗୌତମୀ ଗ୍ରାମର ବର୍ଷା ରେଡ୍ଡୀ(୧୬) ଏବଂ କବିସୂର୍ଯ୍ୟନଗର ଥାନା ପଥରା ଗ୍ରାମର ରୁଦ୍ରିକା ରେଡ୍ଡୀ (୫)।

ସୂଚନା ଅନୁଯାୟୀ, ବର୍ଷା ଓ ରୁଦ୍ରିକା ସେମାନଙ୍କ ପରିବାର ଲୋକଙ୍କ ସହ ମାମୁଘର ଗାଁ ଦକ୍ଷିଣପୁରକୁ ଏକ ଭୋଜିକୁ ଆସିଥିଲେ। ମାମୁ ତ୍ରିନାଥ ଭାଣିଜୀମାନଙ୍କ ନୂଆ ଡ୍ରେସ କିଣିବା ପାଇଁ ସେମାନଙ୍କୁ ବୁଲେଟ୍ (ନଂ. ଓଡ଼ି୦୭ ଏୱାଇ ୫୭୦୯)ରେ ବସାଇ ଦିଗପହଣ୍ଡି ଆସୁଥିଲେ। ସହର ଉପକଣ୍ଠ ରାଜପଥରେ ବୁଲେଟକୁ ଗଜପତି ଜିଲା ମୋହନାରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ତେଲ ଟ୍ୟାଙ୍କର (ନଂ. ଓଆର ୦୫ ଏଟି ୫୭୪୫) ଧକ୍କା ଦେଇଥିଲା। ଏଥିରେ ଗାଡ଼ିରୁ ଛିଟିକି ପଡି ମାମୁ ଓ ୨ ଭାଣିଜୀ ଗୁରୁତର ହୋଇଥିଲେ। ବୁଲେଟ୍ ଚୂରମାର ହୋଇ ରାସ୍ତାରେ ପଡି ରହିଥିଲା। ଏହି ସମୟରେ ବାଇକ୍ (ନଂ. ଓଡ଼ି୦୭ ଜେଡ -୮୧୫୬)ରେ ଫେରୁଥିବା ଗଜପତି ଜିଲା ମୋହନା ଥାନା ଡେଙ୍ଗମା ଗ୍ରାମର ଭାସ୍କର ବିଷୋୟୀ(୫୨) ଦୁର୍ଘଟଣାଗ୍ରସ୍ତ ବୁଲେଟରେ ଧକ୍କା ହେବାରୁ ସେ ମଧ୍ୟ କଚାଡ଼ି ହୋଇ ପଡ଼ିଯାଇ ଗୁରୁତର ହୋଇଥିଲେ। ଖବରପାଇ ଦିଗପହଣ୍ଡି ଥାନା ଭାରପ୍ରାପ୍ତ ଆଇଆଇସି ତଥା ଡିଏସ୍‌ପି ପ୍ରଶାନ୍ତ କୁମାର ପାତ୍ର ସଦଳବଳ ଦୁର୍ଘଟଣାସ୍ଥଳରେ ପହଞ୍ଚିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ସମସ୍ତ ଆହତଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ତ୍ରିନାଥ ଓ ତାଙ୍କ ୨ ଭାଣିଜୀଙ୍କୁ ଡାକ୍ତର ମୃତ ଘୋଷଣା କରିଥଲେ। ଭାସ୍କରଙ୍କୁ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ଦୁର୍ଘଟଣା ଘଟାଇଥିବା ଟ୍ୟାଙ୍କର ସହ ବୁଲେଟ ଓ ବାଇକ୍ ଜବତ କରିଛି। ୩ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଯାଇଛି।

# ଚାପିହୋଇ ଡ୍ରାଇଭର ମୃତ, ଜଣେ ଗୁରୁତର

### କୋଇଲା ଟ୍ରକ୍-ବାଲିବୋଝେଇ ଡମ୍ଫର ଧକ୍କା



ବାସୁଦେବପୁର, ୬।୬ (ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର-ଜାମୁଝାଡ଼ି ରାସ୍ତାର ମଖଲପୁର ଛକ ନିକଟରେ ଶୁକ୍ରବାର ଅପରାହ୍ନରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ କୋଇଲା ବୋଝେଇ ଟ୍ରକ୍ ଓ ବାଲି ଡମ୍ଫର ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଚାପିହୋଇ ଜଣେ ଡ୍ରାଇଭରଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ବାଲିବୋଝେଇ ଡମ୍ଫର ଡ୍ରାଇଭର ବାସୁଦେବପୁର ବ୍ଲକ ଅଧୀନ ରାଜଘରପୋଖରୀ ଗ୍ରାମର ଗୌରାଙ୍ଗ ସୂତାର(୩୫)। କୋଇଲା ବୋଝେଇ ଟ୍ରକ୍ ଡ୍ରାଇଭର ଧାମରା ଗ୍ରାମର ଜିତୁ ଦାସ(୩୨) ଗୁରୁତର ହୋଇଛନ୍ତି। ତାଙ୍କୁ ବାସୁଦେବପୁର ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

ସୂଚନା ଅନୁଯାୟୀ, କୋଇଲା ବୋଝେଇ ଟ୍ରକ୍‌ଟି ଧାମରାଆଡ଼ୁ ଆସୁଥିବା ବେଳେ ମଖଲପୁର ଛକ ନିକଟରେ ବିପରୀତ ଦିଗରୁ ଯାଉଥିବା ବାଲିବୋଝେଇ ଡମ୍ଫର ସହ ମୁହାଁମୁହିଁ ହୋଇଥିଲା। ଫଳରେ ୨ ଡ୍ରାଇଭର ଗାଡ଼ିତଳେ ଚାପିହୋଇ ରହିଯାଇଥିଲେ। ଅଗ୍ନିଶମ ବାହିନୀ, ପୋଲିସ ଓ ସ୍ଥାନୀୟ ଲୋକଙ୍କ ଉଦ୍ୟମରେ ୨ ଘଣ୍ଟା ପରେ ଦୁଇ ଡ୍ରାଇଭରଙ୍କୁ ଉଦ୍ଧାର କରାଯାଇଥିଲା। ଡମ୍ଫର ଡ୍ରାଇଭର ଗୌରାଙ୍ଗଙ୍କ ମୃତ୍ୟୁ ଘଟିଥିବା ବେଳେ ମୃତଦେହ ବ୍ୟବଚ୍ଛେଦ ପାଇଁ ବାସୁଦେବପୁର ଡାକ୍ତରଖାନାକୁ ପଠାଯାଇଥିଲା। ଦୁର୍ଘଟଣା ପାଇଁ ଅପରାହ୍ନ ୪ଟାରୁ ବାସୁଦେବପୁର-ଧାମରା ରାସ୍ତାରେ ଯାତାୟାତ ଠପ୍ ହୋଇଥିଲା। ପ୍ରକାଶଥାଉ କି, ୩ ଦିନ ତଳେ ଦୁଇଟି ଟ୍ରକ୍ ପାରାପୋଖରୀ ଛକଠାରେ ମୁହାଁମୁହିଁ ହେବା ଫଳରେ ଜଣେ ଡ୍ରାଇଭରଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟ ଜଣେ ଡ୍ରାଇଭର ଗୁରୁତର ହୋଇଥିଲେ।



# ପୁନଶ୍ଚ ଜାଲିଆତି



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ବାବୁ ପରିସରରେ ଗୋଟିଏ ପରେ ଗୋଟିଏ ଜାଲିଆତି ଘଟଣା ସାମ୍ନାକୁ ଆସିବାରେ ଲାଗିଛି। ଏଥର ୧୫ ଜଣ ସିଭିଲ ସର୍ଭାଣ୍ଟଙ୍କ ବିରୋଧରେ ଏଭଳି ଅଭିଯୋଗ ଆସିଛି। ସେମାନେ ନକଲି ଉପାୟରେ ସଂରକ୍ଷଣ ଦାବିକରି ଆଇଏଏସ୍, ଆଇପିଏସ୍ ଓ ଆଇଆରଏସ୍ ପଦବୀ ପାଇଥିବା ବିଷୟ ଏବେ ତଦନ୍ତ ପରିସରଭୁକ୍ତ ହୋଇଛି। ଏଭଳି ଜାଲିଆତି ଉପରେ ଲଗାତାର ଅଭିଯୋଗ ଆସିବା ପରେ ଶେଷରେ କାର୍ମିକ ଓ ପ୍ରଶିକ୍ଷଣ ବିଭାଗ(ଡିଓପିଟି)ତଦନ୍ତ ଆରମ୍ଭ କରିଛି। ଆରଟିଆଇ ଆକ୍ଟିଭିଷ୍ଟ ବିଜୟ କୁମାର ଅନେକ ଅଭିଯୋଗ କରିଥିଲେ ଏବଂ ଏଥିରେ ଭୁଲ ଜାତି, ଇଡବ୍ଲ୍ୟୁଏସ୍ ଓ ଦିବ୍ୟାଙ୍ଗ ପ୍ରମାଣପତ୍ର ଦିଆଯାଇଥିବା ଦର୍ଶାଯାଇଥିଲା। କେତେକ ଅଧିକାରୀ ପିଡବ୍ଲ୍ୟୁବିଡି (ନିର୍ଦ୍ଦିଷ୍ଟ ସ୍ତରର ଦିବ୍ୟାଙ୍ଗ ସ୍ଥିତି)ର ଭୁଲ ପ୍ରମାଣ ପତ୍ର ଦେଇଥିବାବେଳେ ଅନ୍ୟମାନେ ତପସିଲଭୁକ୍ତ ଜାତି, ଜନଜାତି କିମ୍ବା ପଛୁଆବର୍ଗ ପ୍ରମାଣପତ୍ର ଦେଇ ୟୁପିଏସ୍‌ସିରେ ସଫଳ ହେବା ଲାଗି ବେଆଇନ ପନ୍ଥା ଧରିଥିଲେ ବୋଲି ସନ୍ଦେହ କରାଯାଉଛି। କେବଳ ଏହି ଘଟଣା ନୁହେଁ, ମହାରାଷ୍ଟ୍ର କ୍ୟାଡରର ପୂଜା ଖେଡ୍‌କରଙ୍କ ମାମଲା ପାଠକଙ୍କର ମନେଥିବ। ସେ ୟୁପିଏସ୍‌ସିରେ ସଫଳ ହେବା ପାଇଁ ଜାତି ଓ ଦିବ୍ୟାଙ୍ଗ ପ୍ରମାଣପତ୍ର ଜାଲିଆତି କରିଥିଲେ। ଯଦି ୟୁପିଏସ୍‌ସି ଓ ରାଜ୍ୟ ସରକାର ନିଯୁକ୍ତି ପୂର୍ବରୁ ଠିକ୍ ଭାବେ ପ୍ରମାଣପତ୍ର ଯାଞ୍ଚ କରିବେ ନାହିଁ, ତେବେ ଯୋଗ୍ୟତା ମାନକ ଦର୍ଶାଇବା ମାନେ କ'ଣ? କାର୍ଯ୍ୟ କ୍ଷେତ୍ରରେ ସମାନତା ଆଣିବା ହେଉଛି ସଂରକ୍ଷଣର ଲକ୍ଷ୍ୟ, କିନ୍ତୁ ପଛଦ୍ୱାର ଦେଇ ଜାଲିଆତି କରି ଚାକିରିରେ ପ୍ରବେଶ କରିବା ପାଇଁ ନୁହେଁ। ଜାଲିଆତି କରି ଯଦି ସିଭିଲ ସର୍ଭିସରେ ପ୍ରବେଶ କରନ୍ତି ତେବେ ବ୍ୟବସ୍ଥା ଉପରେ ଥିବା ନାଗରିକ ତଥା ବଞ୍ଚିତ ଆଶାୟୀଙ୍କ ବିଶ୍ୱାସ ଧୂଳିସାତ ହୋଇଯିବ। ସ୍ୱଚ୍ଛତା, ଠିକ୍ ସମୟରେ ଯାଞ୍ଚ ଓ ଗମ୍ଭୀର ସଚେତନତା ନିହାତି ଦରକାର। ଯଦି ଶୀର୍ଷକୁ ଯାଉଥିବା ବ୍ୟକ୍ତି ବ୍ୟବସ୍ଥାରେ ହେରଫେର କରିପାରୁଛନ୍ତି, ତେବେ ଆମମାନଙ୍କଠାରୁ କ'ଣ ଆଶା କରାଯାଇପାରେ।

### ସ୍ଥାୟିତ୍ୱକୁ ଭୁଲିଯାଅ

ଉତ୍ତର ପ୍ରଦେଶରେ ପୋଲିସ ମୁଖ୍ୟ ହେବା ଅର୍ଥ କ୍ୟାରିୟରର ଶୀର୍ଷ ସଫଳତା ପାଇବାର ଗୁରୁତ୍ୱ କମ୍ ମନେ ହୁଏ ବରଂ ଅଧିକ ଅସ୍ଥିର ଭଳି ବିଶେଷକରି କାର୍ଯ୍ୟନିର୍ବାହୀ ଭୂମିକା ବୋଲି ଜଣାପଡ଼େ। ନିକଟରେ ଉତ୍ତରପ୍ରଦେଶ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଭାବେ ୧୯୯୧ ବ୍ୟାଚ୍‌ର ଆଇପିଏସ୍ ଅଧିକାରୀ ରାଜୀବ କୃଷ୍ଣ ନିଯୁକ୍ତ ହୋଇଛନ୍ତି। ପ୍ରଶାନ୍ତ କୁମାର ଡିଜିପି ପଦବୀରୁ ମେ ୩୧ରେ ଅବସର ନେବା ପରେ ତାଙ୍କ ସ୍ଥାନରେ କୃଷ୍ଣଙ୍କୁ ଅସ୍ଥାୟୀ ଭାବେ ନିଯୁକ୍ତ କରାଯାଇଛି। କୁମାର ତାଙ୍କ ଲମ୍ବା କାର୍ଯ୍ୟକାଳ ମଧ୍ୟରେ ସାହସିକ କାର୍ଯ୍ୟ ପାଇଁ ଅନେକ ପଦକ ଏବଂ ୩୦୦ରୁ ଅଧିକ ଏନ୍‌କାଉଣ୍ଟର ସହ ଜଡ଼ିତ ଥିବା ଜଣାପଡ଼ିଛି। ତେବେ ଅବସର ପୂର୍ବରୁ ଅନେକ ସପ୍ତାହ ଧରି କୁମାରଙ୍କ କାର୍ଯ୍ୟକାଳ ବୃଦ୍ଧିକୁ ନେଇ କଳ୍ପନାଜଳ୍ପନା ଲାଗି ରହିଥିଲେ ମଧ୍ୟ ସରକାର ନୀରବ ରହିଥିଲେ ଓ କୌଣସି ନିଯୁକ୍ତି ତାଲିକା ୟୁପିଏସ୍‌ସିକୁ ପଠାଯାଇ ନ ଥିଲା। ବ୍ୟବସ୍ଥାର ନିୟମ ଅନୁଯାୟୀ କୌଣସି ଚୟନ କମିଟି ଗଢ଼ାଯାଇ ନାହିଁ। କେବଳ ନୀରବତା ପରେ ଦାୟିତ୍ୱ ହସ୍ତାନ୍ତର ହୋଇଛି। ୨୦୨୨ ପରଠାରୁ କୃଷ୍ଣ ପଞ୍ଚମ କାର୍ଯ୍ୟନିର୍ବାହୀ ଡିଜିପି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏକଥା ଭୁଲି ଯାଆନ୍ତୁ ନି ଯେ, ଡିଜିପି ଚୟନ ପାଇଁ ସୁପ୍ରିମକୋର୍ଟ ସ୍ପଷ୍ଟ ମାନକ ନିର୍ଦ୍ଧାରଣ କରିଛନ୍ତି, ତାହା ହେଉଛି ସ୍ୱଚ୍ଛତା, ଯୋଗ୍ୟତା ଓ ଉପଯୁକ୍ତ ପ୍ରକ୍ରିୟା। ହେଲେ ଉତ୍ତରପ୍ରଦେଶରେ ଏହିସବୁ ନିୟମ ମାର୍ଗଦର୍ଶନ ଭଳି ମନେହେଉଛି। ଜଣେ କାର୍ଯ୍ୟନିର୍ବାହୀ ଡିଜିପି ସ୍ଥାୟୀ ହୋଇପାରୁ ନାହାନ୍ତି। ଏଣୁ ସ୍ଥାୟିତ୍ୱକୁ ଭୁଲିଯାଅ।

### ବିଫଳ ପଦକ୍ଷେପ

ହରିୟାଣାରେ ୨୭ ଜଣ ରାଜ୍ୟ ସିଭିଲ ସର୍ଭିସ ଅଧିକାରୀଙ୍କୁ ଆଇଏଏସ୍ ପଦବୀକୁ ପଦୋନ୍ନତି ଦେବା ଲାଗି ନିଆଯାଇଥିବା ପଦକ୍ଷେପ ଯୋଜନା ଅନୁସାରେ ସଫଳ ହେଲା ନାହିଁ। ଏଥିରେ ୟୁପିଏସ୍‌ସି ପକ୍ଷରୁ ବାଧା ଆସିଛି। ତେବେ ରାଜ୍ୟରେ ଆଇଏଏସ୍ ଅଧିକାରୀଙ୍କ ଅଭାବ ରହିଥିବାବେଳେ ଏଭଳି ପଦକ୍ଷେପର ସମୟ ଖରାପ ହୋଇ ନ ପାରେ। ସମସ୍ୟାର କେନ୍ଦ୍ର ହେଉଛି, ପଦୋନ୍ନତି ପାଇଁ ପ୍ରସ୍ତୁତ କରାଯାଇଥିବା ଶର୍ଟଲିଷ୍ଟରେ ଅତି କମ୍‌ରେ ୮ ଜଣ ଅଧିକାରୀଙ୍କ ବିରୋଧରେ ଆପରାଧିକ ଅଭିଯୋଗ ରହିଛି। ଏମାନଙ୍କ ବିରୋଧରେ କୋର୍ଟରେ ସମ୍ପୂର୍ଣ୍ଣ ଅଭିଯୋଗପତ୍ର ଦାଖଲ ହୋଇଛି। ତଥାପି ରାଜ୍ୟ ସରକାର ଏହି ଘଟଣାକୁ ଆଢୁଆଳରେ ରଖି ଯୁକ୍ତି କରୁଛନ୍ତି ଯେ, ଅପରାଧ ଦଣ୍ଡ ସଂହିତାର ଧାରା ୧୭୩ ଅନୁଯାୟୀ ଏକ ଅଭିଯୋଗ ପତ୍ରକୁ ବୃତ୍ତାନ୍ତ ରିପୋର୍ଟ ଭାବେ ଗଣାଯାଏ ନାହିଁ। ଏଣୁ ଜଣଙ୍କୁ ପଦୋନ୍ନତିରୁ ବାଦ୍ ଦିଆଯିବା ପାଇଁ ଆପରାଧିକ ଅଭିଯୋଗ ଯଥେଷ୍ଟ ନୁହେଁ। ସରକାରଙ୍କର ଏହା ଏକ ସୁନ୍ଦର ପ୍ରଚେଷ୍ଟା, କିନ୍ତୁ ୟୁପିଏସ୍‌ସି ବୁଝିଲା ନାହିଁ କି ଗ୍ରହଣ କଲା ନାହିଁ। ୟୁପିଏସ୍‌ସି ସରକାରଙ୍କ ଯୁକ୍ତି ଆଇନଗତ ଦୃଷ୍ଟିରୁ ଗ୍ରହଣଯୋଗ୍ୟ ନୁହେଁ ବୋଲି କହି ପୂରା ତାଲିକାକୁ ଫେରାଇ ଦେଇ ଏକ ସ୍ୱଚ୍ଛ ଲିଷ୍ଟ ପଠାଇବାକୁ କହିଲା। ଦୁର୍ଭାଗ୍ୟବଶତଃ, ଯେଉଁ ଅଧିକାରୀଙ୍କ ବିରୋଧରେ କୌଣସି ମାମଲା ନାହିଁ ସେମାନେ ବି ଅନିଶ୍ଚିତତା ମଧ୍ୟରେ ରହିଲେ। ଏହି ଘଟଣା ମଧ୍ୟ ହରିୟାଣା ଆଇଏଏସ୍‌ର ମୁଖ୍ୟବିଷୟର କାରଣ ପାଲଟିଛି। କାରଣ ରାଜ୍ୟରେ ୨୧୫ ଆଇଏଏସ୍ ଦରକାର , କିନ୍ତୁ ଏବେ ଅଛନ୍ତି ୧୭୦। ଏଭଳି ବଡ଼ ଅଭାବକୁ ଅସ୍ପଷ୍ଟ ଚୟନ କିମ୍ବା ଅଧୁରା ଆଇନଗତ ଯୁକ୍ତି ମାଧ୍ୟମରେ ପୂରଣ କରାଯାଇପାରିବ ନାହିଁ। ଏହା ସ୍ପଷ୍ଟ ଯେ, ୟୁପିଏସ୍‌ସି ଏଥିରେ ସମସ୍ୟା ଥିବା ଅନୁଭବ କରୁଥିବାବେଳେ ଏହାକୁ ସହଜରେ ଛାଡ଼ିଦେବା ମୁଡ୍‌ରେ ନାହିଁ।

Email: dilipcherian@gmail.com

# ଆମ ବଞ୍ଚିବାର ବର୍ଣ୍ଣବୋଧ



ବ୍ରଜମୋହନ ମିଶ୍ର

ଏ ସଂସାର କେବଳ ବିରାଟ ନୁହେଁ, ଏହା ସୁନ୍ଦର ପୁଣି ଆନନ୍ଦମୟ। ଏହା ପ୍ରକାଶ କରି ଭକ୍ତକବି ମଧୁସୂଦନ ଆମ ଆଖି ଖୋଲିଦେବା ସହ ହୃଦୟ ଭେଦିଛନ୍ତି। ବିରାଟତା ସହ ସୌନ୍ଦର୍ଯ୍ୟ ଓ ଆନନ୍ଦ ଏତେ କୋଳାକୋଳି ହୋଇଯାଇଛନ୍ତି ଯେ, ଗୋଟାକଠାରୁ ଆରଟିକୁ ଅଲଗା ଦେଖିହେବ ନାହିଁ କି ଅନୁଭବ କରିହେବ ନାହିଁ। ଏ ତିନି ପ୍ରସ୍ତ ସମସ୍ତଙ୍କ ସମକ୍ଷରେ ବେଶ୍ ଖୋଲାମେଲା। ପୁଣି ଏଗୁଡ଼ିକୁ ନେଇ ସମସ୍ତେ ନିବିଡ଼ ବଞ୍ଚିଛନ୍ତି। ଏଗୁଡ଼ିକ ସମସ୍ତଙ୍କ ଜୀବନ ଧାରଣର ପୋଷଣ ଓ ଭୂଚେ କ୍ରିୟା ସମ୍ପାଦନ କରୁଛନ୍ତି ନିଃଶବ୍ଦରେ ଓ ନିର୍ବିଶେଷରେ। ଯେଉଁଠି ଘଞ୍ଚ ବନରାଜି ମାଇଲ ମାଇଲଧରି ଲମ୍ବିଯାଇଛି ସେଇଠି କେଉଁ ଜାଗାରେ ହୁଏତ କୁଳୁକୁଳୁ କରି ଝରଣାଟିଏ ବହିଯାଉଛି ତ କେଉଁଠି ଗଛର ଗଛ ଉପରେ ଚଢ଼େଇମାନେ ବସି କିଚିରିମିଚିରି କରୁଛନ୍ତି। ଏହା ଏକାଧାରରେ ସୁନ୍ଦର, ତେଣୁ ଆନନ୍ଦଦାୟୀ। ଆନନ୍ଦାଳୟ ସୌନ୍ଦର୍ଯ୍ୟ ସହ ବିରାଟତାର ଏଇ ନିବିଡ଼ ସମ୍ପର୍କ ଆମମାନଙ୍କ ବିସ୍ମିତ, ବିହ୍ୱଳିତ ଓ ବିଗଳିତ ତଥା ବିଗଳିତ କରେ। ସେହି ଶକ୍ତି ସେମାନଙ୍କ ପାଖରେ ନିତ୍ୟ ବିଦ୍ୟମାନ ଥିଲେ ସୁଦ୍ଧା ଆମେ ବୁଦ୍ଧିମାନ୍ ମଣିଷମାନେ ସେ ଦିଗରେ କେବେ ଆଗ୍ରହୀ ହୋଇ ନ ଥାଉ। ଜୀବନ ସଂଗ୍ରାମ ଗର୍ଭରେ ଆମେ ଚେତାଶୂନ୍ୟ ହୋଇ ଏଡ଼େ ଜୋରରେ ଆମର ଖଣ୍ଡଚିତ୍ତମାନ ଭୁଲାଇ ଯେ, ଆଉ କିଛିକୁ ମନ ନ କରୁନାହୁଁ। ହେଲେ ଜୀବନ ସଂଗ୍ରାମ ଭିତରକୁ ତ ଆମେ କେବେ ପଶୁନା। ସବରେ ଜୀବନ ପାଇଁ ସଂଗ୍ରାମ ଓ ବାହାର ସଂଗ୍ରାମ। ଭିତର ସଂଗ୍ରାମ ବାହାର ସଂଗ୍ରାମ ଅପେକ୍ଷା ଅଧିକ ଶକ୍ତିଶାଳୀ, ଅଧିକ ଏକନିଷ୍ଠ, ଅଧିକ ଶ୍ରେୟମୟ ହେବା କଥା। ସେଇ ସଂଗ୍ରାମ କରିବାକୁ ହେଲେ ଆବଶ୍ୟକ ତା' ପ୍ରତି ଯଥେଷ୍ଟ ପରିଚିତ ହେବା ଆବଶ୍ୟକ।

ବାହାର ଓ ଭିତର – ଏ ଦୁଇଟି ଅଲଗା ପୁଣି ଅଭିନ୍ନ। ଅଲଗା ଏଇଥିପାଇଁ ଯେ 'ବାହାର' ଆଖିକୁ ଦେଖାଯାଏ, 'ଭିତର'ଟି ନୁହେଁ। ଦେଖା ନ ଯାଉଛି ବୋଲି ତାହାକୁ ଆମେ ଅସ୍ୱୀକାର କରିବା ଠିକ୍ ନୁହେଁ। ମୋତେ ନିର୍ଜନରେ ଅଂଶଗ୍ରହଣ କରି ଜିତିବାକୁ ହେବ। ଏ ବାହାର କଥା– ଏହା ପ୍ରତ୍ୟକ୍ଷ। ସେଥିପାଇଁ ମୁଁ କେତେମାତ୍ରେ ସକ୍ରିୟ, ସଜାଗ ଓ ସଜଗ୍ର। ସେହିପରି ମୋତେ ଏ ସଂସାରରେ 'ପରାଜିତ ଜୀବନ' ଧାରଣ କରିବାକୁ ହେବ। ତା' ନ ହେଲେ ମୋର ଏ ସଂସାର ସହ ଆତ୍ମୀୟତା ଆସିବ ନାହିଁ। କାରଣ ସଂସାରରେ ଥାଇ ମଧ ମୁଁ ସଂସାରର ହୋଇ ନ ଥିବି। ସଂସାରର ହେବାକୁ ମୁଁ ସଂସାରକୁ ଆସିଛି– ଏଇ ବିଶ୍ୱାସର ଚେର ମୋ ଭିତରେ ମାଡ଼ିଛି। ତାହା ଯେତେ



ଭିତରକୁ ଭେଦୁଥିବ ମୁଁ ସେତେ ସଂସାରର ପାରାୟଣ କରିବାକୁ ଉତ୍ସାହୀ ହୋଇଉଠୁଥିବି। ସେଥିପାଇଁ ମୋତେ ସଂସାର ପରାୟଣ ହେବାକୁ ପଡ଼ିବ। ଏଇ ଅବବୋଧକୁ ଗଣ୍ଠିଧନ କରି ମୁଁ ମୋ ଭିତର ସଂଗ୍ରାମ ଆରମ୍ଭ କରିବି। ଭିତର ସଂଗ୍ରାମ ଅର୍ଥ ମୋ ଭିତରେ ସଦା ପ୍ରସ୍ତୁତ ଏକ ସୀମାବଦ୍ଧ, ଅଶ୍ରଦ୍ଧାଳୁ ଏବଂ ଅବେକ୍ଷିତ ଅପଶକ୍ତି ସହ ସତ୍ୟାଗ୍ରହ। ଏଠାରେ ସଂଗ୍ରାମ ସତ୍ୟାଗ୍ରହ କରାଯାଏନା, ତା' ସହ ପୁଣି ତା' ପାଇଁ ସଂଗ୍ରାମ କରାଯାଏ। ତା' ଭିତରେ ଉଦ୍ଦେଶ୍ୟ ଥାଏ ଅନ୍ୟାୟର, ଅସତ୍ୟର, ଦୁରାଗ୍ରହର ରୂପାନ୍ତର ଆଉ ଏ ରୂପାନ୍ତର ଅଙ୍ଗର ଆଗ୍ରୋଶରେ ନୁହେଁ ଆତ୍ମଶକ୍ତିରେ ସମ୍ଭବ। ଏହି ତତ୍ତ୍ୱ ଅଭ୍ରାନ୍ତ ଓ ବହୁବାର ପରୀକ୍ଷିତ। ଅଧ୍ୟାତ୍ମ ବିଜ୍ଞାନର ଏହା ପରମ ପ୍ରାପ୍ତି।

ଯେଉଁ ବିକଳ ବାସନାଗୁଡ଼ା ବ୍ୟକ୍ତିକୁ ଭାରି ହନ୍ତସନ୍ତ କରନ୍ତି, ସେଇଗୁଡ଼ିକ ସହ ପ୍ରେମପୂର୍ଣ୍ଣ କଥାବାର୍ତ୍ତା କରି ସେଗୁଡ଼ିକୁ ଅଭ୍ୟାସକୁ ଆଣିବା। ଅଧିକାର କରିବାକୁ ଛଟପଟ ହେଉଥିବା ସେଇ ଅତୃପ୍ତ ବାସନା ଅଶନି ସହ ସ୍ନେହରେ କଥାବାର୍ତ୍ତା କରି, 'ଅଧିକାର' ଯେ ଅଜ୍ଞ ଓ ଅଳୀକ, ତାହା ବୁଝାଇ ଦେବା କାହାକୁ ବା କିଛି 'ଅଧିକାର' କରିବାରେ ଅଧିକ ଅତୃପ୍ତି, ଅଧିକ ଅସନ୍ତୋଷ ଜନ୍ମ ନେଇଥାଏ – ଏ ତତ୍ତ୍ୱଟି ସହ ସେହି 'ଅଶାନ୍ତ' କୁ ପରିଚିତ କରାଇଦେବା। କେତେ କେତେ ପ୍ରକାରେ କେତେକେତେ ଲୋକ ରାଜ୍ୟ ଅଧିକାର କରିଛନ୍ତି, ସମ୍ପତ୍ତି ଅଧିକାର କରିଛନ୍ତି ହେଲେ ସେମାନେ ଅଧିକାରୀ ଅବା କ୍ଷମତାଶାଳୀ ହୋଇ ଅଧିକ ଅତୃପ୍ତ ହୋଇ ଅଧିକ ବିଭ୍ରାନ୍ତ ଓ ବିଚ୍ଛିନ୍ନ ବି ହୋଇଛନ୍ତି। ସେମାନେ ନା ହୋଇପାରିଛନ୍ତି ସଂଘର, ନା ଧର୍ମର, ନା ହୋଇପାରିଛନ୍ତି ବୁଦ୍ଧର। ବୁଦ୍ଧ, ସଂଘ, ଧର୍ମ – ହେଉଛନ୍ତି ସାମାନ୍ୟତା ଆଉ ଶ୍ରଦ୍ଧାମୟତା। ଅଧିକାର ଲାଳସା ପ୍ରପଞ୍ଚ ସଦା ଅଧିକାର ଦ୍ୱାରା ଅନେକ ସଂଗ୍ରହ କରିପାରେ, ହେଲେ ତା' ଫଳରେ ସେ ସାମାବଦ୍ଧ ହେବା ସଙ୍ଗେ ସଙ୍ଗେ ଶ୍ରଦ୍ଧାଶୂନ୍ୟ ହୋଇଥାଏ। ଅଧିକାର ଏକ ଅସାଧାରିକ ଓ ଅଶିଷ୍ଟ ପ୍ରାପ୍ତି। ଏପରି ପ୍ରାପ୍ତି ସଦା ଉତ୍ତେଜକ, ଉନ୍ମାଦକ ତେଣୁ ଭାରି ଉତ୍ପୀଡ଼କ ଓ ଉଚ୍ଛୃଙ୍ଖଳ। ବସ୍ତୁ 'ଅଧିକାର' କରି ବ୍ୟକ୍ତି ଆଗରେ ପାରେନାହିଁ କି ସବରେ ଆଗକୁ ଦେଖେ ନାହିଁ କି ଆଗକୁ ମନ କରେ ନାହିଁ। ତା'ର ସକଳ ସଂକ୍ରାନ୍ତିର ଦ୍ୱାର ବନ୍ଦ ହୋଇଯାଏ। ଏହି 'ଅଧିକାର' ବାସନାକୁ ଆମେ ବିଭିନ୍ନ ରୂପରେ ଦେଖି ପାରିବା।

କିନ୍ତି ଅଧିକାର କରିବାକୁ ସଂସାର ବିରାଟ, ସୁନ୍ଦର ଏବଂ ଆନନ୍ଦମୟ ହୋଇନାହିଁ। ତା'ର ଏପରିଆଧ୍ୟାତ୍ମିକ ଅଭିବ୍ୟକ୍ତି ମଧ୍ୟରେ ଯେଉଁ ସାତ୍ତ୍ୱିକ ସଂପଦ ପୁଞ୍ଜିଭୂତ ତାହା ହେଉଛି ଏକ ପୂର୍ଣ୍ଣପ୍ରଜ୍ଞା ଯାହା ସବୁ ସହ ଯୁକ୍ତି ହୋଇଯିବାକୁ ଚାହେଁ। ପକ୍ଷାନ୍ତରେ ଆମେମାନେ ସଂସାରଠାକୁର ସବୁକୁ ଅଧିକାର କରିବାକୁ ଅନବରତ ଦୌଡ଼ୁଛୁ। ଏହି ଅନ୍ଧୁଆ ଅଧିକାରପ୍ରବଣତା ପାଖରେ ସର୍ବାଦିଏ ପରି ବସି, ହସିହସି ଯୁକ୍ତିବାଡ଼ି ତା'ର ଆଣ୍ଠୁ ଭାଙ୍ଗିବା ହେଉଛି ଭିତର ସଂଗ୍ରାମର ଲକ୍ଷଣ। ତାହା ହିଁ ଜୀବନ ସଂଗ୍ରାମର ମୂଳ କଥା, ସାର କଥା ଓ ବଞ୍ଚିବାର ବର୍ଣ୍ଣବୋଧ। ଆମର ସର୍ବବିଧ ପ୍ରଗତି ତାରି ଉପରେ ନିର୍ଭର କରେ। ସଂସାରକୁ ଦିନ ଦିନ ଦେଖୁଥିଲେ ମଧ୍ୟ ତା'ର ଉଦାରତା, ନିର୍ବିକାରତା ଏବଂ ଅପରିଗ୍ରହତା ପ୍ରତି ଆମେ କାହିଁକି ଏତେ ଅମନଯୋଗୀ ? ସଂସାରକୁ ସବରେ ଆମେ ଦେଖୁଛୁ ତ ? ମନେ ହୁଏ, ଆମେ ସଂସାରରେ ଜୀବନ ସଂଗ୍ରାମ ଗର୍ଭରେ ନିଜ ପାଇଁ ଯେଉଁ ବନ୍ଧନ ସୃଷ୍ଟି କରୁଛୁ, ତାହା ଫଳରେ ସଂସାରକୁ ସବରେ ଦେଖି ପାରୁନାହୁଁ। ଆମର ଆଖି ସଂସାର ଯାକର ଦ୍ରବ୍ୟ ଉପରେ ନିବଦ୍ଧ ହୋଇ ବନ୍ଦୀ ହୋଇଯିବାରୁ ସଂସାରର ଆହ୍ୱାନ ଶୁଣିବାରେ ଏହା ଅସମର୍ଥ ହେଉଛି। ତା'ରହେ ଅସାମର୍ଥ୍ୟ ବର୍ଜନ କରିବାର ସାମର୍ଥ୍ୟ ମଧ୍ୟ ଆମ ପାଖରେ ରହିଛି। ତାକୁ ଆଧ୍ୟାତ୍ମିକ ଭାଷାରେ 'ଆସ୍ପୃହା' ବୋଲି କୁହାଯାଇଛି। ଖୁବ୍ ପ୍ରଖର ଭାବରେ, କୌଣସି ନାଚ କି ନିମ୍ନକୁ ମନ ନ କରି ବିରାଟକୁ ବାଞ୍ଛିବା ଯେଉଁ ବିରାଟ ଏକାଧାରରେ ସୁନ୍ଦର ଓ ଆନନ୍ଦମୟ। ତାହା ହେଉଛି ଆସ୍ପୃହା। ହେଲେ ଭିତର ସଂଗ୍ରାମ ବ୍ୟତିରେକେ ଏହା କେବେ ସମ୍ଭବ ନୁହେଁ। ଉପରେ ତ ଖୁବ୍ ଅଳ୍ପରେ ସନ୍ତୁଷ୍ଟ ହୋଇଯାଏ। କିନ୍ତୁ ଭିତର, 'ଅଳ୍ପ'ର ସ୍ୱରୂପ ଜାଣିଥିବାରୁ ଏଥିରେ ଲାଖିଯାଏ ନାହିଁ। ଏହାର ତାହା ଅଗ୍ରଗାମୀ ହୋଇ 'ଅନନ୍ତ' ଆବାହନ କରେ। ତେଣୁ ଉପଦ୍ରବ କରେ ନାହିଁ କିମ୍ବା ଉପଦ୍ରୁତ ହୁଏନାହିଁ।

ଅନେକ ପ୍ରକାରେ ବଞ୍ଚିଥିବା ଆମେମାନେ ଭିତର ବଞ୍ଚିବା ଉପରେ ଭାରି ଜୋର୍ ଦେବା। ତେଣୁ ଭିତର ଆଉ ବାହାର ଅବା ଭିତର ସହ ବାହାର ମିଳିବ। ଆମ ଜୀବନ ଗଣିତାକ ଏବଂ ତା'ହେଲେ ସଂସାର ତତ୍ତ୍ୱ ସହ ଆମ ବଞ୍ଚିବା ଯୁକ୍ତ ହୋଇ ପାରିବ। ଫଳରେ ଆମ ଜୀବନ ଯାହା ଗଭୀର ଭାବରେ ଆବଶ୍ୟକ କରେ, ତାହା ଆମକୁ ମିଳିବ। ଆମ ଜୀବନ ଗରିମାମୟ ହୋଇଯିବ। ସଂସାରକୁ ଚାହିଁ ପୁଣି ନିଜ ଭିତରକୁ ଶୁଣି ଆମେ ଏଇ କ୍ଷୈଣିକ ପରୀକ୍ଷଣ କରିବାକୁ ସକ୍ଷମ ହେବା। ସେଇ ସ୍ଥିତିରେ ଆମେ ମଧ ସୁନ୍ଦର, ବିଶାଳ ଓ ଆନନ୍ଦମୟ ହୋଇପାରିବା। ଏହା ଆମର ନିର୍ଧାରିତ ମାର୍ଗ ଓ ଲକ୍ଷ୍ୟ ହେଉ।

ଭଦ୍ରକ, ମୋ: ୮୦୧୮୦୮୭୩୧୧

# ବୁଝି ବିଚାରି ଖାଇବା



ବୃହସ୍ପତି ସାମଲ

ଭାରତୀୟ ପାରମ୍ପରିକ ଦୃଷ୍ଟିକୋଣରେ ଖାଦ୍ୟ କେବଳ ଶରୀର ପାଇଁ ଆବଶ୍ୟକ ଉର୍ଜା ନୁହେଁ, ବରଂ ଏହା ଏକ ପବିତ୍ର ଅନୁଭୂତି, ଏକ ଧାର୍ମିକ ଚିନ୍ତନ ଭାବରେ ଗ୍ରହଣ କରାଯାଇଥାଏ। ତୈତ୍ତିରୀୟ ଉପନିଷଦରେ ଉଲ୍ଲେଖ ଅଛି, 'ଅନ୍ନମ୍ ବ୍ରହ୍ମ', ଅର୍ଥାତ ଖାଦ୍ୟ ହିଁ ବ୍ରହ୍ମ। ଏହି କଥା କେବଳ ଖାଦ୍ୟର ଆଧ୍ୟାତ୍ମିକତା ବ୍ୟକ୍ତ କରେନାହିଁ, ବରଂ ଏହାର ଶାରୀରିକ ଓ ମାନସିକ ପ୍ରାଧାନ୍ୟକୁ ବୁଝାଏ। କୁହାଯାଏ ଆହାରଶୁଦ୍ଧୌ ସତ୍ତ୍ୱଶୁଦ୍ଧିଃ, ସତ୍ତ୍ୱଶୁଦ୍ଧୌ ଧ୍ରୁବସ୍ମୃତିଃ। ଅର୍ଥାତ ଆହାରର ପବିତ୍ରତାରୁ ମନର ପବିତ୍ରତା ଆସେ ଏବଂ ମନର ପବିତ୍ରତାରୁ ନିରନ୍ତର ସ୍ମୃତି ଉଦ୍ଭବ ହୁଏ।

ପ୍ରାଚୀନ ଭାରତରେ ଖାଦ୍ୟ ସେବନର ଏକ ନିୟମିତ ଓ ଋତୁ ଅନୁଯାୟୀ ପ୍ରଣାଳୀ ଥିଲା। ଆୟୁର୍ବେଦ ଖାଦ୍ୟକୁ ତିନୋଟି ଶ୍ରେଣୀରେ ବିଭାଜିତ କରେ, ଯଥା ସାତ୍ତ୍ୱିକ (ପବିତ୍ର), ରାଜସିକ (ଉତ୍ତେଜନାକାରୀ) ଏବଂ ତାମସିକ (ବିକୃତ)। ଏଠାରେ ବିଭୁକ୍ତ ଆହାର ବିଷୟରେ ମଧ ଉଲ୍ଲେଖ ଅଛି, ଯେଉଁଥିରେ ଫଳ ଓ କ୍ଷୀର, ମାଂସ ଓ ଦହି ଏକାସାଥିରେ ଖାଇବା ମନା। ପ୍ରଭାତ ଭୋଜନ ସାଧାରଣତଃ ହାଲୁକା ଏବଂ ମିଷ୍ଟାନ୍ନ ଧରଣର, ଫଳ, କ୍ଷୀର ଓ ଅନ୍ନ ଆଧାରିତ ଥିଲା। ମଧ୍ୟାହ୍ନ ଭୋଜନ ସବୁଠାରୁ ଭାରି, ଯାହା ଅଗ୍ନି ତତ୍ତ୍ୱ (ପିତ୍ତ) ଶରୀରରେ ଅଧିକ ଥିବା ସମୟରେ ଗ୍ରହଣ କରାଯାଉଥିଲା। ସନ୍ଧ୍ୟା ଭୋଜନ ସବୁଠାରୁ ହାଲୁକା ଏବଂ ବିଶେଷତଃ ସୂର୍ଯ୍ୟାସ୍ତ ପୂର୍ବରୁ ସେବନ କରାଯାଉଥିଲା। ଏହି ନିୟମଗୁଡ଼ିକ କେବଳ ଆଧ୍ୟାତ୍ମିକ ନଥିଲା, ବରଂ ଆୟୁର୍ବେଦ ଓ ପ୍ରଥମର ଗତିବିଧିକୁ ଧ୍ୟାନରେ ରଖି ନିର୍ମାଣ କରାଯାଇଥିଲା। ଋତୁ ଅନୁସାରେ ଖାଦ୍ୟ ଯଥା– ଗ୍ରୀଷ୍ମରେ କଖା ଆମ୍ବ, ଶୀତରେ ତିଳ, ବସନ୍ତରେ ନିମ୍ବ ସବୁ ଶରୀରକୁ ରୋଗମୁକ୍ତ ଓ ସନ୍ତୁଳିତ ରଖିବା ପାଇଁ ଚୟନ କରାଯାଉଥିଲା। ସ୍ୱାମୀ ବିବେକାନନ୍ଦ କହିଥିଲେ, ଆପଣ ଯାହା ଖାଆନ୍ତି, ଆପଣ ସେହିଭଳି ହୋଇଯାଆନ୍ତି। ଆହାର ଆମର ମନ ଉପରେ ପ୍ରଭାବ ପକାଇଥାଏ। ଏହି କଥା ଅନେକ ସାଧୁସନ୍ଥଙ୍କ ଦ୍ୱାରା କୁହାଯାଇଥିଲେ ମଧ ବର୍ତ୍ତମାନ ବିଜ୍ଞାନ ଏହି ତଥ୍ୟକୁ ପ୍ରମାଣିତ କରିଛି। ଦୁଇଟି ନୋବେଲ ପୁରସ୍କାର ବିଜେତା ଲିନସ ପଲିଙ୍ଗ କହିଥିଲେ, ପ୍ରତ୍ୟେକ ରୋଗ, ପ୍ରତ୍ୟେକ ଅସୁସ୍ଥତା ଓ ଦୁର୍ବଳତାର ମୂଳ କାରଣ ହେଉଛି ଆହାରରେ ଖଣିଜ ତତ୍ତ୍ୱର ଅଭାବ। ଏହା ସ୍ପଷ୍ଟ କରିଦିଏ ଯେ, ଆମ ଖାଦ୍ୟପାତ୍ରରେ ଥିବା ଖାଦ୍ୟପଦାର୍ଥ ବଞ୍ଚିବା ଏବଂ ସୁସ୍ଥ ରହିବାର ମୂଳ ଆଧାର। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ରିପୋର୍ଟ ଅନୁଯାୟୀ ସମ୍ପ୍ରତି ଯେତେବେଳେ ପୃଥିବୀର ଅନ୍ୟୂନ ୧୬ କୋଟି ଲୋକ ଅସୁରକ୍ଷିତ ଖାଦ୍ୟ ଖାଇ ଦୈନିକ ରୋଗଗ୍ରସ୍ତ ହେଉଛନ୍ତି, ସେତେବେଳେ ସୁରକ୍ଷିତ ଖାଦ୍ୟ ଆହାର ଉପରେ ଧ୍ୟାନ କେନ୍ଦ୍ରିତ କରିବାର ଆବଶ୍ୟକତା ରହିଛି।

ଖାଦ୍ୟ ସୁରକ୍ଷା ପଛର ବିଜ୍ଞାନ ବହୁବିଧ। ଏହା କେବଳ ପରିଷ୍କାର ପରିଚ୍ଛନ୍ନ ଭାବେ ପରିପିବା ସଫାସଫି ବା ସୁରକ୍ଷିତ ଭାବରେ ରୋଷେଇ କରିବାକୁ ବୁଝେଇ ନଥାଏ, ବରଂ ସୂକ୍ଷ୍ମ–ଜୀବବିଜ୍ଞାନ ସମ୍ବନ୍ଧୀୟ ମାନକ, ରାସାୟନିକ ବିଶ୍ଳେଷଣ ଓ ଅବଶେଷ ତଥା ସ୍ୱାସ୍ଥ୍ୟବିଜ୍ଞାନର ଅଭ୍ୟାସ ଏବଂ ପାଚନ ସମ୍ବନ୍ଧୀୟ ଆଇନ ପାଳନ ସହ ଜଡ଼ିତ। ଅସୁରକ୍ଷିତ ଖାଦ୍ୟରେ ବ୍ୟାକ୍ଟେରିଆ, ପାରାସାଇଟ, ଭାଇରସ ଏବଂ ବିଷାକ୍ତ ରସାୟନ ଥାଏ। ଏହି ଖାଦ୍ୟ ଖାଇବା ଦ୍ୱାରା ମଣିଷକୁ ଡାଇରିଆରୁ ଆରମ୍ଭ କରି କ୍ୟାନସର ପର୍ଯ୍ୟନ୍ତ ଅନେକ



ପ୍ରକାରର ରୋଗ ହୋଇଥାଏ। ଭାରତୀୟ ଚିକିତ୍ସା ଗବେଷଣା ପରିଷଦର ଏକ ଅଧ୍ୟୟନରୁ ଜଣାପଡ଼େ ଯେ ଭାରତରେ ବିକ୍ରି ହେଉଥିବା ପ୍ୟାକେଟ ଖାଦ୍ୟରେ ୬୦% ଅଧିକ ସୋଡ଼ିୟମ, ସୁଗାର ବା ଫ୍ୟାଟ ରହିଥାଏ। ଏହାର ଦୀର୍ଘକାଳୀନ କୁପରିଣାମ ହେଉଛି ରକ୍ତଚାପ, ହୃଦ୍‌ରୋଗ ଓ ଯକୃତ ସମ୍ବନ୍ଧୀୟ। ଏହା ସହିତ ରାସ୍ତାକଡ଼ର ଖାଦ୍ୟ (ଷ୍ଟ୍ରିଟ୍ ଫୁଡ୍), ପୋଡ଼ାତେଲ ଓ ବାସି ଭୋଜନ ଉପରେ ନିର୍ଭରଶୀଳ ଲୋକମାନେ ଅଧିକ ସଂଖ୍ୟାରେ ଗ୍ୟାସ ତଥା ପାକସ୍ଥଳୀ ଓ ଅନ୍ତନଳୀ ରୋଗର ଶିକାର ହେଉଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ ପ୍ରତିବର୍ଷ ଭାରତରେ ଏକ ଲକ୍ଷରୁ ଅଧିକ ମୃତ୍ୟୁ ଖାଦ୍ୟ ସଂକ୍ରମଣ ହେତୁ ହୋଇଥାଏ। ପାଞ୍ଚ ବର୍ଷରୁ କମ୍ ବୟସର ଶିଶୁମାନଙ୍କ ଭିତରୁ ଅନେକେ ଖାଦ୍ୟ ଜନିତ ରୋଗରେ ପ୍ରାଣ ହରାଉଛନ୍ତି। ପ୍ରତିବର୍ଷ ଭାରତରେ ପ୍ରାୟ ୮୦,୦୦୦ ଶିଶୁ କେବଳ ଡାଇରିଆରେ ମୃତ୍ୟୁବରଣ କରନ୍ତି। ଗର୍ଭବତୀ ମହିଳାମାନେ କୁପୋଷଣ ଓ ଅନିୟମିତ ଆହାର ଦ୍ୱାରା ରକ୍ତହୀନତାର ଶିକାର ହେଉଛନ୍ତି। ତେଣୁ ଖାଦ୍ୟ ସୁରକ୍ଷା କେବଳ ଏକ ଆହାର ଶୃଙ୍ଖଳା ନୁହେଁ, ଏହା ଏକ ମାନବିକ ଅଧିକାର।

ଭାରତରେ ରାସ୍ତାକଡ଼ରେ ବିକ୍ରି ହେଉଥିବା ଚାଟ୍, ଗୁପଚୁପ, ଦହିବରା, ଚାଉମିନ ଓ ଅନ୍ୟାନ୍ୟ ଖାଦ୍ୟପଦାର୍ଥ ସାଧାରଣତଃ ଖୋଲା ଆକାଶ ତଳେ ଏବଂ ଧୂଳିଧୂସର ପରିବେଶରେ ପ୍ରସ୍ତୁତ ଓ ବିକ୍ରି ହୁଏ। ଏହି ଖାଦ୍ୟଗୁଡ଼ିକ ଏପରି ଅସ୍ୱଚ୍ଛ ପରିବେଶରେ ରହିଥିବାରୁ ବିଭିନ୍ନ ବ୍ୟାକ୍ଟେରିଆ ଓ ଭାଇରସର ଆଶ୍ରୟସ୍ଥଳ ହୋଇଥାଏ, ଯାହା ଲୋକଙ୍କୁ ଗୁରୁତର ରୋଗରେ ପ୍ରଭାବିତ କରିପାରେ। ଭାରତର ଖାଦ୍ୟ ସୁରକ୍ଷା ଓ ମାନକ ସଂସ୍ଥାର ୨୦୨୩ ରିପୋର୍ଟ ଅନୁସାରେ, ଷ୍ଟ୍ରିଟ୍ ଫୁଡ୍ ବିକ୍ରେତାଙ୍କ ମଧ୍ୟରୁ ପ୍ରାୟ ୬୦% ବିକ୍ରେତା ହାତ ଧୋଇ ଖାଦ୍ୟ ପ୍ରସ୍ତୁତ କରନ୍ତିନାହିଁ, ଯାହାଫଳରେ ଖାଦ୍ୟ ପ୍ରଦୂଷିତ ହେବାର ସମ୍ଭାବନା ଅଧିକ ଥାଏ। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ ୨୦୨୨ ଅନୁଯାୟୀ, ଭାରତରେ ହସ୍ପିଟାଲରେ ଭର୍ତ୍ତି ହେଉଥିବା ଅନ୍ତଃସ୍ରାବ ଆକ୍ରାନ୍ତ ଶିଶୁମାନଙ୍କ ମଧ୍ୟରୁ ୨୮% କ୍ଷେତ୍ରରେ ରୋଗର କାରଣ ଖାଦ୍ୟ ଓ ପାନୀୟ ଦ୍ୱାରା ହୋଇଥିବା ଦେଖାଯାଇଛି। ଏହାଛଡ଼ା ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ମିଶନ ୨୦୨୩ ଅନୁଯାୟୀ, ଭାରତରେ ପ୍ରତିବର୍ଷ ୧.୫ କୋଟି ଲୋକ ଖାଦ୍ୟଜନିତ ରୋଗରେ ପୀଡ଼ିତ ହୁଅନ୍ତି। ଓଡ଼ିଶା ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ୨୦୨୩ରେ କରାଯାଇଥିବା ଏକ ସର୍ବେକ୍ଷଣ ଅନୁଯାୟୀ, ଆନୁମାନିକ ୪୦% ବିକ୍ରେତାଙ୍କ ପାଖରେ ଖାଦ୍ୟ ସ୍ୱଚ୍ଛତା ଓ ପରିଶୁଦ୍ଧତା ନିମନ୍ତେ ଆବଶ୍ୟକ ପ୍ରମାଣପତ୍ର ନାହିଁ।

ଅସୁରକ୍ଷିତ ଖାଦ୍ୟରୁ ସୁରକ୍ଷିତ ଖାଦ୍ୟକୁ ଯାତ୍ରା କେବଳ ପ୍ରଯୁକ୍ତିଗତ ଉନ୍ନତି ନୁହେଁ, ବରଂ ଆମର ସାଂସ୍କୃତିକ ଓ ପାରମ୍ପରିକ ମୂଲ୍ୟବୋଧକୁ ଫେରିବାରୁ ଜାଣିବା ଓ ଭରପୂର ପୋଷଣ ଯୁକ୍ତ ଖାଦ୍ୟର ମୂଲ୍ୟ ବୁଝିବା ଓ ଆମେ ଯାହା ଖାଉଛୁ ତା'ର ଉତ୍ତରଦାୟୀ ଦାୟିତ୍ୱ ଗ୍ରହଣ କରିବା। ଭାରତୀୟ ଚିକିତ୍ସା ବିଜ୍ଞାନର ଜନକ ଆଚାର୍ଯ୍ୟ ଚରକ ଦୁଇ ହଜାର ବର୍ଷ ପୂର୍ବେ କହିଥିଲେ, ଯିଏ ଉଚିତ ସମୟରେ ଉଚିତ ଭାବରେ ଉଚିତ ଖାଦ୍ୟ ଖାଏ, ସେ ଚିକିତ୍ସକ ଆବଶ୍ୟକ କରେନାହିଁ। ଏହି କଥାର ମହତ୍ତ୍ୱ ଆଜି ବି ପ୍ରାସଙ୍ଗିକ। ଆମେ ଯେଉଁ ଖାଦ୍ୟ ଆମ ଥାଳିରେ ରଖୁଛୁ, ସେଥିରୁ ନା କେବଳ ଆମର ସ୍ୱାସ୍ଥ୍ୟ ନିର୍ଣ୍ଣୟ ହୁଏ, ବରଂ ଆମର ଅର୍ଥନୈତିକ ବ୍ୟବସ୍ଥା, ଆଗାମୀ ପିଢ଼ି ଓ ଜାତିର ସ୍ଥିରତା ମଧ୍ୟ ନିର୍ଣ୍ଣୟ ହୁଏ। ଆସନ୍ତୁ ଆମେ ଏକ ଗମ୍ଭୀର ସଂକଳ୍ପ ନେବା, ବୁଝି ବିଚାରି ଖାଇବା, ସୁରକ୍ଷିତ ଭାବରେ ବଞ୍ଚିବା ଏବଂ ଖାଦ୍ୟ, ବିଜ୍ଞାନ ଓ ଆତ୍ମା ମଧ୍ୟରେ ଥିବା ପବିତ୍ର ବନ୍ଧନକୁ ସମ୍ମାନ ଦେବା। କାରଣ ଯେଉଁଠାରେ ଖାଦ୍ୟ ଶୁଦ୍ଧ, ସେଠି ଚିନ୍ତା ପବିତ୍ର ଏବଂ ଜୀବନ ସୁସ୍ଥ ଓ ସୁରକ୍ଷିତ।

ମୋ : ୯୪୩୭୦୧୨୬୬୯

## ଏଇ ଭାରତରେ

ବାଡ଼ ଧୁମ୍‌ଧାମରେ ବାହାଘର ହେଲା, କିନ୍ତୁ ସେଠାରେ ବର୍ଯ୍ୟ ନ ଥିଲା। ଏଭଳି ଏକ ବାହାଘର ହୋଇଛି ଚେନାଇରେ। ରାମ ରାମ ତାଙ୍କ ବାହାଘରରେ ବ୍ୟବହୃତ ଫୁଲ ଏବଂ ଭୋଜିରେ ଖାଇବା ପାଇଁ ବ୍ୟବହାର କରାଯାଇଥିବା କଦଳୀପତ୍ର ବର୍ଜ୍ୟକୁ ବାହାଘର ପରେ ଖତ ପ୍ରସ୍ତୁତ କରାଯାଇଥିବା କେନ୍ଦ୍ରକୁ ପଠାଇଦେଇଥିଲେ। ସେ ତାଙ୍କ ନିମନ୍ତ୍ରଣ ପତ୍ର ରିସାଇକ୍ଲିଂ ହୋଇଥିବା କାଗଜରେ ତିଆରି କରିବା ସହ ସେଥିରେ ଗଛ ମଞ୍ଜି ରଖାଯାଇଥିଲା। ଏମିତିକି ନିମନ୍ତ୍ରଣ ପତ୍ରକୁ ମାଟିରେ ପକାଇଲେ ଗଛ ହୋଇପାରିବ। ଉମା ୫ ବର୍ଷ ପୂର୍ବରୁ ତାଙ୍କ ଆଇଆଁ'ଙ୍କ ଶାଢ଼ି ମଧ ପିନ୍ଧିଥିଲେ। ବିବାହ କରିବା ଲାଗି ବର୍ଯ୍ୟ ପରିଚାଳନ କରୁଥିବା 'କନେକ୍ଟ ଟୁ ଭୂମି' ସଂସ୍ଥାର ସହଯୋଗ ନେଇଥିଲେ ଉମା। ଭାରତରେ ଗୋଟିଏ ବାହାଘରରେ ପ୍ରାୟ ୫୦୦ କେଜି ବର୍ଯ୍ୟ ବାହାରୁଛି। ୩.୭ ଲକ୍ଷ କୋଟି ଟଙ୍କାର ଭାରତର ବିବାହ ଶିଳ୍ପରୁ ଏକକ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ ଓ ଖାଦ୍ୟ ବର୍ଯ୍ୟ ଅଧିକ ବାହାରୁଛି। ଦେଖିବାକୁ ଗଲେ ପ୍ରତ୍ୟେକ ଉତ୍ସବରେ ପାଖାପାଖି ୪୦ ପ୍ରତିଶତ ଖାଦ୍ୟ ମଧ ନଷ୍ଟ ହେଉଛି। ଏଭଳି ସ୍ଥିତିରେ ଚେନାଇର ଡିଜିଟାଲ ଫ୍ରିଲାନ୍ସର ଉମାଙ୍କ ବିବାହ ବର୍ଯ୍ୟ ପରିଚାଳନା କ୍ଷେତ୍ରରେ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି।

## ୫୦ ବର୍ଷ ତଳର ଧରିତ୍ରୀ

୭ ଜୁନ୍ ୧୯୭୬

- ରେଲ୍‌ୱେର ପ୍ରାୟ ୨ ଲକ୍ଷ କର୍ମଚାରୀଙ୍କୁ ତାଙ୍କ ଦୈନନ୍ଦିନ କାର୍ଯ୍ୟ ହିନ୍ଦୀ ଭାଷାରେ ସମ୍ପାଦନ କରିବା ଲାଗି ତାଲିମ ଦେବା ନିମନ୍ତେ ଏକ ପାଞ୍ଚବର୍ଷିଆ ତାଲିମ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି।
- ଯୁକ୍ତରାଷ୍ଟ୍ର ଆମେରିକାର ଏକ ସହରରେ ନବନିର୍ମିତ ଗୋଟିଏ ବନ୍ଧ ଭୁଶୁଡ଼ି ପଡ଼ିବା ଫଳରେ ୧୫ ଫୁଟ ଉଚ୍ଚର ପାଣି ସହର ଭିତରକୁ ମାଡ଼ି ଆସିବା ସହ ୩୦ ହଜାରରୁ ଊର୍ଦ୍ଧ୍ୱ ବ୍ୟକ୍ତି ଗୃହଶୂନ୍ୟ।

## ଚିରନ୍ତନୀ

ଆଜି ଏହି ଦେଉଳ ଗହ୍ୱରେ
ଶତ କଣ୍ଠ–ପ୍ରତିଧ୍ୱନି ଥରେ
ମିଶାଇ ତା' ସଙ୍ଗେ ଏ ମଳିର ଅଙ୍ଗେ
କଣ୍ଠ ସ୍ୱର ଉଠେ ମୋର।
-(ପୁରୀ–ମନ୍ଦିର)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su do ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 8 | | 4 | |
| | | | 6 | 5 | | 7 | 1 | |
| 9 | 2 | | | 1 | | 3 | | |
| | | 6 | | | | | | 1 |
| | 8 | | 9 | | | | | 4 |
| | 4 | | | | 3 | 9 | | |
| | | 7 | | 3 | 5 | | | |
| | | | 4 | | | | | |
| | | | | 9 | | 6 | | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 7 | 3 | 9 | 5 | 2 | 8 | 1 | 4 |
| 2 | 5 | 8 | 1 | 3 | 4 | 9 | 6 | 7 |
| 1 | 9 | 4 | 8 | 6 | 7 | 5 | 3 | 2 |
| 5 | 3 | 2 | 4 | 7 | 9 | 6 | 8 | 1 |
| 8 | 4 | 9 | 6 | 1 | 5 | 2 | 7 | 3 |
| 7 | 1 | 6 | 2 | 8 | 3 | 4 | 9 | 5 |
| 9 | 8 | 7 | 5 | 2 | 1 | 3 | 4 | 6 |
| 3 | 6 | 5 | 7 | 4 | 8 | 1 | 2 | 9 |
| 4 | 2 | 1 | 3 | 9 | 6 | 7 | 5 | 8 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## କୋଟିଆ ସମସ୍ୟା ଛୋଟିଆ ନୁହେଁ

ମହାଶୟ,

ଓଡ଼ିଶା ସୀମାକୁ ଲାଗିଥିବା କୋଟିଆ ଅଞ୍ଚଳକୁ ନିଜର ବୋଲି ଆନ୍ଧ୍ର ସରକାର ଦୀର୍ଘ ଦିନ ହେଲା ଦାବି କରିଆସୁଛି। ତେଲୁଗୁ ଭାଷାରେ ସେହି ଅଞ୍ଚଳର ବିଭିନ୍ନ ସ୍ଥାନରେ ଆନ୍ଧ୍ର ସମ୍ପର୍କିତ ନାମଫଳକ ସବୁ ଲଗାଇବା ସହିତ ସେଠାରେ ଏକ ପଞ୍ଚାୟତ ଅଫିସ୍ ଖୋଲି ସାରିଲାଣି। ସ୍ଥାନୀୟ ଓଡ଼ିଆପ୍ରେମୀ ଏହାକୁ ତୀବ୍ର ବିରୋଧ କରୁଛନ୍ତି। ଏହାକୁ ଆନ୍ଧ୍ର ସରକାର ଆଦୌ ଖାତିର କରୁନାହାନ୍ତି। ଆନ୍ଧ୍ର ଯେଉଁଭଳି ଭାବେ ଦାବି କରୁଛି ଓଡ଼ିଶା ସରକାର ଠିକ୍ ଭାବେ ମୁକାବିଲା କରିପାରୁନାହାନ୍ତି। ଆନ୍ଧ୍ରପ୍ରଦେଶ ସରକାର ସ୍ଥାନୀୟ ଲୋକଙ୍କୁ ବିଭିନ୍ନ ପ୍ରକାର ଅର୍ଥ ପ୍ରଲୋଭନ ଦେଖାଇ ନିଜ ଆଡ଼କୁ ଟାଣୁଛନ୍ତି। କେତେକ ନ୍ୟସ୍ତସ୍ୱାର୍ଥ ଓଡ଼ିଆ ଏହାକୁ ମଧ ସମର୍ଥନ କରୁଛନ୍ତି। ଏହାର ଯଥାର୍ଥ ସମାଧାନ ଯଦି ନ ହୁଏ, ଭବିଷ୍ୟତରେ ଏହା ଉଗ୍ରରୂପ ଧାରଣ କରିବ।

-ଯଦୁନାଥ ସାହୁ, ସାବରଙ୍ଗ, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




ଜଗତ୍‌ସିଂହପୁର ଜିଲା ଏରସମାସ୍ଥିତ ରଜ ମହୋସବର ଶୁକ୍ରବାର ଷଷ୍ଠ ସନ୍ଧ୍ୟାରେ ପୂର୍ବତନ ଏମ୍‌ପି, ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀଙ୍କ ସହ ମଞ୍ଚାସୀନ ଅନ୍ୟ ଅତିଥିମାନେ ।

# ସାଂସ୍କୃତିକ ଚେତନା ମହୋତ୍ସବର ରୂପ ନେଇଛି: ତଥାଗତ

**ରଜ ମହୋତ୍ସବର ଷଷ୍ଠ ସନ୍ଧ୍ୟା**

ଏରସମା, ୬।୬ (ଦୀପ୍ତି ଖଣ୍ଡୁଆଳ)

ଏରସମାବାସୀଙ୍କ ଯୋଗୁ ଏଠାକାର ସଂସ୍କୃତିରେ ବୃଦ୍ଧି ଘଟିଛି। ଓଡ଼ିଆ ଜାତି ଆମ ସଂସ୍କୃତିକୁ ନେଇ ଉଚ୍ଚସ୍ତରରେ ପହଞ୍ଚାଇ ପାରିଛି। ସଂସ୍କୃତିର କ୍ରିମ୍ ହେଉଛି ଆମ ଭିତରେ ଥିବା ସାଂସ୍କୃତିକ ଚେତନା। ଏହା ଆଜି ମହୋତ୍ସବର ରୂପ ନେଇଛି ବୋଲି ଏରସମାସ୍ଥିତ ରଜ ମହୋତ୍ସବର ଶୁକ୍ରବାର ଷଷ୍ଠ ସନ୍ଧ୍ୟାରେ ପୂର୍ବତନ ଏମ୍‌ପି, ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ କହିଛନ୍ତି। ଜଗତ୍‌ସିଂହପୁର ଜିଲା ଏରସମା ବ୍ଲକ ମୁଖ୍ୟାଳୟସ୍ଥିତ ଦେବୀଦୋଳ ପଡ଼ିଆରେ ଆୟୋଜିତ ରଜ ମହୋତ୍ସବରେ ବ୍ଲକ ବିଜେଡି ଉପସଭାପତି ବିଜୟ କୁମାର ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ତଥାଗତ କହିଛନ୍ତି, ଉତ୍ତର ଭାରତୀୟମାନଙ୍କ ଦ୍ୱାରା ଆମେ ଏତେମାତ୍ରାରେ ପ୍ରଭାବିତ ହୋଇଛୁ ଯେ, ଆମ ମଧ୍ୟରେ ରାମଚନ୍ଦ୍ର ହେଉଛନ୍ତି ଭଗବାନ୍ ଏବଂ ରାବଣ ଜଣେ ଉଚ୍ଚବର୍ଗର ବ୍ରାହ୍ମଣ ହେଲେ ମଧ୍ୟ ସେ ଆମ ପାଇଁ ଅସୁର। ପ୍ରକୃତ ପକ୍ଷେ ଆମେ ଯେକୌଣସି ଭାଷାର ରାମାୟଣ ପାଠ କଲେ ରାବଣଙ୍କ ମହାନ୍ ଚରିତ୍ର ସମ୍ପର୍କରେ ଅବଗତ ହୋଇପାରିବା। ଦୀଘାରେ ମମତା ବାନାର୍ଜୀଙ୍କ ଦ୍ୱାରା ଯେଉଁ ଜଗନ୍ନାଥ ମନ୍ଦିର ନିର୍ମାଣ କରାଯାଇଛି, ତାହାକୁ ବିଭିନ୍ନ ମହଲରୁ ସମାଲୋଚନା କରାଯାଇଛି। ମାତ୍ର ଜଗନ୍ନାଥ ସଂସ୍କୃତି ଓଡ଼ିଶା ଭିତରେ ସୀମିତ ନୁହେଁ। ସେ ଜଗତର ନାଥ ଓ ସାରା ଜଗତରେ ତାଙ୍କ ମହିମା ପରିବ୍ୟାପ୍ତ। ତେଣୁ ସମାଲୋଚନା ସଂକୀର୍ଣ୍ଣତାରୁ ନିଜକୁ ମୁକ୍ତ କରିବା ଉଚିତ ବୋଲି ତଥାଗତ କହିଛନ୍ତି।

ରାଜ୍ୟ ଗଣଶିକ୍ଷା ବିଭାଗର ପୂର୍ବତନ ଉପଦେଷ୍ଟା ଶିଶିର ପରିଜା ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଛନ୍ତି, କୃଷି ଉପରେ ନିର୍ଭର କରି ଜୀବନ ବିତାଉଥିବା ଏରସମାବାସୀଙ୍କ ମଧ୍ୟରେ ସାଂସ୍କୃତିକ ଚେତନା ରହିଛି। ଏହି ମହୋତ୍ସବ ତା'ର ଏକ ଦୃଷ୍ଟାନ୍ତ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ଜଗତ୍‌ସିଂହପୁର ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସରୋଜ କୁମାର ଜେନା, ଡ. ଅମିୟ ସ୍ୱାଇଁ, ଫ୍ରେଣ୍ଡସ୍ କ୍ଲବ୍‌ର ସଭାପତି ଅଧ୍ୟାପକ ସଞ୍ଜୟ କୁମାର ବିଶ୍ୱାଳ, ଏରସମା ପଞ୍ଚାୟତର ପୂର୍ବତନ ସରପଞ୍ଚ ବିଷ୍ଣୁପ୍ରିୟା ଜେନା, କୃତୀ ଶିକ୍ଷକ ସରୋଜ କୁମାର ବେହେରା ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ରଜ ମହୋତ୍ସବ କମିଟିର ସମ୍ପାଦକ ନିରାକାର ସ୍ୱାଇଁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସ୍ମୃତି ରଞ୍ଜନ ମହାନ୍ତି ପ୍ରାରମ୍ଭିକ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ରତ୍ନପର୍ଣ୍ଣା କଳା ସାହିତ୍ୟ ପରିଷଦ, ତିର୍ତ୍ତୋଲର କଣ୍ଠଶିଳ୍ପୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଅଭିନେତ୍ରୀ ପୁନମ ମିଶ୍ର ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ଆର୍‌କେ ବ୍ଲୁ ଷ୍ଟାର, ଜ୍ୟୋତି ଡ୍ୟାନ୍ସ ଗ୍ରୁପର କଳାକାର ଲିପ୍ସା ପରିଡ଼ା, ଆଦ୍ୟାଶା ପ୍ରିୟଦର୍ଶିନୀ ବାରିକ ପ୍ରମୁଖ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ବୈଶାଖୀ ଲେଙ୍କା, ଡା. ଅମିୟ ସ୍ୱାଇଁ, ସରୋଜ କୁମାର ଜେନା, ଇଂ. ରଶ୍ମିରେଖା ଶର୍ମା, ବିକ୍ରମ ମହାପାତ୍ରଙ୍କୁ ଏରସମା ଗୌରବରେ ସମ୍ମାନିତ କରାଯାଇଥିଲା। ଶେଷରେ କମିଟି ସଭାପତି ସମୀର ରଞ୍ଜନ ମଲ୍ଲିକ ଧନ୍ୟବାଦ ଜଣାଇଥିଲେ।

## ସରେଇକେଲାରେ ମଦ ବନ୍ଦ ନିଷ୍ପତ୍ତି

ପଦ୍ମପୁର,୬।୬(ପ୍ରଦୀପ୍ତ ଦାଶ)

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଅନ୍ତର୍ଗତ ସରେଇକେଲା ଗ୍ରାମରେ ସମ୍ପୂର୍ଣ୍ଣ ମଦ ବନ୍ଦ ନେଇ ଗ୍ରାମବାସୀ ନିଷ୍ପତ୍ତି ନେଇଛନ୍ତି। ମଦର ବ୍ୟାପକତା ଯୋଗୁ ଗ୍ରାମର ଅନେକ ପରିବାରର ଆର୍ଥିକ ସ୍ଥିତି ଦୟନୀୟ ହୋଇ ପଡ଼ିଛି। ଏହା ସହ ପାରିବାରିକ ଗଣ୍ଡଗୋଳ, ଅଶାନ୍ତି ସୃଷ୍ଟି ହେଉଥିଲା। ସମସ୍ତ ପରିସ୍ଥିତିକୁ ଦୃଷ୍ଟିରେ ରଖି ଗ୍ରାମବାସୀ ଗତ ୨୭ ତାରିଖରେ ବୈଠକ କରି ଗାଁରେ ମଦକୁ ସମ୍ପୂର୍ଣ୍ଣ ବନ୍ଦ କରି ଏକ ନିଶାମୁକ୍ତ ସୁସ୍ଥ ସମାଜ ଗଠନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ନିଶାମୁକ୍ତି ଅଭିଯାନକୁ ସଫଳ କରିବାକୁ ପୋଲିସ, ଅବକାରୀ ବିଭାଗ, ପ୍ରଶାସନର ସହଯୋଗ ଆବଶ୍ୟକ। ଏ ନେଇ ଶୁକ୍ରବାର ଉପଜିଲାପାଳ ପଦ୍ମପୁର, ଜଗଦଳପୁର ଥାନା, ଉପଖଣ୍ଡ ଅବକାରୀ ଅଧିକାରୀ, ଉପଖଣ୍ଡ ପୋଲିସ ଅଧିକାରୀଙ୍କୁ ଆଇନଗତ ସହାୟତା ପ୍ରଦାନ ସହ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଗ୍ରାମବାସୀଙ୍କ ତରଫରୁ ଟିକିନୁ ବରିହା, ରାଧେଶ୍ୟାମ ପ୍ରଧାନ, ଅରୁଣ ପ୍ରଧାନ, ଭୀଷ୍ମଦେବ ବେହେରା, ବେଦପ୍ରକାଶ ପଟେଲ, ରାମ ବାରିକ, ଭୀଷ୍ମ ନାଏକ, ହାରାଧନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# କଳାହାଣ୍ଡି ମୁଖିଗୁଡ଼ା ଡ୍ୟାମ୍ ପାଇଁ ବୁଝାମଣାପତ୍ର ସ୍ୱାକ୍ଷରିତ




ଭୁବନେଶ୍ୱର, ୬।୬(ସୁନିତ୍ ମିଶ୍ର)

ଭବିଷ୍ୟତର ଶକ୍ତି କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ପାଇଁ ଭାରତର ପ୍ରତିବଦ୍ଧତା ସ୍ୱରୂପ ଭାରତ ସରକାର ୨୦୩୦ ସୁଦ୍ଧା ଅକ୍ଷୟ ଶକ୍ତି ଉତ୍ସରୁ ୫୦୦ ଗିଗାୱାଟ୍ କ୍ଷମତା ହାସଲ କରିବା ଲକ୍ଷ୍ୟ ରଖିଛନ୍ତି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉନ୍ନୟନ କମିଶନର ଅନୁ ଗର୍ଗ, ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବଙ୍କ ଉପସ୍ଥିତିରେ ମୁଖିଗୁଡ଼ାରେ ୬୦୦ ମେଗାୱାଟ୍ କ୍ଷମତା ବିଶିଷ୍ଟ ଅପର ଇନ୍ଦ୍ରାବତୀ ପମ୍ପଡ଼ ଷ୍ଟୋରେଜ୍ ପ୍ରକଳ୍ପ ପରିଚାଳନା ପରାମର୍ଶ ସେବା ପାଇଁ ଓଡ଼ିଶା ଜଳବିଦ୍ୟୁତ୍ ନିଗମ ଲିମିଟେଡ୍ ଏବଂ ୱାପ୍‌କୋସ୍ ଲିମିଟେଡ୍ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଅପର ଇନ୍ଦ୍ରାବତୀ ପମ୍ପଡ଼ ଷ୍ଟୋରେଜ୍ ପ୍ରକଳ୍ପର ବିସ୍ତୃତ ପ୍ରକଳ୍ପ ରିପୋର୍ଟ ୱାପ୍‌କୋସ୍ ଦ୍ୱାରା ପ୍ରସ୍ତୁତ କରାଯାଇଛି। ଏହା ଏକ ବିଶାଳ ଶକ୍ତି ସଂରକ୍ଷଣ ପ୍ରଣାଳୀ ଯାହା ଗ୍ରୀଡ୍‌ରେ ଉପଲବ୍ଧ ତଳ ଜଳଭଣ୍ଡାରରୁ ଉପର ଜଳଭଣ୍ଡାରକୁ ପାଣି ପମ୍ପ ସାହାଯ୍ୟରେ ଉଠାଯାଏ ଏବଂ ସର୍ବାଧିକ ବିଦ୍ୟୁତ୍ ଚାହିଦା ସମୟରେ ବିଦ୍ୟୁତ୍ ଉତ୍ପାଦନ ପାଇଁ ସେହି ପାଣିକୁ ତଳକୁ ଛଡ଼ାଯାଏ। ଓଏଚ୍‌ପିସି ଏହାର ୬୦୦ ମେଗାୱାଟ୍ ପାରମ୍ପରିକ ଜଳବିଦ୍ୟୁତ୍ ଗୃହ ସହ ବିଦ୍ୟମାନ ଅପର ଇନ୍ଦ୍ରାବତୀ ଜଳବିଦ୍ୟୁତ୍ ପ୍ରକଳ୍ପ ନିକଟରେ ଏକ ପମ୍ପଡ଼ ଷ୍ଟୋରେଜ୍ ପ୍ରକଳ୍ପ ନିର୍ମାଣ କରୁଛି। ଏହି ସହଭାଗିତା ଦକ୍ଷତା ବୃଦ୍ଧି କରିବା ସହ ଓଡ଼ିଶାର ଶକ୍ତି କ୍ଷେତ୍ରକୁ ଆଗକୁ ବଢ଼ାଇବାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଚୁକ୍ତି ସ୍ୱାକ୍ଷର ବେଳେ ଜଳ ସମ୍ପଦ ବିଭାଗ, ଶକ୍ତି ବିଭାଗ, ଓଡ଼ିଶା ଜଳବିଦ୍ୟୁତ୍ ନିଗମ ଲିମିଟେଡ୍‌ର ନିର୍ଦ୍ଦେଶକ, ୱାପ୍‌କୋସ୍‌ର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ଶୃଙ୍ଖଳିତ ରଥଯାତ୍ରା ଲାଗି ସରକାର ଗଠନ କଲେ ମନ୍ତ୍ରୀସ୍ତରୀୟ କମିଟି

ଭୁବନେଶ୍ୱର, ୬।୬(ସୁନିତ୍ ମିଶ୍ର)

ପୁରୀରେ ଚଳିତ ଥର ଶୃଙ୍ଖଳିତ ରଥଯାତ୍ରା ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ଉଚ୍ଚ ମନ୍ତ୍ରୀସ୍ତରୀୟ କମିଟି ଗଠନ କରିଛନ୍ତି। ଏହି କମିଟିରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା ଅଧ୍ୟକ୍ଷ ରହିଛନ୍ତି। କମିଟିରେ ଅନ୍ୟମାନଙ୍କ ମଧ୍ୟରେ ୪ଟି ବିଭାଗର ମନ୍ତ୍ରୀ ରହିଛନ୍ତି। ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱିରାଜ ହରିଚନ୍ଦନ, ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଏବଂ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଜେନା କମିଟିର ସଦସ୍ୟ ରହିଛନ୍ତି। ଆଇନ ବିଭାଗ ପ୍ରମୁଖ ସଚିବଙ୍କୁ ଏହି କମିଟିର ଆବାହକ ନିଯୁକ୍ତ କରାଯାଇଛି। ଏହି କମିଟିର ତତ୍ତ୍ୱାବଧାନରେ ଶୃଙ୍ଖଳିତ ରଥଯାତ୍ରା ପାଇଁ ସମସ୍ତ ପ୍ରକାର ଆୟୋଜନ କରାଯିବ। ରଥଯାତ୍ରାର ସମସ୍ତ ପ୍ରକାର ପ୍ରସ୍ତୁତି ସମ୍ପର୍କରେ ଉକ୍ତ କମିଟି ତଦାରଖ କରିବେ। ଏନେଇ ଶୁକ୍ରବାର ଆଇନ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇଛି।

# ୩୦ ମହିଳାଙ୍କୁ ସ୍ୱାବଲମ୍ବୀ କରାଇଛନ୍ତି ଟିକି

ସିମୁଳିଆ, ୬।୬(ସନ୍ତୋଷ ନାୟକ)

ନିଜେ ଜଣେ ଦିବ୍ୟାଙ୍ଗ। ହେଲେ ଅନ୍ୟମାନଙ୍କ ପାଇଁ ସାଜିଛନ୍ତି ଉଦାହରଣ। ୨୭ବର୍ଷୀୟା ଟିକି ସିଂଙ୍କ ଘର ବାଲେଶ୍ୱର ଜିଲା ସିମୁଳିଆ ବ୍ଲକର ମାର୍କୋଣା ଅଞ୍ଚଳରେ। ଦ୍ରୌପଦୀଙ୍କ ଦୁଇପୁଅ ଦୁଇଝିଅଙ୍କ ମଧ୍ୟରେ ଟିକି ହେଉଛନ୍ତି ୩ନମ୍ବର ସାନମଝିଆ ଝିଅ। ପାରିବାରିକ ସମସ୍ୟାକୁ ନେଇ ଆଦୌ ସ୍କୁଲ ଯାଇ ନ ଥିବା ଟିକି ୩୦ଜଣ ନାରୀଙ୍କୁ ସକ୍ଷମ କରାଇପାରିଛନ୍ତି।

ନିଜ ସମ୍ପର୍କରେ ସେ କୁହନ୍ତି, ପାରିବାରିକ ସମସ୍ୟାକୁ ନେଇ ପିଲାଦିନେ ତାଙ୍କୁ ଭୁବନେଶ୍ୱରର ଜଣେ ବାବୁଙ୍କ ପିଲା ଧରିବା କାର୍ଯ୍ୟରେ ନିୟୋଜିତ କରାଯାଇଥିଲା। ପରେ ସେ ସେଠାରୁ ନିଜ ଜେଜେବାପାଙ୍କ ପାଖକୁ ଚାଲିଯାଇ ତାଙ୍କଠାରୁ ଟେଲରିଂ କାମ ଶିଖିଥିଲେ। ମାତ୍ର ୧୨ବର୍ଷ ବୟସରୁ ସେ ଟେଲରିଂ ଶିକ୍ଷା କରି ବିଭିନ୍ନ ସ୍ଥାନରେ କାମ କରୁଥିଲେ। ନିଜେ ଜଣେ ଦିବ୍ୟାଙ୍ଗ ହୋଇଥିବାରୁ ଅନେକ ମାଲିକ ତାଙ୍କୁ ଠିକ୍ ଦରମା ମଧ୍ୟ ଦେଉ ନ ଥିବା ସେ କହିଛନ୍ତି। ପରେ ସେ ନିଜ ଅଞ୍ଚଳକୁ ଆସି ମାର୍କୋଣାରେ କାମ କରିବା ପରେ ନିଜ ଉଦ୍ୟମରେ ମାର୍କୋଣା ଷ୍ଟେଶନ ରାସ୍ତା ପାର୍ଶ୍ୱରେ ଏକ ଟିଣ ଛପର ଘର ନିର୍ମାଣ କରିଛନ୍ତି।


ନିଜ ଦୋକାନରେ ଟିକି

ନିଜ ଦୋକାନର ନାମ ସେ ମା'ଦୁର୍ଗା ରଖିଛନ୍ତି। ଏଠାରେ ସେ ୫ଟି ସିଲେଇ ମେଶିନ ପକାଇ ନିଜେ କାମ କରିବା ସହିତ ଅନ୍ୟ ଦୁଇଜଣ ମହିଳାଙ୍କୁ ମାସିକ ୫ ହଜାର ଟଙ୍କାରେ ନିଯୁକ୍ତି ଦେଇଛନ୍ତି। ଆଗ୍ରହୀ ବିଭିନ୍ନ ମହିଳା ଓ ଝିଅମାନଙ୍କୁ ଟେଲରିଂ ଶିକ୍ଷା ମଧ୍ୟ ଦେଉଛନ୍ତି।

ଟିକି କୁହନ୍ତି, ୩୦ଜଣ ମହିଳାଙ୍କୁ ସେ ଶିକ୍ଷା ଦେଇ ସ୍ୱାବଲମ୍ବୀ କରାଇଛନ୍ତି। ସେମାନେ ବିଭିନ୍ନ ସ୍ଥାନରେ ସିଲେଇ ମେଶିନ ପକାଇ ପରିବାର ପୋଷଣ ମଧ୍ୟ କରୁଛନ୍ତି। ହସ ହସ ମୁହଁ ସହିତ ଆନ୍ତରିକ ବ୍ୟବହାର ପାଇଁ ସ୍ଥାନୀୟ ଅଞ୍ଚଳରେ ସେ ବହୁତ କାମ ମଧ୍ୟ ପାଉଛନ୍ତି। ଏଥିରୁ ମାସିକ ପ୍ରାୟ ୨୦ହଜାର ଟଙ୍କା ସେ ଆୟ କରିପାରୁଛନ୍ତି। ଅନ୍ୟ ଜଣେ ପଡ଼ୋଶୀ ଭିନ୍ନକ୍ଷମ ଭାଇ ଅଜୟ ରାଉତଙ୍କ ସହଯୋଗରେ ସେ ରଞ୍ଜନ ନାମକ ଜଣେ ଯୁବକଙ୍କୁ ବିବାହ କରିଛନ୍ତି। ନିଜ ସ୍ୱାମୀଙ୍କୁ ସକ୍ଷମ କରିବା ପାଇଁ ଋଣ କରି ଏକ ୩ଚକିଆ ପାସେଞ୍ଜର ଅଟୋଟିଏ ମଧ୍ୟ କିଣି ଦେଇଛନ୍ତି। ଉଭୟ ସ୍ୱାମୀ ସ୍ତ୍ରୀ ଏହି ଅଟୋର ମାସିକ କିସ୍ତି ମଧ୍ୟ ଶୁଝୁଛନ୍ତି। ସରକାରଙ୍କଠାରୁ ମଧ୍ୟ ମାସିକ ୧ହଜାର ଟଙ୍କା ଭିନ୍ନକ୍ଷମ ଭତ୍ତା ସେ ପାଉଛନ୍ତି। ଆଗକୁ ନିଜର ଛୋଟ ଦୋକାନକୁ ବଢ଼ାଇ ଆଉ ଟିକେ ବଡ଼ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ତେବେ ଯୁବତୀଯୁବକମାନେ ନିଜ ଉଦ୍ୟମରେ ସ୍ୱାବଲମ୍ବୀ ହେବାର ଉଦାହରଣ ସେ ସୃଷ୍ଟି କରିଛନ୍ତି ।

# ପର୍ବତରେ ପାର୍କ, ଗୋଚରରେ ଗ୍ରାମ୍ୟ ଉଦ୍ୟାନ

**ପାର୍କ ନିର୍ମାଣ ନାମରେ ଅର୍ଥ ଆତ୍ମସାତ୍**

- ଗୋଟିଏ ପ୍ରକଳ୍ପ ପାଇଁ ୪ ଅନୁଦାନ



ନିର୍ମାଣାଧୀନ ପାର୍କ

ଆନନ୍ଦପୁର,୬।୬(ସୁଶାନ୍ତ କୁମାର ସାହୁ)

କେଉଁଠି ପର୍ବତ ଉପରେ ପାର୍କ ତ କେଉଁଠି ଗୋଚର ଜମିରେ ଗ୍ରାମ୍ୟ ଉଦ୍ୟାନ। ଅନାବାଦୀ ଜମିକୁ ମଧ୍ୟ ଛାଡ଼ି ନାହାନ୍ତି। ଯେଉଁଠି ପାରିଛନ୍ତି ପାର୍କ ନିର୍ମାଣ ନାମରେ ଅର୍ଥ ଆତ୍ମସାତ୍ କରାଯାଇଛି। ପାର୍କ ଜଙ୍ଗଲ ମଝିରେ ପାହାଡ଼ ଉପରେ ନିର୍ମାଣ ପାଇଁ ୧ କୋଟି ୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ଏପରିକି ଗୋଟିଏ ପ୍ରକଳ୍ପ ପାଇଁ ୪ ବିଭାଗରୁ ଅନୁଦାନ ଆସିଛି। କେନ୍ଦୁଝର ଜିଲାରେ ଗ୍ରାମୀଣ ପାର୍କ ନିର୍ମାଣ କ୍ଷେତ୍ରରେ ଏଭଳି ସାଙ୍ଘାତିକ ଦୁର୍ନୀତି ହୋଇଥିବା ଆର୍‌ଟିଆଇ ତଥ୍ୟରୁ ହସ୍ତଗତ ହୋଇଥିବା ଦୁର୍ନୀତି ବିରୋଧୀ ପ୍ରଗତିଶୀଳ ମଞ୍ଚ ପକ୍ଷରୁ ଅଭିଯୋଗ ହୋଇଛି। ଶୁକ୍ରବାର ଘଷିପୁରାସ୍ଥିତ ହୋଟେଲ ଗାୟତ୍ରୀଠାରେ ଏକ ଖବରଦାତା ସମ୍ମିଳନୀ କରି ମଞ୍ଚ ପକ୍ଷରୁ ଯଜ୍ଞ ପ୍ରସାଦ ସାହୁ ଉକ୍ତ ସୂଚନା ଦେଇଛନ୍ତି।

ଅଭିଯୋଗ ମୁତାବକ, ବିଜେଡି ସରକାର ସମୟରେ ଜିଲାରେ ୧୦୮ ଗ୍ରାମୀଣ ପାର୍କ ନିର୍ମାଣ ପାଇଁ ଯୋଜନା ପ୍ରସ୍ତୁତ ହୋଇଥିଲା। ଏଥିପାଇଁ ବିଭାଗରୁ ଅର୍ଥ ପ୍ରଦାନ କରାଯାଇଥିଲା। କେଉଁଠି ପାର୍କ ନିର୍ମାଣ ପାଇଁ ୧ ଲକ୍ଷ ୭୭ ହଜାର ଟଙ୍କା, ଆଉ କେଉଁଠି ୨ କୋଟି ପ୍ରଦାନ ହୋଇଛି। ଘଷିପୁରା ବ୍ଲକ୍ ରାମଚନ୍ଦ୍ରପୁର ପଞ୍ଚାୟତ ବଡ଼ପଦନା ଗ୍ରାମରେ ଖାତା ନମ୍ବର ୪୨୧, ପ୍ଲଟ୍ ନମ୍ବର ୨୫୯୪, କିସମ ଗୋଚରରେ ମୋଟ ୧୭ ଏକର ୩୪ ଡିସିମିଲ ଜାଗା ରହିଛି। ଏହି ଜାଗାରୁ ପ୍ରାୟ ଦେଢ଼ ଏକର ସ୍ଥାନରେ ପାର୍କ ନିର୍ମାଣ ପାଇଁ ୨ କୋଟି ଖର୍ଚ୍ଚ କରାଯାଇ ଅର୍ଥ ଉଠାଣ ହୋଇଛି। ଏଠାରେ ପାର୍କ କହିଲେ କେବଳ ପାଚେରି, କିଛି ସିମେଣ୍ଟ ଚେୟାର ସହ ପାରମ୍ପରିକ ପୁରୁଣା ଗାଉଁଲି ଗଛ ରହିଛି। ମାତ୍ର ପାର୍କ ନିର୍ମାଣ ସରିଥିବା ଦର୍ଶାଯାଇ ଅର୍ଥ ଉଠାଣ ହୋଇଛି। ସାଧାରଣତଃ ଗୋଚର ଜମିରେ ପାର୍କ ପାଇଁ ଅନୁମତି ନ ଥିବା ବେଳେ ଏଠାରେ କିଭଳି ନିର୍ମାଣ ହେଲା ବ୍ଲକ୍ ପ୍ରଶାସନ, ରାଜସ୍ୱ ବିଭାଗ ସନ୍ଦେହଘେରକୁ ଆସିଛି। ରାଜସ୍ୱ ବିଭାଗ କିଭଳି ଏହା ଜାଣି ପାରିଲା ନାହିଁ ବୋଲି ମଞ୍ଚ ପକ୍ଷରୁ ପ୍ରଶ୍ନ କରାଯାଇଛି।

ସେହିପରି ଆନନ୍ଦପୁର ବ୍ଲକ୍ ପଣସଡ଼ିହା ପଞ୍ଚାୟତ ଖାତା ନମ୍ବର ୧୬୧, ପ୍ଲଟ୍ ନମ୍ବର ୫୩୯ରେ ମୋଟ ସାଢ଼େ ୧୦ ଏକର ଜମି ରହିଛି। ଏଥିରୁ ପ୍ରାୟ ଦେଢ଼ ଏକର ପର୍ବତ ୧ ଜମିରେ ପାର୍କ ନିର୍ମାଣ ହୋଇଛି। ଉକ୍ତ ଜମିରେ ପୂର୍ବରୁ ଶତାଧିକ ଜଙ୍ଗଲୀ ଶାଳ ଗଛ ଥିଲା। ଏଥିରୁ ୫୦ରୁ ଅଧିକ ଗଛକୁ ବନ ବିଭାଗର ବିନା ଅନୁମତିରେ କାଟି ପାର୍କ ନିର୍ମାଣ ହୋଇଥିବା ଅଭିଯୋଗ ହୋଇଛି। କାର୍ଯ୍ୟ ଅସମ୍ପୂର୍ଣ୍ଣ ଥିବା ବେଳେ ପାର୍କ ନିର୍ମାଣ ପାଇଁ ଏମ୍‌ଜିଏନ୍‌ଆର୍‌ଇଜିଏସ୍(ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା), ପଞ୍ଚାୟତ ବିକାଶ ପାଣ୍ଠି, ୫ମ ରାଜ୍ୟ ଅର୍ଥ କମିଶନ ଅର୍ଥ ସହ ବିଧାୟକ ପାଣ୍ଠି ମଧ୍ୟ ଏଥିରେ ବିନିଯୋଗ ହୋଇଛି। ଏଠାରେ ୧ କୋଟି ୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିଲେ ମଧ୍ୟ ପାର୍କ ନିର୍ମାଣ ଏବେବି ଅସମ୍ପୂର୍ଣ୍ଣ ରହିଛି।

ମାନବାଧିକାର କର୍ମୀ ହିମାଂଶୁ ଶେଖର ନାୟକ କହିଛନ୍ତି, ଅର୍ଥ ଆତ୍ମସାତ୍ ପାଇଁ କୌଣସି ପାର୍କକୁ ଟେଣ୍ଡର ପ୍ରକ୍ରିୟାରେ ସାମିଲ କରାଯାଇନାହିଁ। ଭାଗ ଭାଗ କରି ବିଭିନ୍ନ ଉତ୍ସରୁ ଏକାଧିକ ଥର ଅର୍ଥ ବ୍ୟୟବରାଦ କରାଯାଇଛି। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଆଇନର ଖୋଲା ଉଲ୍ଲଂଘନ କରାଯାଇ ଜମି ସମତଳ, ଘାସକଟା ନାମରେ ଲକ୍ଷାଧିକ ଟଙ୍କା ଆତ୍ମସାତ୍ ହୋଇଛି। ଘଟଣାରେ ସମ୍ପୃକ୍ତ ତତ୍କାଳୀନ ଜିଲାପାଳ, ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, ବିଡିଓ, ତହସିଲଦାର, ସହକାରୀ କାର୍ଯ୍ୟ ନିର୍ବାହୀ ଅଧିକାରୀ, କନିଷ୍ଠ ଯନ୍ତ୍ରୀ, ରାଜସ୍ୱ ନିରୀକ୍ଷକ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ, ତତ୍କାଳୀନ ବ୍ଲକ୍ ଅଧ୍ୟକ୍ଷା ଓ ସରପଞ୍ଚଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି। ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ ଜନପ୍ରତିନିଧିଙ୍କଠାରୁ ଟଙ୍କା ଆଦାୟ କରିବାକୁ ଯଜ୍ଞ ପ୍ରସାଦ ସାହୁ ଦାବି କରିଛନ୍ତି।

# ଫେରାଇଲେ ପ୍ରକୃତି ବନ୍ଧୁ ପୁରସ୍କାର, ଟଙ୍କା

**ମେଧା ପାଟ୍‌କରଙ୍କ ସମର୍ଥନରେ ବାହାରିଲେ ପରିବେଶବିତ୍**




ରାଜ୍ୟ ସରକାରଙ୍କ ପୁରସ୍କାର ଫେରାଇ ଦେଉଛନ୍ତି ଅନୁଗୋଳର ପରିବେଶବିତ୍ ସିଦ୍ଧାର୍ଥ ପ୍ରଧାନ।

ଅନୁଗୋଳ,୬।୬(ମାନସ ବିଶ୍ୱାଳ)

ଅନୁଗୋଳ ଜିଲା ପ୍ରଶାସନ ଓ ଜିଲା ଜଙ୍ଗଲ ବିଭାଗ ଦ୍ୱାରା ଗୁରୁବାର ଆୟୋଜିତ ବିଶ୍ୱ ପରିବେଶ ଦିବସ ସମାରୋହରେ ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ପ୍ରଦାନ କରାଯାଇଥିବା ପ୍ରକୃତି ବନ୍ଧୁ ପୁରସ୍କାର ସହ ୧୦ ହଜାର ଟଙ୍କା ଓ ବୁଦ୍ଧ ମୂର୍ତ୍ତି ଫେରାଇ ଦେଇଛନ୍ତି ଅନୁଗୋଳର ପରିବେଶବିତ୍ ସିଦ୍ଧାର୍ଥ ପ୍ରଧାନ। ରାୟଗଡ଼ା ଜିଲା କାଶୀପୁର ବ୍ଲକରେ ଆୟୋଜିତ ପରିବେଶ ସମାବେଶରେ ଯୋଗଦେବାକୁ ଯାଉଥିବା ବିଶିଷ୍ଟ ପରିବେଶବିତ୍ ମେଧା ପାଟ୍‌କରଙ୍କୁ ପୋଲିସ ରାୟଗଡ଼ା ରେଳଷ୍ଟେଶନରେ ଅଟକ ରଖିବା ଓ ପରେ ଗାଡ଼ିରେ ନେଇ ବ୍ରହ୍ମପୁରରେ ଛାଡ଼ିଦେବା ଘଟଣାର ପ୍ରତିବାଦ କରି ସରକାରଙ୍କ ପୁରସ୍କାର ଫେରାଇ ଦେଇଥିବା ଉକ୍ତ କାର୍ଯ୍ୟକ୍ରମରେ ପରିବେଶବିତ୍ ସିଦ୍ଧାର୍ଥ ଘୋଷଣା କରିଥିଲେ। ଏଥିସହ କମ୍ପାନୀ ସ୍ୱାର୍ଥରେ ଓଡ଼ିଶାର ପ୍ରାକୃତିକ ସମ୍ପଦକୁ ନଷ୍ଟ ହେବାକୁ ନ ଦେବା ପାଇଁ ସେ ରାଜ୍ୟ ସରକାରଙ୍କୁ ନିବେଦନ କରିଥିଲେ।

# ୨ ଭଉଣୀଙ୍କୁ ଅପହରଣ, ଗଣବଳାତ୍କାର

ଗୋପାଳପୁର,୬।୬
(ନବୀନ ରାଜ ଆଚାରୀ)

ବ୍ରହ୍ମପୁର ପୋଲିସ ଜିଲା ଅଧୀନ ଗୋଳନ୍ଥରା ଥାନା ଅଞ୍ଚଳର ଏକ ଗ୍ରାମରୁ ଦୁଇ ନାବାଳିକା (ଉଭୟ ସମ୍ପର୍କୀୟ ଭଉଣୀ)ଙ୍କୁ ପ୍ରଲୋଭନ ଦେଖାଇ ୪ଜଣ ଯୁବକ ଅପହରଣ କରି ଦୁଇ ଦିନ ଧରି ଗଣବଳାତ୍କାର କରିଥିବା ଗୁରୁବାର ରାତିରେ ଗୋଳନ୍ଥରା ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ବ୍ରହ୍ମପୁର ଏସ୍‌ପି ସର୍ବଣା ବିବେକ ଏମ୍ ଏହାକୁ ଗୁରୁତର ସହ ନେଇ ଗୋଳନ୍ଥରା ଥାନା ପରିଦର୍ଶନ କରି ବ୍ରହ୍ମପୁର ସଦର ଏସ୍‌ଡିପିଓ ଏବଂ ଥାନା ଅଧିକାରୀଙ୍କ ସହ ଆଲୋଚନା କରିବା ସହ ସ୍ପଟ୍ ଭିଜିଟ୍ କରି ଫେରିଛନ୍ତି। ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଏକ ଟିମ୍ ଗଠନ କରାଯାଇଛି।

ଗତ ୧ ତାରିଖରେ ଗଞ୍ଜାମ ଥାନା ଅଞ୍ଚଳର ଏହି ନାବାଳିକା ଦୁଇ ଭଉଣୀ ମା'ଙ୍କ ସହ ଗୋଳନ୍ଥରା ଥାନା ଅଧୀନ ଏକ ଗ୍ରାମରେ ଥିବା ମାମୁଘରକୁ ବୁଲିବାକୁ ଆସିଥିଲେ। ଉଭୟଙ୍କୁ ଗତ ମଙ୍ଗଳବାର ସେହି ଗ୍ରାମର ୪ ଜଣ ଯୁବକ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ଡାକିନେଇଥିଲେ। ଅଭିଯୁକ୍ତମାନେ ଦୁଇ ନାବାଳିକାଙ୍କୁ ଗ୍ରାମର ବିଭିନ୍ନ ସ୍ଥାନରେ ରଖି ବାରମ୍ବାର ବଳାତ୍କାର କରିଥିଲେ। ଯୁବକମାନେ ଘଟଣା ସମ୍ପର୍କରେ କାହାକୁ ନ କହିବା ପାଇଁ ସେମାନଙ୍କୁ ଧମକଚମକ ଦେଇ ସେମାନଙ୍କୁ ନେଇ ଅନ୍ୟ ଏକ ଗାଁ ନିକଟରେ ଛାଡ଼ି ପଳାଇଥିଲେ। ପରଦିନ ପୁଣି ସେମାନେ ନାବାଳିକା ଦୁହିଁଙ୍କୁ ଡାକିଥିଲେ ମଧ୍ୟ ଉଭୟେ ଆସି ନ ଥିଲେ। ଅସୁସ୍ଥ ଅନୁଭବ କରି ଦୁଇ ନାବାଳିକା ଚାଲିପାରୁ ନ ଥିବା ଦେଖି ପରିବାର ଲୋକେ ଉଭୟଙ୍କୁ ପଚାରିଥିଲେ। ପରେ ଦୁହେଁ ଘଟଣା ସମ୍ପର୍କରେ କହିଥିଲେ। ଗ୍ରାମରେ ଏହି ଖବର ପ୍ରଚାର ହେବା ପରେ ଭଦ୍ରଲୋକଙ୍କ ଉପସ୍ଥିତିରେ ପୀଡ଼ିତା ପରିବାର ଲୋକେ, ୪ ଅଭିଯୁକ୍ତ ଓ ସେମାନଙ୍କ ପରିବାର ଲୋକଙ୍କୁ ନେଇ ଏକ ବୈଠକ ହୋଇଥିଲା। ବୈଠକରେ ଘଟଣାକୁ ଚପାଇ ଦେବାକୁ ଉଦ୍ୟମ କରାଯାଇଥିଲା। ଫଳରେ ଏନେଇ କୌଣସି ସମାଧାନ ହୋଇପାରି ନ ଥିଲା। ଏ ନେଇ ପୀଡ଼ିତାଙ୍କ ମା'ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। ନଂ. ୨୪୦/୨୫ରେ ପୋଲିସ ଏକ ବଳାତ୍କାର ମାମଲା ରୁଜୁ କରିଛି। ଗିରଫ ଭୟରେ ଅଭିଯୁକ୍ତମାନେ ଆନ୍ଧ୍ରପ୍ରଦେଶ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଅଭିଯୁକ୍ତଙ୍କୁ ଧରିବା ପାଇଁ ବ୍ରହ୍ମପୁର ଏସ୍‌ପିଙ୍କ ନିର୍ଦ୍ଦେଶରେ ଗୋଳନ୍ଥରା ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁଙ୍କ ନେତୃତ୍ୱରେ ଗଠିତ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ଶୁକ୍ରବାର ଗ୍ରାମରେ ପୁଣି ଏକ ବୈଠକ କରି ବଳାତ୍କାର କରିଥିବା ଯୁବକଙ୍କ ପରିବାର ଲୋକେ ଘଟଣାକୁ ରଫାଦଫା କରିଦେବାକୁ ପୀଡ଼ିତାଙ୍କ ପରିବାର ଉପରେ ଚାପ ପକାଉଥିବା ଅଭିଯୋଗ ହୋଇଛି। ଅପରାହ୍ନରେ ପୋଲିସ ଦୁଇ ନାବାଳିକାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲରେ ଡାକ୍ତରୀ ମାଇନା କରିବା ପରେ ଶିଶୁ ମଙ୍ଗଳ କମିଟି ନିକଟରେ ହାଜର କରିଛି।

# ବୋହୂଙ୍କୁ ଜାଳିଦେଲେ

## ଅର୍ଦ୍ଧଦଗ୍ଧ ଅବସ୍ଥାରେ ବାଲେଶ୍ୱର ସ୍ଥାନାନ୍ତର

ଭୋଗରାଇ, ୬।୬(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ନିମାତପୁର ଗ୍ରାମରେ ଶୁକ୍ରବାର ସକାଳ ୭ଟାରେ ଜଣେ ମହିଳା ଶୋଇଥିବା ବେଳେ ତାଙ୍କ ଶାଶୁ ଓ ଶଶୁର ମିଶି କିରୋସିନ ଢାଳି ନିଆଁ ଲଗାଇଦେଇଛନ୍ତି। ତାଙ୍କୁ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଉଦ୍ଧାର କରାଯାଇ ଜଳେଶ୍ୱରପୁର ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ବାଲେଶ୍ୱର ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଶାଶୁ, ଶ୍ୱଶୁରଙ୍କୁ ଥାନାରେ ଅଟକ ରଖି ପୋଲିସ ପଚରାଉଚୁରା କରୁଛି।

ଭୋଗରାଇର ଆରୁହାବୃତ୍ତି – ୧ ଗାଁର ଖଗେନ୍ଦ୍ର ସିଂହଙ୍କ ଝିଅ ସୀତାରାଣୀଙ୍କୁ ନିମାତପୁର ଗାଁର ଗୌରାଙ୍ଗ ଗିରିଙ୍କ ପୁଅ ଚନ୍ଦନ ୨୦୨୧ରେ ବିବାହ କରିଥିଲେ। ବିବାହ ସମୟରେ ଦାବି ମୁତାବକ ସମସ୍ତ ଯାନି ଯୌତୁକ ଦିଆଯାଇଥିଲା। ବିବାହର କିଛି ବର୍ଷ ପରେ ସ୍ୱାମୀ, ଶାଶୁ, ଶଶୁର ଅଧିକ ଯୌତୁକ ଦାବି କରି ସୀତାରାଣୀଙ୍କୁ ମାଡ଼ ମାରିବା ସହ ଛାଡ଼ପତ୍ର ପାଇଁ ଧମକ ଦେଉଥିଲେ। ଏନେଇ ଗାଁରେ ବାରମ୍ବାର ବିଚାର ହୋଇ ସମାଧାନ ଉଦ୍ୟମ ହୋଇଥିଲା। ଶାଶୁଘର ଲୋକେ ବୋହୂକୁ ଶାରୀରିକ ଓ ମାନସିକ ନିର୍ଯାତନାରୁ ନିବୃତ୍ତ ହେଉ ନଥିଲେ। ୩ମାସ ପୂର୍ବେ ଶାଶୁ ଘର ଲୋକେ ସୀତାରାଣୀଙ୍କୁ ମାଡମାରି ଘରୁ ବାହାର କରି ଦେଇଥିଲେ। ସୀତାରାଣୀ ଏକମାତ୍ର ପୁଅଙ୍କୁ ଧରି ବାପାଙ୍କ ଘରେ ରହୁଥିବାର ଅଭିଯୋଗ ହୋଇଛି। ସ୍ୱାଇଁର କଥା ମାନି ମେ' ୪ତାରିଖରେ ବାପା ଖଗେନ୍ଦ୍ର ନିମାତପୁରରେ ଛାଡି ଆସିଥିଲେ ବୋଲି ଅଭିଯୋଗରେ ଉଲ୍ଲେଖ ରହିଛି। ମାତ୍ର ଶୁକ୍ରବାର ସକାଳେ ଝିଅ ଜଳେଶ୍ୱରପୁର ହସ୍ପିଟାଲରେ ଅର୍ଦ୍ଧ ଦଗ୍ଧ ଅବସ୍ଥାରେ ଚିକିତ୍ସିତ ହେଉଥିବା ବାପଘର ଲୋକେ ଖବର ପାଇଥିଲେ। ଶାଶୁ ରୁକ୍ମିଣୀ ଓ ଶ୍ୱଶୁର ଗୌରାଙ୍ଗ ଝିଅକୁ କିରୋସିନ ଢାଳି ନିଆଁ ଲଗାଇ ମାରିଦେବାକୁ ଉଦ୍ୟମ କରିଥିବା ସୀତାରାଣୀଙ୍କ ମା' ପୁଷ୍ପଲତା ଅଭିଯୋଗ ଆଣିଛନ୍ତି। ଜାଇଁ ଚନ୍ଦନଙ୍କ କଥା ଅନୁଯାୟୀ ମା' ବାପା ଏଭଳି କାଣ୍ଡ ଭିଆଇଥିବା ପୁଷ୍ପଲତା ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ତଦନ୍ତ କରୁଛି।

# ଗାଁରୁ ବାସନ୍ଦ ବ୍ୟକ୍ତିଙ୍କୁ ଠେଙ୍ଗାରେ ପିଟି ହତ୍ୟା

## ୧୩ ବର୍ଷୀୟ ନାବାଳକଙ୍କ ସହ ଅନ୍ୟ ଅଭିଯୁକ୍ତ ଫେରାର

ପାଲଲହଡ଼ା,୬।୬ (ଦିବ୍ୟଜ୍ୟୋତି ଦାଶ)

ଗାଁରୁ ବାସନ୍ଦ ହୋଇଥିବା ଜଣେ ବ୍ୟକ୍ତିଙ୍କୁ ଠେଙ୍ଗାରେ ପିଟି ହତ୍ୟା କରାଯାଇଛି। ରଜ ଦୋଳି କାଠକୁ ନେଇ ବଚସାରୁ ଅନୁଗୋଳ ଜିଲା ପାଲଲହଡ଼ା ଥାନା ବାନ୍ଧଭୂଇଁ ପଞ୍ଚାୟତ ଭୀମକାଣ୍ଡ ଗାଁରେ ଗୁରୁବାର ରାତିରେ ଘଟିଛି ଏହି ଘଟଣା। ଏଥିରେ ଜଣେ ୧୩ ବର୍ଷର ନାବାଳକ ଓ ଅନ୍ୟ ଜଣେ ଯୁବକଙ୍କ ସମ୍ପୃକ୍ତି ଥିବା ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଭୀମକାଣ୍ଡ ଗ୍ରାମର ନକୁଳ ପ୍ରଧାନ(୫୫)ଙ୍କ ବୋହୂ ବର୍ଷେ ତଳେ ଅନ୍ୟ ଜଣେ ଯୁବକଙ୍କ ସହ ପଳାଇ ଯାଇଥିଲେ। ଏହି ଘଟଣାକୁ ନେଇ ନକୁଳଙ୍କ ପରିବାରକୁ ଜାତିଭାଇମାନେ ସମାଜରୁ ବାସନ୍ଦ କରିଥିଲେ। ତେବେ ରଜ ଦୋଳି ନିର୍ମାଣ ପାଇଁ କାଠ କାମ ଚାଲିଥିବା ବେଳେ ଗାଁର ଯୁବକ ଜିତୁ ପ୍ରଧାନ (୨୩ ) ଏବଂ ଜଣେ ୧୩ ବର୍ଷୀୟ ନବମ ଶ୍ରେଣୀ ଛାତ୍ରଙ୍କ ସହ ନକୁଳଙ୍କ ବଚସା ହୋଇଥିଲା। ୨ ଅଭିଯୁକ୍ତ ଭସ୍ମ ହୋଇଯିବେ ବୋଲି ନକୁଳ ଅଭିଶାପ ଦେଇଥିଲେ। ଏଥିରେ ପ୍ରତିଶୋଧ ପରାୟଣ ହୋଇ ଅଭିଯୁକ୍ତ ଜିତୁ ଏବଂ ସମ୍ପୃକ୍ତ ନାବାଳକ ରାତି ପ୍ରାୟ ୧୦ଟାରେ ଠେଙ୍ଗାରେ ପିଟି ପିଟି ନକୁଳଙ୍କୁ ହତ୍ୟା କରିଥିଲେ। ମୃତଦେହକୁ ଘର ସମ୍ମୁଖ ଆମ୍ବ ଗଛ ନିକଟରେ ଫିଙ୍ଗି ଦୁହେଁ ଫେରାର ହୋଇଯାଇଥିଲେ। ନକୁଳଙ୍କ ପୁଅ ଲୋଚନ ପ୍ରଧାନ ଶୁକ୍ରବାର ଘଟଣା ସମ୍ପର୍କରେ ପୋଲିସକୁ ଖବର ଦେଇଥିଲେ। ପାଲଲହଡ଼ା ଉପଖଣ୍ଡ ପୋଲିସ ଅଧିକାରୀ କୈଳାସ ଚନ୍ଦ୍ର ସେଠୀ, ଥାନା ଆଇଆଇସି ପ୍ରଦୀପ କୁମାର ମହନ୍ତ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଘଟଣାର ତଦନ୍ତ ଜାରି ରଖିଛନ୍ତି। ଏ ସଂକ୍ରାନ୍ତରେ ଥାନାରେ ୨୧୭/୨୫ରେ ଏକ ମାମଲା ରୁଜୁ କରାଯାଇଛି। ଫେରାର ଥିବା ୨ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ପୋଲିସ ଉଦ୍ୟମ ଚଳାଇଛି।

# ପୋଲିସ ସୂଚନାଦାତା ସନ୍ଦେହରେ ଯୁବକଙ୍କୁ ଅପହରଣ

## ନିସ୍ତୁକ ମାଡ଼ ମାରିଲେ ଚୋରା କୋଇଲା ଚାଲାଣକାରୀ

ଭଦ୍ରକ/ବାସୁଦେବପୁର, ୬।୬
(ସନାତନ ରାଉତ/କାଳିପଦ ରାୟ)



ଅପହରଣକାରୀଙ୍କ ମାଡ଼ରେ ଆହତ ପ୍ରତାପ ନାୟକଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନା ନିଆଯାଉଛି।

କୋଇଲା ଚୋରା ଚାଲାଣ ନେଇ ପୋଲିସକୁ ସୂଚନା ଦେଉଥିବା ସନ୍ଦେହରେ ଯୁବକଙ୍କୁ ଅପହରଣ କରାଯାଇଥିଲା। ତାଙ୍କୁ ନିସ୍ତୁକ ମାଡ଼ ମରାଯିବା ସହ ୭ ଘଣ୍ଟା ଧରି ଅକଥନୀୟ ନିର୍ଯାତନା ଦିଆଯିବାପରେ କୋଇଲା ଚୋରା ଚାଲାଣକାରୀମାନେ ଛାଡ଼ିଛନ୍ତି। ଭଦ୍ରକ ଜିଲା ସଦର ବ୍ଲକ ସାବରଙ୍ଗ ଥାନା ଅଞ୍ଚଳରେ ଗୁରୁବାର ଭୋର୍ ସମୟରେ ଏହି ଘଟଣା ଘଟିଥିବା ବେଳେ ଅପହରଣର ଶିକାର ପରିବିନ୍ଧା ମାରପୁର ଅଞ୍ଚଳର ପ୍ରତାପ ନାୟକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି।

ପ୍ରତାପଙ୍କ କହିବା ଅନୁଯାୟୀ, କେତେଜଣ କୋଇଲା ଚାଲାଣକାରୀ ଓ ତାଙ୍କ ସହଯୋଗୀ ଗୁରୁବାର ସକାଳେ ତାଙ୍କୁ ବନ୍ଧୁକ ଦେଖାଇ ଇଚ୍ଛାପୁର ବଜାରରୁ ଅପହରଣ କରିନେଇଥିଲେ। ଏକ ବୋଲେରୋରେ ତାଙ୍କୁ ନେଇଯାଉଥିବା ବେଳେ ହଳଦୀଡିହ ବାଇପାସ୍ ପରେ ତାଙ୍କ ମୁହଁରେ କଳାଗାମୁଛା ଗୁଡ଼ାଇ ନିସ୍ତୁକ ମାଡ଼ ମାରିଥିଲେ। ୩ଟି ଚାରିଚକିଆ ଓ ୨ଟି ବାଇକ୍‌ରେ ୧୪ରୁ ଉର୍ଦ୍ଧ୍ୱ ଅପହରଣକାରୀ ତାଙ୍କୁ ପ୍ରଥମେ ମୟୂରଭଞ୍ଜର ଠାକୁରମୁଣ୍ଡା, ପରେ ବାଲେଶ୍ୱର ଜିଲାର ନୀଳଗିରି ପଞ୍ଚଲିଙ୍ଗେଶ୍ୱର ଜଙ୍ଗଲକୁ ନେଇ ନିସ୍ତୁକ ମାଡ଼ ମାରିଥିଲେ। ତେବେ ଅପହରଣ ବିଷୟରେ ଜାଣିବା ପରେ ପ୍ରତାପଙ୍କ ସ୍ତ୍ରୀ କନକଲତା ସାବରଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ ଗୁରୁତ୍ୱ ଦେଇ ନ ଥିଲା। ଶେଷରେ କନକଲତା ପୂର୍ବାଞ୍ଚଳ ଡିଆଇଜି ଡ. ସତ୍ୟଜିତ୍ ନାୟକଙ୍କ ନିକଟରେ ଅଭିଯୋଗ କରିବା ପରେ ସେ ବାଲେଶ୍ୱର ଅତିରିକ୍ତ ଏସ୍‌ପି ଆଲୋକ ରଞ୍ଜନ ରାୟ ଓ ଅନ୍ୟ ଜଣେ ଅଫିସରଙ୍କୁ ତଦନ୍ତ ଦାୟିତ୍ୱ ଦେଇଥିଲେ। ଅପହରଣର ୭ ଘଣ୍ଟା ପରେ ଅପହରଣକାରୀମାନେ ପ୍ରତାପଙ୍କୁ ଭଦ୍ରକ ରାଣୀତାଲ ନିକଟରେ ଛାଡ଼ିଦେଇଥିଲେ। ୪ ଦିନ ପୂର୍ବରୁ ତାଙ୍କ ସ୍ୱାମୀଙ୍କୁ ଜିଅନ୍ତା ଜାଳିଦେବାକୁ ଧମକ ଦିଆଯାଇଥିଲା ବୋଲି କନକଲତା ଅଭିଯୋଗରେ ଦର୍ଶାଇଛନ୍ତି। ବିଭିନ୍ନ ସମୟରେ କୋଇଲା ଚୋରାଚାଲାଣ ସମ୍ପର୍କରେ ପୋଲିସକୁ ସୂଚନା ଦେଉଥିବା ସନ୍ଦେହ କରି ତାଙ୍କୁ ଅପହରଣ ଓ ଆକ୍ରମଣ କରାଯାଇଥିବା ପ୍ରତାପ କହିଛନ୍ତି। ଏନେଇ ସାବରଙ୍ଗ ଥାନାରେ ଏକ ମାମଲା(ନଂ.୧୨୫/୨୫) ରୁଜୁ କରାଯାଇଛି। ଅପହରଣରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରାଯିବା ସହ ମାମଲାର ତଦନ୍ତ ପାଇଁ କ୍ରାଇମବ୍ରାଞ୍ଚକୁ ଦାୟିତ୍ୱ ଦିଆଯିବ ବୋଲି ବାଲେଶ୍ୱର ଅତିରିକ୍ତ ଏସ୍‌ପି କହିଛନ୍ତି।

# ସିଏମ୍‌ଓ ଅଫିସ୍ ନାଁରେ ଅଧୀକ୍ଷଣ ଯନ୍ତ୍ରୀଙ୍କଠାରୁ ୨ଲକ୍ଷ ଟଙ୍କା

## ଅଭିଯୁକ୍ତଙ୍କୁ ଗିରଫକଲା ଏୟାରଫିଲ୍ଡ ପୋଲିସ

ଭୁବନେଶ୍ୱର,୬।୬(ସତ୍ୟଜିତ୍ ରାଉତ)

ନିଜକୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଜଣେ କର୍ମଚାରୀ ପରିଚୟ ଦେଇ ଜଣେ ଉଚ୍ଚପଦସ୍ଥ ସରକାରୀ ଅଧିକାରୀଙ୍କଠାରୁ ୨ ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୁକ୍ତଙ୍କୁ ଏୟାରଫିଲ୍ଡ ଥାନା ପୋଲିସ ଗିରଫ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଭୀମଟାଙ୍ଗିରେ ରହୁଥିବା ଜାନକୀବଲ୍ଲଭ ମହାପାତ୍ର। ଠକେଇର ଶିକାର ଅଧିକାରୀ ହେଉଛନ୍ତି ଅନୁଗୋଳ (ରାସ୍ତା ଓ ଗୃହ) ବିଭାଜନର ଅଧୀକ୍ଷଣ ଯନ୍ତ୍ରୀ ପ୍ରତାପ କୁମାର ହରିପାଲ। ତାଙ୍କ ଏତଲା ଆଧାରରେ ପୋଲିସ ବିଏନ୍‌ଏସ୍ ଦଫା ୨୯୬ (ବି), ୩୦୮(୪), ୩୦୮(୫), ୩୫୧(୨)ରେ ମାମଲା (ନଂ.୨୦୧/୨୦୨୫) ରୁଜୁ କରି ପଦକ୍ଷେପ ଗ୍ରହଣ କରିଛି। ତେବେ ଗିରଫ ଅଭିଯୁକ୍ତ ଜାନକୀବଲ୍ଲଭଙ୍କୁ କୋର୍ଟ ଚାଲାଣ ପରେ ତାଙ୍କ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ମାମଲା ଅନୁଯାୟୀ, ଅଭିଯୋଗକାରୀ ହରିପାଲଙ୍କୁ ଜାନକୀ ଗତ ମାସେ ହେବ ମୋବାଇଲ ନଂ.୯୪୩୭୧୧୨୩୭୯ରୁ ବାରମ୍ବାର କଲ୍ କରିଥିଲେ। ଜାନକୀ ସିଏମ୍‌ଓ ଅଫିସରେ କାମ କରୁଥିବା ପରିଚୟ ଦେଇ ହରିପାଲଙ୍କୁ ୨ ଲକ୍ଷ ଟଙ୍କା ମାଗିଥିଲେ। ଟଙ୍କା ନ ପାଇଲେ ମାଲକାନଗିରିକୁ ବଦଳି କରିଦେବେ ବୋଲି ଧମକ ଦେଇଥିଲେ। ଫଳରେ ହରିପାଲ ଭୟଭୀତ ହୋଇପଡିଥିଲେ। ଶେଷରେ ଜାନକୀଙ୍କ ଭୀମଟାଙ୍ଗୀସ୍ଥିତ ବାସଭବନକୁ ଯାଇ ତାଙ୍କୁ ୨ ଲକ୍ଷ ଟଙ୍କା ଦେଇଥିଲେ। ହେଲେ ଏହା ପରେ ବି ଜାନକୀ ପୁଣି ଟଙ୍କା ଦାବି କରିଥିଲେ। ଗତ ଜୁନ ୨ରେ ହରିପାଲଙ୍କୁ କଲ୍ କରି ଆଉ ୫ ଲକ୍ଷ ଟଙ୍କା ମାଗିଥିଲେ। ଏଥିରେ ହରିପାଲ କୁଣ୍ଠାବୋଧ କରିବାରୁ ସେ ଅଶ୍ଲୀଳ ଭାଷାରେ ଗାଳିଗୁଲଜ କରିବା ସହ ସମସ୍ୟାରେ ପକାଇ ଦେବାକୁ ଧମକ ଦେଇଥିଲେ। ଏପରିକି ହତ୍ୟା ଧମକ ଦେବା ସହ ସିଧା ଭୀମଟାଙ୍ଗିକୁ ଆସି ୫ ଲକ୍ଷ ଟଙ୍କା ଦେବାକୁ କହିଥିଲେ। ଏନେଇ ହରିପାଲ ଏୟାରଫିଲ୍ଡ ଥାନାରେ ଏତଲା ଦେଇଥିଲେ। ତେବେ ଯନ୍ତ୍ରୀ ଜଣକ ଜାନକୀଙ୍କ କୌଣସି ପରିଚୟପତ୍ର ଯାଞ୍ଚ ନ କରି ୨ ଲକ୍ଷ ଟଙ୍କା ଦେଇଦେବା ଘଟଣା ଚର୍ଚ୍ଚା ସୃଷ୍ଟି କରିଛି। ଗତ ମଙ୍ଗଳବାର ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ ମଧ୍ୟ ଶୁକ୍ରବାର ଘଟଣା ସାମ୍ନାକୁ ଆସିଛି।

ଜାତୀୟ/ଅନ୍ତର୍ଜାତୀୟ

# ଏପ୍ରିଲରେ ବାଂଲାଦେଶ ନିର୍ବାଚନ

ଢାକା,୬।୬

ଆସନ୍ତାବର୍ଷ ଏପ୍ରିଲରେ ବାଂଲାଦେଶ ନିର୍ବାଚନ ଅନୁଷ୍ଠିତ ହେବ ବୋଲି ଅନ୍ତରୀଣ ସରକାରଙ୍କ ମୁଖ୍ୟ ଉପଦେଷ୍ଟା ମହମ୍ମଦ ୟୁନୁସ୍ ଶୁକ୍ରବାର ଘୋଷଣା କରିଛନ୍ତି। ଗତବର୍ଷ ଜୁଲାଇ–ଅଗଷ୍ଟରେ ଜୋର୍‌ଦାର ଛାତ୍ର ବିଦ୍ରୋହ ଫଳରେ ଶେଖ୍ ହାସିନାଙ୍କ ସରକାର କ୍ଷମତାଚ୍ୟୁତ ହୋଇଥିଲା। ତୁରନ୍ତ ନିର୍ବାଚନ ତାରିଖ ଘୋଷଣା ପାଇଁ କ୍ଷମତା ଆଶାୟୀ ଦଳଗୁଡ଼ିକ ବାରମ୍ବାର ଦାବି କରିଆସୁଥିଲେ। ତେବେ ହାସିନାଙ୍କ କାର୍ଯ୍ୟକାଳ ପରେ ବାଂଲାଦେଶର ଗଣତନ୍ତ୍ରିକ ଅନୁଷ୍ଠାନଗୁଡ଼ିକରେ ଆବଶ୍ୟକ ପରିବର୍ତ୍ତନ ଲାଗି ସମୟ ଆବଶ୍ୟକ ବୋଲି ୟୁନୁସ୍ କହିଥିଲେ। ପ୍ରକାଶ ଯେ, ୨୦୨୫ ଡିସେମ୍ବର ସୁଦ୍ଧା ନିର୍ବାଚନ କରାଇବା ପାଇଁ ବାଂଲାଦେଶ ସେନା ପକ୍ଷରୁ ୟୁନୁସ୍ ସରକାରଙ୍କ ଉପରେ ଚାପ ପକାଯାଉଥିଲା। ତେବେ ସେନାର ଏହି ଦାବିକୁ ୟୁନୁସ୍ ପ୍ରତ୍ୟାଖ୍ୟାନ କରି ଉପରୋକ୍ତ ଘୋଷଣା କରିଛନ୍ତି।

# ୟୁଏନ୍‌ଏସ୍‌ସି ଆତଙ୍କବାଦ ନିରୋଧୀ କମିଟିରେ ପାକିସ୍ତାନର ଅଧ୍ୟକ୍ଷତା ଭାରତ ପାଇଁ ଅଡୁଆ ସ୍ଥିତି

ନୂଆଦିଲ୍ଲୀ,୬।୬

ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ର ୨ଟି ଆତଙ୍କବାଦ ନିରୋଧୀ କମିଟିରେ ପାକିସ୍ତାନକୁ ଅଧ୍ୟକ୍ଷ ଓ ସହଅଧ୍ୟକ୍ଷ ନିଯୁକ୍ତ କରାଯାଇଥିବାରୁ ଭାରତ ପାଇଁ ଅଡୁଆ ସ୍ଥିତି ସୃଷ୍ଟି କରିଛି। ୟୁଏନ୍‌ଏସ୍‌ସିର ତାଲିବାନ ବିରୋଧୀ କଟକଣା କମିଟିରେ ଇସ୍‌ଲାମାବାଦକୁ ଅଧ୍ୟକ୍ଷତା ମିଳିଥିବାବେଳେ ୯/୧୧ ପରବର୍ତ୍ତୀ ଆତଙ୍କବାଦ ନିରୋଧୀ କମିଟି ଏବଂ ଜାତିସଂଘ ପ୍ରତିବନ୍ଧ ବ୍ୟବସ୍ଥା କାର୍ଯ୍ୟକାରୀ ଗୋଷ୍ଠୀର ଉପାଧ୍ୟକ୍ଷ କରାଯାଇଛି, ଯାହା ନୂଆଦିଲ୍ଲୀକୁ କ୍ଷୁବ୍ଧ କରିଛି।

ଏପ୍ରିଲ ୨୨ରେ ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଏବଂ ମେ' ୭ରୁ ୪ ଦିନ ଧରି ଭାରତ ଓ ପାକିସ୍ତାନ ମଧ୍ୟରେ ସାମରିକ ସଂଘର୍ଷ ପରେ ପାକିସ୍ତାନକୁ ଆତଙ୍କବାଦର କେନ୍ଦ୍ରସ୍ଥଳ ଭାବେ ପ୍ରଚାର କରାଇବା ପାଇଁ ଭାରତ ଉଦ୍ୟମ ଚଳାଇଥିବା ସତ୍ତ୍ୱେ ଜାତିସଂଘର ଆତଙ୍କବାଦ ନିରୋଧୀ କମିଟିରେ ଇସ୍‌ଲାମାବାଦକୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦିଆଯିବା ନୂଆଦିଲ୍ଲୀକୁ ବିସ୍ମିତ କରିଛି। ପାକିସ୍ତାନରୁ ସୃଷ୍ଟ ଆତଙ୍କବାଦ ବିରୋଧରେ ଭାରତର ଲଢ଼େଇ ପଛରେ ସମର୍ଥନ ଯୋଗାଡ଼ ଉଦ୍ୟମ ସ୍ୱରୂପ କେନ୍ଦ୍ର ସରକାର ଗତ ମାସରେ ଜାତିସଂଘ ସୁରକ୍ଷା ପରିଷଦର ସଦସ୍ୟ ରାଷ୍ଟ୍ର ସମେତ ବିଭିନ୍ନ ଦେଶର ରାଜଧାନୀକୁ ବହୁଦଳୀୟ ସଂସଦୀୟ ପ୍ରତିନିଧି ମଣ୍ଡଳୀ ପଠାଇଥିଲେ।

## ସିମ୍‌ଲା ରାଜିନାମାକୁ ନେଇ ପାକ୍ ସରକାରରେ ମତଭେଦ

ଇସ୍‌ଲାମାବାଦ,୬।୬



ଖାଓ୍ୱଜା ଅସିଫ୍

ସିମ୍‌ଲା ରାଜିନାମାକୁ ନେଇ ପାକିସ୍ତାନର ଶେହବାଜ ଶରିଫ୍ ସରକାରରେ ମତଭେଦ ଦେଖାଦେଇଛି। ୧୯୭୨ର ସିମ୍‌ଲା ରାଜିନାମା ଏକ ମୃତ ଦସ୍ତାବିଜ୍ ବୋଲି ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖାଓ୍ୱଜା ଅସିଫ୍ ଘୋଷଣା କରିବାର କିଛି ଘଣ୍ଟା ପରେ ବହିର୍ବ୍ୟାପାର ମନ୍ତ୍ରଣାଳୟ ଏହାକୁ ଖଣ୍ଡନ କରିଛି। ଗୁରୁତ୍ୱପୂର୍ଣ୍ଣ ସିମ୍‌ଲା ରାଜିନାମା ସମେତ ଭାରତ ସହ କୌଣସି ଦ୍ୱିପାକ୍ଷିକ ଚୁକ୍ତିନାମା ରଦ୍ଦ କରିବା ପାଇଁ କୌଣସି ନିଷ୍ପତ୍ତି ହୋଇ ନ ଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଅସିଫ୍‌ଙ୍କ ମନ୍ତବ୍ୟକୁ ନେଇ ପ୍ରଶ୍ନ କରାଯିବାରୁ ବହିର୍ବ୍ୟାପାର ବିଭାଗର ଜଣେ ଅଧିକାରୀ କହିଛନ୍ତି, ଇସ୍‌ଲାମାବାଦରେ ଏଭଳି ଭିତିରି ଆଲୋଚନା ଚାଲିଥିଲେ ମଧ୍ୟ ନୂଆଦିଲ୍ଲୀ ସହ ରହିଥିବା ଦ୍ୱିପାକ୍ଷିକ ଚୁକ୍ତିନାମା ରଦ୍ଦ କରିବା ଦିଗରେ କୌଣସି ଆନୁଷ୍ଠାନିକ ପଦକ୍ଷେପ ନିଆଯାଇ ନାହିଁ। ସିମ୍‌ଲା ଚୁକ୍ତିନାମା ସମେତ ସମସ୍ତ ଚୁକ୍ତି କାର୍ଯ୍ୟକାରୀ ରହିଥିବା ସେ କହିଛନ୍ତି। ସୂଚନାଯୋଗ୍ୟ, ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଗତ ମାସ ୭ ତାରିଖରେ ପାକିସ୍ତାନ ଓ ପାକ୍ ଅଧିକୃତ କଶ୍ମୀରରେ ଥିବା ଆତଙ୍କବାଦୀ ଭିତ୍ତିଭୂମି ଉପରେ ଆକ୍ରମଣ କରିଥିଲା। ଏହା ପରେ ସିମ୍‌ଲା ରାଜିନାମାର ସମୀକ୍ଷା କରିବ ବୋଲି ପାକିସ୍ତାନ ଧମକ ଦେଇଥିଲେ ମଧ୍ୟ କୌଣସି ଆନୁଷ୍ଠାନିକ ପଦକ୍ଷେପ ନେଇନାହିଁ।

# ଜି୭ ସମିଟ୍‌ରେ ଯୋଗଦେବେ ମୋଦି

ନୂଆଦିଲ୍ଲୀ,୬।୬(ପି.ଟି.)



ମାର୍କ କାର୍ନି

କାନାଡାରେ ଆସନ୍ତା ୧୫ରୁ ୧୭ ତାରିଖ ମଧ୍ୟରେ ଜି୭ ସମିଟ୍ ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେଥିରେ ଯୋଗଦେବେ ବୋଲି ଶୁକ୍ରବାର କହିଛନ୍ତି। ସେ ସେଠାରେ ନବନିର୍ବାଚିତ କାନାଡା ପ୍ରଧାନମନ୍ତ୍ରୀ ମାର୍କ କାର୍ନିଙ୍କୁ ଭେଟି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବେ। ଜି୭ ସମ୍ମିଳନୀରେ ଯୋଗଦେବା ପାଇଁ କାନାଡା ପ୍ରତିପକ୍ଷ କାର୍ନି ଟେଲିଫୋନ୍ ଯୋଗେ ଆମନ୍ତ୍ରଣ କରିଥିବାରୁ ମୋଦି ତାଙ୍କୁ ଧନ୍ୟବାଦ ଦେବା ସହ ନିର୍ବାଚନରେ ବିଜୟ ପାଇଁ ଅଭିନନ୍ଦନ ଜଣାଇଛନ୍ତି। ସ୍ପନ୍ଦନଶୀଳ ଗଣତନ୍ତ୍ର ଭାରତ ଓ କାନାଡା ଦ୍ୱିପାକ୍ଷିକ ସମ୍ପର୍କ ବଢ଼ାଇବା ଦିଗରେ ନୂଆ ଉତ୍ସାହର ସହ କାର୍ଯ୍ୟ କରିବେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। କାର୍ନିଙ୍କ ପୂର୍ବରୁ ଜଷ୍ଟିନ୍ ଟ୍ରୁଡୋଙ୍କ ସରକାର ସମୟରେ ଖଲିସ୍ତାନୀ ବିଚ୍ଛିନ୍ନତାବାଦୀ କାର୍ଯ୍ୟକଳାପକୁ ନେଇ ଭାରତ–କାନାଡା ସମ୍ପର୍କରେ ତିକ୍ତତା ଦେଖାଦେଇଥିଲା।

# ୨୦୨୬ରେ ବ୍ରିକ୍ସ ସଂସଦୀୟ ଫୋରମ୍ ଆୟୋଜନ କରିବ ଭାରତ

ନୂଆଦିଲ୍ଲୀ,୬।୬

ବ୍ରିକ୍ସ ରାଷ୍ଟ୍ରଗୋଷ୍ଠୀର ୧୧ତମ ସଂସଦୀୟ ଫୋରମ୍ ବୁଧବାର ଓ ଗୁରୁବାର ବ୍ରାଜିଲର ବ୍ରାସିଲିଆଠାରେ ଅନୁଷ୍ଠିତ ହୋଇଛି। ଏଥିରେ ୧୦ ସଦସ୍ୟ ରାଷ୍ଟ୍ର ଯୋଗଦେଇଥିଲେ। ଲୋକ ସଭା ବାଚସ୍ପତି ଓମ୍ ବିର୍ଲାଙ୍କ ନେତୃତ୍ୱରେ ଭାରତୀୟ ସଂସଦୀୟ ପ୍ରତିନିଧି ଦଳ ଫୋରମ୍‌ରେ ସାମିଲ ହୋଇଥିଲା। ୨୦୨୬ରେ ଦ୍ୱାଦଶ ବ୍ରିକ୍ସ ସଂସଦୀୟ ଫୋରମ୍ ଆୟୋଜନ କରିବା ଦାୟିତ୍ୱ ଭାରତ ନେଇଛି। ଏଥିପାଇଁ ବିର୍ଲାଙ୍କୁ ଅଧ୍ୟକ୍ଷତା ପ୍ରଦାନ କରାଯାଇଛି, ଯାହା ଭାରତର ସଂସଦୀୟ କୂଟନୀତିରେ ଏକ ଉଲ୍ଲେଖନୀୟ ମୁହୂର୍ତ୍ତ। ବ୍ରିକ୍ସ ପାର୍ଲାମେଣ୍ଟଗୁଡ଼ିକ ମଧ୍ୟରେ ସହଯୋଗ ବୃଦ୍ଧିରେ ଭାରତ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବାକୁ ଯାଉଛି। ବିର୍ଲାଙ୍କ ନେତୃତ୍ୱରେ ବ୍ରାସିଲିଆ ଯାଇଥିବା ପ୍ରତିନିଧି ଦଳରେ ରାଜ୍ୟ ସଭା ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂ, ରାଜ୍ୟ ସଭା ସଦସ୍ୟ ସୁରେନ୍ଦ୍ର ସିଂ ନାଗର, ଲୋକ ସଭା ସଦସ୍ୟ ବିଜୟ ବଘେଲ, ବିବେକ ଠାକୁର, ଡ. ଶବରିବାୟରେଜ୍ଜୀ, ଲୋକସଭା ମହାସଚିବ ଉତ୍ପଳ କୁମାର ସିଂ, ରାଜ୍ୟ ସଭା ମହାସଚିବ ପି.ସି. ମୋଦି ସାମିଲ ଥିଲେ।

# ଦାରିଦ୍ର୍ୟ ସୀମା ବଢ଼ାଇଲା ବିଶ୍ୱ ବ୍ୟାଙ୍କ୍

## ୨୦୨୨-୨୩ରେ ଅତି ଦାରିଦ୍ର୍ୟ ହାର ୫.୩%କୁ ହ୍ରାସ

ନୂଆଦିଲ୍ଲୀ,୬।୬

ପୂର୍ବରୁ ଦୈନିକ ବ୍ୟୟ ୨.୧୫ ଡଲାରକୁ ଦାରିଦ୍ର୍ୟ ନିର୍ଦ୍ଧାରଣ ସୀମା ଧାର୍ଯ୍ୟ କରାଯାଇଥିବାବେଳେ ବିଶ୍ୱବ୍ୟାଙ୍କ ଏହାକୁ ୩ ଡଲାରକୁ ବୃଦ୍ଧି କରିଛି। ଅର୍ଥାତ୍ ଦିନକୁ ୩ ଡଲାରରୁ କମ୍ ଖର୍ଚ୍ଚ କରୁଥିବା ବ୍ୟକ୍ତିଙ୍କୁ ଦାରିଦ୍ର୍ୟ ମଧ୍ୟରେ ଗଣାଯିବ। ବିଶ୍ୱବ୍ୟାଙ୍କ ତଥ୍ୟ ଅନୁଯାୟୀ, ଭାରତରେ ଅତି ଦାରିଦ୍ର୍ୟ ହାର ୨୦୧୧–୧୨ ଆର୍ଥିକ ବର୍ଷରେ ୨୭.୧ ପ୍ରତିଶତ ଥିବାବେଳେ ୨୦୨୨–୨୩ରେ ଏହା ୫.୩ ପ୍ରତିଶତକୁ ହ୍ରାସ ପାଇଛି। ସଂଖ୍ୟା ଅନୁଯାୟୀ ଅତିଦରିଦ୍ରଙ୍କ ସଂଖ୍ୟା ୩୪୪.୪୭ ନିୟୁତରୁ ୭୫.୨୪ ନିୟୁତକୁ କମିଥିବା ଜଣାପଡ଼ିଛି। ୨୦୧୭ର ଦରଦାମ୍ ଆଧାରରେ ଦାରିଦ୍ର୍ୟ ସୀମାରେଖା ପାଇଁ ଦୈନିକ ବ୍ୟୟ ୨.୧୫ ଡଲାର ଧାର୍ଯ୍ୟ ହୋଇଥିଲାବେଳେ ୨୦୨୨–୨୩ ଦରଦାମ୍ ଆଧାରରେ ଏହାକୁ ୩ ଡଲାରକୁ ବୃଦ୍ଧି କରାଯାଇଛି।

# ଆମେରିକାରେ ଥରୁରଙ୍କୁ ପ୍ରଶ୍ନକଲେ ପୁଅ ଇଶାନ



ୱାଶିଂଟନ୍ ଡିସିରେ କଂଗ୍ରେସ ନେତା ଶଶୀ ଥରୁରଙ୍କୁ ତାଙ୍କ ପୁଅ ଇଶାନ ଥରୁର ପ୍ରଶ୍ନ କରୁଛନ୍ତି।

ୱାଶିଂଟନ, ୬।୬

କଂଗ୍ରେସ ନେତା ଶଶୀ ଥରୁରଙ୍କ ନେତୃତ୍ୱରେ ଭାରତୀୟ ସଂସଦୀୟ ପ୍ରତିନିଧି ମଣ୍ଡଳୀ ଗୁରୁବାର ଆମେରିକାରେ ଥିବାବେଳେ ପ୍ରେସ୍ କନ୍‌ଫରେନ୍ସରେ ଖବରଦାତାମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଉଥିଲେ। ସେହି ସମୟରେ ଜଣେ ଯୁବକ ଛିଡ଼ାହୋଇ ପହଲଗାମ୍ ଆକ୍ରମଣରେ ପାକିସ୍ତାନର ସମ୍ପୃକ୍ତି ଥିବା ନେଇ ଥରୁରଙ୍କ ପ୍ରମାଣ ମାଗିଥିଲେ। ଥରୁର ତାଙ୍କୁ ଭଲ ଭାବେ ମାଇକ୍ ଧରି ପ୍ରଶ୍ନ କରିବାକୁ କହିଥିଲେ। ସେହି ଯୁବକ ଜଣକ ଶଶୀ ଥରୁରଙ୍କ ପୁଅ ଇଶାନ ଥରୁର। ଇଶାନ ୱାଶିଂଟନ ପୋଷ୍ଟର ଅନ୍ତର୍ଜାତୀୟ ଡେସ୍କରେ ସ୍ତମ୍ଭକାର ଭାବେ କାର୍ଯ୍ୟ କରନ୍ତି। ବିଦେଶ ମାଟିରେ ନିଜ ପୁଅଙ୍କଠାରୁ ଏଭଳି ଅପ୍ରତ୍ୟାଶିତ ପ୍ରଶ୍ନର ସମ୍ମୁଖୀନ ହୋଇ ଥରୁର ହସି ହସି 'ସେ ମୋ ପୁଅ' ବୋଲି କହିଥିଲେ।

# ବଜାରକୁ ଆସିଲା 'ରାଜନାଥ ଆମ୍ବ'

ଲକ୍ଷ୍ନୌ,୬।୬



ରାଜନାଥ ସିଂ



ହାଜି କଲିମୁଲ୍ଲା ଖାନ୍

ଭାରତର 'ମ୍ୟାଙ୍ଗୋ ମ୍ୟାନ୍' ଭାବେ ପରିଚିତ ହାଜି କଲିମୁଲ୍ଲା ଖାନ୍ ନୂଆକରି ବିକଶିତ ଏକ ଆମ୍ବର ନାମ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ନାଁରେ ରଖିଛନ୍ତି। ସେ ନିଜ ବଗିଚାରେ ଫଳାଇଥିବା ଏହି ନୂଆ କିସମ ଆମ୍ବର ନାମକରଣ କରିଛନ୍ତି 'ରାଜନାଥ ଆମ୍ବ'। କଲିମୁଲ୍ଲା ଏହା ପୂର୍ବରୁ ସଚିନ ତେନ୍ଦୁଲକର, ଐଶ୍ୱର୍ଯ୍ୟା ରାୟ, ଅଖିଳେଶ ଯାଦବ, ସୋନିଆ ଗାନ୍ଧୀ, ନରେନ୍ଦ୍ର ମୋଦି, ଅମିତ୍ ଶାହାଙ୍କ ଭଳି ପ୍ରମୁଖ ଭାରତୀୟ ବ୍ୟକ୍ତିତ୍ୱଙ୍କ ନାମରେ ଆମ୍ବର ନାମକରଣ କରିସାରିଛନ୍ତି। ପୂର୍ବରୁ ୨୦୦୮ରେ ଭାରତ ସରକାର କୃଷି ଉଦ୍ୟାନ ଓ ବିଭିନ୍ନ କିସମର ଫଳ ଉତ୍ପାଦନ ପ୍ରତି କରିମୁଲ୍ଲାଙ୍କ ଅନନ୍ୟ ଅବଦାନକୁ ସ୍ୱୀକୃତି ଦେଇ ତାଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରିଛନ୍ତି।

ଉତ୍ତର ପ୍ରଦେଶର ଲକ୍ଷ୍ନୌ ଜିଲା ମଲିହାବାଦ ନିବାସୀ କଲିମୁଲ୍ଲା ଖାନ୍ ଗୋଟିଏ ଗଛରେ ୩୦୦ରୁ ଉର୍ଦ୍ଧ୍ୱ କିସମର ଆମ୍ବ ଫଳାଇ ସାରିଲେଣି। ରାଜନାଥ ସିଂଙ୍କ ନାମରେ ସଦ୍ୟ ଭେରାଇଟିର ନାମକରଣକୁ ନେଇ କଲିମୁଲ୍ଲା କହିଛନ୍ତି, ଅନେକ ସମୟରେ ଲୋକେ ମହାନ୍ ନେତାମାନଙ୍କ ନାମକୁ ଭୁଲିଯାଆନ୍ତି। ଏହି ନାମଗୁଡ଼ିକ ପିଢ଼ି ପିଢ଼ି ଧରି ବଞ୍ଚିରହୁ ବୋଲି ସେ ଚାହାନ୍ତି। ଦେଶ ପାଇଁ ତାତ୍ପର୍ଯ୍ୟପୂର୍ଣ୍ଣ ସେବା ପ୍ରଦାନ କରିଥିବା ବ୍ୟକ୍ତିଙ୍କ ନାମରେ ସେ ଆମ୍ବର ନାମ ଦେଇଥାନ୍ତି। ପାକିସ୍ତାନୀ ଆତଙ୍କବାଦୀଙ୍କୁ ନିପାତ କରିବାରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥଙ୍କ ଭୂମିକାକୁ ସମ୍ମାନ ଦେଇ ସେ ନୂଆ ଆମ୍ବର ନାମ 'ରାଜନାଥ ଆମ୍ବ' ରଖିଥିବା କହିଛନ୍ତି।

# ସାପ କାମୁଡ଼ାରେ ନାବାଳକଙ୍କ ମୃତ୍ୟୁ

ପାଟଣା,୬।୬(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଟାଙ୍ଗରପଡ଼ା ପଞ୍ଚାୟତ ନୂଆପଡ଼ା ଗାଁରେ ଶୁକ୍ରବାର ସକାଳେ ସାପ କାମୁଡ଼ାରେ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର ସ୍ୱର୍ଗତ ରଇବୁ ନାଏକଙ୍କ ପୁଅ ଦଶରଥ ନାଏକ(୧୧)। ସକାଳେ ଦଶରଥଙ୍କ ପେଟ ବ୍ୟଥା ହେବାରୁ ସକାଳ ୭ଟାରେ ପରିବାର ଲୋକେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦଶରଥଙ୍କ ୨ ପାଦରେ ସାପ କାମୁଡ଼ା ଚିହ୍ନ ରହିଥିଲା। ଦଶରଥଙ୍କ ଶୋଇବା ଘରୁ ଏକ ରଣା ସାପ ବାହାରିଥିବା ପରିବାର ଲୋକେ କହିଛନ୍ତି। ଶବ ବ୍ୟବଚ୍ଛେଦ କରିଥିବା ଡା. ସ୍ୱାଗତ ପ୍ରଧାନ କହିଛନ୍ତି, ନାବାଳକଙ୍କ ସାପ କାମୁଡ଼ାରେ ମୃତ୍ୟୁ ହୋଇଥିବା ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡ଼ିଛି। ପାଟଣା ଥାନାରେ ଏକ ମାମଲା(ନଂ. ୧୬/୨୫)ରୁଜୁ ହୋଇଛି।

# ଏମ୍‌କେସିଜିରେ ଦଲାଲ ସକ୍ରିୟ, ଜଣେ ଅଟକ

ବ୍ରହ୍ମପୁର,୬।୬(ସୁବାସ ଚନ୍ଦ୍ର ପାଢ଼ୀ)

ଏମ୍‌କେସିଜି ମେଡିକାଲରେ ଦଲାଲ ସକ୍ରିୟ ଥିବା ନେଇ ଅଭିଯୋଗ ପରେ ପୋଲିସ ପକ୍ଷରୁ ତନାଘନା ଆରମ୍ଭ ହୋଇଛି। ଶୁକ୍ରବାର ବୈଦ୍ୟନାଥପୁର ଥାନା ପୋଲିସ ଏମକେସିଜିରେ ଦଲାଲି କରୁଥିବା ସନ୍ଦେହରେ ଜଣେ ଯୁବକଙ୍କୁ ଥାନାକୁ ଆଣି ପଚରାଉଚରା କରୁଛି। ତଦନ୍ତ ପ୍ରଭାବିତ ହେବା ଆଶଙ୍କାରେ ପୋଲିସ ପକ୍ଷରୁ କୌଣସି ସୂଚନା ଦିଆଯାଇ ନ ଥିଲେ ମଧ୍ୟ ଏହି ଘଟଣା ଏମକେସିଜିରେ ସକ୍ରିୟ ରହିଥିବା ଅନ୍ୟ ଦଲାଲଙ୍କ ମନରେ ଛନକା ସୃଷ୍ଟି କରିଛି। ଏମକେସିଜି ମେଡିକାଲର ବିଭିନ୍ନ ବିଭାଗରେ ଦଲାଲ ସକ୍ରିୟ ରହୁଛନ୍ତି। ଆଉଟଡୋରରୁ ରୋଗୀଙ୍କୁ ଘରୋଇ ଡାଏଗ୍ନୋଷ୍ଟିକ କେନ୍ଦ୍ରକୁ ଓ ଇନଡୋରରେ ଆଡମିଶନ ହୋଇଥିବା ରୋଗୀଙ୍କୁ ଘରୋଇ ହସ୍ପିଟାଲକୁ ଅଧିକ ସୁବିଧା ଥିବା କହି ନେଇଯାଉଛନ୍ତି। ବିଶେଷକରି ଅସ୍ଥିଶଲ୍ୟ, ସର୍ଜରୀ ଓ ପ୍ରସୂତି ବିଭାଗରେ ଦଲାଲମାନେ ବେଶୀ ସକ୍ରିୟ ରହୁଛନ୍ତି। ରୋଗୀଙ୍କୁ ଏମକେସିଜିରୁ ଘରୋଇ ହସ୍ପିଟାଲ କିମ୍ବା ଡାଏଗ୍ନୋଷ୍ଟିକରେ ପହଞ୍ଚାଇବାକୁ ଦଲାଲଙ୍କୁ କମିଶନ ମଧ୍ୟ ମିଳୁଛି।


## OFFICE OF THE DIVISIONAL FOREST OFFICER, BRAHMAPUR DIVISION

At-Courtpeta, Brahmapur-760004, Tel. /FAX-0680-2281354, Mob-7653908594, E.mail - dfo.berhampur@odisha.gov.in

**No.01/01F-/2025, Dated, Brahmapur the 28th May 2025**

**Tender Call Notice for Supply of Fertilizer, Liquid Urea & Granular Insecticides etc.**

**No.MM-72** : Tenders are invited from reputed Registered Dealer / Manufacturer / Individuals for supply of good quality Fertilizer & Granular Insecticides etc. for use in the Plantations to be taken up in Brahmapur Forest Division, under various schemes during the current financial year 2025-26. The tender application is available in the website of **odishaforest.in/ ganjam.nic.in/** and can be obtained from the O/o the Divisional Forest Officer, Berhampur Forest Division on payment of **Rs.6000/- (Rupees Six Thousand)** only or in shape of non-refundable Demand Draft drawn in favour of the Divisional Forest Officer, Berhampur Division. Only the Technical bids shall be opened at **10.30 A.M. of 16.06.2025**. The Financial bids shall be opened after evaluation of the technical bids by the Tender Selection Committee. Final selection of the bidder shall be done based on the quality and cost of the materials. The undersigned reserves the right to reject any or all tender without assigning any reasons thereof.

**Sd./- Divisional Forest Officer**
**Brahmapur Division**

OIPR-08038/11/0041/2526

## ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ବିନିକା
## NOTIFIED AREA COUNCIL, BINIKA

Dist.: Subarnapur, Odisha - 767019, Email ID: binkan.hud@nic.in
Phone/Fax: 06654-241113

Letter No. 1331 Date: 03.06.2025

**QUOTATION CALL NOTICE**

No. C-435: Sealed quotation is invited from the reputed Manufacturer/ Authorized Dealer/Suppliers/Agency having valid GST/MSME Registration Certificate, upto date Tax Clearance Certificate, PAN etc. for supply of Mini Hydraulic Excavator for the purpose of sanitation work. The quotation with rate schedule will be submitted to the office of the undersigned with tender paper cost (Non refundable) of Rs.6000/- in shape of Demand Draft/Bankers Cheque drawn in favour of Executive Officer, NAC, Binka. The details of equipment specification, terms & conditions, etc will be available in district website i.e. **www.subarnapur.nic.in** and NAC Binka website i.e. **binkanac.in** during the period from 03.06.2025 to 13.06.2025. The sealed quotation shall reach the office of the undersigned by 13.06.2025 by 1.00 P.M. through Speed Post/ Registered Post or Courier service & shall be opened on the same day at 2.00 P.M. in presence of the quotationers or their authorized representatives. The authority shall not be responsible for any postal delay. The undersigned reserve the right to reject/cancel any or all quotation without assigning any reason thereof.

**Sd./- Executive Officer, Notified Area Council, Binka**

OIPR-13198/11/0012/2526

## NABARANGPUR FOREST DIVISION

NOTICE No.02 of 2025-26 Date : 03.06.2025

**TENDER CALL NOTICE ENGAGEMENT OF MANPOWER THROUGH SERVICE PROVIDER**

**No.MM-73** : Sealed Tenders are invited by the undersigned under two-part bidding system from recognized and experienced Manpower Agencies for deployment of different category of personnel for various activities of Nabarangpur Forest Division. The sealed tenders must reach this office on or before **19.06.2025 by 5:00 P.M.** by Registered Post/Speed Post only.

The information has been detailed in the Tender Document which may be obtained in person from the office of the undersigned on any working day between 11.00 A.M. to 5.00 P.M. w.e.f the date of publication up to **19.06.2025**. The tender documents can also be downloaded from the standardized web portal of Nabarangpur District i.e **www.nabarangpur.odisha.gov.in**. The Tender Paper Cost is **Rs.10,000/- (Ten Thousand Only)** should be paid through Bank Demand Draft (DD) From any nationalized bank in favor of Divisional Forest Officer, Nabarangpur Forest Division payable at Nabarangpur.

Further, Information can be obtained from the Division Office from **Sri Soroj Kumar Sadangi, I/c Section Officer, Nabarangpur Forest Division, Mobile No. 9437779043** during office hours.

Any corrigendum(s) shall be communicated through the Newspaper Advertisement.

**Sd./- Divisional Forest Officer**
**Nabarangpur Forest Division.**

OIPR-08158/11/0003/2526

## GOVERNMENT OF ODISHA e-PROCUREMENT NOTICE
## WORKS DEPARTMENT

No.B-179

**Bid Identification No. S.E. CBT (R&B) 07/2025-26**
charbatiadivision1@gmail.com

| | | |
|---|---|---|
| i. | Name of the work | : Civil works-04 Nos. |
| ii. | Estimated cost | : Rs.13,33,288/- to Rs.83,57,242/- |
| iii. | Period of completion | : 01 month (30 days) |
| iv. | Date & time of availability of Bid documents in the portal | : **From 10.00 A.M. of 09.06.2025 to 16.06.2025 upto 5.00 P.M. for 'online' bidding** |
| v. | Last date/time for receipt of Bids in the portal | : **16.06.2025 up to 5.00 P.M.** |
| vi. | Name and address of the officer inviting Bid | : **Superintending Engineer Charbatia (R&B) Division, Choudwar** |

Further details can be seen from the e-procurement portal **http://www.tendersorissa.gov.in**. Any addendum/corrigendum/cancellation of tender can also be seen in the said website.

**Sd./- Additional Chief Engineer**
**Charbatia (R&B) Division**
**Choudwar**

OIPR-34092/11/0019/2526

## ZILLA PARISHAD, MAYURBHANJ, BARIPADA

**Tender Call Notice No. 4171/ ZP Dt. 04/06/2025**

**No.CAD-687** : Sealed tenders are invited from reputed Manpower Service Provider Agencies to provide 01 No. of DPC (Dist. Project Coordinator), 01 No. of DPE (Dist. Project Executive) & 01 No. of CCE (Dist. Call Centre Executive) at DPMU and 26 Nos. of BPC (Block Project Coordinator) @ 01 per block and 26 nos. of BPA (Block Project Assistant) @ 01 per block at BPMU at ZP, Mbj. and all Blocks of Mayurbhanj District for a period of 01 year under RH

The detailed information may be downloaded from the District website i.e. (www.mayurbhanj.odisha.gov.in). The last date and time for submission of Tender Document is **25/06/2025 upto 05.00 P.M.** by **Speed Post or Registered Post** only.

**Sd./- CDO-cum-EO, ZP,**
**Mayurbhanj**

OIPR-19232/11/0018/2526

## OFFICE OF THE SUPERINTENDING ENGINEER KHARIAR (R&B) DIVISION, KHARIAR, DIST:NUAPADA, ODISHA

E-mail:eeroads.khr@rediffmail.com

**Letter No.2932, Date:05.06.2025**

**1st Corrigendum to Bid Identification No.SER&BKHR-02/2025-26**

No.B-191: The following changes are being made for E-procurement Notice-02, Bid Identification No.SER&BKHR-02/2025-26 vide Letter No.2315, Date:19.05.2025 for the work bearing Tender ID No.2025_EICCL_114005_1 in the above Tender Call Notice.

| Provision as per DTCN | Modified as per 1st Corrigendum |
|---|---|
| 1-Similar in nature to the work-page.5, Sl.No.11, Clause No.112(g), & Pg.9-3.3 & Pg.28-4.1, Page-74-Schedule-D 2. Tools & Plant & Machineries- Page-5, Sl.No.12, clause no.7(i) & 112 (e) & Schedule-C, Annexure-I, Page-28-4.1, Page-47-clause-112(e), Page-74- Schedule-C & Page-72- Annexure-I, | 1-Similar in nature to the work- page-5, Sl.No.11, Clause No.112(g), & Pg.9-3.3 & Pg-28-4.1, Page-74-Schedule-D 2- Tools & Plant & Machineries- Page-5, Sl.No.12, clause no.7(i) & 112(e) & Schedule-C, Annexure-I, Page-28-4.1, Page-47-clause-112(e), -Page-74-Schedule-C & Page-72-Annexure-I, is hereby not applicable for this work. |

All other terms and conditions remain unchanged.

**Sd./- Superintending Engineer**
**Khariar (R&B) Division**

OIPR-34062/11/0025/2526

## OFFICE OF THE PRINCIPAL, GVHSS, MPC HIGHER SECONDARY SCHOOL, BARIPADA

**No. 666 // DATE: 04.06.2025**

**WALK-IN-INTERVIEW**

No.n-69:- A Walk-in-Interviews shall be held in the chamber of the Principal for selection of Guest Faculty to teach Higher Secondary Classes in IT & ITES Trade Subject at 9.00 am on 18.06.2025. So the desirous candidates are required to attend the interview with a set of resume of the self.

For details of the terms and conditions, Remuneration for engagement of guest faculty, please go through the School website (**www.mpchss.in**) or feel it free to contact the undersigned (Mobile No. 9437009509)

**No TA/DA shall be admissible to the candidate for this interview.**

**Sd./- PRINCIPAL**

OIPR-11046/11/0005/2526

## OFFICE OF THE REGULATED MARKET COMMITTEE, BARIPADA

No.H-10

At/Po-Takatpur, Baripada, Dist.Mayurbhanj, Pin-757003
email-awmorbar@nic.in

**Tender Call Notice No.301/RMC, dated 29.05.2025**
**Bid Identification No.01/RMC, Baripada/2024-25**
**e-Procurement Notice IFB (Invitation for Bids)**

| Sr. No. | Item | Details |
|---|---|---|
| 1 | The Sub-Collector, Baripada-cum-Chairman, RMC, Baripada invites percentage rate bids in Double/Single Cover system in ON-LINE MODE only for work as detailed below: | |
| 2 | Nature of Work | Construction of Agricultural Marketing Infrastructure at Takatpur Main Market Yard under RMC, Baripada |
| 3 | No. of Work | 01 No. |
| 4 | Bid Cost | Rs.10,000/- online transfer |
| 5 | Value of Tender | Rs.277.13 lakhs |
| 6 | Class of Contractor | "B" & "A" Class |
| 7 | Availability of BID documents in the website | Dt.05.06.2025 to 25.06.2025 |
| 8 | Last date/time of Receipt of bids in the portal | Dt.25.06.2025 upto 5.00 P.M. |
| 9 | Date of Opening of Bid | Dt.26.06.2025 at 11.30 A.M. |
| 10 | The Bidders have to participate in ONLINE bidding only. Further details can be seen from the website: https://tendersorissa.gov.in. Any Addendum/ Corrigendum/ Cancellation of the Tender etc can also be seen in the website: https://tendersorissa.gov.in | |

**Sd./-**
**Sub-Collector, Baripada-cum-Chairman, RMC, Baripada**

OIPR-07076/11/0001/2526

## CUTTACK MUNICIPAL CORPORATION

**TENDER CALL NOTICE**

**No. 1824/HO, Dt. 27.05.2025**

**No.C-424** : Cuttack Municipal Corporation invites sealed tenders from reputed bidders for "DELTAMETHRIN **1.25%"** ULV **(Ultra Low Volume) for** the year 2025-26 utilization on thermal Fogging Machine of Cuttack Municipal Corporation.

Details of the requirement can be downloaded from the official website, cmccuttack.odisha.gov.in. The last date of submission of Tender documents is upto 4.00 p.m. dt.17.06.2025.

**Sd./- Health Officer**
**Cuttack Municipal Corporation**

OIPR-13031/11/0184/2526

## ZILLA SWASTHYA SAMITI, MALKANGIRI

**TENDER CALL NOTICE**

**No : 6398/2025 Date : 03.06.2025**

**No.E-149** : Sealed tenders are invited from interested suppliers / firms for supply of the Food Baskets (Nutrition Kits) for TB Patients on annual rate contract basis to the C.D.M & P.H.O, Malkangiri. The details regarding specifications, terms and conditions may be downloaded from district website www.malkangiri.odisha.gov.in. The bids in sealed envelope should reach the office of the undersigned by 12.06.2025 within Office hours by 5.30 P.M. along with all relevant documents. The tender will be opened on dtd: 13.06.2025 at 4.30 P.M. in presence of bidders or their authorized representatives. The undersigned reserves the right to reject any or all the tenders without assigning any reason thereof.

**Sd./- C.D.M & P.H.O-cum-District Mission Director**
**District Health Mission, Malkangiri**

OIPR-10086/11/0014/2526

## ODISHA TOURISM DEVELOPMENT CORPORATION LIMITED

**(A Government of Odisha Undertaking)**
**Panthanivas (Old Block), Lewis Road, Bhubaneswar - 751014**

**EXPRESSION OF INTEREST**

**No. 3890 Date: 05.06.2025**

No. CAD-704: Sealed tenders are invited for supply of Groceries/Spices items to the Panthanivases/Restaurants of OTDC for a period of one year. The detail information can be downloaded from **https://otdc.odisha.gov.in** website. The last date of submitting quotation is by 2.00 P.M. on 25.06.2025.

**Sd./- Managing Director**
**O.T.D.C. Ltd.**

OIPR-37002/11/0077/2526

Letter No.1899 Date:30.05.2025

## NOTICE INVITING TENDER (NIT)

**No.JJ-15:**i.Superintending Engineer (Mechanical), Ports & Inland Water Transport, Mechanical Division, CDA, Sec-6, Cuttack-14 on behalf of Government of Odisha invites Request for Proposal (RFP) from experienced agencies/firms'/ individuals in Double Cover Systems (Cover-I: Technical Bid and Cover-II: Financial Bid) for **"Operation and Maintenance of Slipway, EOT crane (10 MT capacity) & Mechanical Workshop at Ports & IWT, Balugaon Sub-Division, Khordha"** on lease basis.

ii.Interested experienced agencies/firms/ individuals may download the RFP document online from the website of Government of Odisha **https://odlsha.gov.in/all-tenders** or can be collected from the undersigned office from **02.06.2025 to 18.06.2025 up to 17.00 Hrs.** The bidder who wish to participate shall deposit the document cost for an amount of **Rs.2,360 (Rupees Three Thousand Five Hundred Forty) only including GST@18% in shape of Demand Draft from any Scheduled/ Nationalized Bank & EMD for Rs.20,000/- (Rupees Twenty Thousand) only in shape of Term Deposit from any Nationalised/ Scheduled Bank/ National Savings Certificate (NSC) drawn in favour of Superintending Engineer (Mechanical), Ports & Inland Water Transport, Mechanical Division, CDA, Sec-6, Cuttack-14 payable at Cuttack.** In this regard, there is no exemption allowed in depositing of Bid Security/ EMD at the time of participation in tender and concessional payment of Performance Security@25% of the value of Performance Security to the Local Micro 8s Small Enterprises (MSEs) and Start-up, as the same has been withdrawn by Government of Odisha vide Work Department Office Memorandum No.4281/W, Dtd.05.03.2025.

iii.The details of the bidding process are as follows:

| Sl. No. | Bidding Schedule | Timeline |
|---|---|---|
| 1. | Start date of Bids documents Sale | 02.06.2025 at 11.30 Hours |
| 2. | Last date of Bids documents Sale | 18.06.2025 up to 17.00 Hours |
| 3. | Bids Clarification Date & Time | 02.06.2025 at 11.30 Hours to 11.06.2025 up to 15.00 Hours |
| 4. | Date & time of opening of Technical Bid | 19.06.2025 at 11.30 Hours |
| 5. | Date & time of opening of Financial Bid | 21.06.2025 at 11.30 Hours |
| 6. | Base Price | Rs.12.500/- per month or Rs.1.5 Lakhs per Annum Excluding GST |

iv. The successful Bidder will be selected from among that who quotes the highest charter hire charges per month and complies with the procedures described in this RFP Document.

v. Complete address for submission of bids and for Query/ Clarifications if any;

**Office of the Superintending Engineer (Mechanical)**
**Ports & Inland Water Transport, Mechanical Division**
**CDA, Sec-6, Cuttack-753014**
**Phone :0671- 2504177/ E-mail - portsniwtm@gmai.com**

vi. Any addendum/corrigendum made for this assignment will be hosted in the above website only.

vii. If any of the intending bidders wish to withdraw from participation in the bid, the bidders can freely withdraw from the participation before scheduled date and time of closure, failing which action as deemed fit as per relevant codal practice will be taken against them.

viii.The Authority reserves the right to cancel any or all bids without assigning any reason thereof. The authority, in no way shall be responsible for any postal/courier delay.

**Sd./- Superintending Engineer (Mech.)**
**Ports & IWT, Mechanical Division**
**CDA, Sec-6, Cuttack-14**

OIPR-38042/11/0007/2526

## OFFICE OF THE SUPERINTENDING ENGINEER, DHENKANAL (R&B) DIVISION, DHENKANAL

No.B-181

E-mail : eedklpwd@gmail.com

**INVITATION FOR BIDS THROUGH e-Procurement**
**Bid Identification No.SEDKL (R&B) 08/2025-26**

**Invitation for Bids**

| | | |
|---|---|---|
| 1 | The Superintending Engineer, Dhenkanal (R&B) Division, Dhenkanal, on behalf of Governor of Odisha, invites percentage rate bids in Single cover system in ONLINE MODE only, for Construction of Building work as detailed below | |
| 2 | Nature of work | : 4 Nos. Electrical Works & 1 No. Civil works |
| 3 | No. of work | : 05 Nos. |
| 4 | Bid Cost. | : ₹ 6,000/- |
| 5 | Class of Contractor | : 'MV', 'HT' License & 'C' & 'D' License |
| 6 | Availability of Bid Documents in the website | : From 10.00 A.M. of 10.06.2025 to 5.00 P.M. of 24.06.2025 |
| 7 | Date of Opening of Bid | : Dt. 25.06.2025 at 11:00 A.M. |
| 8 | The Bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | |

**Sd./- Superintending Engineer,**
**Dhenkanal (R&B) Division**

OIPR-34016/11/0046/2526

## OFFICE OF THE MUNICIPAL COUNCIL : KEONJHARGARH

No.4124/KGM Dt. 04.06.2025

**Expression of Interest**

**No.C-458** : Seal EOI are invited by the undersigned from the intending Registered Architect (s)/ Developer 9s)/ Designer (s) Govt Registered Contractor (s) having past experience for doing similar nature of work and having GST registration Certificate for Preparation of MAP of Keonjhargarh Municipality with Ward Boundary, Roads, parks and Important land Marks etc required for clear-cut identification of details of Keonjhargarh Municipality with Street Maping as required by the undersigned. The prescribed EOI papers can be obtained from the office of the Municipal Council, Keonjhargarh during office hours from date **06.06.2025 to 16.06.2025** (expect Government Holidays) on payment of **Rs.1000/- (Rupees One thousand)** only Non-Refundable in shape of Demand Draft in any Nationalized Bank, inclusive of all taxes. The complete EOI accompanied with all relevant valid documents like- Registration Certificate if any / GST Registration Certificate/ PAN Card etc. will be received by the undersigned on or before **dt.17.06.2025 at 5.00 P.M. by Registered Post/ Speed Post or by person** and same will be **opened on dt-18.06.2025 at 11.00 A.M.** in presence of the Bidder(s) or their authorized representatives if present. The EOI received after the scheduled date and time will not be entertained. The undersigned will not held any responsibility for any postal delay. The rates should be quoted clearly for the item as prescribed including all taxes and the work will be completed within 15 (Fifteen) days from the date of issue of work order unfailingly. The EOI will be available in the district website - **https://kendujhar.odisha.gov.in**.

The authority reserves the right to reject any of all quotations without assigning any reason thereof.

**Sd./- Executive Officer**
**Keonjhargarh Municipality**

OIPR-13115/11/0035/2526

## OFFICE OF THE PRINCIPAL TUTOR, ANM TRAINING CENTRE, DHENKANAL

Notice No. 218 Date. 03.06.2025

**TENDER CALL NOTICE FOR SUPPLY OF NURSING LIBRARY BOOKS**

**No.E-144** : Sealed tenders are invited from different bidders having valid GST registration & license for supply of Books as per the specification given by Principal Tutor, ANMTC, Dhenkanal. The detailed terms & conditions along with list of the Books are available on the website : dhenkanal.nic.in which may be downloaded for reference. Interested parties may submit their offers in sealed covers super-scribing as "Tender for Supply of Nursing Library Books in reference to Advertisement No. dt. to the undersigned through registered post/speed post only, which should reach on or before 5.00 P.M. of dt.24.06.2025 positively and will be opened on next day at 3.00 P.M. by District Purchase Committee at office of the CDM & PHO, Dhenkanal in presence of the participants, who wish to attend the Tender opening meeting in case of any bid amendment and clarification, responsibility lies with the bidders to collect the same from the website. The Principal Tutor, ANMTC, Dhenkanal shall have no responsibility for any delay/ omission on part of the bidder. The Tender paper will be rejected if the bidders any clause or annexure of the bid document downloaded from the website. The undersigned reserves the right to reject any or all the Tender without assigning any reason thereof.

**Sd./- Principal Tutor,**
**ANM Training Centre, Dhenkanal**

OIPR-10265/11/0011/2526

## ODISHA JOINT ENTRANCE EXAMINATION - 2025 (OJEE - 2025)

**No. : 212/OJEE DATE : 06.06.2025**

**NOTICE RELATED TO COUNSELLING AND ADMISSION OF WORKING PROFESSIONALS IN TECHNICAL/PROFESSIONAL INSTITUTIONS FOR ACADEMIC SESSION 2025-26**

**No.h-01** : This is for all concerned working professionals interested to pursue B.Tech/ MBA in the academic session 2025-26. All the Technical/ Professional colleges of the State having approval by AICTE and affiliation from BPUT for seats meant for working professionals will be eligible to take admission through OJEE for the session 2025-26. Therefore, it is hereby informed to all working professional aspirants interested to take admission in the above- mentioned programs shall have to appear in 2nd/Special OJEE 2025. However, if anybody has already appeared the OJEE 2025 during 2nd to 12th May, 2025, they need not required to appear in 2nd /Special OJEE 2025 again. For B.Tech programme the candidate has to appear entrance examination for Lateral Entry to B.Tech and for Management programme the candidate has to appear MBA entrance examination. Other eligibility criteria will be as per the AICTE/ State Govt norms.

For other details and notification for 2nd/ Special OJEE 2025 keep in touch with OJEE website: http://ojee.nic.in, www.odishajee.com.

**Sd./- CHAIRMAN,**
**OJEE Odisha**

OIPR-14020/11/0001/2526

## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BALASORE

E-Mail Id : serw_balasore@yahoo.in, Ph. No. : 06782/260318
Balia, Balasore

**Repair and Maintenance of Rural Roads Under PMGSY & Other Scheme**

e-Procurement Notice

Bid Identification No. Online-CCE-BLS-NCB-10 of 2025-2026

**No.O-243** : The Chief Construction Engineer, **R. W. Circle, Balasore** on behalf of Odisha State Rural Road Agency invites **percentage rate** bids in electronic tendering system for **Repair/Maintenance of the Rural roads Constructed under Pradhan Mantri Gram Sadak Yojana** in the districts of **Balasore/Bhadrak for 5 (Five)** number of packages with estimated cost totaling to **Rs 4.26 Cr** including maintenance for five year from the eligible contractors registered with State PWD/CPWD/MES / Railways. The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract

Date of release of Invitation for Bids through e-procurement.dtd. 09.06.2025

**Availability of Bid Documents and mode of submission :** The bid document is available online and should be submitted online in http://www.pmgsytenders.gov.in. The bidder would be required to register in the web-site which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities. The bidders are required to submit (a) original Demand Draft towards the cost of bid document and (b) original bid security in approved form and (c) original affidavit regarding correctness of information furnished with bid document as per provisions of Clause 4.4B (a)(ii) of ITB with **C.C.E.,R.W.Circle, Balasore**, on a date not later than three working days after the opening of technical qualification part of the Bid, either by registered post or by hand, failing which the bids shall be declared non-responsive.

Last Date/Time for receipt of bids through e-procurement: 18.06.2025 upto 05.00 P.M. For further details please logon to http://www.pmgsytenders.gov.in.

**Sd./- Chief Construction Engineer**
**R.W. Circle, Balasore**

OIPR-25105/11/0054/2526

## ODISHA POLICE CRIMINAL INVESTIGATION DEPARTMENT CRIME BRANCH

**Corrigendum to Advertisement for Hiring of Retired Personnel on Contractual Engagement**

**No.D-98** : In partial modification of the advertisement published on 30.05.2025, applications are invited for the following categories of Retired Government Officers for engagement in CID-Crime Branch, Odisha Police on contractual basis for a period of one year and can be extended for subsequent period of three years subject to satisfactory performance in accordance with Govt. of Odisha, GA & PG Department resolution No. 26993/Gen, dtd. 12.09.2024.

| Sr. No. | Category | Number of vacancies |
|---|---|---|
| 1. | Retired Addl. SP/Deputy SP | 3 |
| 2. | Retired Forensic Doctor | 1 |

Details of the **"Job Description"** for each post along with terms and conditions and required work experience, are available on the website of Odisha Police (https://odisha.police.gov.in/).

1. Applicants for jobs at serial 1 to 2 must be:
   a. Retired from Government service
   b. Below the age of 65 years
   c. Having good service record
   d. Physically fit
2. Last date for receipt of Application is 20.06.2025.
3. The shortlisted candidates shall be called for an interview at Cuttack.
4. Only the candidates selected for interview shall be informed by E-mail/ Phone.
5. The candidate selected for interview shall make their own arrangements and bear the cost to attend the interview at Cuttack.
6. Officers against whom departmental proceedings or criminal cases are contemplated/ pending or who have been penalized for misconduct during the period of preceding five years will not be eligible for consideration.
7. The retired personnel shall be engaged in terms of GA & PG Department Notification No. 23750 dated 27.08.2014 and their remuneration is to be fixed as per FDOM No. 24533/F dtd. 29.09.2022 for the purpose.

The eligible candidates may apply to: **DG of Police, CID-Crime Branch, State Police Headquarters, Buxi Bazar, Cuttack, Odisha-753001** in the prescribed application form available on the website of Odisha Police (https://odishapolice.gov.in/).

OIPR-12029/11/0088/2526

# ବୋଉର ମୁଦି

## ଗଳ୍ପ

**ଦୀପକ କୁମାର ମହାନ୍ତି**

ବୋଉ ଶଯ୍ୟାଶାୟୀ। ଏ ପଟେ ସ୍ତ୍ରୀ ସୁନନ୍ଦାର ଏକା ଜିଦ୍ ଏଥର ଆମ ବିବାହ ବାର୍ଷିକୀ ଉତ୍ସବରେ ପୁରୀ ଯିବା।

ସୁନନ୍ଦା ତୁମର ବୁଦ୍ଧି ବିବେକ ବୋଲି କିଛି ନାହିଁ। କୋଉ ପୁଅ ଚାହିଁବ ବୋଉର ଅସୁସ୍ଥତା ଭିତରେ ମଉଜ ମଜଲିସ କରିବାକୁ! ଯଦି ଆଜି ସିଏ ତୁମ ବୋଉ ହୋଇଥାନ୍ତା ତା'ହେଲେ...!

ହଠାତ୍ ସୁନନ୍ଦା ଚା କପ୍‌ଟି ଧରି ଆସିଲାବେଳେ ସୁଧା ବାବୁ ପ୍ରକୃତିସ୍ଥ ହେଲେ।

ଚା କପ୍‌ଟିକୁ ସ୍ୱାମୀଙ୍କ ହାତକୁ ବଢ଼ାଇ ଦେଇ ପଚାରିଲେ, ସକାଳୁ ସକାଳୁ ପୂରାପୂରି ଚୁପଚାପ୍, ଗୁମ୍‌ସୁମ୍। କ'ଣ ହୋଇଚି? କୋଉ କଥା ଭାବୁଚ?

ଗାଁରୁ ଭାଇ ଫୋନ୍ କରିଥିଲେ, ବୋଉ ଦେହ ଭଲ ନାହିଁ। ବେଡ୍‌ରୁ ଉଠୁନାହିଁ। ତା' ଦେହ କ୍ରମଶଃ ଖରାପ ଆଡ଼କୁ ଗତିକରୁଚି। ଏତେ ଟଙ୍କା ଖର୍ଚ୍ଚ ହେଲାଣି ଅଥଚ ସେ ଟିକିଏ ଭଲ ଆଡ଼କୁ ଗତିକରୁନାହିଁ। ଭାବୁଚି ଏ ବର୍ଷ ଆମ ଆନିଭର୍ସାରିଟିକୁ ଘରେ ରହି ନିରାଡ଼ମ୍ବର ଭାବେ ପାଳନ କରିବା। କୁଆଡ଼େ ଯିବାନାହିଁ।

ଆନିଭର୍ସାରି କ'ଣ ସବୁଦିନେ ପାଳନ ହେଉଚି, ବର୍ଷକୁ ଥରେ। ସେ ସକାଶେ ତୁମର ଏତେ ଫର୍ମାଇସ୍। ତା'ଛଡ଼ା ବୋଉଙ୍କ ବୟସ ହେଲାଣି, ପାଚିଲା ଫଳ ସେ। ତାଙ୍କ ପାଇଁ ଏତେ ବ୍ୟସ୍ତ ହେଲେ ହେବ! ଗାଁରେ ଅନ୍ୟ ଭାଇମାନେ ଅଛନ୍ତି, ବୁଝୁ ନାହାନ୍ତି। ଗାଁ ଭାଇ ଜମିବାଡ଼ିର ଫସଲ ଖାଇବେ, ଖର୍ଚ୍ଚ କଲାବେଳକୁ ମଝିଆଁ ଭାଇ। ଆମ ପାଖରେ ତ ମହୁ ଝରୁଚି। ସାନଭାଇ ପାଖକୁ ତ ବୋଉ ପାଇଁ ଔଷଧ, ଘର ଖର୍ଚ୍ଚ ପାଇଁ ଟଙ୍କା ମାସକୁ ମାସ ପଠାଉଚ, ତାକୁ କହୁନ ବୁଝିବାକୁ। କେହି କରିବେ ନାହିଁ। ଆମେ ଠିକା ନେଇଚୁ ସବୁ କାମ କରିବାକୁ। ମୁଁ ଭଲ ଭାବେ ଜାଣିଛି ଫି ବର୍ଷ ବିବାହ ବାର୍ଷିକୀ ଆସିଲେ ତୁମର କିଛି ନା କିଛି ପେଖନା ଥିବ। ବାହାଘର ୫ ପୂରି ୬ ବର୍ଷ ଚାଲିବ, କିନ୍ତୁ ଆଜିଯାଏଁ ପୁରୀ ଟିକେ ବି ଯାଇପାରିଲି ନାହିଁ। ଛାଡ଼ ସେ ସବୁ ମୋ' ଭାଗ୍ୟ କହି ରୋଷେଇ ଘରକୁ ଚାଲିଗଲେ ସୁନନ୍ଦା। ସୁଧା ବାବୁ ଏକଲୟରେ ଚାହିଁ ରହିଥିଲେ ତାଙ୍କ ଯିବା ବାଟକୁ।

ନିତ୍ୟକର୍ମ ସାରି ସ୍ୱାମୀଙ୍କୁ ଖାଇବାକୁ ଦେଇ ସୁନନ୍ଦା ଠାକୁର ପୂଜାରେ ଲାଗିପଡ଼ିଲେ। ପୂଜା ସରିଲା। ମଧ୍ୟାହ୍ନଭୋଜନରେ ମନ ଲାଗିଲା ନାହିଁ ତାଙ୍କର। କ'ଣ ଦୁଇଟା ଖାଇ ଦେଇ ଖଟ ଉପରକୁ ଚାଲିଗଲେ ସୁନନ୍ଦା। ଶୋଇ ରହି କେତେ କଥା ମନକୁ ତାଙ୍କର ଆସୁଥିଲା। ମା'ବାପା, ଭଲ ଘର, ଭଲ ବର ଦେଖି ବିବାହ ଦେଇଥିଲେ। କିନ୍ତୁ କିଏ ଜାଣିଥିଲା ଘରର ଭିତିରି କଥା! ଚାକିରିଆ ପୁଅ ବୋଲି ଭାଇ ଭଉଣୀଠାରୁ ଆରମ୍ଭ କରି ବନ୍ଧୁବାନ୍ଧବ ଯାଏଁ ସମସ୍ତଙ୍କର ତାଙ୍କ ଠାରେ ଆଖି। ଦରମା ଗଣ୍ଡାକ ଯାହା ମିଳୁଛି ଶାଗ ମୁଗ ହିସାବରେ ସମସ୍ତଙ୍କୁ ବାଣ୍ଟିଦେଉଛନ୍ତି ସେ। ଭଣଜା ଭାଣିଜୀ, ପୁତୁରା ଝିଆରୀଙ୍କ ପ୍ରେମ ତ ଛାଡୁ ନାହାନ୍ତି, ସିଏ ସ୍ତ୍ରୀଙ୍କୁ ଖୁସିରେ ରଖିବେ କେଉଁଠି?

ଏତିକିବେଳେ କଲିଂବେଲ୍ ବାଜିଉଠିଲା। ସୁଧା ବାବୁ କବାଟ ଖୋଲି ଆସିଲା ବେଳେ ସୁନନ୍ଦା ପଚାରିଲେ, ଆଜି କ'ଣ ଏତେ ଶୀଘ୍ର ଅଫିସରୁ ପଳାଇ ଆସିଲ?

ମାର୍କେଟିଂ କରିବାର ଅଛି। ଜିନିଷପତ୍ର ସବୁ ପ୍ୟାକ୍ କରିଦିଅ, କାଲିଭୋରୁ ପୁରୀ ଯିବା। ଆନିଭର୍ସାରି ପାଇଁ ଛୁଟି ଆଣିଛି। ଟ୍ରାଭେଲ୍ସରେ ଗାଡ଼ି ବୁକ୍ କରିଦେଇଛି, ଗାଡ଼ି ୬ଟା ବେଳେ ଆସି ପହଞ୍ଚିବ।

ସୁନନ୍ଦାଙ୍କ ଖୁସି କହିଲେ ନ ସରେ। ମାର୍କେଟିଂ ସାରି ସଅଳ ଖାଇ ପିଇ ଦୁହେଁ ଶୋଇପଡ଼ିଲେ। ଭୋରୁ ଭୋରୁ ନିତ୍ୟକର୍ମ ସାରି ସୁନନ୍ଦା ଦେବୀ ଓ ସୁଧା ବାବୁ ବାହାରି ପଡ଼ିଲେ ପୁରୀ ଅଭିମୁଖେ।

ବଡ଼ଦାଣ୍ଡରେ ଭକ୍ତଙ୍କ ଭିଡ଼ କମ୍ ଥିଲା। ଶୃଙ୍ଖଳିତ ଧାଡ଼ି ବ୍ୟବସ୍ଥାରେ ମହାପ୍ରଭୁଙ୍କୁ ଦର୍ଶନ ଭଲରେ ହେଲା। ଦର୍ଶନ ସାରି ଆନନ୍ଦବଜାରରେ ଅବଢ଼ା ଖାଇ ଲଜ୍‌କୁ ଫେରିଲେ ସ୍ୱାମୀ ସ୍ତ୍ରୀ ଦୁହେଁ। ଲଜ୍‌ରୁ ସମୁଦ୍ରକୂଳ।

ସୂର୍ଯ୍ୟ ଅସ୍ତଗାମୀ। ସମୁଦ୍ରକୂଳରେ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଉଭୟେ ମନଭରି ଉପଭୋଗ କରୁଥିଲେ। ଦୀର୍ଘ ଦିନ ପରେ ସୁନନ୍ଦା ପୁରୀ ଆସିଥିବାରୁ ଖୁସିରେ ଆତ୍ମହରା ହୋଇ ପଡୁଥିଲେ। କେତେବେଳେ ସ୍ୱାମୀଙ୍କ ହାତ ଧରି ସମୁଦ୍ର ଭିତରକୁ ଯାଇ ଲହଡ଼ି ଭାଙ୍ଗୁଥିଲେ ତ କେତେବେଳେ ଦୁଇ ଜଣ ଯୁଗଳବନ୍ଦୀ ଠାଣିରେ ନିଜକୁ ସଜାଉଥିଲେ। ମଝିରେ ମଝିରେ ସୁନନ୍ଦା କୂଳକୁ ଆସି ବାଲିରେ ବନ୍ଧ କରି ଲହଡ଼ିକୁ ଅଟକାଉଥିଲେ। ହଠାତ୍ ସୁଧା ବାବୁ ପ୍ରକୃତିସ୍ଥ ହୋଇ ଦେଖିଲେ ସୁନନ୍ଦାଙ୍କ ଆଙ୍ଗୁଠିରେ ମୁଦିଟି ନାହିଁ।

ସୁନନ୍ଦା! ତୁମ ହାତରୁ ମୁଦିଟା ଗଲା କୁଆଡ଼େ? ଘରୁ ପିନ୍ଧି ଆସିଥିଲ? ହଁ, ଏଠାକୁ ଆସିଲାବେଳେ ତ ମୋ' ଆଙ୍ଗୁଠିରେ ଥିଲା। ସୁନନ୍ଦା ବ୍ୟସ୍ତ ହୋଇପଡ଼ିଲେ।

କୂଳରେ ଖୋଜାଖୋଜି କଲେ, ପାଇଲେ ନାହିଁ। କୂଳର ଉପରିଭାଗକୁ ଯାଇ ବି ଖୋଜାଖୋଜି କଲେ, ପାଇଲେ ନାହିଁ। ଜଲ୍‌ଦି ଫେରି ଆସି ଲଜ୍‌ରେ ଖୋଜିଲେ, ନିରାଶ ହେଲେ।

ବୋଉର ଅସୁସ୍ଥତା ଓ ମୁଦି ହଜିବା ଘଟଣା ସୁଧା ବାବୁଙ୍କ ମନକୁ ବିଚଳିତ କରୁଥିଲ।

ସୁନନ୍ଦା, ବାହାଘର ବେଳେ ବୋଉ ତୁମକୁ ସେ ମୁଦି ପିନ୍ଧାଇ ଦେଇଥିଲା ନା। କହିଥିଲା, ସେଇଟା ତା'ର ସନ୍ତକ। ତାକୁ ଯତ୍ନସହକାରେ ରଖିବ।

ଅବେଳାରେ ମୁଦି ହଜିବା ଘଟଣା ଭଲ ନୁହଁ କହିଲାବେଳେ ତାଙ୍କ ଆଖି ଲୁହରେ ଜକେଇ ଆସିଲା।

ସୁନନ୍ଦା ଲୁହକୁ ନିଜ କାନିରେ ପୋଛି ଦେଇ କହିଲେ- ଛିଃ, ମନଦୁଃଖ କରନାହିଁ। ଆଜି ଭଳି ଦିନରେ କାନ୍ଦନ୍ତି ନାହିଁ। ଠାକୁରଙ୍କୁ ଡାକ, ଆସ୍ତେ ଆସ୍ତେ ସବୁ ଠିକ୍ ହୋଇଯିବ। ସୁନନ୍ଦା ଯେତେ ବୁଝାଇଲେ ବି ମୋ' ମନ ଜମା ବୁଝୁନାହିଁ। ଆଜି ଭାରି ବୋଉ କଥା ମନେପଡୁଛି।

ସେ କିଛି ନୁହଁ। ତୁମେ ଗୋଡ଼ ହାତ ଧୋଇ ଫ୍ରେଶ୍ ହୋଇ ଆସ। ରାତି ପାହିଲେ ଯାହା ଚିନ୍ତା କରିବା। ରାତି ପାହି ସକାଳ ହେଲା। ସୁଧା ବାବୁ ମୋବାଇଲ ଫୋନ୍ ଆଣି ଦେଖିଲେ, ଗାଁରୁ ଭାଇଙ୍କ ୫ଟା ମିସ୍‌କଲ୍। ଭାଇ, କ'ଣ ହେଲା? ବୋଉ ଦେହ କେମିତି ଅଛି?

ସେ ପଟୁ କୋହଭରା କଣ୍ଠରେ ଭାଇ କହୁଥିଲେ, ବୋଉ ଆଉ ନାହିଁରେ ସୁଧା। ଭୋରୁ ଚାଲିଗଲା। କାଲି ରାତିରେ ତୋତେ ବହୁତ ଖୋଜିଲା। ସୁଧା ଆସି ନାହିଁ! ମୋ' ସୁଧାକୁ ଡାକ, ମୁଁ ତାକୁ ଟିକେ ଦେଖିବି କହିଲାବେଳେ ଫୋନ୍‌ରେ କାନ୍ଦବୋବାଳିର ଶବ୍ଦ ତୁହାକୁ ତୁହା ବର୍ଷୁଥିଲା।

ସୁଧା ବାବୁ ଜଡ଼ ପାଲଟିଗଲେ। ତାଙ୍କ ହାତରୁ ଫୋନ୍‌ଟି ଅଚାନକ ଖସିପଡ଼ିଲା।

ସୁନନ୍ଦା ଦଉଡ଼ି ଆସି ପଚାରିଲେ, କ'ଣ ହେଲା? କିଏ ଫୋନ୍ କରିଥିଲେ?

ସୁଧା ବାବୁ କାନ୍ଦି କାନ୍ଦି କହୁଥିଲେ, ସୁନନ୍ଦା କି ବେଳାରେ ଆମେ ଘରୁ ଗୋଡ଼ କାଢ଼ିଥିଲେ ଯେ, ମୁଦି ହଜିଗଲା, ମୁଦି ପଛେ ପଛେ ବୋଉ ବି ଚାଲିଗଲା। ତାଙ୍କ ହୃଦୟରୁ ଭାସି ଆସୁଥିଲା ଏକ କରୁଣ ସ୍ୱର, 'ମୋ ବୋଉ, ବୋଉର ମୁଦି... ମୋ ବୋଉ, ବୋଉର ମୁଦି।'

ମୋ: ୯୪୩୮୩୨୯୦୫୯





## ପୁସ୍ତକ ପରିଚୟ

### ଅସରନ୍ତି ଅନୁରାଗ




**କବି:** ମନୋଜ ମେହେର
**ପ୍ରକାଶକ:** ଜଗନ୍ନାଥ ରଥ, ବିନୋଦ ବିହାରୀ, କଟକ-୨
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୧୫୦/-

ମୋଟ ୩୨ଟି କବିତା ଆଲୋଚ୍ୟ କବିତାଗ୍ରନ୍ଥରେ ସ୍ଥାନିତ। କିନ୍ତୁ କବିତାଗୁଡ଼ିକ ମଧ୍ୟରୁ ବେଶ୍ କିଛି କବିତା ଚିରାଚରିତ ଛାଞ୍ଚ ଦୃଷ୍ଟିରୁ କବିତା ପରି ନ ଦିଶି ଗଦ୍ୟ ପରି ଦିଶନ୍ତି। ଯଥା: 'ହାତ', 'ବାପା: ସରଳ ସତ୍ୟର ବିଦ୍ୟାଳୟ', 'ଶ୍ରବଣ କୁମାର', 'କ୍ୟାନ୍‌ସରର ବଡ଼ଭାଇ', 'ସବୁକିଛିର ଊର୍ଦ୍ଧ୍ୱରେ ଏକ ଉଚ୍ଛ୍ୱସିତ ଉଡ଼ାଣ', 'ପତ୍ନୀ: ଏକାଧିକ ଆରମ୍ଭ', 'ଦୁଃଖର ଝୋଟିଚିତା', 'ଅନ୍ତରଙ୍ଗ ଲୁହ', 'ପିଆଜୀୟ ପ୍ରଶ୍ନବାଚୀ', 'ଝୋଟିଅଙ୍କା କାନ୍ଥ', 'ଇଚ୍ଛାଶକ୍ତିର ପୃଥିବୀ', 'ପ୍ରେମର ଗୁଡ଼ିଉଡ଼ା', 'ଉର୍ଦ୍ଧ୍ୱ ଉଡ଼ାଣ', 'ଶୂନ୍ୟ ଦର୍ପଣର ଛବି', 'ଅବଶିଷ୍ଟ ଜୀବନ' ଓ 'ଅସରନ୍ତି ଅନୁରାଗ'। ପୁଣି 'ସାକ୍ଷାତ୍‌କାର' କବିତାଟି କବିତା ନା 'ସାକ୍ଷାତ୍‌କାର'? ଏ ସବୁକୁ ବାଦ୍ ଦେଲେ ଅନ୍ୟ କବିତାଗୁଡ଼ିକ କବିତାର ପ୍ରତ୍ୟାଶିତ ଢଙ୍ଗରେ ଉପସ୍ଥାପିତ। କିନ୍ତୁ ଗଦ୍ୟପ୍ରତିମ କବିତାରେ ମନୋଜ ଅନୁଭବର ମଞ୍ଜି ଭିତରକୁ ପଶିବାର ଦକ୍ଷତା ରଖନ୍ତି। ଗ୍ରଥିତ ଶବ୍ଦମାନଙ୍କ ଭିତରେ ନୀରବରେ ଦର୍ଶନର ଛୋଟ ଛୋଟ ଝରଣା କେଉଁଠି ନା କେଉଁଠି ବହୁଥାଏ। ଯଥା: ''ବାପା! ତମେ ପାହାଡ଼ୀ ଝରଣା ପରି ବହିଯାଉଥିବା ଅସରନ୍ତି ଭଲପାଇବା। ତମେ ଦମ୍ଭ, ବିଶ୍ୱାସ ଓ ପ୍ରେରଣାର କୁହୁକ ଗଛ। ତମେ ମୋ' ପାଇଁ ବନିଛ ଆକାଶ କିମ୍ବା ତା'ଠୁ ବଡ଼। କେଉଁଠି ବି ଠିଆ ହେଉଛ ଦର୍ପଣ ହୋଇ। ତମକୁ କଳିବାର ଶକ୍ତି ନାହିଁ ମୋର।'' (ବାପା: ସରଳ ସତ୍ୟର ବିଦ୍ୟାଳୟ, ପୃ:୧୨)। ସାନ ସାନ ପଂକ୍ତିରେ କବି ଅନୁରାଗର ବିରଳ ଆୟତନ ଗଢ଼ିତୋଳନ୍ତି। ଯଥା: ''ଗୋଟିଏ ନୀଳକଇଁ ହିଁ ଯଥେଷ୍ଟ/ ମୋର ଲୁହବତୁରା ବଗିଚାର ଶୋଭା ବଢ଼ାଇବା ପାଇଁ।/ ଏକୁଟିଆ ଚାଲୁଛି/ ନିଜକୁ ଅତିକ୍ରମ କରିବା ଦାୟରେ/ ଏବେ ଜହ୍ନ ସାଙ୍ଗ ହେବା ପାଇଁ ଡାକୁଛି।'' (ଶିଶିର ବିନ୍ଦୁର ପୃଥିବୀ, ପୃ:୭୨)। କବିତା ଗଦ୍ୟରେ ଲେଖାଯାଉ କି ପଦ୍ୟରେ, କବି ତହିଁରେ ଜୀବନକୁ ଗରିମାମୟ କରି ଓ କେତେ ଗଭୀରରେ ସମ୍ପାଦି ପାରୁଛି, ତାହା ଉପରେ କବିତାର ସଫଳତା ନିର୍ଭର କରେ। ଏହି ମାନଦଣ୍ଡରେ ଆଲୋଚ୍ୟ କବିତା ବହିଟି ଉତ୍ତୀର୍ଣ୍ଣ ମନେହୁଏ।

### ଆମ ପାଲା ଆମ ସଂସ୍କୃତି




**ଲେଖକ:** ଡ. ଦୀନବନ୍ଧୁ ଦାଶ
**ପ୍ରକାଶକ:** ଅପୂର୍ବା, ଖାରବେଳ ନଗର, ଭୁବନେଶ୍ୱର-୧
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୨୫୦/-

ଆଲୋଚ୍ୟ ପ୍ରବନ୍ଧ ସଂକଳନରେ ରହିଛି ୨୭ଟି ଉପଶୀର୍ଷକ, ଯାହା ତତ୍‌ନିହିତ ବକ୍ତବ୍ୟର ସୂଚନା ଦିଏ। 'ନିଜକଥା'ରେ ପ୍ରାବନ୍ଧିକ କହନ୍ତି: ''ମୋ' ବିଚାରରେ ସତ୍ୟପୀର ପାଲାରୁ ଠିଆପାଲାର ବିକାଶ ହୋଇଛି ଓ ଏହା ଊନବିଂଶ ଶତାବ୍ଦୀର ଘଟଣା। ସତ୍ୟପୀର ପାଲାକୁ ହିନ୍ଦୁ-ମୁସଲମାନ ଧର୍ମ ସମନ୍ୱୟର ଅମୃତ ଫଳ ବୋଲି କରାଯାଇଥିବା ବିବେଚନାରେ ମୋର ଆପତ୍ତି ଅଛି। ଏହା ସମନ୍ୱୟର ସାଧନ ନୁହେଁ, ବରଂ ଅତ୍ୟାଚାର ଓ ଧର୍ମାନ୍ତରୀକରଣ ପରିପ୍ରେକ୍ଷୀରେ ଏହା ହିନ୍ଦୁର ଆତ୍ମରକ୍ଷାର କୌଶଳ ବୋଲି ମୋର ଧାରଣା।'' ଏପରି ଉଲ୍ଲେଖରୁ ସ୍ପଷ୍ଟ ହୋଇଯାଏ ଯେ ଆଲୋଚ୍ୟ ନିବନ୍ଧଗ୍ରନ୍ଥଟି ପାଲାକୁ ନେଇ ମୌଳିକ ବିଚାରବୋଧର ଏକ ବିଶ୍ୱସ୍ତ ଦଲିଲ। ଗ୍ରନ୍ଥରେ ପାଲାର ବିକାଶ ଓଡ଼ିଶାରେ କିପରି ହୋଇଛି, ତା'ର ବିଶ୍ଳେଷଣ କରାଯିବା ସହ ପାଲା ମଧ୍ୟରେ ଥିବା ପ୍ରଭେଦ ବା ସାମ୍ୟ, ଠିଆପାଲାର ଉଦ୍ଭବ ଓ ବିକାଶ, କବିର ଗାନ ଓ ଠିଆପାଲାର ତୁଳନାତ୍ମକ ବିଚାର, ପାଲା କଳାକାରଙ୍କ ପୋଷାକ ଓ ଆଭୂଷଣ, ଠିଆପାଲାରେ କାବ୍ୟାଲୋଚନା, ପାଲାର ଭାଷା, ସଂଗୀତ ଓ ଲୋକ ଉପାଦାନ ଆଦି ଚର୍ଚ୍ଚା ସହିତ ବାଦୀପାଲା ସମ୍ପର୍କରେ ଆଲୋଚନା କରାଯାଇଛି। ପାଲା କିପରି ଏକ ବୌଦ୍ଧିକ ପ୍ରଦର୍ଶନ ତାହାର ତର୍ଜମା କରାଯାଇ ପାଲାର ବିପର୍ଯ୍ୟୟ ସମ୍ବନ୍ଧରେ ମଧ୍ୟ ଆଲୋକପାତ କରାଯାଇଛି। ଗ୍ରନ୍ଥରେ କତିପୟ ପ୍ରମୁଖ ପାଲାଗାୟକଙ୍କ ସମ୍ପର୍କରେ ଦିଆଯାଇଥିବା ସୂଚନା ତାତ୍ପର୍ଯ୍ୟପୂର୍ଣ୍ଣ।

## କବିତା

### କୁରୁକ୍ଷେତ୍ର

**ଡ. ଗୌରୀଶଙ୍କର ସାହୁ**

ଲୋଭ ଓ ଲାଳସାର ନଗ୍ନ ନାଚ
ଆଜି ଭାଙ୍ଗିଦେଇଛି ଜାନୁ
ଅସୂୟା, ପ୍ରତିହିଂସା, କାମନା,
ପରଶ୍ରୀକାତରତାରେ ଗଢ଼ା ରଥ
ଭାଙ୍ଗିରୁଜି ପଡ଼ିଛି ଆଜି
ଧୂଳିଧୂସରିତ ହୋଇ
ସରିଯାଇଛି କୁରୁକ୍ଷେତ୍ର
ଲଢ଼େଇ।

ମତ୍ତ ହୋଇ ମଣିଷ କରିପାରେ
ଅପମାନିତ ସ୍ୱୟଂ ଠାକୁରଙ୍କୁ
ଫେରାଇ ଦେଇପାରେ
ରିକ୍ତ ହସ୍ତେ ଯାଚକମାନଙ୍କୁ
ଧର୍ମର ଧ୍ୱଜାଧାରୀମାନେ
ବାଜି ଲଗାଇ ପାରନ୍ତି
ଜୁଆଖେଳରେ
ଅର୍ଦ୍ଧାଙ୍ଗିନୀ, ଗୃହଲକ୍ଷ୍ମୀ
ସତ୍ୟସନ୍ଧ ବି ମିଛ କହିପାରନ୍ତି
ସତ୍ୟର ମୁଖା ତଳୁ
ଶର ବି କାହାପାଇଁ
ହୋଇପାରେ ଶେଯ
ଏ ସବୁର ସାକ୍ଷୀ ଓ ସନ୍ତକ
ବିଛେଇ ହୋଇ ପଡ଼ିଛି କୁରୁକ୍ଷେତ୍ରେ
ହେଇ ଦେଖ!

ଆମେ ଯାହା ଦେଖିଲେ
କେତେ ସତ କେତେ ମିଛ
ବେଲାଲସେନକୁ ପଚାରି ଦେଖ
ପୂଜା-ପାଠ, ଜପ-ତପରୁ
ମିଳିନଥିଲା ଯାହା କାଳକାଳ
ସେଇ ମହାର୍ଘ ଗୀତାଜ୍ଞାନ
ବିସରିଗଲା ଧରାରେ ସେଦିନ
ଯୋଚିବା ପାଇଁ ଯୁଦ୍ଧଟିଏ
ବିଷ୍ଣୁଙ୍କ ବିଶ୍ୱରୂପ
ବିଜେ ହୋଇଥିଲେ
କେବଳ ସେଇଠି
ସବୁ ଆଜି ବିସ୍ମରଣ
ଡାକବାଜିରେ ମୁଖର
ପ୍ରବଞ୍ଚକର ପ୍ରବଚନ
ସକାଳୁ ପାହାନ୍ତାଯାଏ ସେଇ ସେଇ
ଧରାବନ୍ଧାର ଜୀବନ।

ମୋ: ୭୯୭୮୪୨୧୮୩୫

### ଜୀବନର ଚିତ୍ରକଳ୍ପ

**ସନ୍ନ୍ୟାସୀ ନାୟକ**

ଦୁଃଖ ଅଛି ବୋଲି ତ
ମୁଁ କବିତା ଲେଖେ,
ତୁମ ଭଲପାଇବା
ମୋତେ ବଞ୍ଚାଇ ରଖେ,
ପର ଭିତରେ
ଆପଣା ପଣ ଖୋଜେ...

ପ୍ରେମ ହେଲେ ବି
କହିପାରେନି କାହା ଆଗେ,
କେବଳ ଦୁଃଖ ପାଇଁ
ଜୀବନ ଜିଇଲା ପରି ଲାଗେ...

ସୁଖ ଦୁଃଖ
ପଇସାର ଦୁଇପାଖ,
କେବେ ଆସିବ
କେବେ ଯିବ
କ'ଣ କହିହେବ?

ସୁଖ ଦୁଃଖର
ଲୁଚାଛପା ଖେଳରେ,
ଏ ମଣିଷ
ବଞ୍ଚିବା ପାଇଁ ବିକଳ,
ଯିଏ ସବୁବେଳେ
ପାଖରେ ଥାଏ...
ସେ ଦୁଃଖ ହିଁ କେବଳ...

ସୁଖ ତ ପଦ୍ମଫୁଲ ପରି
ପବନରେ ଢଳଢଳ,
ଦୁଃଖ ପଙ୍କ ଭର୍ତ୍ତି ଥଳକୂଳ,
ପ୍ରତ୍ୟେକ ଦୁଃଖ
ସୁଖର ଜନ୍ମସ୍ଥଳ,

ସବୁ ଅଭାବ ଭିତରେ
ଦୁଃଖଟିଏ ଥାଏ,
ନୂତନ ସମ୍ଭାବନା ଜନ୍ମ ନେଉଥାଏ,
ବଡ଼ଭାଇ ପରି ଦୁଃଖ
ସାନଭାଇ ସୁଖକୁ
ମା' ପେଟରୁ ବୋହି ଆଣୁଥାଏ...

ମୋ: ୯୪୩୭୩୫୨୫୬୦

### ଗୀତି-କବିତା

### ପାରେକି ଲିଭାଇ

**ଲକ୍ଷ୍ମୀପ୍ରିୟା ପୃଷ୍ଟି**

ଶୀତଳ ସମୀର ପାରେକି ଲିଭାଇ
ଦହନର ଜ୍ୱାଳା କାର
ସିକତାର ଶେଯ ପାରେନି ଝରେଇ
ତଟିନୀ ବୁକୁର ଝର।
ପ୍ରତିମା ବୁଝେନି ପ୍ରେମର ମହକ
ଅବା ତା'ର ଭାଷାନ୍ତର
ପଲ୍ଲବିତ ପ୍ରାଣ ଦୋହଲି ଉଠଇ
ପ୍ରତାରଣା ପାଏ କାର।
ସାଗର ବୁକୁରେ ଅନେକ ଶାମୁକା
ରିକ୍ତ କିଏ ମୁକ୍ତା ବିନା
ସହଜରେ ସୁଖ ମିଳେନା ଭାଗ୍ୟରେ
କାହା ପାଇଁ ବିଡ଼ମ୍ବନା।
ସବୁ ଶ୍ରାବଣ ତ ପାରେନି ଭିଜେଇ
ମନ ଅଙ୍ଗନ କାର
ଚିପୁଡ଼ା ଲୁହରେ ଭାଜେ କା ସପନ
ଭୁଲି ସବୁ ଅଙ୍ଗୀକାର।
ସବୁ ତିଥି ନୁହେଁ ପୂନେଇଁର ତିଥି
ବରଷିବ ମଧୁ ଧାର
ଶୀତଳ ସମୀର ପାରେକି ଲିଭାଇ
ଦହନର ଜ୍ୱାଳା କାର।

ମୋ: ୭୩୭୭୩୧୮୭୮୯

## କାଳକାଳକୁ



''ଲେଖକ ସେଇ ଜଣକ,
ଯିଏ ନିଜ ଦ୍ୱିତୀୟ ସତ୍ତାର
ଆବିଷ୍କାର ପାଇଁ ଧୈର୍ଯ୍ୟର ସହ
ବହୁ ବର୍ଷ ବ୍ୟୟ କରେ।''
-ଓରହାନ୍ ପାମୁକ୍

**ଓରହାନ୍ ପାମୁକ୍‌ଙ୍କ** ଜନ୍ମ ତୁର୍କୀର ଇସ୍ତାନବୁଲ୍‌ରେ ୭ ଜୁନ୍ ୧୯୫୨ରେ। ବୃତ୍ତି ଅଧ୍ୟାପନା। ତାଙ୍କର ପ୍ରସିଦ୍ଧ ଉପନ୍ୟାସଗୁଡ଼ିକ ମଧ୍ୟରୁ କେତୋଟି ହେଲା- 'ସାଇଲେଣ୍ଟ ହାଉସ୍', 'ଦ ହ୍ୱାଇଟ୍ କେସଲ', 'ଦ ବ୍ଲାକ୍ ବୁକ୍', 'ଦ ନ୍ୟୁ ଲାଇଫ୍', 'ମାଇଁ ନେମ୍ ଇଜ୍ ରେଡ୍' ଓ 'ସ୍ନୋ'। ପାମୁକ୍ ହେଉଛନ୍ତି ତୁର୍କୀର ପ୍ରଥମ ନୋବେଲ ବିଜେତା, ଯାହାଙ୍କୁ ୨୦୦୬ରେ ସାହିତ୍ୟ ପାଇଁ ନୋବେଲ ପୁରସ୍କାର ମିଳିଥିଲା। ନୋବେଲ ବ୍ୟତୀତ ସେ ତାଙ୍କର ଉଲ୍ଲେଖନୀୟ ସାହିତ୍ୟକୃତି ପାଇଁ ଅନ୍ୟ ବହୁ ବିଶିଷ୍ଟ ପୁରସ୍କାରରେ ପୁରସ୍କୃତ ହୋଇଛନ୍ତି, ଯହିଁରୁ ଅନ୍ୟତମ ୨୦୦୩ରେ ସେ ପାଇଥିବା ଅନ୍ତର୍ଜାତୀୟ ଡବ୍‌ଲିନ୍ ସାହିତ୍ୟ ପୁରସ୍କାର। ପାମୁକ୍ କହନ୍ତି: ''ଜୀବନ ସଂକ୍ଷିପ୍ତ, ତେଣୁ ଏହାର ପ୍ରତ୍ୟେକଟି ମୁହୂର୍ତ୍ତକୁ ସମ୍ମାନ ଦିଅ।''

# ତୁଟାତାରା

## ଲଘୁଗଳ୍ପ

**ସୁନନ୍ଦା ମହାନ୍ତି**

ସ୍ୱପ୍ନଦୀପ ଜୀବନରୁ ଲିଜା ଚାଲିଗଲା ସିନା ହେଲେ ଭଲପାଇ ଭୁଲିଯିବା ଧର୍ମ ନ ଥିଲା ସ୍ୱପ୍ନଦୀପର। ଏବେ ସେ ବୁଝିସାରିଥିଲା ଯେ ତା' ମାତା ପିତାଙ୍କର ଘର, ଗାଡ଼ି, ବ୍ୟାଙ୍କ ବାଲାନ୍ସ ସହ ତା'ର ମୋଟା ଅଙ୍କର କମ୍ପାନୀ ଚାକିରି ଦେଖି ହିଁ ଲିଜା ତାକୁ ଭଲପାଇଥିଲା। ଯେମିତି ସ୍ୱପ୍ନଦୀପର ଲେ ଅଫ୍ ଖବର ଆସିଲା, ଲିଜା ଠିକ୍ ସେହି ସମୟରେ ବିଦେଶ ଯିବାକୁ କାହିଁକି ଯେ ବାହାରିଲା ବୁଝି ନ ପାରିଲେ ମଧ୍ୟ ସ୍ୱପ୍ନଦୀପ କୋଉଠିନା କୋଉଠି ଧୋକା ଖାଉଥିଲା। ମାଆ ବାପାଙ୍କ କଥାରେ ଯେ ଲିଜାର ବାହାଘର ଭାଙ୍ଗି ବିଦେଶ ଯିବାର କାରଣ କେବଳ ତା'ର କମ୍ପାନୀରୁ ବହିଷ୍କୃତ ହେବାର ଖବର ବୋଧେ। ଏ କଥାକୁ ସ୍ୱପ୍ନରେ ସୁଦ୍ଧା ବିଶ୍ୱାସ କରୁ ନ ଥିବା ସ୍ୱପ୍ନଦୀପକୁ କଥାଟା ଖଟ୍‌କା ଲାଗିଥିଲା। ଯେବେ ତା' ସହ ଦେଖାକରିବା ଦୂରେଥାଉ, ଲିଜା ଫ୍ଲାଇଟ୍‌ରେ ବସିବା ଆଗରୁ ଅନ୍ତତଃ ଫୋନ୍‌ଟିଏ ମଧ୍ୟ କରି ନ ଥିଲା, ଯଦିଓ ସି ଅଫ୍ କରିବାକୁ ଚାତକ ପରି ଅପେକ୍ଷା କରି ରହିଥିଲା ସ୍ୱପ୍ନଦୀପ।

ସେହିଦିନ ରାତିରେ ତା' ଆଖିକୁ ନିଦ ନ ଥିଲା। ପାଖରେ ଥିବା କାଠଯୋଡ଼ି ନଦୀର କଳକଳ ଛଳଛଳ ଶବ୍ଦ ଯେମିତି ହାତଠାରି ତାକୁ ନିମନ୍ତ୍ରଣ କରି ଡାକୁଥିଲେ କାଠଯୋଡ଼ି କୂଳକୁ। ସ୍ୱପ୍ନଦୀପ କିନ୍ତୁ ଆକାଶକୁ ଚାହିଁ ଦେଖୁଥିଲା ଉଲ୍‌କାପାତକୁ ଓ ଭାବୁଥିଲା ଲିଜାର ପ୍ରତ୍ୟାଖ୍ୟାନ ସବୁକୁ। ଠିକ୍ ସେତିକିବେଳେ ତା'ର ସାଙ୍ଗ ଦୀନେଶ କଥା ମନେପଡୁଥିଲା। ଗୋଟେ ଝିଅର ପ୍ରେମରେ ପଡ଼ି ସେ କେମିତି ଘରୁ ଟଙ୍କା ସୁନା ରୁପା ସବୁ ଚୋରି କରିନେଇ ବିଶ୍ୱାସରେ ପ୍ରେମିକା ଲିଲି ହାତକୁ ଦେବା ପରେ ଦିନ ଦୁଇଟା ଯାଇଛି କି ନାହିଁ ଲିଲି ଦୀନେଶକୁ ଧୋକା ଦେଇ ଆଉଜଣଙ୍କ ସଙ୍ଗେ ସେସବୁ ନେଇ ଚାଲିଯାଇଥିଲା ବହୁ ଦୂରକୁ। କଥାଟାକୁ ସେତେବେଳେ ହାଲୁକା ମନେକରୁଥିବା ସେଦିନର ସ୍ୱପ୍ନଦୀପ ଆଜି ଭାବୁଥିଲା ପ୍ରେମରେ ସତରେ କ'ଣ ପ୍ରତାରଣା ଥାଏ, ନା ଏହା କେବଳ ସାହିତ୍ୟର ଗୋଟେ ଅସମାହିତ ଶବ୍ଦ? ଆଜି କିନ୍ତୁ କାହିଁକି ତାକୁ ସେସବୁ ସତ ଓ ବାସ୍ତବ ମନେହେଉଥିଲା କେଜାଣି! ଏତିକିବେଳେ ପୁଣି ଉଲ୍‌କାପାତ ତା' ମନରେ ନୂତନ ସମ୍ଭାବନାର ସ୍ୱପ୍ନ ବୁଣିଦେଲା। ଶୁଭ ହେବ ବୋଲି ଭାବି କାଠଯୋଡ଼ି କୂଳ ନୁହେଁ ବରଂ ଶୋଇବାକୁ ଗଲା ଶାନ୍ତିରେ। ସ୍ୱପ୍ନ ଦେଖିଲା ହାତୀ ପିଠିରେ ବାଘ ବସିଛି, ବାଘ ପିଠିରେ ହଳଦୀବସନ୍ତ ଚଢ଼େଇ। କହୁଛି ଯା' ଉଡ଼ି ଉଡ଼ି। ଜୀବନରେ ତ ଆସିବ ଅନେକ ନଈବଢ଼ି। ନିଦ ଭାଙ୍ଗିଗଲା ଯେବେ ଫୋନ୍ ବାଜୁଥିଲା, ତତେ କିଏ ଖୋଜୁଛି କହୁଥିଲା ମାଆ ତ ଦଉଡ଼ି ଯାଇ ଫୋନ୍ ଧରିଲା ସ୍ୱପ୍ନଦୀପ। ଭାବୁଥିଲା ନିଶ୍ଚୟ ଲିଜା ପହଞ୍ଚି ଫୋନ୍ କରୁଛି। କେତେ କଥା ତାକୁ କହିବ ଓ ସେ ମଧ୍ୟ ତାକୁ କେତେ କଥା ଜଣେଇବ। ଜଣେଇବ କାଲି ଉଲ୍‌କାପାତ ଦେଖିଥିଲା ବୋଲି ଆଜି ସକାଳୁ ସକାଳୁ ଲିଜା ତୁମର ଫୋନ୍ ଆସିଛି ନିଶ୍ଚୟ। ହେଲେ ଲିଜା ନ ଥିଲା ବରଂ ସେ ଆପ୍ଲାଇ କରିଥିବା ପୋଷ୍ଟରେ ତା'ର ବିଦେଶରେ ଚାକିରି ହୋଇଯିବା ଖବର ଥିଲା।

ସ୍ୱପ୍ନଦୀପ ବେଡ଼ିଂ ସଜାଡୁଥିଲା ବିଦେଶ ଯିବାକୁ। ମାଆ କହୁଥିଲା ଲିଜା ତ ମୁହଁ ମୋଡ଼ି ଚାଲିଗଲା। ତୁ ତା' ପଛରେ ପଡ଼ି ବେଙ୍ଗାଲୁରୁ ଯିବା କ'ଣ ଦରକାର ପୁଅ? ଇଟାର ଜବାବ ପଥରରେ ନ ଦେଲେ ନାହିଁ କି କୁକୁର ଆମକୁ କାମୁଡ଼ିଲେ ଆମେ କୁକୁରକୁ ନ କାମୁଡ଼ିବା ଉଚିତ।



କିନ୍ତୁ ଛାଡ଼ିଯାଇଥିବା ବନ୍ଧୁ ଓ ପ୍ରତ୍ୟାଖ୍ୟାନ କରିଥିବା ପ୍ରେମିକାକୁ ପୁଣି ବିଶ୍ୱାସ କରିବା କ'ଣ ଉଚିତ! ଉତ୍ତର ନ ଦେଇ ଘର ଛାଡ଼ିବାବେଳେ ସ୍ୱପ୍ନଦୀପ କହିଥିଲା ନିଜ ଭୁଲ୍‌କୁ ସଂଶୋଧନ କରିବାକୁ ଯାଉଛି ମାଆ। ବାପା ଆଗେ ଆଗେ ସ୍ୱପ୍ନଦୀପର ବେଡ଼ିଂ ଧରି ଏୟାରପୋର୍ଟ ବାହାରୁଥିଲେ। ଫ୍ଲାଇଟ୍‌ରୁ ଓହ୍ଲାଇବା ବେଳକୁ ନୂଆ ଏମ୍‌ଡିଙ୍କୁ ସ୍ୱାଗତ କରିବାକୁ ବଡ଼ କମ୍ପାନୀର ଷ୍ଟାଫ୍‌ମାନେ ଆସିଯାଇଥିଲେ ୱେଲ୍‌କମ୍ କରିବାକୁ ତ ଆଗରେ ଥିଲା ଲିଜା। ତା' ହାତରୁ ଫୁଲତୋଡ଼ା ଗ୍ରହଣ ନ କରି ଆଗକୁ ଆଗେଇ ଯାଉଥିଲା ସ୍ୱପ୍ନଦୀପ, ହସି ହସି ହାଲୋ ହାଏ ହାଏ କରି କରି। ଖୁବ୍ ଶୀଘ୍ର ମାଆବାପାଙ୍କ ପସନ୍ଦର ଝିଅକୁ ବିବାହ କରିଥିଲା ସ୍ୱପ୍ନଦୀପ। ଓଢ଼ଣା ଉଠାଇ ପ୍ରଥମ ରାତିରେ ନବବଧୂର ମୁହଁ ଦେଖି ଚମକି ପଡ଼ିଥିଲା ସ୍ୱପ୍ନଦୀପ। କାରଣ ସେ ଲିଜା ହିଁ ଥିଲା। ଲିଜା ତା'ର ପାଦ ଛୁଇଁ ପ୍ରଣାମ କରି କ୍ଷମା କରିଦେବାକୁ ଅନୁରୋଧ କରିବା ସ୍ୱପ୍ନଦୀପକୁ ଲାଗୁଥିଲା ଆକାଶରୁ ଉଲ୍‌କାପାତ ହେଉଛି।

ମୋ: ୯୦୪୦୯୭୭୩୨୭

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................



ଦୁର୍ଗା ପ୍ରସାଦ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଉଜ୍‌ବେକିସ୍ତାନ, ଜୋର୍ଡାନକୁ ପ୍ରଥମଥର ଯୋଗ୍ୟତା

**ଫିଫା ବିଶ୍ୱକପ୍-୨୦୨୬**

ସିଓଲ, ୬।୬(ଏପି)

ଫିଫା ପୁରୁଷ ଫୁଟ୍‌ବଲ ବିଶ୍ୱକପ୍-୨୦୨୬ ପାଇଁ ଏସିଆ ମହାଦେଶରୁ ପ୍ରଥମଥର ଉଜ୍‌ବେକିସ୍ତାନ ଓ ଜୋର୍ଡାନ ଯୋଗ୍ୟତା ହାସଲ କରିଥିବା ବେଳେ ଦକ୍ଷିଣ କୋରିଆ କ୍ରମାଗତ ୧୧ଥର ଏହି ମେଗା ଇଭେଣ୍ଟରେ ଅଂଶଗ୍ରହଣ କରିବାକୁ ଯାଉଛି। ଆବୁଧାବିଠାରେ ସଂଯୁକ୍ତ ଆରବ ଏମିରେଟ୍ସ(ୟୁଏଇ) ବିପକ୍ଷ ମ୍ୟାଚ୍ ଗୋଲ୍‌ଶୂନ୍ୟ ଡ୍ର ରଖିବା ପରେ ଆଉ ଗୋଟିଏ ମ୍ୟାଚ୍ ବାକିଥାଇ ଗ୍ରୁପ୍ 'ଏ'ରେ ଇରାନ ପଛକୁ ଦ୍ୱିତୀୟ ସ୍ଥାନରେ ରହି ଉଜବେକିସ୍ତାନ ଏହି ସଫଳତା ହାସଲ କରିଛି। ଗ୍ରୁପ୍ 'ବି'ରେ ଦକ୍ଷିଣ କୋରିଆ ବିଶ୍ୱକପ୍‌ରେ ଏହାର ସ୍ଥାନ ପକ୍କା କରିଛି। ଅନ୍ୟପକ୍ଷରେ ଜୋର୍ଡାନ ୩-୦ ଗୋଲ୍‌ରେ ଓମାନକୁ ପରାସ୍ତ କରି ଗ୍ରୁପ୍‌ରେ ପ୍ରଥମ ଦୁଇ ଦଳ ମଧ୍ୟରେ ସ୍ଥାନ ପାଇ ଯୋଗ୍ୟତା ହାସଲ କରିଛି। ସୂଚନାଯୋଗ୍ୟ, ଫିଫା ବିଶ୍ୱକପ୍-୨୦୨୬ର ମିଳିତ ଆୟୋଜକ ହୋଇଛନ୍ତି ଯୁକ୍ତରାଷ୍ଟ୍ର ଆମେରିକା, ମେକ୍ସିକୋ ଓ କାନାଡା। ଏହି ୩ଟି ଦେଶ ଆୟୋଜକ ହିସାବରେ ଆପେ ଯୋଗ୍ୟତା ଅର୍ଜନ କରିସାରିଛନ୍ତି। ଅନ୍ୟ ୪୩ଟି ଦଳକୁ ଏଥିପାଇଁ ଯୋଗ୍ୟତା ହାସଲ କରିବାକୁ ପଡ଼ିବ। ୟୁରୋପ ମହାଦେଶ ପାଇଁ ୧୬ଟି ସ୍ଥାନ ରହିଛି। ଇତିମଧ୍ୟରେ ଯୋଗ୍ୟତା ହାସଲ କରିସାରିଥିବା ଦେଶଗୁଡ଼ିକର ନାମ ନିମ୍ନରେ ପ୍ରଦାନ କରାଗଲା। **ଆୟୋଜକ ଦେଶ:** ଯୁକ୍ତରାଷ୍ଟ୍ର ଆମେରିକା, ମେକ୍ସିକୋ ଓ କାନାଡା। **ଏସିଆ:** ଜାପାନ (ମାର୍ଚ୍ଚ୨୦ରେ ଯୋଗ୍ୟତା ଅର୍ଜନ), ଇରାନ (ମାର୍ଚ୍ଚ ୨୫), ଜୋର୍ଡାନ (ଜୁନ୍ ୫), ଦକ୍ଷିଣ କୋରିଆ (ଜୁନ୍ ୫) ଓ ଉଜ୍‌ବେକିସ୍ତାନ(ଜୁନ୍ ୫)। **ଓସେନିଆ:** ନ୍ୟୁଜିଲାଣ୍ଡ(ମାର୍ଚ୍ଚ ୨୪)। **ଦକ୍ଷିଣ ଆମେରିକା:** ଆର୍ଜେଣ୍ଟିନା (ମାର୍ଚ୍ଚ ୨୫)।

# ରାଜ୍ୟ ଓପନ ଚେସ୍: ଅବିନାଶ ଚାମ୍ପିୟନ

ଭୁବନେଶ୍ୱର, ୬।୬(ତପନ ସ୍ୱାଇଁ)

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଶୁକ୍ରବାର ଆୟୋଜିତ ଲଡୁ କିଶୋର ସ୍ମାରକୀ ରାଜ୍ୟ ଓପନ ଚେସ୍‌ରେ ଜଟଣୀର ଅବିନାଶ ବଲ୍ଲିଆରସିଂ ଚାମ୍ପିୟନ ହୋଇଛନ୍ତି। ୫ ରାଉଣ୍ଡବିଶିଷ୍ଟ ପ୍ରତିଯୋଗିତାରେ ୬ ଖେଳାଳି ୪ ପଏଣ୍ଟ ଲେଖାଏ ପାଇଥିଲେ ହେଁ ଟାଇବ୍ରେକ୍‌ରେ ଅବିନାଶ ଆଗରେ ରହିଛନ୍ତି। ଅନ୍ୟ ୫ ଖେଳାଳି ହେଲେ ରବୀନ୍ଦ୍ର କୁମାର ଓଝା, ମହେଶ ପ୍ରସାଦ ସେଠୀ, ଲରେନ୍ସ ପ୍ରଧାନ, ସ୍ଥିତପ୍ରଜ୍ଞ ସାହୁ ଓ ଇହାନ ଚୌଧୁରୀ। ବିଭିନ୍ନ ବୟସ ଓ ବାଳିକା ବର୍ଗରେ ଶ୍ରେଷ୍ଠ ଖେଳାଳିଙ୍କୁ ଏଜ୍ ଗ୍ରୁପ୍ ଏବଂ ୮ ଚେସ୍ ପ୍ରତିଭାଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ସୁପ୍ରିୟା ନାୟକ ଶ୍ରେଷ୍ଠ ମହିଳା ଓ ପ୍ରଦୀପ ପାତ୍ର (୬୨ ବର୍ଷ) ଶ୍ରେଷ୍ଠ ଭେଟେରାନ୍ ଖେଳାଳି ବିବେଚିତ ହୋଇଛନ୍ତି। ରାଜ୍ୟ ଗୋଇନ୍ଦା ବିଭାଗ ଡିଏସ୍‌ପି ପ୍ରିୟଦର୍ଶୀ ନାୟକ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଆଇଆଇଏଫ୍‌ଏଲ ଫାଇନାନ୍ସର ଓଡ଼ିଶା ମୁଖ୍ୟ ନଳିନୀକାନ୍ତ ନାୟକ, ରୟାଲ ପବ୍ଲିକ୍ ସ୍କୁଲ ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ, ଆୟୋଜକ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ।



କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

# ଫାଇନାଲରେ ରାଇଜିଂ ଷ୍ଟୁଡେଣ୍ଟ

**ଅରବିନ୍ଦ ସ୍ମାରକୀ ପାରାମାଉଣ୍ଟ କପ୍**

ଭୁବନେଶ୍ୱର, ୬।୬(ତପନ ସ୍ୱାଇଁ)

ଅରବିନ୍ଦ ସ୍ମାରକୀ ସିନିୟର କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏକପାଖିଆ ଭାବେ ଶେଷ ହୋଇଥିବା ମ୍ୟାଚ୍‌ରେ ୟୁନିୟନ ସ୍ପୋର୍ଟିଂକୁ ୧୬୮ ରନ୍‌ରେ ହରାଇ ରାଇଜିଂ ଷ୍ଟୁଡେଣ୍ଟ ଫାଇନାଲରେ ପ୍ରବେଶ କରିଛି। ଶନିବାର ମୁକ୍ତେଶ୍ୱର କ୍ରିକେଟ କ୍ଲବ ଓ ସହିଦ ସ୍ପୋର୍ଟିଂ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ହେବ। ଟସ୍ ଜିତି ବ୍ୟାଟିଂ ନେଇଥିବା ରାଇଜିଂ ଷ୍ଟୁଡେଣ୍ଟ ୪୦ ଓଭରରେ ୬ ଉଇକେଟ ହରାଇ ୩୨୭ ରନ୍ କରିଥିଲା। ଆଶୀର୍ବାଦ ସ୍ୱାଇଁ(୧୦୪ ରନ୍) ଶତକ ହାସଲ କରିଥିବାବେଳେ ଅମିନ ଖାଁ ୭୪ ଓ ବିକ୍ରମ ସାମଲ ୫୩* ରନ୍ କରିଥିଲେ। ବିପକ୍ଷ ଦଳର ଶେଖର ମାଝି ଓ ବାଦଲ ବିଶ୍ୱାଳ ୨ଟି ଲେଖାଏ ଉଇକେଟ ନେଇଥିଲେ। ୩୨୮ ରନ୍ ବିଜୟ ଲକ୍ଷ୍ୟରେ ୟୁନିୟନ ସ୍ପୋର୍ଟିଂ ୩୩.୧ ଓଭରରେ ୧୫୯ ରନ୍‌କରି ଅଲ୍‌ଆଉଟ ହୋଇଥିଲା। ରାଜୀବ ସାହୁ ସର୍ବାଧିକ ୫୧ ରନ୍ କରିଥିଲେ। ରାଇଜିଂ ବୋଲରଙ୍କ ମଧ୍ୟରେ ଅମିନ ଖାଁ ୩ଟି ଏବଂ ଅଭିଷେକ ଯାଦବ ୨ଟି ଉଇକେଟ ନେଇଥିଲେ।

# କରାଟେ ଅଫିସିଆଲଙ୍କ କର୍ମଶାଳା

ଭୁବନେଶ୍ୱର, ୬।୬(ତପନ ସ୍ୱାଇଁ)

ଓଡ଼ିଶା ରାଜ୍ୟ କରାଟେ ଡୋ ସଂଘ ଆନୁକୂଲ୍ୟରେ ଅଫିସିଆଲମାନଙ୍କର ଏକ ୨ଦିନିଆ କର୍ମଶାଳା ଉତ୍କଳ କରାଟେ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଛି। ରାଜ୍ୟର ବିଭିନ୍ନ ଜିଲାରୁ ୪୦ ଅଫିସିଆଲ ଏହି କର୍ମଶାଳାରେ ଯୋଗଦେଇଥିଲେ। ଚଳିତ ମାସ ୧୧ରୁ ୧୫ ପର୍ଯ୍ୟନ୍ତ ଡେରାଡୁନ୍‌ରେ ହେବାକୁଥିବା ଜାତୀୟ ସବ୍‌ଜୁନିୟର, ଜୁନିୟର ଓ କ୍ୟାଡେଟ୍ କରାଟେ ପ୍ରତିଯୋଗିତା ନିମନ୍ତେ ଗତ ୧୮ ତାରିଖରୁ ଚାଲିଥିବା ପ୍ରଶିକ୍ଷଣ ଶିବିର ଅବସରରେ ଏହି ଅଫିସିଆଲ ଟ୍ରେନିଂ ଅନୁଷ୍ଠିତ ହୋଇଛି। ରାଜ୍ୟର ଅଫିସିଆଲମାନେ ଉତ୍କୃଷ୍ଟ ଟ୍ରେନିଂ ପାଇଲେ ଉନ୍ନତମାନର ଖେଳାଳି ସୃଷ୍ଟି ହୋଇପାରିବେ। ଟ୍ରେନିଂ ଦ୍ୱାରା କରାଟେକାଙ୍କ ପ୍ରଦର୍ଶନରେ ମଧ୍ୟ ଉନ୍ନତି ଆସିପାରିବ। ଏହି ଉଦ୍ଦେଶ୍ୟ ନେଇ ଓଡ଼ିଶା ସଂଘ ନିୟମିତ ଭାବେ ପ୍ରଶିକ୍ଷଣ ଶିବିର, ଅଫିସିଆଲ ଟ୍ରେନିଂ, ବେଲ୍ଟ ଗ୍ରେଡିଂ ଓ ପ୍ରତିଯୋଗିତାମାନ ଆୟୋଜନ କରିଆସୁଛି। ଅଫିସିଆଲ କର୍ମଶାଳାରେ ଦୀପକ ସାମନ୍ତରା, ଖାରବେଳ ମଲିକ, ରମେଶ ଚନ୍ଦ୍ର ସାହୁ, ଆଶିଷ ରଞ୍ଜନ ମହନ୍ତ, ମନ୍ତୁ ଯୋଶୀ, ଭବାନୀ ଶଙ୍କର ପଣ୍ଡା, କ୍ରୀଷ୍ଣା ଶିକାରୀ, ଗୋପାଳ ଦୀପ, ଗୋପାଳ ଚନ୍ଦ୍ର ଦାସ, ଶୁଭାଶିଷ ମହାପାତ୍ର, ଅରବିନ୍ଦ ବାରିକ, ଅରବିନ୍ଦ ପଟ୍ଟନାୟକ, ଉମାକାନ୍ତ ବେହେରା, ଆଶୁତୋଷ ପଟ୍ଟନାୟକ, ସନକ ଦେଓ, ହୃଦୟ ଶବର, ଯୋଗେଶ ବେରିହା, ମହମ୍ମଦ ରେହେମତ, ରଶ୍ମିରଞ୍ଜନ ଦାସ, ଶୁଭଶ୍ରୀ ଲେଙ୍କା, ପର୍ନତାପ ଆଚାର୍ଯ୍ୟ, ପଞ୍ଚାନନ ନାୟକ, ସୁମନ୍ତ କୁମାର ପଣ୍ଡା, ଅନୁପମା ସ୍ୱାଇଁ, ରାଜେଶ ମହାପାତ୍ର, ମହେଶ ଡୋରା, କୃଷ୍ଣଚନ୍ଦ୍ର ନାୟକ, ଅନୁରାଧା ପାତ୍ର, ମୋନାଲି ସାହୁ, ବ୍ରତତି ପତି, ସୁସ୍ମିନ ପାଲ୍‌ଟାସିଂ, ଚନ୍ଦ୍ରଶେଖର ସେଠ୍, ବିଜନ ଦଳବେହେରା, ସନ୍ତୋଷ ମହାରଣା ଓ ଅବିନାଶ ପ୍ରଧାନ ଅଂଶଗ୍ରହଣ କରିଥିଲେ।




କର୍ମଶାଳାରେ ଅଂଶଗ୍ରହଣ କରିଥିବା କରାଟେ ଅଫିସିଆଲ ଓ କର୍ମକର୍ତ୍ତା।

# କ୍ରିକେଟ୍‌ରୁ ପୀୟୂଷ ଚାଓ୍ୱାଲାଙ୍କ ଅବସର

**ନୂଆଦିଲ୍ଲୀ, ୬।୬ (ପି.ଟି.):** ଭେଟେରାନ ଲେଗ୍ ସ୍ପିନର ପୀୟୂଷ ଚାଓ୍ୱଲା କ୍ରିକେଟ୍‌ର ସମସ୍ତ ଫର୍ମାଟ୍‌ରୁ ତାଙ୍କ ଅବସର ଘୋଷଣା କରିଛନ୍ତି। ଭାରତର ଦୁଇଟି ବିଶ୍ୱକପ୍ ବିଜୟ ଅଭିଯାନରେ ସେ ଦଳର ଅଂଶବିଶେଷ ଥିଲେ। ସେ ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି କ୍ରିକେଟ୍ ସହ ସମ୍ପୃକ୍ତ ଥିଲେ। ଏହି ୩୬ ବର୍ଷୀୟ କ୍ରିକେଟର ଇନ୍‌ଷ୍ଟାଗ୍ରାମ୍



ଜରିଆରେ ତାଙ୍କ ଅବସର ନେଇ ଘୋଷଣା କରିଛନ୍ତି। ଚାଓ୍ୱଲା ଯଥାକ୍ରମେ ୨୦୦୭ ଓ ୨୦୧୧ରେ ଭାରତର ଟି୨୦ ଓ ଦିନିକିଆ ବିଶ୍ୱକପ୍ ବିଜୟୀ ଦଳର ଜଣେ ସଦସ୍ୟ ଥିଲେ। ସେ ଭାରତ ତରଫରୁ ୩ଟି ଟେଷ୍ଟ, ୨୫ ଅନ୍ତର୍ଜାତୀୟ ଦିନିକିଆ ଓ ୭ ଅନ୍ତର୍ଜାତୀୟ ଟି୨୦ ଖେଳି ତିନୋଟି ଫର୍ମାଟ୍‌ରେ ୪୩ଟି ଉଇକେଟ ଅକ୍ତିଆର କରିଥିଲେ। ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ)ରେ ସେ ପଞ୍ଜାବ କିଙ୍ଗ୍ସ, କୋଲକାତା ନାଇଟ ରାଇଡର୍ସ, ଚେନ୍ନାଇ ସୁପର କିଙ୍ଗ୍ସ ଓ ମୁମ୍ବାଇ ଇଣ୍ଡିଆନ୍ସ ଦଳ ତରଫରୁ ଖେଳିଛନ୍ତି। ଜଣେ ଦକ୍ଷ କ୍ରିକେଟର ଭାବେ ଗଢ଼ିତୋଳିବାରେ ବିଶେଷ ଭୂମିକା ପାଇଁ ସେ ତାଙ୍କ କୋଚ୍ କେ.କେ. ଗୌତମ ଓ ସ୍ୱର୍ଗତ ପଙ୍କଜ ସାରସ୍ୱତଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଛନ୍ତି।


# Classified Everyday
0674-2580101, 9692975378



REAL ESTATE
SALE

Gharabadiresidentialplot for sale- ଝାରପଡ଼ା-5000/-, ଲକ୍ଷ୍ମୀସାଗର-5,500/-, ଲିଙ୍ଗିପୁର-4060/-, ନୂଆଗାଁ-3360/-, KEC-2460/-, ଗୁଡ଼ିଆପୋଖରୀ- 1760-1560/-. 7978551614, 9439049194. D-76829

**Ready to move 1/2 BHK flat for sale @ 13/24 lakh at Sundarpada and Gudiapokhari, Bhubaneswar. Call- 9861642492.** D-738

ଭୁବନେଶ୍ୱର, **Puri bypass** ପିପିଲି, ଉତ୍ତରାଛକ, ଝାରପଡ଼ା ଏବଂ ନଖରାଛକ ଠାରେ **Residential Plot, 2/3BHK Flat** ବିକ୍ରିହେବ। **8327785834.** D-76266




Newly open SPA positively health benefits (expert therapist). Contact- 7749034655. D-76919

Wellness relax body massage & joint pain treatment by trend therapist. 7327020180. D-76917

Newly open health benefits SPA by expert therapist. Contact- 8280961126. D-76920

Kerala Ayurveda Massage therapy Gents/ Ladies pain relief Bhubaneswar. 9337672475. D-854

## AFFIDAVIT

ନୋଟାରୀ, କାକଟପୁରଙ୍କ ସମକ୍ଷରେ ତା୦୨।୦୬।୨୦୨୫ରିଖର ସତ୍ୟପାଠ ଅନୁଯାୟୀ, ମୁଁ ଆଦ୍ୟାଶା ପଣ୍ଡା, ସ୍ଥାନ- ମୁଦୁଗଲ, ପୋଷ୍ଟ- ନମାରୋ, ଥାନା- ଅସ୍ତରଙ୍ଗ, ଜିଲ୍ଲା- ପୁରୀ, ପିନ୍- ୭୫୨୧୦୯ ଘୋଷଣା କରୁଅଛି କି, ମୁଁ ମୋର ନାମକୁ ସ୍ମାଇଲ୍ ପଣ୍ଡାରୁ ଆଦ୍ୟାଶା ପଣ୍ଡାକୁ ପରିବର୍ତ୍ତନ କରିଛି। ଏତଦ୍‌ପଶ୍ଚାତ୍ ମୁଁ ସମସ୍ତ ଉଦ୍ଦେଶ୍ୟ ପାଇଁ ଆଦ୍ୟାଶା ପଣ୍ଡା ନାମରେ ପରିଚିତ ହେବି। ଧ-୮୬୬

By virtue of an affidavit sworn before the Executive Magistrate, Gania, dated 02.06.2025, I, Birakishor Sahoo father of Shishira Kumar Sahoo At/P.O.- Jagannathprasad, P.S.- Gania, Dist.- Nayagarh. Odisha, PIN- 752093 declare that I have changed my son's name from Sisira Sahoo to Shishira Kumar Sahoo. Henceforth, he shall be known as Shishira Kumar Sahoo for all future purpose.
Birakishor Sahoo
D-847

I, Pravajonita Soreng, aged about 35 years, D/o- Thomas, Soreng, resident of Vill- Tunmura (Ottomunda), P.O.- Tunmura, P.S.- Kutra, Dist.- Sundargarh, Odisha do hereby solemnly affirm and declare as under I have Aadhaar Card vide No.- xxxx xxxx 7869 in which my name has been wrongly mentioned as Prabha Soreng. That Pravajonita Soreng and Prabha Soreng denotes to one and same person i.e. myself.
Pravajonita Soreng
D-846

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before the Executive Magistrate, Angul, dated 15 May 2025, I, Sasmita Sahu, W/o- Dushasana Sahu, R/o Village- Champatimunda, P.S.- Bantala, Dist.- Angul declare that I wish to correction of my name from LIC Policy Rupabati Behera, W/o-Dushasana Sahu, Village- Champatimunda, P.S.- Bantala, Dist.- Angul to Sasmita Sahu, W/o- Dushasana Sahu, R/o Village- Champatimunda, P.S.- Bantala, Dist.- Angul. Both mame is one person. Henceforth, she shall be known as Sasmita Sahu for all purposes. D-844

I, Kokilaben Patel, W/o- Suresh Kumar Patel, resident of Plot No.- 105, Shivansh Complex, Sarala Nagar, P.O.- Budheswari, P.S.- Laxmisagar, Bhubaneswar, Odisha-751006 declare by this affidavit No.- CF-21, dated 03.05.2025 that now onwards I shall be known as KOKILA PATEL for all future purposes. D-75389

By virtue of an affidavit sworn before Executive Magistrate, Bhubaneswar, dated-04.06.2025, I, Janamohan Bastia, resident of Harachandi Sahi, Old Town, Bhubaneswar, Khordha, Odisha, PIN-751002 declare that I have changed my daughter's name from Rojalin Bastia to Puspanjali Bastia. Henceforth, she shall be known as Puspanjali Bastia for all purposes.
D-843

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

I, Kabita Agrawal, W/o- Bijay Agrawal resident of Ward No.-5, Masjid Gali, Bargarh, P.O./P.S./Tah/ Dist.- Bargarh, Odisha, PIN-768028 declare by this affidavit No.- 692, date- 03.06.2025 that now onwards I shall be known as Kavita Agrawal, W/o- Bijay Kumar Agrawal & mother's of Shreya Varda Agrawal for all future purposes.
Kavita Agrawal
D-851

I, Kabita Agrawal, W/o- Bijay Kumar Agrawal resident of Ward No.-5, Masjid Gali, Bargarh, P.O./P.S./Tah/Dist.- Bargarh,Odisha, PIN- 768028 declare by this affidavit No.-691, dated- 03.06.2025 that now onwards I shall be known as Kavita Agrawal mother's of Gourav Krishna Agrawal for all future purposes.
Kavita Agrawal
D-852

By virtue of an affidavit sworn before 07.05.2025, I, Atul Lenka, At- Badaora, P.O.- Kalapadar, P.S.- Gadisagada, Dist.- Puri, PIN- 752017 declare that I have changed my son's name from Adarsh Lenka to Adarsha Kumar Lenka. Henceforth, he shall be known as Adarsha Kumar Lenka for all purposes.
Atul Lenka
D-849

By virtue of an affidavit sworn before the Executive Magistrate, Nimapara, dated- 05.06.2025, I, Sisir Kumar Barik, Vill- Pataligram, P.O.- Nahantara, P.S.- Nimapara, Dist.- Puri, Odisha declare that I have change my daughter's name from Sai Simran Barik to Simran Barik. Henceforth, she shall be known as Simran Barik for all purposes.
Sisir Kumar Barik
D-842

By virute of an affidavit No.-1513, dated 29.5.2025 sworn before the Executive Magistrate, Balangir, I, Birendra Bagartti, R/o. Village- Uparudar, P.O.-Taliudar, P.S.- Balangir Sadar, Dist.- Balangir, PIN No.- 767065, Odisha declare that I have changed the name of my daughter Sarita Bagartti to Ashrita Bagartti. Henceforth, she shall be known as Ashrita Bagartti for all purpose.
Birendra Bagartti
D-850

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## LEGAL NOTICE

IN THE COURT OF 1ST. ADDITIONAL SENIOR CIVIL JUDGE, BHUBANESWAR.
I. A. No.- 1/2021
(Arising out of C.S. No.- 2913/2021)
Bijay Krushna Das & another
... Plaintiff/Petitioner.
Versus
Klassitech Infra Properties Pvt. Ltd. & others
...Defendants/Opp.parties.
Notice Under Order-V, Rule-20 of C.P.C.

To
Defendant No.-1/O.P.No. 1- Klassitech Infra Properties Pvt. Ltd. represented through its Managing Director, Narayan Moharana, aged about 38 yrs, S/o- Ganeswar Moharana. Defendant No. 2/O.P.No. 2- Narayan Moharana, aged about 38 yrs, S/o- Ganeswar Moharana. Both Office at Plot No.-99, Jagamohan Nagar, Jagamara, P.S.- Khandagiri, Dist.-Khordha.

Whereas the above named plaintiff/ petitioner have filed the above interim application against you for temporary injunction, you are hereby summoned to appear in this Court in person or by pleader duly instructed on 26.06.2025 at 10.30 A. M. and file your written statement/ show cause.

Take notice that in default of your appearance on the before mentioned the I.A. will be heard and determined in your absence.

Suit land
Dist.- Khordha, Mouza- Balianta, Khata No.- 450, Plot No.- 1670, Area Ac0.280 decs.

Given under my hand and the seal of this Court this day of 29.04.2025
Sd./- 1st Addl. Senior Civil Judge, Bhubaneswar
D-829

## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ**
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ଜ୍ୟୋତି ଶଙ୍କର ବେହେରା
ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର, ୧୯୯୬ ବ୍ୟାଚ୍
କେଦାର ଗୌରୀ, ଓଲଡ ଟାଉନ୍, ଭୁବନେଶ୍ୱର
ଆବିର୍ଭାବ: ୧୩.୦୩.୧୯୮୩
ତିରୋଧାନ: ୨୯.୦୫.୨୦୨୫
ତୁମର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମେ ଦେଇଥିବା ସ୍ନେହ, ଶ୍ରଦ୍ଧା ଓ ପ୍ରେରଣା ଆମପାଇଁ ଚିରସ୍ମରଣୀୟ ହୋଇ ରହିଥିବ। ତୁମ ଅମର ଆତ୍ମାର ସଦଗତି ପାଇଁ ମହାପ୍ରଭୁ ଜଗନ୍ନାଥଙ୍କ ଶ୍ରୀଚରଣରେ ପ୍ରାର୍ଥନା କରୁଅଛୁ।
-: ଶୋକ ସନ୍ତପ୍ତ :-
ପରିବାରବର୍ଗ ଓ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ବନ୍ଧୁ ବର୍ଗ
ଧ-୮୫୩


4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ


କଲ୍ୟାଣ
ଜ୍ୱେଲର୍ସ
ପ୍ରତୀକାତ୍ମକ
ଉନ୍ମୋଚନ ଗୋଟିଏ
ଫ୍ଲାଗସିପ୍ ଶୋରୁମର
15 ଜୁନ୍, 2025
ସ୍ଥାନରେ ବିଶାଳ।
ସୁପ୍ରସିଦ୍ଧ ପରମ୍ପରା।
ଚମତ୍କାରିତା ରେ ସମୁଜ୍ଜ୍ୱଳ।
ଭୁବନେଶ୍ୱର, ଆହୁରି ଉଜ୍ଜ୍ୱଳ ଭାବେ ଚମକିବାକୁ ପ୍ରସ୍ତୁତ ହୋଇ ଯାଆନ୍ତୁ
ଭୁବନେଶ୍ୱରରେ ଆମର ଫ୍ଲାଗସିପ୍ ଶୋରୁମ୍‌ରେ ସମସ୍ତଙ୍କ ପାଇଁ କିଛି ମନଲୋଭା ଆପଣଙ୍କ ପାଇଁ ଅପେକ୍ଷା କରିଛି।
ଭାରତ ଏବଂ ବିଶ୍ୱର ପିଢ଼ି ପିଢ଼ି ଧରି ଜନ ସାଧାରଣଙ୍କର ବିଶ୍ୱସ୍ତ କଲ୍ୟାଣ ଜୁଏଲର୍ସ, ଭୁବନେଶ୍ୱରରେ ଏହାର ଉପସ୍ଥିତିକୁ ପୁନଃକଳ୍ପନା କରୁଛି। ଆମର ପ୍ରିୟ ଶୋରୁମ୍ 10,000 ବର୍ଗଫୁଟ ଅଞ୍ଚଳ ର ବିଶାଳ ପରିସରରେ ବିକଶିତ ହେଉଛି - ଗୋଟିଏ ଚମତ୍କାର ସ୍ଥାନରେ କଲ୍ୟାଣ ସଂଗ୍ରହର ବିସ୍ତୃତ ପରିସରର ବୃହତ କେନ୍ଦ୍ର ଆପଣଙ୍କ ଅପେକ୍ଷାରେ।
10,000 SQ. FT. OF SHOPPING AREA TO ACCOMMODATE 100 CUSTOMERS AT A TIME
2000 SQ. FT. OF PARKING AREA
MORE THAN 1,00,000 LAKH DESIGNS IN GOLD, DIAMOND & POLKI JEWELLERY
PRODUCTS FROM THE BEST ARTISANS IN THE COUNTRY AT THE BEST PRICE POSSIBLE
BHUBANESWAR - OPP. DCP OFFICE, VANI VIHAR SQUARE, SAHEED NAGAR, KHORDHA. PH: 0674-2541333, 94371 28033
OPEN ON ALL DAYS
PATIA - PH: 90403 43353 | MASTER CANTEEN - PH: 91141 96197 | SOUBHAGYA NAGAR - PH: 73269 65533 | BERHAMPUR - PH: 91240 55633, 0680-2250051
ROURKELA - PH: 99389 42633 | JAJPUR - PH: 80799 23343 | ANGUL - PH: 96922 20343 | JHARSUGUDA - PH: 73269 05533 | SAMBALPUR - PH: 73269 15533
FOR MORE DETAILS CONTACT US ON TOLL FREE NUMBER: 1800 425 7333 | WWW.KALYANJEWELLERS.NET | FOLLOW US ON | BUY ONLINE @ WWW.CANDERE.COM | FOR FRANCHISE ENQUIRIES WRITE TO FRANCHISEE.ENQUIRY@KALYANJEWELLERS.NET

ଧରିତ୍ରୀ
DHARITRI
ପୃଷ୍ଠା–୧୨+୮
ଭୁବନେଶ୍ୱର, ଶନିବାର, ଜୁନ୍ ୭/୨୦୨୫ (୧୨+୮=୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, June 7/2025 Page 20 ₹ 7.00
www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul
୫୧ଶ ଭାଗ ୧୯୨ ସଂଖ୍ୟା VOLUME 51 ISSUE 192 ମୂଲ୍ୟ ₹୭/-



ଚେନାବ ନଦୀ ଉପରେ ବିଶ୍ୱର ସର୍ବୋଚ୍ଚ ବର୍ତ୍ତୁଳାକାର ରେଲୱେ ବ୍ରିଜ୍‌କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଲୋକାର୍ପିତ କରିଛନ୍ତି। ନିକଟରେ ଅଛନ୍ତି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଜମ୍ମୁ-କଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା, ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଏବଂ କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ।

**ଆଜିର ସମ୍ପାଦକୀୟ**

**ପୁନଶ୍ଚ ଜାଲିଆତି**

# ଚେନାବ ରେଳ ବ୍ରିଜ୍ ଲୋକାର୍ପିତ

ଭାରତୀୟ ଇଞ୍ଜିନିୟରିଂର ଚମତ୍କାରିତା ଭାବେ ଚେନାବ ନଦୀ ଉପରେ ନିର୍ମିତ ଆର୍ଚ୍ଚ ରେଳ ବ୍ରିଜ୍ । ଫ୍ରାନ୍ସର ଆଇଫେଲ୍ ଟାୱାରଠାରୁ ଉଚ୍ଚ ୩୫୯ ମିଟର ଉପରେ ଭାରତୀୟ ରେଳପଥ ଦ୍ୱାରା କରାଯାଇଥିବା ଏହି ବ୍ରିଜ୍ ବିଶ୍ୱର ସର୍ବୋଚ୍ଚ ବର୍ତ୍ତୁଳାକାର ବ୍ରିଜ୍ ଭାବେ ପରିଗଣିତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଏହାକୁ ଉଦ୍‌ଘାଟନ କରିବା ପରେ ଜମ୍ମୁ-କଶ୍ମୀର ସହ ଜାତୀୟ ରେଳ ନେଟ୍‌ୱର୍କ ସମ୍ପୂର୍ଣ୍ଣ ସ୍ଥାପନ ସମ୍ଭବ ହୋଇପାରିଛି। ଏଥିସହିତ କଶ୍ମୀରରୁ କନ୍ୟାକୁମାରୀକୁ ଯୋଡ଼ିବାରେ ଚେନାବ ଓ ଅଞ୍ଜି ବ୍ରିଜ୍ ଯାନ୍ତ୍ରିକ କୌଶଳର ନୂଆ ଇତିହାସ ରଚିଛି।

**ରିଆସି,୬।୬**

ଜମ୍ମୁ-କଶ୍ମୀରର ରିଆସି ଜିଲାରେ ଚେନାବ ନଦୀ ଉପରେ ବିଶ୍ୱର ସର୍ବୋଚ୍ଚ ବର୍ତ୍ତୁଳାକାର ରେଲୱେ ବ୍ରିଜ୍‌କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଉଦ୍‌ଘାଟନ କରିଛନ୍ତି। ଫଳରେ ଦେଶର ଅନ୍ୟ ଭାଗ ସହ ଏହି ପାର୍ବତ୍ୟାଞ୍ଚଳକୁ ରେଳ ନେଟ୍‌ୱର୍କରେ ସଂଯୋଗ କରିବା ପାଇଁ ରହିଥିବା ଶତାଧିକ ବର୍ଷର ସ୍ୱପ୍ନ ସାକାର ହୋଇଛି। କଶ୍ମୀରକୁ ଟ୍ରେନ୍ ଚଳାଚଳ ଭାରତର ଇଞ୍ଜିନିୟରିଂ ଏବଂ ଯୋଗାଯୋଗରେ ଏକ ଐତିହାସିକ ସଫଳତା। ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଓ ☞ପୃଷ୍ଠା–୪









# ଖୁସି ବଖାଣିଲେ, ଧନ୍ୟବାଦ ଜଣାଇଲେ ନବନିଯୁକ୍ତ


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ୨ ଉପମୁଖ୍ୟମନ୍ତ୍ରୀ, ମନ୍ତ୍ରୀଙ୍କ ଗହଣରେ ନବ ନିଯୁକ୍ତମାନେ।

**ରାଜ୍ୟ ସରକାରଙ୍କ ପକ୍ଷରୁ ଶୁକ୍ରବାର ରେଳ ଅଡିଟୋରିୟମଠାରେ ନିଯୁକ୍ତି ମେଳା ଆୟୋଜିତ ହୋଇଥିଲା। ୭ ବିଭାଗର ୧,୨୯୪ଜଣ ଅଧିକାରୀ ଓ କର୍ମଚାରୀଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଯୋଗଦେଇ ୩୦ ଜିଲାର ୩୦ଜଣ ପ୍ରାର୍ଥୀଙ୍କୁ ନିଯୁକ୍ତିପତ୍ର ଦେଇ ନିଷ୍ଠାର ସହ କାର୍ଯ୍ୟ କରିବାକୁ ଉପଦେଶ ଦେଇଥିଲେ। ଏହି ଅବସରରେ କେତେଜଣ ନବନିଯୁକ୍ତ ନିଜ ଖୁସି ବଖାଣିବା ସହିତ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ। ଏଥିସହ ସରକାରୀ ଚାକିରି ପାଇବାର ଶ୍ରେୟ ମା'ବାପା, ପରିବାର, ସମ୍ପର୍କୀୟ ଓ ଅନ୍ୟମାନଙ୍କୁ ଦେବା ସହ ଭାବବିହ୍ୱଳ ହୋଇପଡିଥିଲେ।**

**–ରିପୋର୍ଟ: ସୁଚିସ୍ମିତା ସାହୁ, ଭୁବନେଶ୍ୱର**

### ବାପାଙ୍କ ପାଇଁ ମୁଁ ଆଜି ଏଠାରେ ପହଞ୍ଚି ପାରିଛି

ମୁଁ ଜଣେ ଚାଷୀ ପରିବାରର ଝିଅ। ଆମେ ଭାଇ ଭଉଣୀ ୭ଜଣ। ମୁଁ ବଡ଼ ଓ ୬ ଭାଇ ହେଉଛନ୍ତି ସାନ। ଆମ ଗାଁରେ ଝିଅମାନଙ୍କୁ ପାଠ ପଢ଼ାଇବାକୁ ମାବାପା ରାଜି ନାହାନ୍ତି। କିନ୍ତୁ ମୋ ମାଆବାପା ଝିଅ ବୋଲି ମୋ ପାଠପଢ଼ା ବନ୍ଦ ନ କରି ସହଯୋଗ କରିଥିଲେ। ବାପା ଚାଷ କରି ବହୁ କଷ୍ଟରେ ମତେ ପାଠପଢ଼େଇଥିଲେ। ଆମ ଗାଁର ମୁଁ ସବୁଠାରୁ ଉଚ୍ଚ ଶିକ୍ଷିତ ଝିଅ। ମୁଁ ଆମ ପରିବାରରେ ପ୍ରଥମ ସରକାରୀ ଚାକିରି କରିଛି। ମୁଁ ରାୟଗଡା ଜିଲାର ଗୁରାଡି ବିଜ୍ଞାନ କନିଷ୍ଠ ମହାବିଦ୍ୟାଳୟରେ ଉଦ୍ଭିଦ ବିଜ୍ଞାନରେ ପିଜିଟି ଭାବେ ନିଯୁକ୍ତି ପାଇଛି। ପୋଷ୍ଟ ଗ୍ରାଜୁଏଟ୍ ଟିଚର ରୂପେ ମୁଖ୍ୟମନ୍ତ୍ରୀଙ୍କଠାରୁ ନିଯୁକ୍ତିପତ୍ର ଗ୍ରହଣ କରିଥିବାରୁ ଭାରି ଖୁସି ଲାଗୁଛି। ଶିକ୍ଷାକ୍ଷେତ୍ରରେ ସ୍ୱଚ୍ଛ ନିଯୁକ୍ତି ପାଇଁ ମୁଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜ୍ଞାପନ କରୁଛି। ଶେଷରେ କହିବି ବାପାଙ୍କ ସହଯୋଗ ପାଇଁ ମୁଁ ଆଜି ଏଠାରେ ପହଞ୍ଚିପାରିଛି।



**–ଗୀତାଞ୍ଜଳି ସୁନା, ନବରଙ୍ଗପୁର**

### ସ୍ୱଚ୍ଛ ନିଯୁକ୍ତି ପ୍ରକ୍ରିୟା ଯୋଗୁ ମାଆଙ୍କ ସ୍ୱପ୍ନ ପୂରଣ ହେଲା

ମୋ ମାଆ ଏସ୍‌ସିବି ହସ୍ପିଟାଲରେ ଷ୍ଟାଫ ନର୍ସ ଭାବେ କାର୍ଯ୍ୟ କରୁଥିଲେ। ମୋ ମାଆଙ୍କର ସ୍ୱପ୍ନ ଥିଲା ମୁଁ ଡାକ୍ତର ହେବି। ମୁଁ ଯେଉଁ ହସ୍ପିଟାଲରେ ନର୍ସ ଭାବେ କାର୍ଯ୍ୟ କରୁଛି ମୋ ଝିଅ ସେଠାରେ ଡାକ୍ତର ଭାବେ କାର୍ଯ୍ୟ କରନ୍ତା କି? ସେଥିପାଇଁ ମୋ ମାଆ ସବୁବେଳେ ପ୍ରେରଣା ଦେଉଥିଲେ। ଓପିଏସ୍‌ସି ଦ୍ୱାରା ପରିଚାଳିତ ନିଯୁକ୍ତି ପରୀକ୍ଷାରେ କୃତକାର୍ଯ୍ୟ ହୋଇ ସେହି ଏସ୍‌ସିବି ହସ୍ପିଟାଲରେ ରେଗୁଲାର ଆସିଷ୍ଟାଣ୍ଟ ପ୍ରଫେସର ଭାବେ କାର୍ଯ୍ୟ କରିବାକୁ ସୁଯୋଗ ପାଇଛି। ମୋ ମାଆ, ବାପା ଓ ମୋ ପସନ୍ଦର ଚାକିରି ପାଇପାରିଛି। ଏହା କେବଳ ରାଜ୍ୟ ସରକାରଙ୍କ ସ୍ୱଚ୍ଛ ଅନ୍‌ଲାଇନ କାଉନ୍‌ସେଲିଂ ପ୍ରକ୍ରିୟା ଦ୍ୱାରା ସମ୍ଭବ ହୋଇପାରିଛି। ରାଜ୍ୟ ସରକାର ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେବା ସହିତ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ଆମକୁ ନିଯୁକ୍ତ କରିଛନ୍ତି। ସେଥିପାଇଁ ରୋଗୀ ସେବାରେ ଯେପରି କୌଣସି ଅସୁବିଧା ନ ହୁଏ, ସେଥିପାଇଁ ଧ୍ୟାନ ଦେବି। ଏଥିସହ ମୁଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଉଛି।



**–ଡ. ସୋନାଲି ଶୁଭଦର୍ଶିନୀ, କଟକ**

### ସ୍ୱପ୍ନର ଓଡିଶା ଗଠନରେ ନିଜକୁ ସାମିଲ କରିବି

ମୋ ବାପା ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଥିଲେ। ବୋଉ ଜଣେ ଗୃହିଣୀ। ମୁଁ ମାଇନିଂ ଇଞ୍ଜିନିୟରିଂରେ ସ୍ନାତକ ପାସ୍ କରିବା ପରେ ଏକ ଘରୋଇ ଅନୁଷ୍ଠାନରେ କାମ କରୁଥିଲି। ବୋଉବାପାଙ୍କର ସ୍ୱପ୍ନ ଥିଲା ମୁଁ ସରକାରୀ ଚାକିରି କରେ। ଏଥିପାଇଁ ମୁଁ ବହୁତ କଷ୍ଟ କରିଥିଲି, ଦୀର୍ଘଦିନ ପରେ ସଫଳ ହୋଇଛି। ମୁଁ ବର୍ତ୍ତମାନ ସୁନ୍ଦରଗଡ ଜିଲାର ସରକାରୀ ପଲିଟେକ୍‌ନିକ୍ ଦର୍ଲିପାଲିରେ ମାଇନିଂ ଅଧ୍ୟାପକ ଭାବେ ନିଯୁକ୍ତି ପାଇଛି। ରାଜ୍ୟ ସରକାରଙ୍କ ସ୍ୱଚ୍ଛ ନିଯୁକ୍ତି ପ୍ରକ୍ରିୟା ଯୋଗୁ ଏଭଳି ସୁଯୋଗ ପାଇପାରିଛି। ମୁଁ ନିଷ୍ଠାର ସହିତ କାର୍ଯ୍ୟ କରିବି, ସରକାରଙ୍କ ସ୍ୱପ୍ନର ଓଡିଶା ଗଠନରେ ନିଜକୁ ସମର୍ପଣ କରିବି। ଏଥିପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଅର୍ପଣ କରୁଛି।



**–ବ୍ରଜବନ୍ଧୁ ନାହକ, କେନ୍ଦୁଝର**

# ମହାପ୍ରଭୁଙ୍କ ବାହୁଟସେବା ପାଇଁ ଶ୍ରୀକ୍ଷେତ୍ର ଗଲା ବଉଳକାଠ


ବଉଳକାଠ ସହ ଶ୍ରୀକ୍ଷେତ୍ର ଅଭିମୁଖେ ବାହାରିଥିବା ଶୋଭାଯାତ୍ରା।

**ସାକ୍ଷୀଗୋପାଳ,୬।୬(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ/ଭରତ ରାଉତ)**

ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ଠାକୁରଙ୍କ ବାହୁଟସେବା ପାଇଁ ଆବଶ୍ୟକ ବଉଳକାଠ ଶୁକ୍ରବାର ପବିତ୍ର ନିର୍ଜଳା ଏକାଦଶୀ ତିଥିରେ ପରମ୍ପରାକ୍ରମେ ସାକ୍ଷୀଗୋପାଳରୁ ଶ୍ରୀକ୍ଷେତ୍ର ଅଭିମୁଖେ ଯାତ୍ରା କରିଛି। ଏହି ଉପଲକ୍ଷେ ସତ୍ୟବାଦୀ ସଂସ୍କୃତି ସୁରକ୍ଷା ମଞ୍ଚ ପକ୍ଷରୁ ଏକ ଆଧ୍ୟାତ୍ମିକ ଶୋଭାଯାତ୍ରା ସହ ବଉଳକାଠ ଶଗଡ଼ିକୁ ବକୁଳବନରୁ ସମାରୋହରେ ମେଲାଣି ଦିଆଯାଇଛି। ୮ ହାତ ଲମ୍ବ, ୩ ଫୁଟ ଗୋଲେଇର ବଉଳବୃକ୍ଷକୁ ଶ୍ରୀକ୍ଷେତ୍ରରୁ ଆସିଥିବା ବଳଦ ଶଗଡ଼ିରେ ବକୁଳବନସ୍ଥିତ ସିଦ୍ଧବକୁଳ ମନ୍ଦିରକୁ ନିଆଯାଇଥିଲା। ଆୟୋଜିତ ସମାରୋହର ମୁଖ୍ୟ ଅତିଥି ଭାବେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ସବୁଜ ପତାକା ଦେଖାଇ ଆଧ୍ୟାତ୍ମିକ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ସତ୍ୟବାଦୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ବିଡିଓ ଦେବାଶିଷ ନାୟକ, ଅତିରିକ୍ତ ତହସିଲଦାର ଓମ୍ ପ୍ରକାଶ ପରିଡ଼ା, ଆଇଆଇସି ବିଜୟ କେତନ ବେହେରା, ଭାରତ ବିକାଶ ପରିଷଦ ସଭାପତି ସତ୍ୟବାଦୀ ଦାସ, ଉତ୍ତର ପାର୍ଶ୍ୱ ମଠର ମଠାଧୀଶ ମହନ୍ତ ନାରାୟଣ ରାମାନୁଜ ଦାସ, ଶ୍ରୀମନ୍ଦିର ରଥ ନିର୍ମାଣ ତତ୍ତ୍ୱାବଧାରକ ସୁଦର୍ଶନ ମେକାପ ଓ ଜୟପୁର ସମିତିସଭ୍ୟ ଦୀପକ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଚଳିତ ବର୍ଷ ମାଟ୍ରିକ, +୨ ଓ ଆଇକନିକ ଆଦର୍ଶ ବିଦ୍ୟାଳୟର ମେଧାବୀ ଛାତ୍ରୀଛାତ୍ର, କବି, କଳାକାର, ସେବାୟତ ଓ ସହଯୋଗୀ ଅନୁଷ୍ଠାନ ସୁଧର୍ମା ମହାସଂଘ ଶ୍ରୀରାଧା ମଣ୍ଡଳ ସତ୍ୟବାଦୀ ଓ ଶ୍ରୀରାଧାରାଣୀ ସଂକୀର୍ତ୍ତନ ମଣ୍ଡଳୀ ଚାଷପଡ଼ା, ଭୋଇ ସର୍ଦ୍ଦାର ରବି ଭୋଇ, ଶଗଡ଼ିଆ ବାନାମ୍ବର ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସତ୍ୟବାଦୀ ସଂସ୍କୃତି ସୁରକ୍ଷା ମଞ୍ଚର ସମ୍ପାଦକ କିଶୋର ଚନ୍ଦ୍ର ମହାପାତ୍ର, ସହସମ୍ପାଦକ ପ୍ରଶାନ୍ତ କୁମାର ବିଶ୍ୱାଳ, ସାଂସ୍କୃତିକ ସମ୍ପାଦକ ବଦ୍ରିନାରାୟଣ ଖୁଣ୍ଟିଆ, ଯଯାତି କେଶରୀ ରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଇନଜୀବୀ ଅଞ୍ଜନ ହୋତା ସଂଯୋଜନା କରିଥିଲେ। ସରପଞ୍ଚ ଚିନ୍ମୟ ରାଉତ, ରବୀନ୍ଦ୍ରନାଥ ଷଡ଼ଙ୍ଗୀ, ଧ୍ରୁବ ଚରଣ ଦାସ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ସାକ୍ଷୀଗୋପାଳ ମନ୍ଦିର ନିକଟ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରୁ ଚଳିତବର୍ଷ ଚିହ୍ନଟ କରାଯାଇଥିବା ବଉଳବୃକ୍ଷକୁ ପୂଜାର୍ଚ୍ଚନା କରାଯାଇ ନିର୍ଦ୍ଧାରିତ ମାପରେ କଟାଯାଇଥିଲା। ଶ୍ରୀମନ୍ଦିରର ପ୍ରଚଳିତ ପରମ୍ପରାକ୍ରମେ ସକାଳୁ ଶ୍ରୀମନ୍ଦିର ଭୋଇ ସେବକ ଓ ମନ୍ଦିର କର୍ମଚାରୀମାନେ ସାକ୍ଷୀଗୋପାଳରେ ପହଞ୍ଚି ମହାପ୍ରଭୁଙ୍କ ଆଜ୍ଞାମାଳ ଦେଇ ବୃକ୍ଷ ବରଣ କରିଥିଲେ।

# ଶ୍ରୀମନ୍ଦିରରେ ରୁକ୍ମିଣୀ ହରଣ, ବିବାହ ଉତ୍ସବ ନୀତି

**ପୁରୀ,୬।୬(ଅଜିତ୍ କୁମାର ମହାନ୍ତି)**

ପବିତ୍ର ଜ୍ୟେଷ୍ଠ ଶୁକ୍ଳ ଏକାଦଶୀ ତିଥି ଅବସରରେ ଶୁକ୍ରବାର ଶ୍ରୀମନ୍ଦିରରେ ରୁକ୍ମିଣୀ ହରଣ ନୀତି ସହ ବିବାହ ନୀତି ସମ୍ପନ୍ନ ହୋଇଛି। ଏହି ଦିବସକୁ ରୁକ୍ମିଣୀ ହରଣ ଏକାଦଶୀ ବା ନିର୍ଜଳା ଏକାଦଶୀ କୁହାଯାଏ। ସକାଳ ଧୂପ ପୂଜା ସମୟରେ ଦକ୍ଷିଣୀ ଘରେ ମଦନମୋହନ ବେଶ ହୋଇଥିଲେ। ପରେ ଶ୍ରୀମଦନମୋହନ ରତ୍ନସିଂହାସନକୁ ବିଜେ କରିଥିଲେ। ଭୋଗମଣ୍ଡପ ପରେ ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ଆଣି ଶ୍ରୀମଦନମୋହନଙ୍କୁ ପ୍ରଦାନ କରିଥିଲେ। ଶ୍ରୀମଦନମୋହନ ଜୟବିଜୟ ଦ୍ୱାରକୁ ବିଜେ କରିଥିଲେ। ସକାଳ ଧୂପ ପୂଜା ବଢିବା ପରେ ପୂଜାପଣ୍ଡା ସାମନ୍ତ ଶ୍ରୀଜଗନ୍ନାଥଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ନେଇ ଶ୍ରୀଦେବୀ (ରୁକ୍ମିଣୀ)ଙ୍କୁ ପ୍ରଦାନ କରିଥିଲେ। ମହାଜନ ସେବକ ଶ୍ରୀଦେବୀ ବା ରୁକ୍ମଣୀଙ୍କୁ ସାତପାହାଚସ୍ଥିତ ପାଲିଙ୍କିରେ ବିଜେ କରାଇଥିଲେ। ବିମାନବଡୁମାନେ ପାଲିଙ୍କିକୁ ମହାଲକ୍ଷ୍ମୀ ମନ୍ଦିରକୁ ନେଇଥିଲେ। ସେଠାକାର ଜଗମୋହନରେ ଥିବା ଖଟରେ ଶ୍ରୀଦେବୀ ବା ରୁକ୍ମିଣୀ ବିଜେ ହୋଇଥିଲେ। ରୁକ୍ମିଣୀଙ୍କୁ ପଞ୍ଚାମୃତ ମହାସ୍ନାନ, ମାଜଣା, ବନକଲାଗି ଏବଂ ଅଳଙ୍କାର ଲାଗିହୋଇ ବେଶ ବଢିଥିଲା। ଏହି ସମୟରେ ତଡାଉକରଣ ରୁକ୍ମିଣୀଙ୍କ ବିଶ୍ୱସ୍ତ ରୂପେ ତାଳପତ୍ର ଓ ଲେଖନୀ ନେଇ ଉପସ୍ଥିତ ଥିଲେ। ଭିତରଚ୍ଛ ମହାପାତ୍ର ଚିଟାଉ ନେଇ ରୁକ୍ମିଣୀଙ୍କ ଶ୍ରୀହସ୍ତ ମୁଦ କରାଇଥିଲେ। ବିପ୍ର ବାହ୍ମଣ ବେଶରେ ଜଣେ ସେବକ ଚିଟାଉ ନେଇ ଜୟବିଜୟ ଦ୍ୱାର ପାଖରେ ଥିବା ମହାପ୍ରଭୁଙ୍କ ନିକଟକୁ ଯାଇଥିଲେ। ସେଠାରେ ପୁରାଣ ପଣ୍ଡା, ପୂଜାପଣ୍ଡା ଏବଂ ପାଳିଆ ଖୁଣ୍ଟିଆଙ୍କ ଉପସ୍ଥିତିରେ ବଚନିକା ହୋଇଥିଲା। ପରେ ମଦନମୋହନ ରଥରେ ବିଜେ ହୋଇ ବିମଳା ମନ୍ଦିର ନିକଟକୁ ଯାଇ ନାଟୁଆ ଗଣେଶଙ୍କ ମନ୍ଦିର ପାଖରେ ଲୁଚି ରହି ରୁକ୍ମିଣୀ (ଶ୍ରୀଦେବୀ)ଙ୍କୁ ଅପେକ୍ଷା କରିଥିଲେ। ମହାଲକ୍ଷ୍ମୀ ମନ୍ଦିରରୁ ରୁକ୍ମିଣୀ (ଶ୍ରୀଦେବୀ) ଗୌରୀ ପୂଜା ନିମନ୍ତେ ପାଲିଙ୍କିରେ ବିଜେ ହୋଇ ବିମଳାଙ୍କ ମନ୍ଦିରକୁ ଆସିଥିଲେ। ମା' ବିମଳାଙ୍କୁ ପୂଜା ଓ ଦର୍ଶନ କରି ଆଜ୍ଞାମାଳ ପାଇ ବାହାରିବା ବେଳେ ରୁକ୍ମିଣୀଙ୍କୁ ମହାପ୍ରଭୁ ବିମଳା ମନ୍ଦିର ଦ୍ୱାର ନିକଟରୁ ହରଣ କରି ରଥରେ ବସାଇ ନେଇଯାଇଥିଲେ। ଏ ସମ୍ପର୍କରେ ଖବର ପାଇ ଶିଶୁପାଳ ଆସି ସରସ୍ୱତୀ ମନ୍ଦିର ସମ୍ମୁଖରେ ଶିଶୁପାଳ ମହାପ୍ରଭୁଙ୍କୁ ପ୍ରତିରୋଧ କରିଥିଲେ। ଫଳରେ ଦୁଇଜଣଙ୍କ ମଧ୍ୟରେ ଯୁଦ୍ଧ ହୋଇଥିଲା। ଦୁଇଜଣ ସେବକ ଏହି ଯୁଦ୍ଧ ସମ୍ପାଦନା କରିଥିଲେ। ଯୁଦ୍ଧରେ ମହାପ୍ରଭୁଙ୍କଠାରୁ ଶିଶୁପାଳ ପରାସ୍ତ ହୋଇଥିଲେ। ଫଳରେ ମହାପ୍ରଭୁ ଶିଶୁପାଳଙ୍କୁ ରଥରେ ବାନ୍ଧି ଦେଇଥିଲେ। ଖବର ପାଇ ଦକ୍ଷିଣୀଘରୁ ବଳରାମ ବିମାନରେ ଆସି ସରସ୍ୱତୀ ମନ୍ଦିର ନିକଟରେ ପହଞ୍ଚି ଶିଶୁପାଳଙ୍କୁ ବନ୍ଧନମୁକ୍ତ କରିଥିଲେ। ପରେ ବଳରାମ ଦକ୍ଷିଣ ଘରକୁ ଏବଂ ମଦନମୋହନ ଓ ରୁକ୍ମିଣୀ ବିବାହ ମଣ୍ଡପକୁ ବିଜେ କରିଥିଲେ। ମହାପ୍ରଭୁଙ୍କ ସନ୍ଧ୍ୟାଧୂପ ସମ୍ପନ୍ନ ହେବା ପରେ ବିବାହ ନୀତି ଆରମ୍ଭ ହୋଇଥିଲା। ପରେ ଅନ୍ୟାନ୍ୟ ନୀତି ସରି ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମହାପ୍ରଭୁଙ୍କ ଦର୍ଶନ କରିବା ନିମନ୍ତେ ଶ୍ରୀମନ୍ଦିରରେ ଭକ୍ତଙ୍କ ଗହଳି ପରିଲକ୍ଷିତ ହୋଇଥିଲା। ଚମ୍ପକ ଦ୍ୱାଦଶୀ ଶନିବାର ଅବସରରେ ନବବିବାହିତା ଦେବ ଦମ୍ପତିଙ୍କ ଗୁଆଲି ଯାତ୍ରା ଅନୁଷ୍ଠିତ ହେବ।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଚନ୍ଦନ


@ ମାମୁନ୍


@ ରସାନନ୍ଦ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଏମ୍‌ପିଙ୍କୁ ଦୁର୍ବ୍ୟବହାର ମାମଲା, ଜଣେ ଗିରଫ

**ନିମାପଡ଼ା,୬।୬(ବିଚିତ୍ରାନନ୍ଦ ସାହୁ)**

ପୁରୀ ଏମ୍‌ପି ସମ୍ବିତ ପାତ୍ରଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ଅଭିଯୋଗରେ ନିମାପଡ଼ା ଥାନା ପୋଲିସ ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ବିଷ୍ଣୁପୁର କରଞ୍ଜି ସାହି ଗ୍ରାମର ଦୁଷ୍ମନ୍ତ ପ୍ରଧାନ।

ଗୁରୁବାର ନିମାପଡ଼ାଠାରେ ଆୟୋଜିତ ଉତ୍କର୍ଷ ନିମାପଡ଼ା ସମାରୋହରେ ଯୋଗଦେବାକୁ ଏମ୍‌ପି ପାତ୍ର ନିମାପଡ଼ା ଆସୁଥିଲେ। ଏହି ସମୟରେ ପୁରୁଣା ବସ୍‌ଷ୍ଟାଣ୍ଡଠାରେ କେତେଜଣ ଯୁବକ କଳା ପତାକା ପ୍ରଦର୍ଶନ କରିଥିଲେ। ଏଥିସହ ତାଙ୍କ ଗାଡ଼ି ଅଟକାଇ ତା ଉପରକୁ ଚଢିଯାଇ ଖରାପ ଭାଷାରେ ଗାଳିଗୁଲଜ ସହ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଏ ସମ୍ପର୍କରେ ନିମାପଡ଼ା ଏନ୍‌ଏସିର ଭାଜପା ନଗର ସଭାପତି ନିରଞ୍ଜନ ନାୟକ ଶୁକ୍ରବାର ୪ ଜଣ ଦୁର୍ବ୍ୟବହାରକାରୀଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏ ସମ୍ପର୍କରେ ଦୁର୍ବ୍ୟବହାରକାରୀ ଗୋପ ଥାନା ଅଧୀନ କୁଶୁପୁର ଗ୍ରାମର ପ୍ରଶାନ୍ତ କୁମାର ପରମାଣିକ, ବଳଙ୍ଗା ଥାନା ଅଧୀନ ହରିପୁର ଗ୍ରାମର ଆଦିତ୍ୟ ଆୟୁଷ୍ମାନ ପାତ୍ର, ନିମାପଡ଼ା ଥାନା ଅଧୀନ ପାଟପୁର ଗ୍ରାମର ଗିରିଧାରୀ ଭୋଇ ଓ ଦୁଷ୍ମନ୍ତ ପ୍ରମୁଖ ୪ ଜଣଙ୍କ ବିରୋଧରେ ୧୫୯/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଜଣେ ଏମ୍‌ପିଙ୍କୁ ଏତାଦୃଶ ଆଚରଣ ପ୍ରଦର୍ଶନ କରାଯିବା ଘଟଣାକୁ ନିମାପଡ଼ାର ବହୁ ଭାଜପା ନେତୃବୃନ୍ଦ ନାପସନ୍ଦ କରିଛନ୍ତି। ଘଟଣାରେ ସମ୍ପୃକ୍ତ ଅନ୍ୟ ଯୁବକମାନଙ୍କୁ ତୁରନ୍ତ ଗିରଫ କରାଯିବାକୁ ପୋଲିସ ନିକଟରେ ଦାବି କରିଛନ୍ତି।

# ଶାସ୍ତ୍ରୀ ପରୀକ୍ଷା ପାସ୍ ହାର ୮୧.୭୮%

**ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ**

**ପୁରୀ,୬।୬(ଅଜିତ୍ କୁମାର ମହାନ୍ତି)**



ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପରିସରରେ ଶାସ୍ତ୍ରୀ ପରୀକ୍ଷାଫଳ ଘୋଷଣା କରାଯାଉଛି।

ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ପୁରୀ ଦ୍ୱାରା ପରିଚାଳିତ ଶାସ୍ତ୍ରୀ ତଥା +୩ ପରୀକ୍ଷାର ଫଳ ଶୁକ୍ରବାର ପ୍ରକାଶ ପାଇଛି। ଚଳିତବର୍ଷ ମୋଟ ୧୩୯ଟି ମହାବିଦ୍ୟାଳୟର ୫୦୮୯ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ୫ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଖାତା ମୂଲ୍ୟାୟନ କରାଯାଇଥିଲା। ଏପ୍ରିଲ ୯ରୁ ପରୀକ୍ଷା ଆରମ୍ଭ ହୋଇ ୧୯ ତାରିଖରେ ଶେଷ ହୋଇଥିଲା। ପରୀକ୍ଷା ୫୦୮୯ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୪୧୬୨ ଜଣ କୃତକାର୍ଯ୍ୟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨୨୯୭ ଛାତ୍ରୀ ଓ ୧୮୫୮ ଛାତ୍ର ପାସ୍ କରିଛନ୍ତି। ପାସ୍ ହାର ୮୧.୭୮ ପ୍ରତିଶତ ରହିଛି। ଛାତ୍ରୀଙ୍କ ପାସ୍ ହାର ୮୬.୧୯ ଥିବାବେଳେ ଛାତ୍ରଙ୍କ ପାସ୍ ହାର ୭୬.୯୩ ପ୍ରତିଶତ। ଏଥିରେ ବିଶେଷ ଯୋଗ୍ୟତା ସହ ପ୍ରଥମ ଶ୍ରେଣୀରେ ୨୧୪୮, ପ୍ରଥମ ଶ୍ରେଣୀରେ ୪୭୫, ବିଶେଷ ଯୋଗ୍ୟତା ସହ ଦ୍ୱିତୀୟ ଶ୍ରେଣୀରେ ୬୧୭, ଦ୍ୱିତୀୟ ଶ୍ରେଣୀରେ ୮୬୬ ଓ ବିନା ସମ୍ମାନରେ ୫୬ଜଣ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ପରୀକ୍ଷାରେ ୯୦୨ ଜଣ ପରୀକ୍ଷାର୍ଥୀ ଅକୃତକାର୍ଯ୍ୟ ହୋଇଛନ୍ତି। ଅନିବାର୍ଯ୍ୟ କାରଣବଶତଃ ୩ ଜଣଙ୍କ ପରୀକ୍ଷାଫଳ ସ୍ଥଗିତ ରଖାଯାଇଛି। ୨୨ଜଣ ପରୀକ୍ଷାର୍ଥୀ ଅସାଧୁ ଉପାୟ ଅବଲମ୍ବନ କରିଥିବାରୁ ସେମାନଙ୍କ ପରୀକ୍ଷାଫଳ ରଦ୍ଦ କରାଯାଇଛି ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ଅଦ୍ୱୈତ୍ୟ ବେଦାନ୍ତରେ ପାସ୍‌ହାର ୯୫.୫୨% ଧର୍ମଶାସ୍ତ୍ରରେ ୯୨.୦୭% ସର୍ବଦର୍ଶନରେ ୮୨.୬୦% ହୋଇଛି। ସେହିପରି ଜ୍ୟୋତିଷରେ ପାସ୍‌ହାର ୫୦%, କର୍ମକାଣ୍ଡରେ ୭୬.୯୨%, ନ୍ୟାୟରେ ପାସ୍‌ହାର ୮୮.୬୭ % ରହିଛି। ସାହିତ୍ୟରେ ପାସ୍‌ହାର ୮୩.୧୯%, ବ୍ୟାକରଣରେ ପାସ୍‌ହାର ୭୯.୧୩%, ପୁରାଣରେ ପାସ୍‌ହାର ଶତ ପ୍ରତିଶତ ହୋଇଛି। ବେଦରେ ପାସ୍‌ହାର ୮୪.୮୪% ରହିଛି।

# ଫ୍ରାନ୍ସ ନାଗରିକ ଗିରଫ

**ଭିସା ଅବଧି ଶେଷପରେ କୋଣାର୍କରେ ରହୁଥିଲେ**

**କୋଣାର୍କ,୬।୬(ଜ୍ୟୋତିରାଜ ମହାନ୍ତି)**

କୋଣାର୍କ ଏନ୍‌ଏସି ଅଧୀନସ୍ଥ ୯ନଂ ୱାର୍ଡର ମଙ୍ଗୁଳେଶ୍ୱରଠାରେ ବେଆଇନ ଭାବେ ଜବରଦଖଲ କରି ଗୃହ ନିର୍ମାଣ କରି ରହୁଥିବା ଫ୍ରାନ୍ସ ନାଗରିକ କାଇଜରଗୁଏସ ଟୋନିଙ୍କ ଭିସା ଅବଧି ଶେଷ ହୋଇଥିବା ବେଳେ ତାଙ୍କୁ ଶୁକ୍ରବାର ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ କୋଣାର୍କ ଥାନା ପୋଲିସ ଗିରଫ କରିଛି।

ପ୍ରକାଶ ଯେ, ଟୋନି ହାଇଦ୍ରାବାଦସ୍ଥିତ ଫ୍ରାନ୍ସ ଦୂତାବାସ ୧ବର୍ଷ ନିମନ୍ତେ କୋଣାର୍କ ଠାରେ ରହି ଭ୍ରମଣ କରିବା ପାଇଁ ଭିସା ପ୍ରଦାନ କରିଥିଲେ। ଏହି ଭିସା ତାଙ୍କୁ ଦୂତାବାସ ପକ୍ଷରୁ ଅବଧି ୯-୦୪-୨୩ ଠାରୁ ୯-୦୪-୨୪ ପର୍ଯ୍ୟନ୍ତ ଏକବର୍ଷ ପାଇଁ ପ୍ରଦାନ କରାଯାଇଥିଲା। କୋଣାର୍କ ଆଶ୍ରମକୁ ଲାଗି କିଛି ସରକାରୀ ଜାଗାରେ ଟୋନି ବେଆଇନ ଭାବେ ଘର କରି ଗଞ୍ଜେଇ ଗଛ ଲଗାଇଥିବା ଦେଖିବାକୁ ମିଳିଛି। ମଙ୍ଗୁଳେଶ୍ୱର ମନ୍ଦିର ନିକଟସ୍ଥ ଉଦାସୀ ଆଶ୍ରମରେ ନିଜକୁ ଆଶ୍ରମର ଗୁରୁଙ୍କ ଶିଷ୍ୟ ଭାବେ ପରିଚୟ ଦେଇ କିଛିଦିନ ରହିବା ପାଇଁ ଟୋନି ଆଶ୍ରମରେ ରହିଥିଲେ। ଦୀର୍ଘ ସମୟ ଧରି ଟୋନି ଉକ୍ତ ଆଶ୍ରମରେ ଆସ୍ଥାନ ଜମାଇବା ସହ ସେଠାରେ ରହୁଥିବା ଅନ୍ୟ ଶିଷ୍ୟମାନଙ୍କ ସହ ତିକ୍ତତା ସୃଷ୍ଟି କରିଥିଲେ। ଏପରିକି ଆଶ୍ରମକୁ ନିଜ ଅକ୍ତିଆରକୁ ନେବା ପାଇଁ ଉଦ୍ୟମ କରିବା ସହ ଅନ୍ତେବାସୀଙ୍କୁ ମାରପିଟ କରିବା ଆଶ୍ରମ ଗୃହରେ ତାଲା ପକାଇବା ଭଳି ବିଭିନ୍ନ ଅସାମାଜିକ କାର୍ଯ୍ୟକଳାପକୁ ନେଇ କୋଣାର୍କ ଥାନାରେ ଅଭିଯୋଗମାନ ହୋଇଥିଲା। ସମ୍ପୃକ୍ତ ବିଦେଶୀ ନାଗରିକଙ୍କ ଭିସା ଅବଧି ଦୀର୍ଘ ୧ବର୍ଷ ୩ ମାସ ଧରି ଶେଷ ହୋଇଥିବା ବେଳେ ଅନାଧିକାର ଭାବେ ଉକ୍ତ ସ୍ଥାନରେ ରହୁଥିଲେ। ହାଇଦ୍ରାବାଦ ସ୍ଥିତ ଫ୍ରାନ୍ସ ଦୂତାବାସ ଅଧିକାରୀ ବେଆଇନ ଭାବେ କୋଣାର୍କରେ ରହୁଥିବା ଟୋନିଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଏସ୍‌ପି ବିନୀତ ଅଗ୍ରୱାଲ୍‌ଙ୍କୁ ଅବଗତ କରାଇଥିଲେ। ପୁରୀ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ କୋଣାର୍କ ଥାନାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ସଦଳବଳ ପହଞ୍ଚି ଅନଧିକାର ଭାବେ ରହୁଥିବା ଟୋନିଙ୍କୁ ଗିରଫ କରିଛନ୍ତି। ଏ ନେଇ କୋଣାର୍କ ଥାନା ପୋଲିସ ୯୭/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ବେଳେ ଶନିବାର ତାଙ୍କୁ କୋର୍ଟଚାଲାଣ କରାଯିବ ବୋଲି କୋଣାର୍କ ଥାନାଧିକାରୀ ସେଠୀ ପ୍ରକାଶ କରିଛନ୍ତି।




# ୧୫ରୁ ବରୁଣେଇ ରଜ ମହୋତ୍ସବ

- ପ୍ରତିଯୋଗିତା, ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଖୋଲିବ ଷ୍ଟଲ୍
- ଶୃଙ୍ଖଳିତ ଆୟୋଜନ ଉପରେ ଗୁରୁତ୍ୱ

ଖୋର୍ଦ୍ଧା,୬।୬(ପ୍ରଭାତ ପାଣିଗ୍ରାହୀ)


ବୈଠକରେ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା ଏବଂ ଅନ୍ୟମାନେ।

ଖୋର୍ଦ୍ଧା ବରୁଣେଇ ପୀଠରେ ଜମିବ ରଜ ମହୋତ୍ସବ। ଏନେଇ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଜିଲା ପ୍ରଶାସନ ଏବଂ ସାମାଜିକ ଅନୁଷ୍ଠାନ 'ଦିଶାନ୍ତ'ର ମିଳିତ ଆନୁକୂଲ୍ୟରେ ରଜ ମହୋତ୍ସବକୁ ଆଡ଼ମ୍ବରରେ ପାଳନ ଲାଗି ନିଷ୍ପତ୍ତି ନିଆଯାଇଛି। ଚଳିତ ବର୍ଷ ୧୭ତମ ରଜ ମହୋତ୍ସବ ଆୟୋଜନ ନେଇ ପ୍ରସ୍ତୁତି ବୈଠକ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ(ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶୃଙ୍ଖଳିତ ମହୋତ୍ସବ ଆୟୋଜନ ଉପରେ ଗୁରୁତ୍ୱ ଦେଇଥିଲେ। ଏହି ମହୋତ୍ସବ ସଫଳତା ପାଇଁ ସମସ୍ତଙ୍କ ସହଯୋଗ ଜରୁରୀ। ଖୋର୍ଦ୍ଧା ମାଟିର ଐତିହ୍ୟ ଓ ପରମ୍ପରା ଏବଂ ସାଂସ୍କୃତିକ ବୈଭବ ଅକ୍ଷୁର୍ଣ୍ଣ ରଖିବାକୁ ଆହ୍ୱାନ ଦେଇଥିଲେ। ପୌର ପରିଷଦ ଅଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି କହିଥିଲେ, ପୌର ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯିବ। ବିଧାୟକ ମହୋତ୍ସବ କମିଟିର ସଭାପତି ରହିବେ। କମିଟିର ଆବାହକ, ଦିଶାନ୍ତ ସମ୍ପାଦକ ବରୁଣେଇ ରଜ ମହୋତ୍ସବର ପୂର୍ବ ବିବରଣୀ ପାଠ କରିଥିଲେ।

ବରୁଣେଇ ରଜ ମହୋତ୍ସବ ଆସନ୍ତା ୧୫ରୁ ୧୭ତାରିଖ ପର୍ଯ୍ୟନ୍ତ ପାଳନ କରାଯିବ। ଏଥିପାଇଁ ୱାଟ୍‌କୋ ଓ ପୌର ପରିଷଦ ପକ୍ଷରୁ ସ୍ୱଚ୍ଛତା, ପାନୀୟଜଳ ବ୍ୟବସ୍ଥା, ମନ୍ଦିର ଆଲୋକୀକରଣ ବ୍ୟବସ୍ଥା କରିବେ। ମନ୍ଦିରରେ ରଙ୍ଗଦେବା କାର୍ଯ୍ୟ ପୂର୍ତ୍ତ ବିଭାଗ ଦ୍ୱାରା କରାଯିବ। ପଲ୍ଲିଶ୍ରୀ ମେଳାରେ ଟ୍ୟାଙ୍କର ଓ ସିନଟେକ୍ସ ମାଧ୍ୟମରେ ୱାଟ୍‌କୋ ପାନୀୟଜଳ ଯୋଗାଇଦେବ। ଆଇନଶୃଙ୍ଖଳା ପରିସ୍ଥିତି, ଟ୍ରାଫିକ୍ ବ୍ୟବସ୍ଥା, ଅଗ୍ନିଶମ ସେବା, ଟିପିସିଓଡିଏଲ୍ ପକ୍ଷରୁ ୩ ଫେଜ୍ ବିଦ୍ୟୁତ୍ ଯୋଗାଣ, ଆମ୍ବୁଲାନ୍ସ ଓ ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା ସହ କୋଭିଡ୍ ସଚେତନତା କାର୍ଯ୍ୟ ସମ୍ପାଦିତ ପାଇଁ ଜିଲା ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଓର୍‌ମାସ ପକ୍ଷରୁ କୃଷି, ଶିକ୍ଷା, ମତ୍ସ୍ୟ, ପଶୁ ସମ୍ପଦ, ଆତ୍ମା, ଉଦ୍ୟାନ କୃଷି, ମୃତ୍ତିକା ସଂରକ୍ଷଣ ଷ୍ଟଲ କରାଯିବ। ବିଭିନ୍ନ ପ୍ରତିଯୋଗିତା ରଜଦୋଳି, ରଜପାନ ଭଙ୍ଗା, ହୁଳହୁଳି, ରଜପିଠା, ଝୋଟି ପ୍ରତିଯୋଗିତା ଆଦି ହେବ। ପାରମ୍ପରିକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ସହ ଖାଦ୍ୟ ଷ୍ଟଲ, ନିଶାଦ୍ରବ୍ୟର କୁ ପରିଣାମ ସଚେତନତା ଷ୍ଟଲ ଆଦି ଖୋଲାଯିବାକୁ ଅତିରିକ୍ତ ଜିଲାପାଳ ବେଉରା ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଖାଦ୍ୟ ଯାଞ୍ଚ ପାଇଁ ଖାଦ୍ୟ ନିରୀକ୍ଷକ ନିଯୁକ୍ତି ପ୍ରତି ଅଧ୍ୟକ୍ଷ ଗୁରୁତ୍ୱାରୋପ କରିଥିବା ବେଳେ ଆତସବାଜି କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ନିଷିଦ୍ଧ କରିଛନ୍ତି । ବୈଠକ ପ୍ରାରମ୍ଭରେ ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ମୁଖ୍ୟ ଜିଲା କୃଷି ଅଧିକାରୀ ରବିନାରାୟଣ ସେନାପତି, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଡ.ପ୍ରଜ୍ଞା ପାରମିତା ଜେନା, ଡେପୁଟି କଲେକ୍ଟର ରବୀନ୍ଦ୍ର କୁମାର ମିଶ୍ର, ଭାରପ୍ରାପ୍ତ ସିଡିଏମ୍‌ଓ ଡା. ଜୀବନ୍ତ କୁମାର ଆଚାର୍ଯ୍ୟଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଏବଂ ଦିଶାନ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## 'ସବୁଜ ଶ୍ୟାମଳ ପରିବେଶ ଦିଏ ସୁସ୍ଥ ବାତାବରଣ'

ବେଗୁନିଆ,୬।୬(ହର ପ୍ରସନ୍ନ ପଣ୍ଡା)



ଅତ୍ୟାଧୁନିକ ଦୁନିଆରେ ଦୈନନ୍ଦିନ ସଭିଏଁ ବ୍ୟସ୍ତତା ଭିତରେ ଗତି କରୁଛେ। ହେଲେ କେବେ କେହି ସୁସ୍ଥ ପରିବେଶ ପ୍ରତି ଧ୍ୟାନ ଦେଉନାହାନ୍ତି। ପ୍ରକୃତି ବାରମ୍ବାର ଦାଉ ସାଧୁଥିବା ବେଳେ ପରିବେଶ ଏବେ ପ୍ରଦୂଷଣମୁହାଁ ହୋଇଛି। ଏହାର ପ୍ରଭାବ ପଡ଼ିଛି ଜଳବାୟୁ ଏବଂ ସ୍ୱାସ୍ଥ୍ୟ ଉପରେ। ତେଣୁ ସଭିଏଁ ଆସନ୍ତୁ ସଚେତନ ହେବା, ପୃଥିବୀ ପୃଷ୍ଠକୁ ସବୁଜ ଶ୍ୟାମଳ କରିବା, ଚାରାଟିଏ ଲଗାଇ ତା'ର ଯତ୍ନନେବା ବୋଲି ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ଆହ୍ୱାନ ଦିଆଯାଇଛି। ଗୁରୁବାର ବେଗୁନିଆ ସଦର ମହକୁମା ସ୍ଥିତ ଶ୍ୱେତପଦ୍ମ ସାହିତ୍ୟ ଓ ସେବା ଅନୁଷ୍ଠାନ ଆନୁକୂଲ୍ୟରେ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ବିଭିନ୍ନ କିସମର ଚାରାରୋପଣ କରାଯାଇଛି। ସଭାଗୃହ ପରିସରରେ ସଭାପତି ଭାଗୀରଥି ପରିଡ଼ାଙ୍କ ଅଧ୍ୟକ୍ଷତାରେ 'ବୃକ୍ଷ ଆମର ବନ୍ଧୁ' ଶୀର୍ଷକ କବିତା ପାଠ ଓ ଆଲୋଚନାଚକ୍ର ହୋଇଥିଲା। ପରିବେଶ ସମ୍ବନ୍ଧୀୟ ବିଭିନ୍ନ ଉପାଦେୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ଅବସରରେ କାଶୀନାଥ ପଟ୍ଟନାୟକଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠୋତ୍ସବରେ କବି ରାମଚନ୍ଦ୍ର ସାହୁ, ଲକ୍ଷ୍ମୀଧର ମହାରଣା, ବିଭୁଚନ୍ଦ୍ର ଦାସ, କବିତା ରାଉତ, ଶୁଭଲକ୍ଷ୍ମୀ ପ୍ରଧାନ, ଶ୍ରୀକୁମାର ସାହୁ, ଶ୍ରୀକାନ୍ତ କୁମାର ଦାସ, ପୀତାମ୍ବର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଗାୟକ ପ୍ରଦୀପ କିଶୋର ତ୍ରିପାଠୀ ଉଦ୍ଯାପନୀ ସଙ୍ଗୀତ ଗାନ କରିଥିବା ବେଳେ ଅନୁଷ୍ଠାନର କୋଷାଧ୍ୟକ୍ଷ ସୋମନାଥ ସାହୁ ଧନ୍ୟବାଦ ଦେଇଥିଲେ।

## ମିନାରାଣୀଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର



କୃଷ୍ଣପ୍ରସାଦ,୬।୬(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ୍ ବଡ଼ଝାଡ଼ ପଞ୍ଚାୟତ ଅନ୍ତର୍ଗତ ପଥରକଟା ଗ୍ରାମର ମୀନାରାଣୀ ସାହୁଙ୍କୁ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ପ୍ରକୃତି ବନ୍ଧୁ ପୁରସ୍କାରରେ ସମ୍ମାନିତ କରାଯାଇଛି। ପ୍ରାକୃତିକ ପରିବେଶର ସୁରକ୍ଷା ପାଇଁ ସେ ଉଦ୍ୟମ ଜାରି ରଖିଛନ୍ତି। ଚିଲିକା ରିଂବନ୍ଧଠାରୁ ଆରମ୍ଭକରି ବିଭିନ୍ନ ସ୍ଥାନରେ ବ୍ୟାପକ ଚାରାରୋପଣକରି ଏକ ସବୁଜ ପରିବେଶ ସୃଷ୍ଟି କରିବା ସହ ଅନ୍ୟମାନଙ୍କୁ ମଧ୍ୟ ଏନେଇ ପ୍ରେରଣା ଦେଇଆସିଛନ୍ତି । ଦୀର୍ଘ ୮ବର୍ଷ ହେବ ସେ ଚାରାରୋପଣ କାର୍ଯ୍ୟରେ ବ୍ରତୀ ଥିବା ସେ କହିଛନ୍ତି।

## ସଂକ୍ଷେପରେ

### ସବ-ରେଜିଷ୍ଟ୍ରାରଙ୍କ ଅଫିସର ପୁରୁଣା ନଥିପତ୍ର ଚୋରି: ମହିଳା ଗିରଫ

**ଭୁବନେଶ୍ୱର,୬।୬(ସତ୍ୟଜିତ୍ ରାଉତ):** ଖୋର୍ଦ୍ଧା ଜିଲା ସବ-ରେଜିଷ୍ଟ୍ରାରଙ୍କ ଅଫିସର ପୁରୁଣା ନଥିପତ୍ର ଚୋରି କରିବା ଅଭିଯୋଗରେ ଜଣେ ମହିଳାଙ୍କୁ ବଡ଼ଗଡ଼ ଥାନା ପୋଲିସ ଶୁକ୍ରବାର ଗିରଫ କରିଛି। ସେ ହେଲେ କ୍ୟାପିଟାଲ ଥାନା ଅଶୋକ ନଗର ଫାଳିକିଆ ବସ୍ତିର ତାରିଣୀ ନାୟକ (୨୦)। କୋର୍ଟଚାଲାଣ ପରେ ତାରିଣୀଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ସୂଚନା ଅନୁଯାୟୀ, ଅଭିଯୋଗକାରିଣୀ ସ୍ମିତା ରଥ ଖୋର୍ଦ୍ଧା ଜିଲା ସବ-ରେଜିଷ୍ଟ୍ରାର ଭାବେ କାର୍ଯ୍ୟ କରନ୍ତି। ସ୍ଥାନ ଅଭାବରୁ ପୁରୁଣା ନଥିପତ୍ର ରଖିବା ଲାଗି ସେ ବିଜେବି ନଗର ଠାରେ ଥିବା ଏକ ସରକାରୀ କ୍ୱାର୍ଟର (ନଂ. ବି/୩)କୁ ଭଡା ସୂତ୍ରରେ ନେଇଥିଲେ। ଉକ୍ତ ଘରେ ସେ ପୁରଣା ନଥିପତ୍ରଗୁଡ଼ିକୁ ରଖିଥିଲେ। ତେବେ ଉକ୍ତ ଘରର ମୁଖ୍ୟ ଫାଟକର ତାଲା ଭାଙ୍ଗି କୌଣସି ଦୁର୍ବୃତ୍ତ ପୁରୁଣା ନଥିପତ୍ରଗୁଡ଼ିକୁ ଚୋରି କରି ନେଇଥିବା ସମ୍ପର୍କରେ ସ୍ମିତା ଶୁକ୍ରବାର ଜାଣିବାକୁ ପାଇଥିଲେ। ଏ ନେଇ ପୋଲିସ ମାମଲା (ନଂ.୩୦୬/୨୦୨୫) ରୁଜୁ କରି ତଦନ୍ତ କରିଥିଲା। ଅଭିଯୁକ୍ତା ତାରିଣୀଙ୍କ ପାଖରୁ ୧୨ଟି ଜରି ବସ୍ତାରେ ଥିବା ଖୋର୍ଦ୍ଧା ଡିଏସଆର ଅଫିସର ପୁରୁଣା ନଥିପତ୍ରକୁ ଜବତ କରାଯାଇଛି।

### ଜଗନ୍ନାଥ ମନ୍ଦିରର ସ୍ୱର୍ଣ୍ଣାଦିମୁଦ କାର୍ଯ୍ୟକ୍ରମ

**ଟାଙ୍ଗୀ,୬।୬(ରଘୁନାଥ ସାହୁ):** ଟାଙ୍ଗୀ ଗ୍ରାମସ୍ଥିତ ମଧୁମଙ୍ଗଳ ପଡ଼ିଆରେ ପ୍ରତିଷ୍ଠିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିରର ସ୍ୱର୍ଣ୍ଣାଦିମୁଦ ଓ ଚୁଡ଼ା କରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବହୁ ଶ୍ରଦ୍ଧାଳୁ ସ୍ୱର୍ଣ୍ଣାଦିମୁଦ କାର୍ଯ୍ୟକ୍ରମରେ ଧାନ ଶସ୍ୟ ସହ ଟଙ୍କା ଦାନ କରିଥିଲେ। ଏହି ଅବସରରେ ମନ୍ଦିର ସମ୍ମୁଖରେ ସିଂହ ସ୍ଥାପନା କରାଯାଇଥିଲା। ବୈଦିକ ବ୍ରାହ୍ମଣମାନେ ହୋମଯଜ୍ଞ ସହିତ ସ୍ୱର୍ଣ୍ଣାଦିମୁଦ କାର୍ଯ୍ୟ ସମାପନ କରିଥିଲେ। ସନ୍ଧ୍ୟାରେ ଭଜନ କୀର୍ତ୍ତନ କରାଯାଇଥିଲା। ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସଭାପତି ଭାରତ ଭୂଷଣ ଜଗଦ୍ଦେବଙ୍କ ସମେତ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ମା'ଉଗ୍ରତାରାଙ୍କ ହୁଣ୍ଡିରୁ ୪.୮୨ଲକ୍ଷ ଟଙ୍କା ମିଳିଲା

ଟାଙ୍ଗୀ,୬।୬(ରଘୁନାଥ ସାହୁ):



ଟାଙ୍ଗୀ ବ୍ଲକ୍ ଅନ୍ତର୍ଗତ ମୂଳିଝରଗଡ଼ ସ୍ଥିତ ମା'ଉଗ୍ରତାରା ମନ୍ଦିର ହୁଣ୍ଡି ଶୁକ୍ରବାର ଖୋଲାଯାଇଥିଲା। ଏଥିରୁ ୪ଲକ୍ଷ ୮୨ହଜାର ୨୯ଟଙ୍କା ଏବଂ ୭ଟି ରୁପାମୁଦ୍ରା ମିଳିଛି। ଆଉ କିଛିଦିନ ପରେ ମନ୍ଦିର ପରିସରରେ ରଜଯାତ୍ରା ଆରମ୍ଭ ହେବ। ବହୁ ଜନସାଧାରଣଙ୍କ ସମାଗମ ହେବ। ଏହି ଯାତ୍ରା ସମୟରେ ପ୍ରତ୍ୟେକ ସନ୍ଧ୍ୟାରେ ୪ଦିନ ଧରି ରଜ ମହୋତ୍ସବ ମଧ୍ୟ ଅନୁଷ୍ଠିତ ହେବାକୁ ଯାଉଛି। ଏଥିପାଇଁ ସମସ୍ତ ପ୍ରସ୍ତୁତିପର୍ବ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଟାଙ୍ଗୀ ତହସିଲଦାର ନିଷ୍ଠା ମହାପାତ୍ରଙ୍କ ଉପସ୍ଥିତିରେ ଭୂଷଣ୍ଡପୁର ରାଜସ୍ୱ ନିରୀକ୍ଷକ କୈଳାସ ଦଳାଇ, ଉଦଳା ଗୋପୀନାଥପୁର ରାଜସ୍ୱ ନିରୀକ୍ଷକ ପୂର୍ଣ୍ଣିମା ଦଳାଇ, ସାନ ରାଉତପଡ଼ା ସରପଞ୍ଚ କିଶୋର କୁମାର ରାଉତରାୟ, ପୂର୍ବତନ କର୍ମଚାରୀ ଭୋଳାନାଥ ଶତପଥୀ, ମନ୍ଦିର କମିଟି ସଦସ୍ୟ, ସେବାୟତ, ଜନପ୍ରତିନିଧି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ସ୍ୱେଚ୍ଛାସେବୀମାନେ ଗଣତିରେ ସାମିଲ ହୋଇଥିଲେ। ହୁଣ୍ଡିରୁ ମିଳିଥିବା ସମସ୍ତ ଟଙ୍କା ସିଙ୍ଗିପୁରସ୍ଥିତ ବ୍ୟାଙ୍କରେ ଜମା କରାଯାଇଛି।

## ଅବକାରୀ ଚଢ଼ାଉ, ୪ ଗିରଫ

ଟାଙ୍ଗୀ,୬।୬(ରଘୁନାଥ ସାହୁ): ଟାଙ୍ଗୀ ଅବକାରୀ ବିଭାଗ ଶୁକ୍ରବାର ବିଭିନ୍ନ ସ୍ଥାନରେ ଚଢ଼ାଉକରି ୩୩ ଲିଟର ଦେଶୀମଦ ଜବତ କରିବା ସହ ୪ଜଣଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ଜଙ୍କିଆ ଥାନା ଅଧୀନ ଟାଙ୍କୋଳ ଗ୍ରାମରେ ଚଢ଼ାଉ କରାଯାଇ ୮ଲିଟର ଦେଶୀମଦ ଜବତ ସହ ଯଦୁମଣି ପ୍ରଧାନଙ୍କୁ ଗିରଫ କରାଯାଇଛି। ସେହିପରି ଟାଙ୍କୋଳ ଗ୍ରାମର ବ୍ରଜକିଶୋର ସାହୁଙ୍କ ନିକଟରୁ ୭ ଲିଟର ୬ଶହ ମିଲିଲିଟର ମଦ ଜବତ କରାଯିବା ସହ ତାଙ୍କୁ ଗିରଫ କରାଯାଇଛି। ଓଳସିଂହ ପଞ୍ଚାୟତ ଡମଣଭୂଇଁ ଗ୍ରାମ୍ୟ ରାସ୍ତାରେ କୃଷ୍ଣଚନ୍ଦ୍ର ସିଂହସାମନ୍ତଙ୍କ ନିକଟରୁ ୯ଲିଟର ମଦ ଜବତ ସହ ତାଙ୍କୁ ଗିରଫ କରାଯାଇଛି। ସେହିପରି ଡମଣଭୂଇଁ ମଙ୍ଗଳା ବଜାର ନିକଟରେ ସମିର ଭୋଳଙ୍କ ନିକଟରୁ ୮ଲିଟର ୮ ଶହ ମିଲିଲିଟର ମଦ ଜବତହୋଇ ସମ୍ପୃକ୍ତ ବେପାରୀଙ୍କୁ ଗିରଫ କରାଯାଇଛି । ଏହି ଚଢ଼ାଉରେ ଟାଙ୍ଗୀ ଅବକାରୀ ବିଭାଗର ଅଧିକାରୀ ଅମରେନ୍ଦ୍ର କୁମାର ଶତପଥୀ, ଏଏସ୍‌ଆଇ ରାମଚନ୍ଦ୍ର ଜେନା ପ୍ରମୁଖ ସାମିଲ ଥିଲେ।

## ୨୮୦୦ଲିଟର ପୋଚ ନଷ୍ଟ, ଦେଶୀମଦ ଜବତ: ୨ ଗିରଫ

ବେଗୁନିଆ,୬।୬(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ରାଜେନ୍ଦ୍ର କୁମାର ଖେସଙ୍କ ନେତୃତ୍ୱରେ ଶୁକ୍ରବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୨୮୦୦ଲିଟର ପୋଚ ନଷ୍ଟ କରାଯାଇଥିବା ବେଳେ ୬୧୪ଲିଟର ଦେଶୀ ମଦ ସହ ଏକ ବାଇକ୍ ଜବତ କରାଯାଇଛି। ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଅଧିକାରୀ ଖେସଙ୍କ ନେତୃତ୍ୱରେ ବରପଦା ଜଙ୍ଗଲରେ ଚଢ଼ାଉ କରାଯାଇଥିଲା। ସେଠାରୁ ୩ଶହ ଲିଟର ଦେଶୀମଦ ସହ ମଦ ପ୍ରସ୍ତୁତ ସାମଗ୍ରୀ ଜବତ ହୋଇଛି। ୨୮ଶହ ଲିଟର ପୋଚ ନଷ୍ଟ କରାଯାଇଛି। ସେଠାରୁ ଫେରୁଥିବା ସମୟରେ ବରପଦା ଗ୍ରାମର ଶଶିକାନ୍ତ ପରିଡ଼ା ବାଇକ୍‌ରେ ୧୭୪ଲିଟର ଦେଶୀ ମଦ ନେଇ ଯାଉଥିବାବେଳେ ତାଙ୍କୁ ଧରିବା ସହିତ ତାଙ୍କଠାରୁ ମଦ ଏବଂ ବାଇକ୍ ଜବତ ହୋଇଛି । ତାଙ୍କୁ ମଧ୍ୟ ଗିରଫ କରାଯାଇଛି । ଅନ୍ୟ ଏକ ଘଟଣାରେ ବାଲିପାଟଣା ଗ୍ରାମର ପ୍ରକାଶ କାଣ୍ଡି ୧୪୦ଲିଟର ଦେଶୀ ମଦ ଧରି ବ୍ରାହ୍ମଣୀପୁଟ ଜଙ୍ଗଲ ଅଞ୍ଚଳରେ ଲୁଚି ରହିଥିବା ବେଳେ ସେଠାରେ ତାଙ୍କୁ ଗିରଫ ସହ ମଦ ଜବତ କରାଯାଇଛି । ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ଆଗାମୀ ଦିନରେ ମଧ୍ୟ ଚଢ଼ାଉ ଜାରି ରହିବ ବୋଲି ଅଧିକାରୀ ଖେସ କହିଛନ୍ତି।

## ସ୍କର୍ପିଓ ଧକ୍କାରେ ଯୁବକ ମୃତ

ଯାଁଳା,୬।୬(ବୁଲା ବାରିକ)

ଇନ୍‌ଫୋଭ୍ୟାଲି ଥାନା ଅନ୍ତର୍ଗତ ମହୁରା ଛକ ନିକଟରେ ସ୍କର୍ପିଓ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଡୁମୁଡୁମା ଅଞ୍ଚଳରେ ରହୁଥିବା ଗଞ୍ଜାମ ଜିଲା ଆସ୍କା ଥାନା ଅଧୀନ ସାମନ୍ତରାୟପଲ୍ଲୀର ସାଗର ନାୟକ (୩୦)। ସୂଚନା ମୁତାବକ, ସାଗର ଯାଁଳା ଅଞ୍ଚଳରେ ଏକ ଘରୋଇ ସଂସ୍ଥାରେ କାମ କରନ୍ତି। ଅପରାହ୍ନ ୩ଟାରେ ସେ ସ୍କୁଟିରେ ଡୁମୁଡୁମା ଯିବା ପାଇଁ ବାହାରିଥିଲେ। ଯାଁଳାରୁ ଡୁମୁଡୁମା ଯିବା ବେଳେ ବର୍ଷା ଓ ପବନ ଆରମ୍ଭ ହୋଇଥିଲା। ସାଗରଙ୍କ ଆଗରେ ଯାଉଥିବା ଏକ ମିନିଟ୍ରକ୍‌ର ଆଗ କାଚରେ କିଛି ଜରି ଉଡ଼ି ଲାଗଯିବାରୁ ଉକ୍ତ ଗାଡିଟି ଅଟକିଯାଇଥିଲା। ସାଗରଙ୍କ ସ୍କୁଟି ମିନିଟ୍ରକ୍ ପଛରେ ଥିବାରୁ ସେ ମଧ୍ୟ ବର୍ଷା ପବନ ଦେଖି ମହୁରା ଛକରେ ସ୍କୁଟି ରଖି ଅଟକିଥିଲେ। ରାସ୍ତାପାର୍ଶ୍ୱରେ ଠିଆହୋଇଥିବା ବେଳେ ଖୋର୍ଦ୍ଧାରୁ ଭୁବନେଶ୍ୱର ଅଭିମୁଖେ ଆସୁଥିବା ଏକ ସ୍କର୍ପିଓ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ସାଗରଙ୍କ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକେ ଦୁର୍ଘଟଣା ଘଟାଇଥିବା ସ୍କର୍ପିଓକୁ ଅଟକାଇବା ସହ ଚାଳକଙ୍କୁ ପୋଲିସ ଜିମା ଦେଇଥିଲେ। ତେବେ ସ୍କର୍ପିଓରେ ଥିବା ୨ ଜଣ ବ୍ୟକ୍ତି ଓହ୍ଲାଇ ଦୌଡ଼ି ପଳାଇଯାଇଥିଲେ। ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପୋଲିସ ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଜବତ କରିବା ସହ ଚାଳକଙ୍କୁ ଗିରଫ କରି ଘଟଣାର ତଦନ୍ତ ଚଳାଇଛି।

## ମହାପ୍ରଭୁଙ୍କ ସେବାରେ କୁନି ବୁଣାକାର ସୌମ୍ୟରଞ୍ଜନ



ଖୋର୍ଦ୍ଧା,୬।୬(ପ୍ରଭାତ ପାଣିଗ୍ରାହୀ)

ପବିତ୍ର ଘୋଷଯାତ୍ରା ପାଇଁ ଶ୍ରୀକ୍ଷେତ୍ରରେ ୩ରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ଅସ୍ଥାୟୀ ରଥଖଳାରେ ୩ ବିଶ୍ୱକର୍ମାଙ୍କ ତତ୍ତ୍ୱାବଧାନରେ ରଥ ନିର୍ମାଣ ଚାଲିଛି। ରଥଖଳା କୁନିକୁନି ପିଲାଙ୍କ ଚାଟଶାଳୀ ପାଲଟିଛି। ପରିବାର ସହ ପିଲାମାନେ ରଥ ନିର୍ମାଣ କୌଶଳ ଜେଜେ, ବାପାଙ୍କଠାରୁ ପ୍ରଶିକ୍ଷଣ ନେଉଛନ୍ତି। ସେହିପରି ବେଗୁନିଆ ବ୍ଲକ୍ ରାଉତପଡ଼ା ଗ୍ରାମର ଗୋପୀନାଥ ଦାସଙ୍କ ପରିବାର ସହ ଗ୍ରାମର ୨୨ପରିବାର ମହାପ୍ରଭୁଙ୍କ ପାଇଁ ସୂତା ଓ ପାଟବସ୍ତ୍ର ବୁଣୁଛନ୍ତି। ବୁଣାକାର ଗଣେଶ୍ୱର ପାତ୍ର ଓ ତାଙ୍କ ସ୍ତ୍ରୀ ପାର୍ବତୀ ମହାପ୍ରଭୁଙ୍କ ପାଇଁ ଗୀତଗୋବିନ୍ଦ ପାଟବସ୍ତ୍ର ବୁଣୁଛନ୍ତି। ମା'ବାପାଙ୍କ ପ୍ରେରଣା ଏବଂ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ତାଙ୍କ ପୁଅ ସୌମ୍ୟରଞ୍ଜନ ଗୀତଗୋବିନ୍ଦ ବସ୍ତ୍ର ବୁଣାକାମ ଶିକ୍ଷା ଗ୍ରହଣ କରୁଛନ୍ତି। ୯ମ ଶ୍ରେଣୀରେ ପଢୁଥିବା ସୌମ୍ୟଙ୍କ ଆଗ୍ରହ ଦେଖି ତାଙ୍କ ବାପା ଗଣେଶ୍ୱର ତାଙ୍କୁ ବୁଣାକାମ ପ୍ରଶିକ୍ଷଣ ଦେଉଛନ୍ତି। ଗ୍ରୀଷ୍ମ ଅବକାଶ ଯୋଗୁ ବିଦ୍ୟାଳୟ ଛୁଟି ରହିଛି। ସକାଳଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ସୌମ୍ୟ ଏହି ବୁଣାକାମରେ ବାପାଙ୍କୁ ସହଯୋଗ କରୁଛନ୍ତି। ସକାଳ ଉଠିବା ପରେ ମହାପ୍ରଭୁଙ୍କୁ ସ୍ମରଣ କରି ଦିନଚର୍ଯ୍ୟା ଆରମ୍ଭ କରନ୍ତି। ସନ୍ଧ୍ୟାରେ ଭଗବାତ ପାଠ କରୁଥିବା ତାଙ୍କ ମା'ପାର୍ବତୀ କହିଛନ୍ତି। ମହାପ୍ରଭୁଙ୍କ ପାଇଁ ସେ କିଭଳି ପାଟବସ୍ତ୍ର ବୁଣିବ, ସେହି ଲକ୍ଷ୍ୟରେ ସେ ଅଭ୍ୟାସ ଜାରି ରଖିଛି ବୋଲି ତାଙ୍କ ମା' କହିଛନ୍ତି।

## ମହାପ୍ରଭୁଙ୍କୁ ଲାଗି ହେବ କରୁଣା ପାଟବସ୍ତ୍ର

ଖୋର୍ଦ୍ଧା,୬।୬(ପ୍ରଭାତ ପାଣିଗ୍ରାହୀ)



ମହାପ୍ରଭୁଙ୍କ ପାଇଁ ପ୍ରସ୍ତୁତ ହୋଇଥିବା ସାତ୍ୱିକ ପାଟ ତଥା କରୁଣା ସିଲ୍କ।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଲାଗି ହେବ ସାତ୍ୱିକ ପାଟ ତଥା କରୁଣା ସିଲ୍କ। ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ୍ ରାଉତପଡ଼ାର ଗୋପୀନାଥ ଦାସଙ୍କ ବୁଣାକାର ପରିବାର ଏହି ପାଟବସ୍ତ୍ର ପ୍ରସ୍ତୁତ କରୁଛନ୍ତି। ପ୍ରଥମେ ଏହାକୁ ଅହିଂସା ପରେ ସାତ୍ୱିକ ରେଶମ ପାଟବସ୍ତ୍ର ବୋଲି ରଖିଥିଲେ। ପରବର୍ତ୍ତୀ ସମୟରେ ରାଜ୍ୟ ସରକାର ଏହାର ନାମ କରୁଣା ସିଲ୍କ ନାମକରଣ କରିଥିଲେ। ୨୦୨୩ ନଭେମ୍ବରରେ ନୂଆଦିଲ୍ଲୀ ପ୍ରଗତି ମଇଦାନରେ ଆୟୋଜିତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ଓଡ଼ିଶାର କରୁଣା ସିଲ୍କ ପାଟବସ୍ତ୍ର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲା।

ପୂର୍ବରୁ ଏହି ଗୀତଗୋବିନ୍ଦ ପାଟ ପ୍ରସ୍ତୁତ ନେଇ ୪ରୁ ୬ଲକ୍ଷ ପର୍ଯ୍ୟନ୍ତ ପୋକକୁ ମାରି ସୂତା ବାହାର କରାଯାଇ ବସ୍ତ୍ର ବୁଣା ହେଉଥିଲା। ଏବେ ରେଶମ ପୋକ ନ ମାରି ରେଶମ ବସ୍ତ୍ର ପ୍ରସ୍ତୁତ କରାଯାଉଛି। ଏହି ଅଭିନବ ପ୍ରୟାସ ଲାଗି ଶ୍ରୀମନ୍ଦିର ପ୍ରଶାସନ ଏବଂ ରାଜ୍ୟ ବୟନ ଓ ହସ୍ତତନ୍ତ ଶିଳ୍ପ ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ଶୋଭନ କ୍ରିଷ୍ଣା ସାହୁ ମଧ୍ୟରେ ଆଲୋଚନା ହୋଇଥିଲା। ଏହାକୁ ପରୀକ୍ଷାମୂଳକ ପ୍ରୟାସ ଲାଗି ନିର୍ଦ୍ଦେଶାଳୟ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ନୂତନ ଜ୍ଞାନକୌଶଳ ଓ ବୈଜ୍ଞାନିକ ପଦ୍ଧତିରେ ପରୀକ୍ଷାମୂଳକ ଭାବେ ରେଶମ ପୋକ ନ ମାରି ମହାପ୍ରଭୁଙ୍କ ପାଇଁ ପାଟବସ୍ତ୍ର ପ୍ରସ୍ତୁତ କରାଯାଇଥିଲା। ୨୦୨୪ ରଥଯାତ୍ରା ସମୟରେ ତତ୍କାଳୀନ ଶ୍ରୀମନ୍ଦିର କାର୍ଯ୍ୟକାରୀ ଅଧ୍ୟକ୍ଷ ତଥା ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ଏହି ପାଟବସ୍ତ୍ର ସମ୍ପର୍କରେ ସୂଚନା ଦେଇଥିଲେ। ବୟନଶିଳ୍ପ ନିର୍ଦ୍ଦେଶକ ସାହୁଙ୍କ ତତ୍ତ୍ୱାବଧାନରେ ରାଉତପଡ଼ାର ବୁଣାକାର ଗୋପୀନାଥ ଦାସ ପରୀକ୍ଷାମୂଳକ ଭାବେ ବୁଣାକାମ କରିଥିଲେ। ଗୋପୀନାଥଙ୍କ ସାନ ଭାଇ ଅଶୋକ ଦାସ ବୁଣାକାମ ଆରମ୍ଭ କରିଥିଲେ। ପୋକକୁ ନ ମାରି ସମ୍ପୂର୍ଣ୍ଣ ନୂତନ ଜ୍ଞାନକୌଶଳରେ ଏହାର ସୂତା ବାହାର କରାଯାଇ ଗୀତଗୋବିନ୍ଦ ପାଟବସ୍ତ୍ର ବୁଣି ଗୋଟିଏ ସେଟ ବସ୍ତ୍ର ଶ୍ରୀମନ୍ଦିର କାର୍ଯ୍ୟାଳୟରେ ପଇଠ କରିଥିଲେ। ଚଳିତ ବର୍ଷ ମଧ୍ୟ ଏହି କରୁଣା ସିଲ୍କ ପ୍ରସ୍ତୁତ କରାଯାଇ ଶ୍ରୀମନ୍ଦିର କାର୍ଯ୍ୟାଳୟକୁ ପଠାଯାଇଥିବା ଗୋପୀନାଥ କହିଛନ୍ତି। ତେବେ କରୁଣା ସିଲ୍କର ବୁଣାକାର ଅଶୋକ କହିଛନ୍ତି, ଗୀତଗୋବିନ୍ଦ ପାଟ ବୁଣିବା ପାଇଁ ପୋକକୁ ମାରି ସେଥିରୁ ସଂଗୃହୀତ ସୂତାକୁ ବ୍ୟବହାର କରାଯାଉଥିଲା। ମହାପ୍ରଭୁ ଜୀବ ହତ୍ୟା ପାପରୁ ମୁକ୍ତି ଦେଇଛନ୍ତି। ଏବେ ନୂତନ ଜ୍ଞାନକୌଶଳ ଓ ବୈଜ୍ଞାନିକ ପ୍ରଣାଳୀରେ ପୋକ ନ ମାରି ରେଶମ ବସ୍ତ୍ର ପ୍ରସ୍ତୁତ କରାଯାଉଛି। ସାତ ବାରରେ ଶ୍ରୀବିଗ୍ରହ ସାତ ପ୍ରକାର ପାଟ ପରିଧାନ କରନ୍ତି। ଶ୍ରୀଜଗନ୍ନାଥ ୧୬ ହାତ, ଶ୍ରୀବଳଭଦ୍ର ୧୪ ଏବଂ ଦେବୀ ସୁଭଦ୍ରା ୧୨ ହାତି ବସ୍ତ୍ର ଲାଗି ହୋଇଥାଏ। ବିଜେ ପ୍ରତିମା ଶ୍ରୀଦେବୀ, ଭୂଦେବୀ, ଶ୍ରୀମଦନମୋହନ, ରାମକୃଷ୍ଣଙ୍କ ୩ ହାତିଆ ଆବଶ୍ୟକ ରହିଥାଏ। ମହାପ୍ରଭୁଙ୍କ ଗୀତଗୋବିନ୍ଦ ପାଟ ବୁଣିବା ଏକ ନିଆରା ଅନୁଭୂତି। ମହାପ୍ରଭୁଙ୍କ ଆଶୀର୍ବାଦରୁ ପ୍ରୟାସ ସଫଳ ହୋଇଛି।




## ସଂକ୍ଷେପରେ

### କେନାଲକୁ ଓଲଟିଲା ଅଟୋ, ଚାଳକ ଗୁରୁତର

ବଳଙ୍ଗା,୬।୬(କେଦାରେଶ୍ୱର ନନ୍ଦ)

ବଳଙ୍ଗା ନିକଟସ୍ଥ ନୂଆଗାଁ କେନାଲ ବନ୍ଧରାସ୍ତାର ଦକ୍ଷିଣରାଡ଼ସଠାରେ ଗୁରୁବାର ରାତିରେ ବନ୍ଧରେ ନିର୍ମାଣ ହୋଇଥିବା ହମ୍ପସରେ ମାଡ଼ ହୋଇ ଏକ ଯାତ୍ରୀବାହୀ ଅଟୋ କେନାଲ ଭିତରକୁ ଓଲଟି ଦୁର୍ଘଟଣାଗ୍ରସ୍ତ ହୋଇଛି। ଦୁର୍ଘଟଣାରେ ଅଟୋ ଚାଳକ ଚାପି ହୋଇଯିବାରୁ ତାଙ୍କ ଗୋଡ଼ ଭାଙ୍ଗିଯାଇଥିଲା। ଚାଳକ ଜଣକ ସ୍ଥାନୀୟ ବାୟାବର ବସ୍ତିର ଏନାମ ଖାନ (୫୦) ବୋଲି ଜଣାପଡ଼ିଛି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ପ୍ରଥମେ ପିପିଲି ମେଡ଼ିକାଲ ପଠାଇଥିଲେ। ପରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି। ସୂଚନା ମୁତାବକ, ଅପରାହ୍ନରେ ଘଟଣାସ୍ଥଳରେ ଠିକା ସଂସ୍ଥା ପକ୍ଷରୁ ଏକ ହମ୍ପସ ନିର୍ମାଣ କରାଯାଇଥିଲା। ହମ୍ପସଟି ଅତ୍ୟଧିକ ଉଚ୍ଚା ହେବା ସହ ଉଭୟ ପାର୍ଶ୍ୱରେ ଗଡ଼ାଣିଆ କରାଯାଇ ନ ଥିଲା। ଫଳରେ ଅଟୋ ନେଇ ଏନାମ ଘରକୁ ଫେରୁଥିବାବେଳେ ହମ୍ପସରେ ଗାଡ଼ି ମାଡ଼ ହୋଇ କେନାଲ ଭିତରକୁ ଓଲଟି ପଡ଼ିଥିଲା।

### ଅଧକ୍ଷଙ୍କୁ ଅବସର ସମ୍ବର୍ଦ୍ଧନା

ଅସ୍ତରଙ୍ଗ,୬।୬(ମମତା ଜେନା)

କାକଟପୁର ବ୍ଲକ ଅନ୍ତର୍ଗତ ବାଙ୍ଗୁରୀଗାଁ ପ୍ରାଚୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ, ସମ୍ପାଦକ ତଥା ଓଡ଼ିଆ ବିଭାଗର ବରିଷ୍ଠ ଅଧ୍ୟାପକ ଡ. ଦିଲୀପ କୁମାର ସେନାପତିଙ୍କର ଅବସର ସମ୍ବର୍ଦ୍ଧନା ଉତ୍ସବ ବିଦ୍ୟାଳୟ ପରିସରରେ ମହାସମାରୋହରେ ଅନୁଷ୍ଠିତ ହୋଇଛି। ବିଜୟ କୁମାର ମୁଦୁଲିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ମଙ୍ଗଳା ମହାବିଦ୍ୟାଳୟ ର ଅବସର ପ୍ରାପ୍ତ ପ୍ରାଧ୍ୟାପକ ସୁଧୀର କୁମାର ଭୂୟାଁ, ମୁଖ୍ୟ ବକ୍ତା ରୂପେ (୬୬୨) ବର୍ଗ ର ସାଧାରଣ ସମ୍ପାଦକ ସତାବ ଉଦ୍ଦିନ ଅହମଦ, ସମ୍ମାନୀତ ଅତିଥି ଭାବେ ଜ୍ୟୋସ୍ନା ରାଣୀ ବସ୍ତିଆ, ସୁରଥ କୁମାର ସୱାଇଁ, ବିଶ୍ୱନାଥ ବଳିୟାରସିଂ, ଦେବେନ୍ଦ୍ର ନାଥ ସାହୁ, ଚିତ୍ତ ରଞ୍ଜନ ପରିଡା, ପ୍ରଦୀପ କୁମାର ମହାନ୍ତି, ପ୍ରଶାନ୍ତ କୁମାର ବିଶ୍ୱାଳ ପ୍ରମୁଖ ଯୋଗଦେଇ ଶ୍ରୀ ସେନାପତି ଙ୍କ ଗୁଣାବଳୀ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ଉମାଶଙ୍କର ନାୟକ ମଞ୍ଚ ପରିଚାଳନା କରିଥିଲା ବେଳେ ତର୍କ ଶାସ୍ତ୍ର ଅଧ୍ୟାପକ ସୁରେନ୍ଦ୍ର କୁମାର ମାଣିକ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ବିଦ୍ୟାଳୟ ର ଅଧ୍ୟାପକ, ଅଧ୍ୟାପିକା, ଛାତ୍ର ଛାତ୍ରୀ, କର୍ମଚାରୀ ମାନେ ଏକ ଶୋଭାଯାତ୍ରା ରେ ବାଙ୍ଗୁରୀଗାଁ ବଜାର ପରିକ୍ରମା କରିବା ପରେ ତାଙ୍କ ନିଜ ଗ୍ରାମ ଆତୁଆଳକୁ ପାଛୋଟି ନେଇଥିଲେ।

# ଆପରାଧିକ କାର୍ଯ୍ୟ ଘଟାଇବାକୁ ଯୋଜନା: ୬ ଗିରଫ

- ୬ ଦେଶୀ ବନ୍ଧୁକ, ୨୦ ଗୁଳି, ୩ ମୋବାଇଲ ଜବତ
- ବେଆଇନ ଅସ୍ତ୍ରଶସ୍ତ୍ର ବ୍ୟବସାୟୀ ରମେଶ ପରିଡ଼ା ଧରାପଡ଼ିଲେ

ପୁରୀ,୬।୬(ଅଜିତ୍ କୁମାର ମହାନ୍ତି)


ଖବରଦାତା ସମ୍ମିଳନୀରେ ଏସ୍‌ପି ବିନିତ୍ ଅଗ୍ରୱାଲ ସୂଚନା ଦେଉଛନ୍ତି।

ରଥଯାତ୍ରା ସମୟରେ ଆପରାଧିକ କାର୍ଯ୍ୟକଳାପ ଘଟାଇବାକୁ ଯୋଜନା କରୁଥିବା ୬ଜଣଙ୍କୁ ପୁରୁଣା ଡିଏଜି କାର୍ଯ୍ୟାଳୟ କୋଠାରୁ ପୁରୀ ପୋଲିସ ଗିରଫ କରିଛି। ସେମାନଙ୍କଠାରୁ ୬ଟି ଦେଶୀବନ୍ଧୁକ, ୨୦ଟି ଗୁଳି, ୩ ମୋବାଇଲ ଫୋନ ଓ ୨୧ଶହ ଟଙ୍କା ଜବତ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ କୁମ୍ଭାରପଡ଼ା ଥାନା ଫ୍ରେଣ୍ଡସ କ୍ଲବ୍ ଗଳିର ଡେଙ୍ଗା ମୁନା ଓରଫ ରମେଶ ପରିଡ଼ା, ପେଣ୍ଠକଟା ମେରାଇନ ଥାନା ଅନ୍ତର୍ଗତ ବ୍ରାହ୍ମଣ ପୋଖରୀ ଅଞ୍ଚଳର ବାବୁ ଦାସ, ତାଳବଣିଆ ଥାନା ଅନ୍ତର୍ଗତ କୁମୁଟିପାଟଣା ଜଗନ୍ନାଥ କଲୋନୀର ଗୁଡୁ ପଣ୍ଡା, ସିଦ୍ଧମହାବୀର ଅଞ୍ଚଳର ହରିଚନ୍ଦନ ଦାସ, ବାସେଳୀସାହି ଥାନା ଅନ୍ତର୍ଗତ ଗୋଖା ସାହିର ପତିତ ବେହେରା ଏବଂ ମଲ୍ଲିକା ଛକ ଅଞ୍ଚଳର ଚିତ୍ତରଞ୍ଜନ ପୁରୋହିତ। ଏ ନେଇ ସମୁଦ୍ରକୂଳ ଥାନା ପୋଲିସ ଏକ କେସ୍ (ନଂ.୧୪୭/୨୫) ରୁଜୁ କରିଛି। ଅଭିଯୁକ୍ତମାନଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ଡେଙ୍ଗା ମୁନା ଓରଫ ରମେଶ ଜଣେ ବେଆଇନ ଅସ୍ତ୍ରଶସ୍ତ୍ର ବ୍ୟବସାୟୀ ଓ ତାଙ୍କ ନାମରେ ବିଭିନ୍ନ ଥାନାରେ ୨୩ରୁ ଉର୍ଦ୍ଧ୍ୱ ମାମଲା ରହିଛି। ସେହିପରି ଗୁଡୁ ଓ ପତିତଙ୍କ ନାମରେ ୯, ଚିତି ନାମରେ ୮, ବାବୁଙ୍କ ନାମରେ ୬ ଏବଂ ହରିଚନ୍ଦନଙ୍କ ନାମରେ ୪ଟି ମାମଲା ରହିଛି। ଶୁକ୍ରବାର ପୁରୀ ଟାଉନ ଥାନାରେ ପୋଲିସ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ବିନିତ୍ ଅଗ୍ରୱାଲ ଏହି ସୂଚନା ଦେଇଛନ୍ତି।

ଏସ୍‌ପି ଅଗ୍ରୱାଲ କହିଛନ୍ତି, ଆଗକୁ ମହାପ୍ରଭୁଙ୍କ ରଥଯାତ୍ରା ଥିବାରୁ ପୁରୀରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ। ତେଣୁ ପୋଲିସ ପକ୍ଷରୁ ଆପରାଧିକ କାର୍ଯ୍ୟକଳାପ ରୋକିବାକୁ ସ୍ୱତନ୍ତ୍ର ଆଣ୍ଟିକ୍ରାଇମ୍ ଡ୍ରାଇଭ ମାଧ୍ୟମରେ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଏହି ପରିପ୍ରେକ୍ଷୀରେ ବେଆଇନ ଅସ୍ତ୍ରଶସ୍ତ୍ର ସହ ଆପରାଧିକ କାର୍ଯ୍ୟକଳାପ ଘଟାଇବା ପାଇଁ ଗୁରୁବାର ବିଳମ୍ବିତ ରାତିରେ କେତେଜଣ ବ୍ୟକ୍ତି ଅର୍ବାନ ହାଟ ନିକଟସ୍ଥ ପୁରୁଣା ଡିଏଜି କାର୍ଯ୍ୟାଳୟ କୋଠାରେ ବସି ଯୋଜନା କରୁଥିବା ପୋଲିସକୁ ଗୁପ୍ତ ସୂଚନା ମିଳିଥିଲା। ଏସ୍‌ପିଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଯୋଜନା ପ୍ରସ୍ତୁତ ହୋଇଥିଲା। ଏହାପରେ ସେଠାରେ ଚଢାଉ କରାଯାଇ ୬ଜଣଙ୍କୁ ଗିରଫ କରାଯାଇଥିଲା। ଆଗାମୀ ଦିନରେ ଚୋରା ଚାଲାଣ କାର୍ଯ୍ୟ ସହ ଜଡ଼ିତ ପୁରୁଣା ଏବଂ ଆଗୁଆ ଲିଙ୍କେଜ୍‌ର ସମ୍ପୂର୍ଣ୍ଣ ନେଟୱର୍କ ଚିହ୍ନଟ ପାଇଁ ଅଧିକ ତଦନ୍ତ କରାଯିବ। ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଆଣ୍ଟିକ୍ରାଇମ୍ ଡ୍ରାଇଭ ବର୍ଷସାରା ଚାଲିଛି ଓ ଆଗାମୀ ଦିନରେ ମଧ୍ୟ ଜାରି ରହିବ। ତେବେ ରଥଯାତ୍ରା ପାଇଁ ଏହାକୁ ଅଧିକ କଡ଼ାକଡ଼ି କରାଯାଇଛି ବୋଲି ଏସ୍‌ପି କହିଛନ୍ତି। ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି, ସିଟି ଡିଏସ୍‌ପି ଏବଂ ସମ୍ପୃକ୍ତ ଥାନା ଅଧିକାରୀ ଉପସ୍ଥିତ ଥିଲେ।

# ମହାପ୍ରଭୁଙ୍କ ଜଳକ୍ରୀଡ଼ା ନୀତି ସମ୍ପନ୍ନ

ପୁରୀ,୬।୬(ଅଜିତ୍ କୁମାର ମହାନ୍ତି)

ରୁକ୍ମିଣୀ ହରଣ ଏକାଦଶୀ ଶୁକ୍ରବାର ଅବସରରେ ଶ୍ରୀମନ୍ଦିରରେ ଚଳିତବର୍ଷର ଚତୁର୍ଥ ତଥା ଶେଷ ଜଳକ୍ରୀଡ଼ା ନୀତି ସମ୍ପନ୍ନ ହୋଇଛି। ଏହି ଅବସରରେ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା। ଶ୍ରୀମନ୍ଦିରର ଦ୍ୱାର ଫିଟା ପରେ ମଙ୍ଗଳ ଆଳତି, ମଇଲମ, ଅବକାଶ ପୂଜା ଶେଷ ହୋଇ ଅନ୍ୟାନ୍ୟ ନୀତି ବଢ଼ି ଆଳଟ ଓ ଚନ୍ଦନ ଲାଗି ପରେ ମହାପ୍ରଭୁଙ୍କ ବେଶ ବଢ଼ିଥିଲା। ପରେ ଯାତ ଭୋଗ ହୋଇଥିଲା। ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ମଦନମୋହନଙ୍କ ପରିବର୍ତ୍ତେ ଦୋଳଗୋବିନ୍ଦ ଆଜ୍ଞାମାଳ ପାଇ ମହାଜନ ସେବକଙ୍କ ହାତରେ ପାଲିଙ୍କିକୁ ବିଜେ ହୋଇଥିଲେ। ଶ୍ରୀମନ୍ଦିର ପରିସର ରୋହିଣୀ କୁଣ୍ଡ ନିକଟ ତଥା ନୃସିଂହ ମନ୍ଦିର ପଶ୍ଚାତ ଭାଗରେ ଥିବା ସୁବାସିତ ଜଳପୂର୍ଣ୍ଣ କୁଣ୍ଡରେ ବିଜେ କରିଥିଲେ। ପରେ ମୁଦିରସ୍ତ ଠାକୁରଙ୍କୁ ପ୍ରସାସ ଲାଗି କରିଥିଲେ। ଚନ୍ଦନପାଣି ପିଚ୍‌କାରୀ ନୀତି ବଢ଼ିଥିଲା। ଠାକୁରଙ୍କ ନିକଟରେ ପଞ୍ଚଉପଚାରରେ ଶୀତଳ ଭୋଗ ମଣୋହି କରାଯାଇଥିଲା। ଠାକୁରଙ୍କୁ ଜଳରୁ ଅଣାଯାଇ ଶ୍ରୀଅଙ୍ଗ ପୋଛାଯିବା ସହ ମଇଲମ କରାଯାଇଥିଲା। ମାଳଫୁଲ ଲାଗି କରାଯିବା ସହ ବେଶ ବଢିଥିଲା। ବନ୍ଦାପନା ନୀତି ପରେ ଠାକୁର ପାଲିଙ୍କିରେ ବିଜେ ହୋଇ ବାହୁଡ଼ା ବିଜେ କରିଥିଲେ। ମହାପ୍ରଭୁଙ୍କ ମଧ୍ୟାହ୍ନ ଧୂପ ଅନୁଷ୍ଠିତ ହୋଇଥିଲା। ଭିତରଚନ୍ଦନ ସମୟରେ ଜଳକ୍ରୀଡ଼ା ମଣ୍ଡପରେ ୪ ଥର ମହାପ୍ରଭୁଙ୍କ ଜଳକ୍ରୀଡ଼ା ନୀତି ଅନୁଷ୍ଠିତ ହୋଇଥାଏ। ଜ୍ୟେଷ୍ଠ କୃଷ୍ଣ ଏକାଦଶୀ ବା ଜଳକ୍ରୀଡ଼ା ଏକାଦଶୀ, ସାବିତ୍ରୀ ଅମାବାସ୍ୟା, ଶୀତଳଷଷ୍ଠୀ ତିଥିରେ ଅନୁଷ୍ଠିତ ହେଉଥିବା ଜଳକ୍ରୀଡ଼ା ନୀତିରେ ନୀତି ସମ୍ପାଦନ କରିବା ନିମନ୍ତେ ଶ୍ରୀମଦନମୋହନ ଜଳକ୍ରୀଡ଼ା ମଣ୍ଡପକୁ ବିଜେ କରିଥାନ୍ତି। ମାତ୍ର ଜ୍ୟେଷ୍ଠ ଶୁକ୍ଳ ଏକାଦଶୀ ବା ରୁକ୍ମିଣୀହରଣ ଏକାଦଶୀରେ ନୀତି ଥିବାରୁ ଉକ୍ତ ଦିନ ଦୋଳଗୋବିନ୍ଦ ଜଳକ୍ରୀଡ଼ା ମଣ୍ଡପକୁ ବିଜେ କରି ନୀତି ସମ୍ପାଦନ କରିଥାନ୍ତି।

# ସମ୍ବିତଙ୍କ ମନ୍ତବ୍ୟ ପ୍ରତିବାଦରେ କଂଗ୍ରେସର ବିକ୍ଷୋଭ


ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ପୁରୀ, ୬।୬(ଅଜିତ୍ କୁମାର ମହାନ୍ତି)

ପୁରୀ ଏମ୍‌ପି ସମ୍ବିତ ପାତ୍ର କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ଦେଇଥିବା ଆପତ୍ତିଜନକ ବୟାନକୁ ବିରୋଧ କରି ପୁରୀ ଜିଲା କଂଗ୍ରେସ କମିଟି ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ସମ୍ବିତଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଜିଲା କଂଗ୍ରେସ ସଂଯୋଜକ ଇଂ. ରାଜେଶ କୁମାର ମିଶ୍ର ଏହି କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ବିନାୟକ ଦାସ ମହାପାତ୍ର, ନିରଞ୍ଜନ ରଥ, ମନୋଜ କୁମାର ରଥ, ବିଶ୍ୱକେଶନ ହରିଚନ୍ଦନ ମହାପାତ୍ର, ଉମାକାନ୍ତ ବରାଳ, ବିଦ୍ୟୁତଲତା ଆଚାର୍ଯ୍ୟ, ସରସ୍ୱତୀ ପାତ୍ର, କାଳୀପ୍ରସାଦ ନାୟକ, ଆର୍ତ୍ତତ୍ରାଣ ସାହୁ, ଛବିନ୍ଦ୍ର ପଢିଆରୀ, ଅମରେନ୍ଦ୍ର ପାଇକରାୟ, ବିଶ୍ୱନାଥ ଦାଶ, ନିରଞ୍ଜନ ମିଶ୍ର, ଜୀବେଶଚନ୍ଦ୍ର ରଥ, ଡ. ନିରଞ୍ଜନ ବିଶ୍ୱାଳ, ବିଭୁପ୍ରସାଦ ମିଶ୍ର, ସୀତାକାନ୍ତ ମହାନ୍ତି, ସୁକାନ୍ତ କୁମାର ପ୍ରଧାନ, କାଳନ୍ଦୀ ବାରିକ, ଆଦର୍ଶ ମିଶ୍ର, ସ୍ୱାଧୀନ କୁମାର ପଣ୍ଡା, ରଜତ କୁମାର ସାହୁ, ଅବିନାଶ ମିଶ୍ର, ଆଶୁତୋଷ ମିଶ୍ର, ବିଶ୍ୱରଞ୍ଜନ ସାମନ୍ତରାୟ, ସୌମ୍ୟକାନ୍ତ ପ୍ରଧାନ ଏବଂ ବିଶ୍ୱରଞ୍ଜନ ମହାପାତ୍ର ପ୍ରମୁଖ ଏଥିରେ ସାମିଲ ଥିଲେ।



ପିପିଲିଠାରେ ଆୟୋଜିତ କଳିଙ୍ଗ ୟୁନିୟନ ଅଫ୍ ୱାର୍କିଂ ଜର୍ନାଲିଷ୍ଟର ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

# ଗ୍ରାମାଞ୍ଚଳ ଖବରଦାତାଙ୍କ ହକ୍ ପାଇଁ ଲଢ଼େଇ ଜାରି ରହିବ

**କେୟୁଡବ୍ଲ୍ୟୁଜେର ରାଜ୍ୟ କାର୍ଯ୍ୟକାରିଣୀ**

ପିପିଲି,୬।୬(ଦୁର୍ଗା ମାଧବ ମିଶ୍ର)

କଳିଙ୍ଗ ୟୁନିୟନ ଅଫ୍ ୱାର୍କିଂ ଜର୍ନାଲିଷ୍ଟ କେବଳ ଏକ ସଂଗଠନ ନୁହେଁ, ରାଜ୍ୟର ଗ୍ରାମାଞ୍ଚଳ ଖବରଦାତାଙ୍କର ହକ୍ ଏବଂ ଅଧିକାରର ଏକ ଆନ୍ଦୋଳନ ବୋଲି ସଂଘର ରାଜ୍ୟ କର୍ମକର୍ତ୍ତାମାନେ ପ୍ରକାଶ କରିବା ସହ ଗ୍ରାମାଞ୍ଚଳ ଖବରଦାତାଙ୍କ ଦୀର୍ଘଦିନର ସମସ୍ୟା ସମାଧାନ ନିମନ୍ତେ ଆନ୍ଦୋଳନ ଜୋର୍‌ଦାର କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ସଂଘର ରାଜ୍ୟ କାର୍ଯ୍ୟକାରିଣୀ କମିଟି ବୈଠକ ରାଜ୍ୟ ସଭାପତି ମନୋଜ ଦାସଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କଳିଙ୍ଗ ୟୁନିୟନ ଅଫ ୱାର୍କିଂ ଜର୍ନାଲିଷ୍ଟ ରାଜ୍ୟ ସରକାରଙ୍କର ଶ୍ରମ ଆୟୁକ୍ତଙ୍କ ଦ୍ୱାରା ପଞ୍ଜିକୃତ ହୋଇଥିବାରୁ ସଂଘ ପକ୍ଷରୁ ରାଜ୍ୟ ସରକାର, ଶ୍ରମ ଆୟୁକ୍ତ, ଯୁଗ୍ମ ସଂଘ ଆୟୁକ୍ତ, ସହ ଶ୍ରମ ଆୟୁକ୍ତ ଓ ସମସ୍ତ ଜିଲାର ଜିଲା ଶ୍ରମ ଅଧିକାରୀଙ୍କୁ ଧନ୍ୟବାଦ ଦିଆଯାଇଥିଲା। ଆଉ କିଛି ଦିନ ପରେ ବର୍ତ୍ତମାନର ସରକାରଙ୍କ ଏକ ବର୍ଷ ପୂରଣ ହେବ। ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ୨ ଥର ସାକ୍ଷାତ କରି ଦାବିପତ୍ର ମାଧ୍ୟମରେ ପ୍ରମୁଖ ସମସ୍ୟାଗୁଡ଼ିକ ପ୍ରତି ଦୃଷ୍ଟି ଆକର୍ଷଣ କରାଯାଇଥିଲେ ହେଁ ଅଣଦେଖା ଖବରଦାତା ମହଲରେ ଅସନ୍ତୋଷ ସୃଷ୍ଟି କରିଛି। କାର୍ଯ୍ୟକ୍ରମକୁ ରାଜ୍ୟ ସଂଘର ସମ୍ପାଦକ ରାଜକିଶୋର ସ୍ୱାଇଁ ପରିଚାଳନା କରିଥିଲେ। କୋଷାଧ୍ୟକ୍ଷ ସୁବାସ ସ୍ୱାଇଁ, ଉପସଭାପତି ବିନାୟକ ମିଶ୍ର, ସୌରଭ ପଟ୍ଟନାୟକ, ମନ୍ମଥ ମହାରଣା, ଜୟକାନ୍ତ ରାଉତ, ତୁଷାର ପଟ୍ଟନାୟକ, ଗଣେଶ ବିଶୋଇ, ଅକ୍ଷୟ ରାଉତ, ପ୍ରଭାକର ଶିରୋମଣି, ଭବାନୀ ପତି, ସୂର୍ଯ୍ୟ ନାରାୟଣ ପ୍ରଧାନ ଉପସ୍ଥିତ ଥିଲେ। ସମ୍ପାଦକ କୈଳାସ ଅଗ୍ରୱାଲା ଧନ୍ୟବାଦ ଦେଇଥିଲେ।

### ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

ସାକ୍ଷୀଗୋପାଳ,୬।୬(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

ସତ୍ୟବାଦୀ ଥାନା ଅଧୀନ କାଦୁଆ ଛକ ଜାତୀୟ ରାଜପଥ ନିକଟରେ ଶୁକ୍ରବାର ଏକ ମଟର ସାଇକେଲ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ଖଣ୍ଡପଡ଼ା ଅଞ୍ଚଳ ଅଧୀନ ରୟତି ଢୋଲମରା ଗ୍ରାମର ସୁଦୀପ କୁମାର ପାଣିଗ୍ରାହୀ (୩୫) ଏବଂ ଇଟାମାଟିର ନିରଞ୍ଜନ ସାହୁ(୩୪) ଆହତ ହୋଇଛନ୍ତି। ସୁଦୀପ ଓ ନିରଞ୍ଜନ ପୁରୀରୁ ଭୁବନେଶ୍ୱର ଅଭିମୁଖେ ଏକ ବାଇକ୍ ଯୋଗେ ଯାଉଥିଲେ। କାଦୁଆ ଛକ ନିକଟରେ ବାଇକ୍‌ଟି ଭାରସାମ୍ୟ ହରାଇ ଦୁର୍ଘଟଣାର ଶିକାର ହୋଇଥିଲା। ସ୍ଥାନୀୟ ଜନସାଧାରଣ ଆହତ ଦ୍ୱୟଙ୍କୁ ଚିକିତ୍ସା ନିମନ୍ତେ ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ସୁଦୀପଙ୍କୁ ମୃତ ଘୋଷଣା କରିଥିଲେ। ନିରଞ୍ଜନ ସାହୁଙ୍କୁ ପ୍ରାଥମିକ ଚିକିତ୍ସା ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ସତ୍ୟବାଦୀ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପୁରୀ ପଠାଇଥିବାବେଳେ ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ଜବତ କରି ଏକ ମକଦ୍ଦମା ରୁଜୁ କରିଛି।

# ରୋଗୀଙ୍କ ଜୀବନ ବଞ୍ଚାଇବାରେ ରକ୍ତଦାତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଗୋପ,୬।୬(ଭାରତୀ ଭୂଷଣ ଉପାଧ୍ୟାୟ)

ରୋଗୀଙ୍କ ଜୀବନ ବଞ୍ଚାଇବାରେ ରକ୍ତଦାତାଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଶୁକ୍ରବାର ଗୋପ ବ୍ଲକର ସ୍ୱେଚ୍ଛାସେବୀ ସଙ୍ଗଠନ ଦି ସେବକ ପକ୍ଷରୁ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ବାଇଧର ମଲ୍ଲିକ ଯୋଗଦେଇ ଏହା କହିଛନ୍ତି। ସମ୍ମାନିତ ଅତିଥି ଭାବେ ଗୋପ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ, ସରପଞ୍ଚ ସୁମନ୍ତ ନାୟକ, ବିଚିତ୍ରାନନ୍ଦ ପ୍ରଧାନ, ବିପିନ ମଲ୍ଲିକ, ବିଡିଓ ବବିରାଣୀ ସାହୁ, ବାନରସେନା ସମ୍ପାଦକ ପ୍ରକାଶ ଚନ୍ଦ୍ର ଖଟୋଇ, ଦି ସେବକ ସଙ୍ଗଠନ ସଭାପତି ଆଲୋକ ଜେନା ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ମୋଟ ୨୧୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ବିଜୟ ପଣ୍ଡା, ସୁକାନ୍ତ ଭୋଇ, ଜୀବନ ବେହେରା, ମନୋଜ ଦାସ, କିଶୋର ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ

ସାକ୍ଷୀଗୋପାଳ,୬।୬(ଭରତ ରାଉତ)

ସାକ୍ଷୀଗୋପାଳସ୍ଥିତ ପୁରୀ ଜିଲା କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜଗୁଆପୁର ଓ ଭଗବତୀପୁର ଗ୍ରାମରେ ଡ. ପରେଶ କୁମାର ପଣ୍ଡା, ଏଡିଓ ସାକ୍ଷୀଗୋପାଳ ଅଧ୍ୟକ୍ଷତାରେ ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କୃଷି ବିଜ୍ଞାନକେନ୍ଦ୍ରର କୃଷି ଯନ୍ତ୍ରପାତି ବୈଜ୍ଞାନିକ ଡ. ଦୀପଶିଖା ପରମଜିତା, କ୍ଷେତ୍ର ବିଜ୍ଞାନୀ ଡ. ସାର୍ଥକ ପଟ୍ଟନାୟକ, ଡ. ପ୍ରଣୟ ପ୍ରଧାନ, ସିଫାର ମତ୍ସ୍ୟ ବୈଜ୍ଞାନିକ ଡ. ରାକ୍ଷୀ କୁମାରୀ ଏବଂ ଏନ୍‌ଆଇଏଫ୍‌ଏମ୍‌ଡିର ଫାଟୁଆ ରୋଗ ବୈଜ୍ଞାନିକ ଡ. ରାଜିଭ ରଞ୍ଜନ ପ୍ରମୁଖ ଯୋଗଦେଇଥିଲେ। ଡ. ପଣ୍ଡା ମହୋଦୟ ଚାଷୀ ଭଉଣୀଭାଇଙ୍କୁ ବିକଶିତ କୃଷି ସଂକଳ୍ପ ଅଭିଯାନର ୫ଟି ଭିତ୍ତିପ୍ରସ୍ତର ବିଷୟରେ ବିସ୍ତୃତ ଭାବେ ବୁଝାଇଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକମାନେ ଚାଷୀ ଭଉଣୀଭାଇଙ୍କ ସହିତ ଉନ୍ନତ କୃଷି ଯନ୍ତ୍ରପାତି, ଧାନ ବିହନ ଚୟନ, ସମନ୍ୱିତ ରୋଗ ପୋକ ପରିଚାଳନା ଏବଂ ମୃତ୍ତିକା ପରୀକ୍ଷା ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଭିଡିଓ ମାଧ୍ୟମରେ ସରକାରଙ୍କ ବିଭିନ୍ନ ଯୋଜନା ତଥା ଚାଷୀଙ୍କୁ ପ୍ରେରଣା ପ୍ରଦାନକାରୀ ସଫଳ କାହାଣୀକୁ କୃଷି ରଥରେ ପ୍ରଦର୍ଶନ କରାଯାଇଥିଲା। ବ୍ଲକ କୃଷି ଅଧିକାରୀ ବିକାଶ ବିହାରୀ ପୃଷ୍ଟି ଏହାର ତତ୍ତ୍ୱାବଧାନ କରିଥିଲେ। ଚାଷୀମାନେ ମଧ୍ୟ ନିଜର ସମସ୍ୟା ବାବଦରେ ବୈଜ୍ଞାନିକଙ୍କଠାରୁ ପରାମର୍ଶ ନେଇଥିଲେ।



ବିକଶିତ କୃଷି ସଂକଳ୍ପ ଅଭିଯାନରେ ଗାଁ ପରିକ୍ରମା ପାଇଁ ବାହାରିଥିବା କୃଷି ରଥ।

# କୋର୍ଟ ସ୍ଥାନାନ୍ତରକୁ ଓକିଲ ସଂଘର ବିରୋଧ

**ପ୍ରସ୍ତାବିତ ସ୍ଥାନରେ ବିକ୍ଷୋଭ, ୧୦୦ ଦିନରେ ପହଞ୍ଚିଲା ସତ୍ୟାଗ୍ରହ**

ପୁରୀ,୬।୬(ଅଜିତ୍ କୁମାର ମହାନ୍ତି)



ପୁରୀ ଜିଲା ଓକିଲ ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ବାଲୁଖଣ୍ଡ ଅଭୟାରଣ୍ୟ, ମଧୁର ଜଳ ଅଞ୍ଚଳରେ ପୁରୀ କୋର୍ଟ କମ୍ପ୍ଲେକ୍ସ ନିର୍ମାଣକୁ ଓକିଲ ସଂଘ ବିରୋଧ କରି ଚଳାଇଥିବା ସତ୍ୟାଗ୍ରହକୁ ଶୁକ୍ରବାର ୧୦୦ ଦିନ ପୂରିଛି। ଏହି ଅବସରରେ ଓକିଲ ସଂଘର ସଦସ୍ୟମାନେ ଏକ ଶୋଭାଯାତ୍ରାରେ ପ୍ରସ୍ତାବିତ ସ୍ଥାନକୁ ଯାଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସଂଘ ପକ୍ଷରୁ ଦର୍ଶାଯାଇଛି ଯେ, ପୁରୀ ଅଦାଲତ କୋଠା ୧୬୨ ବର୍ଷ ତଳର ଐତିହ୍ୟ। ପୁରୀ ସହରର ଏକ ପ୍ରମୁଖ ସ୍ଥଳରେ ଏହା ଅବସ୍ଥିତ ହୋଇଥିବାରୁ ଲୋକେ ଗୋଟିଏ ସ୍ଥାନରେ କଚେରି ଓ ଅଦାଲତର କାର୍ଯ୍ୟ ସହଜରେ ପାଉଛନ୍ତି। କଲେକ୍ଟର ଅଫିସଠାରୁ ଅଦାଲତକୁ ଅଲଗା କରିବା ଓ କୋର୍ଟ ଅନ୍ୟ ଯାଗାକୁ ନେବା ପାଇଁ ପ୍ରସ୍ତାବକୁ ସରକାର ଆଇନ ବିଭାଗକୁ ବାଲୁଖଣ୍ଡ ଅଭୟାରଣ୍ୟର ମଧୁର ଜଳ ଅଞ୍ଚଳ ଏବଂ ସିଆର୍‌ଜେଡ୍ ଅଞ୍ଚଳରେ ଜମି ଚିହ୍ନଟ କରିଛନ୍ତି। ତେବେ ଉକ୍ତ ଅଞ୍ଚଳରେ ଅନେକ କଟକଣା ରହିଛି। ସେଠାରେ ହଜାର ହଜାର ଗଛ ରହିଛି। ମଧୁର ଜଳ ସଂରକ୍ଷଣ ସ୍ଥାନ ହୋଇଥିବାରୁ ସ୍ଥାନୀୟ ଅଧିବାସୀ, ପର୍ଯ୍ୟଟକ, ଯାତ୍ରୀଙ୍କ ପାଇଁ ଏକମାତ୍ର ଜଳଉତ୍ସ। ତାକୁ ସୁରକ୍ଷିତ ରଖିବା ଆମ ସମସ୍ତଙ୍କ କର୍ତ୍ତବ୍ୟ। ମଧୁର ଜଳ ଅଞ୍ଚଳକୁ ଶେଷ କରିବା ପାଇଁ ଚକ୍ରାନ୍ତ କରାଯାଉଛି। ସରକାର କିଭଳି କୋର୍ଟ କମ୍ପ୍ଲେକ୍ସ ପାଇଁ ସେହି ଜମି ଦେଲେ ଏବଂ ଆଇନ ବିଭାଗ କିପରି ସେଠାରେ କୋର୍ଟ କମ୍ପ୍ଲେକ୍ସ କରିବ ସେ ନେଇ ଓକିଲ ସଂଘ ପ୍ରଶ୍ନ କରିଛି। ଏହି ଜମି ହସ୍ତାନ୍ତରକୁ ବାତିଲ କରିବା ପାଇଁ ଓକିଲ ସଂଘ ଦାବି କରିଛି। ଲୋକଙ୍କ ହିତ ଦୃଷ୍ଟିରୁ ବର୍ତ୍ତମାନ ସ୍ଥାନରେ କୋର୍ଟ କମ୍ପ୍ଲେକ୍ସ ନିର୍ମାଣ କରାଯାଉ ବୋଲି ସଂଘ ସଭାପତି ପ୍ରେମାନନ୍ଦ ମହାନ୍ତି, ସାଧାରଣ ସମ୍ପାଦକ ଶରତ କୁମାର ରାୟଗୁରୁ ସରକାର ଏବଂ ବିଚାର ବିଭାଗକୁ ନିବେଦନ କରିଛନ୍ତି। ଶୋଭାଯାତ୍ରାରେ ସଂଘ ସଭାପତି ଓ ସମ୍ପାଦକଙ୍କ ସମେତ ସୋମନାଥ ଦାସ, ସାରଦା ସାମଲ, ବିଭୁଦତ୍ତ ପଟ୍ଟନାୟକ, ସମୀର ଘୋଷ, କର୍ଣ୍ଣବୀର ମହାପାତ୍ର, ଅନିଲ ସାହୁ, ଭାଗବତ ପଟ୍ଟନାୟକ, ଜୟନ୍ତ ମହାପାତ୍ର, ତାପସ ବଳିୟାରସିଂ, ଜ୍ୟୋତି ପ୍ରକାଶ ପାଇକରାୟ, ଶୁଭେନ୍ଦୁ ଦାଶ, ବିମଳେନ୍ଦୁ ଦାସ, ବିଜୟ ମିଶ୍ର, ବିଶ୍ୱଜିତ୍ ପ୍ରଧାନ, ଜୟନ୍ତ ମହାପାତ୍ର, ବିଶ୍ୱକେଶନ୍ ହରିଚନ୍ଦନ ମହାପାତ୍ର ପ୍ରମୁଖ ସାମିଲ ଥିଲେ।




# ଗୁଳିମାଡ଼ ମାମଲା: ୪ ଜେଲ୍ ଗଲେ

ଖୋର୍ଦ୍ଧା,୬।୬(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା କୁମାରବସ୍ତ ଛକ ପେଟ୍ରୋଲ ପମ୍ପ ନିକଟରେ ମେ' ୩୧ରେ ହୋଇଥିବା ଗୁଳିମାଡ଼ ମାମଲାରେ ଶିଳ୍ପାଞ୍ଚଳ ପୋଲିସ ୪ଜଣଙ୍କୁ ଗିରଫକରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଭୁବନେଶ୍ୱର ନୟାପଲ୍ଲୀର ରୋହିତ କୁମାର ରାଉତ(୨୧), ରେଣ୍ଟାଲ କଲୋନିର ଶ୍ରୀକାନ୍ତ ପରିଡ଼ା ଓରଫ ସିପୁ(୨୨), ଲକ୍ଷ୍ମୀସାଗର ଥାନା ବମିଖାଲର କୌଶିକ ପାତ୍ର(୧୯) ଏବଂ ଭରତପୁର ଥାନା ପାତ୍ରପଡ଼ା ଅଞ୍ଚଳର ସୌମ୍ୟରଞ୍ଜନ ଜେନା(୨୦)। ଏମାନଙ୍କଠାରୁ ଏକ ଥାର୍ ଗାଡ଼ି(ଓଡି-୩୩ଏପି-୩୨୪୧), ୪ଟି ମୋବାଇଲ ଫୋନ ଏବଂ ଏକ ଖୋକା ଜବତ ହୋଇଛି। ଜାମିନ ନାମଞ୍ଜୁର ପରେ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ମୁତାବକ, ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ମୁଖ୍ୟ ଅଭିଯୁକ୍ତ ରାଜେଶ ଏବଂ ତାଙ୍କର ୪ଜଣ ସହଯୋଗୀ ଖୋର୍ଦ୍ଧା ଆଦର୍ଶ ଥାନା ଅନ୍ତର୍ଗତ ନବୀନାବାଗର ଚିନ୍ମୟ ବଡ଼ଜେନାଙ୍କୁ ରାସ୍ତାରୁ ହଟାଇବା ପାଇଁ ଯୋଜନା କରିଥିଲେ। ଗତ ୩୧ତାରିଖ ଅପରାହ୍ନ ସାଢେ ୫ଟାରେ ଚିନ୍ମୟ ତାଙ୍କ ସାଙ୍ଗମାନଙ୍କ ସହ ସ୍କର୍ପିଓରେ ଭୁବନେଶ୍ୱର ଯାଉଥିଲେ। ଏହି ସମୟରେ କୁମାରବସ୍ତ ପେଟ୍ରୋଲ ପମ୍ପ ନିକଟରେ ରାଜେଶ ଓ ତାଙ୍କ ସାଥୀମାନେ ଥାର୍ ଗାଡ଼ିରେ ଆସି ଚିନ୍ମୟଙ୍କ ଗାଡ଼ିକୁ ଧକ୍କାଦେବାକୁ ଉଦ୍ୟମ କରିଥିଲେ। ଏନେଇ ଚିନ୍ମୟ ଗାଡ଼ିରୁ ଓହ୍ଲାଇ ଏହାର ପ୍ରତିବାଦ କରିବା ବେଳେ ଗାଡ଼ି ଭିତରେ ବସିଥିବା ଜଣେ ଯୁବକ ହଠାତ୍ ଚିନ୍ମୟଙ୍କ ଉପରକୁ ଏକ ରାଉଣ୍ଡ ଗୁଳିମାଡ଼ କରିଥିଲେ। ଚିନ୍ମୟ ସେଠାରୁ ଖସିଯାଇଥିବା ବେଳେ ତାଙ୍କୁ ଲକ୍ଷ୍ୟକରି ପୁଣି ୨ରାଉଣ୍ଡ ଗୁଳି ଚଳାଇଥିଲେ। ତାହା ଲକ୍ଷ୍ୟ ଭେଦ ନ କରି ଗାଡ଼ିରେ ବାଜିଥଲା। ସେ ପୁଣି ଥରେ ଏକ ଫଲ୍ସ ଫାୟାରିଂ କରି ମେଣ୍ଟଶାଳ ରାସ୍ତା ଦେଇ ଭୁବନେଶ୍ୱର ଅଭିମୁଖେ ପଳାଇଥିଲେ। ରାଜେଶ ଏବଂ ତାଙ୍କ ଅନ୍ୟ ୨ ଜଣ ସହଯୋଗୀ ଉକ୍ତ ରାତିରେ ଜିଲା ବାହାରକୁ ପଳାଇଥିଲେ। ଚିନ୍ମୟଙ୍କ ଲିଖିତ ଅଭିଯୋଗକ୍ରମେ ଥାନାରେ ଏକ ମାମଲା(ନଂ.୧୩୫/୨୫) ରୁଜୁକରି ପୋଲିସ ତଦନ୍ତ ଚଳାଇଥିଲା।

**ମଞ୍ଚେଶ୍ୱର ରେଲ୍‌ୱେ କଲୋନୀ ପ୍ରାଥମିକ ସ୍କୁଲ**

# ବନ୍ଦ ହେବନି ଷଷ୍ଠ, ସପ୍ତମ ଶ୍ରେଣୀ

**ରାଜ୍ୟ ସରକାରଙ୍କୁ ଓଏଚ୍ଆର୍‌ସିଙ୍କ ନିର୍ଦ୍ଦେଶ**

ଭୁବନେଶ୍ୱର, ୬।୬ (ସୁଚିସ୍ମିତା ସାହୁ)

ମଞ୍ଚେଶ୍ୱର ରେଲ୍‌ୱେ କଲୋନୀ ପରିସରରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ଉନ୍ନୀତ କରାଯାଉ। ବନ୍ଦ ହୋଇଥିବା ଷଷ୍ଠ ଏବଂ ସପ୍ତମ ଶ୍ରେଣୀ ଖୋଲି ଚଳିତବର୍ଷରୁ ଛାତ୍ରୀଛାତ୍ରଙ୍କୁ ପଢ଼ିବାର ସୁଯୋଗ ଦେବାକୁ ଓଡ଼ିଶା ମାନବିକ ଅଧିକାର କମିଶନ (ଓଏଚ୍ଆର୍‌ସି) ରାଜ୍ୟ ମୁଖ୍ୟ ଶାସନ ସଚିବ, ଗଣଶିକ୍ଷା ବିଭାଗ ଶାସନ ସଚିବ ଏବଂ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ରେଲ୍‌ୱେ କଲୋନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୨ଜଣ ଡେପୁଟେଡ୍ ଶିକ୍ଷକ ଥିବାବେଳେ ସେଠାରେ ଶିକ୍ଷକ ନ ଥିବା ଦର୍ଶାଇ ଜାତୀୟ ଶିକ୍ଷାନୀତି ୨୦୨୦ ଆଳରେ ରାଜ୍ୟ ସରକାର ୧୩୦ଜଣ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ଡୋରି ବାନ୍ଧି ଦେଇଥିଲେ। ଶିକ୍ଷକ ଅଭାବ ଦର୍ଶାଇ ବିଦ୍ୟାଳୟକୁ ବନ୍ଦ କରିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ଏନେଇ ଚିଠି ଆସିବା ପରେ ଦୁଇ ଶ୍ରେଣୀକୁ ହଠାତ୍ ବନ୍ଦ କରିଦିଆଯାଇଥିଲା। ଶ୍ରେଣୀଗୃହରେ ତାଲା ପକାଯିବା ସହ ମଧ୍ୟାହ୍ନଭୋଜ ଦିଆଯାଇ ନ ଥିଲା। ଫଳରେ ଛାତ୍ରୀଛାତ୍ରମାନେ ଭୋକ ଉପାସରେ ବାରଣ୍ଡାରେ ବସି ପଢ଼ିଥିଲେ। ଛାତ୍ରୀଛାତ୍ର ଓ ଅଭିଭାବକମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ। ଅନ୍ୟପକ୍ଷରେ ସରକାରଙ୍କ ଏହି ପଦକ୍ଷେପକୁ ଚ୍ୟାଲେଞ୍ଜ କରି ଶିଶୁଙ୍କ ଶିକ୍ଷା ଅଧିକାର ସୁରକ୍ଷା ନିମନ୍ତେ ମାନବାଧିକାର କର୍ମୀ ପ୍ରଦୀପ୍ତ ନାୟକ ଓଏଚ୍ଆର୍‌ସିଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗର ତ୍ୱରିତ ଶୁଣାଣି କରି କମିଶନ ଏପ୍ରିଲ ୧୧ରେ ରାଜ୍ୟ ସରକାରଙ୍କ ରିପୋର୍ଟ ତଲବ କରିବା ସହ ତୁରନ୍ତ ତାଲା ଖୋଲିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଜିଲା ଓ ବ୍ଲକ୍ ଶିକ୍ଷା ଅଧିକାରୀ ପହଞ୍ଚି ଘଟଣାର ଅନୁଧ୍ୟାନ କରିଥିଲେ। ତାଲା ଖୋଲାଯିବା ପରେ ପିଲାମାନେ ଶ୍ରେଣୀଗୃହରେ ବସି ପଢ଼ିଥିଲେ। ତେବେ ଗତ ମେ ୨୩ ତାରିଖରେ ହୋଇଥିବା ଶୁଣାଣିରେ କମିଶନ ଅଧ୍ୟକ୍ଷ ଶତ୍ରୁଘ୍ନ ପୂଜାହାରୀ ରାଜ୍ୟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ, ଖୋର୍ଦ୍ଧା ଜିଲା ଶିକ୍ଷାଧିକାରୀ ଓ ଭୁବନେଶ୍ୱର ବ୍ଲକ ଶିକ୍ଷାଧିକାରୀଙ୍କୁ ବ୍ୟକ୍ତିଗତ ହାଜର ହେବାକୁ ନିର୍ଦ୍ଦେଶ ଦେଇଥିଲେ। ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ହାଜର ହୋଇ ନ ଥିବାବେଳେ ଅନ୍ୟଦୁଇ ଅଧିକାରୀ ଉପସ୍ଥିତ ହୋଇ ରେଲୱେ କଲୋନୀ ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ପଞ୍ଚମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଉନ୍ନୀତ କରିବାକୁ ସରକାରଙ୍କ ନିକଟରେ ଆବେଦନ ହୋଇଥିବା ସଂକ୍ରାନ୍ତ ଦସ୍ତାବିଜ ପେଠ କରିଥିଲେ। ମାନବାଧିକାର କର୍ମୀ ପ୍ରଦୀପ୍ତ ନାୟକଙ୍କ ଯୁକ୍ତି ଓ ଦାଖଲ ହୋଇଥିବା ସରକାରୀ ଦସ୍ତାବିଜଗୁଡିକୁ ତନଖି କରି କମିଶନ ଅଧ୍ୟକ୍ଷ ପୂଜାହାରୀ ତୁରନ୍ତ ପ୍ରାଥମିକ ବିଦ୍ୟାଳୟକୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଉନ୍ନୀତ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ନିର୍ଦ୍ଦେଶ ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ଆଶ୍ୱସ୍ତି ଦେଇଛି।

# ମେଧା ପାଟେକରଙ୍କୁ ଅଟକ ରଖିବା ଅଗଣତାନ୍ତ୍ରିକ: ସିପିଆଇ(ଏମ୍)

ଭୁବନେଶ୍ୱର, ୬।୬ (ବନ୍ଦନା ସେଠୀ)

**କର୍ପୋରେଟ୍ ସପକ୍ଷବାଦୀ ନୀତି ହିଁ ଜମି, ଖଣି ଓ ପରିବେଶ ପାଇଁ ବଡ଼ ବିପଦ**

ଜାତୀୟ ଜନଆନ୍ଦୋଳନ ସମୂହ ନେତ୍ରୀ ମେଧା ପାଟେକରଙ୍କୁ ପରିବେଶ ଦିବସ ପାଳନ କରିବାକୁ ଦିଆ ନ ଯିବା ଅତ୍ୟନ୍ତ ଅନ୍ୟାୟ ଓ ଅଗଣତାନ୍ତ୍ରିକ ବୋଲି ସିପିଆଇ(ଏମ୍) ପକ୍ଷରୁ ଅଭିଯୋଗ କରାଯାଇଛି। ରାୟଗଡ଼ା ଜିଲାର ସିଜିମାଳି ବକ୍ସାଇଟ୍ ଖଣି ଅଞ୍ଚଳକୁ ପରିବେଶ ଦିବସ ପାଳନ କରିବା ପାଇଁ ମେଧାଙ୍କ ସମେତ କୃଷକ ନେତା ଲିଙ୍ଗରାଜ ଓ ଅନ୍ୟ ନେତାମାନେ ଯାଇଥିଲେ। ଏହି ସମୟରେ ରାୟଗଡ଼ା ପୋଲିସ ସେମାନଙ୍କୁ ଅଟକ ରଖି ଉକ୍ତ ଅଞ୍ଚଳକୁ ପ୍ରବେଶ କରିବାକୁ ନ ଦେଇ ଥାନା ଗାଡିରେ ବଳପୂର୍ବକ ବ୍ରହ୍ମପୁର ନେଇଥିଲା। ରାଜ୍ୟରେ ଭାଜପା ନେତୃତ୍ୱାଧୀନ ଡବଲ ଇଞ୍ଜିନ ସରକାର ସମୟରେ ପରିବେଶ ଦିବସ ପାଳନ କରିବାକୁ ମଧ୍ୟ ସୁଯୋଗ ଦିଆଯାଉନାହିଁ। କର୍ପୋରେଟ୍ ଲୁଣ୍ଠନ ପାଇଁ ରାଜ୍ୟ ସରକାର ସମର୍ପିତ ହୋଇ କାର୍ଯ୍ୟ କରୁଥିବା ଏଥିରୁ ସ୍ପଷ୍ଟ ହୋଇଛି। ସରକାର କମ୍ପାନୀ ପକ୍ଷରେ ରହି ଏଭଳି ଆନ୍ଦୋଳନକାରୀମାନଙ୍କୁ ଦମନ କରୁଛନ୍ତି। ସରକାରଙ୍କ କର୍ପୋରେଟ୍ ସପକ୍ଷବାଦୀ ନୀତି ହିଁ ଜମି, ଖଣି ଏବଂ ପରିବେଶ ସୁରକ୍ଷା ପାଇଁ ବଡ଼ ବିପଦ ହୋଇ ଠିଆ ହୋଇଛି ବୋଲି ସିପିଆଇ(ଏମ୍) ପକ୍ଷରୁ କୁହାଯାଇଛି। ସରକାରଙ୍କ ଏଭଳି ଦମନ ନୀତିକୁ ତୀବ୍ର ନିନ୍ଦା କରିବା ସହ ପ୍ରାକୃତିକ ସମ୍ପଦ ଏବଂ ପରିବେଶର ଉପଯୁକ୍ତ ସୁରକ୍ଷା ପାଇଁ ଆହ୍ୱାନ କରିଛି ଦଳ।

# ଗ୍ରୋ ରିଚ୍ କମ୍ପାନୀ ମାଲିକ ଗିରଫ

**ନିବେଶ ଆଳରେ ୧୧.୫୦ ଲକ୍ଷ ଠକେଇ**



ଗଙ୍ଗାଧର ପ୍ରଧାନ

ଭୁବନେଶ୍ୱର,୬।୬(ସତ୍ୟଜିତ୍ ରାଉତ)

ନିବେଶ ଆଳରେ ୧୧.୫୦ ଲକ୍ଷ ଟଙ୍କା ଠକେଇ ମାମଲାରେ ଜଣେ ଅଭିଯୁକ୍ତଙ୍କୁ ଖାରବେଳନଗର ଥାନା ପୋଲିସ ଶୁକ୍ରବାର ଗିରଫ କରିଛି। ସେ ହେଲେ ଗ୍ରୋ ରିଚ୍ କମ୍ପାନୀର ମାଲିକ ଗଙ୍ଗାଧର ପ୍ରଧାନ (୪୧)। ଗଙ୍ଗାଧର ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଝାରପଡାର ଏକ ଆପାର୍ଟମେଣ୍ଟରେ ରହୁଛନ୍ତି। କୋର୍ଟଚାଲାଣ ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ଠକେଇରେ ସାମିଲ ଥିବା ଗଙ୍ଗାଧରଙ୍କ ସହଯୋଗୀ ପ୍ରମୋଦ କୁମାର ବସ୍ତିଆଙ୍କୁ ଧରିବାକୁ ପୋଲିସ ଉଦ୍ୟମ ଚଳାଇଛି।

ଠକେଇର ଶିକାର ହୋଇଥିଲେ ସୁବ୍ରତ ରଞ୍ଜନ ରାଉତ। ଅଭିଯୁକ୍ତ ଗଙ୍ଗାଧର ଓ ପ୍ରମୋଦ ବିଏମ୍‌ସି ଅଫିସ ପଛପାର୍ଶ୍ୱସ୍ଥିତ କମ୍ପାନୀ କାର୍ଯ୍ୟାଳୟରେ ବୈଠକ କରି ସୁବ୍ରତଙ୍କୁ ଫସାଇଥିଲେ। ନିବେଶ ଅର୍ଥର ମାସିକ ୬% ଫେରସ୍ତ ସହ ବିଭିନ୍ନ ଆର୍ଥିକ ସମ୍ପତ୍ତିରେ ଟଙ୍କା ବିନିଯୋଗ କରିବାକୁ ଉଭୟ ପରାମର୍ଶ ଦେଇଥିଲେ। ସେମାନଙ୍କ କଥାରେ ପଡି ସୁବ୍ରତ ୨୦୨୩ ଏପ୍ରିଲ ୨୮ରେ ନିଜ ଆକାଉଣ୍ଟରୁ ୧୧.୫୦ ଲକ୍ଷ ଟଙ୍କା ଗ୍ରୋ ରିଚ୍ କମ୍ପାନୀ ଆକାଉଣ୍ଟକୁ ପଠାଇଥିଲେ। ହେଲେ ପରବର୍ତ୍ତୀ ସମୟରେ ଚୁକ୍ତି ଅନୁଯାୟୀ ଦୁଇ ଅଭିଯୁକ୍ତ କୌଣସି ଟଙ୍କା ଫେରାଇ ନ ଥିଲେ। ମୂଳ କିମ୍ବା ସୁଧ ଉପରେ ମଧ୍ୟ କୌଣସି ଟଙ୍କା ଦେଇ ନ ଥିଲେ। ଏପରିକି ଟଙ୍କା ଫେରାଇବା ବଦଳରେ ଅଭିଯୁକ୍ତଦ୍ୱୟ ସୁବ୍ରତଙ୍କୁ ଶାରୀରିକ ଏବଂ ମାନସିକ ନିର୍ଯାତନା ଦେଉଥିଲେ। ଏନେଇ ସୁବ୍ରତ ଥାନାର ଦ୍ୱାରସ୍ଥ ହୋଇଥିଲେ। ଗତ ଫେବୃଆରୀ ୩ରେ ପୋଲିସ ମାମଲା (ନଂ.୪୧/୨୦୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ଆରମ୍ଭ ହେଲା ଭୁବନେଶ୍ୱର ଚଳଚ୍ଚିତ୍ର ଉତ୍ସବ



ଚଳଚ୍ଚିତ୍ର ଉତ୍ସବର ଉଦ୍‌ଘାଟନ ଅବସରରେ ଅତିଥିମାନେ ବିଭିନ୍ନ କ୍ଷେତ୍ରରେ ଅବଦାନ ରଖିଥିବା ୫ଜଣଙ୍କୁ ସମ୍ମାନିତ କରୁଛନ୍ତି।

ଭୁବନେଶ୍ୱର, ୬।୬ (ସୌମ୍ୟରଞ୍ଜନ ରାଉତ)

ଭୁବନେଶ୍ୱର ଚଳଚ୍ଚିତ୍ର ଉତ୍ସବ ଶୁକ୍ରବାର ସୂଚନା ଭବନଠାରେ ଆରମ୍ଭ ହୋଇଯାଇଛି। ବଲିଉଡ୍ ନିର୍ଦ୍ଦେଶକ ଅମିତ୍ ରାୟ, ଚଳଚ୍ଚିତ୍ର ସମାଲୋଚକ ତଥା ଲେଖକ ସତ୍ୟ ଶରଣ, ଅଭିନେତା ପ୍ରଶାନ୍ତ ନନ୍ଦ, ନାଟ୍ୟ କଳାକାର ଅନନ୍ତ ମହାପାତ୍ର ଓ ଅଭିନେତା ସୁକାନ୍ତ ରଥ ପ୍ରମୁଖ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଓଡ଼ିଆ ଚଳଚ୍ଚିତ୍ର ଜଗତର ବହୁ ପ୍ରତିଷ୍ଠିତ ବ୍ୟକ୍ତିତ୍ୱଙ୍କୁ ସେମାନଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା। ସଙ୍ଗୀତ କ୍ଷେତ୍ରରେ ତାନସେନ ସିଂ, ଅଭିନୟ କ୍ଷେତ୍ରରେ ଶ୍ୟାମଳେନ୍ଦୁ ଭଟ୍ଟାଚାର୍ଯ୍ୟ ଓ ଜୟା ସ୍ୱାମୀ, ପୋଷାକ ଡିଜାଇନର୍ ନିର୍ମଳ ଦାଶ ଏବଂ କଳା ନିର୍ଦ୍ଦେଶକ ବାଞ୍ଛାନିଧି ପଟ୍ଟନାୟକ ସମ୍ମାନିତ ହୋଇଥିଲେ। ପରେ ଅନୁଷ୍ଠାନ ପକ୍ଷରୁ 'ମୁଡ୍ ଆଣ୍ଡ୍ ମ୍ୟାଡନେସ୍' ନାମକ ଏକ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଭାରତୀୟ ସିନେମାର ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ଗୁରୁ ଦତ୍ତ, ଉତ୍ତମ ମହାନ୍ତି, ରାଜ କପୁର, ଶ୍ୟାମ ବେନେଗଲଙ୍କ ଅସାଧାରଣ ଅବଦାନ ପାଇଁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଭୁବନେଶ୍ୱର ଫିଲ୍ମ ସର୍କଲ ବ୍ୟାନରରେ ଏହି ଉତ୍ସବ ୯ ତାରିଖ ପର୍ଯ୍ୟନ୍ତ ଚାଲିବ।

## ପ୍ରଥମ ଦିନରେ ୩ ଓଡ଼ିଆ ଫିଲ୍ମ ପଦର୍ଶିତ

ଭୁବନେଶ୍ୱର ଚଳଚ୍ଚିତ୍ର ମହୋତ୍ସବର ପ୍ରଥମ ଦିନ ଥିଲା ବେଶ୍ ଉତ୍ସାହପ୍ରଦ। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ପୁରସ୍କାର ପାଇଥିବା ୩ଟି କ୍ଲାସିକ୍ ଓଡ଼ିଆ ଫିଲ୍ମ ପ୍ରଦର୍ଶିତ ହୋଇଥିଲା। ସେଗୁଡିକ ହେଲା ମୃଣାଳ ସେନ୍‌ଙ୍କ 'ମାଟିର ମଣିଷ', କାହ୍ନୁ ମହାନ୍ତିଙ୍କ 'କା' ଓ ରାଧା ପଣ୍ଡାଙ୍କ 'ଭକ୍ତ ସାଲବେଗ'। ଅତିଥି ଓ ଦର୍ଶକମାନେ ଏସବୁ ଫିଲ୍ମ ଦେଖିଥିଲେ।

# ଟ୍ରକ ଧକ୍କାରେ ଶ୍ରମିକଙ୍କ ମୃତ୍ୟୁ ଘଟଣା, ଫେରାର ଡ୍ରାଇଭର ଗିରଫ

ଭୁବନେଶ୍ୱର,୬।୬(ସତ୍ୟଜିତ୍ ରାଉତ)

ଟ୍ରକ୍ ଧକ୍କାରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟଣାରେ ଅଭିଯୁକ୍ତ ଚାଳକଙ୍କୁ ଖାରବେଳନଗର ଥାନା ପୋଲିସ ଶୁକ୍ରବାର ଗିରଫ କରିଛି। ସେ ହେଲେ ସତ୍ୟନଗର ଦୁର୍ଗାମଣ୍ଡପ ବସ୍ତିର ବିଚିତ୍ର କୁମାର ସାହୁ (୫୪)। ତାଙ୍କଠାରୁ ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଜବତ ହୋଇଛି। କୋର୍ଟଚାଲାଣ ପରେ ବିଚିତ୍ରଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ୟୁନିଟ-୩ ଅଞ୍ଚଳସ୍ଥିତ ରିକ୍ସା କଲୋନୀର ରବି ବେହେରା ସତ୍ୟନଗର ଓଭର ବ୍ରିଜ ନିକଟ ମାଲଗୋଦାମରେ ଶ୍ରମିକ ଭାବେ କାମ କରିବା ସହ ଉକ୍ତ ବ୍ରିଜ ତଳେ ରହୁଥିଲେ। ଏପ୍ରିଲ ୧୬ ବିଳମ୍ବିତ ରାତିରେ ରବି ବ୍ରିଜ ତଳେ ଶୋଇଥିବା ବେଳେ ବିଚିତ୍ର ଦ୍ରୁତ ଗତିରେ ଏକ ସିମେଣ୍ଟ ବୋଝେଇ ଟ୍ରକ ଚଳାଇ ଆଣି ତାଙ୍କ ଉପରେ ଚଢ଼ାଇ ଫେରାର ହୋଇଯାଇଥିଲେ। ଖବର ପାଇ ପରିବାର ଲୋକ ପହଞ୍ଚି ଗୁରୁତର ରବିଙ୍କୁ କ୍ୟାପିଟାଲ ହସ୍ପିଟାଲ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପୁଅ ଶୁଭ ଥାନାରେ ଏତଲା ଦେବା ପରେ ପୋଲିସ ମାମଲା (ନଂ.୧୭୧/୨୦୨୫) ରୁଜୁ କରି ତଦନ୍ତ ଚଳାଇଥିଲା।

# ଶାସ୍ତ୍ରୀୟ ସଙ୍ଗୀତ ବାଦନ ବିଭୋର କଲା



ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରାଯାଉଛି।

ଭୁବନେଶ୍ୱର, ୬।୬ (ସୌମ୍ୟରଞ୍ଜନ ରାଉତ)

କଳାଭୂମି ଅନୁଷ୍ଠାନ ପକ୍ଷରୁ ରବୀନ୍ଦ୍ର ମଣ୍ଡପଠାରେ ଚାଲିଥିବା କଳାଭୂମି ମହୋତ୍ସବର ଶୁକ୍ରବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଅତିଥି ଭାବରେ ଯାଜପୁର ଏମ୍‌ପି ଡ. ରବୀନ୍ଦ୍ର ନାରାୟଣ ବେହେରା, ଯୁବନେତା ଜଗନ୍ନାଥ ପ୍ରଧାନ, ରଜନେତା ପବିତ୍ର ମୋହନ ଦାଶ, ସଂସ୍କୃତି ପ୍ରବକ୍ତା ମାତୃ ପ୍ରସାଦ ମିଶ୍ର, ସଙ୍ଗୀତ ଗୁରୁ ଫକୀର ମୋହନ ପତି ଏବଂ ଅନୁଷ୍ଠାନ ଅଧ୍ୟକ୍ଷ ଡ. ପ୍ରମୋଦ ପତି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଶାସ୍ତ୍ରୀୟ ସଙ୍ଗୀତ ବାଦନ ଦର୍ଶକଙ୍କୁ ବିଭୋର କରିଥିଲା। ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ପରିଚାଳନା, ଡ. ସୁଚେତା ଦାସ ଓ ପ୍ରିୟଦର୍ଶିନୀ ସହଯୋଗ କରିଥିଲେ।

# ପୁରୁଣା ନଥିପତ୍ର ଚୋରିକରି ମହିଳା ଗିରଫ

**ଖୋର୍ଦ୍ଧା ସବ୍-ରେଜିଷ୍ଟ୍ରାର ଅଫିସ**

ଭୁବନେଶ୍ୱର,୬।୬(ସତ୍ୟଜିତ୍ ରାଉତ)

ଖୋର୍ଦ୍ଧା ଜିଲା ସବ୍-ରେଜିଷ୍ଟ୍ରାର ଅଫିସ୍‌ର ପୁରୁଣା ନଥିପତ୍ର ଚୋରି କରିବା ଅଭିଯୋଗରେ ଜଣେ ମହିଳାଙ୍କୁ ବଡ଼ଗଡ ଥାନା ପୋଲିସ ଶୁକ୍ରବାର ଗିରଫ କରିଛି। ସେ ହେଲେ କ୍ୟାପିଟାଲ ଥାନା ଅଶୋକନଗର ଫାଳିକିଆ ବସ୍ତିର ତାରିଣୀ ନାୟକ (୨୦)। କୋର୍ଟଚାଲାଣ ପରେ ତାରିଣୀଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ସୂଚନା ଅନୁଯାୟୀ, ଅଭିଯୋଗକାରିଣୀ ସ୍ମିତା ରଥ ଖୋର୍ଦ୍ଧା ଜିଲା ସବ୍-ରେଜିଷ୍ଟ୍ରାର ଭାବେ କାର୍ଯ୍ୟ କରନ୍ତି। ସ୍ଥାନ ଅଭାବରୁ ପୁରୁଣା ନଥିପତ୍ର ରଖିବା ଲାଗି ସେ ବିଜେବି ନଗର ଠାରେ ଥିବା ଏକ ସରକାରୀ କ୍ୱାର୍ଟର୍ସ (ନଂ. ବି/୩)କୁ ଭଡ଼ା ସୂତ୍ରରେ ନେଇଥିଲେ। ଉକ୍ତ ଘରେ ସେ ପୁରୁଣା ନଥିପତ୍ରଗୁଡ଼ିକୁ ରଖିଥିଲେ। ତେବେ ଉକ୍ତ ଘରର ମୁଖ୍ୟ ଫାଟକର ତାଲା ଭାଙ୍ଗି କୌଣସି ଦୁର୍ବୃତ୍ତ ପୁରୁଣା ନଥିପତ୍ରଗୁଡ଼ିକୁ ଚୋରିକରି ନେଇଥିବା ସମ୍ପର୍କରେ ସ୍ମିତା ଶୁକ୍ରବାର ଜାଣିବାକୁ ପାଇଥିଲେ। ଏ ନେଇ ପୋଲିସ ମାମଲା (ନଂ.୩୦୬/୨୦୨୫) ରୁଜୁ କରି ତଦନ୍ତ କରିଥିଲା। ଅଭିଯୁକ୍ତା ତାରିଣୀଙ୍କ ପାଖରୁ ୧୨ଟି ଜରିବସ୍ତାରେ ଥିବା ଖୋର୍ଦ୍ଧା ଡିଏସ୍ଆର ଅଫିସ୍‌ର ପୁରୁଣା ନଥିପତ୍ରକୁ ଜବତ କରାଯାଇଛି।



ସମାନ କାମକୁ ସମାନ ଦରମା, ସ୍ଥାୟୀ ନିଯୁକ୍ତି, ଦରମା ବୃଦ୍ଧି ସହ ବିଭିନ୍ନ ଦାବି ନେଇ ଓଡ଼ିଶା କନିଷ୍ଠ ଶିକ୍ଷକ ସଂଘ (୨୦୨୩) ପକ୍ଷରୁ ଶୁକ୍ରବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣା ଦିଆଯାଇଛି।




## ସଂକ୍ଷେପରେ

### ଚା ଦୋକାନ ଭିତରକୁ ମାଡ଼ିଗଲା ବାଇକ୍, ୨ ଆହତ

କଟକ ସଦର,୬।୬(ସୁଶାନ୍ତ କୁମାର ଜେନା)

୪୨ ମୌଜା ମୁଖ୍ୟ ରାସ୍ତାର ବେଣ୍ଟକାର ଗ୍ରାମ୍ୟ ବ୍ୟାଙ୍କ ନିକଟରେ ଶୁକ୍ରବାର ସକାଳେ ଏକ ବାଇକ୍ ଭାରସାମ୍ୟ ହରାଇ ନିକଟସ୍ଥ ଚା ଦୋକାନ ଉପରେ ମାଡି ଯାଇଥିଲା। ଫଳରେ ଚା ଦୋକାନରେ ବସିଥିବା ଥିବା ଜଣେ ଘରୋଇ ସୁରକ୍ଷା କର୍ମୀ ଓ ବାଇକ ଚାଳକ ଦେଉଳି ଗ୍ରାମର ଚାଳକ ଦେବୀ ପ୍ରସାଦ ସ୍ୱାଇଁ(୪୯) ଗୁରୁତର ଭାବେ ଆହତ ହୋଇଥିଲେ। ଉଭୟଙ୍କୁ ୪୨ ମୌଜା ଥାନା ପୋଲିସ ଆମ୍ବୁଲାନ୍ସ ଯୋଗେ କଟକ ବଡ଼ ଡ଼ାକ୍ତରଖାନାକୁ ପଠାଇଥିଲା। ଘରୋଇ ସୁରକ୍ଷା କର୍ମୀଙ୍କ ପରିଚୟ ମିଳି ପାରିନାହିଁ। ୪୨ ମୌଜା ଥାନା ପୋଲିସ ବାଇକ୍ ଜବତ କରି ତଦନ୍ତ ଆରମ୍ଭ କରିଛି।

### କୃଷି କ୍ଷେତ୍ରରେ ଉନ୍ନତ ଜ୍ଞାନକୌଶଳ ପ୍ରୟୋଗ ଉପରେ ଗୁରୁତ୍ୱ

ନିଆଳି ୬।୬ (ସୁକାନ୍ତ କୁମାର ସିଂ)

କଟକ ଜିଲା ନିଆଳି ବ୍ଲକ ଏରଞ୍ଚ ଓ ବିଳାସୁଣୀ ପଞ୍ଚାୟତରେ ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କୃଷି ଅଧିକାରିଣୀ ଡାକ୍ତର ସନ୍ଧ୍ୟାରାଣୀ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରରେ ରାଷ୍ଟ୍ରୀୟ ଧାନ ଗବେଷଣା କେନ୍ଦ୍ରର ବୈଜ୍ଞାନିକ ଡାକ୍ତର ସୂତପା ସରକାର, କୃଷି ବୈଜ୍ଞାନିକ ଡାକ୍ତର ସୁସ୍ମିତା ମୁଣ୍ଡ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡାକ୍ତର ସୁଜାତା ସେଠୀ, ଉଦ୍ୟାନ ଅଧିକାରଣୀ ପୂଣ୍ୟତୋୟା ପ୍ରିୟମ୍ବଦା, ବ୍ଲକ ଅଧ୍ୟକ୍ଷ ଉମେଶ ବେହେରା ପ୍ରମୁଖ ଯୋଗଦେଇ କୃଷି କ୍ଷେତ୍ରରେ ଉନ୍ନତ ଜ୍ଞାନ କୌଶଳର ପ୍ରୟୋଗ, ନୂତନ ପ୍ରଯୁକ୍ତି ବିଦ୍ୟା ସରକାରଙ୍କ ବିଭିନ୍ନ କୃଷି ଯୋଜନା ସମ୍ପର୍କରେ ଗୁରୁତ୍ୱ ଦେଇ ଚାଷୀମାନଙ୍କୁ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଗ୍ରାମାଞ୍ଚଳରେ ଏଭଳି କାର୍ଯ୍ୟକ୍ରମ ବେଶ ଆଦୃତ ଲାଭ କରିଛି। ଉନ୍ନତ ପ୍ରଣାଳୀରେ ଚାଷ କରି ଅଧିକ ଅର୍ଥ ଉପାର୍ଜନ ପାଇଁ ଚାଷୀମାନଙ୍କୁ ସଶକ୍ତ କରିବା ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ ବୋଲି ବ୍ଲକ କୃଷି ଅଧିକାରିଣୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଉଭୟ ପଞ୍ଚାୟତ ସରପଞ୍ଚ, ସମିତି ସଭ୍ୟ, ୱାର୍ଡ ସଭ୍ୟଙ୍କ ସମେତ ବହୁ ସଂଖ୍ୟାରେ ଚାଷୀ ଯୋଗଦେଇ କୃଷି ସମ୍ପର୍କିତ ସନ୍ଦେହମୋଚନ କରିଥିଲେ।

### ସରକାରୀ ନିୟମଠାରୁ ଅଧିକ ଆୟ ଯୋଗୁ ଭତ୍ତା ବନ୍ଦ

କଟକ ସଦର,୬।୬(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ଆୟଉପୁର ପଞ୍ଚାୟତର ଜଣେ ବ୍ୟକ୍ତି ନିଜର ଆୟକୁ ଲୁଚାଇ ମଧୁବାବୁ ପେନସନ ନେବା ପାଇଁ ଉଦ୍ୟମ କରିଥିଲେ। ସ୍ଥାନୀୟ ସରପଞ୍ଚ ଅଭିଯୋଗ ପରେ ବିଡିଓ ଭତ୍ତା ବନ୍ଦ କରିଦେଇଥିଲେ। କଟକ ସଦର ବିଡିଓଙ୍କ ନିର୍ଦ୍ଦେଶରେ କନ୍ଦରପୁର ଆରଆଇ ତଦନ୍ତ କରିବା ପରେ ସମ୍ପୃକ୍ତ ବ୍ୟକ୍ତିଙ୍କ ପାରିବାରିକ ଆୟ ୩.୫ ଲକ୍ଷ ଟଙ୍କା ବୋଲି ଜଣାପଡ଼ିଲା। ଶେଷରେ ଭତ୍ତା ବନ୍ଦ ହେଲା। ମାତ୍ର ୬୦ ହଜାର ଟଙ୍କା ମଧ୍ୟରେ ଆୟ ବୋଲି ଯେଉଁ ଆରଆଇ ରିପୋର୍ଟ ଦେଇଥିଲେ ତାହା ଅସଲି କି ନକଲି ଥିଲା ତାହା ସ୍ପଷ୍ଟ ଏ ପର୍ଯ୍ୟନ୍ତ ହୋଇ ପାରିନାହିଁ। ନକଲି ରବର୍ ଷ୍ଟାମ୍ପ ଦ୍ୱାରା ବହୁ କୁଜିନେତା ସାଧାରଣ ଜନତାଙ୍କୁ ଆୟ ପ୍ରମାଣପତ୍ର ସହଜରେ ଯୋଗାଡ କରି ଦେଉଛନ୍ତି। ମାତ୍ର ଏହା ଅସଲି କି ନକଲି ତାହା ଜାଣିବା ପାଇଁ ଗରିବ ଲୋକର ସୁଯୋଗ ନାହିଁ। ଏହାଛଡା ଛଡ଼ା ଅନଲାଇନରେ ଭତ୍ତା ଆବେଦନ ବ୍ୟବସ୍ଥା ପ୍ରଚଳନ ପରେ ଆବେଦନକାରୀଙ୍କ ଆର୍ଥିକ ସ୍ୱଚ୍ଛଳ ସମ୍ପର୍କରେ ଆଉ ତଦନ୍ତ କରାଯାଉନାହିଁ। ଫଳରେ ଗରିବଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ସହାୟତା ସ୍ୱଚ୍ଛଳବର୍ଗ ବ୍ୟକ୍ତି ହଡେଇବାରେ ସକ୍ଷମ ହୋଇ ପାରିନାହାନ୍ତି। ଅଭିଯୋଗ ସମ୍ପର୍କରେ ସଦର କଟକ ଉପଜିଲାପାଳ ଦିବ୍ୟଜ୍ୟୋତି ସ୍ମୃତି ରଞ୍ଜନ ଦେଓଙ୍କୁ ପଚାରିବାରୁ ଏହା ଉପରେ ତଦନ୍ତ କରାଯିବ ବୋଲି କହିଥିଲେ।

# ତୁରନ୍ତ ଡ୍ରେନ୍ ସଫା କରିବାକୁ ନିର୍ଦ୍ଦେଶ



ଶୁକ୍ରବାର ଏସ୍‌ସିବି ମେଡିକାଲ ଆଣ୍ଡ ହସ୍ପିଟାଲ ପରିଦର୍ଶନ କରି ସମୀକ୍ଷା କରୁଛନ୍ତି ଟିମ୍।

କଟକ,୬।୬(ଶିଳ୍ପା ପ୍ରିୟଦର୍ଶିନୀ)

ସର୍ଦ୍ଦାର ବଲ୍ଲଭଭାଇ ପଟେଲ ସ୍ନାତକୋତ୍ତର ଶିଶୁ ଚିକିତ୍ସା ଅନୁଷ୍ଠାନ (ଶିଶୁଭବନ), ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ (ଏସ୍‌ସିବି), ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ପ୍ରତିଷ୍ଠାନ କେନ୍ଦ୍ର ଶୁକ୍ରବାର ପରିଦର୍ଶନ କରି ଡ୍ରେନ ସଫେଇ କାର୍ଯ୍ୟର ସମୀକ୍ଷା କରିଛନ୍ତି ସିଏମ୍‌ସି କମିଶନର ଅନାମ ପାତ୍ର, ଆମିକସ କ୍ୟୁରି (କୋର୍ଟ ମିତ୍ର) ତଥା ଆଇନଜୀବୀ ବିଜୟ ଦାସ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ। କିଛିଦିନ ହେବ ମେଡିକାଲ ସମ୍ପର୍କିତ ବିଭିନ୍ନ ସମସ୍ୟା ଓ ମୁଖ୍ୟତଃ ଡ୍ରେନେଜ ସମସ୍ୟା ସମ୍ପର୍କରେ ଖବର ପ୍ରକାଶ ପାଇବା ପରେ ଏହି ଟିମ୍ କଟକର ୩ଟି ମୁଖ୍ୟ ମେଡିକାଲର ସ୍ଥିତି ସମୀକ୍ଷା କରିଛି। ୩ଟି ମେଡିକାଲରେ ଡ୍ରେନେଜର ବହୁ ସମସ୍ୟା ଥିବା ଟିମ୍ ପରିଖିଥିଲା। ବର୍ଷା ହେଲେ ମେଡିକାଲ ପରିସରରେ ପାଣି ଜମୁଥିବା ସ୍ଥାନଗୁଡିକ ଯାଞ୍ଚ କରିଥିଲା। ଏହାସହ ମେଡିକାଲ ପରିସରରୁ ବର୍ଷା ପାଣି ନିଷ୍କାସନ ନିମନ୍ତେ କ'ଣ ବ୍ୟବସ୍ଥା କରାଯାଇଛି ସେ ନେଇ ଟିମ୍ ପଚରାଉଚରା କରିଥିଲା। ମୁଖ୍ୟତଃ ମେଡିକାଲରେ ଏଭଳି ସ୍ଥିତି ଥିବାରୁ ଟିମ୍ ଅସନ୍ତୋଷ ପ୍ରକାଶ କରିଥିଲା। ମେଡିକାଲରେ ବର୍ତ୍ତମାନ ଡ୍ରେନେଜ ସମସ୍ୟା ନେଇ କ'ଣ କାମ କରାଯାଇଛି ଏବଂ ଆଗାମୀ ଦିନରେ କ'ଣ କରାଯିବ, ସେ ନେଇ ଆଗାମୀ ତାରିଖରେ ହାଇକୋର୍ଟରେ ସିଏମ୍‌ସି କର୍ତ୍ତୃପକ୍ଷ ଦର୍ଶାଇବେ ବୋଲି ସମୀକ୍ଷା ସମୟରେ ସୂଚନା ମିଳିଛି। ସମୀକ୍ଷା ପରେ ସମସ୍ତ ଡ୍ରେନ୍ ତୁରନ୍ତ ସଫା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏ ନେଇ ସିଏମ୍‌ସି କମିଶନର ଅନାମ ପାତ୍ର କହିଛନ୍ତି ଯେ, ଶିଶୁଭବନ ପରିସରରେ ଥିବା ଡ୍ରେନ୍‌କୁ ସଫା କରାଯିବ ସହ ଚାନ୍ଦିନୀଚୌକ ଅଞ୍ଚଳରେ ଜବରଦଖଲ ଉଚ୍ଛେଦ କରାଯିବ ଏବଂ ମୁଖ୍ୟ ଡ୍ରେନ୍‌କୁ ସଫା କରାଯିବ। ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରର ସମସ୍ତ ସ୍ଥାନ ପରିଦର୍ଶନ କରିବା ସହ ଡ୍ରେନ୍ ସଫେଇ କାର୍ଯ୍ୟର ତଦାରଖ କରାଯାଇଛି। ଅନ୍ୟପଟେ ଏସ୍‌ସିବିରେ ଡ୍ରେନ୍ ସଫେଇ ଜାରି ରହିଛି ଏବଂ ମୁଖ୍ୟତଃ ଶବ ବ୍ୟବଚ୍ଛେଦ

**ଶିଶୁଭବନ, ଏସ୍‌ସିବି, ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରରେ ଡ୍ରେନ୍‌ର ସ୍ଥିତି ସମୀକ୍ଷା କଲା ଟିମ୍**

ଗୃହ ନିକଟରେ ଯେପରି ପାଣି ନ ଜମିବ ସେ ନେଇ ବ୍ୟବସ୍ଥା କରାଯିବ। ଯଦିଓ ପାଣି ଜମେ ତେବେ ଏହାକୁ ତୁରନ୍ତ ନିଷ୍କାସନ କରାଯିବ ବୋଲି ପାତ୍ର କହିଛନ୍ତି। ସମୀକ୍ଷା ସମୟରେ ଶିଶୁଭବନ ଅଧୀକ୍ଷକ ପ୍ରଫେସର ଡା. ପ୍ରଭାକର ମିଶ୍ର, ଏସ୍‌ସିବି ମେଡିକାଲ ଭାରପ୍ରାପ୍ତ ଅଧୀକ୍ଷକ ପ୍ରଫେସର ଡା. ଗୌତମ ଶତପଥୀ, ମେଡିକାଲର କୁଳସଚିବ ସୁବାସ ରାଏ, ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ର ନିର୍ଦ୍ଦେଶକ ଦୀପକ ରାଉତାୟ ଓ ଅନ୍ୟାନ୍ୟ ବିଭାଗର ଅଧିକାରୀ ଓ ଯନ୍ତ୍ରୀ ଉପସ୍ଥିତ ଥିଲେ।

ସୂଚନାଥାଉକି, ଶିଶୁଭବନ, ଏସ୍‌ସିବି ଓ ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରରେ ଡ୍ରେନ ସଫା ଠିକ୍ ଭାବେ ହେଉନି। ଫଳରେ ସାମାନ୍ୟ ବର୍ଷା ହେଲେ ମେଡିକାଲ ପରିସରରେ ପାଣି ଜମୁଛି। ଏପରି କି ଗତବର୍ଷ ମଧ୍ୟ ବର୍ଷା ଋତୁରେ ମେଡିକାଲରେ ପାଣି ଜମି ଲହଡ଼ି ଭାଙ୍ଗୁଥିବା ଦୃଶ୍ୟ ନଜରକୁ ଆସିଥିଲା। ଏଭଳି ସ୍ଥିତି ଉପୁଜିବାରୁ ମେଡିକାଲକୁ ଆସୁଥିବା ଶତାଧିକ ରୋଗୀ ଓ ସମ୍ପର୍କୀୟ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି।

## 'ପ୍ରଚଣ୍ଡ ସ୍ୱାଭିମାନୀ ଥିଲେ ଦୀପକ ଦେ'

କଟକ,୬।୬(କାର୍ତ୍ତିକ ସାହୁ)

କଟକ ମହାନଗର ନାଗରିକ ମହାସଭା ଆନୁକୂଲ୍ୟରେ ରାଜନେତା ତଥା ଆଇନଜୀବୀ ଦୀପକ ଦେଙ୍କ ବିୟୋଗରେ ବାଖରାବାଦସ୍ଥ ଗାନ୍ଧିଭବନଠାରେ ଏକ ଶୋକସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ଡା. ରବି ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ସ୍ୱର୍ଗତ ଆତ୍ମାଙ୍କ ସଦ୍‌ଗତି କାମନା କରି ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଦୀପକ ଦେ ପ୍ରଚଣ୍ଡ ସ୍ୱାଭିମାନୀ ଓ ବିପ୍ଲବୀ ଭାବେ ସବୁ ମହଲରେ ପରିଚିତ ଥିଲେ। ଅଣ କଂଗ୍ରେସ ରାଜନୀତିର ସେ ଥିଲେ ଅନ୍ୟତମ ବାର୍ତ୍ତାବହ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ। ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ଚିତ୍ତରଞ୍ଜନ ମହାନ୍ତି, ପ୍ରତାପ ଶତପଥୀ, ଜୟନ୍ତ ବିଶ୍ୱାଳ, ଜ୍ୟୋତ୍ସ୍ନା ପାଣି, ରଞ୍ଜନ ମିତ୍ର, ଧର୍ମେଶ ନାୟକ, କୃଷ୍ଣକେଶବ ମିଶ୍ର, ବଳରାମ ମହାନ୍ତି, ପ୍ରକାଶ ଦାଶ, ପ୍ରଫୁଲ୍ଲ ବେହେରା, ମନୋରଞ୍ଜନ ମିଶ୍ର, ପଦ୍ମଲୋଚନ ମିଶ୍ର, ଦୀପ୍ତିରଞ୍ଜନ ପଣ୍ଡା ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଓଡ଼ିଆ ଅସ୍ମିତାର ବାର୍ତ୍ତାବହ ବିନୋଦ କାନୁନ୍‌ଗୋ



ସତୀଚଉରାଠାରେ ଅନୁଷ୍ଠିତ ପଦ୍ମଶ୍ରୀ ବିନୋଦ କାନୁନ୍‌ଗୋଙ୍କ ଜୟନ୍ତୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

କଟକ,୬।୬(କାର୍ତ୍ତିକ ସାହୁ)

ଓଡ଼ିଆ ଭାଷାକୋଷ ଜ୍ଞାନମଣ୍ଡଳର ରଚୟିତା ସ୍ୱାଧୀନତା ସଂଗ୍ରାମୀ ପଦ୍ମଶ୍ରୀ ବିନୋଦ କାନୁନ୍‌ଗୋଙ୍କ ୧୧୪ତମ ଜୟନ୍ତୀ ସତୀଚଉରାଠାରେ ଶୁକ୍ରବାର ପାଳିତ ହୋଇଯାଇଛି। ବିନୋଦ କାନୁନ୍‌ଗୋ ଓଡ଼ିଆ ଅସ୍ମିତାର ବାର୍ତ୍ତାବହ। ସେ ଶିଶୁ ସାହିତ୍ୟକୁ ନୂଆଧାରା ଦେଇଥିଲେ। ନିରକ୍ଷରତା ଓ ଅଜ୍ଞତା ବିରୋଧରେ ନିରନ୍ତର ସଂଗ୍ରାମ ଚଳାଇଥିଲେ। ଏକ ସମ୍ବେଦନଶୀଳ, ଅନୁଭୂତି ସ୍ୱପ୍ନ ଓ ମାନବବାଦୀ ଚିନ୍ତାଧାରାର ସେ ଥିଲେ ବାହକ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ। ସତୀଚଉରା ଶ୍ମଶାନଠାରେ ଥିବା ସ୍ମୃତିସ୍ତମ୍ଭଠାରେ ଡା. ରବି ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସିଏମ୍‌ସି ମେୟର ସୁବାସ ସିଂଙ୍କ ସମେତ ଡ. ବାବାଜୀ ପଟ୍ଟନାୟକ, ପ୍ରଶାନ୍ତ ଦାସ, ସମରେନ୍ଦ୍ର ଘୋଷ, ଶ୍ୟାମସୁନ୍ଦର ସାହୁ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ନଳିନୀପ୍ରଭା ନାୟକ ଧନ୍ୟବାଦ ଦେଇଥିଲେ।

## 'ଓଡ଼ିଶୀ ନୃତ୍ୟର ମହନୀୟତା ରହିଛି'




ନଟନ ଉତ୍ସବ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

କଟକ,୬।୬(ଶିଳ୍ପା ପ୍ରିୟଦର୍ଶିନୀ)

ନଟସୂତ୍ର ରିସର୍ଚ୍ଚ ପବ୍ଲିକ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ନଟନ ଉତ୍ସବ ଶତାବ୍ଦୀ ଭବନରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପଦ୍ମଶ୍ରୀ କୁମ୍‌କୁମ ମହାନ୍ତି ଉତ୍ସବ ଉଦ୍‌ଘାଟନ କରି ଓଡ଼ିଶୀ ନୃତ୍ୟର ମହନୀୟତା ରହିଛି ବୋଲି କହିଥିଲେ। ପ୍ରିୟରଞ୍ଜନ ଦାସଙ୍କ ମାର୍ଗଦର୍ଶନ ଏବଂ ନୃତ୍ୟ ଗବେଷିକା ସୁଜ୍ଞାନୀ ମହାପାତ୍ରଙ୍କ ପ୍ରଚେଷ୍ଟାରେ ପରିଚାଳନାରେ ଶତାଧିକ ନୃତ୍ୟ ପରିବେଷଣ ହୋଇଥିଲା। ନୃତ୍ୟ ଗୁରୁ ଆଶିଷ କୁମାର ଦାସଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ରୂପେ ଓରମାସ୍‌ର ଯୁଗ୍ମ ନିର୍ଦ୍ଦେଶକ ବିପିନ ବିହାରୀ ରାଉତ ବିଶ୍ୱରେ ଓଡ଼ିଶା ନୃତ୍ୟର ପ୍ରତିଷ୍ଠାରେ କଟକ ସହରର ପ୍ରମୁଖ ଅବଦାନ ରହିଛି ବୋଲି କହିଥିଲେ। ମୁଖ୍ୟବକ୍ତା ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ନଟନ ଶବ୍ଦର ନାଟ୍ୟଶାସ୍ତ୍ର ସହିତ ସମ୍ପର୍କ ରହିଛି ବୋଲି କହିଥିଲେ। ଗୁରୁ ସୁଜ୍ଞାନୀ ମହାପାତ୍ର ଏବଂ ଗୁରୁ ସସ୍ମିତା ପଣ୍ଡାଙ୍କ ନିର୍ଦ୍ଦେଶନାରେ ନଟସୂତ୍ର ରିସର୍ଚ୍ଚ ପବ୍ଲିକ ଚାରିଟେବୁଲ ଟ୍ରଷ୍ଟ ଏବଂ ଓଡ଼ିଶୀ ନୃତ୍ୟ ମଣ୍ଡଳର ଶିଳ୍ପୀମାନେ ଦୀପମଜ୍ୟୋତି ପରମବ୍ରହ୍ମ, ଓ ରୂପା ପାଲିଙ୍କ ନୃତ୍ୟ କ୍ରମରେ ମେଘ ପଲ୍ଲବୀ, ବିଶେଷ ନୃତ୍ୟ କ୍ରମରେ ବର୍ଷାରାଣୀ ଆ' ନୃତ୍ୟ ରୂପକ ଏବଂ ଶେଷରେ ସମ୍ବଲପୁରୀ ନୃତ୍ୟ ପରିବେଷଣ ହୋଇଥିଲା। ରାଜୀବ କୁମାର ଷଡ଼ଙ୍ଗୀ ସ୍ୱାଗତ ଭାଷଣ ଏବଂ ଏନ. କାଜଲ ରାଓ, ସ୍ନେହାଞ୍ଜଳୀ ଓ ପ୍ରତୀକ୍ଷା ମିତ୍ର ମଞ୍ଚ ପରିଚାଳନା କରିଥିଲେ।

## ପ୍ଲାଷ୍ଟିକମୁକ୍ତ ପରିବେଶ ଉପରେ ଗୁରୁତ୍ୱ

ଚୌଦ୍ୱାର,୬।୬(ଆଶୁତୋଷ ଦାସ)

ଚୌଦ୍ୱାରସ୍ଥିତ ଇମ୍ଫା ଶିଳ୍ପ ଗୋଷ୍ଠୀ ପକ୍ଷରୁ ଚଳିତବର୍ଷ ବିଶ୍ୱ ପରିବେଶ ଦିବସ ଏକ ମାସ ଧରି ପାଳନ କରାଯାଉଛି। ଏହି ଅବସରରେ ଶିଳ୍ପ କର୍ମଚାରୀ ଓ ଶ୍ରମୀକମାନଙ୍କ ମଧ୍ୟରେ ପରିବେଶ ସଚେତନତା ବୃଦ୍ଧି ପାଇଁ ବିଭିନ୍ନ ପ୍ରତିଯୋଗିତା ଏବଂ ପ୍ରଶିକ୍ଷଣ ଆୟୋଜିତ ହୋଇଥିଲା। ପାୱାର ପ୍ଲାଣ୍ଟ ପରିଚାଳନା ମୁଖ୍ୟ ଲଲାଟ କିଶୋର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରି ପ୍ଲାଷ୍ଟିକମୁକ୍ତ ପରିବେଶ ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଉତ୍ସବରେ ବାୟୁ ପ୍ରଦୁଷଣ ବିଷୟରେ ଏକ ଆଲୋଚନାଚକ୍ର, ଶ୍ରମିକମାନଙ୍କ ପାଇଁ 'ମୋ କାର୍ଯ୍ୟକ୍ଷେତ୍ର ଏବଂ ମୁଁ 'ବକ୍ତବ୍ୟ ପ୍ରତିଯୋଗିତା, ପାନୀୟ ଜଳ ପ୍ରଶିକ୍ଷଣ, ପ୍ରଶ୍ନ ଓ ଉତ୍ତର ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ କରାଯାଇ ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ବ୍ୟାପକ ଚାରାରୋପଣ କରାଯାଇଥିଲା। ପରିବେଶ ବିଭାଗ ମୁଖ୍ୟ ଶୁକଦେବ ସାହୁ କାର୍ଯ୍ୟକ୍ରମ ପରିଚାଳନା କରି ସମସ୍ତ ଅତିଥି ଓ ଅଂଶଗ୍ରହଣକାରୀଙ୍କୁ ପରିବେଶ ସୁରକ୍ଷା ଉପରେ ଶପଥପାଠ କରାଇଥିଲେ।

## 'ସନାତନ ଧର୍ମ, ସଂସ୍କୃତିର ପ୍ରଚାର କରୁଛି ରାମଲୀଳା'

କଟକ,୬।୬(କାର୍ତ୍ତିକ ସାହୁ)

କଟକ ମହାନଗର ନିଗମ ଅନ୍ତର୍ଗତ ୱାର୍ଡ ନଂ. ୫୭ସ୍ଥିତ ମଦନ ମୋହନ ରାମଲୀଳା ପ୍ରଚାର ପ୍ରସାର ସମିତି ଆନୁକୂଲ୍ୟରେ ତିନିଦିନ ବ୍ୟାପି ରାମଲୀଳା ଉତ୍ସବ ପାଳିତ ହୋଇଛି। ପ୍ରଥମ ରଜନୀରେ ମା' ଧାକୁଲେଇ ପ୍ରଚାର ସମିତି ଦ୍ୱାରା ରାମ ବନବାସ, ୨ୟ ରଜନୀରେ ମା' ବିମଳା ରାମଲୀଳା ପ୍ରଚାର ସମିତି ଦ୍ୱାରା କୁମ୍ଭକର୍ଣ୍ଣ ବଧ ଏବଂ ଅନ୍ତିମ ରଜନୀରେ ଗୋପାଳପୁର ଭୂଇଁପୁର ସାହି ଶ୍ରୀ ଶ୍ରୀ ମଦନ ମୋହନ ରାମଲୀଳା ପ୍ରଚାର ପ୍ରସାର ସମିତି ପକ୍ଷରୁ ପ୍ରଭୁ ଶ୍ରୀ ମର୍ଯ୍ୟାଦା ପୁରୁଷୋତ୍ତମ କଥାମୃତ ଆଧାରିତ ଲୀଳା ମହିରାବଣ ବଧ ପରିବେଷଣ ହୋଇଥିଲା। ସିଏମ୍‌ସି ମେୟର ସୁବାସ ସିଂ, କର୍ପୋରେଟର ପୂର୍ଣ୍ଣିମା ସ୍ୱାଇଁ, ସଦର ଥାନା ଭାରପ୍ରାପ୍ତ ଅଧିକାରୀ ଓମ ପ୍ରକାଶ ମହାନ୍ତି, ଜୋନ -୪ ଏସିପି ଅମିତାଭ ମହାପାତ୍ର, ଏସିପି ଇନଚାର୍ଜ ଲାଲବାଗ ଥାନାର ଭାରପ୍ରାପ୍ତ ଅଧିକାରୀ ସୁଧାଂଶୁ ଭୂଷଣ ଜେନା, ଆଡ୍‌ଭୋକେଟ ଅନ୍ନପୂର୍ଣ୍ଣା ସାହୁ, ସାମାଜିକ କର୍ମୀ ସୁଶାନ୍ତ ପାତ୍ର, ସାମାଜିକ କର୍ମୀ ପ୍ରଶାନ୍ତ ମହାରଣା, ସାମାଜିକ କର୍ମୀ ରଞ୍ଜନ ପାଳ ପ୍ରମୁଖ ଅତିଥି ଭାବେ ଯୋଗଦେଇ ରାମଲୀଳା ସନାତନ ଧର୍ମ, ସଂସ୍କୃତି ପ୍ରଚାର ପ୍ରସାର କରିବା ଦିଗରେ ମତ ରଖିଥିଲେ। ଅନୁଷ୍ଠାନର ସଭାପତି ନିଖିଳ ରଞ୍ଜନ ଲେଙ୍କା, ସମ୍ପାଦକ ଲୋକନାଥ ନାୟକ ଓ ଉପଦେଷ୍ଟା ଲକ୍ଷ୍ମୀନାରାୟଣ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କଟକ ଜିଲା ଭାଜପା ପକ୍ଷରୁ କର୍ମଶାଳା

କଟକ,୬।୬(ଶିଳ୍ପା ପ୍ରିୟଦର୍ଶିନୀ)

କେନ୍ଦ୍ର ସରକାରଙ୍କ ତୃତୀୟ ପାଳିର ପ୍ରଥମ ବର୍ଷ ଓ ରାଜ୍ୟରେ ଭାଜପା ସରକାରଙ୍କ ୧ବର୍ଷ ପୂରଣ ଅବସରରେ ଶୁକ୍ରବାର କଟକ ଜିଲା ଭାଜପା ପକ୍ଷରୁ ଏକ କର୍ମଶାଳା ଟାଉନ ହଲଠାରେ ଅନୁଷ୍ଠିତ ହୋଇଯାଇଛି। ଭାଜପା କଟକ ଜିଲା ସଭାପତି ସୁକାନ୍ତ ବିଶ୍ୱାଳଙ୍କ ନେତୃତ୍ୱରେ ଜିଲାର ୩୭ଟି ମଣ୍ଡଳର ମଣ୍ଡଳ ସଭାପତି ତଥା ପ୍ରତ୍ୟେକ ମଣ୍ଡଳର ୩ଜଣ ସଂଯୋଜକ ଓ ସହସଂଯୋଜକ ଏବଂ ଜିଲା ପଦାଧିକାରୀମାନେ ଯୋଗ ଦେଇ ଭାଜପା ସରକାରର ସମସ୍ତ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିବା ସହ ଆଗାମୀ ଦିନରେ ହେବାକୁ ଥିବା କାର୍ଯ୍ୟ ବିଷୟରେ ଆଲୋଚନା କରାଯାଇଥିଲା । ତେବେ ମୋଦି ସରକାର ଗରିବ କଲ୍ୟାଣ, କୃଷି ସୁଧାର, ମହିଳା ସଶକ୍ତିକରଣ ଓ ରାଷ୍ଟ୍ରୀୟ ସୁରକ୍ଷା ସହିତ ଯୁବବର୍ଗଙ୍କ ନିମନ୍ତେ ଡିଜିଟାଲ ଇଣ୍ଡିଆ, ଷ୍ଟାଟଅପ ଇଣ୍ଡିଆରେ ସରକାର ନିର୍ବାଚନ ପୂର୍ବରୁ ଦେଇଥିବା ଇସ୍ତାହାରର ମଧ୍ୟରୁ ଅଧିକାଂଶ ପ୍ରତିଶ୍ରୁତି ପାଳନ କରିଥିବାବେଳେ ଏଥିମଧ୍ୟରୁ ସୁଭଦ୍ରା ଯୋଜନା ଅନ୍ୟତମ ବୋଲି ସୁକାନ୍ତ ବିଶ୍ୱାଳ କହିଛନ୍ତି। କର୍ମଶାଳାରେ ବରିଷ୍ଠ ଭାଜପା ନେତା ନୟନ କିଶୋର ମହାନ୍ତି, ଲଲାଟେନ୍ଦୁ ବସ୍ତୁ, ନମିତା ମିଶ୍ର, ବିଶ୍ୱରଞ୍ଜନ ମିଶ୍ର, ଭାଗୀରଥ ଦଳାଇ, ରଶ୍ମିରେଖା ଦାସ, ସ୍ମୃତି ରଞ୍ଜନ ମିଶ୍ର, ସୁରଜ ଦାସ, ଶୁଭମ ସ୍ୱାଇଁ, ଶୁଭେନ୍ଦୁ ପାତ୍ର, ପୂର୍ଣ୍ଣବାସୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



କଟକ ଜିଲା ଭାଜପା ପକ୍ଷରୁ ଆୟୋଜିତ କର୍ମଶାଳାରେ ଉପସ୍ଥିତ ଭାଜପା ନେତୃମଣ୍ଡଳୀ।

## 'ପୂର୍ବ ଉପକୂଳର ସମୃଦ୍ଧ ବନ୍ଦର ଥିଲା ଚେଳିତୋଳ'

କଟକ,୬।୬(କାର୍ତ୍ତିକ ସାହୁ)




ଚେଳିତୋଳ କଲଚରାଲ ଏକାଡେମୀର ବାର୍ଷିକ ଉତ୍ସବରେ ରଞ୍ଜିତା ନାୟକଙ୍କୁ 'ଚେଳିତୋଳ ପୁରସ୍କାର' ପ୍ରଦାନ କରାଯିବା ଅବସରରେ ଉପସ୍ଥିତ ଅତିଥି।

**ଚେଳିତୋଳ କଲଚରାଲ ଏକାଡେମୀର ୩୪ତମ ବାର୍ଷିକ ଉତ୍ସବ**

**ରଞ୍ଜିତା ନାୟକ ପାଇଲେ 'ଚେଳିତୋଳ ପୁରସ୍କାର'**

ଚେଳିତୋଳ କଲଚରାଲ ଏକାଡେମୀର ୩୪ତମ ବାର୍ଷିକ ଉତ୍ସବ ସାରଳା ଭବନଠାରେ ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଆଧ୍ୟାତ୍ମିକ ଗୁରୁ ପଦ୍ମଶ୍ରୀ ଶ୍ରୀମଦ୍ ବାବା ବଳିଆ ଉତ୍ସବ ଉଦ୍‌ଘାଟନ କରି କହିଲେ, ଚେଳିତୋଳ ଅତୀତ ଐତିହ୍ୟର ପ୍ରତୀକ। ଆମ ନୌବାଣିଜ୍ୟ ପରଂପରା ଅତୀବ ପ୍ରାଚୀନ। ଚେଳିତୋଳ ବା ଆଧୁନିକ ତିର୍ତ୍ତୋଲ ପୂର୍ବ ଉପକୂଳର ଏକ ସମୃଦ୍ଧ ବନ୍ଦର ଥିଲା।

ଏହି ଅବସରରେ କବୀ ପ୍ରଫେସର ଡ. ରଞ୍ଜିତା ନାୟକଙ୍କୁ ଚଳିତ ବର୍ଷର ଚେଳିତୋଳ ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରସ୍କାର ସ୍ୱରୂପ ୨୫ ହଜାର ଟଙ୍କାର ଅର୍ଥରାଶି, ମାନପତ୍ର ଓ ଉତ୍ତରୀୟ ଦିଆଯାଇଥିଲା। ଏଥିସହ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ପାଇଁ ସାମାଜିକ କର୍ମୀ ଅଶୋକ କୁମାର ମହାନ୍ତିଙ୍କୁ ନାରାୟଣ ବୀରବର ସାମନ୍ତ ସେବା ସମ୍ମାନ ସହିତ ୧୦ ହଜାର ଟଙ୍କାର ଅର୍ଥରାଶି, ଡାକ୍ତର ପ୍ରସେନଜିତ୍ ମହାନ୍ତିଙ୍କୁ ବିଷ୍ଣୁପ୍ରିୟା ଦେବୀ ସେବା ସମ୍ମାନ, ଶିକ୍ଷାବିତ ଡ. ପ୍ରଭୁ ଚରଣ ମହାନ୍ତିଙ୍କୁ ଚେଳିତୋଳ ଶିକ୍ଷାବିତ୍ ସମ୍ମାନ, କବି ପୀତାମ୍ବର ତରାଇଙ୍କୁ ଆଦିକବି ସାରଳା ଦାସ ସାରସ୍ୱତ ସମ୍ମାନ, ଗୀତିକବି ଅରୁଣ କୁମାର ମନ୍ତ୍ରୀଙ୍କୁ ଚେଳିତୋଳ ଗୀତିକବିତା ସମ୍ମାନ, ସାରସ୍ୱତ ସାଧକ ରଞ୍ଜନ କୁମାର ପଣ୍ଡାଙ୍କୁ ଚେଳିତୋଳ ସାରସ୍ୱତ ସମ୍ମାନ, ଇଂ. ଶ୍ରୀବତ୍ସ ପ୍ରସାଦ ଚଇନିଙ୍କୁ ଚେଳିତୋଳ ଯାନ୍ତ୍ରିକ ସମ୍ମାନ, କବୀ କାନ୍ତିବାଳା ନାୟକଙ୍କୁ ନୀନା ଗଚ୍ଛାୟତ ସେବା ସମ୍ମାନ, ଅଧ୍ୟାପିକା ରାଜଶ୍ରୀ ନାୟକଙ୍କୁ କୃଷ୍ଣଚନ୍ଦ୍ର ତ୍ରିପାଠୀ ଶିକ୍ଷାବିତ୍ ସମ୍ମାନ, ସାମାଜିକ କର୍ମୀ ଚିତ୍ତ ରଞ୍ଜନ ପରିଜାଙ୍କୁ ରାଜ କିଶୋର ସ୍ୱାଇଁ ସେବା ସମ୍ମାନ, ସାମାଜିକ କର୍ମୀ ଅବନୀ କୁମାର କାନୁନଗୋଙ୍କୁ ମାଧବାନନ୍ଦ ପରିଜା ସେବା ସମ୍ମାନ, କୃଷିବତ୍ ପ୍ରେମଚନ୍ଦ୍ର ରାଉତଙ୍କୁ ରାମଚନ୍ଦ୍ର ଦଳାଇ କୃଷି ସେବା ସମ୍ମାନ, କେଶବ ଚନ୍ଦ୍ର ଦଳାଇଙ୍କୁ ଜେନାମଣି ସାରସ୍ୱତ ସମ୍ମାନ, ଅଶୋକ କୁମାର ଲେଙ୍କାଙ୍କୁ ବସନ୍ତ ପୃଷ୍ଟି ସମ୍ମାନ, ବିଦ୍ୟାର୍ଥୀ ସୁଶ୍ରୀ ଇତିଶ୍ରୀ ସୁତାରଙ୍କୁ ଭଗବାନ ଶତପଥି ପୁରସ୍କାରରେ ୧୦ ହଜାର ଟଙ୍କାର ଅର୍ଥରାଶି ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଏକାଡେମୀର ସଭାପତି ପ୍ରଫେସର ଡା. ନିମାଇଁ ଚରଣ ପରିଜା ପ୍ରାରମ୍ଭିକ ସୂଚନା, ପ୍ରଫେସର ନିରଞ୍ଜନ ତ୍ରିପାଠୀ ସ୍ୱାଗତ ଭାଷଣ ଓ ସମ୍ପାଦକ କୈଳାସ ଚନ୍ଦ୍ର ଦଳାଇ ବିବରଣୀ ପାଠ କରିଥିଲେ। ସଂଜିତ ପଟ୍ଟନାୟକ ମାନପତ୍ର ପାଠ ଓ ବିଭୁ ପ୍ରସାଦ ପୃଷ୍ଟି ଧନ୍ୟବାଦ ଦେଇଥିଲେ।

# କାର୍ଯ୍ୟରେ ଯୋଗଦେଲେ ଭଦ୍ରକର ନୂତନ ଏସ୍‌ପି




ଭଦ୍ରକର ପୂର୍ବତନ ଏସ୍‌ପି ମଡ଼କର ସନ୍ଦୀପ ସମ୍ପଦଙ୍କଠାରୁ କାର୍ଯ୍ୟଭାର ଗ୍ରହଣ କରୁଛନ୍ତି ନୂତନ ଏସ୍‌ପି ମନୋଜ ରାଉତ।

**ଭଦ୍ରକ,୬ା୬(ସନାତନ ରାଉତ)**

ଭଦ୍ରକର ନୂତନ ଏସ୍‌ପି ଭାବେ ମନୋଜ କୁମାର ରାଉତ ଶୁକ୍ରବାର ପୂର୍ବାହ୍ନରେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏସ୍‌ପି ମଡ଼କର ସନ୍ଦୀପ ସମ୍ପଦଙ୍କ ନବରଙ୍ଗପୁର ବଦଳି ହୋଇଥିବା ବେଳେ ତାଙ୍କଠାରୁ ସେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଭଦ୍ରକରେ କୋଇଲା ଚୋରା ଚାଲାଣ, ବ୍ରାଉନସୁଗାର, ବେଆଇନ ଗୋଚାଲାଣ, ଚୋରି, ଡକାୟତି, ଛିନ୍‌ତାଇ ବଢ଼ିବା ସହ ଆଇନଶୃଙ୍ଖଳା ପରିସ୍ଥିତି ଉତ୍କଟ ରହିଥିଲା। ଭଦ୍ରକ ଭଳି ଏକ ସମ୍ବେଦନଶୀଳ ଜିଲାରେ ମନୋଜ ରାଉତଙ୍କ ପରି ଜଣେ ଦକ୍ଷ ପୋଲିସ ଅଧିକାରୀଙ୍କୁ ଜିଲାବାସୀ ଚାହୁଁଥିଲେ। ସେ ପୂର୍ବରୁ ଭଦ୍ରକ ଟାଉନ ଥାନା, ଗ୍ରାମାଞ୍ଚଳ ଥାନା, ଆଗରପଡ଼ା, ତିହିଡ଼ି, ଭଣ୍ଡାରିପୋଖରୀ ଆଦି ବିଭିନ୍ନ ଥାନାରେ ଇନ୍ସପେକ୍ଟର ଭାବେ କାର୍ଯ୍ୟ କରିଥିଲେ। ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ୩ ଦିନ ତଳେ ଜଣେ ଯୁବକଙ୍କୁ ଗୋମାଫିଆଙ୍କ ଆକ୍ରମଣ ଓ ଭଦ୍ରକର ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ଡିଜିପିଙ୍କୁ ଭୁବନେଶ୍ୱର କାର୍ଯ୍ୟାଳୟରେ ଭେଟି ଆଲୋଚନା କରିଥିଲେ। ଏହାପରେ ଏସ୍‌ପି ମଡ଼କରଙ୍କୁ ବଦଳି କରାଯାଇ ମନୋଜ ରାଉତଙ୍କୁ ଦାୟିତ୍ୱ ଦିଆଯାଇଥିବା ଆଲୋଚନା ହେଉଛି। ଭଦ୍ରକରେ ଶାନ୍ତିପୂର୍ଣ୍ଣ ବାତାବରଣ ବଜାୟ ରହିବା ପାଇଁ ଏସ୍‌ପି ରାଉତ ଜିଲାବାସୀଙ୍କ ସହଯୋଗ କାମନା କରିଛନ୍ତି। ଅପରାଧମୁକ୍ତ ସମାଜ ସୃଷ୍ଟି କରିବା ଓ କୋର୍ ପୋଲିସ ୱାର୍କ ଉପରେ ଗୁରୁତ୍ୱ ଦିଆଯିବ ବୋଲି ସେ କହିଛନ୍ତି।

# ରାଜ୍ୟର ୭ ଜିଲାକୁ ଛୁଇଁଲା କରୋନା

## ସଂକ୍ରମିତଙ୍କ ସଂଖ୍ୟା ୩୮କୁ ବୃଦ୍ଧି

**ଭୁବନେଶ୍ୱର,୬ା୬(ବନ୍ଦନା ସେଠୀ)**

ରାଜ୍ୟରେ ଦିନକୁ ଦିନ କରୋନା ସଂକ୍ରମଣ ବଢ଼ି ଚାଲିଛି। ଇତି ମଧ୍ୟରେ ୭ଟି ଜିଲାକୁ ସଂକ୍ରମଣ ବ୍ୟାପିଗଲାଣି। ପୂର୍ବରୁ ଖୋର୍ଦ୍ଧା ଓ କଟକ ଜିଲାରୁ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ଏବେ ପୁରୀ, ଜଗତ୍‌ସିଂହପୁର, କେନ୍ଦୁଝର, ସୁନ୍ଦରଗଡ଼ ଏବଂ ବାଲେଶ୍ୱର ଜିଲାରୁ ଜଣେ ଲେଖାଏ କୋଭିଡ୍ ପଜିଟିଭ୍ ବାହାରିଛନ୍ତି। ଏହି ନୂଆ ଆକ୍ରାନ୍ତଙ୍କୁ ମିଶାଇ ରାଜ୍ୟରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୮କୁ ବୃଦ୍ଧି ପାଇଛି। ଏମାନଙ୍କ ମଧ୍ୟରୁ ସର୍ବାଧିକ ରୋଗୀ ଖୋର୍ଦ୍ଧା ଜିଲାରୁ ରହିଛନ୍ତି। ଏହାସତ୍ତ୍ୱେ ରାଜ୍ୟରେ କରୋନା ସ୍ଥିତି ନିୟନ୍ତ୍ରଣାଧୀନ ରହିଥିବା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର ସୂଚନା ଦେଇଛନ୍ତି। ପ୍ରତିଦିନ କିଛି କିଛି ରୋଗୀ ଚିହ୍ନଟ ହେଉଛନ୍ତି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଜୁନ୍ ୬ ପର୍ଯ୍ୟନ୍ତ ରାଜ୍ୟରେ ମୋଟ୍ ୭୫୫ ଜଣଙ୍କର ସାମ୍ପଲ ଟେଷ୍ଟ ହୋଇଥିବାବେଳେ ସେଥିରୁ ୩୮ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେହିପରି ସଂକ୍ରମିତଙ୍କ ମଧ୍ୟରୁ ୯ଜଣ ସୁସ୍ଥ ହୋଇ ସାରିଥିବାବେଳେ ଅନ୍ୟମାନେ ସଙ୍ଗରୋଧରେ ରହିଛନ୍ତି ଏବଂ କେହି ଗୁରୁତର ନ ଥିବା ସୂଚନା ଦିଆଯାଇଛି। କରୋନାକୁ ନେଇ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ସହିତ ଯୋଗାଯୋଗରେ ଅଛନ୍ତି। ଆବଶ୍ୟକ ପଡିଲେ ମାର୍ଗଦର୍ଶିକା ଜାରି କରାଯାଇପାରେ। ତେବେ ଏନେଇ ଏଯାବତ କେନ୍ଦ୍ର ସରକାରଙ୍କ ପକ୍ଷରୁ କିଛି ପରାମର୍ଶ ଆସିନାହିଁ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।

# କରୋନା ଲକ୍ଷଣ ଥିଲେ ରଥଯାତ୍ରାକୁ ଯାଆନି: ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

**ଭୁବନେଶ୍ୱର,୬ା୬(ବନ୍ଦନା ସେଠୀ)**

ରାଜ୍ୟରେ ବଢୁଥିବା କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଆଗାମୀ ରଥଯାତ୍ରା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସତର୍କ କରାଯାଇଛି। ବ୍ୟକ୍ତିଙ୍କଠାରେ କରୋନା ଲକ୍ଷଣ ଯଥା ଥଣ୍ଡା, କାଶ, ଜ୍ୱର, ଛିଙ୍କ ଆଦି ଥିଲେ ରଥଯାତ୍ରା ଦେଖିବାକୁ ନ ଯିବାକୁ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଅମରେନ୍ଦ୍ର ନାଥ ମହାନ୍ତି ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି, ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରାରେ ଅତି କମ୍‌ରେ ୮ରୁ ୧୦ଲକ୍ଷ ଲୋକଙ୍କ ସମାଗମ ହୋଇଥାଏ। କୋଭିଡ୍ ବର୍ତ୍ତମାନ ସୁଦ୍ଧା ନିୟନ୍ତ୍ରଣାଧୀନ ରହିଥିବାବେଳେ ସଂକ୍ରମଣ ଅଧିକ ହୋଇନାହିଁ। ତେବେ ଏଥିପାଇଁ ଆମେ ଲଗାମଛଡା ହୋଇଯିବା ଆଦୌ ଉଚିତ ନୁହେଁ। ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କଲେ ଆଗକୁ ବିପଦ ଆସିବ ନାହିଁ। ତେଣୁ ରଥଯାତ୍ରାକୁ ଯାଉଥିବା ବ୍ୟକ୍ତିମାନେ କରୋନାର ସାଧାରଣ ପ୍ରତିଷେଧକ ବ୍ୟବସ୍ଥା ଯଥା ହାତ ଧୋଇବା, ମାସ୍କ ପିନ୍ଧିବା ଆଦି ନିୟମକୁ ଭଲଭାବେ ଅନୁପାଳନ କରିବା ଉଚିତ। ରଥଯାତ୍ରାରେ କେବଳ କରୋନା ନୁହେଁ, ଜଳବାହିତ, ମଶାମାଛି ଜନିତ ରୋଗ ସଂକ୍ରମଣ ହେବାର ଆଶଙ୍କା ରହିଥାଏ। ତେଣୁ ଏହାକୁ ଦୃଷ୍ଟିରେ ରଖି ସତର୍କ ରହିବା ସହ ତଟକା ଖାଦ୍ୟ ଖାଇବା, ବାହାରେ ବୁଲାବିକାଳିଙ୍କଠାରୁ ଖାଦ୍ୟ ନ ଖାଇବା, ମାଛି ବସିଥିବା ଖାଦ୍ୟ ନ ଖାଇବା ଏବଂ ସ୍ୱଚ୍ଛ ପାନୀୟ ଜଳ ପିଇବା ଆଦି ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଅପରପକ୍ଷେ ଓଡ଼ିଶାରେ କରୋନା ସଂକ୍ରମଣ ସ୍ଥିତି ଆଦୌ ସଙ୍କଟଜନକ ନୁହେଁ ବୋଲି ସେ କହିଛନ୍ତି। ଓଡ଼ିଶାରେ ବହୁତ କମ୍ ସଂକ୍ରମଣ ହୋଇଛି। ତେଣୁ ଅଯଥା ଏଣୁତେଣୁ କଥା ଶୁଣି ଆଦୌ ଭୟଭୀତ କିମ୍ବା ଆତଙ୍କିତ ହେବା ଉଚିତ ନୁହେଁ ବୋଲି ନିର୍ଦ୍ଦେଶକ କହିଛନ୍ତି।

# ଚାଇନାରେ ନୂଆ କରୋନା ଭୂତାଣୁ

## ମହାମାରୀ ବ୍ୟାପିବା ଆଶଙ୍କା

**ନୂଆଦିଲ୍ଲୀ,୬ା୬**

ଚାଇନାରେ ପୁଣି କେତେକ ରହସ୍ୟମୟ ଭୂତାଣୁ ଚିହ୍ନଟ ହୋଇଛନ୍ତି, ଯାହା ଲୋକଙ୍କ ପାଇଁ ଗୁରୁତର ସମସ୍ୟା ସୃଷ୍ଟି କରିପାରନ୍ତି ବୋଲି ଆମେରିକାର ଗବେଷକମାନେ ସତର୍କ କରାଇଛନ୍ତି। ବାଦୁଡ଼ିରୁ ସୃଷ୍ଟ ଏହି ଭୂତାଣୁ ମାନବ ସମାଜ ପାଇଁ ବିପଜ୍ଜନକ ସଂକ୍ରାମକ ହେବା ପାଇଁ ଏହାର ମୂଳ ଆନୁବଂଶିକ ସଂରଚନାରେ ମାତ୍ର ଗୋଟିଏ ଛୋଟ ପରିବର୍ତ୍ତନ ଦୂରରେ ରହିଥିବା କୁହାଯାଉଛି। ବୈଜ୍ଞାନିକମାନଙ୍କ ନୂତନ ଅଧ୍ୟୟନ ନେଚର କମ୍ୟୁନିକେଶନ୍ସ ନାମକ ପତ୍ରିକାରେ ପ୍ରକାଶ ପାଇଛି। ନୂଆ ଭୂତାଣୁ ଏମ୍‌ଇଆର୍‌ଏସ୍-କୋଭ୍ ପରିବାରର, ଯାହା ୨୦୧୨ରେ ମଧ୍ୟପ୍ରାଚ୍ୟରେ ଭୟାବହ ଶ୍ୱାସ ସମ୍ବନ୍ଧୀୟ ରୋଗ ସୃଷ୍ଟି କରିଥିଲା। ଏହି ଭୂତାଣୁ ସଂକ୍ରମିତଙ୍କ ମଧ୍ୟରେ ମୃତ୍ୟୁହାର ୩୪ ପ୍ରତିଶତ ରହିଥିଲା। ଏବେ ୱାଶିଂଟନ ଷ୍ଟେଟ୍ ୟୁନିଭର୍ସିଟି, କାଲିଫର୍ନିଆ ୟୁନିଭର୍ସିଟି ଅଫ୍ ଟେକ୍‌ନୋଲୋଜି ଏବଂ ନର୍ଥ କରୋଲିନା ୟୁନିଭର୍ସିଟିର ବୈଜ୍ଞାନିକମାନେ ମେରବେକୋଭାଇରସ୍ ନାମକ ଏହି ଉପଗୋଷ୍ଠୀ ଉପରେ ଅନୁଧ୍ୟାନ ଚଳାଇଛନ୍ତି।

### ଦେଶରେ ୫,୩୬୪ ସକ୍ରିୟ ମାମଲା

**ନୂଆଦିଲ୍ଲୀ,୬ା୬:** କୋଭିଡ୍ ସକ୍ରିୟ ମାମଲା ସଂଖ୍ୟା ୫,୦୦୦ ଅତିକ୍ରମ କରି ଶୁକ୍ରବାର ୫,୩୬୪ରେ ପହଞ୍ଚିଛି। ଗୁରୁବାର ସଂକ୍ରମିତଙ୍କ ସଂଖ୍ୟା ୪,୮୬୬ ଥିଲା। କେରଳରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧,୬୦୦ ଟପିଥିବାବେଳେ ମହାରାଷ୍ଟ୍ର, ଗୁଜରାଟ ଓ ଦିଲ୍ଲୀରେ ମାମଲା ୫୦୦ରୁ ଅଧିକ ରହିଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସୂଚନା ଅନୁଯାୟୀ ଶୁକ୍ରବାର କେରଳରେ ୧୯୨ ନୂଆ ମାମଲା ଚିହ୍ନଟ ହୋଇଥିବାବେଳେ ଗୁଜରାଟରେ ୧୦୭, ପଶ୍ଚିମବଙ୍ଗରେ ୫୮ ଏବଂ ଦିଲ୍ଲୀରେ ୩୦ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ୨୪ ଘଣ୍ଟା ମଧ୍ୟରେ ମୋଟ ୪୯୮ ସଂକ୍ରମିତ ହୋଇଥିବା ବେଳେ ୪ ଜଣଙ୍କ ମୃତ୍ୟୁ ଘଟିଛି।

# ପୂର୍ବତନ ବିଧାୟକ ମହମ୍ମଦ ରଫିକ୍‌ଙ୍କ ପରଲୋକ

**ସୋହେଲା,୬ା୬ (ଅଶ୍ୱିନୀ କୁମାର ପାତ୍ର)**



ସ୍ୱର୍ଗତ ମହମ୍ମଦ ରଫିକ।

ବରଗଡ଼ ଜିଲା ମେଲଛାମୁଣ୍ଡା ନିର୍ବାଚନମଣ୍ଡଳୀର ପୂର୍ବତନ ଭାଜପା ବିଧାୟକ ମହମ୍ମଦ ରଫିକ(୭୧)ଙ୍କ ଶୁକ୍ରବାର ପରଲୋକ ହୋଇଯାଇଛି। ସେ କିଛିଦିନ ହେଲା ରକ୍ତ ଶର୍କରାଜନିତ ରୋଗ ପାଇଁ ବରଗଡ଼ର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ। ସକାଳ ପ୍ରାୟ ସାଢ଼େ ୬ଟାରେ ସେ ଶେଷନିଶ୍ୱାସ ତ୍ୟାଗ କରିଥିଲେ।

ରଫିକ୍‌ଙ୍କ ମୃତ୍ୟୁ ଖବର ପାଇ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ଅତାବିରା ବିଧାୟକ ନୀହାର ରଞ୍ଜନ ମହାନନ୍ଦ, ଭାଜପା ରାଜ୍ୟ ପ୍ରବକ୍ତା ସୁଦୀପ୍ତ ରାୟ, ଭାଜପା ଜିଲା ସଭାପତି ଡା. ଅରୂପାନନ୍ଦ ସାହୁ, ଜିଲା ଉପସଭାପତି ଗୁନାରୁ ପଧାନ ସ୍ୱର୍ଗତ ରଫିକ୍‌ଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସୋହେଲା ଦୁର୍ଗାପୂଜା କମିଟି, ସୋହେଲା ସାମ୍ବାଦିକ ସଂଘ, ବ୍ୟବସାୟୀ ସଂଘ ସମେତ ବିଭିନ୍ନ ସଂଗଠନ ପକ୍ଷରୁ ମଧ୍ୟ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ରଫିକ୍‌ଙ୍କ ପାର୍ଥିବ ଶରୀରକୁ ସନ୍ଧ୍ୟା ୬ଟାରେ ସୋହେଲା ମସ୍‌ଜିଦ୍‌କୁ ନିଆଯାଇଥିଲା। ପରେ ସ୍ଥାନୀୟ କବରସ୍ଥାନକୁ ନେଇ ତାଙ୍କ ଅନ୍ତ୍ୟେଷ୍ଟିକ୍ରିୟା କରାଯାଇଥିଲା। ସ୍ୱର୍ଗତ ରଫିକ୍‌ଙ୍କ ପରଲୋକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିରୋଧୀ ଦଳ ଉପନେତା ତଥା ରେଢାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ବରଗଡ଼ ଏମ୍‌ପି ପ୍ରଦୀପ କୁମାର ପୁରୋହିତ, ପୂର୍ବତନ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ରଫିକ୍ ୨୦୦୪ରୁ ୨୦୦୯ ପର୍ଯ୍ୟନ୍ତ ତତ୍କାଳୀନ ମେଲଛାମୁଣ୍ଡା ବିଧାନସଭା କ୍ଷେତ୍ରର ବିଧାୟକ ଥିଲେ। ଏହା ସହିତ ସେ ସୋହେଲା ଦୁର୍ଗାପୂଜା କମିଟିର ଉପସଭାପତି ଥିଲେ ଏବଂ ଭାଜପା ସଂଖ୍ୟାଲଘୁ ମୋର୍ଚ୍ଚାର ରାଜ୍ୟ ସଭାପତି ଭାବେ ମଧ୍ୟ କାମ କରିଥିଲେ। ରଫିକ୍ ଅବିବାହିତ ଥିଲେ। ନିଜର ଅମାୟିକ ବ୍ୟବହାର ପାଇଁ ସାଧାରଣ ଲୋକଙ୍କ ମଧ୍ୟରେ ରଫିକ ଅତି ପ୍ରିୟ ଥିଲେ।

# ଭୁବନେଶ୍ୱର ଆଇନ ମହାବିଦ୍ୟାଳୟକୁ ବିସିଆଇ ଅନୁମୋଦନ

**କଟକ,୬ା୬(କାର୍ତ୍ତିକ ସାହୁ)**

ଭୁବନେଶ୍ୱରସ୍ଥିତ ଭୁବନେଶ୍ୱର ଆଇନ ମହାବିଦ୍ୟାଳୟକୁ ନୂଆଦିଲ୍ଲୀସ୍ଥିତ ବାର୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ (ବିସିଆଇ) ପକ୍ଷରୁ ସ୍ୱୀକୃତି ମିଳିଛି। ଆଇନକୁ ପେସା ଓ ସମ୍ମାନଜନକ ଡିଗ୍ରୀ ଭାବେ ଚାହୁଁଥିବା ଛାତ୍ରୀଛାତ୍ର ଏହାଦ୍ୱାରା ଉପକୃତ ହେବେ। ମହାବିଦ୍ୟାଳୟ ପକ୍ଷରୁ ପ୍ରାପ୍ତ ସୂଚନାନୁସାରେ, ଏହି ମହାବିଦ୍ୟାଳୟକୁ ବିସିଆଇ ଅନୁମୋଦନ ନିମନ୍ତେ ପୂର୍ବରୁ ବିସିଆଇ ନିକଟରେ ଆବେଦନ କରାଯାଇଥିଲା। ପରେ ବିସିଆଇର ଏକ ୫ଜଣିଆ ସ୍ୱତନ୍ତ୍ର ଟିମ୍ ଭୁବନେଶ୍ୱର ଆଇନ ମହାବିଦ୍ୟାଳୟକୁ ଗତ ମେ'ରେ ପରିଦର୍ଶନ କରିଥିଲେ। ଏଠାରେ ଶିକ୍ଷାଦାନର ବିଭିନ୍ନ ଗୁଣାତ୍ମକ ଦିଗ ଓ ପରିଚାଳନା ସମ୍ପର୍କରେ ଉକ୍ତ ଟିମ୍ ତଦାରଖ କରି ସନ୍ତୋଷ ପ୍ରକାଶ କରିଥିଲା। ଏହି ଅନୁମୋଦନ ପାଇବା ପରେ ଆଇନ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅତ୍ୟନ୍ତ ଉତ୍ସାହ ସୃଷ୍ଟି ହୋଇଛି। ଏଥିପାଇଁ ବିସିଆଇ ଏବଂ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ମହାବିଦ୍ୟାଳୟ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି।

# ଭାଜପାରେ ମିଶିଲେ ଗଞ୍ଜାମ ବ୍ଲକ ଅଧ୍ୟକ୍ଷା




ଭାଜପାରେ ଯୋଗ ଦେଇଥିବା ବିଜେଡି ନେତାକର୍ମୀଙ୍କୁ ସ୍ୱାଗତ କରାଯାଉଛି।

**ଗଞ୍ଜାମ,୬ା୬(ବିଦ୍ୟାଧର ସାହୁ)**

ଗଞ୍ଜାମ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ ତାଙ୍କ ସମର୍ଥକଙ୍କ ସହ ଭାଜପାରେ ମିଶିଛନ୍ତି। ଶୁକ୍ରବାର ଗଞ୍ଜାମ ସହରସ୍ଥିତ ଭାରତୀ ବିଦ୍ୟାପୀଠ ମିନି ଷ୍ଟାଡିୟମରେ ଭାଜପାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ପୂର୍ବତନ ଗଞ୍ଜାମ ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ ନାୟକ ସଂଯୋଜନା କରିଥିଲେ। ଏହି ଅବସରରେ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠାଙ୍କ ସମେତ ତାଙ୍କ ସ୍ୱାମୀ ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁରଥ ପାହାନ, ବିଜେଡି ଛାତ୍ର ଜିଲା ଉପସଭାପତି ଲିଙ୍ଗରାଜ ମହାପାତ୍ର, କାଇଁଚପୁର ସରପଞ୍ଚ ଆର. ଚନ୍ଦାନା ରେଡ୍ଡୀ, ସମିତିସଭ୍ୟ, ପାଳିବନ୍ଧ ସରପଞ୍ଚ ସଂଯୁକ୍ତା ପ୍ରଧାନ, ମଲାଡ଼ ସରପଞ୍ଚ ମମତା ବେହେରା, ପାଲଙ୍ଗ ସରପଞ୍ଚ ପ୍ରମୁଖଙ୍କ ସହ ଅନ୍ୟ ବିଜେଡି ନେତା କର୍ମୀ ଭାଜପାରେ ଯୋଗଦେଇଥିଲେ। ସେମାନଙ୍କୁ ଦଳୀୟ ଟୋପି ଓ ଉପଢୌକନ ଦେଇ ଦଳକୁ ସ୍ୱାଗତ କରାଯାଇଥିଲା। ଜିଲା ସଭାପତି ସରୋଜ ସାବତ, ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା, ଗଞ୍ଜାମ, ଛତ୍ରପୁର ଓ ରମ୍ଭା ଏନଏସି ଅଧ୍ୟକ୍ଷା, ଆମ୍ବାର ଅଧ୍ୟକ୍ଷ ରଘୁନାଥ ସାହୁ, କୀର୍ତ୍ତନ ଦାସ ପ୍ରମୁଖଙ୍କ ସହ ଦଳୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ଓ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁରଥ ଦଳ ବିରୋଧୀ କାର୍ଯ୍ୟ କରିଥିବା ଦର୍ଶାଇ ବିଜେଡି ଗତ ବୁଧବାର ଉଭୟଙ୍କୁ ଦଳରୁ ନିଲମ୍ବନ କରିଥିଲା।

# ମାନବିକତା ଦେଖାଇଲେ କନ୍‌ଷ୍ଟେବଲ

**ବାରିପଦା,୬ା୬ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଭୀମଦା ଫାଣ୍ଡି ଅଧୀନ ଚେଙ୍ଗୁଆମଙ୍ଗଳପୁରରେ ଘଟିଥିବା ଦୁର୍ଘଟଣାରେ ଗୁରୁତର ଆହତଙ୍କ ଚିକିତ୍ସା କରି ଚର୍ଚ୍ଚାରେ ରହିଛନ୍ତି ଜଣେ କନଷ୍ଟେବଲ। ଶୁକ୍ରବାର ନୂଆହାଟ ସାହି ଅଞ୍ଚଳରେ ଏକ ଦୁର୍ଘଟଣା ଘଟିଥିଲା । ରାସ୍ତା କଡ଼ରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ଅଚିହ୍ନା ଯୁବକଙ୍କୁ କନଷ୍ଟେବଲ କାର୍ତ୍ତିକ ଚନ୍ଦ୍ର ମାଟିଆ ତୁରନ୍ତ ପ୍ରାଥମିକ ଚିକିତ୍ସା ଆରମ୍ଭ କରିଥିଲେ। ରକ୍ତକୁ ସଫା କରି ସ୍ଥାନୀୟ ଯୁବକଙ୍କ ସହାୟତାରେ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ନିକଟସ୍ଥ ବାଲେଶ୍ୱର ଡାକ୍ତରଖାନାକୁ ପଠାଇଥିଲେ। ଆହତ ଯୁବକଙ୍କ ନିକଟରୁ ମିଳିଥିବା ଆଧାରକାର୍ଡର ଠିକଣା ଖୋଜି ପରିବାର ଲୋକଙ୍କୁ ଖବର ଦେଇଥିଲେ। ତାଙ୍କର ଏଭଳି ମହାନ କାର୍ଯ୍ୟକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।

# ବସ୍-ବାଇକ୍ ଧକ୍କା, ୨ ମୃତ

**କୋଲାବିରା,୬ା୬(ଚିନ୍ମୟ କୁମାର ବହିଦାର)**

ସମ୍ବଲପୁର ଜିଲା କୋଲାବିରା ଥାନା ଅନ୍ତର୍ଗତ ଏନ୍‌ଏଚ୍ ୪୯ରେ ଶିରିଆପାଲିଠାରେ ଶୁକ୍ରବାର ଅପରାହ୍ନରେ ଯାତ୍ରୀବାହୀ ବସ୍-ବାଇକ୍ ଧକ୍କାରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେମାନେ ଟିପିଲିମା ଅଞ୍ଚଳର ମନୋଜ ମେହେରଏବଂ ସୁଶାନ୍ତ ମେହେର। ଜୟମାତାଦୀ ନାମକ ବସ୍ କୁଚିଣ୍ଡାରୁ ଝାରସୁଗୁଡ଼ା ଯାଉଥିବାବେଳେ ବିପରୀତ ଦିଗରୁ ଏଦୁହେଁ ବାଇକ୍‌ରେ ଆସୁଥିଲେ। ସେମାନଙ୍କ ଆଗରେ ଥିବା ଏକ ଟ୍ରକ୍ ହଠାତ୍ ବ୍ରେକ୍ ମାରିବାରୁ ସେମାନେ ଡାହାଣ ପାର୍ଶ୍ୱକୁ ପଳାଇଥିଲେ। ଫଳରେ ସମ୍ମୁଖରୁ ଆସୁଥିବା ବସ୍ ସହ ସେମାନେ ଧକ୍କା ହୋଇଥିଲେ।

## ପ୍ରଥମ ପୃଷ୍ଠାରୁ...

### ମା'ବାପାଙ୍କ ସେବାକର...

ବିଭାଗର ମୋଟର ଯାନ କନିଷ୍ଠ ନିରୀକ୍ଷକ ଓ ଟ୍ରାଫିକ୍ କନ୍‌ଷ୍ଟେବଲଙ୍କୁ ମିଶାଇ ୬୩ଟି ପଦବୀରେ ନିଯୁକ୍ତି ଦିଆଯାଇଛି। ସେହିପରି ଦକ୍ଷତା ବିକାଶ ବିଭାଗର ୮୧ଟି ଅଧ୍ୟାପକ ପଦବୀ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ୪୯ଟି ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ପଦବୀ, ଅବକାରୀ ବିଭାଗର ୩୨ଟି ଅବକାରୀ ଉପନିରୀକ୍ଷକ ପଦବୀ ଓ ଶ୍ରମ ବିଭାଗର ୧୯ଟି ବିଭିନ୍ନ ପଦବୀରେ ନିଯୁକ୍ତି ଦିଆଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ଯୋଗଦେଇ ନିଯୁକ୍ତିପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ସେ କହିଲେ, ଆମ ସରକାର ଆସିବା ଦିନଠାରୁ ଉଭୟ ସରକାରୀ ଓ ବେସରକାରୀ କ୍ଷେତ୍ରରେ ରୋଜଗାର ସୃଷ୍ଟିକୁ ଗୁରୁତ୍ୱ ଦେଉଛନ୍ତି। ୫ବର୍ଷ ମଧ୍ୟରେ ଦେଢଲକ୍ଷ ସରକାରୀ ପଦବୀ ପୂରଣ କରିବା ଲକ୍ଷ୍ୟ ରହିଛି। ପ୍ରଥମ ୨ ବର୍ଷରେ ୬୫ ହଜାର ପଦବୀ ପୂରଣ ହେବ। ଆଜିକୁ ମିଶାଇ ବର୍ଷକରେ ୨୭,୪୨୮ଟି ସରକାରୀ ପଦବୀ ପୂରଣ କରାଗଲା। ନିଯୁକ୍ତି କ୍ଷେତ୍ରରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଅବଲମ୍ବନ କରିବା ସହ ଚାକିରି ବୟସ ସୀମାକୁ ୪୨ ବର୍ଷକୁ ବୃଦ୍ଧି କରାଯାଇଛି। ଆମ ସରକାର ଆସିବା ପରଠାରୁ ଯୁବଶକ୍ତିକୁ ନିଯୁକ୍ତି ଦେବା ଓ ସେମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟିକରିବା ଅଭିଯାନ ଜାରି ରହିଛି। ଆଗାମୀ ଦିନରେ ଶିଳ୍ପ କ୍ଷେତ୍ରରେ ରାଜ୍ୟରେ ଅତି କମ୍‌ରେ ୧୩ ଲକ୍ଷ ନିଯୁକ୍ତି ସୃଷ୍ଟିହେବାକୁ ଯାଉଛି। ଉତ୍କର୍ଷ ଓଡ଼ିଶା ଆୟୋଜନର ମାତ୍ର ୪ ମାସ ମଧ୍ୟରେ ଏବେ ଶିଳ୍ପକ୍ଷେତ୍ରରେ ୯୦ ହଜାର ନିଯୁକ୍ତି ପାଇଁ ବାଟ ଖୋଲିଛି। ତେବେ ନବନିଯୁକ୍ତଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ କହିଲେ, ଆଜିଠାରୁ ଆପଣମାନେ ସରକାରଙ୍କ ଅଙ୍ଗଭାବେ ଓଡ଼ିଶାର ଜନସାଧାରଣଙ୍କ ସେବା କରିବାର ସୁଯୋଗ ପାଇବେ। ଉତ୍ସର୍ଗୀକୃତ ଓ ସମର୍ପଣ ଭାବ ସହ ଲୋକଙ୍କ ସୁବିଧା, ଅସୁବିଧାକୁ ହୃଦୟଙ୍ଗମକରି ସେବା ଯୋଗାଇଦେବେ। ଦୁର୍ନୀତି ବିରୋଧରେ ଆମ ସରକାର ଶୂନ୍ୟ ସହନଶୀଳତା ନୀତି ଆପଣେଇଛନ୍ତି। ଦୁର୍ନୀତିଠାରୁ ଦୂରେଇରହିବା ପାଇଁ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ପରାମର୍ଶ ଦେବା ସହ 'ଏକ୍ ପେଡ୍ ମା' କେ ନାମ୍' ଅଭିଯାନରେ ସାମିଲ ହୋଇ ନିଜ ମାଆଙ୍କ ନାମରେ ଏକ ବୃକ୍ଷରୋପଣ କରିବାକୁ ଆହ୍ୱାନ ଦେଇଛନ୍ତି।

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଲେ, ଆମେ ସମସ୍ତେ ସାଧାରଣ ଲୋକଙ୍କ ପାଇଁ କାମ କରୁଛେ। ଭଲ କାମ କରି ନୂଆ ଓଡ଼ିଶା ନିର୍ମାଣରେ ନିଜ ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରିବାକୁ ସେ ନବନିଯୁକ୍ତଙ୍କୁ ଆହ୍ୱାନ ଦେଇଥିଲେ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଲେ, ଆମେ ସମସ୍ତେ ଲୋକଙ୍କ ଟିକସ ପଇସାରେ ଚାକିରି କରି ଦରମା ପାଉଛେ। ତେଣୁ ସମସ୍ତେ ମିଶି ସରକାରଙ୍କ ଟିମ୍ ଭାବେ ଲୋକଙ୍କ ସେବା କରିବା। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଲେ, ଲୋକଙ୍କ ପାଖରେ ସୁଶାସନ ପହଞ୍ଚାଇବା ଲକ୍ଷ୍ୟରେ ଆମେ ଏହି ନିଯୁକ୍ତି କାର୍ଯ୍ୟକ୍ରମ କରୁଛୁ। ସମସ୍ତ ନବନିଯୁକ୍ତ ଅଧିକାରୀଙ୍କୁ ନିଷ୍ଠାର ସହ କାମ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଲେ, ଓଡ଼ିଶାରେ ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଏବଂ ପ୍ରତ୍ୟେକ ବିଭାଗକୁ ସଶକ୍ତ କରିବା ନିମନ୍ତେ ସରକାର ସବୁ ପଦକ୍ଷେପ ନେଉଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ପ୍ରଥମେ ୩୦ ଜିଲାର ୩୦ଜଣ ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଥିଲେ। ସ୍ନାତକୋତ୍ତର ଶିକ୍ଷକ ଭାବେ ନିଯୁକ୍ତି ପାଇଥିବା ନବରଙ୍ଗପୁରର ଗୀତାଞ୍ଜଳୀ ସୁନା, ସହକାରୀ ପ୍ରାଧ୍ୟାପକ ଭାବେ ସ୍ୱାସ୍ଥ୍ୟ ବିଭାଗରେ ନିଯୁକ୍ତି ପାଇଥିବା ଡ. ସୋନାଲି ଶୁଭଦର୍ଶିନୀ ଏବଂ ଦକ୍ଷତା ବିକାଶ ବିଭାଗରେ ଅଧ୍ୟାପକ ଭାବେ ନିଯୁକ୍ତି ପାଇଥିବା କେନ୍ଦୁଝରର ବ୍ରଜବନ୍ଧୁ ନାହକ ସ୍ୱଚ୍ଛ ନିଯୁକ୍ତି ପ୍ରକ୍ରିୟା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ। କାର୍ଯ୍ୟକ୍ରମରେ ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ଏବଂ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଉପସ୍ଥିତ ଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଶାଳିନୀ ପଣ୍ଡିତ ସ୍ୱାଗତ ଭାଷଣ ଓ ସ୍ୱାସ୍ଥ୍ୟ ବିଭାଗର କମିଶନର ତଥା ଶାସନ ସଚିବ ଅଶ୍ୱଥୀ ଏସ୍. ଧନ୍ୟବାଦ ଦେଇଥିଲେ।

### ମୁଖ୍ୟମନ୍ତ୍ରୀ ସହରୀ...

ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ଅଧୀନରେ ସହରୀ ଭିତ୍ତିଭୂମି ସୁଦୃଢ଼ କରିବା ସହିତ କଲ୍ୟାଣମଣ୍ଡପ, ବହୁମୁଖୀ ସଭାଗୃହ, ଟାଉନ୍ ହଲ୍, ଶ୍ମଶାନ, ଗୋଷ୍ଠୀ କେନ୍ଦ୍ର, ମାର୍କେଟ୍ କମ୍ପ୍ଲେକ୍ସ, ରାସ୍ତା, ଡ୍ରେନ୍, ପାର୍କ, ବହୁ ବ୍ୟବହୃତ ବାଣିଜ୍ୟିକ କମ୍ପ୍ଲେକ୍ସ, ଭେଣ୍ଡିଂଜୋନ୍, କ୍ଷୁଦ୍ର ଶୀତଳଭଣ୍ଡାର, ବୈଦ୍ୟୁତିକ ମୋଟରଯାନ ଚାର୍ଜିଂ ଷ୍ଟେଶନ, ପାର୍କିଂ ସ୍ଥାନ ଏବଂ ଉପଯୁକ୍ତ ସ୍ଥାନଗୁଡ଼ିକରେ କ୍ଷୁଦ୍ର ପର୍ଯ୍ୟଟନ କେନ୍ଦ୍ର ନିର୍ମାଣ କରାଯିବ। ସେହିଭଳି ଏହି ଯୋଜନା ଅଧୀନରେ ଶ୍ରମ ସମୃଦ୍ଧି ଲାଗି ଖୋଲା ମୁକ୍ତାକାଶ ବ୍ୟାୟାମଶାଳା ନିର୍ମାଣ କରାଯିବା ସହିତ ଶିଶୁ କ୍ରୀଡ଼ା ଉଦ୍ୟାନ, ଚାଲିବା ପଥ, ଖେଳପଡ଼ିଆ, ଖୋଲା ଜ୍ଞାନ କେନ୍ଦ୍ର, ବନୀକରଣ ପ୍ରକଳ୍ପ, ଲୋକମଣ୍ଡପ, ଭାଗବତ ଟୁଙ୍ଗି, ସାଂସ୍କୃତିକ କେନ୍ଦ୍ର ଏବଂ ଧାର୍ମିକ ସ୍ଥାନର ବିକାଶ ସହିତ ବର୍ଷାଜଳ ସଂରକ୍ଷଣ ପ୍ରକଳ୍ପ ନିର୍ମାଣ ହେବ। ସେହିପରି ଜଳସମୃଦ୍ଧି ଲାଗି ନଦୀକୂଳ ଏବଂ ଜଳାଶୟଗୁଡ଼ିକର ନବୀକରଣ କରାଯିବ। ପ୍ରାଣୀ ସମ୍ପଦର ବିକାଶ ଲାଗି କାଞ୍ଜିଆହୁଦା, ଗୋଶାଳା ଏବଂ ପ୍ରାଣୀ ଚିକିତ୍ସା କେନ୍ଦ୍ରର ବିକାଶ କରାଯିବ। ଯୋଜନାର ଅବଧି ପାଞ୍ଚବର୍ଷ ମଧ୍ୟରେ ୫୦,୦୦୦ରୁ ଅଧିକ ଭିତ୍ତିଭୂମି ପ୍ରକଳ୍ପ ସୃଷ୍ଟିକରି ସହରାଞ୍ଚଳର ଉନ୍ନତି ଅଣାଯିବ। ଏହାସହିତ ୫ ଲକ୍ଷରୁ ଅଧିକ କୁଶଳୀ ଓ ଅଣକୁଶଳୀ ଶ୍ରମିକଙ୍କୁ ରୋଜଗାର ଯୋଗାଇ ଦିଆଯିବ। ପରିବେଶ ସୁରକ୍ଷା ଏବଂ ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ୫୦୦୦ରୁ ଅଧିକ ବନୀକରଣ ପ୍ରକଳ୍ପ ମଧ୍ୟ ସୃଷ୍ଟି କରାଯିବ ବୋଲି ମୁଖ୍ୟ ଶାସନ ସଚିବ ଆହୁଜା ସୂଚନା ଦେଇଛନ୍ତି।

# ବେକାରି ସମସ୍ୟା ଦୂରୀକରଣ ପ୍ରତିଶ୍ରୁତି ଭୁଲିଯାଇଛନ୍ତି ସରକାର: ସ୍ମୃତି

**ଭୁବନେଶ୍ୱର,୬ା୬(ସୁନିତ୍ ମିଶ୍ର)**

କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ସରକାରକୁ ଇତିମଧ୍ୟରେ ୧୧ ବର୍ଷ ପୂରଣ ହୋଇଥିବାବେଳେ ରାଜ୍ୟରେ ମୋହନ ସରକାର ଶାସନକୁ ବର୍ଷେ ପୂରିଛି। ରାଜ୍ୟରେ ବର୍ଷ ପୂର୍ତ୍ତିକୁ ମହା ଆଡ଼ମ୍ବରରେ ପାଳନ କରିବାକୁ ରାଜ୍ୟ ସରକାର ବ୍ୟାପକ କାର୍ଯ୍ୟକ୍ରମ କରିବାକୁ ସ୍ଥିର କରିଛନ୍ତି। ମାତ୍ର ରାଜ୍ୟର ବେକାରି ସମସ୍ୟା ଦୂରୀକରଣ ପାଇଁ ଯେଉଁ ପ୍ରତିଶ୍ରୁତି ଦେଇ ଭାଜପା ସାଧାରଣ ନିର୍ବାଚନରେ କ୍ଷମତାକୁ ଆସିଥିଲା ତାହା ପୂରଣ କରିବାକୁ ଭୁଲିଯାଇଛି। କାରଣ ବର୍ତ୍ତମାନ ମଧ୍ୟ ରାଜ୍ୟର ବିଭିନ୍ନ ବିଭାଗରେ ବହୁ ପଦବୀ ଖାଲି ପଡ଼ିଥିବାବେଳେ ହଜାର ହଜାର ଶିକ୍ଷିତ ଯୁବତୀଯୁବକ ଚାକିରି ପାଇଁ ସଂଘର୍ଷ କରୁଛନ୍ତି। ଶୌଚାଳୟରୁ ସଚିବାଳୟ ପର୍ଯ୍ୟନ୍ତ ସବୁ ଆଉଟ୍‌ସୋର୍ସିଂରେ ଚାଲିଛି। ସମାନ କାମକୁ ସମାନ ଦରମା, ସ୍ଥାୟୀ ନିଯୁକ୍ତି ଦାବିରେ ଏବେ ମଧ୍ୟ ବହୁ କର୍ମଚାରୀ ରାଜରାସ୍ତାରେ ଆନ୍ଦୋଳନ କରୁଛନ୍ତି। ତେଣୁ ଏନେଇ ରାଜ୍ୟ ସରକାର ଆଉ କେବେ ପଦକ୍ଷେପ ନେବେ ବୋଲି ପୂର୍ବତନ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ସ୍ମୃତିରଞ୍ଜନ ଲେଙ୍କା ପ୍ରଶ୍ନ କରିଛନ୍ତି।

ଶୁକ୍ରବାର ସ୍ଥାନୀୟ ଲୋହିଆ ଏକାଡେମୀଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସ୍ମୃତି ଉପରୋକ୍ତ ପ୍ରସଙ୍ଗ ଉଠାଇବା ସହ କେଉଁ ବିଭାଗରେ କେତେ ପଦବୀ ଖାଲିପଡ଼ିଛି ସେ ନେଇ ସରକାର ଏକ ଶ୍ୱେତପତ୍ର ପ୍ରକାଶ କରନ୍ତୁ ବୋଲି ଦାବି କରିଛନ୍ତି।

# ଖାଦ୍ୟ ନିରାପତ୍ତା: କ୍ରିୟାଶୀଳ ବିଜ୍ଞାନ



**ଆଜି ବିଶ୍ୱ ଖାଦ୍ୟ ନିରାପତ୍ତା ଦିବସ**

ସମଗ୍ର ବିଶ୍ୱବାସୀଙ୍କ କ୍ଷୁଧା ବିରୋଧରେ ସଂଗ୍ରାମ ସହିତ ଖାଦ୍ୟର ଆବଶ୍ୟକତା ଓ ଖାଦ୍ୟ ନିରାପତ୍ତା ସମ୍ପର୍କିତ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ୨୦୧୯ଠାରୁ ଜୁନ ୭ ତାରିଖରେ 'ବିଶ୍ୱ ଖାଦ୍ୟ ନିରାପତ୍ତା ଦିବସ' ପାଳିତ ହୋଇ ଆସୁଅଛି। ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ ହେଲା - ଯେପରି ଏହି ବିଶ୍ୱରେ କୌଣସି ଲୋକ ଭୋକିଲା ରହିବେ ନାହିଁ କିମ୍ବା ଅନାହାରରେ ମୃତ୍ୟୁବରଣ କରିବେ ନାହିଁ। ଏହି ଦିବସ ଅବସରରେ ଚଳିତ ବର୍ଷର ବାର୍ତ୍ତା ରହିଛି- 'ଫୁଡ୍ ସେଫ୍ଟି : ସାଇନ୍ସ ଇନ୍ ଆକ୍ସନ' (ଖାଦ୍ୟ ନିରାପତ୍ତା: କ୍ରିୟାଶୀଳ ବିଜ୍ଞାନ)। ବର୍ତ୍ତମାନ ଜଳବାୟୁରେ ପରିବର୍ତ୍ତନ ଦେଖାଦେବା ଯୋଗୁ ଖାଦ୍ୟ ନିରାପତ୍ତା ପ୍ରତି ସବୁଠାରୁ ବଡ଼ ଆହ୍ୱାନ ସୃଷ୍ଟି କରିଛି। ବିଶ୍ୱ ଖାଦ୍ୟ ଦିବସର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଂଶ ହେଉଛି - ଆନ୍ତର୍ଜାତିକ ଓ ଜାତୀୟ ସଂହତିର ସୁଦୃଢ଼ୀକରଣ ସହିତ କ୍ଷୁଧା, ଖାଦ୍ୟାଭାବ ଏବଂ ଦାରିଦ୍ର୍ୟ ବିରୋଧରେ ସଂଗ୍ରାମ କରିବା ସହିତ ଖାଦ୍ୟ ଉତ୍ପାଦନ ଓ କୃଷି ବିକାଶ କ୍ଷେତ୍ରରେ ଉନ୍ନତି ଆଣିବା ନିମନ୍ତେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବା। କ୍ଷୁଧା ମୁକ୍ତ ବିଶ୍ୱର ଅର୍ଥ ହେଉଛି - ନିରାପଦ, ସ୍ୱାସ୍ଥ୍ୟକର ଓ ପୁଷ୍ଟିବର୍ଦ୍ଧକ ଖାଦ୍ୟର ଆବଶ୍ୟକତାକୁ ମେଣ୍ଟାଇବା ପାଇଁ ପ୍ରତ୍ୟେକ ଲୋକ ପ୍ରତ୍ୟେକ ସ୍ଥଳରେ ଖାଦ୍ୟ ପାଇବାର ସୁଯୋଗ ସୃଷ୍ଟି କରିବା ନିମନ୍ତେ ସମ୍ମିଳିତ ଉଦ୍ୟମ ରହିବା ଆବଶ୍ୟକ।

ପରିବର୍ତ୍ତିତ ଜଳବାୟୁର କୁପ୍ରଭାବ ସହିତ ଖାପ ଖୁଆଇ ଜନସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ଆମକୁ କୃଷି ଓ ଖାଦ୍ୟ ଶସ୍ୟ ଉତ୍ପାଦନ ବୃଦ୍ଧି କ୍ଷେତ୍ରରେ ଖାଦ୍ୟର ଚାହିଦା ମେଣ୍ଟାଇବାକୁ ପଡ଼ିବ। ସେଥିପାଇଁ ୨୦୫୦ ସୁଦ୍ଧା ଆହୁରି ୬୦ ପ୍ରତିଶତ ଖାଦ୍ୟଶସ୍ୟ ଉତ୍ପାଦନ ବୃଦ୍ଧି କରିବାକୁ ହେବ ବୋଲି ବିଶ୍ୱସ୍ତରରେ ଆକଳନ କରାଯାଇଛି। ବର୍ତ୍ତମାନ ଦେଖାଯାଉଛି ଯେ - ବିଶ୍ୱସ୍ତରରେ ଉତ୍ପାଦିତ ହେଉଥିବା ଖାଦ୍ୟର ଏକ ତୃତୀୟାଂଶ ବା ୩୦ ପ୍ରତିଶତ ଖାଦ୍ୟ ପ୍ରସ୍ତୁତ ଓ ଖାଇବା ସମୟରେ ବା ଉତ୍ପାଦନଠାରୁ ଆରମ୍ଭ କରି ଖାଦ୍ୟ ଉପଯୋଗ ସମୟ ମଧ୍ୟରେ ନଷ୍ଟ ହେଉଛି। ତେଣୁ ସେହି ସୀମିତ ବା କମ୍ ଜମିରେ ଖାଦ୍ୟ ଶସ୍ୟ ବା ଅନ୍ୟାନ୍ୟ ପୁଷ୍ଟିକର ଖାଦ୍ୟ ଉତ୍ପାଦନ ବୃଦ୍ଧି କରିବା ସହିତ ଖାଦ୍ୟ ନଷ୍ଟ ନ କରିବାକୁ ଆମେ ଏବେଠାରୁ ଅଙ୍ଗୀକାରବଦ୍ଧ ହେବା ଆବଶ୍ୟକ।

**-ଡା. ବୀର କିଶୋର ପରିଡ଼ା,** ମୋ : ୯୪୩୭୬୦୭୩୧୨

Government of India
Viksit Bharat ka Amrit Kaal
Seva, Sushasan, Garib Kalyan ke
11 SAAL
ପାଣିପାଗ ଅନିଶ୍ଚିତତାଠାରୁ ସୁରକ୍ଷିତ ହେଲେ ଅନ୍ନଦାତା
ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅଧୀନରେ କୃଷକମାନଙ୍କୁ ମିଳିଲା 1.75 ଲକ୍ଷ କୋଟି ଟଙ୍କାର ସହାୟତା
01101/13/0011/2526

# ବର୍ଷକରେ ୧୩.୫ ଟନ୍ ପ୍ଲାଷ୍ଟିକ୍ ବର୍ଜ୍ୟ ସଂଗୃହୀତ

**ଭୁବନେଶ୍ୱର,୬।୬**



ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଜିନ୍ଦଲ ଷ୍ଟେନ୍‌ଲେସ୍‌ରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀ ପକ୍ଷରୁ ଏକ ସ୍ୱତନ୍ତ୍ର ଅଭିଯାନ 'ସୁଇଚ୍ ଟୁ ଷ୍ଟେନ୍‌ଲେସ୍ କ୍ୟାମ୍ପେନ୍'ର ଶୁଭାରମ୍ଭ କରାଯାଇଛି। ସେହିଭଳି ଏହି ବର୍ଷ କମ୍ପାନୀ ତା'ର ବାର୍ଷିକ ପ୍ଲାଷ୍ଟିକ୍ ବର୍ଜ୍ୟ ସଂଗ୍ରହ କ୍ୟାମ୍ପେନ ସହ କମ୍ପାନୀର କର୍ପୋରେଟ୍ କାର୍ଯ୍ୟାଳୟ ଓ ଉତ୍ପାଦନ ସ୍ଥଳ ଓଡ଼ିଶାର ଯାଜପୁର ୟୁନିଟ୍ ଏବଂ ହରିୟାଣାର ହିସାର ୟୁନିଟ୍‌ରେ ମଧ୍ୟ ଶୁଭାରମ୍ଭ କରାଯାଇଛି। ଏହି ଅଭିଯାନରେ କମ୍ପାନୀର କର୍ମଚାରୀ ଓ ସ୍ଥାନୀୟ ସମୁଦାୟ ଭାଗ ନେଇଥିଲେ। ଉକ୍ତ କ୍ୟାମ୍ପେନକୁ ଗ୍ରୀନ୍ ଡ୍ରିମ୍ ଫାଉଣ୍ଡେଶନ ସହଯୋଗ କରିଥିଲା, ଯେଉଁଠାରେ ସ୍ଥାନୀୟ କମ୍ୟୁନିଟିଗୁଡ଼ିକୁ ଏହି ସଂଗ୍ରହ ପଦ୍ଧତି ସେବାରେ ଯୋଗାଇଦେଇଥିଲେ।

ଏ ସମ୍ପର୍କରେ ଜିନ୍ଦଲ ଷ୍ଟେନ୍‌ଲେସ୍‌ର ମ୍ୟାନେଜିଂ ଡାଇରେକ୍ଟର ଅଭ୍ୟୁଦୟ ଜିନ୍ଦଲ୍ କହିଛନ୍ତି, ଆମର ବାର୍ଷିକ ପ୍ଲାଷ୍ଟିକ ସଂଗ୍ରହ କ୍ୟାମ୍ପେନ୍ ଏକ ସୂକ୍ଷ୍ମ କିନ୍ତୁ ଅର୍ଥପୂର୍ଣ୍ଣ ପଦକ୍ଷେପ ଅତୁଟ ଭବିଷ୍ୟତ ପାଇଁ ଆଗକୁ ବଢ଼ିବାକୁ ସାହାଯ୍ୟ କରୁଛି। ଏହା ଏକ ଜାତୀୟ ପ୍ରୟାସର ପ୍ରସଙ୍ଗରେ ସଂକୀର୍ଣ୍ଣ ହୋଇଥିଲେ ମଧ୍ୟ ଆମର ଅବଦାନ ପ୍ରତିବର୍ଷ ସ୍ଥିର ଭାବେ ବୃଦ୍ଧି ପାଇଛି। ୨୦୨୩ରେ ୨ଟନ୍‌ରୁ ଆରମ୍ଭ ଏହି ଅଭିଯାନ ଚଳିତ ବର୍ଷ ୧୩.୫ ଟନ୍ ପର୍ଯ୍ୟନ୍ତ ସଂଗୃହୀତ ହୋଇଛି। ଏହା ଆମର ଏହି କାର୍ଯ୍ୟ ପ୍ରତି ନିରନ୍ତର ଭାବେ ଦୃଢ଼ତାକୁ ପ୍ରମାଣିତ କରିଥାଏ। ସ୍ଥିରତା ଆମର ମୂଲ୍ୟରେ ଗଭୀର ଭାବେ ଅନୁସୃତ ଏବଂ ଆମେ ସେହି ପ୍ରତିଷ୍ଠିତ କାର୍ଯ୍ୟକୁ ସ୍କେଲ୍ କରିବାରେ କେନ୍ଦ୍ରିତ ରହିଛୁ। ସେହିଭଳି ବର୍ଷକ ମଧ୍ୟରେ କମ୍ପାନୀ ପରିସରରୁ ପ୍ରାୟ ୧୩.୫ ଟନ୍ ପ୍ଲାଷ୍ଟିକ୍ ବର୍ଜ୍ୟ ସଂଗୃହୀତ ହୋଇଛି। ଏପରିକି ଏହି କ୍ୟାମ୍ପେନ୍ ଜରିଆରେ କମ୍ପାନୀର ହିସାର ୟୁନିଟ୍‌ରୁ ୩,୭୯୫.୮ କିଲୋଗ୍ରାମ୍ ପ୍ଲାଷ୍ଟିକ ଏବଂ ଯାଜପୁର ୟୁନିଟ୍‌ରୁ ୮,୯୨୬ କିଲୋଗ୍ରାମ୍ ପ୍ଲାଷ୍ଟିକ ଏବଂ ଦିଲ୍ଲୀ-ଏନସିଆର୍ କର୍ପୋରେଟ୍ କାର୍ଯ୍ୟାଳୟରୁ ୭୬୯.୫୦ କିଲୋଗ୍ରାମ୍ ପ୍ଲାଷ୍ଟିକ ସଂଗ୍ରହ କରାଯାଇଛି। ଏହି ସଂଗ୍ରହ ପ୍ଲାଷ୍ଟିକ୍ ବର୍ଜ୍ୟକୁ ଦାୟିତ୍ୱପୂର୍ଣ୍ଣ ଭାବେ ପୁନର୍ବ୍ୟବହାର କରାଯାଇ ବିଭିନ୍ନ ପ୍ରକାର ସାମଗ୍ରୀ ବେଞ୍ଚ, ଚେୟାର ଏବଂ ଡଷ୍ଟବିନ୍ ଭଳି ଉତ୍ପାଦ ନିର୍ମିତ କରାଯିବ। ସେଗୁଡିକ କମ୍ପାନୀର ପ୍ରତିଷ୍ଠାନ ଓ ସାଧାରଣ ସ୍ଥାନରେ ସ୍ଥାପିତ ହେବାକୁ ସ୍ଥାନୀୟ ପ୍ରାଧିକୃତ ସହିତ ସମନ୍ୱୟ କରାଯିବ। ଏହି ପ୍ରୟାସର ଅଂଶ ସ୍ୱରୂପ, କମ୍ପାନୀ କର୍ମଚାରୀଙ୍କୁ ସେମାନେ ତାଙ୍କର କାମ ଓ ଘରେ କରୁଥିବା ବ୍ୟକ୍ତିଗତ ସ୍ଥିରତା ପ୍ରୟାସଗୁଡ଼ିକୁ ଆନ୍ତରିକ ମାଧ୍ୟମରେ ପ୍ରଦର୍ଶନ କରିବାକୁ ଉତ୍ସାହିତ କରିଛି। ଏହା ଏକ ସାମ୍ପ୍ରତିକ ଦାୟିତ୍ୱ ସଂସ୍କୃତିକୁ ପ୍ରସାରିତ କରିଥାଏ। ସେହିପରି ତାଲିକା ଭାଗରେ ଜିନ୍ଦଲ ଷ୍ଟେନ୍‌ଲେସ ଦୀର୍ଘକାଳୀନ ପରିବେଶୀୟ, ସାମାଜିକ ଏବଂ ପ୍ରଶାସନିକ ଲକ୍ଷ୍ୟଗୁଡ଼ିକୁ ପ୍ରାପ୍ତ କରିବା ପାଇଁ ୨୦୫୦ ପର୍ଯ୍ୟନ୍ତ ନେଟ୍-ଜିରୋ ଇମିସନ୍ ଲକ୍ଷ୍ୟରେ କାମ କରୁଛି। ଗତ ଆର୍ଥିକ ବର୍ଷରେ କମ୍ପାନୀର କର୍ପୋରେଟ୍ କାର୍ବନ୍ ଫୁଟ୍‌ପ୍ରିଣ୍ଟକୁ ୧୫% କମାଇ ଦିଆଯାଇଛି, ଯାହା ଚାଲୁଥିବା ଡିକାର୍ବୋନାଇଜେଶନ୍ ପ୍ରୟାସରେ ପ୍ରତିଷ୍ଠିତ ହୋଇଛି। ସାଧାରଣତଃ କମ୍ପାନୀ ତାଙ୍କର ସବ୍‌ସିଡିଆରି ଜେଏସ୍‌ଏଲ୍/ଜେଏସ୍‌ଏଲ୍ ସୁପର୍ ଷ୍ଟିଲ୍ ଦ୍ୱାରା ସନସୋର ଏନର୍ଜି ସହିତ ୧୧ଏମ୍‌ଡବ୍ଲ୍ୟୁପି ସୋଲାର୍ ପାୱାର ପ୍ରାପ୍ତ କରିବା ପାଇଁ ପାୱାର ପର୍ଚେଜ୍ ଏଗ୍ରିମେଣ୍ଟ ସାଇନ୍ କରିଛି।

## ଶେୟାର ବଜାର କାରବାରରେ ଉତ୍ସାହ

**ମୁମ୍ବାଇ,୬।୬**

କ୍ରମାଗତ ତୃତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଚଳିତ ସପ୍ତାହର ଶେଷ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇଛନ୍ତି। ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସଇ)ର ସେନ୍‌ସେକ୍ସ ୭୪୬.୯୫ ପଏଣ୍ଟ ବୃଦ୍ଧିଘଟି ୮୨,୧୮୮.୯୯ ଅଙ୍କରେ କାରବାର ବନ୍ଦ ହୋଇଥିଲା। ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି ୫୦ ରେ ମଧ୍ୟ ୨୫୨.୧୫ ପଏଣ୍ଟ ବଢ଼ି ୨୫,୦୩୧.୦୫ ଅଙ୍କରେ କାରବାର ଶେଷ ହୋଇଥିଲା। ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

ଭୁବନେଶ୍ୱରରେ ଘରେ ରହି କାମ କରିବା ପାଇଁ ଝିଅ ପିଲା ଆବଶ୍ୟକ।
(ବ୍ରାହ୍ମଣ ଝିଅ ପିଲାଙ୍କୁ ପ୍ରଥମେ ଅଗ୍ରାଧିକାର ଦିଆଯିବ) ଯୋଗାଯୋଗ-
9776115557

WANTED
Ladies Office Asst.
At near Phulanakhara, Cuttack
Lodging Free / Boarding Free
Salary - 10000/-
Contact : 7809525452

ଆବଶ୍ୟକ
ଆମକୁ ଏକ ଦମ୍ପତି ଦରକାର, ଯେଉଁମାନେ ରନ୍ଧନ ଏବଂ ବାସନ ସଫା କରିବା ଦାୟିତ୍ୱ ସମ୍ଭାଳି ପାରିବେ। ଆମେ ଦମ୍ପତି କିମ୍ବା ମହିଳାଙ୍କୁ ପସନ୍ଦକରୁ ଯିଏ ଭୁବନେଶ୍ୱରରେ ରହିବାକୁ ଇଚ୍ଛୁକ। ରହିବା ପାଇଁ ଏକ ପୃଥକ ସୁସଜ୍ଜିତ କ୍ୱାର୍ଟର ଉପଲବ୍ଧ।
ଆମ ସହିତ ଯୋଗାଯୋଗ କରନ୍ତୁ
9132460000/9132933333

URGENTLY REQUIRED
Ayurvedic Physiotherapy Clinic ପାଇଁ (ମହିଳା / ଝିଅ) therapist ଆବଶ୍ୟକ। ବୟସ ୧୮ ରୁ ୩୫ ବର୍ଷ। ମାସିକ ଦରମା-ଟ୩୫,୦୦୦ଙ୍କା। ଶିଘ୍ର ଯୋଗାଯୋଗ କରନ୍ତୁ।
Contact : 93252 16207

# ଶ୍ରୀଲେଦର୍ସର ଏକ୍ସକ୍ଲୁସିଭ ଆଉଟ୍‌ଲେଟ ଉଦ୍‌ଘାଟିତ



ଶ୍ରୀଲେଦର୍ସର ନୂତନ ଉତ୍ପାଦକୁ କମ୍ପାନୀର ବରିଷ୍ଠ ଅଧିକାରୀ ଉନ୍ମୋଚନ କରୁଛନ୍ତି।

**ଭୁବନେଶ୍ୱର,୬।୬**

ଶ୍ରୀଲେଦର୍ସର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍ ନିକଟରେ ଯାଜପୁର ଟାଉନର କୁସୁମାରୋଡ୍‌ଠାରେ ଉଦ୍‌ଘାଟିତ ହୋଇଯାଇଛି।

ଏହି ଅବସରରେ ଶ୍ରୀଲେଦର୍ସର ଅଂଶୀଦାର ଶେଖର ଦେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀଲେଦର୍ସର ଅଂଶୀଦାର ସ୍ୱୟଂ ଦେଙ୍କ ସମେତ ଫ୍ରାଞ୍ଚାଇଜ୍ ଓନର (ମାଲିକ) ଅତିଶ ରାଉତ ଏବଂ ଷ୍ଟର୍ମ କମ୍ୟୁନିକେଶନ୍‌ର ସୌରଭ ବିଶ୍ୱାସ ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଶ୍ରୀଲେଦର୍ସର ଅଂଶୀଦାର ଶେଖର ଦେ କହିଛନ୍ତି, ପ୍ରତ୍ୟେକ ନୂତନ ଉତ୍ପାଦର ଗୁଣବତ୍ତା ଏବଂ ଗ୍ରାହକଙ୍କ ଗ୍ରହଣୀୟତା ବିଷୟରେ ନିଶ୍ଚିତ ହେବା ପରେ ହିଁ ଆମେ ଏହାକୁ ଆମର ଅନ୍ୟାନ୍ୟ ଫ୍ରାଞ୍ଚାଇଜ୍‌ରେ ବଣ୍ଟନ କରିଥାଉ।

ସମସ୍ତ ବର୍ଗର ଗ୍ରାହକଙ୍କୁ ସୁଲଭ ମୂଲ୍ୟରେ ବିଶ୍ୱସ୍ତରୀୟ ଜୋତା, ବ୍ୟାଗ୍ ଓ ନିତ୍ୟ ବ୍ୟବହାର୍ଯ୍ୟ ଚମଡ଼ା ସାମଗ୍ରୀ ଯୋଗାଇବାରେ 'ଶ୍ରୀଲେଦର୍ସ' ଜୋତା ବଜାରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ଏହାର 'ଏସ୍‌ଏଲ୍ ପ୍ରିମିୟମ' ହେଉଛି ବ୍ରାଣ୍ଡର ଏକ ନୂତନ ବର୍ଗ, ଯାହାକୁ ଗ୍ରାହକମାନଙ୍କଠାରୁ ବେଶ୍ ଭଲ ଫିଡ୍‌ବ୍ୟାକ୍ ମିଳିଛି।

ସେହିଭଳି ଶ୍ରୀଲେଦର୍ସର ଅଂଶୀଦାର ତଥା ପରିବାରର ଚତୁର୍ଥ ପିଢ଼ି ସ୍ୱୟଂ ଦେ କହିଛନ୍ତି, ବର୍ତ୍ତମାନ ଆମେ କ୍ରୀଡ଼ାଭିତ୍ତିକ ଜୋତା ଉତ୍ପାଦନ ଉପରେ ଧ୍ୟାନ କେନ୍ଦ୍ରିତ କରିବାକୁ ଚାହୁଁଛୁ। ଜୋତାର ଗୁଣବତ୍ତା ବିଶ୍ୱସ୍ତରୀୟ ହେବା ସହ ଏହାର ମୂଲ୍ୟ ଗ୍ରାହକଙ୍କୁ ସୁହାଇଲା ଭଳି ହେବ। ଏହି ସମସ୍ତ କ୍ରୀଡ଼ା ଭିତ୍ତିକ ଜୋତା, ସ୍ପୋର୍ଟସ ୱେର୍ ଏବଂ ଆକ୍ଟିଭ୍ ୱେର୍ ଏସ୍‌ଏଲ୍ ସ୍ପୋର୍ଟସ ବ୍ରାଣ୍ଡରେ ବିକ୍ରି ହୋଇଥାଏ।

# ରତ୍ନାକର ଏଲ୍‌ଆଇସିର ନୂଆ ଏମ୍‌ଡି



ରତ୍ନାକର ପଟ୍ଟନାୟକ

**ମୁମ୍ବାଇ,୬।୬**

ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି)ର ନୂଆ ଏମ୍‌ଡି (ମ୍ୟାନେଜିଂ ଡାଇରେକ୍ଟର) ଭାବେ ରତ୍ନାକର ପଟ୍ଟନାୟକ ନିକଟରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ଏଲ୍‌ଆଇସିର ଇନ୍ଦୋର ଓ ଜାମଶେଦପୁର ଡିଭିଜନର ବରିଷ୍ଠ ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ଉଲ୍ଲେଖଯୋଗ୍ୟ, ୨୦୨୫ ଜୁନ୍ ୧ ରେ ପଟ୍ଟନାୟକଙ୍କୁ ଏଲ୍‌ଆଇସିର ଏମ୍‌ଡି ପଦବୀକୁ ଉନ୍ନୀତ କରାଯାଇଥିଲା। ୨୦୨୫ ମେ ୧୪ରେ ଭାରତ ସରକାରଙ୍କ ବିଜ୍ଞପ୍ତି ଅନୁଯାୟୀ ତାଙ୍କୁ ଏଲ୍‌ଆଇସିର ନୂଆ ଏମ୍‌ଡି ଭାବେ ନିଯୁକ୍ତ କରାଯାଇଛି। ସେହିଭଳି ୧୯୯୦ ସେପ୍ଟେମ୍ବରରେ ରତ୍ନାକର ଏଲ୍‌ଆଇସିର ନିଯୁକ୍ତ ଅଧିକାରୀ ଭାବେ ଯୋଗଦେଇଥିଲେ। ଏପରିକି ବୀମା କ୍ଷେତ୍ରରେ ତାଙ୍କର ଦୀର୍ଘ ୩୫ ବର୍ଷର ଅଭିଜ୍ଞତା ରହିଛି। ଏହି ସମୟ ମଧ୍ୟରେ ସେ ଏଲ୍‌ଆଇସିର ବିଭିନ୍ନ ପଦପଦବୀରେ ରହି ଦକ୍ଷତାର ସହ କାର୍ଯ୍ୟକରି ସୁନାମ ଅର୍ଜନ କରିଛନ୍ତି।

PARADIP PORT AUTHORITY
PARADIP - 754142, ODISHA (INDIA)
(An autonomous body under Ministry of Shipping, Govt. of India)
No. AD/RSC-I-21/16/2016(Pt.II)/1157 Dt.30th May,2025
ADVERTISEMENT
Paradip Port Authority intends to engage 01 nos. of Trainee Pilot on contractual basis. For details regarding qualifications, remunerations and further details, please refer to our website : www.paradipport.gov.in
Sr. Asst. Secretary,
Paradip Port Authority
PPA/PR/15/2025-2026, Dt.03/06/2025

UTKAL UNIVERSITY
VANI VIHAR,
BHUBANESWAR-751004
No.DRS/RUSA-1041-2016 (PDF)/700/2025 Date: 06.06.2025
EXTENSION OF LAST DATE OF SUBMISSION OF APPLICATION FOR RUSA PDF
In reference to the advertisement No.: DRS/RUSA-1041-2016(PDF)/696/2025, Dated: 21.05.2025, the Last Date of application for RUSA PDF is extended to 16.06.2025
Sd/- REGISTRAR

ଓଡ଼ିଶା ସରକାର
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
No. T-: ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ତା୦୯।୦୬।୨୦୨୫ରିଖ (ସୋମବାର) ଦିନ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ପାଇଁ ଅନ୍‌ଲାଇନ ପଞ୍ଜୀକରଣ ତା୦୬।୦୬।୨୦୨୫ରିଖ ଦିବା ୧୧ ଘଟିକାଠାରୁ ଆରମ୍ଭ ହେବ। ଏଥିନିମନ୍ତେ, ଆଗ୍ରହୀ ଜନସାଧାରଣ ଜନଶୁଣାଣି ପୋର୍ଟାଲ (https://janasunani.odisha.gov.in/) ମାଧ୍ୟମରେ ଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ। ଜନସାଧାରଣ ପଞ୍ଜୀକରଣ ପ୍ରାପ୍ତି ସ୍ୱୀକାରପତ୍ର, ବ୍ୟକ୍ତିଗତ ପରିଚୟପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଜଣାଇପାରିବେ। ଏତଦ୍ ଭିନ୍ନ, ଅଣପଞ୍ଜୀକୃତ ଆବେଦନକାରୀମାନଙ୍କର ଅଭିଯୋଗ ପତ୍ର ଗୁଡ଼ିକୁ ଯୁଗ୍ମ ଶୁଣାଣି ଶିବିରରେ ସିଧାସଳଖ ଗ୍ରହଣ କରାଯାଇପାରିବ।
ନିର୍ଦ୍ଦେଶକ
ସାଧାରଣ ଅଭିଯୋଗ-ତଥା-ସ୍ୱତନ୍ତ୍ର ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
OIPR-09014/11/0138/2526

# ଡ୍ରିମ୍‌ସରେ ନୂତନ କୃଷି ସ୍ନାତକ ପାଠ୍ୟକ୍ରମର ଶୁଭାରମ୍ଭ

**ଭୁବନେଶ୍ୱର,୬।୬ (ଅଭୟ ଦାଶ)**



ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା କଟକସ୍ଥିତ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ(ଡ୍ରିମ୍‌ସ)ରେ ନୂତନ କୃଷି ସ୍ନାତକ ପାଠ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ଏପରିକି ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା 'ସ୍କୁଲ ଅଫ୍ ଏଗ୍ରିକଲ୍‌ଚର' ବିଭାଗରେ ଏହି ନୂତନ କୃଷି ସ୍ନାତକ ପାଠ୍ୟକ୍ରମ ଚଳିତ ଶିକ୍ଷା ବର୍ଷରୁ ଆରମ୍ଭ କରିବା ପାଇଁ ଓଡ଼ିଶା ସରକାର ସ୍ୱୀକୃତି ପ୍ରଦାନ କରିଛନ୍ତି। ବିଶେଷକରି କଟକର ଟାଙ୍ଗୀ-ଚୌଦ୍ୱାର ବ୍ଲକ୍‌ର ଗ୍ରାମାଞ୍ଚଳ ପରିବେଶରେ ଶିକ୍ଷାନୁଷ୍ଠାନର ଅବସ୍ଥିତି ଯୋଗୁ ଏହି କୃଷିଭିତ୍ତିକ ପାଠ୍ୟକ୍ରମର ପ୍ରତ୍ୟକ୍ଷ ଜ୍ଞାନ ଆହରଣ ସହିତ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ହୋଇପାରିବ ଏବଂ ଗ୍ରାମାଞ୍ଚଳର ମେଧାବୀ ଛାତ୍ରୀଛାତ୍ରମାନେ କୃଷିଭିତ୍ତିକ ଉଚ୍ଚଶିକ୍ଷା ଓ ଡିଗ୍ରୀ ହାସଲ କରିବାର ସୁଯୋଗ ପାଇପାରିବେ। ଏହାଦ୍ୱାରା କୃଷି ଗବେଷଣା କ୍ଷେତ୍ରରେ ମଧ୍ୟ ନୂତନ ସମ୍ଭାବନା ସୃଷ୍ଟିହେବ। ଭାରତୀୟ କୃଷି ଗବେଷଣା ପରିଷଦ (ଆଇସିଏଆର୍) ଦ୍ୱାରା ଅନୁମୋଦିତ ପାଠ୍ୟକ୍ରମ ଆଧାରରେ ଏଠାକାର ଶିକ୍ଷାଦାନ ବ୍ୟବସ୍ଥା କରାଯାଇଛି। ଏପରିକି ଛାତ୍ରୀଛାତ୍ରଙ୍କ ପାଇଁ ଆତ୍ମନିର୍ଭରଶୀଳ ହେବା ସହ ସରକାରୀ ଓ ବେସରକାରୀ ଉଦ୍ୟୋଗରେ ନିଯୁକ୍ତିର ସୁଯୋଗ ରହିଛି। ଏଥିସହ ସମ୍ପୃକ୍ତ ଅଞ୍ଚଳର କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ବିକାଶ ଘଟିବା ସଙ୍ଗେ ସଙ୍ଗେ କୃଷକମାନଙ୍କର ଆୟ ବୃଦ୍ଧିରେ ମଧ୍ୟ ସହାୟକ ହେବ। ସେହିଭଳି ଏହି ନୂତନ ପାଠ୍ୟକ୍ରମ ଖୋଲିବାରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଏବଂ କୃଷି ବିଭାଗର ଶାସନ ସଚିବଙ୍କ ସମେତ ବିଭାଗୀୟ ପଦାଧିକାରୀଙ୍କ ସମୟୋଚିତ ପୂର୍ଣ୍ଣ ସଦିଚ୍ଛା ନିମନ୍ତେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ସମସ୍ତଙ୍କୁ କୃତଜ୍ଞତା ଜଣାଇବା ସହ ଆଗାମୀ ଦିନରେ ଏହି ଶିକ୍ଷାନୁଷ୍ଠାନ କୃଷି ଓ ବୈଷୟିକ ଶିକ୍ଷା କ୍ଷେତ୍ରରେ ରାଜ୍ୟର ଗୌରବ ବୃଦ୍ଧି କରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।

ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ
କ୍ଷେତ୍ରୀୟ କାର୍ଯ୍ୟାଳୟ, ବି/୨ ପଶ୍ଚିମ, ୨ୟ ମହଲା, ସହୀଦ ନଗର, ଭୁବନେଶ୍ୱର-୭୫୧୦୦୭, ଫୋନ୍ ନଂ.: ୮୮୨୪୨୮୭୨୬୭, ଇ-ମେଲ: 0815gad@iob.in
ଆର୍କିଟେକ୍ଟ/କନସଲଟିଙ୍ଗ ଇଞ୍ଜିନିୟର୍ସ/କଣ୍ଟ୍ରାକ୍ଟର (ଆଭ୍ୟନ୍ତରୀଣ ଫର୍ଣ୍ଣିସିଙ୍ଗ କାର୍ଯ୍ୟ / ସିଭିଲ/ ଇଲେକ୍ଟ୍ରିକାଲ କାର୍ଯ୍ୟ)ମାନଙ୍କର ତାଲିକାଭୁକ୍ତିକରଣ ନିମନ୍ତେ ଜଉମୁଦଦିଆ ଟେଣ୍ଡର ଆହ୍ୱାନ ବିଜ୍ଞପ୍ତି
ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ, କ୍ଷେତ୍ରୀୟ କାର୍ଯ୍ୟାଳୟ, ଭୁବନେଶ୍ୱର ୧) କନସଲଟାଣ୍ଟ (ଆର୍କିଟେକ୍ଟସ୍), ୨) ଆଭ୍ୟନ୍ତରୀଣ ଫର୍ଣ୍ଣିସିଙ୍ଗ୍ କାର୍ଯ୍ୟ ନିମନ୍ତେ କଣ୍ଟ୍ରାକ୍ଟର, ୩) ଇଲେକ୍ଟ୍ରିକାଲ କାର୍ଯ୍ୟ ନିମନ୍ତେ କଣ୍ଟ୍ରାକ୍ଟରମାନଙ୍କର ତାଲିକାଭୁକ୍ତିକରଣ ପାଇଁ ଖ୍ୟାତି ସମ୍ପନ୍ନ (ପ୍ରତିଷ୍ଠିତ) ଭେଣ୍ଡର/କଣ୍ଟ୍ରାକ୍ଟରମାନଙ୍କ ଠାରୁ ଜଉମୁଦଦିଆ ଟେଣ୍ଡର ଆହ୍ୱାନ କରୁଅଛି। ଆବେଦନକାରୀମାନେ ଟେଣ୍ଡର କାଗଜପତ୍ର ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ, କ୍ଷେତ୍ରୀୟ କାର୍ଯ୍ୟାଳୟ, ଭୁବନେଶ୍ୱରରୁ ସଂଗ୍ରହ କରିପାରିବେ କିମ୍ବା ବ୍ୟାଙ୍କର ୱେବସାଇଟ: www.iob.in ଅନ୍ତର୍ଗତ Tender page ରୁ ପାଇପାରିବେ। ଆବେଦନ ଫର୍ମ ସଂଗ୍ରହ / ଡାଉନଲୋଡ: ୦୭.୦୬.୨୦୨୫ ତାରିଖରୁ
ପୂରଣ ହୋଇଥିବା ଫର୍ମ ସହିତ ପ୍ରାମାଣିକ କାଗଜପତ୍ର ଦାଖଲ କରିବାର ଅନ୍ତିମ ତାରିଖ: ୦୯.୦୭.୨୦୨୫ ଅପରାହ୍ନ ୩.୦୦ ଘଟିକା ପର୍ଯ୍ୟନ୍ତ (ଦରଖାସ୍ତ ଦେୟ ସହିତ)। ଅନ୍ୟାନ୍ୟ ମାନଦଣ୍ଡ / ସର୍ତ୍ତାବଳୀ ଟେଣ୍ଡର କାଗଜପତ୍ରରେ ପ୍ରଦାନ କରାଯାଇଛି। ବ୍ୟାଙ୍କ କୌଣସି କାରଣନଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଦରଖାସ୍ତକୁ ଗ୍ରହଣ କିମ୍ବା ବାତିଲ କରିବାର ଅଧିକାର ସଂରକ୍ଷିତ ରଖୁଅଛି। ଚୟନ ନିମନ୍ତେ ବ୍ୟାଙ୍କର ନିଷ୍ପତ୍ତି ହିଁ ଚୂଡ଼ାନ୍ତ ଅଟେ।
ତାରିଖ:୦୬.୦୬.୨୦୨୫ ମୁଖ୍ୟ କ୍ଷେତ୍ରୀୟ ପ୍ରବନ୍ଧକ

ଦ.ପୂ. ରେଳପଥ – ଟେଣ୍ଡର
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ଡିଆର୍‌ଏମ୍/ଇଏନ୍‌ଜି/ସିକେପି ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି: କ୍ର.ସଂ.; କାର୍ଯ୍ୟର ନାମ; ଟେଣ୍ଡର ବିଜ୍ଞପ୍ତି ନଂ.; ଟେଣ୍ଡର ମୂଲ୍ୟ; ଇଏମ୍‌ଡି; ଖୋଲାଯିବା ତାରିଖ: (୧); ସିକେପି-ସେଣ୍ଟ୍ରାଲ-୨୫-୨୬-୦୬; ଏଡିଇଏନ୍/ବିଏନ୍‌ଡିଏମ୍ ଅଧୀନରେ ବିଭିନ୍ନ ଷ୍ଟେଶନରେ ଷ୍ଟାଫ୍ କ୍ୱାର୍ଟର ପାଇଁ ଶୌଚାଳୟ, ରୋଷେଇଘର, ମେଳିଆ ଓ ସିୱର ଡ୍ରେନ୍‌ର ନବୀକରଣ। ₹୪,୨୪,୬୪,୧୧୫.୫୧; ₹୩,୬୨,୩୦୦.୦୦; ତା୨୪।୦୬।୨୦୨୫ରିଖ; (୨); ସିକେପି-ସେଣ୍ଟ୍ରାଲ-୨୫-୨୬-୦୭; ଟୁନିଆ, ଗୋଇଲକେରା, ମନୋହରପୁର, ଜରାଇକେଲା, ଭାଲୁଲତାଠାରେ ଷ୍ଟାଫ୍ କ୍ୱାର୍ଟର ଏବଂ କଲୋନୀ ରୋଡ୍ ଆପ୍ରୋଚ୍‌ଗୁଡ଼ିକର ନବୀକରଣ। ₹୪,୨୪,୬୪,୧୧୯.୪୪; ₹୩,୬୨,୩୦୦.୦୦; ତା୨୪।୦୬।୨୦୨୫ରିଖ; (୩); ସିକେପି-ସେଣ୍ଟ୍ରାଲ-୨୫-୨୬-୦୮; କିମି ୩୧୭/୨-୪ସ୍ଥିତ ଏଲସି ନଂ. ୧୭୩ଠାରେ ଆପ୍ରୋଚ୍/ପାର୍ଶ୍ୱବର୍ତ୍ତୀ ରାସ୍ତା ଉପରେ ଆଚ୍ଛାଦିତ ଶେଡ୍ ଓ ପାଣି ଜମାଟକୁ ଏଡ଼ାଇବା ପାଇଁ ସମ୍ପ୍ ୱେଲ୍ ଏବଂ ଡ୍ରେନ୍‌ର ବ୍ୟବସ୍ଥା କରିବା। ₹୨,୨୧,୯୦,୯୩୮.୨୧; ₹୨,୬୧,୦୦୦.୦୦; ତା୩୦।୦୬।୨୦୨୫ରିଖ; ଟେଣ୍ଡର ଫର୍ମ ମୂଲ୍ୟ: ₹୦ (କ୍ର.ସଂ. ୧ରୁ ୩ ପାଇଁ)। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ହେବନାହିଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ। ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.in ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆରଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ କାଗଜପତ୍ର ଅପ୍‌ଲୋଡ୍ କରାଯିବା ଜରୁରୀ। ଦ୍ରଷ୍ଟବ୍ୟ: ସମସ୍ତ ଟେଣ୍ଡରଦାତାଙ୍କୁ ବିନା ମୂଲ୍ୟରେ ଇ-ଟେଣ୍ଡର ଫର୍ମ ଜାରି କରାଯିବ। (କର୍ତ୍ତୃପକ୍ଷ- ରେଳୱେ ବୋର୍ଡର ପତ୍ର ସଂ. ୨୦୨୦/ସିଇ-I/ସିଟି/୩ଇ/ଜିସିସି/ପଲିସି, ତାରିଖ: ୧୬।୦୭।୨୦୨୦)। (PR-233)

''छत्तीसगढ़ शासन, वन एवं जलवायु परिवर्तन विभाग'', धमतरी वनमंडल, धमतरी
काष्ठागार धमतरी का ई-ऑक्सन का संक्षिप्त विज्ञापन
सर्व साधारण को सूचनार्थ प्रकाशित किया जाता है, कि धमतरी वनमंडल धमतरी के अन्तर्गत धमतरी काष्ठागार में संग्रहित ईमारती काष्ठ, जलाऊ एवं बल्ली का ई-ऑक्सन द्वारा निर्वर्तन निम्नानुसार किया जावेगा। इच्छुक बोलीदारों से अनुरोध है, कि वे ई-ऑक्सन में भाग लेवें। ई-ऑक्सन की शर्तें एवं अन्य जानकारी कार्यालयीन दिवस व समय पर वनमंडल कार्यालय / वन काष्ठागार धमतरी से प्राप्त की जा सकती है।
नीलाम दिनांक - 12 जुन 2025
नीलाम समय - प्रातः 09.00 बजे से
नीलाम में प्रस्तावित वनोपज की अनुमानित मात्रा

| प्रजाति | नया वनोपज | | अविक्रित वनोपज | | योग वनोपज | |
|---|---|---|---|---|---|---|
| | लट्ठा घ.मी. | बल्ली / खुंटा नग में | लट्ठा घ.मी. | बल्ली / खुंटा नग में | लट्ठा घ.मी. | बल्ली / खुंटा नग में |
| 1 | 2 | 3 | 4 | 5 | 6 | 7 |
| सागौन | 3.496 | 5 | 196.932 | 4897 | 200.428 | 4902 |
| बीजा | 4.848 | - | 5.508 | - | 10.356 | - |
| शीशम | - | - | 0.116 | - | 0.116 | - |
| हल्दु / मुण्डी | 5.098 | 6 | 4.913 | - | 10.011 | 6 |
| साजा | 13.335 | 3 | 3.323 | 100 | 16.658 | 103 |
| घावड़ा | 18.842 | - | - | - | 18.842 | - |
| पापड़ा | 1.204 | - | 0.656 | - | 1.860 | - |
| नीलगिरी | 0.778 | - | 0.361 | - | 1.139 | - |
| अन्य | 107.944 | 423 | 7.465 | 1488 | 115.409 | 1911 |
| योग | 155.545 | 437 | 219.274 | 6485 | 374.819 | 6922 |

जलाऊ

| प्रजाति | काष्ठागार धमतरी | | केन्द्रीय उपभोक्ता डिपो कुरूद | केन्द्रीय उपभोक्ता डिपो शयामतराई पुराना बांस | कुरूद डिपो में पुराना बांस विभिन्न साईज के दुकड़ो में (साईज 5.50 मीटर) |
|---|---|---|---|---|---|
| | नया | पुराना | नया | | |
| सागौन | 11 | 26 | - | - | - |
| अन्य | - | 20 | 87 | 1923 नग | 1000 नग |
| योग | 11 | 46 | 87 | 1923 नग | 1000 नग |

टीप: (1) क्रेताओं को ई-ऑक्सन के पूर्व एम.एस.टी.सी. ई-कार्मस पोर्टल में रजिस्ट्रेशन करना अनिवार्य हैं।
(2) क्रेताओं को ई-ऑक्सन के पूर्व क्रय लॉटों के अपसेट प्राईज मूल्य के 10 प्रतिशत की राशि अपने वॉलेट में रखना अनिवार्य है। सफल बोलीदार को एक सप्ताह के भीतर शेष 15 प्रतिशत ई.एम.डी. की राशि जमा करना अनिवार्य है।
(3) लॉट की थप्पी सूची एवं फोटो एम.एस.टी.सी. ई-कार्मस पोर्टल में अपने आईडी से लॉगइन करके देख सकते है।
(4) इ-ऑक्सन में लॉट क्रय के पश्चात् प्रथम क्रेता को 40 सेंकड का समय प्राप्त होगा उसी लॉट में अन्य क्रेताओं द्वारा 40 सेकंड के पूर्व क्रय करने पर 30 सेकंड का समय प्राप्त होगा।
फोन: 07722-238371, फैक्स: 07722-236137
G-252601361/2
स्वा./- वनमण्डलाधिकारी, धमतरी वनमंडल, धमतरी

କାନାରା ବ୍ୟାଙ୍କ Canara Bank
ଭାରତ ସରକାରଙ୍କ କର୍ଯ୍ୟୋଦ୍ୟୋଗ A Government of India Undertaking
ସିଣ୍ଡିକେଟ Syndicate
କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ, ଶ୍ରୀଜୀ କମ୍ପ୍ଲେକ୍ସ, ପ୍ଲଟ୍ ନଂ.: ୮୪୦/୮୫୮ ଏବଂ ୮୪୦/୮୫୯, କଟକ ଟାଉନ, ୟୁନିଟ୍ ନଂ.- ୧୭, ମାଛୁଆ ବଜାର, କଟକ-୭୫୩୦୦୧
ଡିମାଣ୍ଡ ନୋଟିସ୍
ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନ୍ତର୍ଗତ ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍
ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩(୨) ଅନୁଯାୟୀ ସୁରକ୍ଷିତ ଋଣଦାତା ଭାବେ କାନାରା ବ୍ୟାଙ୍କ ଦ୍ୱାରା ଜାରିକରାଯାଇଥିବା ଡିମାଣ୍ଡ ନୋଟିସ୍ ଯାହା ଏହାର ଏସ୍‌ଏମ୍‌ଇ ଜଗତପୁର ଶାଖାର ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ନିମନ୍ତେ ତାହାର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା।
ଆପଣ ନିମ୍ନଦର୍ଶିତ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନେ ଆମର ନିମ୍ନଦର୍ଶିତ ଶାଖା ସହ ଚୁକ୍ତିନାମା ଅନୁଯାୟୀ ନିମ୍ନ ସାରଣୀରେ ଦର୍ଶାଯାଇଥିବା ଋଣ ଏବଂ ତତ୍‌ପରବର୍ତ୍ତି ସୁଧ ପଇଠ କରିବାରେ ଅସମର୍ଥ ହୋଇଛନ୍ତି। ନିମ୍ନରେ ଦର୍ଶାଯାଇଥିବା ସାରଣୀରେ ଉଲ୍ଲେଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ୍ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରିକରାଯାଇଥିଲା। ଋଣ ପରିଶୋଧରେ ଅନିୟମିତତା ଯୋଗୁଁ ଆପଣଙ୍କ ଆକାଉଣ୍ଟ ଅଣକାର୍ଯ୍ୟକାରୀ ସମ୍ପତ୍ତିରେ ପରିଣତ ହୋଇଛି। ଏତଦ୍ଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି କି ଏହି ନୋଟିସ୍ ପ୍ରକାଶନର ୬୦ ଦିନ ମଧ୍ୟରେ ଆପଣ ସୁରକ୍ଷିତ ଋଣଦାତାଙ୍କ (ବ୍ୟାଙ୍କ) ନିକଟରେ ସମସ୍ତ ବକେୟା ଦେୟ (ଧାର୍ଯ୍ୟ ତାରିଖ ସୁଦ୍ଧା) ସହିତ ସେବାବଦ ଭବିଷ୍ୟତ ସୁଧ ପରିଶୋଧ କରିବେ ଅନ୍ୟଥା ଆମ୍ଭେ ଉପରୋକ୍ତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୪) ଏବଂ ଅନ୍ୟାନ୍ୟ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବୁ। ଆପଣଙ୍କୁ ଜଣାଇ ଦିଆଯାଉଛି କି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟର ଧାରା ୧୩(୧୩) ନିୟମାବଳୀ ଅନୁସାରେ ଆପଣ ଏହି ନୋଟିସ୍ ପ୍ରାପ୍ତି ପରେ ବ୍ୟାଙ୍କର ଲିଖିତ ସହମତି ବିନା ନିମ୍ନ ବର୍ଣ୍ଣିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରି କିମ୍ବା ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ। କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ-୨୦୦୨ ପ୍ରଦତ୍ତ କୌଣସି ବ୍ୟବସ୍ଥାରେ ହସ୍ତକ୍ଷେପ / ବାଧା ପହଞ୍ଚାଇବା ଅପରାଧ ଅଟେ। ଉପରୋକ୍ତ ଜାରି ନୋଟିସ୍‌ଟି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ କିମ୍ବା ବଳବତ୍ତର ଥିବା ଅନ୍ୟ କୌଣସି ଆଇନ ଅନୁଯାୟୀ ଏହା ଆମ୍ଭ ବ୍ୟାଙ୍କର କୌଣସି ଅଧିକାରକୁ ପ୍ରତିହତ କରିବ ନାହିଁ। ଏହି ନୋଟିସ୍ ଅନୁସାରେ ଦାବୀ କରାଯାଇଥିବା ରାଶି ପରିଶୋଧ କରି ସମସ୍ତ ପ୍ରକାର ଅସୁବିଧାକୁ ପରିହାର କରନ୍ତୁ ଅନ୍ୟଥା ପରିବର୍ତ୍ତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଆପଣ ସେବାବଦ ସମସ୍ତ ଖର୍ଚ୍ଚ ଓ ଫଳାଫଳ ନିମନ୍ତେ ଦାୟୀ ରହିବେ। ଉପଧାରା (୨)ରେ ଧାର୍ଯ୍ୟ ସମୟସୀମା ମଧ୍ୟରେ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନେ ବକେୟା ରାଶି ସମ୍ପୂର୍ଣ୍ଣ ଭାବେ ପୈଠ ନକଲେ ସୁରକ୍ଷିତ ଋଣଦାତା ସୁରକ୍ଷିତ ଋଣରାଶି ଆଦାୟ କରିବା ନିମନ୍ତେ ନିମ୍ନଲିଖିତ ପଦକ୍ଷେପ ମଧ୍ୟରୁ ଗୋଟିଏ କିମ୍ବା ଅଧିକ ଗ୍ରହଣ କରିପାରନ୍ତି। କ) ସୁରକ୍ଷିତ ଋଣରାଶି ଆଦାୟ ନିମନ୍ତେ ଋଣଗ୍ରହୀତାଙ୍କ ସୁରକ୍ଷିତ ସମ୍ପତ୍ତି ଦଖଲ କରିବା ସହିତ ସୁରକ୍ଷିତ ସମ୍ପତ୍ତିକୁ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ କରି ହସ୍ତାନ୍ତରିତ କରିବା ଅଧିକାର ରଖୁଛନ୍ତି। ଖ) ସୁରକ୍ଷିତ ଋଣରାଶି ଆଦାୟ ନିମନ୍ତେ ଋଣଗ୍ରହୀତାଙ୍କ ବ୍ୟବସାୟ ପରିଚାଳନାକୁ ଟେକଓଭର କରିବା ସହିତ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ କରିବା ଅଧିକାର ରହିଛି। ଉଲ୍ଲେଖଯୋଗ୍ୟ କି, ଋଣଗ୍ରହୀତାଙ୍କ ବ୍ୟବସାୟର ଅଧିକାଂଶ ଭାଗ ଋଣ ପାଇଁ ବନ୍ଧକ ଥିଲେ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ ଅଧିକାର ପ୍ରୟୋଗ କରାଯାଇପାରିବ।

| ଏସ୍‌ଏମ୍‌ଇ ଜଗତପୁର ଶାଖା / ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ନାମ ଓ ଠିକଣା / ଆକାଉଣ୍ଟ ନଂ. | (କ) ଋଣ/ମଞ୍ଜୁରି ଋଣ (ଖ) ଏନ୍‌ପିଏ / ଋଣ ପରିଶୋଧ ନୋଟିସ୍ ତାରିଖ (ଗ) ଡିମାଣ୍ଡ ନୋଟସ୍ ତାରିଖ | ନିର୍ଦ୍ଧାରିତ ତାରିଖ ପର୍ଯ୍ୟନ୍ତ ମୋଟ ବକେୟା ପରିମାଣ | ବ୍ୟାଙ୍କରେ ବନ୍ଧକ ଥିବା ସମ୍ପତ୍ତି ଗୁଡିକର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| ଋଣଗ୍ରହୀତା ଏବଂ ବନ୍ଧକଦାତା: ଶ୍ରୀ ରମେଶ ପ୍ରଧାନ, ପିତା: ସ୍ୱ ଭରତ ପ୍ରଧାନ / ସହ-ଋଣଗ୍ରହୀତା: ଶ୍ରୀ ପ୍ରଶାନ୍ତ ପ୍ରଧାନ, ପିତା: ରମେଶ ପ୍ରଧାନ, ଉଭୟଙ୍କ ଠିକଣା- ସା: ଗୋପାଳପୁର, ପୋ: ଚଷାପଡା, ଥାନା: ଚୌଦ୍ୱାର, କଟକ, ପିନ୍-୭୫୪୦୨୭ / ଆକାଉଣ୍ଟ ନଂ.: ୩୯୬୯୬୦୫୦୦୦୦୦୫ | (କ) ଟ.୯,୭୫,୦୦୦/- (କାନାରା ମର୍ଟଗେଜ) (ଖ) ୨୯.୦୫.୨୦୨୫ (ଗ) ୦୫.୦୬.୨୦୨୫ | ୦୫.୦୬.୨୦୨୫ ସୁଦ୍ଧା ଟ.୨,୪୧,୨୧୫.୪୬ ଯୁକ୍ତ ସୁଧ ଏବଂ ସେବାବଦ ଖର୍ଚ୍ଚ | ଶ୍ରୀ ରମେଶ ପ୍ରଧାନଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାକି କଟକ, ଥାନା: ଚୌଦ୍ୱାର, ତହସିଲ: ଟାଙ୍ଗି-ଚୌଦ୍ୱାର, ଏସ୍‌ଆରଓ: ଜଗତପୁର, ଥାନା ନଂ. ୪୨, ତହସିଲ ନଂ. ୫୫, ମୌଜା: ଗୋପାଳପୁର ରେ ଅବସ୍ଥିତ, ଓଡ଼ିଶା ସରକାର ଖେୱାଟ୍ ନଂ.: ୧, ମ୍ୟୁଟେସନ୍ / ପରିବର୍ତ୍ତୀତ ଖାତା ନଂ.: ୬୫, ସ୍ଥିତିବାନ ପ୍ଲଟ୍ ନଂ.: ୨୩୮, କିସମ: ଘରବାରି, କ୍ଷେତ୍ର: ଏକର୦.୨୩୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ- ଉତ୍ତର: ଅନାବାଦି ପ୍ଲଟ୍ ନଂ. ୨୧୩ ଉପରେ ପଞ୍ଚାୟତ ରାସ୍ତା ବିଦ୍ୟମାନ, ଦକ୍ଷିଣ: ପ୍ଲଟ୍ ନଂ. ୨୪୯ (ଭୀମ ନାୟକ ଏବଂ ଅନ୍ୟମାନେ), ପୂର୍ବ: ପ୍ଲଟ୍ ନଂ. ୨୩୯, ପଶ୍ଚିମ: ପ୍ଲଟ୍ ନଂ. ୨୩୭ |

ତାରିଖ : ୦୬.୦୬.୨୦୨୫
ସ୍ଥାନ : କଟକ
କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୬।୬।୨୦୨୫

| | |
|---|---|
| ୫,୮୨,୩୨୩ ଟଙ୍କା | |
| ସୁନା | ୧୧.୫୦୦ ଗ୍ରାମ୍ |
| ରୁପା | ୨୧.୩୦୦ ଗ୍ରାମ୍ |

# ଧାର୍ଯ୍ୟ ସମୟରେ ନୀତି, ଶୃଙ୍ଖଳା ରକ୍ଷାକୁ ଗୁରୁତ୍ୱ

### ପୋଲିସ ଓ ଛତିଶା ନିଯୋଗ ସେବାୟତଙ୍କ ମଧ୍ୟରେ ସମନ୍ୱୟ ବୈଠକ

ପୁରୀ,୬।୬(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ସ୍ନାନଯାତ୍ରା ଚଳିତ ମାସ ୧୧ରେ ଓ ରଥଯାତ୍ରା ୨୭ ତାରିଖରେ ଅନୁଷ୍ଠିତ ହେବ। ମହାପ୍ରଭୁଙ୍କ ଯାତ୍ରା ଶୃଙ୍ଖଳିତ ଭାବେ ସମ୍ପନ୍ନ କରାଇବା ପାଇଁ ପ୍ରଶାସନ ପକ୍ଷରୁ ଜୋରଦାର ପ୍ରସ୍ତୁତି ଚାଲିଛି। ସେହିପରି ସେବାୟତଙ୍କ ସହ ଶ୍ରୀମନ୍ଦିର ପ୍ରଶାସନ ନୀତି ଶୃଙ୍ଖଳାକୁ ନେଇ ବାରମ୍ବାର ବୈଠକ କରୁଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ପୁରୀ ଜିଲା ପୋଲିସ କାର୍ଯ୍ୟାଳୟ ପରିସରରେ ପୋଲିସ ଏବଂ ଛତିଶା ନିଯୋଗ ସେବାୟତଙ୍କ ମଧ୍ୟରେ ସ୍ନାନଯାତ୍ରା ଓ ରଥଯାତ୍ରା ପାଇଁ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଏସ୍‌ପି ବିନୀତ ଅଗ୍ରୱାଲ ଅଧ୍ୟକ୍ଷତା କରିଥିଲେ। ପୁରୀ ପୋଲିସ ପକ୍ଷରୁ ଶୃଙ୍ଖଳା ଏବଂ ନିୟମିତତା ରକ୍ଷା ପାଇଁ ଆଗ୍ରହ ଓ ଦାୟିତ୍ୱପୂର୍ଣ୍ଣ ଭାବେ ପଦକ୍ଷେପ ନିଆଯିବ ବୋଲି ଏସ୍‌ପି କହିବା ସହ ସେବାୟତଙ୍କୁ ସହଯୋଗ ଓ ସମୟ ଅନୁସାରେ ସମସ୍ତ ନୀତିକାନ୍ତି ସମାପନ କରିବା ପାଇଁ ପରାମର୍ଶ ଦେଇଥିଲେ। ଗାଡ଼ି ଯାତାୟାତ ଓ ପାର୍କିଂ ବ୍ୟବସ୍ଥା ଉପରେ ଆଲୋଚନା ହୋଇଥିଲା। ସ୍ନାନଯାତ୍ରା ପାଇଁ ନୂଆ ପାର୍କିଂସ୍ଥଳ ଭାବେ ପଶ୍ଚିମ ଗେଟ୍ ସ୍ଥିର ହୋଇଛି। ରଥଯାତ୍ରା ସମୟରେ ମୁକ୍ତାକାଶ ରଙ୍ଗମଞ୍ଚ ପାଖରେ ଗାଡ଼ି ରଖିବା ପାଇଁ ବ୍ୟବସ୍ଥା କରାଯିବ। ନିଯୋଗ ପକ୍ଷରୁ ଶୃଙ୍ଖଳିତ ଯାତାୟାତ ପାଇଁ ସହଯୋଗ ଦାବି କରାଯାଇଛି। ସେହିପରି ନିଯୋଗ ସମ୍ପର୍କିତ ସହାୟତା ପାଇଁ ନୋଡାଲ୍ ଅଫିସର ଭାବେ ଅତିରିକ୍ତ ଏସ୍‌ପି ସଚିନ ପଟେଲ, ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ, ଟାଉନ୍ ଥାନା ଆଇଆଇସି ଗୋକୁଳ ରଞ୍ଜନ ଦାସ, କୁମ୍ଭାରପଡ଼ା ଥାନା ଆଇଆଇସି ସୁଶାନ୍ତ ସାହୁ ଏବଂ ସିଂହଦ୍ୱାର ଥାନା ଆଇଆଇସି ଶ୍ୱେତପଦ୍ମା ଦାଶଙ୍କୁ ଦାୟିତ୍ୱ ଦିଆଯାଇଛି। ଯାତାୟାତ ସମ୍ପର୍କିତ ସହଯୋଗ ପାଇଁ ନୋଡାଲ୍ ଅଫିସର ଭାବେ ଟ୍ରାଫିକ୍ ଡିଏସ୍‌ପି ରାଜକୁମାର ପରିଡ଼ା ଓ ଟ୍ରାଫିକ୍ ଆଇଆଇସି ଜୟଦୀପ ମହାନ୍ତି ଦାୟିତ୍ୱରେ ରହିଛନ୍ତି। ଯୋଗାଯୋଗ ଓ ସମନ୍ୱୟ ନିମନ୍ତେ ଛତିଶା ନିଯୋଗ ଓ ପୋଲିସ ମଧ୍ୟରେ ରହିଥିବା ବର୍ତ୍ତମାନ ହ୍ୱାଟସଆପ୍ ଗ୍ରୁପ୍ ଚାଲୁରହିବ। ଉତ୍ସବ ସମୟରେ ଯେକୌଣସି ସମସ୍ୟା ଅତିଶୀଘ୍ର ଅପଡେଟ୍ କରିବାକୁ ଅନୁରୋଧ କରାଯାଇଛି। ପୋଲିସ ପକ୍ଷରୁ ତ୍ୱରିତ ପ୍ରକ୍ରିୟା ଓ ସମାଧାନ କରାଯିବ। ଏହି ଅବସରରେ ଛତିଶା ନିଯୋଗ ସଦସ୍ୟମାନେ ତାଙ୍କ ସୁପାରିସ, ଆଶଙ୍କା ଓ ମତ ରଖିଥିଲେ। କେହି ମନରେ କୌଣସି ଆଶଙ୍କା ନ ରଖି ମହାପ୍ରଭୁଙ୍କ କାର୍ଯ୍ୟ କରିବା ବୋଲି ଛତିଶା ନିଯୋଗ ନାୟକ ଜନାର୍ଦ୍ଦନ ପାଟଯୋଶୀ ମହାପାତ୍ର କହିଥିଲେ। ସମସ୍ତ ଅଭିଯୋଗର ଉଚିତ ପଦକ୍ଷେପ ନିଆଯିବ ବୋଲି ଏସ୍‌ପି ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଛତିଶା ନିଯୋଗର ସମସ୍ତ ସଦସ୍ୟ, ଅତିରିକ୍ତ ଏସ୍‌ପି ସୁଶୀଲ ମିଶ୍ର, ସୌମ୍ୟରଞ୍ଜନ ମଲ୍ଲିକ, ସମସ୍ତ ଥାନା ଅଧିକାରୀ, ଶ୍ରୀମନ୍ଦିର ସ୍ୱତନ୍ତ୍ର ବାଟାଲିୟନର ଦୁର୍ଗପତି ତାପସ ଦାସ, ଉପଦୁର୍ଗପତି କୌଶିକ ନାୟକ, ସହଦୁର୍ଗପତି ଘନଶ୍ୟାମ ହେମ୍ବ୍ରମ, ବିଜୟ ନନ୍ଦ, ସୌମ୍ୟରଞ୍ଜନ ଦାଶ, ନାରାୟଣ ରାଉତ ଏବଂ ଅନ୍ୟ ପ୍ରମୁଖ ବ୍ୟକ୍ତି ଉପସ୍ଥିତ ଥିଲେ।

## ରଥଖଳାରୁ...

### ପାଞ୍ଚଦଣ୍ଡାରେ ନିରାଡ଼ି ସହ ପୋଲ ଗୟଳ ସଂଯୁକ୍ତ



ପୁରୀ,୬।୬(ଅଜିତ୍ କୁମାର ମହାନ୍ତି)

ପୁରୀ ରଥଖଳାରେ ମହାପ୍ରଭୁଙ୍କ ରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ଶୁକ୍ରବାର ଭୋଇ ସେବକମାନେ ତିନିରଥର ପାଞ୍ଚଦଣ୍ଡା ଉପରକୁ ଦୁଇଟି ଲେଖାଏ ଗରଗରା ଉଠାଇବା ପରେ ମହାରଣା ସେବକମାନେ ମାପ ପ୍ରକାରେ ଗରଗରା ପଛ ଭାଗକୁ ଅର୍ଦ୍ଧ ଚନ୍ଦ୍ରାକାର କାପ ଖୋଦେଇ ସହ ବିନ୍ଧ କଲା ପରେ ଓଝା ସେବକମାନେ ଗରଗରାରେ କଣ୍ଟା ବାଡ଼ିଆ କାର୍ଯ୍ୟ ସମ୍ପନ୍ନ କରିଥିଲେ। ତିନିରଥର ପାଞ୍ଚଦଣ୍ଡା ଉଭୟ ପାର୍ଶ୍ୱରେ ଗୋଟିଏ ଲେଖାଏ ପୋଲ ଗୟଳ ଆଗ ଏବଂ ପଛ ନିରାଡ଼ି ସହ ସଂଯୁକ୍ତ ହୋଇଛି। ପୋଲ ଗୟଳକୁ ମୁଣ୍ଡାଇ ରଖିବା ପାଇଁ ୭ଟି ଟାଣ ବା ଖମ୍ବି ଉଭୟ ପାର୍ଶ୍ୱ ଦଣ୍ଡାରେ ବିନ୍ଧ କରାଯାଇ ସେଟିଂ କରାଯାଇଛି। ଚାରି ନାହାକା ଉଠିବା ସହଜ ହେବା ପାଇଁ ଭୋଇ ସେବକମାନେ ପୋଲା ଗୟଳ ଉପରେ ଭାରା ବାନ୍ଧି ଫାଳି ବଟନ କାଠ ପକାଇଛନ୍ତି। ଗାରେଡ଼ି ଏବଂ ଅଁଳା ନିର୍ମାଣ ପାଇଁ ରଥ ଚାଳିକୁ ୪ଟି ଲେଖାଏଁ ୬ଫୁଟ ଲମ୍ବ କାଠ ଯୋଗାଇ ଦିଆଯାଇଛି। ସେଗୁଡ଼ିକର ଚଉପଟ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତିନିରଥର ଶେଷ ଦୁଇଟି ଲେଖାଏ ଗୟଳର ଚଉପଟ କାର୍ଯ୍ୟ ସରିଛି। ରୂପକାର ସେବକମାନେ ତିନିରଥ ନାଟ ଗୋଡ଼ରେ ରାହୁରୂପ ବା ଗନ୍ଧର୍ବ ରୂପ ଖୋଦେଇ କରୁଛନ୍ତି। ଦୋଳବେଦି ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ ପୋଟଳ ପାଇଁ ଗୋଡ଼ି ଛାଲ କଣ୍ଟା ଓ ଗୟଳ ପାଇଁ ତାଗ କଣ୍ଟା ନିର୍ମାଣରେ ବ୍ୟସ୍ତ ରହିଛନ୍ତି।

## ସଂକ୍ଷେପରେ

### ସିପିଆର୍, ପ୍ରାଥମିକ ଚିକିତ୍ସା ତାଲିମ ଶିବିର

ପୁରୀ,୬।୬(ଅଜିତ୍ କୁମାର ମହାନ୍ତି)

ଆଗାମୀ ରଥଯାତ୍ରା ନିମନ୍ତେ ଆଇସିଏମ୍ଆର୍ ଇଣ୍ଡିଆ ଇଏମ୍ଏସ୍ ପ୍ରକଳ୍ପ ଏବଂ ଏନ୍ଏସ୍ଏସ୍ ବ୍ୟୁରୋ (ଏମ୍ସ ଭୁବନେଶ୍ୱର) ଏକ ହୃଦ୍-ଫୁସଫୁସୀୟ ପୁନର୍ଜୀବନ ପ୍ରଣାଳୀ (ସିପିଆର୍) ଏବଂ ପ୍ରାଥମିକ ଚିକିତ୍ସା ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି। ପୁରୀ ଜିଲା ପ୍ରଶାସନ ମିଳିତ ସହଯୋଗରେ ସିପିଆର୍ ଏବଂ ପ୍ରାଥମିକ ଚିକିତ୍ସା ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଇସିଏମ୍ଆର୍ ଇଣ୍ଡିଆ ଇଏମ୍ଏସ୍ ପ୍ରକଳ୍ପ ହେଉଛି ପୁରୀ ଜିଲାରେ ଉଚ୍ଚମାନର ଜରୁରୀକାଳୀନ ଚିକିତ୍ସା ବ୍ୟବସ୍ଥାର ମଡେଲ୍ ବିକଶିତ କରିବା ପାଇଁ ଏକ ପ୍ରକଳ୍ପ। ଏହା ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଏମ୍ସ ଭୁବନେଶ୍ୱର ଦ୍ୱାରା କାର୍ଯ୍ୟକାରୀ କରାଯାଇଛି। ୨୦ ପୋଲିସ କର୍ମଚାରୀ, ୨୦ ଅଗ୍ନିଶମ କର୍ମଚାରୀ, ୨୦ ଲାଇଫଗାର୍ଡ, ୧୪ ନର୍ସିଂ ଅଧିକାରୀ, ୧୭ ଆଟେଣ୍ଡାଣ୍ଟ, ୧୯ ସ୍ୱେଚ୍ଛାସେବୀ (ଆପଦମିତ୍ର, ଏନ୍ଏସ୍ଏସ୍, ରେଡକ୍ରସ, ସେଣ୍ଟ ଜନ୍ ଏବଂ ହାପିନେସ୍ ଫାଉଣ୍ଡେଶନ୍) ଏବଂ ୧୯ ଜଣ ଅଟୋ ଡ୍ରାଇଭରଙ୍କ ସମେତ ମୋଟ ୧୨୯ ଜଣ ଅଂଶଗ୍ରହଣକାରୀଙ୍କୁ ସିପିଆର, ପ୍ରାଥମିକ ଚିକିତ୍ସା ଏବଂ ଅଗ୍ନି ନିରାପତ୍ତା ଉପରେ ତାଲିମ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଡେପୁଟି କଲେକ୍ଟର ମନୀଷା ଷଡ଼ଙ୍ଗୀ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପବିତ୍ର ମୋହନ ମଲ୍ଲିକଙ୍କ ମାର୍ଗଦର୍ଶନରେ ଏହି ତାଲିମ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଡା. ଅରବିନ୍ଦ କୁମାର ସିଂ, ଡା. ପ୍ରିୟମାଧବ ବେହେରା, ଡା. ଶ୍ରୀତମ ସ୍ୱରୂପ ଜେନା, ଡା. ହେପ୍ସିବାଇ ଯୋସେଫ, ଡା. ଅମଲ ରବି ଏବଂ ଜିତେନ୍ଦ୍ର ସାହୁ ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

### ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ଚାରାରୋପଣ

କଣାସ,୬।୬(ବିଭୂତି ଭୂଷଣ ତ୍ରିପାଠୀ)

ବିଶ୍ୱ ପରିବେଶ ଦିବସ ଅବସରରେ କାଦୁଆ ପଞ୍ଚାୟତ ସାହସପୁର ଗ୍ରାମର ଯୁବକମାନେ ବୃନ୍ଦାବତୀ ମଣ୍ଡପ ଓ ସରକାରୀ ଖେଳ ନିକଟରେ ନଡ଼ିଆ ଗଛ, ବଉଳ କୋଳି, ପେସ୍ତା ବାଦାମ ଚାରା ରୋପଣ କରି ତାର ଯତ୍ନ ନେବା ପାଇଁ ଶପଥ ନେଇଛନ୍ତି। ଏଥିସହ ଆଗକୁ ଆହୁରି ଅଧିକ ଚାରାରୋପଣ କରିବେ ବୋଲି ଆଲୋଚନା କରିଥିଲେ।



ଦେଶବନ୍ଧୁ ନୋଡାଲ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ବରିଷ୍ଠ ଶିକ୍ଷକଙ୍କୁ ପୂର୍ବତନ ଛାତ୍ର ସଂସଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି।

# ନିଷ୍ଠା ରହିଲେ ଅନୁଷ୍ଠାନ ଦୀର୍ଘସ୍ଥାୟୀ ହେବ

### ଦେଶବନ୍ଧୁ ନୋଡାଲ ଉଚ୍ଚବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଘାଟିତ

ଗୋପ/ଯୋଗେଶ୍ୱରପୁର,୬।୬
(ଭାରତୀ ଭୂଷଣ ଉପାଧ୍ୟାୟ/ରଶ୍ମିରଞ୍ଜନ ସାହୁ)

ଶିକ୍ଷା ଆମମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ ଗଠନ କରୁଥିବାବେଳେ ନିଷ୍ଠା, ପରାକାଷ୍ଠା ରହିବା ନିହାତି ଆବଶ୍ୟକ ବୋଲି ଶୁକ୍ରବାର ସନ୍ଧ୍ୟାରେ ଗୋପ ବ୍ଲକ ଅନ୍ତର୍ଗତ ବଉଲାଙ୍ଗ ପଞ୍ଚାୟତର ଦେଶବନ୍ଧୁ ନୋଡାଲ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜଗତ୍‌ସିଂହପୁର ଏମ୍‌ପି ବିଭୂପ୍ରସାଦ ତରାଇ ଯୋଗଦେଇ କହିଛନ୍ତି। ଆଲମୁନି କମିଟିର ସଭାପତି କମଳାକାନ୍ତ କଅଁରଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ଗୋପ ତହସିଲଦାର ଅନୀଲ କୁମାର ମହାନ୍ତି, ବିଡିଓ ଛବିରାଣୀ ସାହୁ, ଏମ୍‌ପିଙ୍କ ପ୍ରତିନିଧି ରାଜଲକ୍ଷ୍ମୀ ଦାଶ, ସୁଦର୍ଶନ ସ୍ୱାଇଁ, ବଉଲାଙ୍ଗ ସରପଞ୍ଚ ନରହରି ଦଳାଇ, ସ୍କୁଲ ପରିଚାଳନା କମିଟି ସଭାପତି ବିମ୍ବାଧର ଦଳାଇ, ଅବସରପ୍ରାପ୍ତ ଶିକ୍ଷା ପ୍ରଶାସକ ପୂର୍ଣ୍ଣଚନ୍ଦ୍ର ରଥ, ସ୍କୁଲର ପ୍ରଧାନଶିକ୍ଷକ ମନୋଜ କୁମାର ମଲ୍ଲିକ ଯୋଗଦେଇ ଶିକ୍ଷା ଆମମାନଙ୍କର ଜୀବନରେଖା ସଦୃଶ୍ୟ ବୋଲି କହିବା ସହିତ ଉପସ୍ଥିତ ଅଭିଭାବକଙ୍କୁ ପିଲାମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବା ଦାୟିତ୍ୱ ସମ୍ପାଦନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ।

ଅତିଥିମାନେ ପ୍ରଥମେ ସ୍କୁଲ ସମ୍ମୁଖରେ ପହଞ୍ଚି ପହଲଗ୍ରାମ ଠାରେ ଦେଶପାଇଁ ବଳିଦାନ ଦେଇଥିବା ସ୍କୁଲର ପୂର୍ବତନ ଛାତ୍ର ପ୍ରସନ୍ନ ସାହୁଙ୍କ ସମେତ ଅନ୍ୟ ଶହୀଦମାନଙ୍କ ଉଦ୍ଦେଶ୍ୟ ଶହୀଦ ଉଦ୍‌ଘାଟନ କରିବା ସହ ମାଲ୍ୟାର୍ପଣ କରିଥିଲେ। ଏହି ସ୍କୁଲ ୧୯୭୪ ମସିହାର ବଉଲାଙ୍ଗ ପଞ୍ଚାୟତର ୪ଟି ଗ୍ରାମର ଲୋକମାନଙ୍କୁ ନେଇ ପ୍ରତିଷ୍ଠା ହୋଇ ନ ଥିବାରୁ ମଞ୍ଚରେ ଥିବା ଅତିଥି ସେମାନଙ୍କର ଭୂମିକା ଏ ଅଞ୍ଚଳ ଲାଗି କେତେ ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ବରିଷ୍ଠ ଶିକ୍ଷକ ସହିତ ଆଉ କେତେଜଣ ବିଶିଷ୍ଟ ବ୍ୟକ୍ତି ଓ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷ ଭାଗରେ ସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ବେଳେ ଏହି କାର୍ଯ୍ୟକ୍ରମ ୩ଦିନ ଧରି ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି।

### ସମ୍ବିତଙ୍କ ବିରୋଧରେ କଂଗ୍ରେସର ୱାନ ସିସି ପିଟିଶନ ଦାଖଲ

ପିପିଲି,୬।୬(ପ୍ରଭାତ କୁମାର ମହାପାତ୍ର)

ପୁରୀ ଏମ୍‌ପି ସମ୍ବିତ ପାତ୍ରଙ୍କ ବିବାଦୀୟ ମନ୍ତବ୍ୟକୁ ନେଇ ଶୁକ୍ରବାର କଂଗ୍ରେସ କମିଟି ପର୍ଯ୍ୟବେକ୍ଷକ ମନୋରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ପିପିଲି କୋର୍ଟରେ ୱାନ୍ ସିସି ପିଟିଶନ ଦାୟର କରିଛି। ଗତ ୪ ତାରିଖ ଦାଣ୍ଡମୁକୁନ୍ଦପୁରଠାରେ ହୋଇଥିବା ଭାଜପାର ବର୍ଷେ ପୂର୍ତ୍ତି ଆଶୀର୍ବାଦ ଜନସମାବେଶରେ ଡ. ପାତ୍ରଙ୍କ ଆପତ୍ତିଜନକ ମନ୍ତବ୍ୟକୁ ଘୋର ନିନ୍ଦା କରିଛି ରାଜ୍ୟ କଂଗ୍ରେସ। ଦେଶର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ବ୍ୟକ୍ତିଗତ ଭାବେ ଏମ୍‌ପି ପାତ୍ର ଖୋଲା ସଭାରେ ଯେଉଁଭଳି ଆପତ୍ତିଜନକ ମନ୍ତବ୍ୟ ଦେଇ ଅପମାନିତ କରିଛନ୍ତି, ତାହାକୁ କଂଗ୍ରେସ କେବେ ବରଦାସ୍ତ କରିବ ନାହିଁ। ଆଇନଗତ କାର୍ଯ୍ୟାନୁଷ୍ଠାନ ସହ ସବୁଠାରେ ବିରୋଧ ପ୍ରଦର୍ଶନ କରାଯିବ ବୋଲି କଂଗ୍ରେସ ନେତ୍ରୀ ନିରୁପମା ପାତ୍ର କହିଛନ୍ତି। ଏନେଇ ପିପିଲି ଅଦାଲତରେ ୪୩/୨୩ ଏକ ୱାନ ସିସି ପିଟିଶନ ଦାୟର କରାଯାଇଛି ବୋଲି ପୂର୍ବତନ ପ୍ରଦେଶ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ତଥା ଉଚ୍ଚ ନ୍ୟାୟାଳୟ ଆଇନଜୀବୀ ଲଲାଟେନ୍ଦୁ ଦାସ କହିଛନ୍ତି। ତେବେ କଂଗ୍ରେସର ଏହି ପ୍ରତିନିଧି ଦଳର ପୂର୍ବତନ ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ସୁଜିତ ମହାପାତ୍ର ଏହି ମାମଲା ଦାଏର କରିଥିବାବେଳେ ପିସିସି ସଦସ୍ୟ ତଥା ଆଇନଜୀବୀ ମାନସ ଆଚାର୍ଯ୍ୟ, ଜିଲା ମହିଳା କଂଗ୍ରେସ ନେତ୍ରୀ ନିରୁପମା ପାତ୍ର, ଉପସଭାପତି ସଞ୍ଜୟ ନାୟକ, ପିପିଲି ନଗର କଂଗ୍ରେସ ସଭାପତି ଅନ୍ତର୍ଯାମୀ ଦୀକ୍ଷିତ, ପ୍ରସନ୍ନ ମହାପାତ୍ର ପ୍ରମୁଖ ସାମିଲ ହୋଇଥିଲେ।

## ପରିବେଶ ସୁରକ୍ଷା, ସ୍ୱଚ୍ଛତାର ବାର୍ତ୍ତା ଦେଲେ




କାର୍ଯ୍ୟକ୍ରମରେ ଉପସ୍ଥିତ କର୍ମଚାରୀମାନେ।

କୋଣାର୍କ,୬।୬(ଜ୍ୟୋତିରାଜ ମହାନ୍ତି)

ବିଶ୍ୱ ପରିବେଶ ଦିବସ ଅବସରରେ କାମତ ଗ୍ରୁପର ସିଏମ୍‌ଡି ଭିଠଲ ଭେଙ୍କଟେଶ କାମତ ଓ ମିଷ୍ଟର ବିଶାଲ କାମତଙ୍କ ନିର୍ଦ୍ଦେଶକ୍ରମେ କାମତ ହୋଟେଲ ଲୋଟସ ରିସୋର୍ଟର ଗ୍ରୀନ ଟିମ୍‌ର ପ୍ରାୟ ୫୦ ଜଣ କର୍ମଚାରୀ ପରିବେଶ ସୁରକ୍ଷା ସମ୍ବନ୍ଧୀୟ ଫଳକ ବାର୍ତ୍ତା ଧରି ଏକ ଶୋଭାଯାତ୍ରାରେ ଆଇ.ଓ.ସି.ଏଫ. କ୍ୟାମ୍ପସ ଠାରୁ ବାହାରି କୋଣାର୍କ ଡାକ୍ତରଖାନା ପର୍ଯ୍ୟନ୍ତ ଯାଇଥିଲେ। ଏହି ଅବସରରେ କୋଣାର୍କ ମନ୍ଦିର ପାର୍ଶ୍ୱରେ ଓ କୋଣାର୍କ ସରକାରୀ ଡାକ୍ତରଖାନା ପରିସରରେ ସଫେଇ ତଥା ଚାରାରୋପଣ କାର୍ଯ୍ୟକ୍ରମମାନ ସମ୍ପାଦନ କରିଥିଲେ। କାର୍ଯ୍ୟକ୍ରମରେ ବନାଞ୍ଚଳ ଅଧିକାରୀ ସୁଦର୍ଶନ ଦେହୁରୀ ଓ କର୍ମଚାରୀ ଏବଂ ଗୋପ ସିଏଚ୍‌ସି ଓ କୋଣାର୍କ ସରକାରୀ ଡାକ୍ତରଖାନାର କର୍ମଚାରୀ, କୋଣାର୍କର ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତି ଓ ଗଣମାଧ୍ୟମର ପ୍ରତିନିଧିମାନେ ମଧ୍ୟ ସାମିଲ ହୋଇଥିଲେ। କାମତ ହୋଟେଲର ଆଞ୍ଚଳିକ ପରିଚାଳକ ଭାରତ ଭୂଷଣ ବିଶ୍ୱାଳଙ୍କ ମତରେ ଏହି କାର୍ଯ୍ୟକ୍ରମ ଜନସାଧାରଣଙ୍କୁ ପରିବେଶ ସ୍ୱଚ୍ଛତାର ବାର୍ତ୍ତା ଦେବା ସହ ଜାତୀୟ ଚାରାରୋପଣ ଅଭିଯାନକୁ ଅଧିକ ତ୍ୱରାନ୍ୱିତ କରିବ ବୋଲି ଆଶା। କାର୍ଯ୍ୟକ୍ରମକୁ ଲୋଟସ ରିସୋର୍ଟର ପରିଚାଳକ ସୁନୀଲ କୁମାର ପାଣିଗ୍ରାହୀ, ପ୍ରଦ୍ୟୁମ୍ନ ଦାଶ, ଧିରେନ କୁମାର ଆଚାର୍ଯ୍ୟ, ରାଜୀବ କୁମାର ନାୟକ, ଜିତେନ୍ଦ୍ର ଜେନା, ପ୍ରଦୀପ ମଣ୍ଡଳ, ଅଭିମନ୍ୟୁ ମାନ୍ୟଲୁ ପ୍ରମୁଖ ପରିଚାଳନା କରିଥିଲେ। ବନବିଭାଗ ଅଧିକାରୀ ସୁଦର୍ଶନ ଦେଉରୀ ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ନିମାପଡ଼ାକୁ ସବ୍‌ଡିଭିଜନ ମାନ୍ୟତା ଦେବାକୁ ଦାବି

ନିମାପଡ଼ା,୬।୬(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ାକୁ ସବ୍‌ଡିଭିଜନର ମାନ୍ୟତା ଦେବାକୁ ନିମାପଡ଼ା ପ୍ରେସ୍‌କ୍ଲବ ପକ୍ଷରୁ ଉତ୍କର୍ଷ ନିମାପଡ଼ା ସମ୍ମିଳନୀରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଆଇନ, ପୂର୍ତ୍ତ, ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ପୁରୀ ଏମ୍‌ପି ସମ୍ବିତ ପାତ୍ରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଆୟତନ, ଜନସଂଖ୍ୟା, ପରିସୀମା, ଭିତ୍ତିଭୂମି, ଭୌଗୋଳିକ ସ୍ଥିତି ଦୃଷ୍ଟିରୁ ନିମାପଡ଼ା ସବ୍‌ଡିଭିଜନର ମାନ୍ୟତା ମିଳିବାକୁ ସମସ୍ତ ପ୍ରକାଶ ଯୋଗ୍ୟତା ରହିଛି। ନିମାପଡ଼ାଠାରେ ପୂର୍ତ୍ତ, ଜଳସମ୍ପଦ, ଗ୍ରାମ୍ୟ ଉନ୍ନୟନ, ବିଦ୍ୟୁତ୍, ଗ୍ରାମାଞ୍ଚଳ ଓ ସହରାଞ୍ଚଳ ପାନୀୟ ଜଳ ଯୋଗାଣ, ପୋଲିସ ଆଦି ବିଭାଗର ସବ୍‌ଡିଭିଜନ ଅଫିସ ରହିଥିବାବେଳେ କେତେକ ବିଭାଗର ଡିଭିଜନ କାର୍ଯ୍ୟାଳୟ, ଏଡିଜେ କୋର୍ଟ, ଜେଏମ୍‌ଏଫ୍‌ସି ସମେତ ବିଭିନ୍ନ କୋର୍ଟ, ଜେଲ, ନିମାପଡ଼ା କୃଷି ଜିଲା କାର୍ଯ୍ୟାଳୟ, ବହୁ କଲେଜ ଆଦି ରହିଥିବା ସମ୍ପର୍କରେ ଉପମୁଖ୍ୟମନ୍ତ୍ରୀ, ଅନ୍ୟ ମନ୍ତ୍ରୀ, ଏମ୍‌ପିଙ୍କୁ ପ୍ରେସ୍‌କ୍ଲବରେ କାର୍ଯ୍ୟରତ ଗଣମାଧ୍ୟମର ପ୍ରତିନିଧିମାନେ ଅବଗତ କରିଥିଲେ। ନିମାପଡ଼ାକୁ ଖୁବ୍‌ଶୀଘ୍ର ସବ୍‌ଡିଭିଜନ ଘୋଷଣା କରାଯିବାକୁ ଉପମୁଖ୍ୟମନ୍ତ୍ରୀ ପରିଡ଼ା ଆନ୍ତରିକ ଉଦ୍ୟମ ଓ ପ୍ରଚେଷ୍ଟା ଚଳାଇଥିବା ଜଣାପଡ଼ିଛି। ପ୍ରେସ୍‌କ୍ଲବର ବରିଷ୍ଠ ଉପଦେଷ୍ଟା ବିଚିତ୍ରାନନ୍ଦ ସାହୁ, ଉପସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସମ୍ପାଦକ ରମାକାନ୍ତ ବେହେରା, ସଙ୍ଗଠନ ସମ୍ପାଦକ ସୁଦର୍ଶନ ବେହେରା, କୋଷାଧ୍ୟକ୍ଷ ପ୍ରଦ୍ୟୁମ୍ନ ବେହେରାଙ୍କ ନେତୃତ୍ୱରେ ପ୍ରେସ୍‌କ୍ଲବର ଅନ୍ୟାନ୍ୟ କର୍ମକର୍ତ୍ତା ଓ ସଦସ୍ୟମାନେ ଏହି ଦାବିପତ୍ର ପ୍ରଦାନ କରିଥିଲେ।

## ଦୁର୍ଘଟଣାରେ ମୃତ ଯୁବକଙ୍କ ପରିବାରକୁ ଭେଟିଲେ ବିଧାୟକ

ଡେଲାଙ୍ଗ,୬।୬(ରଶ୍ମୀରଞ୍ଜନ ପ୍ରଧାନ)

ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ସେବକସାହୁ ପାଟଣା ଗ୍ରାମର ସଞ୍ଜୟ ନାୟକ(୨୬)ଙ୍କ ଗତ ୩୦ ତାରିଖ ବିଳମ୍ବିତ ରାତିରେ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ସେ ଗ୍ୟାରେଜ୍‌ରେ କାମ କରି ପରିବାର ପ୍ରତିପୋଷଣ କରିଥାନ୍ତି। ହେଲେ ପରିବାରର ରୋଜଗାରିଆ ପୁଅର ମୃତ୍ୟୁ ଘଟିବା ପରେ ତାଙ୍କର ମାତାପିତା ଭାଙ୍ଗି ପଡ଼ିଛନ୍ତି। ଏହି ଦୁଃଖଦ ଖବର ଶୁଣି ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ ମୃତ ଯୁବକଙ୍କ ବାସଭବନରେ ପହଞ୍ଚି ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ପରିବାର ଲୋକଙ୍କୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ଆଶ୍ୱାସନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀପୁରୁଷୋତ୍ତମପୁର ପଞ୍ଚାୟତ ପ୍ରଭାରୀ ଗୋପାଳ ଚନ୍ଦ୍ର ସ୍ୱାଇଁ, ବାସୁଦେବ ସେଠୀ, ଅଜୟ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ପୁରୀ ଜିଲାପାଳଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଲେ ମୁଖ୍ୟମନ୍ତ୍ରୀ

### ପୋଖରୀ ଖନନ ଓ ନଡ଼ିଆ ଚାରାରେ ଅନିୟମିତତା

କୋଣାର୍କ,୬।୬(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଥାନା ଅଧୀନସ୍ଥ ଅବଦାନ ପଞ୍ଚାୟତରେ ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ପୋଖରୀଖନନ ଓ ନଡ଼ିଆ ଚାରାରୋପଣ ଦୁର୍ନୀତି ଓ ଅନିୟମିତତା ଘଟଣାର ଖୋଳତାଡ଼ କରିବା ପାଇଁ ପୁରୀ ଜିଲାପାଳଙ୍କୁ ମୁଖ୍ୟମନ୍ତ୍ରୀ ତଦନ୍ତ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। କୋଣାର୍କ ଥାନା ଅଧିନସ୍ଥ ଅବଦାନ ପଞ୍ଚାୟତର ସୁଆର, କନ୍ତିମଳା, କୋତାଙ୍ଗ, ପଲାବସ୍ତ ସମେତ ଅନ୍ୟ କେତେକ ଗ୍ରାମରେ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଖନନ ହୋଇଥିବା ପୋଖରୀ ପୁନର୍ବାର ମୃତ୍ତିକା ସଂରକ୍ଷଣ ବିଭାଗ ମାଧ୍ୟମରେ ଖନନ କରାଯାଇଥିବା କାଗଜପତ୍ର ଜରିଆରେ ଦର୍ଶାଯାଇ ଲକ୍ଷାଧିକ ଟଙ୍କା ବାଟମାରଣା କରାଯିବା ସହିତ ନଡ଼ିଆ ଚାରାରୋପଣରେ ହୋଇଥିବା ଦୁର୍ନୀତିର ତଦନ୍ତ କରିବା ପାଇଁ କୋଣାର୍କ ଅଞ୍ଚଳର ସାମାଜିକ କର୍ମୀ ଭାଗିରଥି ସାଇଁ ଜୁନ ୩ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ପୋର୍ଟାଲ ମାଧ୍ୟମରେ ଅଭିଯୋଗ କରି ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ନିବେଦନ କରିଥିଲେ। ଏହି ଘଟଣାକୁ ଗୁରୁତ୍ୱାରୋପ କରି ମୁଖ୍ୟମନ୍ତ୍ରୀ ବୁଧବାର ଅବଦାନ ପଞ୍ଚାୟତରେ ମୃତ୍ତିକା ସଂରକ୍ଷଣ ବିଭାଗ ମାଧ୍ୟମରେ ଖନନ କରାଯାଇଥିବା ପୋଖରୀ ଓ ନଡ଼ିଆ ଚାରାରୋପଣ ଦୁର୍ନୀତି ଓ ଅନିୟମିତତା ଘଟଣାର ତଦନ୍ତ କରିବା ପାଇଁ ପୁରୀ ଜିଲାପାଳଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ଗତ ୨ବର୍ଷ ମଧ୍ୟରେ ଅବଦାନ ପଞ୍ଚାୟତର ସୁଆର, କନ୍ତିମଳା, କୋତାଙ୍ଗ ଓ ପଲାବସ୍ତ ସମେତ ବିଭିନ୍ନ ଗ୍ରାମରେ କାକଟପୁର ବ୍ଲକ ପ୍ରଶାସନ ପକ୍ଷରୁ ହିତାଧିକାରୀମାନେ ମନରେଗା ମାଧ୍ୟମରେ ପୋଖରୀଖନନ କରି ସରକାରୀ ସହାୟତା ପାଇଥିଲେ। ପୁନର୍ବାର ସେହି ପୋଖରୀକୁ ମୃତ୍ତିକା ସଂରକ୍ଷଣ ବିଭାଗ ମାଧ୍ୟମରେ ଖନନ ହୋଇଥିବା ଦର୍ଶାଇ ହିତାଧିକାରୀ ପିଛା ୧ଲକ୍ଷ ୯୦ ହଜାର ଟଙ୍କା ହାତେଇଛନ୍ତି ବୋଲି ସାଧାରଣରେ ଆଲୋଚନା ହେଉଛି। ଅବଦାନ ପଞ୍ଚାୟତ ଦାୟିତ୍ୱରେ ଥିବା ମୃତ୍ତିକା ସଂରକ୍ଷଣ ବିଭାଗର ଓଭରସିୟର ଓ ପଞ୍ଚାୟତର କେତେଜଣ ରାଜନେତା ଅସାଧୁ ମେଣ୍ଟ କରି ମନରେଗା ଯୋଜନାରେ ଖନନ ହୋଇଥିବା ପୁରୁଣା ପୋଖରୀକୁ ମୃତ୍ତିକା ସଂରକ୍ଷଣ ବିଭାଗ ମାଧ୍ୟମରେ ପୁନର୍ବାର ଖନନ ହୋଇଥିବା ଦର୍ଶାଇ ମିଳିତ ଭାବେ ଲକ୍ଷାଧିକ ଟଙ୍କାର ବାଟମାରଣା ଓ ହରିଲୁଟ କରାଯାଇଥିବା ସାମାଜିକ କର୍ମୀ ଭାଗୀରଥୀ ସ୍ୱାଇଁ ମୁଖ୍ୟମନ୍ତ୍ରୀଙ୍କୁ କରିଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ଏହି ପଞ୍ଚାୟତରେ ଗୋଟିଏ ଗୋଟିଏ ପୋଖରୀକୁ ମୃତ୍ତିକା ସଂରକ୍ଷଣ ବିଭାଗ ମାଧ୍ୟମରେ ଏକାଧିକ ବାର ବିଲ୍ କରାଯାଇଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଅବଦାନ ପଞ୍ଚାୟତରେ ମୃତ୍ତିକା ସଂରକ୍ଷଣ ପୋଖରୀଖନନ ଓ ନଡ଼ିଆ ଚାରାରୋପଣ ଦୁର୍ନୀତିର ପର୍ଦ୍ଦାଫାସ କରିବା ପାଇଁ ମୁଖ୍ୟମନ୍ତ୍ରୀ ପୁରୀ ଜିଲାପାଳଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏହି ଅଭିଯୋଗ ଅନୁଯାୟୀ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ପୋର୍ଟାଲ ମାଧ୍ୟମରେ କେଶନଂ- ସିଏମ୍‌ଓ୨୦୨୫୧୨୨୦୮୬୭ ରୁଜୁ କରାଯାଇଛି। ଏହି ମେଗା ଦୁର୍ନୀତି ଓ ଅନିୟମିତତାର ଖୁବଶୀଘ୍ର ପର୍ଦ୍ଦାଫାସ ହେବ ବୋଲି ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ଓ ଜନସାଧାରଣ ଆଶାବ୍ୟକ୍ତ କରିଛନ୍ତି।

# କ୍ଷତିଗ୍ରସ୍ତଙ୍କୁ ଥଇଥାନ, କ୍ଷତିପୂରଣ ଦାବି

### ବିମାନବନ୍ଦର ଜମି ଅଧିଗ୍ରହଣ ପ୍ରସଙ୍ଗ

ପୁରୀ,୬।୬(ଅଜିତ୍ କୁମାର ମହାନ୍ତି)




ଜିଲା ପ୍ରଶାସନ ଉଦ୍ଦେଶ୍ୟରେ ଦାବିପତ୍ର ଦେବାକୁ ଆସିଥିବା ବିମାନବନ୍ଦର ପ୍ରଭାବିତ ଅଧିକାର ସୁରକ୍ଷା ମଞ୍ଚର ସଦସ୍ୟମାନେ ।

ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦର ଜମି ଅଧିଗ୍ରହଣ ପାଇଁ ପୁନର୍ବାର ପ୍ରତ୍ୟେକ ଗ୍ରାମରେ ଜନଶୁଣାଣି ଆୟୋଜନ ସହ ପ୍ରଭାବିତ ପରିବାରଙ୍କ ଲାଗି ଖୁବ୍‌ଶୀଘ୍ର ଉପଯୁକ୍ତ ଥଇଥାନ-ପୁନର୍ବାସ ଓ କ୍ଷତିପୂରଣ ବ୍ୟବସ୍ଥା କରିବାକୁ ବିମାନବନ୍ଦର ପ୍ରଭାବିତ ଅଧିକାର ସୁରକ୍ଷା ମଞ୍ଚ ଦାବି କରିଛି। ଏ ନେଇ ମଞ୍ଚ ପକ୍ଷରୁ ଶୁକ୍ରବାର ପ୍ରଶାସନ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ମଞ୍ଚ ପକ୍ଷରୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦର ପାଇଁ ବ୍ରହ୍ମଗିରି ତହସିଲ ଅନ୍ତର୍ଗତ ସିପସରୁବାଲି ଓ ଅନ୍ୟ ମୌଜାରେ ଜମି ଅଧିଗ୍ରହଣ ପ୍ରକ୍ରିୟା ଜାରି ରହିଛି। ଶତାଧିକ ଏକର ସରକାରୀ ଜଙ୍ଗଲ ଜମି ଏବଂ ବ୍ୟକ୍ତିଗତ ଜମି ଅଧିଗ୍ରହଣ କରାଯାଉଥିବାବେଳେ, ଉକ୍ତ ଅଞ୍ଚଳରେ ଆଇନ ଅନୁଯାୟୀ ଗ୍ରାମସଭାରେ ଲୋକଙ୍କ ସହମତି ନିଆଯାଇନାହିଁ। ପ୍ରଭାବିତ ପରିବାରଙ୍କୁ ଚିହ୍ନଟ କରି ଉପଯୁକ୍ତ ଥଇଥାନ ଓ ପୁନର୍ବାସ ବ୍ୟବସ୍ଥା ମଧ୍ୟ କରାଯାଇନାହିଁ। ଏହି ଅଞ୍ଚଳରେ ଅନେକ ଭୂମିହୀନ, ଦିନ ମଜୁରିଆ, ଶ୍ରମିକ, ଦଳିତ ଏବଂ ଅନୁସୂଚିତ ଜାତିର ପରିବାର ବସବାସ କରୁଛନ୍ତି। ସେମାନେ ଜୀବିକା ପାଇଁ ଅଧିଗ୍ରହଣ କରାଯାଉଥିବା ଜଙ୍ଗଲ ଜମି ଉପରେ ବିଶେଷ ଭାବେ ନିର୍ଭର କରନ୍ତି। ସେହିପରି ମଜୁରିଆମାନେ ଉକ୍ତ ଅଞ୍ଚଳର ମାଲିକଙ୍କ ଜମି, ଜଙ୍ଗଲ ଓ ବଗିଚାରେ ମୂଲ ଖଟନ୍ତି। ଏଠାରେ ଅନ୍ୟ ବିକଳ୍ପ ରୋଜଗାର ପନ୍ଥା ନାହିଁ। ପୁନର୍ବାସ ଓ ଥଇଥାନ ବ୍ୟବସ୍ଥା ନ କରି ଜମି ଅଧିଗ୍ରହଣ କରାଯାଇ ଥିବାରୁ ଶତାଧିକ ପରିବାର ଜୀବିକା ଉପାର୍ଜନରୁ ବଞ୍ଚିତ ହୋଇ ଦୁଃଖରେ ଦିନ କାଟୁଛନ୍ତି। ପ୍ରଭାବିତ ଅଞ୍ଚଳରେ ବ୍ୟବସ୍ଥିତ ପ୍ରକ୍ରିୟା ଅନୁଯାୟୀ ଗ୍ରାମସଭା ହୋଇ ନ ଥିବାରୁ ଲୋକେ ଜମି ଅଧିଗ୍ରହଣ ଆଇନ- ୨୦୧୩ ମୁତାବକ ଅଧିକାର ଓ ସରକାରୀ ସହାୟତା ପାଇବାରୁ ବଞ୍ଚିତ ହୋଇଛନ୍ତି। ତେଣୁ ପୁନର୍ବାର ପ୍ରତ୍ୟେକ ଗ୍ରାମରେ ଗ୍ରାମସଭା କରାଯିବା ସହିତ ତୁରନ୍ତ ପୁନର୍ବାସ-ଥଇଥାନ ଓ କ୍ଷତିପୂରଣ ଦିଆଯାଉ। ବେଆଇନ ଭାବେ ଜମି ଦଖଲ ପ୍ରକ୍ରିୟା ବନ୍ଦ କରାଯାଉ ବୋଲି ମଞ୍ଚ ଦାବି କରିଛି। କାର୍ଯ୍ୟକ୍ରମରେ ଶ୍ରୀକାନ୍ତ ପରିଜା, ଗୋପାଳ ପ୍ରଧାନ, ଶିଶୁଳା ବେହେରା, ଚକ୍ରଧର ଦଳେଇ, ପଞ୍ଚୁ ପ୍ରଧାନ, ଯାଦବ ଦଳେଇ, ହରି ସେନାପତି, ସୁରେନ୍ଦ୍ର ତାପସ୍ତୁ, ଜଗନ୍ନାଥ ଦେଓ, ଡା. ନିରଞ୍ଜନ ବିଶ୍ୱାଳ, ଭୀମସେନ ସ୍ୱାଇଁ, ବିଦ୍ୟାଧର ଦଳାଇ, ଗୁନା ନାୟକ, ପବିତ୍ର ମୋହନ ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ପାନ ଦୋକାନରୁ ବିଦେଶୀ ମଦ ଜବତ : ଜଣେ ଗିରଫ

ବାରଙ୍ଗ, ୬।୬(ଲିଙ୍ଗରାଜ ରାଉତ)

ପାନ ଦୋକାନରେ ବେଆଇନ ଭାବେ ବିଦେଶୀ ମଦ ବିକ୍ରି କରିବା ଅଭିଯୋଗରେ ଚନ୍ଦକା ଥାନା ପୋଲିସ ଜଣଙ୍କୁ ଗିରଫକରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେ ହେଲେ ଶିମୁଳିପାଟଣା ଗ୍ରାମର ଦେବରାଜ ସାହୁ। ଏନେଇ ପୋଲିସ ନଂ.୧୮୩/୨୫ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ଚନ୍ଦକା ବଜାରରେ ଦେବରାଜଙ୍କ ଏକ ପାନ ଦୋକାନ ରହିଛି। ସେ ଉକ୍ତ ଦୋକାନରେ ବିଦେଶୀ ମଦ ବିକ୍ରି କରୁଥିବା ନେଇ ପୋଲିସ ପାଖରେ ଆଗରୁ ଅଭିଯୋଗ ହୋଇଥିଲା। ଦୋକାନଟି ଚନ୍ଦକା ଥାନାଠାରୁ ମାତ୍ର ଅଳ୍ପଦୂରରେ ରହିଥିବା ବେଳେ ସେଠାରେ ମଦ ବେପାର ଚାଲିଥିଲା। ପୋଲିସ ଗୁରୁବାର ରାତିରେ ଚଢ଼ାଉକରି ଦୋକାନରୁ ୯ ଲିଟର ୫୦୦ ବିଦେଶୀ ମଦ ଜବତ କରିବା ସହ ଦେବରାଜଙ୍କୁ ଗିରଫ କରିଥିଲା।

### ସମିତିର ସମ୍ପାଦକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବାଲିଅନ୍ତା,୬।୬(ନୀଳମାଧବ ସାହୁ)

ବାଲିଅନ୍ତା ବ୍ଲକ ସମବାୟ ସମିତିର ସମ୍ପାଦକ ଓ କର୍ମଚାରୀ ସଂଘ ପକ୍ଷରୁ ବାଲିଅନ୍ତା ସେବା ସମବାୟ ସମିତି କାର୍ଯ୍ୟାଳୟରେ ଶୁକ୍ରବାର ନିକଟରେ ଅବସର ନେଇଥିବା ସରକଣା ସମିତି ସମ୍ପାଦକ ଭାଗ୍ୟଧର ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏଥିରେ ବିଶ୍ୱନାଥ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବାଲିଅନ୍ତା ସେବା ସମବାୟ ସମିତି ସଭାପତି ଧିରେନ କୁମାର କର ଓ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ବାଲିଅନ୍ତା ଶାଖା ପରିଚାଳକ ସସ୍ମିତା ନାୟକ ଅତିଥି ରୂପେ ଯୋଗଦେଇଥିଲେ। ସଭାରେ ସମ୍ପାଦକ ଦେବେନ୍ଦ୍ର ପୃଷ୍ଟି, ଜଗବନ୍ଧୁ ଦାସ, ହେମନ୍ତ ନାୟକ, ସାଗର ସୁନ୍ଦରାୟ, ନିରଞ୍ଜନ ନାୟକ, ମୋନିକା ମହାନ୍ତି, ମହେନ୍ଦ୍ର ସାହୁ ଓ କିଶୋରଚନ୍ଦ୍ର ଭୋଇଙ୍କ ସମେତ ବହୁ କର୍ମଚାରୀ ଯୋଗଦେଇଥିଲେ। ଅବସରପ୍ରାପ୍ତ ଭାଗ୍ୟଧର ଜଣେ ମେଳାପି, କର୍ତ୍ତବ୍ୟନିଷ୍ଠ, ବନ୍ଧୁବତ୍ସଳ ଓ ଦରଦି ମଣିଷ ରୂପେ ପରିଚିତ ଥିଲେ ବୋଲି ଅତିଥିମାନେ ମତପୋଷଣ କରିଥିଲେ। ଏହି ଅବସରରେ ସମସ୍ତ ସହକର୍ମୀ ଓ କର୍ମଚାରୀ ଅବସରପ୍ରାପ୍ତ ଭାଗ୍ୟଧରଙ୍କୁ ଉତ୍ତରୀୟ ଓ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଥିଲେ।

### ଆମ୍ବ କୃଷକ ପରିଷଦକୁ ପ୍ରକୃତି ମିତ୍ର ପୁରସ୍କାର

ବାଲିପାଟଣା,୬।୬(ଅଭିମନ୍ୟୁ ନାୟକ)

ବିଶ୍ୱ ପରିବେଶ ଦିବସ ଅବସରରେ ଗୁରୁବାର ଭୁବନେଶ୍ୱରସ୍ଥିତ କୃଷି ଶିକ୍ଷା ସଦନଠାରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସମ୍ମାନିତ ଅତିଥି ଭାବେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ, ମୁଖ୍ୟ ସଚିବ ମନୋଜ ଆହୁଜାଙ୍କ ସହିତ ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବାଲିପାଟଣା ବ୍ଲକର 'ଆମ୍ବ କୃଷକ ପରିଷଦ'କୁ ପରିବେଶ ସୁରକ୍ଷା ସମ୍ପର୍କିତ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ କରାଯାଇଛି। ଅନୁଷ୍ଠାନ ପକ୍ଷରୁ ସମ୍ପାଦକ କିଶୋର ଜେନା ଏହି ପୁରସ୍କାର ଗ୍ରହଣ କରିଥିଲେ। ସଭାପତି ରବୀନ୍ଦ୍ର କୁମାର ସ୍ୱାଇଁ ଓ ଅନ୍ୟ ସଭ୍ୟମାନେ ଉପସ୍ଥିତ ଥିଲେ।

# ବିଏମ୍‌ସିର ବର୍ଷାଦିନିଆ ସଂକ୍ରମଣ ରୋକିବା ଚିନ୍ତା

## ପ୍ରଶିକ୍ଷଣ ନେଲେ ସାନିଟାରି ଇନ୍ସପେକ୍ଟର, ସୁପରଭାଇଜର

ଭୁବନେଶ୍ୱର, ୬।୬ (ବନ୍ଦନା ସେଠୀ)



ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବୁକ୍‌ଲେଟ, ଲିଫଲେଟ୍, ପୋଷ୍ଟର, ଗାଇଡ୍‌ଲାଇନ ଉନ୍ମୋଚନ କରାଯାଉଛି।

ବର୍ଷାଦିନ ଆସିଯାଇଥିବାରୁ ବିଏମ୍‌ସି ପାଇଁ ଅନେକ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡିବ। ଏହାର ମୁକାବିଲା କରିବାକୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି କ୍ରମରେ ବିଏମ୍‌ସି ପକ୍ଷରୁ ଶୁକ୍ରବାର ଅର୍ବାନ ମେଟ୍ରୋପଲିଟାନ ସର୍ଭିଲାନ୍ସ ୟୁନିଟ୍ (ୟୁଏମ୍‌ଏସ୍‌ୟୁ) ଦ୍ୱାରା ସାନିଟାରୀ ଇନ୍ସପେକ୍ଟର ଏବଂ ସୁପରଭାଇଜରଙ୍କୁ ନେଇ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରିମଳ, ଡ୍ରେନେଜ ବ୍ୟବସ୍ଥା, ଜଳବନ୍ଦୀ, କରୋନା, ଡେଙ୍ଗୁ ଆଦି ସମସ୍ୟା ଉପରେ ଆଲୋଚନା ହୋଇଥିଲା। ବର୍ଷାଦିନ ପାଇଁ ସହରରେ ଡେଙ୍ଗୁ ବଡ ସମସ୍ୟା ସୃଷ୍ଟି କରିବାର ଆଶଙ୍କା ରହିଛି। ତେଣୁ ମଶା ବଂଶ ଧ୍ୱଂସ କରିବା ପାଇଁ ବିଭିନ୍ନ ଉପାୟ ଅବଲମ୍ବନ କରିବାକୁ ପଡିବ ବୋଲି କମିଶନର ରାଜେଶ ପ୍ରଭାକର ପାଟିଲ କହିଥିଲେ। ମଶାବଂଶ ବୃଦ୍ଧି ଉତ୍ସଗୁଡିକୁ ତୁରନ୍ତ ଧ୍ୱଂସ କରିବା ଆବଶ୍ୟକ। ତେଣୁ ବିଏମ୍‌ସି ଅଞ୍ଚଳରେ କାର୍ଯ୍ୟ କରୁଥିବା ସମସ୍ତ ୱାର୍ଡ ଅଫିସର, ସାନିଟାରୀ ଇନ୍ସପେକ୍ଟର, ସୁପରଭାଇଜରମାନେ ଦକ୍ଷତାର ସହିତ କାର୍ଯ୍ୟ କରିବା ଆବଶ୍ୟକ। ଏଥିପାଇଁ ବ୍ୟାପକ ଜନ ସଚେତନତା ସୃଷ୍ଟି କରିବା ସହ ଘରକୁ ଘର ଯାଇ ଲୋକମାନଙ୍କୁ ସଚେତନ କରାଇବାକୁ ପଡିବ ବୋଲି କମିଶନର କହିଥିଲେ। ଡେଙ୍ଗୁ ରୋଗ ସହ ବିଭିନ୍ନ ସଂକ୍ରାମକ ଓ ଅଣସଂକ୍ରାମକ ରୋଗର ପ୍ରତିକାର ଓ ସତର୍କତା ଅବଲମ୍ବନ ବାବଦରେ ୟୁଏମ୍‌ଏସ୍‌ୟୁ ପକ୍ଷରୁ ପ୍ରକାଶିତ ଶିକ୍ଷା ସୂଚନା ପୁସ୍ତିକା, ସୂଚନା ପତ୍ର, ପ୍ରାଚୀର ପତ୍ର ଆଦିକୁ ଗୋଷ୍ଠୀସ୍ତରରେ ପହଞ୍ଚାଇବା ପାଇଁ ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ କହିଥିଲେ। ଜନସ୍ୱାସ୍ଥ୍ୟ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଜୀବନ ବଲ୍ଲଭ ବେବର୍ତ୍ତା, ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର ପ୍ରମୁଖ ଯୋଗଦେଇ ଡେଙ୍ଗୁ ବ୍ୟାପିବାରୁ ରକ୍ଷା ପାଇବାକୁ ନାନା ପରାମର୍ଶ ଦେଇଥିଲେ। ୟୁଏମ୍‌ଏସ୍‌ୟୁର ନୋଡାଲ ଅଫିସର ପ୍ରମିଳା ବରାଳ, ସିଟି ପ୍ରୋଗ୍ରାମ ମ୍ୟାନେଜର, ଷ୍ଟେଟ ଏଣ୍ଟୋମୋଲୋଜିଷ୍ଟ ପ୍ରମୁଖ ମଞ୍ଚାସୀନ ଥିଲେ।ଏହି ଅବସରରେ ସହରାଞ୍ଚଳ ଲୋକଙ୍କ ହିତକୁ ଦୃଷ୍ଟିରେ ରଖି ୟୁଏମଏସୟୁ ଦ୍ୱାରା ପ୍ରକାଶିତ ବୁକ୍‌ଲେଟ, ଲିଫଲେଟ୍, ପୋଷ୍ଟର, ଲ୍ୟାବ ଗାଇଡ୍‌ଲାଇନ, ସେଫ ଫୁଡ ପ୍ରାକ୍ଟିସେସ୍ ଗାଇଡ୍‌ଲାଇନ, ଡେଙ୍ଗୁ ନିୟନ୍ତ୍ରଣ ଗାଇଡ୍‌ଲାଇନ, ଆକ୍ୟୁଟ ଡାଇରିଆ ରୋଗ ସମ୍ପର୍କିତ ଗାଇଡ୍‌ଲାଇନ ଉନ୍ମୋଚିତ ହୋଇଥିଲା।

# ଆଜିଠାରୁ ଦୁଇଦିନିଆ ଜାତୀୟ ସିଏ ସମ୍ମିଳନୀ

ଭୁବନେଶ୍ୱର,୬।୬

ଦେଶର ପ୍ରମୁଖ ପ୍ରତିଷ୍ଠାନ ତଥା ଦି ଇନଷ୍ଟିଚ୍ୟୁଟ ଅଫ ଚାର୍ଟାର୍ଡ ଆକାଉଣ୍ଟାଣ୍ଟସ ଅଫ ଇଣ୍ଡିଆ ବା ଆଇସିଏଆଇର କଟକ ଶାଖା (ଇଆଇଆରସି) ପକ୍ଷରୁ ଏକ ୨ ଦିନିଆ ଜାତୀୟ ସିଏ ସମ୍ମିଳନୀ ଭୁବନେଶ୍ୱରର ପାହାଲଠାରେ ଆୟୋଜନ କରାଯାଉଛି। ଏହି ଦୁଇଦିନିଆ ଜାତୀୟ ସିଏ ସମ୍ମିଳନୀ-୨୦୨୫ ଶନିବାରଠାରୁ ପାହାଳର ହୋଟେଲ ପାଲ ହାଇଟସ ମନ୍ତ୍ରାରେ ଆରମ୍ଭ ହେଉଛି।

ସେହିଭଳି ୨୦୨୫ ଜୁନ ୭ ଏବଂ ୮ରେ ଏହି ସମ୍ମିଳନୀ ଆୟୋଜିତ ହେବ। ଏଥିରେ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସମେତ ଏମସିଏଲର ନିର୍ଦ୍ଦେଶକ (ଅର୍ଥ) ଅଜିତ କୁମାର ବେହୁରା ଏବଂ ଆଇସିଏଆଇର ସଭାପତି ସିଏ ଚରଣଜତ ସିଂହ ନନ୍ଦ ପ୍ରମୁଖ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।

ସେହିପରି ଚଳିତ ବର୍ଷ 'ନବପ୍ରବର୍ତ୍ତନ' ଶୀର୍ଷକ ବିଷୟବସ୍ତୁ ଉପରେ ବିସ୍ତୃତ ଭାବେ ଆଲୋଚନା ହେବ। ଏହି ସମ୍ମିଳନୀରେ ୬୦୦ରୁ ଅଧିକ ସିଏ ଓ ଶାଖା ସଦସ୍ୟମାନେ ଯୋଗ ଦେବେ ବୋଲି ସମ୍ମିଳନୀର ଆୟୋଜକ କମିଟି ଅଧ୍ୟକ୍ଷ ସିଏ ପଓ୍ୱନ କୁମାର ଉଦୟପୁରିଆ ଏବଂ ଆଇସିଏଆଇ କଟକ ଶାଖାର ଅଧ୍ୟକ୍ଷ ସିଏ ବିଜନ ସାହୁ କହିଛନ୍ତି।

# ରାମକୃଷ୍ଣ ବିବେକାନନ୍ଦ ପ୍ରତିଷ୍ଠାନରେ ନିଃଶୁଳ୍କ ନ୍ୟୁରୋ କେନ୍ଦ୍ର ଉଦ୍‌ଘାଟିତ

ଭୁବନେଶ୍ୱର, ୬।୬(ସୌମ୍ୟରଞ୍ଜନ ରାଉତ)

ପୋଖରୀପୁଟସ୍ଥିତ ରାମକୃଷ୍ଣ ବିବେକାନନ୍ଦ ପ୍ରତିଷ୍ଠାନ ପରିସରଠାରେ ଶୁକ୍ରବାର ନିଃଶୁଳ୍କ ନ୍ୟୁରୋ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ସ୍ନାୟୁ ବିଶେଷଜ୍ଞ ଡ. ସୂର୍ଯ୍ୟ ପ୍ରକାଶ ଚୌଧୁରୀ କେନ୍ଦ୍ରକୁଉଦ୍‌ଘାଟନ କରି ଏଠାରେ ପ୍ରତ୍ୟେକ ମାସର ପ୍ରଥମ ଓ ତୃତୀୟ ଶୁକ୍ରବାର ସକାଳ ୯ଟାରୁ ୧୧ଟା ପର୍ଯ୍ୟନ୍ତ ବିନା ଦେୟରେ ନ୍ୟୁରୋ ସେବା ଯୋଗାଇ ଦିଆଯିବ ବୋଲି କହିଛନ୍ତି। ସ୍ନାୟୁ ଜନିତ ସମସ୍ୟା ନେଇ ସେ ଉପାଦେୟ ପରାମର୍ଶ ଦେବା ସହ ରୋଗୀ ସେବା କରିବାର ଇଚ୍ଛା ଏହା ଦ୍ୱାରା ପୂରଣ ହୋଇଛି ବୋଲି କହିଛନ୍ତି। ସେହିପରି ଡ. ଅକ୍ଷୟ ମିଶ୍ର ମଧ୍ୟ ନିଃଶୁଳ୍କ ହୋମିଓପାଥି ସେବା ଯୋଗାଇ ଦେବେ। ପ୍ରତ୍ୟେକ ପ୍ରଥମ ଓ ତୃତୀୟ ରବିବାର ସକାଳ ୭ଟାରୁ ୧୧ ଘଟିକା ପର୍ଯ୍ୟନ୍ତ ଏହି ଚିକିତ୍ସା ସେବା ମିଳିବ। ସେହିପରି ସପ୍ତାହର ପ୍ରତ୍ୟେକ ଶୁକ୍ରବାର, ଶନିବାର, ରବିବାର ସକାଳ ୮ଟାରୁ ୧୧ଟା ପର୍ଯ୍ୟନ୍ତ ନିଃଶୁଳ୍କ ଫିଜିଓ ଥେରାପି ସେବା ରୋଗୀମାନଙ୍କୁ ମିଳିବ। ଫିଜିଓଥେରାପିଷ୍ଟ ଡ. ଏଲିନା ପଟ୍ଟନାୟକ ଏହି ସେବା ଯୋଗାଇ ଦେବେ ବୋଲି ଅନୁଷ୍ଠାନର ସଭ୍ୟ ସୂର୍ଯ୍ୟ ନାରାୟଣ ଦାସ ପ୍ରକାଶ କରିଛନ୍ତି। ଯେକୌଣସି ବ୍ୟକ୍ତି ନ୍ୟୁରୋ ସମସ୍ୟାର ସମସ୍ତ ନିଶୁଳ୍କ ସେବାର ସୁଯୋଗ ନେଇପାରିବେ ବୋଲି ଅନୁଷ୍ଠାନର ସମ୍ପାଦକ ରମେଶ ଚନ୍ଦ୍ର ଭଦ୍ର କହିଛନ୍ତି। ପ୍ରତିଷ୍ଠାନର ସଭାପତି ଖବରଦାତା ମନୋଜ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉଦଘାଟନୀ ସଭାରେ ପ୍ରତିଷ୍ଠାନର ସଭ୍ୟ ସୂର୍ଯ୍ୟ ନାରାୟଣ ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଶ୍ରୀମଦ୍ ସ୍ୱାମୀ ଦୂର୍ଗେଶ ନନ୍ଦନ ମହାରାଜା, ଟ୍ରଷ୍ଟି ବିଶ୍ୱ ରଞ୍ଜନ ଶତପଥୀ, ପ୍ରତିଷ୍ଠାନର କୋଷାଧ୍ୟକ୍ଷ ରଞ୍ଜନ କୁମାର ରାଉତରାୟ ,ବାଞ୍ଛାନିଧି ମଲ୍ଲିକ, ବବିତା ସାହୁ ପ୍ରମୁଖ ଯୋଗଦେଇଥିଲେ।




ନିଃଶୁଳ୍କ ନ୍ୟୁରୋ କେନ୍ଦ୍ର ଉଦ୍‌ଘାଟନ ଅବସରରେ ଅତିଥିମାନେ।



ଭୁବନେଶ୍ୱରସ୍ଥିତ ଭଞ୍ଜକଳା ମଣ୍ଡପରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ 'ମେକ୍ ଦ୍ୟାଟ୍ ଭାଇଭ୍'ରେ ଶିଳ୍ପୀମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରୁଛନ୍ତି।

### ଫେରାର ଅଭିଯୁକ୍ତ ଗିରଫ

ବାରଙ୍ଗ,୬।୬ (ଲିଙ୍ଗରାଜ ରାଉତ)

ଏକ ଅପହରଣ ମାମଲାରେ ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ଚନ୍ଦକା ଥାନା ପୋଲିସ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ପାଇକରାପୁର ଗ୍ରାମର ବିଜୟ କୁମାର ପ୍ରଧାନ(୩୩) ଓରଫ ବିଜୁ। ପ୍ରକାଶ ଯେ, ବିଜୟ ଓ ତାଙ୍କ ସହଯୋଗୀମାନେ ପାଇକେରାପୁର ଗ୍ରାମର ସ୍ୱାଗତ ସେଠୀଙ୍କୁ ଗତ ଏପ୍ରିଲ ୨ ସକାଳୁ ଅପହରଣ କରି ନେଇଥିଲେ। ତାଙ୍କୁ ଜଣଙ୍କ ଘରେ ବନ୍ଦି କରି ରଖି ଆକ୍ରମଣ କରିବା ଏବଂ ଜାତିଭିତ୍ତିକ ନିର୍ଯ୍ୟାତନାର ଶିକାର କରି ୫ ଲକ୍ଷ ଟଙ୍କା ନ ଦେଲେ ଜୀବନରୁ ମାରିଦେବାକୁ ତାଙ୍କ ପରିବାର ଲୋକଙ୍କୁ ଫୋନ ଦ୍ୱାରା ଧମକ ଦେଇଥିଲେ। ଅଭିଯୋଗ ଆଧାରରେ ପୋଲିସ ଅପହୃତଙ୍କ କେବଳରୁ ସ୍ୱାଗତଙ୍କୁ ଉଦ୍ଧାର କରିଥିଲା। ଏହି ଘଟଣାରେ ପୋଲିସ ୪ ଜଣଙ୍କୁ ପୂର୍ବରୁ ଗିରଫ କରିଥିବାବେଳେ ଫେରାର ଥିବା ବିଜୟଙ୍କୁ ଗୁରୁବାର ରାତିରେ ଗିରଫ କରିଥିଲା। ବିଜୟଙ୍କ ନାମରେ ପୂର୍ବରୁ ଚନ୍ଦକା ଥାନାରେ ୨ଟି ମକଦ୍ଦମା ଥିବା ତଦନ୍ତବେଳେ ପୋଲିସ ଜାଣିବାକୁ ପାଇଛି।

# ଚନ୍ଦନ ଉତ୍ସବ ସମାରୋହ

ପୁରୁଣା ଭୁବନେଶ୍ୱର,୬।୬ (ସୁବାସ ଚନ୍ଦ୍ର ପ୍ରଧାନ)



ଉତ୍ସବରେ ଏକାମ୍ର ବିଧାୟକ ବାବୁ ସିଂ ଏବଂ ଅନ୍ୟମାନେ।

ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ୨୨ଦିନିଆ ଚନ୍ଦନଯାତ୍ରା ଶେଷ ହେବା ପରେ ଏକାମ୍ର କ୍ଷେତ୍ରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଚନ୍ଦନ ଉତ୍ସବ ଅନୁଷ୍ଠିତ ହେଉଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ସନ୍ଧ୍ୟାରେ କେଦାରଗୌରୀ ମନ୍ଦିର ନିକଟ କେଦାରଗୌରୀ କ୍ଲବ୍ ପରିସରରେ ଚନ୍ଦନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏକାମ୍ର ବିଧାୟକ ବାବୁ ସିଂ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ପରସ୍ପର ମଧ୍ୟରେ ଚନ୍ଦନ ବୋଳି ହେବା ସହ କ୍ଲବ ମେମ୍ବର ଏବଂ ଅତିଥିମାନେ ମଲ୍ଲୀମାଳ ପକାଇଥିବା ଦେଖିବାକୁ ମିଳିଥିଲା। ଏହି କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟ, ବୁଲୁ ଗରାବଡ୍ଡୁ, ଅକ୍ଷୟ ଜେନା, ଜୟନ୍ତ ମେକାପ, ବାସୁଦେବ ସମର୍ଥା, ଶିବ ସାହୁ, ଗୌରୀ ଶଙ୍କର ଶତପଥୀ, ସୁଜିତ୍ ମକଦ୍ଦମ, ସୁଜିତ୍ ଦାସ, ହିମାଦ୍ରୀ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

### ନିର୍ମାଣାଧୀନ ଘରେ ପଶିଗଲା ଥାର୍

ବାଲିଅନ୍ତା,୬।୬(ନୀଳମାଧବ ସାହୁ)

ପାହାଲ ଥାନା ଅଧୀନ ହଂସପାଳ-ବାଲିଅନ୍ତା ରାସ୍ତା ନିକଟରେ ଶୁକ୍ରବାର ଏକ ଥାର୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଚାଳକ ନିଶାଶକ୍ତ ଅବସ୍ଥାରେ ଥିବାରୁ ଗାଡ଼ିଟି ଭାରସାମ୍ୟ ହରାଇ ନିର୍ମାଣାଧୀନ ଏକ ଘର ଭିତରକୁ ମାଡ଼ିଯାଇ କାନ୍ଥରେ ପିଟି ହୋଇଯାଇଥିଲା। ଏଥିରେ କାହାର କିଛି କ୍ଷତି ଘଟି ନାହିଁ। ଚାଳକ ନିଶାଶକ୍ତ ଥାଇ ଗାଡ଼ି ଚଳାଉଥିବାରୁ ଏଭଳି ଦୁର୍ଘଟଣା ଘଟିଥିବା ପୋଲିସ କହିଛି। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଜବତ କରି ଥାନାକୁ ନେଇଥିବା ଆଇଆଇସି ଅଶ୍ୱିନ କୁମାର ଜେନା କହିଛନ୍ତି।

# ସ୍କର୍ପିଓ ଧକ୍କାରେ ଯୁବକ ମୃତ

ଯାଁଳା,୬।୬(ବୁଲା ବାରିକ)

ଇନ୍‌ଫୋଭ୍ୟାଲି ଥାନା ଅନ୍ତର୍ଗତ ମହୁରା ଛକ ନିକଟରେ ସ୍କର୍ପିଓ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଡୁମୁଡୁମା ଅଞ୍ଚଳରେ ରହୁଥିବା ଗଞ୍ଜାମ ଜିଲା ଆସ୍କା ଥାନା ଅଧୀନ ସାମନ୍ତରାୟପଲ୍ଲୀର ସାଗର ନାୟକ (୩୦)। ସୂଚନା ମୁତାବକ, ସାଗର ଯାଁଳା ଅଞ୍ଚଳରେ ଏକ ଘରୋଇ ସଂସ୍ଥାରେ କାମ କରନ୍ତି। ଅପରାହ୍ନ ୩ଟାରେ ସେ ସ୍କୁଟିରେ ଡୁମୁଡୁମା ଯିବା ପାଇଁ ବାହାରିଥିଲେ। ଯାଁଳାରୁ ଡୁମୁଡୁମା ଯିବା ବେଳେ ବର୍ଷା ଓ ପବନ ଆରମ୍ଭ ହୋଇଥିଲା। ସାଗରଙ୍କ ଆଗରେ ଯାଉଥିବା ଏକ ମିନିଟ୍ରକ୍‌ର ଆଗ କାଚରେ କିଛି ଜରି ଉଡ଼ି ଲାଗିଯିବାରୁ ଉକ୍ତ ଗାଡିଟି ଅଟକିଯାଇଥିଲା। ସାଗରଙ୍କ ସ୍କୁଟି ମିନିଟ୍ରକ୍ ପଛରେ ଥିବାରୁ ସେ ମଧ୍ୟ ବର୍ଷା ପବନ ଦେଖି ମହୁରା ଛକରେ ସ୍କୁଟି ରଖି ଅଟକିଥିଲେ। ରାସ୍ତାପାର୍ଶ୍ୱରେ ଠିଆହୋଇଥିବା ବେଳେ ଖୋର୍ଦ୍ଧାରୁ ଭୁବନେଶ୍ୱର ଅଭିମୁଖେ ଆସୁଥିବା ଏକ ସ୍କର୍ପିଓ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ସାଗରଙ୍କ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକେ ଦୁର୍ଘଟଣା ଘଟାଇଥିବା ସ୍କର୍ପିଓକୁ ଅଟକାଇବା ସହ ଚାଳକଙ୍କୁ ପୋଲିସ ଜିମା ଦେଇଥିଲେ। ତେବେ ସ୍କର୍ପିଓରେ ଥିବା ୨ ଜଣ ବ୍ୟକ୍ତି ଓହ୍ଲାଇ ଦୌଡ଼ି ପଳାଇଯାଇଥିଲେ। ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପୋଲିସ ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଜବତ କରିବା ସହ ଚାଳକଙ୍କୁ ଗିରଫ କରି ଘଟଣାର ତଦନ୍ତ ଚଳାଇଛି।

# ତ୍ରିଭଙ୍ଗ କଳା ନିକେତନ ପକ୍ଷରୁ ନୃତ୍ୟ ସଙ୍ଗୀତ ଉତ୍ସବ

ଭୁବନେଶ୍ୱର, ୬।୬ (ସୌମ୍ୟରଞ୍ଜନ ରାଉତ)



ଅତିଥିଙ୍କ ଗହଣରେ ପୁରସ୍କୃତ ଶିଳ୍ପୀମାନେ।

ତ୍ରିଭଙ୍ଗ କଳା ନିକେତନ ପକ୍ଷରୁ ଶୁକ୍ରବାର ନୃତ୍ୟ ସଙ୍ଗୀତ ଉତ୍ସବ 'ଭାରତ କଳା ସଂସ୍କୃତି ଆୱାର୍ଡ' ଓଡିଶୀ ଗବେଷଣା କେନ୍ଦ୍ର ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଅଛି। ଅତିଥି ଭାବେ ମର୍ଦ୍ଦଳ ବାଦନ ଗୁରୁ ସଚ୍ଚିଦାନନ୍ଦ ଦାସ, ଓଡିଶୀ ନୃତ୍ୟ ଗୁରୁ ପଙ୍କଜ କୁମାର ପ୍ରଧାନ, ବଂଶୀ ବାଦନ ଗୁରୁ ସୌମ୍ୟ ରଞ୍ଜନ ଯୋଶୀ, ସଙ୍ଗୀତ ଗୁରୁ ଲକ୍ଷ୍ମୀନାରାୟଣ ପୁରୋହିତ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସନ୍ଧ୍ୟା ଅଧିବେଶନରେ ଗୁରୁ ନିମାକାନ୍ତ ରାଉତରାୟ, ଗୁରୁ ନିରଞ୍ଜନ ରାଉତ, କର୍ପୋରେଟର ଅପରୂପ ରାଉତ ପ୍ରମୁଖ ଯୋଗଦେଇ ସଙ୍ଗୀତ କଳାକାରମାନଙ୍କୁ ସମ୍ବର୍ଦ୍ଧନା କରିଥିଲେ। କାର୍ଯ୍ୟକ୍ରମରେ ବୌଦ୍ଧରୁ ଗୁରୁ ଗୋପାଳ ବେହେରା, କଟକରୁ ଗୁରୁ ଅନିଲ କୁମାର ନାୟକ, ଭୁବନେଶ୍ୱରରୁ ଗୁରୁ ନିଳାଦ୍ରୀ ମହାନ୍ତି, କେଉଁଝରରୁ ଗୁରୁ ସିପୁନ ମହାକୁଡ, ଗୁରୁ ଦାସ, ଘଟଗାଁରୁ ଗୁରୁ ସଞ୍ଜୟ ଦାସ, ବଲାଙ୍ଗୀରରୁ ଗୁରୁ ଡା. ବିଶ୍ୱଜିତ ଦାସ, ଭୁବନେଶ୍ୱରରୁ ଗୁରୁ ବର୍ଷା ଦାସ, ଗୁରୁ କ୍ଷଣପ୍ରଭା ପରିଡାଙ୍କ ଛାତ୍ରୀଛାତ୍ରଙ୍କୁ 'ଭାରତ କଳା ସଂସ୍କୃତି ଆୱାର୍ଡ' ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରାୟ ୨୦୦ରୁ ଅଧିକ ନୃତ୍ୟ ଶିଳ୍ପୀ ଯୋଗଦେଇଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଗୁରୁ ବିକ୍ରମ ସାମଲ କାର୍ଯ୍ୟକ୍ରମ ପରିଚାଳନା କରୁଥିବା ବେଳେ ବିନୋଦ ଚନ୍ଦ୍ର ସାହୁ ସଂଯୋଜନା କରିଥିଲେ।

## ଫଟୋ ରେ ଖବର




ପେନ୍ ଇନ୍ ବୁକ୍ସ ପକ୍ଷରୁ ପ୍ରକାଶିତ କଥାଶିଳ୍ପୀ ଘନବିହାରୀ ମହାରଣାଙ୍କ ତୃତୀୟ ଗଳ୍ପ ସଙ୍କଳନ 'ମଇନମଇନା'କୁ ଅତିଥିମାନେ ଲୋକାର୍ପଣ କରୁଛନ୍ତି।




ଚାଷୀଙ୍କୁ ନ୍ୟାୟ ଦାବିରେ ରାଇରଙ୍ଗପୁର ଜିଲା ଚାଷୀ ମହାସଂଘ ରାଇଘର ବ୍ଲକ୍ ଶାଖା ପକ୍ଷରୁ ଲୋୟର ପିଏମ୍‌ଜିରେ ଧାରଣା।

**୭ମ ଆଦର୍ଶ ପରିବାର ଗଠନ ଶିବିର**

ବେଗୁନିଆ,(ସନ୍ଧ୍ୟାରାଣୀ ମିଶ୍ର): ବେଗୁନିଆ ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ପରିଛଳ ଗ୍ରାମସ୍ଥିତ ଦୟାନନ୍ଦ ଆଦର୍ଶ ଗୁରୁକୁଳ ପରିସରରେ ୭ତାରିଖରୁ ୯ତାରିଖ ପର୍ଯ୍ୟନ୍ତ ଆଦର୍ଶ ପରିବାର ଗଠନ ଶିବିର ଅନୁଷ୍ଠିତ ହେବ। ଶିବିରରେ ବିଦ୍ୱାନ ସ୍ୱାମୀ ମୁକ୍ତାନନ୍ଦ ପରିବ୍ରାଜକ ମହାରାଜ ଉପସ୍ଥିତ ରହି ଯୋଗ, ପ୍ରାଣାୟମ, ଯଜ୍ଞ ସହ ଆଦର୍ଶ ପରିବାର ଗଠନ କରିବାର ସୂତ୍ର ଦିଆଯିବ ବୋଲି ଆଦର୍ଶ ଗୁରୁକୁଳର ପ୍ରତିଷ୍ଠାତା ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା କହିଛନ୍ତି।

# ଶ୍ରୀକ୍ଷେତ୍ରରେ ପହଞ୍ଚିଲା ମହାପ୍ରଭୁଙ୍କ ପାଟବସ୍ତ୍ର

ଖୋର୍ଦ୍ଧା,୬।୬(ପ୍ରଭାତ ପାଣିଗ୍ରାହୀ)

ଆସନ୍ତା ୨୭ ତାରିଖରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରା। ଏନେଇ ଶ୍ରୀମନ୍ଦିର ପ୍ରଶାସନ, ଜିଲା ପ୍ରଶାସନ, ପୋଲିସ ପକ୍ଷରୁ ଚାଲିଛି ପ୍ରସ୍ତୁତି। ଶ୍ରୀନଅର ସମ୍ମୁଖ ମଣ୍ଡାଣୀ ରାସ୍ତାକଳରେ ଚାଲିଛି ରଥ ନିର୍ମାଣ। ୩ରଥ ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଚାଲିଛି। ରଥଯାତ୍ରା ପାଇଁ ମହାପ୍ରଭୁଙ୍କ ସୂତା ଏବଂ ପାଟବସ୍ତ୍ର ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ୍ ରାଉତପଡ଼ାରୁ ବୁଣାକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଛି। ଦେବସ୍ନାନ ପୂର୍ଣ୍ଣିମା ପାଇଁ ପ୍ରଥମ ପର୍ଯ୍ୟାୟରେ ସୂତାଲୁଗା ପହଞ୍ଚିଥିବା ବେଳେ ଏବେ ରଥଯାତ୍ରା ପାଇଁ ମହାପ୍ରଭୁଙ୍କ ପାଟବସ୍ତ୍ର ଓ ସୂତାଲୁଗା ଶ୍ରୀମନ୍ଦିର କାର୍ଯ୍ୟାଳୟରେ ପହଞ୍ଚାଯାଇଥିବା ବୁଣାକାର ଗୋପୀନାଥ ଦାସ କହିଛନ୍ତି। ଚଳିତ ରଥଯାତ୍ରା ଲାଗି ଚେହେଲି ପାଟ, ବଡ଼ସିଂହାର ଲାଗି ଗାତଗୋଡିଆ ପାଟ, ସାତବାର ଲାଗି ୭ପ୍ରକାର ଖଣ୍ଡୁଆ ପାଟ, ସୂତାରେ ପ୍ରସ୍ତୁତ ୨ ପ୍ରକାର ଘୋଡ଼ଣି, ଦେବସ୍ନାନ ପୂର୍ଣ୍ଣମୀ ୧୦୮ଗରାବଡୁ ଜଳ ପାଇଁ ଗାମୁଛା, ମହାପ୍ରଭୁଙ୍କ ଗୁପ୍ତ ସେବା ଲାଗି ଲାଲ, ସବୁଜ ଓ ହଳଦିଆ ରଙ୍ଗର ଏକ ସେଟ୍ ଲେଖାଏ ଚେହେଲି ପାଟ ପ୍ରସ୍ତୁତ ହୋଇଛି। ବଡ଼ସିଂହାର ବେଶ ଲାଗି (କଂସାରି ରପି ସଂସାର, ବାସନାବନ୍ଧ ଶୁଙ୍ଖଳା, ରାଧାମାଧାୟ ହୃଦୟେ, ତ୍ରୋଜ କୁଞ୍ଜସୁନ୍ଦରୀଃ) ଏବଂ ଚନ୍ଦନ ଚର୍ଚ୍ଚିତ ନୀଳକଳେବର ପାଟବସନ ବନମାଳୀ କେଳି ଚଳତୁଣି କୁଣ୍ଡଳ ମଣ୍ଡିତ ଗଣ୍ଡଯୁଗ ସ୍ମିତଶାଳୀ ଲେଖାଥିବା ଗୀତଗୋବିନ୍ଦ ପାଟ ରହିଛି। ୩୦ରୁ ୩୫ପ୍ରକାର ଲୁଗା, ବସ୍ତ୍ର ପଠାଯାଇଛି। ଗୋପୀନାଥଙ୍କ ପରିବାର ଦୀର୍ଘ ୩୦ବର୍ଷ ଧରି ରଥଯାତ୍ରା ଏବଂ ମହାପ୍ରଭୁଙ୍କ ବର୍ଷସାରା ବିଭିନ୍ନ ପର୍ବପର୍ବାଣି ଲାଗି ସୂତା ଓ ପାଟବସ୍ତ୍ର ଯୋଗାଇ ଆସୁଛନ୍ତି। ମହାପ୍ରଭୁଙ୍କ ଆଶୀର୍ବାଦରୁ ସମସ୍ତ କାମ ଠିକ୍ ସମୟରେ ସରିଛି ବୋଲି ଗୋପୀନାଥ କହିଛନ୍ତି। ସ୍ନାନ ପୂର୍ଣ୍ଣିମା, ଅଣସର, ଗୁଣ୍ଡିଚା ଯାତ୍ରା, ବାହୁଡ଼ାଯାତ୍ରା ସମେତ ଦୈନିକ ନୀତିକାନ୍ତିରେ ମହାପ୍ରଭୁଙ୍କ ବିଭିନ୍ନ ବସ୍ତ୍ର ପରିଧାନ କରିଥାନ୍ତି। ଅତ୍ୟନ୍ତ ନିଷ୍ଠା, ଏକାଗ୍ର ଚିତ୍ତରେ ପରିବାର ସମର୍ପଣ ଭାବେ ବୁଣାକାମ କରନ୍ତି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତାଲିକା ପାଇବା ପରେ ବୁଣାକାରମାନେ ଏହି କାର୍ଯ୍ୟରେ ଲାଗିପଡ଼ନ୍ତି। ଅକ୍ଷୟ ତୃତୀୟାଠାରୁ କାମ ଆରମ୍ଭ କରନ୍ତି। ସ୍ନାନଯାତ୍ରା ପୂର୍ବରୁ ସମସ୍ତ କାର୍ଯ୍ୟ ସମାପନ ହୋଇଥାଏ। ରାଉତପଡ଼ା ଗ୍ରାମର ଅଧିକାଂଶ ପରିବାର ହେଉଛନ୍ତି ବୁଣାକାର। ବର୍ଷସାରା ଏଠି ହସ୍ତତନ୍ତରେ ବିଭିନ୍ନ ପ୍ରକାର ଲୁଗା ଓ ପାଟବସ୍ତ୍ର ବୁଣାଯାଏ। ମହାପ୍ରଭୁଙ୍କ ପାଇଁ ପାଟ ଓ ସୂତାଲୁଗା ଏଠାରୁ ଶ୍ରୀକ୍ଷେତ୍ରକୁ ଯାଉଥିବାରୁ ଏହି ଗ୍ରାମ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଗୋପୀନାଥ କୁହନ୍ତି, ତାଙ୍କ ବାପା ମଧୁସୂଦନ ୧୯୯୩ ମସିହାରେ ମହାପ୍ରଭୁଙ୍କ ଏହି ସେବା ପାଇବାର ସୁଯୋଗ ପାଇଥିଲେ। ତା'ପରଠାରୁ କ୍ରମାଗତ ଭାବେ ମହାପ୍ରଭୁଙ୍କ ରଥଯାତ୍ରା ଓ ବର୍ଷସାରା ପର୍ବପର୍ବାଣି ଲାଗି ସୂତାଲୁଗା ଓ ପାଟବସ୍ତ୍ର ଯୋଗାଇ ଆସୁଛନ୍ତି ଏହି ବୁଣାକାର ପରିବାର। ଆମ ପରିବାର ସମେତ ଗ୍ରାମର ୨୨ପରିବାରର ସଦସ୍ୟ ମହାପ୍ରଭୁଙ୍କ ସେବାରେ ଲାଗିଛନ୍ତି। ୧୯୯୬ ଓ ୨୦୧୫ ନବକଳେବର ଏବଂ ୨୦୨୦ ନାଗାର୍ଜୁନ ବେଶ ଲାଗି ସୂତା ଓ ପାଟବସ୍ତ୍ର ପଠାଇବାର ସୁଯୋଗ ପାଇଥିବା ସେ କହିଛନ୍ତି। ଏହି ସେବାରେ ଗୋପୀନାଥଙ୍କ ଭାଇ ରାମଚନ୍ଦ୍ର, ଭଗବାନ ଓ ଗୋବିନ୍ଦଚନ୍ଦ୍ରଙ୍କ ପରିବାରର କୈଳାସ, ରବୀନ୍ଦ୍ର, ଅଶୋକ, ନିମାଇ ଚରଣ କୃଷ୍ଣ, କାର୍ତ୍ତିକେଶ୍ୱର ପାତ୍ର ପ୍ରମୁଖ ପରିବାର ମହାପ୍ରଭୁଙ୍କ ସେବାରେ ଲାଗିଛନ୍ତି। ମହାପ୍ରଭୁଙ୍କ କାର୍ଯ୍ୟରେ ଲାଗିଥିବାରୁ ଅପୂର୍ବ ଆନନ୍ଦ ମିଳେ ବୋଲି ଏମାନେ କୁହନ୍ତି।



# ବିକଶିତ କୃଷି ସଂକଳ୍ପ ଅଭିଯାନ ଶିବିର



ଶିବିରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ନିରାକାରପୁର,୬।୬(ମାନସ ଚନ୍ଦ୍ର ପଜ୍ଜନାୟକ)

ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଲେଣ୍ଡୋ ଓ ରାମେଶ୍ୱର ପଞ୍ଚାୟତରେ କୃଷକମାନଙ୍କୁ ନେଇ ବିକଶିତ କୃଷି ସଂକଳ୍ପ ଅଭିଯାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଟାଙ୍ଗୀ ବ୍ଲକ କୃଷି ଅଧିକାରୀ ସୌମେନ୍ଦ୍ର ବେହେରା ସଭାପତିତ୍ୱ କରିଥିବା ବେଳେ ପ୍ରାଣୀ ବିଭାଗ ସାଇଣ୍ଟିଷ୍ଟ ସୁରେନ୍ଦ୍ର ସିଂହ, ବଟନୀ ବିଭାଗ ସାଇଣ୍ଟିଷ୍ଟ ଡ. ଡି.ଆର୍ ପାଣି, ମତ୍ସ୍ୟ ବିଭାଗ ସାଇଣ୍ଟିଷ୍ଟ ରାକେଶ ଦାଶ, ଡ.କେ.ସି ଦାସ, ଫୁଲକାନ୍ତି ବେହେରାଙ୍କ ସମେତ ବ୍ଲକସ୍ତରୀୟ କୃଷି ବିଭାଗ ଅଧିକାରୀମାନେ ଯୋଗଦେଇ ଉକ୍ତ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ, ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ସେହିପରି ଚାଷୀଙ୍କ ପାଇଁ ସରକାରଙ୍କ ପକ୍ଷରୁ ହୋଇଥିବା ଯୋଜନା ପ୍ରୋଜେକ୍ଟ ଓ ଆଧୁନିକ ଜ୍ଞାନକୌଶଳ ବିଷୟରେ ବୁଝାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ, ୱାର୍ଡସଦସ୍ୟ, ଜିଲାପରିଷଦ ସଭ୍ୟ, କୃଷକ ସାଥୀଙ୍କ ସମେତ ବହୁ ମହିଳା କୃଷକ ମଧ୍ୟ ଉପସ୍ଥିତ ଥିଲେ। ଶେଷରେ ପ୍ରତାପ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

**ସଂକ୍ଷେପରେ**

## ଅଘୋଷିତ ବିଦ୍ୟୁତ୍ କାଟ ନେଇ ଅସନ୍ତୋଷ

ବେଗୁନିଆ,୬।୬(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ସମେତ ଆଖପାଖ ଅଞ୍ଚଳରେ ପ୍ରଚଣ୍ଡ ଖରା ସାଙ୍ଗକୁ ଅସହ୍ୟ ଗୁଳୁଗୁଳିରେ ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଉଛି। ସକାଳ ୯ଟାରୁ ଗ୍ରୀଷ୍ମ ପ୍ରବାହ ଜାରି ରହୁଛି। ଲୋକମାନେ ଘରୁ ବାହାରକୁ ଯିବାକୁ ଭୟ କରୁଛନ୍ତି। ଅନ୍ୟପଟେ ଅଘୋଷିତ ବିଦ୍ୟୁତ୍ କାଟକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଗୁଳୁଗୁଳିରୁ ରକ୍ଷା ପାଇବା ପାଇଁ ପଙ୍ଖା, ଏସି, କୁଲର ଆଦିର ଅଧିକ ବ୍ୟବହାର ହେଉଥିବା ବେଳେ ମଧ୍ୟରାତି ଆଳରେ ବାରମ୍ବାର ବିଦ୍ୟୁତ୍ କାଟ କରାଯାଉଛି। ଫଳରେ ଲୋକେ ନିଦ୍ରା ନ ଥିବା ହଇରାଣ ହେଉଛନ୍ତି। ଗ୍ରୀଷ୍ମପ୍ରବାହ ଏବଂ ଗୁଳୁଗୁଳିରୁ ରକ୍ଷା ପାଇବା ପାଇଁ ବର୍ଷାକୁ ଅପେକ୍ଷା କରୁଛନ୍ତି। ଏଥିରେ ବିଦ୍ୟୁତ୍ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ମାଲୁଦରେ ମନ୍ଦିର ପ୍ରତିଷ୍ଠା ଉତ୍ସବ

କୃଷ୍ଣପ୍ରସାଦ,୬।୬(କୈଳାସ ଚନ୍ଦ୍ର ପଜ୍ଜନାୟକ)

କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ମାଲୁଦ ପାଇକସାହି ଗ୍ରାମର ଆରାଧ୍ୟା ମା' ଚିନାମାଳୀଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୱାନ ପଣ୍ଡିତଙ୍କ ନେତୃତ୍ୱରେ ଘୃତଯଜ୍ଞ, ଅନ୍ନଯଜ୍ଞ ସହିତ ୨୪ ପ୍ରହର ଅଖଣ୍ଡ ନାମଯଜ୍ଞ ରୀତିନୀତି ଅନୁଯାୟୀ ସମ୍ପନ୍ନ ହୋଇଥିଲା। ମନ୍ଦିର ମାର୍ଗଦର୍ଶକ କର୍ତ୍ତା ପ୍ରଦୀପ କୁମାର ଦାସ, କର୍ତ୍ତା ବାଦଲ ପ୍ରଭା ଦାସ ଯଜ୍ଞ କାର୍ଯ୍ୟରେ ଯୋଗଦେଇଥିଲେ। ବିଭିନ୍ନ ଅଞ୍ଚଳରୁ ୧୭ ମେଳ ସଂକୀର୍ତ୍ତନ ଦଳ ଯୋଗଦେଇ ନାମ ପରିବେଷଣ କରିଥିଲେ। ଗୁରୁବାର ସନ୍ଧ୍ୟାରେ ବିଗ୍ରହଙ୍କ ସିଂହାସନ ଆରୋହଣ କରିଥିଲେ। ଶୁକ୍ରବାର ନଗର ପରିକ୍ରମା ସହିତ ଉତ୍ସବର ଉଦ୍‌ଯାପିତ ହୋଇଥିଲା। ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ପୂର୍ବତନ ମନ୍ତ୍ରୀ ସଞ୍ଜୟ କୁମାର ଦାସ ବର୍ମା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ମାଲୁଦ ପାଇକସାହି ସମେତ ପଞ୍ଚାୟତ ଅନ୍ତର୍ଗତ ସମସ୍ତ ଗ୍ରାମବାସୀ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଗ୍ରାମ୍ୟ କମିଟି ସଭାପତି ସଦାଶିବ ପ୍ରଧାନ ଏବଂ ସମ୍ପାଦକ ବିଶ୍ୱନାଥ ପରିଡ଼ାଙ୍କ ପୌରାହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ୩୫ମୌଜା ପରିଚାଳନା କମିଟି ସଭାପତି ସୁରେନ୍ଦ୍ର ନାଥ ମାଝୀ, ପୂର୍ବତନ ସରପଞ୍ଚ ନବୀନ କୁମାର ଜେନା, ସାମାଜିକକର୍ମୀ ବିଷ୍ଣୁ ଚରଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଚନ୍ଦନ ଉତ୍ସବ ସମାରୋହ

ପୁରୁଣା ଭୁବନେଶ୍ୱର,୬।୬(ସୁବାସ ଚନ୍ଦ୍ର ପ୍ରଧାନ)

ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ୨୨ଦିନିଆ ଚନ୍ଦନ ଯାତ୍ରା ଶେଷ ହେବା ପରେ ଏକାମ୍ର କ୍ଷେତ୍ରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଚନ୍ଦନ ଉତ୍ସବ ଅନୁଷ୍ଠିତ ହେଉଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ସନ୍ଧ୍ୟାରେ କେଦାରଗୌରୀ ମନ୍ଦିର ନିକଟ କେଦାରଗୌରୀ ଯୁବ ପରିସରରେ ଚନ୍ଦନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏକାମ୍ର ବିଧାୟକ ବାବୁ ସିଂ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ପରମ୍ପରା ମଧ୍ୟରେ ଚନ୍ଦନ ବୋଲି ହେବା ସହ ଭୁବ ମେଘର ଏବଂ ଅତିଥିମାନେ ମଲ୍ଲୀମାଳ ପକାଇଥିବା ଦେଖିବାକୁ ମିଳିଥିଲା। ଏହି କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ସୁରେଶ ରାଉତରାୟ, ଭୁଲୁ ଗରାବଡୁ, ଅକ୍ଷୟ ଜେନା, ଜୟନ୍ତ ମେକାପ, ଶିବ ସାହୁ, ଗୌରୀ ଶଙ୍କର ଶତପଥୀ, ସୁଜିତ୍ ନାଇକ୍, ସୁଜିତ୍ ଦାସ ପ୍ରମୁଖ ଯୋଗଦେଇଥିଲେ।

# 'ପ୍ରକୃତିର ଯତ୍ନ ନେଲେ ତିଷ୍ଠିରହିବ ଜୀବଜଗତ'



କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଛାତ୍ରୀଛାତ୍ର ଏବଂ ଅନ୍ୟମାନେ।

ବେଗୁନିଆ,୬।୬(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ସଦର ମହକୁମାସ୍ଥିତ ସେଣ୍ଟ କାଭିଅର ଉଚ୍ଚ ବିଦ୍ୟାଳୟ ଆଗୁଳ୍ୟାରେ ଗୁରୁବାର ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକ ସଚେତନତା ଶୋଭାଯାତ୍ରା ହୋଇଥିଲା। ପରେ ବିଦ୍ୟାଳୟ ପରିସରରେ ବିଭିନ୍ନ କିସମର ଚାରାରୋପଣ କରାଯାଇଥିଲା। ପରେ ଶିକ୍ଷାନୁଷ୍ଠାନ ସନ୍ନିକଟ କକ୍ଷରେ 'ମୁଁ ଗଛ କହୁଛି' ଶୀର୍ଷକ ଆଲୋଚନା ଏବଂ କବିତା ପାଠ କରାଯାଇଥିଲା। ଗାୟକ ବସନ୍ତ କୁମାର ଦାସଙ୍କ ମଙ୍ଗଳା ଚରଣ ପାଠ ପରେ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେବା ସହ ପରିବେଶ ଆଧାରିତ ସଚେତନତା ସଙ୍ଗୀତ ଗାନ କରିଥିଲେ। ପଠାଣି ସାମନ୍ତ ପ୍ଲାନେଟୋରିୟମର ପୂର୍ବତନ ଉପନିର୍ଦ୍ଦେଶକ ଡ.ଶୁଭେନ୍ଦୁ ପଜ୍ଜନାୟକ ମୁଖ୍ୟ ଅତିଥି ଏବଂ ପରିବେଶବିତ୍ ରାମଚରଣ ବାବା ବକ୍ତାଭାବେ ଯୋଗଦେଇଥିଲେ। ଡ.ହରିପ୍ରସାଦ ଦାସ ଏବଂ ପୂର୍ବତନ ପ୍ରଶାସନିକ ଅଧିକାରୀ ସୁଧାକର ସାମନ୍ତରାୟ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ପ୍ରକୃତିର ଯତ୍ନ ନେଲେ ଜୀବଜଗତ ତିଷ୍ଠିପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କବିୟିତ୍ରୀ ମାନସୀ ଦାସଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠରେ ବହୁ କବୟିତ୍ରୀ ଓ କବିମାନେ ଅଂଶଗ୍ରହଣ କରିଥିଲେ। ହରିହର ମହାପାତ୍ର ଉଦ୍ବୋଧନୀ ସଙ୍ଗୀତ ଗାନ କରିଥିବା ବେଳେ ଶିକ୍ଷୟିତ୍ରୀ ମୋନାଲିସା ପଜ୍ଜନାୟକ ଧନ୍ୟବାଦ ଦେଇଥିଲେ।

## ତାରକେଶ୍ୱର ଦେବଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ

ବେଗୁନିଆ,୬।୬(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ସିକୋ ସ୍ଥିତ ତାରକେଶ୍ୱର ଦେବଙ୍କ ବିଗ୍ରହ ପ୍ରତିଷ୍ଠା ପାଇଁ ପାଞ୍ଚ ଦିନ ଧରି ଚାଲିଥିବା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ସିକୋ ଗ୍ରାମବାସୀଙ୍କ ସହଯୋଗରେ ଏବଂ ଉତ୍ସବ କମିଟି ସଭାପତି ସୁରେନ୍ଦ୍ର ବେହେରା ଏବଂ ସମ୍ପାଦକ ରଙ୍କନିଧି ସାମନ୍ତରାୟଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହାଜନି ନଦୀରୁ ୫୨କଳସ ପାଣି ଉଠାଯାଇ ଗ୍ରାମ ଶୋଭାଯାତ୍ରା କରାଯାଇ ଯଜ୍ଞସ୍ଥଳରେ କଳସ ସ୍ଥାପନ କରାଯାଇଥିଲା। କର୍ତ୍ତାଭାବେ ପୂର୍ବତନ ଶିକ୍ଷକ ଶିକ୍ଷାଗତ ଅଧିକାରୀ ଉପଚେତନ କରିଥିଲେ। ୧୭ଜଣ ବ୍ରାହ୍ମଣ ବେଦପାଠ କରି ଯଜ୍ଞରେ ଆହୁତି ପ୍ରଦାନ କରିଥିଲେ। ସନ୍ଧ୍ୟାରେ ପାଲା, ମନୋରମା ବେହେରାଙ୍କ ଦ୍ୱାରା ସଂକୀର୍ତ୍ତନ ଏବଂ ରାତିରେ ନାଟକ ଦାନବୀର ହରିଶ୍ଚନ୍ଦ୍ର, ବାଳି ବଧ, ଲକ୍ଷ୍ମୀ ପୁରାଣ ଏବଂ ରାମ ନାଟକ ମହୀରାବଣ ବଧ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନ ରାତ୍ରରେ ତାରକେଶ୍ୱର ଦୋଳ ବିମାନରେ ଗ୍ରାମ ପରିକ୍ରମା କରି ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ।

## ସବୁଜିମା ପରିବେଶ ପାଇଁ ସଚେତନତା ଜରୁରୀ

ଖୋର୍ଦ୍ଧା,୬।୬(ପ୍ରଭାତ ପାଣିଗ୍ରାହୀ)

ପରିବେଶ ସନ୍ତୁଳନ ଲାଗି ଚାରାରୋପଣର ଆବଶ୍ୟକ ରହିଛି। ସୁନ୍ଦର ସବୁଜିମା ପରିବେଶ ପାଇଁ ଆଗାମୀ ପିଢ଼ି ଲାଗି ଏବେଠୁ ଚିନ୍ତା କରିବାର ସମୟ ଆସିଛି। ପ୍ରତ୍ୟେକ ବ୍ୟକ୍ତି ଚାରାଟିଏ ଲଗାଇ ପରିବେଶ ସୁରକ୍ଷା ପାଇଁ ସଙ୍କଳ୍ପ ନେବା ପାଇଁ ଆହ୍ୱାନ ଦିଆଯାଇଛି। ବିଶ୍ୱ ପରିବେଶ ଦିବସ ଅବସରରେ ଗୁରୁବାର ସାମାଜିକ ଅନୁଷ୍ଠାନ ଜାଗୃତି ପକ୍ଷରୁ ପରିବେଶ ପାଇଁ ଗଛଟିଏ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଦ୍ରୁତ ଶିଳ୍ପାୟନ, ସହରାଞ୍ଚଳ ଯୋଗୁ ଜଙ୍ଗଲ ନଷ୍ଟ ହେଉଛି। ଏହାର ପ୍ରଭାବ ଜୀବଜଗତ ଉପରେ ପଡ଼ିବା ସହ ତାପକ୍ରମ ବଢ଼ିବାରେ ଲାଗିଛି। ଜଙ୍ଗଲ କ୍ଷୟ ଯୋଗୁ ଜୈବ ବିବିଧତା ନଷ୍ଟ ହେବା ସହ ଜଳବାୟୁ ପରିବର୍ତ୍ତନର ଅନ୍ୟତମ କାରଣ ସାଜିଛି। ସଭାପତିର ବିକାଶ ଆଳରେ ସବୁଜିମା ଭରା ପରିବେଶ ଦିନକୁ ଦିନ ନଷ୍ଟ ହେବାରେ ଲାଗିଛି ବୋଲି ସମ୍ପାଦକ ପ୍ରଭାତ ପାଣିଗ୍ରାହୀ କହିଥିଲେ। ବିଶ୍ୱତାପନ ପ୍ରକ୍ରିୟା ଫଳରେ ଜଳବାୟୁ ପରିବର୍ତ୍ତନ ଘଟୁଛି। ଏହାଦ୍ୱାରା ଜୀବଜଗତ ପ୍ରଭାବିତ ହେଉଛନ୍ତି। ଦିନକୁ ଦିନ ତାପମାତ୍ରା ବୃଦ୍ଧି ହେଉଛି। ଜଳବାୟୁ ନିୟନ୍ତ୍ରିତ ହେବା ଲାଗି ସୁସ୍ଥ ପରିବେଶ ଜରୁରୀ। ଏଥିଲାଗି ବ୍ୟାପକ ସଚେତନତା ଜରୁରୀ। ବର୍ଷାରତୁରେ ଗାଁଠାରୁ ସହରାଞ୍ଚଳ ସବୁଠି ବ୍ୟାପକ ଚାରାରୋପଣ ପାଇଁ ସମସ୍ତେ ଆଗେଇ ଆସିବା ଦରକାର। ଜଳବାୟୁ ପରିବର୍ତ୍ତନ ଏବଂ ବୃଦ୍ଧି ପାଉଥିବା ତାପମାତ୍ରାରୁ ବିଶ୍ୱକୁ ରକ୍ଷା କରିବାକୁ ହେଲେ ଜଙ୍ଗଲ ସୃଷ୍ଟି ପରିବେଶ ସଚେତନତା କାର୍ଯ୍ୟକ୍ରମ ଏବଂ ସବୁଜିମା ପରିବେଶ ଆବଶ୍ୟକ ରହିଛି ବୋଲି ପାଣିଗ୍ରାହୀ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ସଭାପତି ବିଜୟ ପଜ୍ଜନାୟକ, ରଞ୍ଜିତ ସାମନ୍ତରାୟ, ଶୁଭକାନ୍ତ ମହାପାତ୍ର, ଜିତେନ୍ଦ୍ର ବେହେରା, ମାନକେତନ ସୁଦ୍ଧୁ, ଗୋପାଳ କୃଷ୍ଣ ଦାସ, ସତ୍ୟ ନାରାୟଣ ବିଶୋଇ, କ୍ଷେତ୍ରମୋହନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ମେଧା ପାଟେକରଙ୍କୁ ଅଟକ ରଖିବା ଅଗଣତାନ୍ତ୍ରିକ: ସିପିଆଇ(ଏମ୍)

ଭୁବନେଶ୍ୱର, ୬।୬ (ବନ୍ଦନା ସେଠୀ)

ଜାତୀୟ ଜନଆନ୍ଦୋଳନ ସମୂହ ନେତ୍ରୀ ମେଧା ପାଟେକରଙ୍କୁ ପରିବେଶ ଦିବସ ପାଳନ କରିବାକୁ ଦିଆ ନ ଯିବା ଅତ୍ୟନ୍ତ ଅନ୍ୟାୟ ଓ ଅଗଣତାନ୍ତ୍ରିକ ବୋଲି ସିପିଆଇ (ଏମ୍) ପକ୍ଷରୁ ଅଭିଯୋଗ କରାଯାଇଛି। ରାୟଗଡ଼ା ଜିଲାର ସିଜିମାଳି ବକ୍ସାଇଟ୍ ଖଣି ଅଞ୍ଚଳକୁ ପରିବେଶ ଦିବସ ପାଳନ କରିବା ପାଇଁ ମେଧାଙ୍କ ସମେତ କୃଷକ ନେତା ଲିଙ୍ଗରାଜ ଓ ଅନ୍ୟ ନେତାମାନେ ଯାଉଥିଲେ। ଏହି ସମୟରେ ରାୟଗଡ଼ା ପୋଲିସ ସେମାନଙ୍କୁ ଅଟକ ରଖି ଉକ୍ତ ଅଞ୍ଚଳକୁ ପ୍ରବେଶ କରିବାକୁ ନ ଦେଇ ଥାନା ଗାଡିରେ ବଳପୂର୍ବକ ବ୍ରହ୍ମପୁର ନେଇଥିଲେ। ରାଜ୍ୟରେ ଭାଜପା ନେତୃତ୍ୱାଧୀନ ଡବଲ ଇଞ୍ଜିନ ସରକାର ସମୟରେ ପରିବେଶ ଦିବସ ପାଳନ କରିବାକୁ ମଧ୍ୟ ସୁଯୋଗ ଦିଆଯାଉନାହିଁ। କର୍ପୋରେଟ୍ ଲୁଣ୍ଠନ ପାଇଁ ରାଜ୍ୟ ସରକାର ସମର୍ପିତ ହୋଇ କାର୍ଯ୍ୟ କରୁଥିବା ଏଥିରୁ ସ୍ପଷ୍ଟ ହୋଇଛି। ସରକାର ପକ୍ଷରୁ ଏଭଳି ଆନ୍ଦୋଳନକାରୀମାନଙ୍କୁ ଦମନ କରୁଛନ୍ତି। ସରକାରଙ୍କ କର୍ପୋରେଟ୍ ସପକ୍ଷବାଦୀ ନୀତି ହିଁ ଜମି, ଖଣି ଏବଂ ପରିବେଶ ସୁରକ୍ଷା ପାଇଁ ବଡ଼ ବିପଦ ହୋଇ ଠିଆ ହୋଇଛି ବୋଲି ସିପିଆଇ (ଏମ୍) ପକ୍ଷରୁ କୁହାଯାଇଛି। ସରକାରଙ୍କ ଏଭଳି ଦମନ ନୀତିକୁ ତୀବ୍ର ନିନ୍ଦା କରିବା ସହ ପ୍ରାକୃତିକ ସମ୍ପଦ ଏବଂ ପରିବେଶର ଉପଯୁକ୍ତ ସୁରକ୍ଷା ପାଇଁ ଆହ୍ୱାନ କରିଛି।

## ଫେରାର ଅଭିଯୁକ୍ତ ଗିରଫ

ବାଉଜ,୬।୬(ଲିଙ୍ଗରାଜ ରାଉତ)

ଏକ ଅପହରଣ ମାମଲାରେ ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ଚନ୍ଦକା ଥାନା ପୋଲିସ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ପାଇକରାପୁର ଗ୍ରାମର ବିଜୟ କୁମାର ପ୍ରଧାନ ଓରଫ ବିଜୁ। ପ୍ରକାଶ ଯେ, ବିଜୟ ଓ ତାଙ୍କ ସହଯୋଗୀମାନେ ପାଇକରାପୁର ଗ୍ରାମର ସ୍ୱାଗତ ସେଠୀଙ୍କୁ ଗତ ଏପ୍ରିଲ ୨ ତାରିଖରେ ଅପହରଣ କରି ନେଇଥିଲେ। ତାଙ୍କୁ ଜଙ୍ଗଲ ଘରେ ବନ୍ଦୀ କରି ରଖି ଆକ୍ରମଣ କରିବା ଏବଂ ଜାତିଗତ ନିର୍ଯ୍ୟାତନାର ଶିକାର କରି ୫ ଲକ୍ଷ ଟଙ୍କା ନ ଦେଲେ ଜୀବନକୁ ମାରିଦେବାକୁ ତାଙ୍କ ପରିବାର ଲୋକଙ୍କୁ ଫୋନ ଦ୍ୱାରା ଧମକ ଦେଇଥିଲେ। ଅଭିଯୋଗ ଆଧାରରେ ପୋଲିସ ଅପହୃତଙ୍କ କେବଳରୁ ସ୍ୱାଗତଙ୍କୁ ଉଦ୍ଧାର କରିଥିଲା। ଏହି ଘଟଣାରେ ପୋଲିସ ୪ ଜଣଙ୍କୁ ପୂର୍ବରୁ ଗିରଫ କରିଥିବାବେଳେ ଫେରାର ବିଜୟଙ୍କୁ ଗୁରୁବାର ରାତିରେ ଗିରଫ କରିଥିଲା।

# ଗ୍ରୋ ରିଚ୍ କମ୍ପାନୀ ମାଲିକ ଗିରଫ

ଭୁବନେଶ୍ୱର,୬।୬(ସତ୍ୟଜିତ୍ ରାଉତ)

**ନିବେଶ ଆଳରେ ୧୧.୫୦ ଲକ୍ଷ ଠକେଇ**



ଗଙ୍ଗାଧର ପ୍ରଧାନ

ନିବେଶ ଆଳରେ ୧୧.୫୦ ଲକ୍ଷ ଟଙ୍କା ଠକେଇ ମାମଲାରେ ଜଣେ ଅଭିଯୁକ୍ତଙ୍କୁ ଖାରବେଳନଗର ଥାନା ପୋଲିସ ଶୁକ୍ରବାର ଗିରଫ କରିଛି। ସେ ହେଲେ ଗ୍ରୋ ରିଚ୍ କମ୍ପାନୀର ମାଲିକ ଗଙ୍ଗାଧର ପ୍ରଧାନ (୪୧)। ଗଙ୍ଗାଧର ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଖାରପଡ଼ାର ଏକ ଆପାର୍ଟମେଣ୍ଟରେ ରହୁଥିଲେ। କୋର୍ଟଚାଲାଣ ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ଠକେଇରେ ସାମିଲ ଥିବା ଗଙ୍ଗାଧରଙ୍କ ସହଯୋଗୀ ପ୍ରମୋଦ କୁମାର ବେହୁରାଙ୍କୁ ଧରିବାକୁ ପୋଲିସ ଉଦ୍ୟମ ଚଳାଉଛି। ଠକେଇର ଶିକାର ହୋଇଥିଲେ ସୁବ୍ରତ ରଞ୍ଜନ ରାଉତ। ଅଭିଯୁକ୍ତ ଗଙ୍ଗାଧର ଓ ପ୍ରମୋଦ ବିଏମ୍ସି ଅଫିସ ପଛପାର୍ଶ୍ୱରେ କମ୍ପାନୀ କାର୍ଯ୍ୟାଳୟରେ ବୈଠକ କରି ସୁବ୍ରତଙ୍କୁ ଫସାଇଥିଲେ। ନିବେଶ ଅର୍ଥର ମାସିକ ୬% ଫେରସ୍ତ ସହ ବିଭିନ୍ନ ଆର୍ଥିକ ସମ୍ପତ୍ତିରେ ଟଙ୍କା ବିନିଯୋଗ କରିବାକୁ ଉଭୟ ପରାମର୍ଶ ଦେଇଥିଲେ। ସେମାନଙ୍କ କଥାରେ ପଡ଼ି ସୁବ୍ରତ ୨୦୨୩ ଏପ୍ରିଲ ୨୮ରେ ନିଜ ଆକାଉଣ୍ଟରୁ ୧୧.୫୦ ଲକ୍ଷ ଟଙ୍କା ଗ୍ରୋ ରିଚ୍ କମ୍ପାନୀ ଆକାଉଣ୍ଟକୁ ପଠାଇଥିଲେ। ହେଲେ ପରବର୍ତ୍ତୀ ସମୟରେ ଚୁକ୍ତି ଅନୁଯାୟୀ ଦୁଇ ଅଭିଯୁକ୍ତ କୌଣସି ଟଙ୍କା ଫେରାଇ ନ ଥିଲେ। ମୂଳ କିମ୍ବା ସୁଧ ଉପରେ ମଧ୍ୟ କୌଣସି ଟଙ୍କା ମିଳି ନ ଥିଲା। ଏପରିକି ଟଙ୍କା ଫେରାଇବା ବଦଳରେ ଅଭିଯୁକ୍ତଦ୍ୱୟ ସୁବ୍ରତଙ୍କୁ ଶାରୀରିକ ଏବଂ ମାନସିକ ନିର୍ଯ୍ୟାତନା ଦେଉଥିଲେ। ଏନେଇ ସୁବ୍ରତ ଥାନାର ଦ୍ୱାରସ୍ଥ ହୋଇଥିଲେ। ଗତ ଫେବୃଆରୀ ୩ରେ ପୋଲିସ ମାମଲା (ନଂ.୪୧/୨୦୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ତ୍ରିଭଙ୍ଗ କଳା ନିକେତନ ପକ୍ଷରୁ ନୃତ୍ୟ ସଙ୍ଗୀତ ଉତ୍ସବ



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପିଲାମାନେ।

ଭୁବନେଶ୍ୱର, ୬।୬ (ସୌମ୍ୟରଞ୍ଜନ ରାଉତ)

ତ୍ରିଭଙ୍ଗ କଳା ନିକେତନ ପକ୍ଷରୁ ଶୁକ୍ରବାର ନୃତ୍ୟ ସଙ୍ଗୀତ ଉତ୍ସବ 'ଭାରତ କଳା ସଂସ୍କୃତି ଆୱାର୍ଡ' ଓଡ଼ିଶା ଗବେଷଣା କେନ୍ଦ୍ର ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ମର୍ଦ୍ଦଳ ବାଦକ ଗୁରୁ ସଚ୍ଚିଦାନନ୍ଦ ଦାସ, ଓଡ଼ିଶୀ ନୃତ୍ୟ ଗୁରୁ ପଙ୍କଜ କୁମାର ପ୍ରଧାନ, ବଂଶୀ ବାଦକ ଗୁରୁ ସୌମ୍ୟ ରଞ୍ଜନ ଯୋଶୀ, ସଙ୍ଗୀତ ଗୁରୁ ଲକ୍ଷ୍ମୀନାରାୟଣ ପୁରୋହିତ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଗୁରୁ ନିମାକାନ୍ତ ରାଉତରାୟ, ଗୁରୁ ନିରଞ୍ଜନ ରାଉତ, କର୍ପୋରେଟର ଅପରୂପ ରାଉତ ପ୍ରମୁଖ ଯୋଗଦେଇ ସଙ୍ଗୀତ କଳାକାରମାନଙ୍କୁ ସମ୍ବର୍ଦ୍ଧନା କରିଥିଲେ। କାର୍ଯ୍ୟକ୍ରମରେ ବୌଦ୍ଧରୁ ଗୁରୁ ଗୋପାଳ ବେହେରା, କଟକରୁ ଗୁରୁ ଅନିଲ କୁମାର ନାୟକ, ଭୁବନେଶ୍ୱରରୁ ଗୁରୁ ନିଳାଦ୍ରୀ ମହାନ୍ତି, କେନ୍ଦୁଝରରୁ ଗୁରୁ ସିପୁନ ମହାକୁଡ଼, ଗୁରୁ ଦାସ, ଘଟଗାଁରୁ ଗୁରୁ ସଞ୍ଜୟ ଦାସ, ବଲାଙ୍ଗୀରରୁ ଗୁରୁ ଡା. ବିଶ୍ୱଜିତ ଦାସ, ଭୁବନେଶ୍ୱରରୁ ଗୁରୁ ବର୍ଷା ଦାସ, ଗୁରୁ କ୍ଷଣପ୍ରଭା ପରିଡ଼ାଙ୍କ ଛାତ୍ରୀଛାତ୍ରଙ୍କୁ 'ଭାରତ କଳା ସଂସ୍କୃତି ଆୱାର୍ଡ' ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରାୟ ୨୦୦ରୁ ଅଧିକ ନୃତ୍ୟ ଶିଳ୍ପୀ ଯୋଗଦେଇଥିଲେ। ଅନୁଷ୍ଠାନ ନିର୍ଦ୍ଦେଶକ ଗୁରୁ ବିକ୍ରମ ସାମଲ କାର୍ଯ୍ୟକ୍ରମ ପରିଚାଳନା କରୁଥିବା ବେଳେ ବିନୋଦ ଚନ୍ଦ୍ର ସାହୁ ସଂଯୋଜନା କରିଥିଲେ।

## ଟ୍ରକ ଧକ୍କାରେ ଶ୍ରମିକଙ୍କ ମୃତ୍ୟୁ ଘଟଣା, ଫେରାର ଡ୍ରାଇଭର ଗିରଫ

ଭୁବନେଶ୍ୱର,୬।୬(ସତ୍ୟଜିତ୍ ରାଉତ)

ଟ୍ରକ୍ ଧକ୍କାରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟଣାରେ ଅଭିଯୁକ୍ତ ଚାଳକଙ୍କୁ ଖାରବେଳନଗର ଥାନା ପୋଲିସ ଶୁକ୍ରବାର ଗିରଫ କରିଛି। ସେ ହେଲେ ସତ୍ୟନଗରର ଦୁର୍ଗାମଣ୍ଡପ ବସ୍ତିର ବିଚିତ୍ର କୁମାର ସାହୁ (୫୪)। ତାଙ୍କଠାରୁ ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଜବତ ହୋଇଛି। କୋର୍ଟଚାଲାଣ ପରେ ବିଚିତ୍ରଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ୟୁନିଟ୍-୩ ଅଞ୍ଚଳସ୍ଥିତ ରିଙ୍କା କଲୋନୀର ରବି ବେହେରା ସତ୍ୟନଗର ଓଭର ବ୍ରିଜ ନିକଟ ମାଲଗୋଦାମରେ ଶ୍ରମିକ ଭାବେ କାମ କରିବା ସହ ଉକ୍ତ ବ୍ରିଜ ତଳେ ରହୁଥିଲେ। ଏପ୍ରିଲ ୧୬ ବିଳମ୍ବିତ ରାତିରେ ରବି ବ୍ରିଜ ତଳେ ଶୋଇଥିବା ବେଳେ ବିଚିତ୍ର ଦ୍ରୁତ ଗତିରେ ଏକ ସିମେଣ୍ଟ ବୋଝେଇ ଟ୍ରକ ଚଳାଇ ଆଣି ତାଙ୍କ ଉପରେ ଚଢ଼ାଇ ଫେରାର ହୋଇଯାଇଥିଲେ। ଖବର ପାଇ ପରିବାର ଲୋକ ପହଞ୍ଚି ଗୁରୁତର ରବିଙ୍କୁ କ୍ୟାପିଟାଲ ହସ୍ପିଟାଲ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପୁଅ ଶୁଭ ଥାନାରେ ଏତଲା ଦେବା ପରେ ପୋଲିସ ମାମଲା (ନଂ.୧୨୯/୨୦୨୫) ରୁଜୁ କରି ତଦନ୍ତ ଚଳାଇଥିଲା।

# ଗୁଳିମାଡ଼ ମାମଲାରେ ୪ ଗିରଫ

ଖୋର୍ଦ୍ଧା,୬।୬(ପ୍ରଭାତ ପାଣିଗ୍ରାହୀ)

- ଥାର୍ ଗାଡ଼ି, ମୋବାଇଲ ଏବଂ ଖୋକା ଜବତ
- ମୁଖ୍ୟ ଅଭିଯୁକ୍ତ ଫେରାର

ଭୁବନେଶ୍ୱର ୧୬ ନମ୍ବର ଜାତୀୟ ରାଜପଥର ଖୋର୍ଦ୍ଧା କୁମାରବସ୍ତ ଛକ ପେଟ୍ରୋଲ ପମ୍ପ ନିକଟରେ ଗତ ମେ' ୩୧ତାରିଖରେ ହୋଇଥିବା ଗୁଳିମାଡ଼ ମାମଲାରେ ଶିଳ୍ପାଞ୍ଚଳ ଥାନା ପୋଲିସ ୪ଜଣଙ୍କୁ ଗିରଫକରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଭୁବନେଶ୍ୱର ନୟାପଲ୍ଲୀର ରୋହିତ କୁମାର ରାଉତ(୨୧), ରେଣ୍ଟାଲ କଲୋନିର ଶ୍ରୀକାନ୍ତ ପରିଡ଼ା ଓରଫ ସିପୁ(୨୨), ଲକ୍ଷ୍ମୀସାଗର ଥାନା ବମିଖାଲର କୌଶିକ ପାତ୍ର(୧୯) ଏବଂ ଭରତପୁର ଥାନା ପାତ୍ରପଡ଼ା ଅଞ୍ଚଳର ସୌମ୍ୟରଞ୍ଜନ ଜେନା(୨୦)। ପୋଲିସ ଏମାନଙ୍କ ଠାରୁ ଥାର୍ ଗାଡ଼ି(ଓଡି-୩୩ଏପି-୩୨୪୧), ୪ଟି ମୋବାଇଲ ଫୋନ ଏବଂ ୭.୬୫ ଏମ୍ଏମ୍ ଏକ ଖୋକା ଜବତ ହୋଇଛି। ତେବେ ଜାମିନ ନାମଞ୍ଜୁର ପରେ ଅଭିଯୁକ୍ତମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ମୁତାବକ, ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ମୁଖ୍ୟ ଅଭିଯୁକ୍ତ ରାଜେଶ ଏବଂ ତାଙ୍କର ୪ଜଣ ସହଯୋଗୀ ଖୋର୍ଦ୍ଧା ଆଦର୍ଶ ଥାନା ଅନ୍ତର୍ଗତ ନବୀନବାଗର ଚିନ୍ମୟ ବଡ଼ଜେନାଙ୍କୁ ରାସ୍ତାରୁ ହଟାଇବା ପାଇଁ ଯୋଜନା କରିଥିଲେ। ଗତ ୩୧ତାରିଖ ଅପରାହ୍ନ ସାଢ଼େ ୫ଟାରେ ଚିନ୍ମୟ ତାଙ୍କ ସାଙ୍ଗମାନଙ୍କ ସହ ସ୍କର୍ପିଓରେ ଭୁବନେଶ୍ୱର ଯାଉଥିଲେ। ଏହି ସମୟରେ କୁମାରବସ୍ତ ପେଟ୍ରୋଲ ପମ୍ପ ନିକଟରେ ରାଜେଶ ଓ ତାଙ୍କ ସାଥୀମାନେ ଥାର୍ ଗାଡ଼ିରେ ଆସି ଚିନ୍ମୟଙ୍କ ଗାଡ଼ିକୁ ଧକ୍କାଦେବାକୁ ଉଦ୍ୟମ କରିଥିଲେ। ଏନେଇ ଚିନ୍ମୟ ଗାଡ଼ିରୁ ଓହ୍ଲାଇ ଏହାର ପ୍ରତିବାଦ କରିବା ବେଳେ ଗାଡ଼ି ଭିତରେ ବସିଥିବା ଜଣେ ଯୁବକ ହଠାତ୍ ଚିନ୍ମୟଙ୍କୁ ଉଦ୍ଦେଶ୍ୟ କରି ଏକ ରାଉଣ୍ଡ ଗୁଳିମାଡ଼ କରିଥିଲେ। ଚିନ୍ମୟ ସେଠାରୁ ଖସିଯାଇଥିବା ବେଳେ ତାଙ୍କୁ ଲକ୍ଷ୍ୟକରି ପୁଣି ୨ରାଉଣ୍ଡ ଗୁଳି ଚଳାଇଥିଲେ। ତାହା ଲକ୍ଷ୍ୟ ଭେଦ ନ କରି ଗାଡ଼ିରେ ବାଜିଥିଲା। ସେ ପୁଣି ଥରେ ଏକ ଫଲ୍ସ ଫାୟାରିଂ କରି ମେଣ୍ଟଶାଳ ରାସ୍ତା ଦେଇ ଭୁବନେଶ୍ୱର ଅଭିମୁଖେ ପଳାଇଥିଲେ। ରାଜେଶ ଏବଂ ତାଙ୍କ ଅନ୍ୟ ୨ ଜଣ ସହଯୋଗୀ ଉକ୍ତ ଗାଡ଼ିରେ ଜିଲା ବାହାରକୁ ପଳାଇଥିଲେ। ଚିନ୍ମୟଙ୍କ ଲିଖିତ ଅଭିଯୋଗକ୍ରମେ ଥାନାରେ ଏକ ମାମଲା(ନଂ.୧୩୫/୨୫) ରୁଜୁକରି ପୋଲିସ ତଦନ୍ତ ଚଳାଇଥିଲା। ମୁଖ୍ୟ ଅଭିଯୁକ୍ତଙ୍କ ସହ ଅନ୍ୟ ଫେରାର ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି।

**ଦଧିବାମନ ଜୀଉ ମନ୍ଦିରରେ ରାମଲୀଳା ଉଦ୍‌ଯାପିତ**
କଟକ ସଦର, (ସୁଶାନ୍ତ କୁମାର ଜେନା): କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର ପଞ୍ଚାୟତର ବମ୍ଭୁରି ଗ୍ରାମସ୍ଥିତ ଦଧିବାମନଜିଉ ମନ୍ଦିର ପରିସରରେ ରାମଲୀଳା ମଞ୍ଚସ୍ଥ କରାଯାଇଥିଲା। ଉଦ୍‌ଯାପନୀ ସମାରୋହରେ ସାମାଜିକ କର୍ମୀ ଆର୍ତ୍ତ ରଞ୍ଜନ ବିଶାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସମର୍ପଣ ପରିବାର ପକ୍ଷରୁ ୨ଜଣ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



## ସଂକ୍ଷେପରେ

### ବୃକ୍ଷର ସୁରକ୍ଷା ପାଇଁ ୭ ଶ୍ରମିକ ସମ୍ବର୍ଦ୍ଧିତ

ଖୁଣ୍ଟୁଣୀ, ୬।୬(ସଚ୍ଚିଦାନନ୍ଦ ପଣ୍ଡା)

ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ଖୁଣ୍ଟୁଣୀ ଥାନା ଅଧୀନ ଚନ୍ଦ୍ରାବଳିଶ୍ୟାମପୁରଠାରେ ଥିବା ଓଡିଶା ସିମେଣ୍ଟ (ଶ୍ରୀ ସିମେଣ୍ଟ) ପ୍ଲାଣ୍ଟ ପକ୍ଷରୁ ବିଶ୍ୱ ପରିବେଶ ଦିବସରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କାରଖାନାର ୟୁନିଟ ମୁଖ୍ୟ ଦ୍ୱିପେନ୍ଦ୍ର ଭରଦ୍ୱାଜ ଯୋଗଦେଇ ବିଶ୍ୱ ପରିବେଶ ଦିବସର ତାତ୍ପର୍ଯ୍ୟ ଓ ପରିବେଶ ଉପରେ ଏହାର ପ୍ରଭାବ ଉପରେ ନିଜର ମତ ରଖିଥିଲେ। କାର୍ଯ୍ୟକ୍ରମ କାରଖାନାର ନିରାପତ୍ତା ଓ ପରିବେଶ ବିଭାଗ ଅଧିକାରୀ ଲୋହିତ ସାହୁ ସଂଯୋଜନା କରିଥିଲେ। ଏଥିରେ କମ୍ପାନୀର ମାନବ ସମ୍ବଳ ବିଭାଗ ଅଧିକାରୀ ପ୍ରଶାନ୍ତ ପୂଜାରୀ, ମାନସ ଦିଗଲ, ଦେବେନ୍ଦ୍ର ଯଦୁବଂଶୀ, ଗୁଣବତ୍ତା ଓ ମାନ ବିଭାଗ ଅଧିକାରୀ ହେମେନ୍ଦ୍ର ଶର୍ମା, ଆଇଟି ବିଭାଗରୁ ଜୟ ପ୍ରକାଶ ସାଁଖୁଆ, ପ୍ରକ୍ରିୟା ବିଭାଗର ହିତେଶ ଦାସ, ଆକାଉଣ୍ଟସ ଅଧିକାରୀ ପ୍ରିୟବ୍ରତ ସାହୁ ଓ ସୁରକ୍ଷା ଅଧିକାରୀ ସତ୍ୟ ପ୍ରକାଶଙ୍କ ସମେତ କାରଖାନାର ସମସ୍ତ କର୍ମଚାରୀ ଓ ଶ୍ରମିକ ଉପସ୍ଥିତ ଥିଲେ। ସମସ୍ତ କର୍ମଚାରୀ ଓ ଅଫିସର ପ୍ଲାଣ୍ଟ ପରିସରରେ ବିଭିନ୍ନ କିସମର ଶତାଧିକ ଚାରା ରୋପଣ କରିଥିଲେ। କାରଖାନାର ପାର୍କ ଏବଂ ଭିତରେ ବିଭିନ୍ନ ସ୍ଥାନରେ ବୃକ୍ଷ ରାଜିର ଉତ୍ତମ ରକ୍ଷଣାବେକ୍ଷଣ କରି ସୁରକ୍ଷା ଦେଇ ଆସୁଥିବା ୭ଜଣ ଶ୍ରମିକଙ୍କୁ ପ୍ଲାଣ୍ଟ ମୁଖ୍ୟ ଭରଦ୍ୱାଜ ପୁଷ୍ପଗୁଚ୍ଛ ଓ ଉପହାର ଦେଇ ସମ୍ବର୍ଦ୍ଧିତ କରିଥିଲେ।

### ବିଚାରପତି ବିଭୁ ପ୍ରସାଦ ରାଉତରାୟଙ୍କ ମାତୃ ବିୟୋଗ

କଟକ,୬।୬(କାର୍ତ୍ତିକ ସାହୁ)

ହାଇକୋର୍ଟରେ ବରିଷ୍ଠ ବିଚାରପତି ବିଭୁ ପ୍ରସାଦ ରାଉତରାୟଙ୍କ ମା' ଆଶାଲତା ରାଉତରାୟ(୮୩)ଙ୍କ ବିଡ଼ାନାସୀସ୍ଥିତ ବାସଭବନରେ ଶୁକ୍ରବାର ପରଲୋକ ହୋଇଛି। ପୁରୀ ଜିଲା କଣାସ ଅଞ୍ଚଳର ଜଣେ ଧର୍ମ ପରାୟଣ ମହିଳା ଭାବେ ସେ ପରିଚିତ ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ସ୍ୱାମୀ ଜଗନ୍ନେଶ୍ୱର, ଦୁଇ ପୁଅ ଦେବପ୍ରସାଦ,


ଆଶାଲତା ରାଉତରାୟ

ବିଭୁପ୍ରସାଦ, ୩ ଝିଅ ଆରତୀ, ଅଞ୍ଜଳୀ, ଅନୁକମ୍ପା, ବଡ଼ ଜ୍ୱାଇଁ ପ୍ରକାଶଙ୍କ ସମେତ ପୁତ୍ରବଧୂ ମାହେଶ୍ୱତୀ, ନାତି ପିନାକୀଙ୍କ ସମେତ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ରାଜ୍ୟ ମାନବାଧିକାର କମିଶନର ପ୍ରାକ୍ତନ ଅଧ୍ୟକ୍ଷ ହାଇକୋର୍ଟ ଅବସରପ୍ରାପ୍ତ ବିଚାରପତି ବି.ପି. ଦାସ, ଜାତୀୟ ମାନବିକ ଅଧିକାର ଆୟୋଗର ସଦସ୍ୟ ତଥା ଝାଡ଼ଖଣ୍ଡ ହାଇକୋର୍ଟରେ ଅବସରପ୍ରାପ୍ତ ମୁଖ୍ୟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ, ବିଚାରପତି ସଙ୍ଗମ କୁମାର ସାହୁ, ବିଚାରପତି ରାଧାକ୍ରିଷ୍ଣ ପଟନାୟକ, ବିଚାରପତି ଆଦିତ୍ୟ କୁମାର ମହାପାତ୍ର, ବିଚାରପତି ବିରଜା ପ୍ରସନ୍ନ ଶତପଥୀ, ରାଜ୍ୟ ମାନବାଧିକାର କମିଶନର ଅଧ୍ୟକ୍ଷ ଶତ୍ରୁଘ୍ନ ପୂଜାହାରୀ, ହାଇକୋର୍ଟରେ ବହୁ ବିଚାର ବିଭାଗୀୟ ଅଧିକାରୀ, ଜିଲା ଜଜ୍, ବରିଷ୍ଠ ଖବରଦାତା ବାବାଜୀ ସାହୁ, ହାଇକୋର୍ଟରେ ଆଡିସିନାଲ୍ ଗଭର୍ଣ୍ଣମେଣ୍ଟ ଆଡ୍‌ଭୋକେଟ୍ ଦେବରାଜ ମହାନ୍ତି, ଆଇନଜୀବୀ ଶଶୀଭୂଷଣ ଦାସ ପ୍ରମୁଖ ଆଇନଜୀବୀ ଓ ସହରର ବହୁ ବିଶିଷ୍ଟ ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ୧୭ ପଦବୀ ଖାଲି, ରୋଗୀ ସେବା ବାଧାପ୍ରାପ୍ତ

ଫୁଲନଖରା,୬।୬
(ସତ୍ୟରଞ୍ଜନ ଦାସମହାପାତ୍ର)




## ମହୀଧରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର
## ରୋଗୀଙ୍କୁ ମିଳୁନି ଉତ୍ତମ ସ୍ୱାସ୍ଥ୍ୟସେବା

କଟକ ଜିଲା ବାରଙ୍ଗ ବ୍ଲକ ଅନ୍ତର୍ଗତ ମହିଧରପଡ଼ାର ବହୁ ପୁରାତନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସରକାର ଅଣଦେଖା କରି ଆସୁଛନ୍ତି। ଏଠାରେ ମହିଳା ଓ ପ୍ରସୂତି ବିଭାଗର ଡାକ୍ତରଙ୍କ ସହିତ ବିଭିନ୍ନ ବିଭାଗର ୧୭ଟି ଚିକିତ୍ସକଙ୍କ ପଦବୀ ଦୀର୍ଘଦିନ ଖାଲି ପଡିଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ବାରଙ୍ଗ ବ୍ଲକର ୮ଟି ଗ୍ରାମପଞ୍ଚାୟତ ନଗରୀ, ଉସୁମା, ସାଇଁସୋ, ହରିଅନ୍ତା ଖଲର୍ଦ୍ଦା, କୋରକରା, କୁରାଙ୍ଗ ଶାସନ ଓ କୁରାଙ୍ଗ ପ୍ରଧାନ ଓ କଟକ ସଦର ବ୍ଲକର ଆମଣ ଓ ଖଣ୍ଡାଇତା ଗ୍ରାମପଞ୍ଚାୟତ, ବାଲିଅନ୍ତା ବ୍ଲକର ଜଗନ୍ନାଥପୁର ଗ୍ରାମପଞ୍ଚାୟତର ହଜାର ହଜାର ସଂଖ୍ୟକ ରୋଗୀ ଦୈନନ୍ଦିନ ଏହି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ନିମନ୍ତେ ଆସିଥାନ୍ତି। ଫୁଲନଖରା ଅଡଶପୁର ରାସ୍ତାରେ ଆକସ୍ମିକ ଦୁର୍ଘଟଣା ଘଟିଲେ ଚିକିତ୍ସା ନିମନ୍ତେ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆହତମାନେ ଆସିଥାନ୍ତି। ସେହିଭଳି ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଦୈନନ୍ଦିନ ୫-୬ ଜଣରୁ ଉର୍ଦ୍ଧ୍ୱ ମହିଳା ପ୍ରସୂତି ନିମନ୍ତେ ଆସିଥାନ୍ତି। ଆଜକୁ ଦେଢ଼ବର୍ଷ ତଳେ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ମହିଳା ଓ ପ୍ରସୂତି ବିଭାଗ ଡାକ୍ତରଙ୍କୁ ଟ୍ରେନିଂ ପାଇଁ ପଠାଯିବା ଫଳରେ ରୋଗୀ ସେବା ବାଧାପ୍ରାପ୍ତ ହେଉଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଗ୍ରାମାଞ୍ଚଳରୁ ଭାରସା କରି ଆସୁଥିବା ଗରିବ ଅସହାୟ ଗର୍ଭବତୀମାନେ ଅଯଥା ଖର୍ଚ୍ଚାନ୍ତ ହୋଇ କଟକ ଓ ଭୁବନେଶ୍ୱରକୁ ଚିକିତ୍ସା ପାଇଁ ଯାଉଛନ୍ତି। ଏ ସଂକ୍ରାନ୍ତରେ ବହୁବାର ଉଚ୍ଚପଦସ୍ଥ ଅଧିକାରୀ ଓ ସରକାରଙ୍କ ନିକଟରେ ଅଭିଯୋଗ କଲେ ସୁଦ୍ଧା ଏହାର କୌଣସି ସୁଫଳ ମିଳୁନି। ଗରିବ ଅସହାୟ ମହିଳାମାନଙ୍କୁ ଅଯଥା ଖର୍ଚ୍ଚାନ୍ତ ହେବାକୁ ପଡୁଛି। ପ୍ରତ୍ୟେକ ମାସରେ ଏହି ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଓ କର୍ମଚାରୀମାନଙ୍କୁ ନେଇ ଏକ ସ୍ୱତନ୍ତ୍ର ସଭା ଅନୁଷ୍ଠିତ ହୋଇଥାଏ। ଆବଶ୍ୟକ ଥିବା ସଭା ଗୃହଟିଏ ନ ଥିବା ବେଳେ ଡାକ୍ତର ରହିଲା ଭଳି କ୍ୱାଟରଟିଏ ମଧ୍ୟ ନାହିଁ। ତୁରନ୍ତ ଏଥିପ୍ରତି ନିଆଳି ବିଧାୟକ, ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ସ୍ୱତନ୍ତ୍ର ଦୃଷ୍ଟି ଦେଇ ମହିଳା ଓ ପ୍ରସୂତି ବିଭାଗ ଡାକ୍ତରଙ୍କ ସହିତ ଆବଶ୍ୟକ ହୋଇପଡ଼ିଥିବା ଡାକ୍ତରମାନଙ୍କୁ ନିଯୁକ୍ତି କରିବାକୁ ଲଳିତ କୁମାର ଦାଶ, ଅଶୋକ କୁମାର ରଥ, ଶୈଳଜା ନନ୍ଦ ସାହୁ, ଅଜୟ କୁମାର ବେଉରା, ବରଦା ପ୍ରସାଦ ବେଉରା, ପ୍ରଣବ ପଟ୍ଟନାୟକ, ପ୍ରଶାନ୍ତ କୁମାର ଦାଶ, ବିଜୟ କୁମାର ମହାପାତ୍ର, ପ୍ରଶାନ୍ତ କୁମାର ବେହେରା, ଯତିନ୍ଦ୍ର ମୋହନ ମହାନ୍ତି ଓ କାହ୍ନୁ ଚରଣ ପାତ୍ର ପ୍ରମୁଖ ଦାବି କରିଛନ୍ତି।

# ଦୁର୍ଘଟଣାରେ ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

ସାଲେପୁର,୬।୬(ଅରବିନ୍ଦ ଭୂୟାଁ)

ସାଲେପୁର ନାଦୋଳଗଡ଼ା ରାସ୍ତାର ପେଟ୍ରୋଲ ପମ୍ପ ନିକଟରେ ଶୁକ୍ରବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ହୋଇଛି। ଏଥିରେ ସ୍ତ୍ରୀଙ୍କ ମୃତ୍ୟୁ ଘଟିଥିବାବେଳେ ସ୍ୱାମୀ ଗୁରୁତର ହୋଇଛନ୍ତି। ମୃତା ହେଲେ ସାଲେପୁର ଥାନା ନଇଗୁଆଁ ପଞ୍ଚାୟତ ଅନ୍ତର୍ଗତ ବଲ୍ଲଭପୁର ପାଢ଼ୀସାହିର ଡମ୍ବରୁଧର ପାଢ଼ୀଙ୍କ ସ୍ତ୍ରୀ ଝରାଶ୍ରୀ ପାଢ଼ୀ(୪୨)। ଡମ୍ବରୁଧର ଓ ଝରାଶ୍ରୀ ମଧ୍ୟାହ୍ନ ସମୟରେ କୌଣସି କାମରେ କଟକ ଅଭିମୁଖେ ଯାଉଥିବାବେଳେ ହଠାତ୍ ତାଙ୍କୁ ଏକ ଗାଡ଼ି ପଛରୁ ଧକ୍କାଦେଇ ପଳାଇ ଯାଇଥିଲା। ଫଳରେ ଉଭୟେ ତଳେ ପଡ଼ି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଝରାଶ୍ରୀଙ୍କ ମୃତ୍ୟୁ ଘଟିଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ମାତ୍ର ଦୁର୍ଘଟଣା ଘଟାଇଥିବା ଗାଡ଼ି ସମ୍ପର୍କରେ କୌଣସି ସୂଚନା ମିଳିନାହିଁ। ଅପରପକ୍ଷେ ଝରାଶ୍ରୀଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ତାଙ୍କ ମୃତଦେହ ଗ୍ରାମରେ ପହଞ୍ଚିବାପରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଥିଲା।

# ମହାନଦୀରେ କୁମ୍ଭୀର: ଲୋକେ ଭୟଭୀତ

ବାଙ୍କୀ, ୬।୬ (ଶୁଭେନ୍ଦୁ ମହାପାତ୍ର)

ବାଙ୍କୀ ଉପଖଣ୍ଡ ବୈଦେଶ୍ୱର ଥାନା ଅନ୍ତର୍ଗତ ଟି ସେତୁ ସ୍ଥଳ ମହାନଦୀରେ ଏକ କୁମ୍ଭୀର ବୁଲୁଥିବା ଦେଖିବାକୁ ମିଳିଛି। ଏନେଇ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ଖବରପାଇ ଖୋର୍ଦ୍ଧା ବନ କର୍ମଚାରୀ ପହଞ୍ଚି କୁମ୍ଭୀରକୁ ଉଦ୍ଧାର ପାଇଁ ଉଦ୍ୟମ ଜାରି ରଖିଛନ୍ତି। ୩ ଦିନ ହେବ ନଦୀରେ କୁମ୍ଭୀରଟି ବୁଲୁଥିଲେ ମଧ୍ୟ ବନ ବିଭାଗ ତାକୁ ଧରିବାରେ ସକ୍ଷମ ହୋଇନାହିଁ। ଏନେଇ ମହାନଦୀରେ ଗାଧୋଇବା ଅବା ନଦୀକୁ ଯିବା ପାଇଁ ଲୋକେ ଭୟ କରୁଛନ୍ତି। ଏ ସମ୍ପର୍କରେ ବୈଦେଶ୍ୱର ବନ ବିଭାଗ ଅଧିକାରୀ ଗଦାଧର ବିଶ୍ୱାଳଙ୍କୁ ପଚାରିବାରୁ ସାତକୋଶିଆରୁ ୫ କୁମ୍ଭୀର ପଳାଇ ଆସିଥିଲେ। ସେଥିରୁ ୪ କୁମ୍ଭୀର ଫେରିଯାଇଥିବାବେଳେ ଏହି ଘଡ଼ିଆଳ କୁମ୍ଭୀରଟି ରହିଯାଇଛି। ଦିନେ ଦୁଇଦିନ ମଧ୍ୟରେ କୁମ୍ଭୀରଟି ଫେରିଯିବ ବୋଲି ବିଶ୍ୱାଳ ପ୍ରକାଶ କରିଛନ୍ତି।

# ସ୍ଥିତି ଅନୁଧ୍ୟାନ କଲେ ବିଧାୟକ, ପୂର୍ତ୍ତ ବିଭାଗ ଅଧିକାରୀ


ବିଧାୟକ ଓ ପୂର୍ତ୍ତ ବିଭାଗ ଅଧିକାରୀ ଜଳ ନିଷ୍କାସନ ସମସ୍ୟାର ସମୀକ୍ଷା କରୁଛନ୍ତି।

ସାଲେପୁର,୬।୬(ଅରବିନ୍ଦ ଭୂୟାଁ)

## ସାଲେପୁରରେ ଜଳ ନିଷ୍କାସନ ସମସ୍ୟା

ଅସରାଏ ବର୍ଷାରେ ସାଲେପୁର ସହର ଉବୁଟୁବୁ ହେଉଥିବାବେଳେ ଜଳ ନିଷ୍କାସନ ସମସ୍ୟା ବାଧକ ସାଜିଛି। ବିଶେଷକରି ସାଲେପୁର ହାଇସ୍କୁଲ ପଡ଼ିଆ, ସାହେଶ୍ୱରୀ ମନ୍ଦିର ଆଗ ପାର୍ଶ୍ୱ, ସାଲେପୁର ମଧୁମଣ୍ଡପ, ସାଲେପୁର ଶିଶୁ ଉଦ୍ୟାନ, ସାଲେପୁର ହାଟ ଭିତରେ ବର୍ଷାହେଲେ ପାଣି ଜମିରହୁଛି। ଏନେଇ ବିଭିନ୍ନ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶ ପାଇବା ପରେ ପ୍ରଶାସନ ଓ ସ୍ଥାନୀୟ ବିଧାୟକଙ୍କ ଚେତା ପଶିଛି। ଶୁକ୍ରବାର ସାଲେପୁର ବିଧାୟକ ପ୍ରଶାନ୍ତ ବେହେରାଙ୍କ ନେତୃତ୍ୱରେ ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଜ୍ୟୋତିରଞ୍ଜନ ପତି, ସାଲେପୁର ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଦେବାଶିଷ ବେହେରା, ସାଲେପୁର ତହସିଲଦାର ଜୟନ୍ତ କୁମାର ଜୟସିଂହ, ସହକାରୀ ଯନ୍ତ୍ରୀ ପ୍ରଫୁଲ୍ଲ କୁମାର ବେହେରାଙ୍କ ସମେତ ସାଲେପୁର ବିଜେଡିର ବହୁ ନେତା ଉପସ୍ଥିତ ରହି ଜଳ ନିଷ୍କାସନର ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏ ସମ୍ପର୍କରେ ବିଧାୟକ ବେହେରା କହିଛନ୍ତି, ସାଲେପୁରର ଉଦ୍‌ବୃତ୍ତ ବର୍ଷାଜଳ ନିଷ୍କାସନ ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଭାବେ ଉଦ୍ୟମ କରାଯିବ। ସାଲେପୁର ସାହେଶ୍ୱରୀ ମନ୍ଦିର ପାଖରୁ ଏକ ଡ୍ରେନ୍ ନିର୍ମାଣ କରାଯାଇ ଏହା ମଧୁମଣ୍ଡପ ଓ ହାଟ ଭିତର ଦେଇ ସାଲେପୁର-କୁଆଁପାଳ ରାସ୍ତାର ଦୁର୍ଗାମଣ୍ଡପ ଆଗରେ ଥିବା ଡ୍ରେନ୍ ସହ ସଂଯୋଗ କରାଯିବ। ଫଳରେ ବର୍ଷା ଅଧିକ ହେଲେ ଏହି ଡ୍ରେନ୍ ଯୋଗେ ପାଣି ନିଷ୍କାସନର ସୁବିଧା ରହିବ। ଏଥିପାଇଁ ଯାହା ଅର୍ଥ ଖର୍ଚ୍ଚ କରାଯିବ, ତାହା ପୂର୍ତ୍ତ ବିଭାଗ ପକ୍ଷରୁ ଯୋଗାଇ ଦିଆଯିବ ବୋଲି ବେହେରା ପ୍ରକାଶ କରିଛନ୍ତି। ବିଶେଷ ସୂତ୍ରରୁ ଜଣାଯାଇଛି ଯେ, ବର୍ଷାଦିନ ଭିତରେ ଯୁଦ୍ଧକାଳୀନ ଭିତ୍ତିରେ ଏହି ଡ୍ରେନ୍ ନିର୍ମାଣ କରାଯିବ। ଏହି ଡ୍ରେନ୍ ନିର୍ମାଣ କରାଗଲେ ସାଲେପୁର ସହରର ଜଳ ନିଷ୍କାସନ ସମସ୍ୟା ଦୂର ହୋଇପାରିବ ବୋଲି କୁହାଯାଇଛି।

## ଟିଗିରିଆରେ ମାଙ୍କଡ଼ ଆତଙ୍କ

ଟିଗିରିଆ,୬।୬(ଜାଫର ଖାଁ )

ଟିଗିରିଆ ବ୍ଲକ ଅନ୍ତର୍ଗତ ଗଦାଧରପୁର ପଞ୍ଚାୟତସ୍ଥିତ କଣ୍ଡିପୁର ଗ୍ରାମ ଓ ହାଟମାଳ ପଞ୍ଚାୟତ ଅନ୍ତର୍ଗତ ବଳଭଦ୍ରପୁର ଓ ବିଷ୍ଣୁପୁର ଗ୍ରାମରେ ଦୀର୍ଘ ଦିନ ଧରି ଗୋଟିଏ ହନୁ ମାଙ୍କଡ ଆତଙ୍କ ସୃଷ୍ଟି କରିଛି। ଏହି ମାଙ୍କଡ ଆକ୍ରମଣରେ ୨୦ରୁ ଉର୍ଦ୍ଧ୍ୱ ଜନସାଧାରଣ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ କେତେଜଣ ଗୁରୁତର ହୋଇଛନ୍ତି। ଗୁରୁବାର ଏହି ମାଙ୍କଡ଼ ଆକ୍ରମଣରେ ବିଷ୍ଣୁପୁର ଗ୍ରାମର ଜଣେ ବ୍ୟକ୍ତି ଓ ଶୁକ୍ରବାର ସନ୍ଧ୍ୟାରେ କଣ୍ଡିପୁର ଗ୍ରାମର ବିଜୟ ସାମଲଙ୍କ ପୁଅ ଲିଜୁନ ସାମଲ ଆହତ ହୋଇଛନ୍ତି। ତୁରନ୍ତ ମାଙ୍କଡ଼ଟିକୁ ଟ୍ରାଙ୍କୁଲାଇଜ କରି ଧରିବା ପାଇଁ ଜନସାଧାରଣ ଦାବି କରିଛନ୍ତି।

## ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା

ବାଙ୍କୀ,୬।୬(ଜ୍ଞାନେନ୍ଦ୍ର ମୋହନ ମିଶ୍ର )

ବାଙ୍କୀ ବ୍ଲକ ପରିସରରେ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହାକୁ ବିଡିଓ ସଂଗ୍ରାମ କେଶରୀ ବଳ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । କାର୍ଯ୍ୟକ୍ରମରେ ୧୦ ସ୍ୱୟଂସହାୟକ ଗୋଷ୍ଠୀ ଉପସ୍ଥିତ ଥିଲେ। ବିଚାରକ ଭାବେ ବାଙ୍କୀ କଲେଜ ଗୃହ ବିଜ୍ଞାନର ବିଭାଗୀୟ ମୁଖ୍ୟ ଡ. ସନ୍ଧ୍ୟାରାଣୀ ମହାନ୍ତି ଯୋଗଦେଇଥିଲେ। ଏହାକୁ ମିଶନଶକ୍ତି ବ୍ଲକ ସଂଯୋଜିକା ସୌମ୍ୟ ଦାସ ପରିଚାଳନା କରିଥିଲେ।

# 'ନିଶା ସେବନରୁ ଦୂରେଇ ସ୍ୱତନ୍ତ୍ର ପରିଚୟ ସୃଷ୍ଟିକର'


ଆଠଗଡ଼ରେ 'ନିଶା ନୁହେଁ ଜୀବନ' ସଚେନତା ରଥକୁ ଶୁଭାରମ୍ଭ କରାଯାଉଛି।

ଆଠଗଡ଼/ବାଙ୍କୀ,୬।୬(ସତ୍ୟ ପ୍ରସାଦ ରଥ/ଶୁଭେନ୍ଦୁ ମହାପାତ୍ର/ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ଆଠଗଡ଼ ଅବକାରୀ ବିଭାଗ ଏବଂ ଉପଖଣ୍ଡ ପ୍ରଶାସନ ପକ୍ଷରୁ 'ନିଶା ନୁହେଁ ଜୀବନ' ସଚେତନତା ଅଭିଯାନ ଆରମ୍ଭ କରାଯାଇଛି। ନିଶାଦ୍ରବ୍ୟ ବ୍ୟବହାରର କୁପାରିଣାମ ବିଷୟରେ ସଚେତନ ନିମନ୍ତେ ଶୁକ୍ରବାର ଏକ ସଚେତନତା ରଥ ଉପଜିଲାପାଳ କାର୍ଯ୍ୟାଳୟ ନିକଟରୁ ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ଆଠଗଡ଼ ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ନିଶା ନିବାରଣ, ବିଭିନ୍ନ ମାଦକଦ୍ରବ୍ୟ ବ୍ୟବହାରରୁ ଜନସାଧାରଣ କିପରି ଦୂରେଇ ରହିବେ ତାହା ହେଉଛି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ। ଏହି ସଚେତନ କାର୍ଯ୍ୟକ୍ରମରେ ଜିଲା ଅବକାରୀ ବିଭାଗ ଅଧୀକ୍ଷକ କରୁଣାକର ତିୱାରୀ ଯୋଗଦେଇ ଯୁବପିଢ଼ି ନିଶା ସେବନରୁ ଦୂରେଇ ରହି ସମାଜରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟିକରନ୍ତୁ। କାର୍ଯ୍ୟକ୍ରମରେ ଆଠଗଡ଼ ତହସିଲଦାର କୁଞ୍ଜବିହାରୀ ବଡ଼ଜେନା, ଟିଗିରିଆ ତହସିଲଦାର ଅକ୍ଷୟ ପରିଡ଼ା, ବଡ଼ମ୍ବା ତହସିଲଦାର ଶାଶ୍ୱତ ରଞ୍ଜନ ଦାଶ, ନରସିଂହପୁର ତହସିଲଦାର ବିଶ୍ୱରଞ୍ଜନ ବିଶ୍ୱାସ ପ୍ରମୁଖ ଉପସ୍ଥିତ ରହି ସଚେତନ ବାର୍ତ୍ତା ଦେଇଥିଲେ। ସହକାରୀ ଜିଲାପାଳ ମାନସ ରଞ୍ଜନ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ସେହିପରି ବାଙ୍କୀ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଏହି ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଡେପୁଟି କଲେକ୍ଟର ସୌମ୍ୟରଞ୍ଜନ ମହାପାତ୍ର, ଅବକାରୀ ବିଭାଗ ଡିଏସ୍‌ପି ସି.ଏଚ୍ ତିରୁପତି, ଏସ୍‌ଆଇ ସୌମ୍ୟରଞ୍ଜନ ମାଝୀ, ସହକାରୀ ଜିଲାପାଳ ପ୍ରିୟଙ୍କା ଝୁଞ୍ଝାରସିଂ ପ୍ରମୁଖ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଜୁନ୍ ୨୬ ପର୍ଯ୍ୟନ୍ତ ଏହି ରଥ ବିଭିନ୍ନ ସ୍ଥାନ ପରିକ୍ରମା କରି ସଚେତନତା ସୃଷ୍ଟି କରିବ। ଏହି କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାଳୀ ଚରଣ ତ୍ରିପାଠୀ, ଉପଜିଲାପାଳ କାର୍ଯ୍ୟାଳୟର ଉପବିଭାଗ ଅଧିକାରୀ ଜୟନ୍ତୀ ରାଉତ, ନାଜର ପଠାଣି ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ଖଟ ବୁଲାବେଳେ ପୋଲିସ, ଖବରଦାତାଙ୍କୁ ମାଡ଼

ବାଙ୍କୀ,୬।୬ (ଶୁଭେନ୍ଦୁ ମହାପାତ୍ର /ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ଉପଖଣ୍ଡ ବୈଦେଶ୍ୱର ଥାନା ଅନ୍ତର୍ଗତ ଜଗନ୍ନାଥପୁର ପଞ୍ଚାୟତସ୍ଥିତ ଖଇରୀପଙ୍ଗା ଗ୍ରାମରେ ଖଟ ବୁଲାବେଳେ ପୋଲିସ ଓ ଖବରଦାତାଙ୍କୁ ଅକ୍ରମଣ କରାଯାଇଛି। ଏନେଇ ଥାନାରେ ଅଭିଯୋଗ ହେବାପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ମୁତାବକ, ଉକ୍ତ ଗ୍ରାମର ଅଶୋକ ମହାନ୍ତିଙ୍କ ଘରୁ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ କରାଯାଇଥିଲା। ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଥିବାବେଳେ ଅଶୋକ ଗୁଣିଗାରେଡ଼ି ଉପରେ ଭରସାକରି ଗତ ମଙ୍ଗଳବାର ଗୁଣିଆ ଡକାଇ ଗାଁରେ ଖଟିଆ ବୁଲାଇଥିଲେ। ଖଟ ବୁଲୁଥିବା ସମୟରେ କେତେଜଣ ଖବରଦାତା ପହଞ୍ଚି ଖବର ସଂଗ୍ରହ କରିଥିଲେ। ଏହି ସମୟରେ ଗ୍ରାମର କେତେଜଣ ଲୋକ ମିଶି ଖବରଦାତା ଓ ବୈଦେଶ୍ୱର ଥାନା କର୍ମଚାରୀଙ୍କୁ ଆକ୍ରମଣ କରିଥିଲେ। ପଥରମାଡ଼ରେ ଜଣେ ପୋଲିସ କର୍ମଚାରୀଙ୍କ ମୁଣ୍ଡ ଫାଟିଯାଇଥିଲା। ଗ୍ରାମବାସୀ ଖବରଦାତାଙ୍କୁ ମାଡ଼ ମାରିବା ସହ ତାଙ୍କ ମୋବାଇଲ ଫୋନ୍, ଏକ ସୁନାଚେନ୍ ଓ ୩ ହଜାର ଟଙ୍କା ଛଡ଼ାଇ ନେଇଥିଲେ। ଖବରଦାତାଙ୍କୁ ଆକ୍ରମଣକୁ ନେଇ ଗତ ଗୁରୁବାର ଅପରାହ୍ନରେ ଓଡିଏମ୍‌ଏମ୍ ସଙ୍ଘ ବାଙ୍କୀ ଶାଖା ପକ୍ଷରୁ ରାଜ୍ୟ ସଭାପତି ସତ୍ୟବ୍ରତ ଦାଶ, ବାଙ୍କୀ ସଙ୍ଘ ସଭାପତି ମାନସ ରଞ୍ଜନ ସାହୁ, ପୂର୍ଣ୍ଣେନ୍ଦୁ ନାୟକ, ସୁଶାନ୍ତ କୁମାର ନାୟକ, ପ୍ରଶାନ୍ତ କୁମାର ପଲେଇ ଓ ସୂର୍ଯ୍ୟମଣି ମଲ୍ଲିକ ପ୍ରମୁଖ ବୈଦେଶ୍ୱର ଥାନା ଆଇଆଇସି ସଞ୍ଜୟ ଜେନାଙ୍କୁ ଭେଟି ଲିଖିତ ଅଭିଯୋଗ କରିବା ସହ ଆକ୍ରମଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଏନେଇ ଥାନାରେ ଏକ ମାମଲା (ନଂ.୧୦୦/୨୫) ରୁଜୁ ହୋଇଛି। ସେହିପରି ଶୁକ୍ରବାର ସଙ୍ଘ କର୍ମକର୍ତ୍ତା ବାଙ୍କୀ ଉପଖଣ୍ଡ ଆରକ୍ଷୀ ଅଧିକାରୀ ବାଳକୃଷ୍ଣ କହଁରଙ୍କୁ ଭେଟି ଆକ୍ରମଣକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ଏହି ଘଟଣାରେ ସଂପୃକ୍ତ ଅଭିଯୁକ୍ତଙ୍କ ଉପରେ ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସଂଘକୁ ଆରକ୍ଷୀ ଅଧିକାରୀ ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି।

# ୱାକାଥନ୍ ଜରିଆରେ ସଚେତନତା

ଭୁବନେଶ୍ୱର,୬।୬

ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ବ୍ୟାଙ୍କ ଅଫ୍ ବରୋଦା (ବିଓବି) ସମୂହରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଓବି କଟକ କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ଏକ ମେଗା ୱାକାଥନ୍‌ର ଆୟୋଜନ କରାଯାଇଥିଲା। ଏହି ୱାକାଥନ୍ କଟକ ବକ୍ସି ବଜାରସ୍ଥିତ ବ୍ୟାଙ୍କର କ୍ଷେତ୍ରୀୟ କାର୍ଯ୍ୟାଳୟ ପରିସରରୁ ଆରମ୍ଭହୋଇ ବାରବାଟୀ ଷ୍ଟାଡିୟମ ଦେଇ ପୁନର୍ବାର କ୍ଷେତ୍ରୀୟ କାର୍ଯ୍ୟାଳୟଠାରେ ପହଞ୍ଚିଥିଲା। ସେହିଭଳି ବିଓବି କଟକ କ୍ଷେତ୍ରୀୟ କାର୍ଯ୍ୟାଳୟର କ୍ଷେତ୍ରୀୟ ମୁଖ୍ୟ ପ୍ରଦୀପ କୁମାର ବେହେରାଙ୍କ ମାର୍ଗଦର୍ଶନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ବିଓବି କଟକ କ୍ଷେତ୍ରୀୟ କାର୍ଯ୍ୟାଳୟର ଉପ-କ୍ଷେତ୍ରୀୟ ମୁଖ୍ୟ ଗୌତମ ପଲ୍ ଏବଂ ବ୍ୟାଙ୍କର ଶାଖା ଓ କ୍ଷେତ୍ରୀୟ କାର୍ଯ୍ୟାଳୟର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବ୍ୟାଙ୍କ ପକ୍ଷରୁ ଏକ ସଚେତନତା ପଦଯାତ୍ରା ଓ ଏକକ ବ୍ୟବହାର ପ୍ଲାଷ୍ଟିକକୁ ବର୍ଜନ କରନ୍ତୁ ଶୀର୍ଷକ ବିଷୟବସ୍ତୁ ଉପରେ ଏକ ସଚେତନାମୂଳକ ଆଲୋଚନା କରାଯାଇଥିଲା। ବିଶେଷକରି 'ଏକକ ବ୍ୟବହାର ପ୍ଲାଷ୍ଟିକ୍ ପରିବେଶରେ ୨୦୦ରୁ ଅଧିକ ବର୍ଷ ପର୍ଯ୍ୟନ୍ତ ରହିଥାଏ' ବାର୍ତ୍ତା ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା।


ବ୍ୟାଙ୍କ ଅଫ୍ ବରୋଦା ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳନ କରାଯାଉଛି।

# ସିଡିଏ କର୍ତ୍ତୃପକ୍ଷଙ୍କ ଉପରେ ବର୍ଷିଲା କଂଗ୍ରେସ

## ପୁନର୍ବାର ଟେଣ୍ଡର କରିବାକୁ ଦାବି

କଟକ,୬।୬(ଶିଲ୍ପା ପ୍ରିୟଦର୍ଶିନୀ)


ଖବରଦାତା ସମ୍ମିଳନୀରେ କଂଗ୍ରେସ ପକ୍ଷରୁ ସୂଚନା ଦିଆଯାଉଛି।

କଟକ ସହରରେ ମହାନଦୀ ୱାଟର ଫ୍ରଣ୍ଟ ଡେଭେଲପମେଣ୍ଟ କାର୍ଯ୍ୟ ବିଭିନ୍ନ ପର୍ଯ୍ୟାୟରେ ଆରମ୍ଭ ହେବାକୁ ଯାଉଛି। ଏହି କାର୍ଯ୍ୟ ପାଇଁ ସିଡିଏ କର୍ତ୍ତୃପକ୍ଷ ବିଜ୍ଞାପନ ଜରିଆରେ ଟେଣ୍ଡର କରିଥିବାବେଳେ ଦୁର୍ନୀତିଗ୍ରସ୍ତ ହିନ୍ଦୁସ୍ଥାନ ଷ୍ଟିଲ ୱାର୍କ୍ସ କର୍ପୋରେଶନ ଲିମିଟେଡ ନାମକ କମ୍ପାନୀକୁ ଅନୁକମ୍ପା ଦେଖାଇଥିବା ଗୁରୁବାର କଟକ ଶକ୍ତି ନଗରସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସର ପୂର୍ବତନ ଉପସଭାପତି ମନୋଜ ବିଶ୍ୱାଳ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ସିଡିଏ ଏହି କାର୍ଯ୍ୟରେ ଗୋଟିଏ କାମକୁ ଦୁଇପ୍ରକାର ବିଜ୍ଞାପନ ପ୍ରକାଶନ କରିଥିବାବେଳେ ଅଫଲାଇନ୍‌ରେ ଏକ ପ୍ରକାର ସର୍ତ୍ତାବଳୀ ଏବଂ ଅନଲାଇନରେ ଆଉ ଏକ ପ୍ରକାର ସର୍ତ୍ତାବଳୀ ସହ ଅଫଲାଇନ୍‌ରେ ପ୍ରକଳ୍ପର ମୂଲ୍ୟ ଉଲ୍ଲେଖ କରାଯିବା ଏବଂ ଅନଲାଇନ୍‌ରେ ପ୍ରକଳ୍ପ ମୂଲ୍ୟ ଉଲ୍ଲେଖ କରା ନ ଯିବା। ଅଫଲାଇନ୍‌ରେ ଟର୍ନ ଓଭର ହଜାରେ କୋଟି ଥିବାବେଳେ ଅନଲାଇନ୍‌ରେ ୫୦୦କୋଟି ରଖାଯିବା, ଅଫ୍‌ଲାଇନ୍‌ରେ ପ୍ରେଜେଣ୍ଟେଶନ ମାର୍କ ୩୫ ମାର୍କ ଥିବାବେଳେ ଅନଲାଇନ୍‌ରେ ଏହା ୪୫ମାର୍କ ରଖାଯିବା ପଛର ରହସ୍ୟ କଣ। ସିଡିଏର ଏହି ଟେଣ୍ଡର ପ୍ରକ୍ରିୟାରେ କୌଣସି ତାଳମେଳ ନାହିଁ। ଏକ ଦୁର୍ନୀତିଗ୍ରସ୍ତ କମ୍ପାନୀକୁ କାମ କାହିଁକି ଦିଆଯାଇଛି। ଏହି କମ୍ପାନୀ ନାମରେ ପୂର୍ବରୁ ନିମ୍ନମାନର କାମ ଓ ସରକାରୀ ଅର୍ଥ ତୋଷରପାତ କରିଥିବା ଅଭିଯୋଗରେ ଉକ୍ତ କମ୍ପାନୀ ନାମରେ ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ମାମଲା ରହିଥିବାବେଳେ ସିଡିଏ କର୍ତ୍ତୃପକ୍ଷ କିପରି ଏହି କମ୍ପାନୀକୁ କାମ ଦେଇଛନ୍ତି ସେ ନେଇ ସ୍ପଷ୍ଟୀକରଣ ରଖନ୍ତୁ। ଏହି ପ୍ରକଳ୍ପ କାମ ପାଇଁ ମୋଟା ଅଙ୍କର ଅର୍ଥ କାରବାର କରାଯାଇଛି। ସିଡିଏ କର୍ତ୍ତୃପକ୍ଷ ସ୍ୱଚ୍ଛତାର ସହ କାମ କରିବା ଏବଂ ପୁନର୍ବାର ଟେଣ୍ଡର କରି ଯୋଗ୍ୟ କମ୍ପାନୀକୁ କାର୍ଯ୍ୟ ଦେବାକୁ କଂଗ୍ରେସ ଦାବି କରିଥିବା ବିଶ୍ୱାଳ କହିଛନ୍ତି। ଅନ୍ୟପଟେ କଂଗ୍ରେସର ଏଭଳି ଅଭିଯୋଗ ପରେ ସିଡ଼ିଲ କିମ୍ବା ଉକ୍ତ କମ୍ପାନୀ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳି ପାରି ନାହିଁ। ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସର ବରିଷ୍ଠ ଉପସଭାପତି ଶିଶିର ରଥ, କଟକ ନଗର(ଜିଲା)କଂଗ୍ରେସର ମୁଖ୍ୟ ମୁଖପାତ୍ର ମାନସ ପରିଡ଼ା, ବରିଷ୍ଠ ନେତା ରାମ ଚନ୍ଦ୍ର ଗୋଛାୟତ, କଟକ ନଗର ଯୁବ କଂଗ୍ରେସ ସଭାପତି ଡ. ବିପ୍ଳବ ଶିଳାଦିତ୍ୟ ପ୍ରମୁଖ ଉପସ୍ଥିତ ଥିଲେ।





# ମାଲାବାରରେ ବ୍ରାଇଡ୍ସ ଅଫ୍ ଇଣ୍ଡିଆ କ୍ୟାମ୍ପେନ୍‌ର ଶୁଭାରମ୍ଭ

ଭୁବନେଶ୍ୱର,୬ା୬

ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ(ମାଲାବାର)ର ବହୁ ପ୍ରତୀକ୍ଷିତ ପ୍ରଦର୍ଶନୀ କାର୍ଯ୍ୟକ୍ରମ 'ବ୍ରାଇଡ୍ସ ଅଫ୍ ଇଣ୍ଡିଆ' କ୍ୟାମ୍ପେନ୍‌ର ଶୁଭାରମ୍ଭ ସର୍ବଭାରତୀୟସ୍ତରରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ମାଲାବାରର ଭୁବନେଶ୍ୱରସ୍ଥିତ ସୌଭାଗ୍ୟନଗର ଶୋ'ରୁମ୍‌ରେ 'ବ୍ରାଇଡ୍ସ ଅଫ୍ ଇଣ୍ଡିଆ' କ୍ୟାମ୍ପେନ୍‌ର ଆନୁଷ୍ଠାନିକ ଶୁଭାରମ୍ଭ କରାଯାଇଥିଲା। ଏହି ଅବସରରେ ବିଏମ୍‌ସି କର୍ପୋରେଟର ବିନୟନୀ ଜେନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାଲାବାରର ବାଣିଜ୍ୟ ମୁଖ୍ୟ ସିଦ୍ଧେଶ୍ୱର ରଥ, ସୌଭାଗ୍ୟନଗର ଷ୍ଟୋର ମ୍ୟାନେଜର ସନ୍ଦୀପ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଏହି କ୍ୟାମ୍ପେନ୍ ଜରିଆରେ ଗ୍ରାହକମାନେ ମାଲାବାରର ସ୍ୱତନ୍ତ୍ର ୱେଡ଼ିଂ କଲେକ୍ସନ (ବିବାହ ସଂଗ୍ରହ), ବ୍ରାଇଡାଲ ଜୁଏଲେରି କଲେକ୍ସନ ସାଙ୍ଗକୁ ସୁନା, ହୀରା, ପୋଲକୀ, ପ୍ରେସିଅସ ଜେମ୍‌ଷ୍ଟୋନ ଓ ଆହୁରି ଅନେକ ଗହଣା ଦେଖିବା ସହ କ୍ରୟ ମଧ୍ୟ କରିପାରିବେ। ଅପରପକ୍ଷରେ ଆଗ୍ରହୀ ଗ୍ରାହକମାନେ ୧୦% ଅଗ୍ରିମ ଅର୍ଥ ରାଶି ଦେଇ ପସନ୍ଦର ଗହଣା ଆଗୁଆ ବୁକିଂ ମଧ୍ୟ କରିପାରିବେ ବୋଲି ଶୋ'ରୁମ୍ ପକ୍ଷରୁ ସୂଚନା ଦିଆଯାଇଛି। ଏ ସମ୍ପର୍କରେ ମାଲାବାର ଗ୍ରୁପର ଅଧ୍ୟକ୍ଷ ଏମ୍‌ପି ଅହମ୍ମଦ କହିଥିଲେ, ଆମେ ଆମର 'ବ୍ରାଇଡ୍ସ ଅଫ୍ ଇଣ୍ଡିଆ' କ୍ୟାମ୍ପେନ୍‌କୁ ଓଡ଼ିଶା ବଜାର ଓ ଭୁବନେଶ୍ୱରର ସୌଭାଗ୍ୟ ନଗର ଶୋ'ରୁମ୍‌ରେ ଆରମ୍ଭକରି ବେଶ୍ ଉତ୍ସାହିତ ଅଛୁ। ବର୍ତ୍ତମାନ ବିବାହ ଋତୁ ଜାରି ରହିଥିବାବେଳେ ସୁବିଧାରେ ଗ୍ରାହକଙ୍କୁ ବ୍ରାଇଡାଲ ଜୁଏଲେରି କଲେକ୍ସନର ବ୍ୟାପକ ସମ୍ଭାର ଉପଲବ୍ଧ କରାଇପାରିଛୁ। ଆକର୍ଷଣୀୟ ମୂଲ୍ୟରେ ମନ ପସନ୍ଦର ଗହଣା କ୍ରୟ ସାଙ୍ଗକୁ ଆଗୁଆ ବୁକିଂ ପାଇଁ ଆବଶ୍ୟକ ସୁବିଧା ଯୋଗାଇ ଦେଉଛୁ।




ବ୍ରାଇଡ୍ସ ଅଫ୍ ଇଣ୍ଡିଆ କ୍ୟାମ୍ପେନ୍‌ର ଶୁଭାରମ୍ଭ ଅବସରରେ ଅତିଥିଙ୍କ ସମେତ ମାଲାବାରର ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ସ୍ୱସ୍ତିକ ସାନିଟେଶନର ନୂତନ ଶୋ'ରୁମ୍

ଭୁବନେଶ୍ୱର,୬ା୬

ସ୍ୱସ୍ତିକ ସାନିଟେଶନର ନୂତନ ଶୋ ରୁମ୍ ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଜାଜପୁରରେ ଓଡ଼ିଶା ମୁଖ୍ୟ ପ୍ରକାଶ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱସ୍ତିକ ସାନିଟେଶନର ପାର୍ଟନର ବଛରାଜ ବେତାଲା ଏବଂ ବିବେକ ବେତାଲା, ସୌରଭ ବେତାଲା ଓ ଯଶ ବେତାଲାଙ୍କ ସମେତ ମୁକେଶ ବୋଥ୍ରା ପ୍ରମୁଖ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ୫୦୦୦ ବର୍ଗଫୁଟରେ ଅଧିକ ପରିବ୍ୟାପ୍ତ ସ୍ଥାନରେ ବାଥ୍‌ରୁମ୍ ଫିଟିଂସ ଏବଂ ସାନିଟାରି ସାମଗ୍ରୀର କ୍ୟୁରେଟେଡ୍ ଡିସପ୍ଲେ ସ୍ପେସ୍ ରହିଛି। ସେହିଭଳି ସ୍ୱସ୍ତିକ ସାନିଟେଶନ ଶିଳ୍ପର ସବୁଠାରୁ ବିଶ୍ୱସ୍ତ ନାମ ମଧ୍ୟରୁ ଗୋଟିଏରେ ପରିଣତ ହୋଇଛି। ଦୀର୍ଘ ଦଶନ୍ଧି ଧରି ଅଟଳ ସମର୍ପଣ ଭାବ ସହ ଗ୍ରାହକ ପ୍ରଥମ ସେବା ଏବଂ ସ୍ଥିରତା ମାଧ୍ୟମରେ ଏହା ବର୍ତ୍ତମାନ ଓଡ଼ିଶାର ସର୍ବବୃହତ୍ ଓ ସବୁଠାରୁ ପ୍ରିମିୟମ ବାଥ୍‌ରୁମ୍ ଫିଟିଂସ ଗନ୍ତବ୍ୟସ୍ଥଳ ଭାବେ ଉଭାହୋଇଛି, ଯେଉଁଥିରେ ୫୦୦୦ ବର୍ଗଫୁଟରୁ ଅଧିକ କ୍ୟୁରେଟେଡ୍ ଡିସପ୍ଲେ ସ୍ପେସ୍ ରହିଛି। ସେହିପରି ଓଡ଼ିଶାର ଏକମାତ୍ର ଜାକ୍ୱାର ଡାଇରେକ୍ଟର୍ସ କ୍ଲବ ସଦସ୍ୟ ଭାବେ ଏହି ନୂତନ ଶୋ'ରୁମ୍ ଐତିହାସିକ ସଫଳତା ହାସଲ କରିଛି। ଏପରିକି ଶୋ'ରୁମ୍ ମାନଦଣ୍ଡ-ଗ୍ରାହକ, ଅଭିଜ୍ଞତା ଓ ବ୍ରାଣ୍ଡ ପ୍ରତିନିଧିତ୍ୱରେ ଉତ୍କର୍ଷ ପ୍ରଦର୍ଶନ କରୁଥିବା ଚୟନିତ ଅଂଶୀଦାରମାନଙ୍କୁ ଏକ ସମ୍ମାନଜନକ ସ୍ଥିତି ପ୍ରଦାନ କରିଛି। ୧୯୯୪ରେ ବଛରାଜ ବେତାଲାଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏହି ଯାତ୍ରା ଏକ ଅସାଧାରଣ ମାଇଲଖୁଣ୍ଟ ହାସଲ କରିଛି।

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER
## RURAL WORKS CIRCLE, SUNABEDA

No.O-248

e-mail : serwsbd2003@yahoo.com

No. :2015 / — 1st corrigendum — Date :03.06.2025

In continuation to this office Bid Identification No - CCERWCSBD Online-03/2025-26 invited vide this office Notice No. 1819 Dtd. 17.05.2025, partial modification of TCN has been made as follows :

| Sl No. | Item | Time Schedule as per original TCN | Time Schedule as per Corrigendum notice |
|---|---|---|---|
| 1 | Availability of Tender online for bidding | 23.05.2025 at 11.00 A.M. to 10.06.2025 upto 5.00 P.M. | Extended upto 17.06.2025, 5.00 P.M. |
| 2 | Date and Time of seeking tender clarification if any | 09.06.2025 up to 2.00 P.M. | 16.06.2025 up to 2.00 P.M. |
| 3 | Date & Time of opening of tender (Technical Bid) | 11.06.2025 at 10.00 A.M. | 18.06.2025 at 10.00 A.M. |
| 4 | Date & Time of opening of tender (Price Bid) | Will be intimated later on to the successful bidders | Will be intimated later on to the successful bidders |

All other terms and conditions will remain unaltered.

Sd./- Chief Construction Engineer,
Rural Works Circle, Sunabeda

OIPR-25182/11/0060/2526

## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍- (୦୬୭୪) ୨୩୯୩୫୨୪
ଇପିଏବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୦୪୧
ଫାକ୍ସ:(୦୬୭୪) ୨୩୯୩୫୭୨, ୱେବସାଇଟ୍ www.shb.org

ପତ୍ର ସଂଖ୍ୟା ୮୦ — ତା.୧୪.୫.୨୦୨୫

### ବିଜ୍ଞାପନ

No.CAD-625: [illegible]

| ମୃତ ଆବେଦନକାରୀଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|
| ନାମ-ସ୍ୱ ସବ୍ୟାଶଚି କାନୁନ୍‌ଗୋ, ପିତା-ପ୍ରହଲ୍ଲାଦ କାନୁନ୍‌ଗୋ, ସା-ରାମେଶ୍ୱରପୁର, ପୋ-ଢେଙ୍କାନାଳ ଟାଉନ, ଥାନା-ଢେଙ୍କାନାଳ, ଜିଲ୍ଲା-ଢେଙ୍କାନାଳ | ଏଲ.ଆଇ.ଜି.-୧୮ (LIG-18) ସାନସାଥିଆ ବାଟିଆ ଢେଙ୍କାନାଳ | ୧. ନମିତା କାନୁନ୍‌ଗୋ (ସ୍ତ୍ରୀ) ୨.ଅମୃତ କୁମାର କାନୁନ୍‌ଗୋ (ବି.ପୁତ୍ର) ୩.ଶୁଭଶ୍ରୀ କାନୁନ୍‌ଗୋ (ବି.କନ୍ୟା) ୪.ଶାନ୍ତନୁ କୁମାର କାନୁନ୍‌ଗୋ (ବି.ପୁତ୍ର) |

ସ୍ୱା./- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13030/11/0653/2526

## PANCHAYAT SAMITI OFFICE, TARBHA

Tender Call Notice No.01/2025-26 Dt.02.06.2025

### INVITATION OF BID

Last date of receipt of bid: 21.06.2025
Date of Opening of Bid: 22.06.2025.
No.i-146:The Block Development Officer, Tarbha invites percentage rate bid from the contractor/ bidder for execution of following works.

| Sl.No. | Name of the Work | Scheme | Value of Work (Rs.) | Class of Contractor |
|---|---|---|---|---|
| 1 | Construction of KGBV Hostel Building at Atasingha | RMSA | 83,02,841/- | B & A with LT License |
| 2 | Construction of GPLF Office with Market Complex at Sibatula GP | Mission Shakti | 23,37,327/- | C & B with LT License |
| 3 | Construction of GPLF Office with Market Complex at Badbhainro GP | Mission Shakti | 23,37,327/- | C & B with LT License |
| 4 | Construction of GPLF Office with Market Complex at Pua GP | Mission Shakti | 23,37,327/- | C & B with LT License |
| 5 | Construction of GPLF Office with Market Complex at Maradugochha GP | Mission Shakti | 23,37,327/- | C & B with LT License |
| 6 | Construction of GPLF Office with Market Complex at Sargaj GP | Mission Shakti | 23,37,327/- | C & B with LT License |
| 7 | Construction of GPLF Office with Market Complex at Kamsara GP | Mission Shakti | 23,37,327/- | C & B with LT License |
| 8 | Construction of GPLF Office with Market Complex at Tulunda GP | Mission Shakti | 23,37,327/- | C & B with LT License |
| 9 | Construction of GPLF Office with Market Complex at Charvata GP | Mission Shakti | 23,37,327/- | C & B with LT License |
| 10 | Construction of GPLF Office with Market Complex at Menda GP | Mission Shakti | 23,37,327/- | C & B with LT License |
| 11 | Construction of GPLF Office with Market Complex at Paikbahal GP | Mission Shakti | 23,37,327/- | C & B with LT License |

For details visit our District website www.subarnapur.nic.in

OIPR-19369/11/0005/2526

Sd./- Block Development Officer, Tarbha

## ODISHA HYDRO POWER CORPORATION LTD.
## OFFICE OF THE SENIOR GENERAL MANAGER (ELECTRICAL)
## UPPER KOLAB HYDRO ELECTRIC PROJECT

AT/PO : BARINIPUT, DIST. : KORAPUT - 764006 (ODISHA)
PHONE : (06854)242001, Fax : (06854)242093, e-mail : sgmel.ukhep@gmail.com
CIN : U40101OR1995SGC003963

**TENDER CALL NOTICE NO UKHEP - 10/2025-26, DATED. 02/06/2025**

**No.CAD-676** : Sealed tenders are invited in TWO PART i.e (i) Techno Commercial Bid & (ii) Price Bid in separate sealed envelopes from the Registered Manufacturers/Repairing Units having past experiences in executing the Repair, Overhauling, Renovation and Modification of 10T EOT Crane or higher rating of EOT crane in Govt./Semi Govt./Central/State PSU or any other renowned organization during last 05 years.

| Sl. No. | Description of work | Cost of tender paper in Rs. (Non-Refundable) | EMD in Rs. (Refundable) |
|---|---|---|---|
| 1 | Repair, Overhauling, Renovation and modification of 01 No. of 10T EOT Crane at Central Store of UKHEP, Bariniput | 7080/- (Rs.6,000/- + 18% GST) | Rs. 50,000/- |

The sale of Tender Paper will be from : **From Dt.10/06/25 to 11:00 Hrs of Dt.25/06/2025**
The last date & time of receipt of Tender : **Up to 12:00 Hrs of Dt.25/06/2025**
The date and time of opening of Tender : **At 12:30 Hrs of Dt. 25/06/2025**
For details of tender documents, Terms & conditions, Eligibility criteria and downloading, please refer our website www.ohpcltd.com.

Sd./- C & P Head,
Upper Kolab H.E. Project, Bariniput

OIPR-04002/11/0088/2526

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER
## RURAL WORKS CIRCLE, KENDRAPARA-JAJPUR

No.O-236

AT-CHANDIKHOLE, PO-SUNGUDA, JAJPUR-754296, EMAIL-SERW_KPD@YAHOO.COM
No. Tender Online RCK-10/25 Letter No.-1729 Date : 30.05.2025

### e-Procurement NOTICE

1. Name of the work : Tender for the Road work in the Dist. of Kendrapara. 2. Class of Contractor : As specified in the Column-6 of the Annexure. 3. Time of Completion : As specified in the Column-7 of the Annexure. 4. Detail Projects : As per Annexure attached. 5. Other Details :

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender Clarification | Date & Time of opening of Tender: Technical Bid | Date & Time of opening of Tender: Financial Bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Kendrapara-Jajpur | Tender Online RCK-10/25 | 09.06.2025 at 11.00 A.M. | 23.06.2025 to 5.00 P.M. | 23.06.2025 upto 2.00 P.M. | 24.06.2025 at 11.00 A.M. | To be intimated later |

Further details can be seen from the website **www.tendersorissa.gov.in**

Sd./- Chief Construction Engineer
Rural Works Circle, Kendrapara-Jajpur

OIPR-25129/11/0050/2526

## ODISHA HYDRO POWER CORPORATION LTD.
## OFFICE OF THE SENIOR GENERAL MANAGER (ELECTRICAL)
## UPPER KOLAB HYDRO ELECTRIC PROJECT

AT/PO : BARINIPUT, DIST. : KORAPUT - 764006 (ODISHA)
PHONE : (06854)242001, Fax : (06854)242093, e-mail : sgmel.ukhep@gmail.com
CIN : U40101OR1995SGC003963

**TENDER CALL NOTICE NO UKHEP - 07/2025-26, DATED. 30/05/2025**

**No.CAD-647** : Sealed tenders are invited in TWO PART i.e (i) Techno Commercial Bid & (ii) Price Bid in separate sealed envelopes from Govt. registered Manufacturers/Authorized dealers supplied at least one such similar types of equipment/materials in the last five years to any Govt./Semi Govt./Central/State PSU or any other renowned organization during last 5 years.

| Sl. No. | Description of works | Cost of tender paper in Rs. (Non-Refundable) | EMD in Rs. (Refundable) |
|---|---|---|---|
| 1 | Renovation of all the centralized $CO_2$ Cylinder banks (02 Nos. with automatic extinguishing system for 04 Nos. Hydro Gener of UKHEP, Bariniput.) | 11,800/- (Rs.10,000/- + 18% GST) | Rs. 72,450/- |

The sale of Tender Paper will be from : **From Dt.06/06/25 to 11:00 Hrs of Dt.24/06/2025**
The last date & time of receipt of Tender : **Up to 12:00 Hrs of Dt.24/06/2025**
The date and time of opening of Tender : **At 12:30 Hrs of Dt. 24/06/2025**
For details of tender documents, Terms & conditions, Eligibility criteria and downloading, please refer our website www.ohpcltd.com.

Sd./- C & P Head,
Upper Kolab H.E. Project, Bariniput

OIPR-04002/11/0093/2526

## idco — ODISHA NEW OPPORTUNITIES

No.CAD-658

idco Your power to grow ISO 9001 & 14001 Corporation

## OFFICE OF THE CHIEF GENERAL MANAGER (P&C), IDCO, IDCO TOWERS, JANPATH, BHUBANESWAR-751022

Tender Call Notice No.IDCO/H.O./P&C/ EST/E-3611/01/2024/ Vol-IV/ 16074, dated: 03.06.2025

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

1. **Name of the Work:** Construction of Road and Drain from OHPC to Kurlon Square and Cold Store to KIIT Computer Science and Trident College to Hotel Satsat at Chandaka I/A Bhubaneswar.
2. **Estimated Cost :** Rs.189.56 lakh (Approx.)
3. **Period of Completion:** 05 (Five) Calendar Months
4. **Other details :**

| Procurement Officer | Bid ID/ Tender reference No. | Availability of Tender Online for Bidding | |
|---|---|---|---|
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar | Bid ID/Tender Reference No. P&C/EST/E-18/2025-26 | 09.06.2025 at 17.00 Hrs. | 24.06.2025 upto 17.00 Hrs. |

Further details can be seen from the e-Procurement Portal, **www.tendersodisha.gov.in** and Corrigendum if any will not be published in newspapers and can only be seen in the e-Procurement portal **www.tendersodisha.gov.in** and **www.idco.in.**

Sd./- Chief General Manager (P&C)
IDCO, Bhubaneswar

OIPR-14003/11/0166/2526

## ODISHA HYDRO POWER CORPORATION LTD

CIN: U40101OR1995SGC003963
(*GOVERNMENT OF ODISHA UNDERTAKING*)

### OFFICE OF THE GENERAL MANAGER (EL.)

CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com ☏ (0663) 2460661,
Email-hpschiplima@yahoo.in, Fax No. (0663) 2460505

No.CHEP/TW-268 (Vol.-III) (Part File)/2053 — Date: 04.06.2025

**'e'-Procurement Notice**

No.CAD-690

**TENDER CALL NOTICE NO.CHEP-15/2025-26**

**Unit Head, CHEP, Chiplima invites percentage rate tenders in two parts** for the civil works mentioned below, from the 'D' & 'C' Class of Contractors registered with the State Govt. of Odisha and contractors of equivalent grade / class registered with Central Govt. / MES / Railway for execution of civil works.

| Name of the Work | Estimated Cost / EMD | Cost of Tender Specification | Completion Period |
|---|---|---|---|
| Floor Tiling Work of 10 Nos. E-Type & 5 Nos. F-type Quarters of OHPC Colony, CHEP, Chiplima. | Rs.16,20,480.00 / EMD = Rs.16,210.00 | Rs.7,080.00 (Rs.6,000.00 + GST@18%) | 60 Days |

1. Availability of bids **ONLINE**: **from 11:00 AM of dtd.09.06.2025 up to 05:00 PM of dtd.21.06.2025.**
2. The date & time of opening of tender: **At 11:30 AM of dtd.23.06.2025.**

For further details and downloading of tender documents, Terms & Conditions, eligibility, corrigendum if any, please visit website https://tendersodisha.gov.in.

Sd/- Unit Head, CHEP, Chiplima

OIPR-04006/11/0088/2526

## OFFICE OF THE DISTRICT FISHERIES OFFICER-CUM-C.E.O, FFDA, MAYURBHANJ

### TENDER CALL NOTICE

NO. 2270/Dated 03.06.2025

**No.M-12** : The District Fisheries Officer, Mayurbhanj invites sealed tender in plain papers to lease-out the Departmental rearing fish farm located at Agria under Betnoti block of Mayurbhanj district from the interested firms/Private entrepreneur Co-Operative / S.H.Gs. for the period of 5 (Five) years. Each year there will be an increase of annual lease value @ 15%.The details of the Betnoti fish farm is as follows.

| Sl. No. | Name of the Fish farm | Location fish farm | N.T. Area in Ac. | | R.T. Area in Ac. | | S.T. Area in Ac. | | Total | |
|---|---|---|---|---|---|---|---|---|---|---|
| | | | No | Area | No | Area | No | Area | No | Area |
| 1 | Betnoti | Agria | 8 | 1.70 | - | - | - | - | 8 | 1.70 |

The tender quoting the annual lease amount willing to pay for the farm in sealed envelopes along with Rs.5000.00 as E.M.D. in shape of Bank Draft drawn in favour of **District Fisheries Officer-Cum-C.E.O, FFDA, Mayurbhanj** should reach the office of the undersigned on or before **12.30 P.M.** of **17.06.2025** and the tenders will be opened on the same day at **2.00 P.M.** in the office chamber of the undersigned by the District Level Committee in the presence of the tenderers or their authorized representatives. The details terms and conditions can be obtained from the office of the undersigned during the office hour of any working days.

The undersigned reserves the right to accept or reject any or all the offers without assigning any reason thereof.

Sd./- M.R. Sahoo
District Fisheries Officer, Mayurbhanj

OIPR-06005/11/0001/2526

## ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଖଣ୍ଡ, ରାଉରକେଲା
## Office of the Superintending Engineer
## Rural Water Supply & Sanitation Division, Rourkela

At-Panposh,Po-Panposh,Rourkela,Pin-769004, Email:eerwssrkl@gmail.com
Govt. of Odisha "e" Procurement Notice
Bid Identification No.01 of 2025-26, Dt.31.05.2025

No.O-239:The Superintending Engineer, RWS&S Division, Rourkela on behalf of Governor of Odisha invites percentage rate bids online in single cover system for the work as annexed below from eligible contractors registered with the State Government and contractors of equivalent Grade/Class registered with Central Government/MES/Railways having registration for Civil, Electrical and P.H. works for execution of Building work Civil, P.H. and electrification works on production of definite proof from the appropriate authority in prescribed firms to be eventually drawn in P.W.D. Form P-1 fulfilling minimum eligibility criteria as stated here under and other details qualifying requirement given in DTCN on Turnkey Basis for the works detailed in the table below to be eventually drawn up in P-1 contract with design and execution.

| | | |
|---|---|---|
| 1 | Nature of Work | Building works i.e. Civil, PH & electrical |
| 2 | No. of Work | 05 Nos. |
| 3 | Tender Cost | Rs.6000/- for each |
| 4 | Bid Security | As annexed |
| 5 | Class of Contractor | As annexed |
| 6 | Date and Time of availability of bid document in the portal | Dt.12.06.2025 at 11.00 AM to Dt.27.06.2025 upto 5.00 PM |
| 7 | Date & Time of Opening of Bid | Dt.30.06.2025 at 11.00 AM |
| 8 | Period of Completion | As annexed |

The bidders have to participate in online bidding only. Further details and any type of corrigendum can be seen from the Govt. website http://www.tendersodisha.gov.in

The Authority reserves the right to reject any or all the tenders without assigning any reason thereof.

Sd./- Superintending Engineer
RWS&S Division, Rourkela

OIPR-25038/11/0001/2526

## OFFICE OF THE BARIPADA MUNICIPAL COUNCIL, BARIPADA

Phone:-06792-252703, Fax:06792-252703
Email:baripadam.hud@nic.in, Website:www.baripadamunicipality.in
No.824, Date:04.06.2025

**DTCN PART-I (TECHNICAL BID) SECTION-II**
**COMPETITIVE BIDDING THROUGH 'e' Procurement**

No.C-461:The Executive Officer on behalf of Baripada Municipality, Baripada invites percentage rate bids in single cover system in ONLINE MODE only in conformity with Detailed Tender Call Notice (DTCN). Bid documents consisting of Work, Estimated Cost, Cost of Tender Paper, EMD, and Time of completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in.

Tender Reference No.**BPDM-3 of 2025-2026** Tender I.D.No.:**2025_ORULB_**

| Sl. No. | Description | Critical Dates |
|---|---|---|
| 1 | Procurement Officer-Publisher/Tender Inviting Authority/ Bids | Executive Officer, Baripada Municipality, Baripada |
| 2 | Name of the Work | As per DTCN |
| 3 | Nos. of Work | As per DTCN |
| 4 | Tendered cost of the Works | As per DTCN |
| (i) | Period of availability of tenders online for bidding | From Dt.06.06.2025 (01.00 P.M.) to Dt.12.06.2025 (5.00 P.M.) |
| (ii) | Last date & time of bidding online (Submission of Bids) | Dt.12.06.2025 (5.00 PM) |
| (iii) | Date & Time of opening of the Bids received online | Dt.13.06.2025 (11.30 A.M. onwards) |
| (iv) | To be intimated later to the bidder(s) found qualified after evaluation of Technical Bids and Price Bid received online. | |

Detail Tender Call Notice (DTCN) may also be seen from the 'e'-Procurement portal i.e. www.tendersorissa.gov.in. and Baripada Municipality Website i.e. www.baripadamunicipality.in

Corrigendum or Addendum if any will not be published in newspapers and can be seen in e-procurement portal as well as in Baripada Municipality website.

Sd./- Executive Officer, Baripada Municipality

OIPR-13078/11/0044/2526

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, SAMBALPUR

Tel-0663-2548268, E-mail Id serwcirclesbp@yahoo.com

**e-Procurement No.1742/Dated 04.06.2025**

**No.O-255:**The Chief Construction Engineer, Rural Works Circle Sambalpur on behalf of Odisha State Rural Road Agency (OSRRA) invites the percentage rate bids, in electronic tendering system, for Repair/ Maintenance of the Rural roads constructed under Pradhan Mantri Gram Sadak Yojana for each of the following works from the eligible and approved contractors registered with State PWD/CPWD/MES/Railways (The registered bidders of outside Odisha may submit bids; however, the successful bidders must get registered in appropriate class with appropriate authorities of State Govt. before signing the contract)

| | | | |
|---|---|---|---|
| 1 | Name of Work | : | Periodical maintenance of 5 year completed PMGSY Road under Incentive Grant for the year 2024-25. |
| 2 | Class of Contractor | : | As mentioned in Annexure |
| 3 | No. of Packages | : | 03 Nos. of Package |
| 4 | Estimated Cost | : | Approximately varies from Rs.73.14 lakhs to Rs.225.80 lakhs (Information in DTCN will be Final) |
| 5 | Bid submission fee | : | Rs.10,000/- (Non-Refundable) per set of package |
| 6 | Mode of submission of tender | : | Only through online in website www.pmgsytenders.gov.in |
| 7 | **Summary of key dates are provided below :** | | |

| Procurement Officer | Bid Identification No. | Availability of Tender online for bidding: From | Availability of Tender online for bidding: To | Last date & time for seeking clarification | Last date & time of submission of Original documents | Date & Time of opening of tender: Technical | Date & Time of opening of tender: Financial |
|---|---|---|---|---|---|---|---|
| Chief Construction Engineer, Rural Works Circle, Sambalpur | PMGSY Online RWCSBP-07/2025-26 | 11.06.2025 From 11.00 A.M. | 25.06.2025 Upto 05.00 P.M. | 24.06.2025 Upto 5.00 P.M. | 01.07.2025 By 5.00 PM | 26.06.2025 At 11.00 A.M. | Will be intimated later |

***Special conditions:** 1-EPF registration is mandatory before drawl of agreement. 2- Rate quoted by the contractor shall be excluding GST. 3. EMD, Bid submission fee and original affidavits should be submitted at the O/o. Chief Construction Engineer, Rural Works Circle, Sambalpur Or O/o. Executive Engineer/ Superintending Engineer of Concern Rural Works Division.
* Details can be seen from the e-procurement portal **www.pmgsytenders.gov.in**
* Subsequent modification/corrigendum/ Addendum if required shall be appeared in the website only.

Sd./- Chief Construction Engineer, Rural Works Circle, Sambalpur

OIPR-25091/11/0063/2526

See Career Appointment on every Wednesday & Saturday

# ଗଫ୍-ସାବାଲେଙ୍କା ଫାଇନାଲ ଆଜି

**ଫ୍ରେଞ୍ଚ୍ ଓପନ ଟେନିସ୍**

ପ୍ୟାରିସ୍, ୬।୬(ଏପି)

ବିଶ୍ୱର ଦୁଇ ଶ୍ରେଷ୍ଠ ମହିଳା ଖେଳାଳି ବେଲାରୁଷ୍‌ର ଆରିନା ସାବାଲେଙ୍କା ଓ ଆମେରିକାର କୋକୋ ଗଫ୍‌ଙ୍କ ମଧ୍ୟରେ ଫ୍ରେଞ୍ଚ୍ ଓପନ ଗ୍ରାଣ୍ଡସ୍ଲାମ ଫାଇନାଲ ଶନିବାର ଅନୁଷ୍ଠିତ ହେବ। ସାବାଲେଙ୍କା ସମ୍ପ୍ରତି ବିଶ୍ୱର ନମ୍ବର ୱାନ୍ ଥିବାବେଳେ ଗଫ୍ ଡବ୍ଲ୍ୟୁଟିଏ ର୍‍ୟାଙ୍କିଙ୍ଗ୍‌ର ୨ ନମ୍ବର ସ୍ଥାନରେ ଅଛନ୍ତି। ୨୦୨୨ରେ ୧୮ ବର୍ଷ ବୟସରେ କ୍ୟାରିୟରର ପ୍ରଥମ ଗ୍ରାଣ୍ଡସ୍ଲାମ ଫାଇନାଲ ହାରିଥିବା ୨୧ ବର୍ଷୀୟ ଗଫ୍ ଏଥର ସାବାଲେଙ୍କାଙ୍କ ଚ୍ୟାଲେଞ୍ଜର ସମ୍ମୁଖୀନ ହେବେ। ୩ ବର୍ଷ ପୂର୍ବେ ସେ ରୋଲାଣ୍ଡ-ଗାରୋସରେ ପଦାର୍ପଣ କରିଥିଲେ। ସେମିଫାଇନାଲରେ ଏହି ଆମେରିକୀୟ ଖେଳାଳି ୱାଇଲ୍ଡ କାର୍ଡ ଏଣ୍ଟ୍ରି ପାଇଥିବା ୩୬୧ ର୍‍ୟାଙ୍କ୍‌ପ୍ରାପ୍ତ ଖେଳାଳି ଲୋଇସ ବୋଇସନଙ୍କୁ ୬-୧, ୬-୧ରେ ପରାସ୍ତ କରିଥିଲେ। ଇତିମଧ୍ୟରେ ଗଫ୍ ଜଣେ ଗ୍ରାଣ୍ଡସ୍ଲାମ ଚାମ୍ପିୟନ ହୋଇଯାଇଛନ୍ତି। ୨୦୨୩ରେ ସେ ୟୁଏସ୍ ଓପନ ଟାଇଟଲ ଜିତିଥିଲେ। ସଂଯୋଗ ବଶତଃ ସେ ସେହି ଫାଇନାଲରେ ସାବାଲେଙ୍କାଙ୍କୁ ୨-୬, ୬-୩, ୬-୨ରେ ହରାଇଦେଇଥିଲେ। ତେବେ ନିକଟ ଅତୀତରେ ହୋଇଥିବା ମୁକାବିଲାରେ ଗଫ୍‌ଙ୍କୁ ସାବାଲେଙ୍କା ପରାସ୍ତ କରିଛନ୍ତି। ଏଥର ଫ୍ରେଞ୍ଚ୍ ଓପନ ସେମିଫାଇନାଲରେ ସାବାଲେଙ୍କା ଗତଥରର ଚାମ୍ପିୟନ ଇଗା ସ୍ୱିଟେକ୍‌ଙ୍କୁ ୭-୬ (୧), ୪-୬, ୬-୦ରେ ହରାଇ ଫାଇନାଲରେ ପହଞ୍ଚିଛନ୍ତି। ତେଣୁ ଆଗାମୀ ମୁକାବିଲା ରୋମାଞ୍ଚକ ଏବଂ ସଂଘର୍ଷପୂର୍ଣ୍ଣ ହେବା ଆଶା କରାଯାଉଛି।


କୋକୋ ଗଫ୍


ଆରିନା ସାବାଲେଙ୍କା

## ଫାଇନାଲରେ ଅଲ୍‌କାରାଜ

ବିଶ୍ୱର ୨ ନମ୍ବର ଖେଳାଳି ସ୍ପେନର କାର୍ଲୋସ ଅଲକାରାଜ ଫ୍ରେଞ୍ଚ୍ ଓପନ ଗ୍ରାଣ୍ଡସ୍ଲାମ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ସେ ୮ମ ସିଡ୍ ଇଟାଲିର ଲୋରେଞ୍ଜୋ ମୁସେଟିଙ୍କଠାରୁ ୱାକଓଭର ପାଇ ଟାଇଟଲ ପର୍ଯ୍ୟାୟରେ ପହଞ୍ଚିଛନ୍ତି। ଆହତ ସମସ୍ୟା ଯୋଗୁ ମୁସେଟି ଓହରି ଯିବା ବେଳକୁ ଅଲକାରାଜ ୪-୬, ୭-୬ (୭/୩), ୬-୦, ୨-୦ରେ ଅଗ୍ରଣୀ ରହିଥିଲେ।

**ଇଣ୍ଡହୋଭେନ ଇଭେଣ୍ଟ**

# ଓହରିଲେ ବକ୍ସର ଇମାନେ ଖେଲିଫ

ଇଣ୍ଡହୋଭେନ (ନେଦରଲାଣ୍ଡସ୍), ୬।୬ (ଏପି): ଅଲିମ୍ପିକ ଚାମ୍ପିୟନ ଇମାନେ ଖେଲିଫ୍ ଇଣ୍ଡହୋଭେନ ବକ୍ସ କପ୍‌ରୁ ଓହରିଯାଇଛନ୍ତି। ୱାର୍ଲ୍ଡ ବକ୍ସିଂ ପକ୍ଷରୁ ଆୟୋଜିତ ପ୍ରତିଯୋଗିତାରେ ଭାଗନେବାକୁଥିବା ସମସ୍ତ ବକ୍ସରଙ୍କ ଲାଗି ସେକ୍ସ ଟେଷ୍ଟ ବାଧ୍ୟତାମୂଳକ କରାଯାଇଥିବାରୁ ଖେଲିଫ୍ ଏହି ନିଷ୍ପତ୍ତି ନେଇଛନ୍ତି। ଆଲଜେରିଆର ଏହି ବକ୍ସର ଗତ ପ୍ୟାରିସ୍ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ୨୬ ବର୍ଷୀୟା ଖେଲିଫ୍ ଇଣ୍ଡହୋଭେନ ଟୁର୍ନାମେଣ୍ଟରେ ତାଙ୍କ ଅନ୍ତର୍ଜାତୀୟ ପ୍ରତ୍ୟାବର୍ତ୍ତନ କରିବାକୁ ଚାହୁଁଥିଲେ। ସୂଚନାଯୋଗ୍ୟ, ଲିଙ୍ଗଗତ ଯୋଗ୍ୟତା ପ୍ରସଙ୍ଗ ନେଇ ଖେଲିଫ୍‌ଙ୍କୁ ୨୦୨୩ ବିଶ୍ୱ ଚାମ୍ପିୟନଶିପ୍ ବେଳେ ଏକ ସ୍ୱର୍ଣ୍ଣ ପଦକ ମୁକାବିଲା ପୂର୍ବରୁ ଅଯୋଗ୍ୟ ଘୋଷଣା କରାଯାଇଥିଲା। ଏହାଛଡ଼ା ପ୍ୟାରିସ୍ ଅଲିମ୍ପିକ୍ସ ବେଳେ ମଧ୍ୟ ତାଙ୍କୁ ନେଇ ଏକ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା।

# ଗୁକେଶ ଟାଇଟଲ ନିକଟତର

**ନରୱେ ଚେସ୍**

ଷ୍ଟାଭାଙ୍ଗର, ୬।୬(ପି.ଟି.)

ବିଶ୍ୱ ଚାମ୍ପିୟନ ଭାରତର ଡି. ଗୁକେଶ ଆଉ ଏକ ହର୍ଡଲ୍ସ ଅତିକ୍ରମ କରି ଚାଇନାର ୱେଇ ୟିଙ୍କୁ ହରାଇବା ସହ ନରୱେ ଚେସ୍ ଟାଇଟଲର ନିକଟତର ହୋଇଛନ୍ତି। ୧୦ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାର ୯ମ ରାଉଣ୍ଡରେ ପୂରା ୩ ପଏଣ୍ଟ ହାସଲ କରିଛନ୍ତି ଗୁକେଶ। ଫଳରେ ତାଙ୍କ ପଏଣ୍ଟ ସଂଖ୍ୟା ୧୪.୫ରେ ପହଞ୍ଚିଛି। ପୂର୍ବତନ ବିଶ୍ୱ ଚାମ୍ପିୟନ ନରୱେ ଷ୍ଟାର ମ୍ୟାଗ୍ନସ କାର୍ଲସେନ ୧୫ ପଏଣ୍ଟ ସହିତ ଟେବୁଲର ଶୀର୍ଷରେ ରହିଛନ୍ତି। ୬ ଖେଳାଳିବିଶିଷ୍ଟ ଡବଲ ରାଉଣ୍ଡ ରବିନ ଟୁର୍ନାମେଣ୍ଟର ୯ମ ରାଉଣ୍ଡରେ କାର୍ଲସେନ ଏକଦା ପରାସ୍ତ ହେବା ପୋଜିଶନରେ ଥିଲେ ମଧ୍ୟ ସଫଳ ପ୍ରତ୍ୟାବର୍ତ୍ତନକରି ଆମେରିକା ଗ୍ରାଣ୍ଡମାଷ୍ଟର ଫାବିଆନୋ କାରୁଆନାଙ୍କୁ ହରାଇବାପରେ ଗୁକେଶଙ୍କଠାରୁ ୦.୫ ପଏଣ୍ଟ ଆଗରେ ରହିଛନ୍ତି। ୧୦ମ ତଥା ଅନ୍ତିମ ରାଉଣ୍ଡରେ ଗୁକେଶ ଆମେରିକାନ୍ ଗ୍ରାଣ୍ଡମାଷ୍ଟର ଫାବିଆନୋ କାରୁଆନାଙ୍କୁ ଭେଟିବେ। ଅନ୍ୟପକ୍ଷରେ କାର୍ଲସେନ ଭାରତର ଅର୍ଜୁନ ଇରିଗାସିଙ୍କ ଚ୍ୟାଲେଞ୍ଜ୍‌ର ସମ୍ମୁଖୀନ ହେବେ। ପ୍ରତିଯୋଗିତାର ଚାମ୍ପିୟନଙ୍କୁ ୬୯,୦୦୦ ଆମେରିକୀୟ ଡଲାର ପୁରସ୍କାର ରାଶି ମିଳିବ। ଗତଥରର କାର୍ଲସେନ ଯଦି ଜିତନ୍ତି ତେବେ ଏହା ତାଙ୍କର ୯ମ ନରୱେ ଚେସ୍ ଟାଇଟଲ ହେବ। ଅନ୍ୟପକ୍ଷରେ ଦ୍ୱିତୀୟ ପଦାର୍ପଣରେ ଗୁକେଶ ପ୍ରଥମଥର ପାଇଁ ଚାମ୍ପିୟନ ହେବା ଆଶା ରଖିଛନ୍ତି।

ମହିଳା ବର୍ଗରେ ୨ଥର ରାପିଡ୍ ଚାମ୍ପିୟନ ଭାରତର କୋନେରୁ ହମ୍ପି ସୁବର୍ଣ୍ଣ ସୁଯୋଗ ହାତଛଡ଼ା କରି ଚାଇନାର ଲେଇ ଟିଙ୍ଗଜିଙ୍କଠାରୁ ହାରିଯାଇଛନ୍ତି। ପୂର୍ବ ରାଉଣ୍ଡ ସୁଦ୍ଧା ଲିଡର ଥିବା ହମ୍ପି ଏବେ ୧୩.୫ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନକୁ ଖସିଛନ୍ତି। ୩୫ ବର୍ଷୀୟା ୟୁକ୍ରେନ୍ ଗ୍ରାଣ୍ଡମାଷ୍ଟର ଆନା ମୁଝଚୁକ୍ ୧୫.୫ ପଏଣ୍ଟ ସହ ଅଗ୍ରଣୀ ରହିଛନ୍ତି। ହମ୍ପି ଶେଷ ରାଉଣ୍ଡରେ ଚାଇନିଜ୍ ୱାର୍ଲ୍ଡ ଚାମ୍ପିୟନ ଜୁ ୱେନ୍‌ଜୁନ୍‌ଙ୍କୁ ଭେଟିବେ। ଅନ୍ୟପକ୍ଷରେ ମୁଝଚୁକ୍ ଓ ଭାରତର ଆର୍. ବୈଶାଳୀଙ୍କ ମଧ୍ୟରେ ମୁକାବିଲା ହେବ।


ଡି. ଗୁକେଶ

# ରୋନାଲ୍‌ଡୋଙ୍କ ରେକର୍ଡ

ୱାଶିଂଟନ, ୬।୬(ଏପି)

ପର୍ତ୍ତୁଗାଲ୍‌ର ଏଭରଗ୍ରୀନ ଷ୍ଟାର ଫୁଟ୍‌ବଲର କ୍ରିଷ୍ଟିଆନୋ ରୋନାଲ୍‌ଡୋ ୪୦ ବର୍ଷ ବୟସରେ ପଦାର୍ପଣ କରିସାରିଲେଣି। ତଥାପି ସେ ରେକର୍ଡ ପ୍ରତିଷ୍ଠା କରିବାରେ ଲାଗିଛନ୍ତି। ନେଶନ୍ସ ଲିଗ୍ ସେମିଫାଇନାଲରେ ପର୍ତ୍ତୁଗାଲ ୨-୧ରେ ଜର୍ମାନୀକୁ ପରାସ୍ତ କରିଛି। ରୋନାଲ୍‌ଡୋ ଏଥିରେ ବିଜୟସୂଚକ ଗୋଲ ସ୍କୋର କରିଛନ୍ତି। ଦଳ ରବିବାର ଫାଇନାଲରେ ସ୍ପେନ୍‌କୁ ଭେଟିବ। ପର୍ତ୍ତୁଗାଲ ପକ୍ଷରୁ ରୋନାଲ୍‌ଡୋଙ୍କର ଏହା ଥିଲା ୧୩୭ତମ ଗୋଲ୍। ଏଥିସହ ଅନ୍ତର୍ଜାତୀୟ ପୁରୁଷ ଫୁଟ୍‌ବଲରେ ସର୍ବାଧିକ ଗୋଲସ୍କୋରର ଭାବେ ସେ ଯେଉଁ ରେକର୍ଡ କରିଛନ୍ତି ତାହାର ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି। ୨୦୨୧ ସେପ୍ଟେମ୍ବରରେ ତାଙ୍କୁ ଯେତେବେଳେ ୩୬ ବର୍ଷ ବୟସ ହୋଇଥିଲା ୟୁରୋପିଆନ ଲିଗ୍‌ରେ ସେ ଆୟର୍ଲାଣ୍ଡ ବିପକ୍ଷରେ ଦୁଇଟି ଗୋଲସ୍କୋର କରିଥିଲେ। ସେତେବେଳେ ପର୍ତ୍ତୁଗାଲ ତରଫରୁ ୧୮୦ ଗେମ୍‌ରେ ୧୧୧ ଗୋଲସ୍କୋର କରି ଇରାନର ଅଲି ଦାଇଙ୍କ ନାମରେ ଥିବା ରେକର୍ଡକୁ ସେ ଭଙ୍ଗ କରିଦେଇଥିଲେ। ରୋନାଲ୍‌ଡୋ ଏବେ ସୁଦ୍ଧା ଭଲ ପ୍ରଦର୍ଶନ ଜାରି ରଖିଛନ୍ତି। ଜୁନ୍ ୧୪ରୁ ଯୁକ୍ତରାଷ୍ଟ୍ର ଆମେରିକାରେ ଆରମ୍ଭ ହେବାକୁଥିବା କ୍ଲବ ବିଶ୍ୱକପ୍‌ରେ ମଧ୍ୟ ସେ ଅଂଶଗ୍ରହଣ କରିବେ। ଏଥିରେ ଭାଗନେଉଥିବା ୩୨ଟି ଦଳ ମଧ୍ୟରୁ ରୋନାଲ୍‌ଡୋ ଯେକୌଣସି କ୍ଲବ ତରଫରୁ ଖେଳିପାରିବେ। ଏଥିପାଇଁ ଟ୍ରାନ୍ସଫର ୱିଣ୍ଡୋ ସୃଷ୍ଟି କରାଯାଇଥିବା ଫିଫା ସଭାପତି ଜିଆନି ଇନ୍‌ଫାଣ୍ଟିନୋ ପ୍ରକାଶ କରିଛନ୍ତି। ସୂଚନା ଯେ, ରୋନାଲ୍‌ଡୋ ସାଉଦି ଟିମ୍ ଅଲ୍ ନାସର ତରଫରୁ ଖେଳୁଥିଲେ। ଜୁନ୍‌ରେ ତାଙ୍କ ଚୁକ୍ତି ମିଆଦ ଶେଷ ହେବ।


କ୍ରିଷ୍ଟିଆନୋ ରୋନାଲ୍‌ଡୋ


ମସ୍କୋ ଉଷୁ ଷ୍ଟାର ଇଣ୍ଟରନ୍ୟାଶନାଲ ପ୍ରତିଯୋଗିତାରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରି ଓଡ଼ିଶାର ପ୍ରେମ୍ ମୁଣ୍ଡା ୪୮ କେଜି ଏବଂ ରାଜକୁମାର ମୁଣ୍ଡା ୫୨ କେଜି ସିନିୟର ପୁରୁଷ ବର୍ଗରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

# ବିଶ୍ୱକପ୍ ଯୋଗ୍ୟତା ଲକ୍ଷ୍ୟରେ ଭାରତ

**ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ୟୁରୋପ ଚରଣ ଆଜିଠାରୁ**

ଆମଷ୍ଟେଲଭିନ, ୬।୬(ପି.ଟି.)

ଭାରତୀୟ ହକି ଦଳର ୟୁରୋପ ଚରଣ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ଅଭିଯାନ ଶନିବାରଠାରୁ ଆରମ୍ଭ ହେବାକୁ ଯାଉଛି। ଏହି ପର୍ଯ୍ୟାୟରେ ଭାରତ ପ୍ରଥମ ମ୍ୟାଚ ନେଦରଲାଣ୍ଡସ୍ ବିପକ୍ଷରେ ଖେଳିବ। ୟୁରୋପ ଚରଣ ପ୍ରତିଯୋଗିତାରୁ ଯଥାସମ୍ଭବ ଅଧିକ ପଏଣ୍ଟ ଅର୍ଜନକରି ଭାରତ ବିଶ୍ୱକପ୍ ପାଇଁ ସିଧାସଳଖ ଯୋଗ୍ୟତା ହାସଲ ଲକ୍ଷ୍ୟରେ ରହିଛି। ଆସନ୍ତା ବର୍ଷ ହକି ବିଶ୍ୱକପ୍‌କୁ ବେଲ୍‌ଜିୟମ ଓ ନେଦରଲାଣ୍ଡସ୍ ମିଳିତଭାବେ ଆୟୋଜନ କରିବେ। ହରମନପ୍ରୀତ ସିଂଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଏବେ ୮ ମ୍ୟାଚ୍‌ରୁ ୧୫ ପଏଣ୍ଟ ସହିତ ପ୍ରୋ ଲିଗ୍ ଷ୍ଟାଣ୍ଡିଂର ୩ୟ ସ୍ଥାନରେ ଅଛନ୍ତି। ବେଲ୍‌ଜିୟମ ଓ ଇଂଲଣ୍ଡ ୧୬ ପଏଣ୍ଟ ଲେଖାଏ ପାଇ ପ୍ରଥମ ଦୁଇ ସ୍ଥାନରେ ରହିଛନ୍ତି। ୟୁରୋପ ଚରଣରେ ଯଦି ଭାରତ ଅଧିକରୁ ଅଧିକ ପଏଣ୍ଟ ହାସଲ କରିବ ତେବେ ଟେବୁଲର ଶୀର୍ଷରେ ରହି ସିଧାସଳଖ ବିଶ୍ୱକପ୍ ଯୋଗ୍ୟତା ପାଇପାରିବ।

ଚଳିତ ବର୍ଷ ପ୍ରାରମ୍ଭରେ ଭୁବନେଶ୍ୱରରେ ଅନୁଷ୍ଠିତ ପ୍ରୋ ଲିଗ୍‌ର ଘରୋଇ ଚରଣରେ ଭାରତ ୮ ମ୍ୟାଚ୍‌ରୁ ୫ଟିରେ ବିଜୟ ହାସଲ କରିଥିଲା। ୟୁରୋପ ଚରଣରେ ଭାରତ ୭ ଓ ୯ ତାରିଖରେ ନେଦରଲାଣ୍ଡସ୍ ବିପକ୍ଷରେ କ୍ରମାଗତ ୨ଟି ମ୍ୟାଚ୍ ଖେଳିବ। ଏହାପରେ ଆର୍ଜେଣ୍ଟିନାକୁ ୧୧ ଓ ୧୨, ଅଷ୍ଟ୍ରେଲିଆକୁ ୧୪ ଓ ୧୫ ଏବଂ ବେଲ୍‌ଜିୟମକୁ ୨୧ ଓ ୨୨ ତାରିଖରେ ଭେଟିବ। ବେଲ୍‌ଜିୟମ ଘରୋଇ ପରିବେଶରେ ଏହାର ମ୍ୟାଚ୍ ଆଣ୍ଟୱେର୍ପଠାରେ ଖେଳିବ। ୟୁରୋପ ଚରଣ ପାଇଁ ତାରକା ଡ୍ରାଗ୍‌ଫ୍ଲିକର ହରମନପ୍ରୀତ ଭାରତୀୟ ଦଳର ଅଧିନାୟକ ଏବଂ ମିଡ୍‌ଫିଲ୍ଡ ସ୍ପେଶାଲିଷ୍ଟ ହାର୍ଦ୍ଦିକ ପାଣ୍ଡ୍ୟା ଉପଅଧିନାୟକ ମନୋନୀତ ହୋଇଛନ୍ତି। କ୍ରିଶନ ବାହାଦୁର ପାଠକ ଓ ସୂରଜ କରକେରା ଗୋଲକିପିଂ ଦାୟିତ୍ୱରେ ଥିବାବେଳେ ଅମିତ ରୋହିଦାସ, ହରମନପ୍ରୀତ ସିଂ, ଯୁଗରାଜ ସିଂ, ଜରମନପ୍ରୀତ ସିଂ, ସଞ୍ଜୟ ଓ ନିଲମ ସଞ୍ଜୀପ ଖେସ୍ ରକ୍ଷଣଭାଗ ସମ୍ଭାଳିବେ। ମିଡ୍‌ଫିଲ୍ଡରେ ପୂର୍ବତନ ଅଧିନାୟକ ମନପ୍ରୀତ ସିଂ, ହାର୍ଦ୍ଦିକ, ବିବେକ ସାଗର ପ୍ରସାଦ, ନୀଳକାନ୍ତ ଶର୍ମା, ଶମ୍‌ଶେର ସିଂ, ରାଜକୁମାର ପାଲ ଓ ରାଜିନ୍ଦର ସିଂ ରହିବେ ଏବଂ ଗୁର୍‌ଜାନ୍ତ ସିଂ, ଅଭିଷେକ, ଶୀଳାନନ୍ଦ ଲାକ୍ରା, ମନଦୀପ ସିଂ, ଲଳିତ କୁମାର ଉପାଧ୍ୟାୟ, ଦିଲପ୍ରୀତ ସିଂ ଓ ସୁଖଜିତ ସିଂ ଫରୱାର୍ଡ ଦାୟିତ୍ୱ ନିର୍ବାହ କରିବେ। ମୁଖ୍ୟ କୋଚ୍ କ୍ରେଗ୍ ଫୁଲ୍‌ଟନ ଯୁବ ଖେଳାଳିଙ୍କୁ ପରୀକ୍ଷା ନିରୀକ୍ଷା କରିବା ଅପେକ୍ଷା ଅଭିଜ୍ଞତାକୁ ଗୁରୁତ୍ୱ ଦେଇଛନ୍ତି। "ବିଶ୍ୱକପ୍‌କୁ ସିଧାସଳଖ ଯୋଗ୍ୟତା ହାସଲ ସୁଯୋଗ ଥିବାରୁ ତାହାକୁ ଲକ୍ଷ୍ୟରେ ରଖି ଦଳ ଚୟନ କରାଯାଇଛି" ବୋଲି ଫୁଲ୍‌ଟନ ପ୍ରକାଶ କରିଛନ୍ତି। ତେବେ ପେନାଲ୍ଟି କର୍ନର କନ୍‌ଭର୍ସନ ସମେତ ଅନେକ ଦୁର୍ବଳ ଏରିଆ ରହିଛି, ଯାହା ଉପରେ କାମ କରିବା ଆବଶ୍ୟକ ଅଛି ବୋଲି ସେ ସ୍ୱୀକାର କରିଛନ୍ତି।

# ଲୋକେଶ ରାହୁଲଙ୍କ ଶତକ

ନର୍ଥାମ୍ପଟନ, ୬।୬ (ପି.ଟି.)

ଭାରତ 'ଏ' ଓ ଇଂଲଣ୍ଡ ଲାୟନ୍ସ ମଧ୍ୟରେ ଦ୍ୱିତୀୟ ଅନ୍‌ଅଫିସିଆଲ ୪ ଦିନିଆ ଟେଷ୍ଟ ମ୍ୟାଚ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏଥିରେ ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଭାରତ 'ଏ' ଓପନର କେ.ଏଲ. ରାହୁଲ (୧୧୬ରନ) ଙ୍କ ଶତକ ଓ ଉଇକେଟ କିପର ଧ୍ରୁବ ଜୁରେଲ (୫୧ରନ)ଙ୍କ ସହାୟତାରେ ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ପ୍ରଥମ ଇନିଂସରେ ୭ଉଇକେଟ ବିନିମୟରେ ୩୧୯ରନ କରିଛି। ରାହୁଲ ତାଙ୍କ ଶତକୀୟ ଇନିଂସରେ ୧୬୮ବଲ୍ ସାମ୍ନା କରିଥିବା ବେଳେ ୧୫ ଚୌକା ଓ ଗୋଟିଏ ଛକା ଲଗାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କରୁଣ ନାୟାର ୪୦, ନୀତିଶ କୁମାର ରେଡ୍ଡୀ ୩୪ ରନ କରିଥିଲେ। ତନୁଷ କୋଟିଆନ ୫ ଓ ଅଂଶୁଲ କାମ୍ବୋଜ ୧ ରନ କରି ଅପରାଜିତ ରହିଛନ୍ତି। ଘରୋଇ ଦଳର ସବୁଠାରୁ ସଫଳ ବୋଲର କ୍ରିସ୍ ଓକ୍ସ ୫୦ ରନ ବିନିମୟରେ ୩ ଉଇକେଟ ଅକ୍ତିଆର କରିଥିଲେ। ଜର୍ଜ ହିଲ ୨ ଏବଂ ଫରହାନ ଅହମ୍ମଦ ଓ ଟମ୍ ହେନ୍ସ ଗୋଟିଏ ଲେଖାଏଁ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ 'ଏ' ପ୍ରଥମ ଇନିଂସ :୩୧୯/୭ (କେ.ଏଲ୍. ରାହୁଲ-୧୧୬, ଧ୍ରୁବ ଜୁରେଲ-୫୨, କରୁଣ ନାୟର-୪୦ ; ଖ୍ରିସ ଓକ୍ସ-୩/୫୦, ଜର୍ଜ ହିଲ୍-୨/୫୬)।

# ବେଆଇନ ବେଟିଂ, ଗ୍ୟାମ୍ବଲିଂ: ୨ ଗିରଫ

ନୂଆଦିଲ୍ଲୀ, ୬।୬(ପି.ଟି.)

ଆଇପିଏଲ୍ ଓ ଟି୨୦ ବିଶ୍ୱକପ୍ ବେଳେ ବେଆଇନ ଅନ୍‌ଲାଇନ୍ ବେଟିଂ ଓ ଗ୍ୟାମ୍ବଲିଂ ଚାଲିଥିଲା। ଏଥିପାଇଁ ଧରପଗଡ଼ ଚାଲିଛି। ବେଆଇନ ଟଙ୍କା କାରବାର କରାଯାଉଥିବା ସନ୍ଦେହରେ ୭୬୬ ବ୍ୟାଙ୍କ ଆକାଉଣ୍ଟକୁ ବର୍ତ୍ତମାନ ପାଇଁ ଅଚଳ କରିଦିଆଯାଇଛି। ବେଟିଂ ରାକେଟ୍‌ର ଅଂଶବିଶେଷ ମନିଲଣ୍ଡରିଂ କାର୍ଯ୍ୟରେ ଲିପ୍ତ ଥିବା ଅଭିଯୋଗରେ ୨ଜଣଙ୍କୁ ଗିରଫ କରାଯାଇଥିବା ଏଜେନ୍ସି ତରଫରୁ ସୂଚନା ଦିଆଯାଇଛି। ଏହିସବୁ କାର୍ଯ୍ୟ ପଶ୍ଚିମବଙ୍ଗ, ଦିଲ୍ଲୀ, ବିହାର, ଉତ୍ତର ପ୍ରଦେଶ ଓ ଆସାମରେ ହୋଇଥିବା ଜଣାପଡ଼ିଛି। ଖବର ଅନୁସାରେ, ଇତିମଧ୍ୟରେ ୱେଷ୍ଟବେଙ୍ଗଲ ଗ୍ୟାମ୍ବଲିଂ ଓ ପ୍ରାଇଜ୍ କମ୍ପିଟିଶନ ଆକ୍ଟ, ୧୯୫୭ ଏବଂ ଭାରତୀୟ ପିଙ୍ଗଳ କୋଡ୍‌ର ବିଭିନ୍ନ ଧାରା ଅଧୀନରେ ପଶ୍ଚିମବଙ୍ଗ ଅନ୍ତର୍ଗତ ସିଲିଗୁଡ଼ି ପୋଲିସ ଥାନାରେ ମନି ଲଣ୍ଡରିଂ ମାମଲା ରୁଜୁ କରାଯାଇଛି।







4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ଗଫ୍‌-ସାବାଲେଙ୍କା ଫାଇନାଲ ଆଜି

**ଫ୍ରେଞ୍ଚ୍ ଓପନ ଟେନିସ୍**

ପ୍ୟାରିସ୍, ୬।୬(ଏପି)

ବିଶ୍ୱର ଦୁଇ ଶ୍ରେଷ୍ଠ ମହିଳା ଖେଳାଳି ବେଲାରୁଷ୍‌ର ଆରିନା ସାବାଲେଙ୍କା ଓ ଆମେରିକାର କୋକୋ ଗଫ୍‌ଙ୍କ ମଧ୍ୟରେ ଫ୍ରେଞ୍ଚ୍ ଓପନ ଗ୍ରାଣ୍ଡସ୍ଲାମ ଫାଇନାଲ ଶନିବାର ଅନୁଷ୍ଠିତ ହେବ। ସାବାଲେଙ୍କା ସମ୍ପ୍ରତି ବିଶ୍ୱର ନମ୍ବର ୱାନ୍ ଥିବାବେଳେ ଗଫ୍ ଡବ୍ଲ୍ୟୁଟିଏ ର୍‍ୟାଙ୍କିଙ୍ଗ୍‌ର ୨ ନମ୍ବର ସ୍ଥାନରେ ଅଛନ୍ତି। ୨୦୨୨ରେ ୧୮ ବର୍ଷ ବୟସରେ କ୍ୟାରିୟରର ପ୍ରଥମ ଗ୍ରାଣ୍ଡସ୍ଲାମ ଫାଇନାଲ ହାରିଥିବା ୨୧ ବର୍ଷୀୟ ଗଫ୍ ଏଥର ସାବାଲେଙ୍କାଙ୍କ ଚ୍ୟାଲେଞ୍ଜର ସମ୍ମୁଖୀନ ହେବେ। ୩ ବର୍ଷ ପୂର୍ବେ ସେ ରୋଲାଣ୍ଡ-ଗାରୋସରେ ପଦାର୍ପଣ କରିଥିଲେ। ସେମିଫାଇନାଲରେ ଏହି ଆମେରିକୀୟ ଖେଳାଳି ୱାଇଲ୍ଡ କାର୍ଡ ଏଣ୍ଟ୍ରି ପାଇଥିବା ୩୬୧ ର୍‍ୟାଙ୍କ୍‌ପ୍ରାପ୍ତ ଖେଳାଳି ଲୋଇସ ବୋଇସନଙ୍କୁ ୬-୧, ୬-୧ରେ ପରାସ୍ତ କରିଥିଲେ। ଇତିମଧ୍ୟରେ ଗଫ୍ ଜଣେ ଗ୍ରାଣ୍ଡସ୍ଲାମ ଚାମ୍ପିୟନ ହୋଇଯାଇଛନ୍ତି। ୨୦୨୩ରେ ସେ ୟୁଏସ୍ ଓପନ ଟାଇଟଲ ଜିତିଥିଲେ। ସଂଯୋଗ ବଶତଃ ସେ ସେହି ଫାଇନାଲରେ ସାବାଲେଙ୍କାଙ୍କୁ ୨-୬, ୬-୩, ୬-୨ରେ ହରାଇଦେଇଥିଲେ। ତେବେ ନିକଟ ଅତୀତରେ ହୋଇଥିବା ମୁକାବିଲାରେ ଗଫ୍‌ଙ୍କୁ ସାବାଲେଙ୍କା ପରାସ୍ତ କରିଛନ୍ତି। ଏଥର ଫ୍ରେଞ୍ଚ୍ ଓପନ ସେମିଫାଇନାଲରେ ସାବାଲେଙ୍କା ଗତଥରର ଚାମ୍ପିୟନ ଇଗା ସ୍ୱିଟେକ୍‌ଙ୍କୁ ୭-୬ (୧), ୪-୬, ୬-୦ରେ ହରାଇ ଫାଇନାଲରେ ପହଞ୍ଚିଛନ୍ତି। ତେଣୁ ଆଗାମୀ ମୁକାବିଲା ରୋମାଞ୍ଚକ ଏବଂ ସଂଘର୍ଷପୂର୍ଣ୍ଣ ହେବା ଆଶା କରାଯାଉଛି।



କୋକୋ ଗଫ୍



आରିନା ସାବାଲେଙ୍କା

## ଫାଇନାଲରେ ଅଲ୍‌କାରାଜ

ବିଶ୍ୱର ୨ ନମ୍ବର ଖେଳାଳି ସ୍ପେନର କାର୍ଲୋସ ଅଲକାରାଜ ଫ୍ରେଞ୍ଚ୍ ଓପନ ଗ୍ରାଣ୍ଡସ୍ଲାମ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ସେ ୮ମ ସିଡ୍ ଇଟାଲିର ଲୋରେଞ୍ଜୋ ମୁସେଟିଙ୍କଠାରୁ ୱାକଓଭର ପାଇ ଟାଇଟଲ ପର୍ଯ୍ୟାୟରେ ପହଞ୍ଚିଛନ୍ତି। ଆହତ ସମସ୍ୟା ଯୋଗୁ ମୁସେଟି ଓହରି ଯିବା ବେଳକୁ ଅଲକାରାଜ ୪-୬, ୭-୬ (୭/୩), ୬-୦, ୨-୦ରେ ଅଗ୍ରଣୀ ରହିଥିଲେ।

**ଇଣ୍ଡହୋଭେନ ଇଭେଣ୍ଟ**

# ଓହରିଲେ ବକ୍ସର ଇମାନେ ଖେଲିଫ

ଇଣ୍ଡହୋଭେନ (ନେଦରଲାଣ୍ଡ୍ସ), ୬।୬ (ଏପି): ଅଲିମ୍ପିକ ଚାମ୍ପିୟନ ଇମାନେ ଖେଲିଫ୍ ଇଣ୍ଡହୋଭେନ ବକ୍ସ କପ୍‌ରୁ ଓହରିଯାଇଛନ୍ତି। ୱାର୍ଲ୍ଡ ବକ୍ସିଂ ପକ୍ଷରୁ ଆୟୋଜିତ ପ୍ରତିଯୋଗିତାରେ ଭାଗନେବାକୁଥିବା ସମସ୍ତ ବକ୍ସରଙ୍କ ଲାଗି ସେକ୍ସ ଟେଷ୍ଟ ବାଧ୍ୟତାମୂଳକ କରାଯାଇଥିବାରୁ ଖେଲିଫ୍ ଏହି ନିଷ୍ପତ୍ତି ନେଇଛନ୍ତି। ଆଲଜେରିଆର ଏହି ବକ୍ସର ଗତ ପ୍ୟାରିସ୍ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ୨୬ ବର୍ଷୀୟା ଖେଲିଫ୍ ଇଣ୍ଡହୋଭେନ ଟୁର୍ନାମେଣ୍ଟରେ ତାଙ୍କ ଅନ୍ତର୍ଜାତୀୟ ପ୍ରତ୍ୟାବର୍ତ୍ତନ କରିବାକୁ ଚାହୁଁଥିଲେ। ସୂଚନାଯୋଗ୍ୟ, ଲିଙ୍ଗଗତ ଯୋଗ୍ୟତା ପ୍ରସଙ୍ଗ ନେଇ ଖେଲିଫ୍‌ଙ୍କୁ ୨୦୨୩ ବିଶ୍ୱ ଚାମ୍ପିୟନଶିପ୍ ବେଳେ ଏକ ସ୍ୱର୍ଣ୍ଣ ପଦକ ମୁକାବିଲା ପୂର୍ବରୁ ଅଯୋଗ୍ୟ ଘୋଷଣା କରାଯାଇଥିଲା। ଏହାଛଡ଼ା ପ୍ୟାରିସ୍ ଅଲିମ୍ପିକ୍ସ ବେଳେ ମଧ୍ୟ ତାଙ୍କୁ ନେଇ ଏକ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା।

# ଗୁକେଶ ଟାଇଟଲ ନିକଟତର

**ନରୱେ ଚେସ୍**

ଷ୍ଟାଭାଙ୍ଗର, ୬।୬(ପି.ଟି.)

ବିଶ୍ୱ ଚାମ୍ପିୟନ ଭାରତର ଡି. ଗୁକେଶ ଆଉ ଏକ ହର୍ଡଲ୍ସ ଅତିକ୍ରମ କରି ଚାଇନାର ୱେଇ ୟିଙ୍କୁ ହରାଇବା ସହ ନରୱେ ଚେସ୍ ଟାଇଟଲର ନିକଟତର ହୋଇଛନ୍ତି। ୧୦ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାର ୯ମ ରାଉଣ୍ଡରେ ପୂରା ୩ ପଏଣ୍ଟ ହାସଲ କରିଛନ୍ତି ଗୁକେଶ। ଫଳରେ ତାଙ୍କ ପଏଣ୍ଟ ସଂଖ୍ୟା ୧୪.୫ରେ ପହଞ୍ଚିଛି। ପୂର୍ବତନ ବିଶ୍ୱ ଚାମ୍ପିୟନ ନରୱେ ଷ୍ଟାର ମ୍ୟାଗ୍ନସ କାର୍ଲସେନ ୧୫ ପଏଣ୍ଟ ସହିତ ଟେବୁଲର ଶୀର୍ଷରେ ରହିଛନ୍ତି। ୬ ଖେଳାଳିବିଶିଷ୍ଟ ଡବଲ ରାଉଣ୍ଡ ରବିନ ଟୁର୍ନାମେଣ୍ଟର ୯ମ ରାଉଣ୍ଡରେ କାର୍ଲସେନ ଏକଦା ପରାସ୍ତ ହେବା ପୋଜିଶନରେ ଥିଲେ ମଧ୍ୟ ସଫଳ ପ୍ରତ୍ୟାବର୍ତ୍ତନ କରି ଆମେରିକା ଗ୍ରାଣ୍ଡମାଷ୍ଟର ଫାବିଆନୋ କାରୁଆନାଙ୍କୁ ହରାଇବାପରେ ଗୁକେଶଙ୍କଠାରୁ ୦.୫ ପଏଣ୍ଟ ଆଗରେ ରହିଛନ୍ତି। ୧୦ମ ତଥା ଅନ୍ତିମ ରାଉଣ୍ଡରେ ଗୁକେଶ ଆମେରିକାନ୍ ଗ୍ରାଣ୍ଡମାଷ୍ଟର ଫାବିଆନୋ କାରୁଆନାଙ୍କୁ ଭେଟିବେ। ଅନ୍ୟପକ୍ଷରେ କାର୍ଲସେନ ଭାରତର ଅର୍ଜୁନ ଇରିଗାସିଙ୍କ ଚ୍ୟାଲେଞ୍ଜର ସମ୍ମୁଖୀନ ହେବେ। ପ୍ରତିଯୋଗିତାର ଚାମ୍ପିୟନଙ୍କୁ ୬୯,୦୦୦ ଆମେରିକୀୟ ଡଲାର ପୁରସ୍କାର ରାଶି ମିଳିବ। ଗତଥରର କାର୍ଲସେନ ଯଦି ଜିତନ୍ତି ତେବେ ଏହା ତାଙ୍କର ୯ମ ନରୱେ ଚେସ୍ ଟାଇଟଲ ହେବ। ଅନ୍ୟପକ୍ଷରେ ଦ୍ୱିତୀୟ ପଦାର୍ପଣରେ ଗୁକେଶ ପ୍ରଥମଥର ପାଇଁ ଚାମ୍ପିୟନ ହେବା ଆଶା ରଖିଛନ୍ତି।

ମହିଳା ବର୍ଗରେ ୨ଥର ରାପିଡ୍ ଚାମ୍ପିୟନ ଭାରତର କୋନେରୁ ହମ୍ପି ସୁବର୍ଣ୍ଣ ସୁଯୋଗ ହାତଛଡ଼ା କରି ଚାଇନାର ଲେଇ ଟିଙ୍ଗ୍‌ଜିଙ୍କଠାରୁ ହାରିଯାଇଛନ୍ତି। ପୂର୍ବ ରାଉଣ୍ଡ ସୁଦ୍ଧା ଲିଡର ଥିବା ହମ୍ପି ଏବେ ୧୩.୫ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନକୁ ଖସିଛନ୍ତି। ୩୫ ବର୍ଷୀୟା ୟୁକ୍ରେନ୍ ଗ୍ରାଣ୍ଡମାଷ୍ଟର ଆନା ମୁଝଚୁକ୍ ୧୫.୫ ପଏଣ୍ଟ ସହ ଅଗ୍ରଣୀ ରହିଛନ୍ତି। ହମ୍ପି ଶେଷ ରାଉଣ୍ଡରେ ଚାଇନିଜ୍ ୱାର୍ଲ୍ଡ ଚାମ୍ପିୟନ ଜୁ ୱେନ୍‌ଜୁନ୍‌ଙ୍କୁ ଭେଟିବେ। ଅନ୍ୟପକ୍ଷରେ ମୁଝଚୁକ୍ ଓ ଭାରତର ଆର୍. ବୈଶାଳୀଙ୍କ ମଧ୍ୟରେ ମୁକାବିଲା ହେବ।



ଡି. ଗୁକେଶ

# ରୋନାଲ୍‌ଡୋଙ୍କ ରେକର୍ଡ

ୱାଶିଂଟନ, ୬।୬(ଏପି)

ପର୍ତ୍ତୁଗାଲ୍‌ର ଏଭରଗ୍ରୀନ ଷ୍ଟାର ଫୁଟ୍‌ବଲର କ୍ରିଷ୍ଟିଆନୋ ରୋନାଲ୍‌ଡୋ ୪୦ ବର୍ଷ ବୟସରେ ପଦାର୍ପଣ କରିସାରିଲେଣି। ତଥାପି ସେ ରେକର୍ଡ ପ୍ରତିଷ୍ଠା କରିବାରେ ଲାଗିଛନ୍ତି। ନେଶନ୍ସ ଲିଗ୍ ସେମିଫାଇନାଲରେ ପର୍ତ୍ତୁଗାଲ ୨-୧ରେ ଜର୍ମାନୀକୁ ପରାସ୍ତ କରିଛି। ରୋନାଲ୍‌ଡୋ ଏଥିରେ ବିଜୟସୂଚକ ଗୋଲ ସ୍କୋର କରିଛନ୍ତି। ଦଳ ରବିବାର ଫାଇନାଲରେ ସ୍ପେନ୍‌କୁ ଭେଟିବ। ପର୍ତ୍ତୁଗାଲ ପକ୍ଷରୁ ରୋନାଲ୍‌ଡୋଙ୍କର ଏହା ଥିଲା ୧୩୭ତମ ଗୋଲ୍। ଏଥିସହ ଅନ୍ତର୍ଜାତୀୟ ପୁରୁଷ ଫୁଟ୍‌ବଲରେ ସର୍ବାଧିକ ଗୋଲସ୍କୋରର ଭାବେ ସେ ଯେଉଁ ରେକର୍ଡ କରିଛନ୍ତି ତାହାର ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି। ୨୦୨୧ ସେପ୍ଟେମ୍ବରରେ ତାଙ୍କୁ ଯେତେବେଳେ ୩୬ ବର୍ଷ ବୟସ ହୋଇଥିଲା ୟୁରୋପିଆନ ଲିଗ୍‌ରେ ସେ ଆୟର୍ଲାଣ୍ଡ ବିପକ୍ଷରେ ଦୁଇଟି ଗୋଲସ୍କୋର କରିଥିଲେ। ସେତେବେଳେ ପର୍ତ୍ତୁଗାଲ ତରଫରୁ ୧୮୦ ଗେମ୍‌ରେ ୧୧୧ ଗୋଲସ୍କୋର କରି ଇରାନର ଅଲି ଦାଇଙ୍କ ନାମରେ ଥିବା ରେକର୍ଡକୁ ସେ ଭଙ୍ଗ କରିଦେଇଥିଲେ। ରୋନାଲ୍‌ଡୋ ଏବେ ସୁଦ୍ଧା ଭଲ ପ୍ରଦର୍ଶନ ଜାରି ରଖିଛନ୍ତି। ଜୁନ୍ ୧୪ରୁ ଯୁକ୍ତରାଷ୍ଟ୍ର ଆମେରିକାରେ ଆରମ୍ଭ ହେବାକୁଥିବା କ୍ଲବ ବିଶ୍ୱକପ୍‌ରେ ମଧ୍ୟ ସେ ଅଂଶଗ୍ରହଣ କରିବେ। ଏଥିରେ ଭାଗନେଉଥିବା ୩୨ଟି ଦଳ ମଧ୍ୟରୁ ରୋନାଲ୍‌ଡୋ ଯେକୌଣସି କ୍ଲବ ତରଫରୁ ଖେଳିପାରିବେ। ଏଥିପାଇଁ ଟ୍ରାନ୍ସଫର ୱିଣ୍ଡୋ ସୃଷ୍ଟି କରାଯାଇଥିବା ଫିଫା ସଭାପତି ଜିଆନି ଇନ୍‌ଫାଣ୍ଟିନୋ ପ୍ରକାଶ କରିଛନ୍ତି। ସୂଚନା ଯେ, ରୋନାଲ୍‌ଡୋ ସାଉଦି ଟିମ୍ ଅଲ୍ ନାସର ତରଫରୁ ଖେଳୁଥିଲେ। ଜୁନ୍‌ରେ ତାଙ୍କ ଚୁକ୍ତି ମିଆଦ ଶେଷ ହେବ।



କ୍ରିଷ୍ଟିଆନୋ ରୋନାଲ୍‌ଡୋ



ମସ୍କୋ ଉଷୁ ଷ୍ଟାର ଇଣ୍ଟରନ୍ୟାଶନାଲ ପ୍ରତିଯୋଗିତାରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରି ଓଡ଼ିଶାର ପ୍ରେମ୍ ମୁଣ୍ଡା ୪୮ କେଜି ଏବଂ ରାଜକୁମାର ମୁଣ୍ଡା ୫୨ କେଜି ସିନିୟର ପୁରୁଷ ବର୍ଗରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

# ଲୋକେଶ ରାହୁଲଙ୍କ ଶତକ

ନର୍ଥାମ୍ପଟନ, ୬।୬ (ପି.ଟି.)

ଭାରତ 'ଏ' ଓ ଇଂଲଣ୍ଡ ଲାୟନ୍ସ ମଧ୍ୟରେ ଦ୍ୱିତୀୟ ଅନ୍‌ଅଫିସିଆଲ ୪ ଦିନିଆ ଟେଷ୍ଟ ମ୍ୟାଚ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏଥିରେ ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଭାରତ 'ଏ' ଓପନର କେ.ଏଲ. ରାହୁଲ (୧୧୬ରନ) ଙ୍କ ଶତକ ଓ ଉଇକେଟ କିପର ଧ୍ରୁବ ଜୁରେଲ (୫୧ରନ)ଙ୍କ ସହାୟତାରେ ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ପ୍ରଥମ ଇନିଂସରେ ୭ଉଇକେଟ ବିନିମୟରେ ୩୧୯ରନ କରିଛି। ରାହୁଲ ତାଙ୍କ ଶତକୀୟ ଇନିଂସରେ ୧୬୮ବଲ୍ ସାମ୍ନା କରଥିବା ବେଳେ ୧୫ ଚୌକା ଓ ଗୋଟିଏ ଛକା ଲଗାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କରୁଣ ନାୟାର ୪୦, ନୀତିଶ କୁମାର ରେଡ୍ଡୀ ୩୪ ରନ କରିଥିଲେ। ତନୁଷ କୋଟିଆନ ୫ ଓ ଅଂଶୁଲ କାମ୍ବୋଜ ୧ ରନ କରି ଅପରାଜିତ ରହିଛନ୍ତି। ଘରୋଇ ଦଳର ସବୁଠାରୁ ସଫଳ ବୋଲର କ୍ରିସ୍ ଓକ୍ସ ୫୦ ରନ ବିନିମୟରେ ୩ ଉଇକେଟ ଅକ୍ତିଆର କରିଥିଲେ। ଜର୍ଜ ହିଲ ୨ ଏବଂ ଫରହାନ ଅହମ୍ମଦ ଓ ଟମ୍ ହେନ୍ସ ଗୋଟିଏ ଲେଖାଏଁ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ 'ଏ' ପ୍ରଥମ ଇନିଂସ :୩୧୯/୭ (କେ.ଏଲ୍. ରାହୁଲ-୧୧୬, ଧ୍ରୁବ ଜୁରେଲ-୫୨, କରୁଣ ନାୟର-୪୦ ; ଖ୍ରିସ ଓକ୍ସ-୩/୫୦, ଜର୍ଜ ହିଲ୍-୨/୫୬)।

# ବିଶ୍ୱକପ୍ ଯୋଗ୍ୟତା ଲକ୍ଷ୍ୟରେ ଭାରତ

**ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ୟୁରୋପ ଚରଣ ଆଜିଠାରୁ**

ଆମଷ୍ଟେଲଭିନ, ୬।୬(ପି.ଟି.)

ଭାରତୀୟ ହକି ଦଳର ୟୁରୋପ ଚରଣ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ଅଭିଯାନ ଶନିବାରଠାରୁ ଆରମ୍ଭ ହେବାକୁ ଯାଉଛି। ଏହି ପର୍ଯ୍ୟାୟରେ ଭାରତ ପ୍ରଥମ ମ୍ୟାଚ ନେଦରଲାଣ୍ଡ୍ସ ବିପକ୍ଷରେ ଖେଳିବ। ୟୁରୋପ ଚରଣ ପ୍ରତିଯୋଗିତାରୁ ଯଥାସମ୍ଭବ ଅଧିକ ପଏଣ୍ଟ ଅର୍ଜନକରି ଭାରତ ବିଶ୍ୱକପ୍ ପାଇଁ ସିଧାସଳଖ ଯୋଗ୍ୟତା ହାସଲ ଲକ୍ଷ୍ୟରେ ରହିଛି। ଆସନ୍ତା ବର୍ଷ ହକି ବିଶ୍ୱକପ୍‌କୁ ବେଲ୍‌ଜିୟମ ଓ ନେଦରଲାଣ୍ଡ୍ସ ମିଳିତଭାବେ ଆୟୋଜନ କରିବେ। ହରମନପ୍ରୀତ ସିଂଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଏବେ ୮ ମ୍ୟାଚ୍‌ରୁ ୧୫ ପଏଣ୍ଟ ସହିତ ପ୍ରୋ ଲିଗ୍ ଷ୍ଟାଣ୍ଡିଂର ୩ୟ ସ୍ଥାନରେ ଅଛନ୍ତି। ବେଲ୍‌ଜିୟମ ଓ ଇଂଲଣ୍ଡ ୧୬ ପଏଣ୍ଟ ଲେଖାଏ ପାଇ ପ୍ରଥମ ଦୁଇ ସ୍ଥାନରେ ରହିଛନ୍ତି। ୟୁରୋପ ଚରଣରେ ଯଦି ଭାରତ ଅଧିକରୁ ଅଧିକ ପଏଣ୍ଟ ହାସଲ କରିବ ତେବେ ଟେବୁଲର ଶୀର୍ଷରେ ରହି ସିଧାସଳଖ ବିଶ୍ୱକପ୍ ଯୋଗ୍ୟତା ପାଇପାରିବ।

ଚଳିତ ବର୍ଷ ପ୍ରାରମ୍ଭରେ ଭୁବନେଶ୍ୱରରେ ଅନୁଷ୍ଠିତ ପ୍ରୋ ଲିଗ୍‌ର ଘରୋଇ ଚରଣରେ ଭାରତ ୮ ମ୍ୟାଚ୍‌ରୁ ୫ଟିରେ ବିଜୟ ହାସଲ କରିଥିଲା। ୟୁରୋପ ଚରଣରେ ଭାରତ ୭ ଓ ୯ ତାରିଖରେ ନେଦରଲାଣ୍ଡ୍ସ ବିପକ୍ଷରେ କ୍ରମାଗତ ୨ଟି ମ୍ୟାଚ୍ ଖେଳିବ। ଏହାପରେ ଆର୍ଜେଣ୍ଟିନାକୁ ୧୧ ଓ ୧୨, ଅଷ୍ଟ୍ରେଲିଆକୁ ୧୪ ଓ ୧୫ ଏବଂ ବେଲ୍‌ଜିୟମକୁ ୨୧ ଓ ୨୨ ତାରିଖରେ ଭେଟିବ। ବେଲ୍‌ଜିୟମ ଘରୋଇ ପରିବେଶରେ ଏହାର ମ୍ୟାଚ୍ ଆଣ୍ଟୱେର୍ପଠାରେ ଖେଳିବ। ୟୁରୋପ ଚରଣ ପାଇଁ ତାରକା ଡ୍ରାଗ୍‌ଫ୍ଲିକର ହରମନପ୍ରୀତ ଭାରତୀୟ ଦଳର ଅଧିନାୟକ ଏବଂ ମିଡ୍‌ଫିଲ୍ଡ ସ୍ପେଶାଲିଷ୍ଟ ହାର୍ଦ୍ଦିକ ପାଣ୍ଡ୍ୟା ଉପଅଧିନାୟକ ମନୋନୀତ ହୋଇଛନ୍ତି। କ୍ରିଶନ ବାହାଦୁର ପାଠକ ଓ ସୂରଜ କରକେରା ଗୋଲକିପିଂ ଦାୟିତ୍ୱରେ ଥିବାବେଳେ ଅମିତ ରୋହିଦାସ, ହରମନପ୍ରୀତ ସିଂ, ଯୁଗରାଜ ସିଂ, ଜରମନପ୍ରୀତ ସିଂ, ସଞ୍ଜୟ ଓ ନିଲମ ସଞ୍ଜୀପ ଖେସ୍ ରକ୍ଷଣଭାଗ ସମ୍ଭାଳିବେ। ମିଡ୍‌ଫିଲ୍ଡରେ ପୂର୍ବତନ ଅଧିନାୟକ ମନପ୍ରୀତ ସିଂ, ହାର୍ଦ୍ଦିକ, ବିବେକ ସାଗର ପ୍ରସାଦ, ନୀଳକାନ୍ତ ଶର୍ମା, ଶମ୍‌ଶେର ସିଂ, ରାଜକୁମାର ପାଲ ଓ ରାଜିନ୍ଦର ସିଂ ରହିବେ ଏବଂ ଗୁର୍‌ଜାନ୍ତ ସିଂ, ଅଭିଷେକ, ଶୀଳାନନ୍ଦ ଲାକ୍ରା, ମନଦୀପ ସିଂ, ଲଳିତ କୁମାର ଉପାଧ୍ୟାୟ, ଦିଲପ୍ରୀତ ସିଂ ଓ ସୁଖଜିତ ସିଂ ଫରୱାର୍ଡ ଦାୟିତ୍ୱ ନିର୍ବାହ କରିବେ। ମୁଖ୍ୟ କୋଚ୍ କ୍ରେଗ୍ ଫୁଲ୍‌ଟନ ଯୁବ ଖେଳାଳିଙ୍କୁ ପରୀକ୍ଷା ନିରୀକ୍ଷା କରିବା ଅପେକ୍ଷା ଅଭିଜ୍ଞତାକୁ ଗୁରୁତ୍ୱ ଦେଇଛନ୍ତି। ''ବିଶ୍ୱକପ୍‌କୁ ସିଧାସଳଖ ଯୋଗ୍ୟତା ହାସଲ ସୁଯୋଗ ଥିବାରୁ ତାହାକୁ ଲକ୍ଷ୍ୟରେ ରଖି ଦଳ ଚୟନ କରାଯାଇଛି'' ବୋଲି ଫୁଲ୍‌ଟନ ପ୍ରକାଶ କରିଛନ୍ତି। ତେବେ ପେନାଲ୍ଟି କର୍ନର କନ୍‌ଭର୍ସନ ସମେତ ଅନେକ ଦୁର୍ବଳ ଏରିଆ ରହିଛି, ଯାହା ଉପରେ କାମ କରିବା ଆବଶ୍ୟକ ଅଛି ବୋଲି ସେ ସ୍ୱୀକାର କରିଛନ୍ତି।

# ବେଆଇନ ବେଟିଂ, ଗ୍ୟାମ୍ବଲିଂ: ୨ ଗିରଫ

ନୂଆଦିଲ୍ଲୀ, ୬।୬(ପି.ଟି.)

ଆଇପିଏଲ୍ ଓ ଟି୨୦ ବିଶ୍ୱକପ୍ ବେଳେ ବେଆଇନ ଅନ୍‌ଲାଇନ୍ ବେଟିଂ ଓ ଗ୍ୟାମ୍ବଲିଂ ଚାଲିଥିଲା। ଏଥିପାଇଁ ଧରପଗଡ଼ ଚାଲିଛି। ବେଆଇନ ଟଙ୍କା କାରବାର କରାଯାଉଥିବା ସନ୍ଦେହରେ ୭୬୬ ବ୍ୟାଙ୍କ ଆକାଉଣ୍ଟକୁ ବର୍ତ୍ତମାନ ପାଇଁ ଅଚଳ କରିଦିଆଯାଇଛି। ବେଟିଂ ରାକେଟ୍‌ର ଅଂଶବିଶେଷ ମନିଲଣ୍ଡରିଂ କାର୍ଯ୍ୟରେ ଲିପ୍ତ ଥିବା ଅଭିଯୋଗରେ ୨ଜଣଙ୍କୁ ଗିରଫ କରାଯାଇଥିବା ଏଜେନ୍ସି ତରଫରୁ ସୂଚନା ଦିଆଯାଇଛି। ଏହିସବୁ କାର୍ଯ୍ୟ ପଶ୍ଚିମବଙ୍ଗ, ଦିଲ୍ଲୀ, ବିହାର, ଉତ୍ତର ପ୍ରଦେଶ ଓ ଆସାମରେ ହୋଇଥିବା ଜଣାପଡ଼ିଛି। ଖବର ଅନୁସାରେ, ଇତିମଧ୍ୟରେ ୱେଷ୍ଟବେଙ୍ଗଲ ଗ୍ୟାମ୍ବଲିଂ ଓ ପ୍ରାଇଜ୍ କମ୍ପିଟିଶନ ଆକ୍ଟ, ୧୯୫୭ ଏବଂ ଭାରତୀୟ ପିଙ୍ଗଳ କୋଡ୍‌ର ବିଭିନ୍ନ ଧାରା ଅଧୀନରେ ପଶ୍ଚିମବଙ୍ଗ ଅନ୍ତର୍ଗତ ସିଲିଗୁଡ଼ି ପୋଲିସ ଥାନାରେ ମନି ଲଣ୍ଡରିଂ ମାମଲା ରୁଜୁ କରାଯାଇଛି।







4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ